# ଧରିତ୍ରୀ DHARITRI

ଭୁବନେଶ୍ୱର, ବୁଧବାର, ଜୁନ୍ ୧୨/୨୦୧୯ (୨୦ ପୃଷ୍ଠା+ସାହିତ୍ୟାୟନ) | Bhubaneswar, Wednesday, June 12/2019 | ★★★★

୪୫ଶ ଭାଗ ୧୯୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**ଅମିତାଭଙ୍କ ଟୁଇଟର ଆକାଉଣ୍ଟ ହ୍ୟାକ୍**

ବଲିଉଡ୍ ମେଗାଷ୍ଟାର ଅମିତାଭ ବଚ୍ଚନଙ୍କ ଟୁଇଟର ଆକାଉଣ୍ଟକୁ ହ୍ୟାକ୍ କରାଯିବା ସହିତ ତାଙ୍କର ପ୍ରୋଫାଇଲ୍ ପିକ୍ଚର ବଦଳରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ଙ୍କ ଫଟୋ ପୋଷ୍ଟ କରାଯାଇଛି।

୧୦

୧୮

**ବାଦ୍ ପଡ଼ିଲେ ଧାୱନ**

ବାମହାତ ବୁଢ଼ା ଅଙ୍ଗୁଳି ଭାଙ୍ଗିବା କାରଣରୁ ଅତିକମ୍‌ରେ ଆଇସିସି ବିଶ୍ୱକପର ୩ ମ୍ୟାଚରୁ ବାଦ୍ ପଡ଼ିଛନ୍ତି ଭାରତର ଶିଖର ଧାୱନ।



## ■ ନେପାଳରେ ତୀର୍ଥଯାତ୍ରୀ ବସ୍ ଦୁର୍ଘଟଣା

# ୨ ଓଡ଼ିଆ ମୃତ, ୨୧ ଆହତ

**ସହାୟତା ଯୋଗାଇବାକୁ ବହିର୍ବ୍ୟାପାର ମନ୍ତ୍ରୀଙ୍କୁ ଧର୍ମେନ୍ଦ୍ରଙ୍କ ଚିଠି**

**କାଠମାଣ୍ଡୁ,(ପି.ଟି.)/ ଖୋର୍ଦ୍ଧା ଅଫିସ,୧୧।୬**

ନେପାଳର ରାଉତ୍‌ହାଟ ଜିଲାରେ ସୋମବାର ବିଳମ୍ବିତ ରାତିରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୨ ଓଡ଼ିଆ ତୀର୍ଥଯାତ୍ରୀଙ୍କ ମୃତ୍ୟୁ ଘଟିଛି। ଏଥିରେ ୨୧ ଜଣ ଆହତ ହୋଇଥିବା ଜଣାପଡ଼ିଛି।

୬୦ ଭାରତୀୟ ତୀର୍ଥଯାତ୍ରୀଙ୍କୁ ନେଇ ଏକ ବସ୍ କାଠମାଣ୍ଡୁ ଅଭିମୁଖେ ଯାଉଥିଲା। ଯାତ୍ରୀଙ୍କ ସୁବିଧା ପାଇଁ ବସ୍ ଚନ୍ଦ୍ରପୁର ମ୍ୟୁନିସିପାଲିଟି-୧ ଅଞ୍ଚଳର ପଉରାଇ ଜଙ୍ଗଲରେ ଅଟକିଥିବାବେଳେ ପଛପଟୁ ଏକ ଟ୍ରକ୍ ଏହାକୁ ଧକ୍କା ଦେଇଥିଲା। ଫଳରେ ବସ୍‌ଟି ୨୦ ମିଟର ଜଙ୍ଗଲ ଭିତରକୁ ଚାଲିଯାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ଘଟଣାସ୍ଥଳରେ ପୁରୀ ଜିଲା ଡେଲାଙ୍ଗ ଥାନା ଜମୁନା ଗାଁର ବିଜୟ କୁମାର ଜେନା (୫୨) ଓ ଖୋର୍ଦ୍ଧା ବ୍ଲକ୍ କଁପୁର ପଞ୍ଚାୟତ ମଳିପଡ଼ା ଗାଁର ଚରଣ ବିଶ୍ୱାଳ (୫୪)ଙ୍କ ମୃତ୍ୟୁ ଘଟିଛି। ଏହାସହ ୨୧ ଯାତ୍ରୀ ଆହତ ହୋଇଛନ୍ତି। ମୃତକଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ଆହତ ଯାତ୍ରୀଙ୍କ ମଧ୍ୟରୁ ସର୍ବେଶ୍ୱର ଜେନା (୫୫), ଶେଷଦେବ ଜେନା (୫୩) ଓ କରୁଣା କର୍ଜ୍ଜୁନ ଅଓ୍ୱସ୍ତି (୬୩)ଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ସେମାନଙ୍କୁ ବୀରଜଙ୍ଗସ୍ଥିତ ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଦୁର୍ଘଟଣା ପରେ ଫେରାର ହୋଇଯାଇଥିବା ଟ୍ରକ୍ ଡ୍ରାଇଭରଙ୍କୁ ଧରିବା ଲାଗି ତଲାସି ଜାରି ରହିଛି ବୋଲି ☞ପୃଷ୍ଠା-୧୬

## ■ ମୋଦିଙ୍କୁ ଭେଟିଲେ ନବୀନ

# ସ୍ୱତନ୍ତ୍ର ପାହ୍ୟା, କୋଇଲା ରୟାଲ୍‌ଟି ସଂଶୋଧନ ଦାବି ଦୋହରାଇଲେ

**ଭୁବନେଶ୍ୱର,୧୧।୬(ବ୍ୟୁରୋ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ମଙ୍ଗଳବାର ସାକ୍ଷାତ୍ କରିଛନ୍ତି। ରାଜ୍ୟରେ ପଞ୍ଚମ ଥର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବା ପରେ ନବୀନ ପ୍ରଥମ କରି ପ୍ରଧାନମନ୍ତ୍ରୀଙ୍କୁ ଭେଟିଛନ୍ତି। ମୋଦି ଦ୍ୱିତୀୟଥର କେନ୍ଦ୍ରରେ ସରକାର ଗଢ଼ିଥିବାରୁ ମୁଖ୍ୟମନ୍ତ୍ରୀ ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଅନୁରୂପଭାବେ ବିଧାନସଭା ନିର୍ବାଚନରେ ବିଜେଡିର ସଫଳତା ପାଇଁ ମୋଦି ମଧ୍ୟ ନବୀନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଦୁହିଁଙ୍କ ମଧ୍ୟରେ ହୋଇଥିବା ପ୍ରାୟ ୨୦ ମିନିଟ ସାକ୍ଷାତ୍ ସମୟରେ ନବୀନ ରାଜ୍ୟ ସମ୍ପର୍କିତ ଏକାଧିକ ଦାବି ଉପସ୍ଥାପନ କରିଥିଲେ। ଦୀର୍ଘଦିନର ଦାବି ତଥା ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା ଦେବା, କୋଇଲା ରୟାଲଟି ସଂଶୋଧନ କରିବା ପ୍ରସଙ୍ଗ ମୁଖ୍ୟମନ୍ତ୍ରୀ ଉଠାଇଥିଲେ। ସେହିଭଳି ବାତ୍ୟା ଫନୀ ଦ୍ୱାରା କ୍ଷତିଗ୍ରସ୍ତ ଉପକୂଳ ଓଡ଼ିଶାର ଭିତ୍ତିଭୂମି ପୁନରୁଦ୍ଧାର ପାଇଁ ସାମ୍ପ୍ରତିକ ସ୍ଥିତିରେ ୫୨୨୮ କୋଟି ଟଙ୍କା ପ୍ରଦାନ ପାଇଁ ନବୀନ ଦାବି କରିଛନ୍ତି। ହେଲେ ଆୟୁଷ୍ମାନ୍ ଭାରତ ଏବଂ ପିଏମ୍-କିଷାନ ଯୋଜନାକୁ ନେଇ କେନ୍ଦ୍ର ରାଜ୍ୟ ମଧ୍ୟରେ ବିବାଦ ରହିଥିବାବେଳେ ଏ ସମ୍ପର୍କରେ କୌଣସି ଆଲୋଚନା ହୋଇ ନ ଥିବା ଜଣାପଡିଛି।

ଭୌଗୋଳିକ ଅବସ୍ଥିତି ଦୃଷ୍ଟିରୁ ଅଧିକାଂଶ ସମୟରେ ଓଡ଼ିଶା ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ୧୯୦୦ରୁ ୨୦୧୯ ମଧ୍ୟରେ ପୂର୍ବ-ଭାରତରେ ସୃଷ୍ଟି ହୋଇଥିବା ମୋଟ ସାମୁଦ୍ରିକ ଝଡ଼ ମଧ୍ୟରୁ ପ୍ରାୟ ୩୫ ପ୍ରତିଶତ ସିଧା ଓଡ଼ିଶାକୁ ପ୍ରଭାବିତ କରିଛି। ଏହାକୁ ଦୃଷ୍ଟିରେ ରଖି ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା ଦିଆଯିବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ଏହା ହୋଇପାରିଲେ ରାଜ୍ୟର ସର୍ବାଙ୍ଗୀନ ବିକାଶ ଓ ଅଭିବୃଦ୍ଧି ହୋଇ ପାରିବ। କେନ୍ଦ୍ର ଦ୍ୱାରା ଲାଗୁ କରାଯାଇଥିବା ଯୋଜନାଗୁଡିକରେ କେନ୍ଦ୍ର ଓ ରାଜ୍ୟ ଅନୁପାତ ୯୦:୧୦ ରଖିବାକୁ ମୁଖ୍ୟମନ୍ତ୍ରୀ ନିଜ ଦାବିପତ୍ରରେ ଜଣାଇଛନ୍ତି। ☞ପୃଷ୍ଠା-୧୬



ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସାକ୍ଷାତ୍ କରୁଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

- ■ ଫନୀରେ କ୍ଷତିଗ୍ରସ୍ତ ଭିତ୍ତିଭୂମିର ପୁନରୁଦ୍ଧାର ପାଇଁ ମାଗିଲେ ୫୨୨୮ କୋଟି
- ■ ଆୟୁଷ୍ମାନ ଭାରତ, ପିଏମ୍ କିଷାନ ଯୋଜନା ନେଇ ଆଲୋଚନା ହେଲାନି
- ■ ବିଜୟ ପାଇଁ ପରସ୍ପରକୁ ଶୁଭେଚ୍ଛା ଜଣାଇଲେ

# ଏବର୍ଷ ବଢ଼ିବନି ବିଦ୍ୟୁତ୍ ଶୁଳ୍କ

**ଭୁବନେଶ୍ୱର,୧୧।୬(ବ୍ୟୁରୋ)**

୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ରାଜ୍ୟରେ ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ହେବ ନାହିଁ। ପୂର୍ବ ବର୍ଷ ଭଳି ଘରୋଇ ଉପଭୋକ୍ତାମାନେ ବିଦ୍ୟୁତ୍ ଦେୟ ପଇଠ କରିବେ। ବିଦ୍ୟୁତ୍ ଉତ୍ପାଦନ ଓ ବଣ୍ଟନ କମ୍ପାନୀଗୁଡିକର ଶୁଳ୍କ ବୃଦ୍ଧି ଆବେଦନର ଶୁଣାଣି କରି ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ (ଓଇଆର୍‌ସି) ଏହି ନିଷ୍ପତ୍ତି ନେଇଛି। ଏହି ନିର୍ଦ୍ଦେଶନାମା ଜୁନ୍ ପହିଲାରୁ ପିଛିଲା ଭାବେ ଲାଗୁ ହେବ। ସମସ୍ତ ବିଦ୍ୟୁତ୍ ବଣ୍ଟନ କମ୍ପାନୀଗୁଡିକର ବଲ୍କ ସପ୍ଲାୟ ଶୁଳ୍କରୁ ଦୁଇ ପ୍ରତିଶତ ହ୍ରାସ କରାଯାଇଛି। ବିଦ୍ୟୁତ୍ ପରିବହନ ଶୁଳ୍କରେ ଅପରିବର୍ତ୍ତିତ ରହିଛି। ଓଡ଼ିଶା ହାଇଡ୍ରୋ ପାୱାର କର୍ପୋରେଶନ(ଓଏଚପିସି) ପାଇଁ ବିଦ୍ୟୁତ୍ ଉତ୍ପାଦନ ଶୁଳ୍କ ଏକ ପ୍ରତିଶତ ହ୍ରାସ କରାଯାଇଥିବା ବେଳେ ଓଡ଼ିଶା ପାୱାର ଜେନେରେଶନ କର୍ପୋରେଶନ(ଓପିଜିସି)ର ଉତ୍ପାଦନ ଶୁଳ୍କରେ ୧୫ ପ୍ରତିଶତ ବୃଦ୍ଧି କରାଯାଇଛି। ଯେଉଁ ଘରୋଇ ଏଲଟି ଲାଇନ ଉପଭୋକ୍ତା ଠିକ୍ ସମୟରେ ବିଦ୍ୟୁତ୍ ଦେୟ ପଇଠ କରୁଛନ୍ତି ସେମାନଙ୍କୁ ମାର୍ଚ୍ଚ ମାସରେ ଅତିରିକ୍ତ ରିହାତି ପ୍ରଦାନ କରାଯିବ। ଡିଜିଟାଲ ପେମେଣ୍ଟ କରୁଥିବା ଗ୍ରାହକମାନଙ୍କୁ ପ୍ରୋତ୍ସାହନ ସ୍ୱରୂପ ବିଦ୍ୟୁତ୍ ଶୁଳ୍କରେ ରିହାତିକୁ ୧ ପ୍ରତିଶତରୁ ୨ ପ୍ରତିଶତକୁ ବୃଦ୍ଧି କରାଯାଇଛି। ବଣ୍ଟନ କମ୍ପାନୀଗୁଡିକ ୬୦ ମାସ ପର୍ଯ୍ୟନ୍ତ ଉପଭୋକ୍ତାଙ୍କଠାରୁ ମିଟର ରେଣ୍ଟ ଆଦାୟ କରିପାରିବେ। ଘରୋଇ ଉପଭୋକ୍ତା, କୃଷି କ୍ଷେତ୍ର ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ନୂଆ ବିଦ୍ୟୁତ୍ ସଂଯୋଗ ପାଇଁ ତତ୍କାଳ ଯୋଜନା ଲାଗୁ ହେବ। ଏଚ୍‌ଟି ଏବଂ ଇଏଚ୍‌ଟି ଉପଭୋକ୍ତାଙ୍କ ପାଇଁ ପ୍ରତି ୟୁନିଟରେ ସରଚାର୍ଜ ୧୦ ପଇସା ଲାଗୁ ହେବ।

ଏସ୍‌ସି/ଏସ୍‌ଟି ବିଭାଗ ଦ୍ୱାରା ପରିଚାଳିତ ଛାତ୍ରାବାସଗୁଡିକ ୟୁନିଟ୍ ପିଛା ୨ଟଙ୍କା ୪୦ ପଇସା ରିହାତି ପାଇବେ। ନିର୍ଦ୍ଧାରିତ ସମୟରେ ବିଦ୍ୟୁତ୍ ବିଲ୍ ପଇଠ କରୁଥିବା ସ୍ୱଜଳା ଧାରା ଉପଭୋକ୍ତାଙ୍କୁ ସ୍ୱତନ୍ତ୍ର ଭାବେ ୧୦ ପ୍ରତିଶତ ଅତିରିକ୍ତ ରିହାତି ଯୋଗାଇ ଦେବାକୁ ଓଇଆରସି ନିର୍ଦ୍ଦେଶ ଦେଇଛନ୍ତି।

**ଓଇଆର୍‌ସିର ନିଷ୍ପତ୍ତି**

- ■ ଡିଜିଟାଲ ପେମେଣ୍ଟ ପାଇଁ ୨% ରିହାତି
- ■ ନୂଆ ବିଦ୍ୟୁତ ସଂଯୋଗ ପାଇଁ ତତ୍କାଳ ଯୋଜନା ଲାଗୁ ହେବ
- ■ ଏଚ୍‌ଟି, ଇଏଚ୍‌ଟି ଉପଭୋକ୍ତାଙ୍କ ପାଇଁ ପ୍ରତି ୟୁନିଟରେ ସରଚାର୍ଜ ୧୦ ପଇସା ଲାଗୁ


ଦେଖନ୍ତୁ ରଜ ଉପରେ Manmaj ର ସ୍ୱତନ୍ତ୍ର ଉପସ୍ଥାପନା...


Dharitri Live · Watch Youth-Centric Show

YouTube DharitriLive ଚ୍ୟାନେଲରେ



For more videos subscribe YouTube DharitriLive now.


**ଆପଣଙ୍କ ଏହି କପି ସହିତ ପାଇବେ ସାହିତ୍ୟାୟନ**



ହକର ଭାଇଙ୍କଠାରୁ ମାଗି ନିଅନ୍ତୁ

**ଆଜିର ସମ୍ପାଦକୀୟ**

ଅବିଶ୍ୱସନୀୟ ମନେହେଉଛି

**ଆଜିର ମନ୍ତବ୍ୟ**

" ନରେନ୍ଦ୍ର ମୋଦି ସରକାର ସାମ୍ପ୍ରଦାୟିକ ରୋଗ ଓ ତୁଷ୍ଟୀକରଣ ରାଜନୀତି ଦୂର କରିଛନ୍ତି।

**-ମୁଖ୍‌ତାର ଅବାସ ନକ୍‌ଭୀ, ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରୀ**

**କିଛି ତଥ୍ୟ**

ନାଫେଡ୍ ମାଧ୍ୟମରେ ଦେଶରେ ହରଡ ଡାଲିର ଆମଦାନୀ ଦ୍ୱିଗୁଣା ବୃଦ୍ଧି ପାଇ ୪ ଲକ୍ଷ ଟନ ହୋଇଛି।

**-କୃଷି ମନ୍ତ୍ରଣାଳୟ**


NECC NATIONAL EGG CO-ORDINATION COMMITTEE · 11.06.2019 · Venco66 CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 119 | 183 | 193 |
| CTC | 119 | 183 | 193 |
| DKL | 117 | 180 | 190 |
| BDK | 117 | 180 | 190 |
| BLS | 114 | 176 | 186 |
| ANG | 117 | 180 | 190 |

*Conditions Apply

Eggs Retail Price- 43/-Dozen

Issued in the Interest of Consumers



**ଡିପ୍ଲୋମା ଇଞ୍ଜିନିୟରିଂ ଆଡ୍‌ମିଶନ୍ ବିଜ୍ଞପ୍ତି - ୨୦୧୯**

ଚଳିତ ବର୍ଷ ୨୦୧୯ ନିମନ୍ତେ ଓଡ଼ିଶା ସରକାରଙ୍କର ସ୍ୱୀକୃତି ପ୍ରାପ୍ତ ଅନୁଷ୍ଠାନ **ଜିଇସି ପଲିଟେକ୍‌ନିକ୍** ତରଫରୁ ଓଡ଼ିଶାର ମେଟ୍ରିକ ଉତୀର୍ଣ୍ଣ କରିଥିବା ଛାତ୍ରଛାତ୍ରୀ ମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଏହି ଶିକ୍ଷାନୁଷ୍ଠାନ ଟି ଓଡ଼ିଶାର ସୁନାମଧନ୍ୟ ପ୍ରତିଷ୍ଠାନ ଗାନ୍ଧୀ ଗ୍ରୁପର ଏକମାତ୍ର ଅନୁଷ୍ଠାନ ଯିଏ କି କେବଳ ଡ଼ିପ୍ଲୋମା ପାଠ୍ୟକ୍ରମ ବାର୍ଷିକ ମାତ୍ର **୨୬,୫୦୦** ଟଙ୍କାରେ ପ୍ରଦାନ କରୁଛି । ଏତତ୍ ବ୍ୟତିତ ସମସ୍ତ **SC / ST** ଛାତ୍ରଛାତ୍ରୀ ମାନଙ୍କୁ ସରକାରୀ ସ୍କଲାରସିପ୍ ରେ ଶିକ୍ଷାଦାନ କରାଯାଉଛି ।



ଆଗ୍ରହି ଛାତ୍ରଛାତ୍ରୀ ମାନେ ନିଜର ଓରିଜିନାଲ୍ ୧୦ମ ସାର୍ଟିଫିକେଟ୍, ଜାତିଗତ ପ୍ରମାଣ ପତ୍ର ଏବଂ ଆଧାର କାର୍ଡ ସହ ନିମ୍ନ ଲିଖିତ ଫୋନ୍ ନମ୍ବରରେ ଯୋଗାଯୋଗ କରନ୍ତୁ ।

**ଜିଇସି ପଲିଟେକ୍‌ନିକ୍ , ଭୁବନେଶ୍ୱର**

ଫୋନ : +୯୧ ୭୩୮୦୪୫୪୫୩୯ / ୭୩୮୦୪୫୪୫୩୬



25th YEAR OF SCOOTY

TVS

ଭାରତର NO.1 ମିତବ୍ୟୟୀ ସ୍କୁଟର^

SCOOTY ସିଲ୍‌ଭର୍ ଜୁବ୍‌ଲୀ ଏଡିଶନ୍

ନିଜ ଶ୍ରେଣୀରେ ସର୍ବୋତ୍ତମ ମାଇଲେଜ୍ | ଏକ୍ସ ଶୋରୁମ୍ ମୂଲ୍ୟ ₹42,277/-** | ₹0 ପ୍ରୋସେସିଙ୍ଗ ଫୀ

Scooty Pep+



ସୁଧ ହାର* 3.99% | ଡାଉନ୍ ପେମେଣ୍ଟ* ₹3250/- | ଏକ୍ସଚେଞ୍ଜ ବୋନସ* ₹4000 ପର୍ଯ୍ୟନ୍ତ | 5 Year^^ Warranty ଅତିରିକ୍ତ ଖର୍ଚ୍ଚ ବିନା | TVS 24X7 ASSISTANCE 1800-419-2077 ରୋଡ୍‌ସାଇଡ୍ ଆସିଷ୍ଟାନ୍ସ ସହିତ | 18003157557 (Toll Free)

^Based on On-road price & mileage data as per WMTC in scooter category. Accessories shown in the ad may not be a part of the standard equipment.

*Finance at the sole discretion on the financier and offers cannot be clubbed together. ^^5 year warranty without any additional charges. *Exchange as per dealer's discretion and subject to vehicle condition & prevailing market rate. **Ex-showroom price – Odisha. T&C apply.

FOR ALL INSTITUTIONAL/BULK REQUIREMENTS PLEASE MAIL corporate.customersupport@tvsmotor.com: Authorised Main Dealers: BHUBANESWAR: Ashirbad TVS, Ph.: 7735341866, Jyote TVS, PH.: 7735180749, 3S TVS, Ph : : 8860629978. PURI: Krishna TVS, Ph.: 9861049633. CUTTACK: Arnapurna TVS, Ph.: 9778422980, Sai Durga TVS, Ph: 9937117562. KENDRAPADA: Samir TVS, Ph.: 8260133307. RAHAMA: Senapati TVS, Ph.: 7735969743. JAJPUR ROAD: Subash TVS, Ph.:7735911808. NAYAGARH: Kumar TVS, Ph.: 9778728751. CHANDIKHLOE : Sasmita TVS, Ph : 8860793803. Authorised Dealers: CRP Square, Bhubaneswar, Samir Motors, Ph.: 0674-2563343, 7537035786; Kakatpur, Manish Automobiles, Ph.: 9437112054/06758-231053; Khurda, Swastik Automobiles, Ph.: 9861128283, 06755-223244; Baghamari, Maa Mangala Automobiles, Ph.: 9238107505; Jagatpur, Sonu Motors, Ph.: 9861006854/9337268787; Pattamundai, Shree Durga Auto, Ph.: 9938602209;Jajpur Town, Shyama Motors, Ph.: 9438366160; Mangalpur, Sanji Motor, Ph : 9853486660; Balipatna, Rita Automobiles, Ph.: 0674-2462999, 9338200392; Khandagiri, Sai Auto World, Ph : 0674-2351766, 9338869966(Showroom);Athagarh, Siva Motors, Ph.: 9853429148; Salepur, Sarala Motors, Ph.: 8018556514; Pipli, Jagannath Motors, Ph.: 8093219941; Delang, Ranjana Automobiles, Ph : 9090214582; Jagatsinghpur, Gita Motors, Ph.: 06724-222717, 9778802623; Raj Sunakhala, Arnapurna Motors, Ph.: 7873510025; Daspalla, Bijayalaxmi Motors, Ph.: 9437354285; Rohibank, Maa Laxmi Automobiles, Ph : 9090507765; Kalapathar, Durgananda Communication, Ph : 9776942339;Ranpur, Omm Automobiles, Ph : 9778520193; Paradip, Abhishek Motors, Ph.: 9937392207; Nuapatana, Sandeep Motors, Ph.: 9937019555; Banki, Charchika Motors, Ph.: 9937015536; Jatani, Susil Automobiles, Ph : 8093198397; Balugaon, Satya Narayan Motors, Ph : 9937886712; Singhpur, Sai Motors, Ph : 9439002157; Duburi, Jayshree Motors, Ph : 9439176344; Kujang, Iniva Motors, Ph : 9178402368; Garadpur, Swarnakanti Motors, Ph : 9178194288; Nirakarpur, J K Motors, Ph : 9658971360, 06756-252360; Trisuliya, Ideal Motors, Ph : 9437586155, Khandapada, Spandan Automobiles, Ph : 9853479471, 9937153901; Erasama, Krishna Motors, Ph : 9937084847; Krushnanandapur, Ashhad Motors, Ph : 9237066573; Niali, Bharat Automobiles, Ph : 0671-2803357, 9040091921; Puranakatak, Bhairabi Automobiles, Ph : 7873727545, 9439071610; Chandpur, Rashmi Agency, Ph : 9658866993, 9337112565, 9439333723; Sakhigopal, Jagannath Auto, Ph : 9861150706; Nimapara, Ustav Automobiles, Ph : 06758-252044, 9438742101; Konark, Konark Automobiles, Ph : 9078802288; Balichandrapur, Sarthak Motors, Ph : 9439200714; Anandpur, Adyasha Motor, Ph : 9438366880; Nachuni : Shree Traders, Ph : 9337788799, 7008225699; Laxmi Automobiles, Narasinghpur, Ph : 9238545610; Sai Motors, Marshaghai, Ph : 9938837705; Sai Damodar Associates, Kandarpur, Ph : 0671-2802345, 9090098000; Phulnakhara, Dharitree Associates Pvt Ltd., Ph : 0671-2356967, 7440037801; Kuakhia, Subas Automobiles, Ph : 8114398333; Bari, L.S.Motors, Ph : 8917596087; Balianta, Pratikshya Motors, Ph : 7328080807; Mandarbasta, Soumya Auto, Ph : 9776483333; Nischintakoili, Gopinath Automobiles, Ph : 9090889132; Chandol, S B Motors, Ph : 9437108541; Brahmabarada, Friends Automobile, Ph : 9668166377, 7008050051; Naugoan, Saitirtha Automobiles, Ph : 06724-222717, 9778802623; Balitutha, Sanjukta Motors, Ph : 8093099967, 9777773277 ; Narasinghpur, Bholeswar Motors, Ph : 9658410027 ; Balikuda, Krishna Traders, Ph : 9439370305 ; Gothopatna, Sai Laxmi Motors, Ph : 9337950051, 8249710415.

# GUPTA DISTRIBUTORS

Symbol of Trust

# NO.1 RETAIL CHAIN OF ODISHA

## GUPTA'S ରଜ OFFER

NEVER BEFORE IN TRADE HISTORY, FIRST TIME IN ODISHA

## • WIN •

| 15 | 15 | 15 |
|---|---|---|
| WASHING MACHINES | GUPTA STORES | LUCKY LADIES |

## GUPTA'S RAJA QUEEN



WIN FREE HONDA ACTIVA

**BUY 1 GET 2**

କେବଳ ଗୁପ୍ତାରୁ କିଣି ରଜ QUEEN ବନନ୍ତୁ

କେବଳ ଏହି ରଜରେ
ନାଁ କେବେ ଥିଲା,
ନାଁ କେବେ ଆସିବ

**SPOT FINANCE AVAILABLE**

IDFC BANK · EASY EMI · BAJAJ FINSERV · HDB FINANCIAL SERVICES · HDFC BANK We understand your world

UPTO 40% OFF



JAJPUR TOWN
**Grand Gala Opening**
*Mega Showroom Opening*
ଆସନ୍ତା ୧୪ ତାରିଖ ଶୁକ୍ରବାର ଦିନ
ପ୍ରତେକ କ୍ରୟ ଉପରେ ୫ଟି ସୁନିଶ୍ଚିତ ଉପାହାର
NC College Road, Laliteswar, Bola Mula Chhak, Mob - 8144920820



ଲୁଟ୍ ମାର୍ ଲୋନ୍ ମେଳା

Odisha's most trusted Electronics, Home Appliances & Digital Products Dealer Since 1972

# GUPTA DISTRIBUTORS

Symbol of Trust

No.1 Retail Chain Stores

| | | | | | | | | | | | |
|---|---|---|---|---|---|---|---|---|---|---|---|
| LG | SONY | SAMSUNG | Panasonic | SHARP | Godrej | Whirlpool | HITACHI | VOLTAS | BLUE STAR | LUMINOUS | dishtv |
| Carrier | IFB | CARE | HAVELLS | Haier | BOSCH | LLOYD | airtel digital TV | TATA Sky | Nikon | Samsung GALAXY | hp |
| Canon | MILTON | vivo | USHA | STANDARD | DELL | mi | V-GUARD | Hawkins | KENT | EUREKA FORBES | Symphony |

BHUBANESWAR- Main Road, Baramunda, Front of Kali Mandir, Mob: 7008989309, KIIT Square, Patia, Near Reliance Trends, Mob: 7008989302, 9778047796 Laxmi Sagar, Cuttack Road, Mob: 7008989301, CUTTACK- Dolmundai, Mob: 2424932/7008989303, Buxi Bazar, Mob: 7008989304, Digital Store, Tinikonia Bagicha, Mob: 7008989313, NEAR JUDICIAL ACADEMY, (UTKAL HYUNDAI), CDA, CUTTACK, Mob: 7008989312, PURI- VIP Road, Jhadeswari Chhack, Mob: 7008989310, JATANI- Near Axix bank, Mob: 2492932/7008989305, NIMAPADA- Near Dolabedi Chhack, Mob: 7008989307, BALUGAON- Main Road, Near Digantika Hotel, Mob: 7008989308, KHORDA- Main Road, Palla Chhack, Mob: 7008989311, NAYAGARH- Khandapada Road, Mob: 7008989306, ODOGAON- Studio Chhack, Main Road, Mob: 9438076064, BHADRAK- Main Road, Chappulia, Mob: 7008989314, JAGATSINGHPUR- Near Bus Stand, Mob: 7008989317 GUPTA FURNITURE PLAZA, Gandhi Chhak, Jagatsinghpur

*T&C Apply. Price/EMI mentioned are subject to change. Offer applicable on selected brand/product only. Products are also available without offer. Pictures are indicative only *On Payment of Rs. 500/-





# ଅରୁଣାଚଳରେ ଏଏନ୍-୩୨ ଭଗ୍ନାବଶେଷ ଠାବ

ଇଟାନଗର,୧୧।୬(ପି.ଟି./ଆଇଏଏନ୍ଏସ୍)

**ସମସ୍ତ ୧୩ ଜଣଙ୍କ ମୃତ୍ୟୁ ଆଶଙ୍କା**



ନିଖୋଜ ହେବାର ୮ ଦିନ ପରେ ଭାରତୀୟ ବାୟୁସେନା (ଆଇଏଏଫ୍) ବିମାନ ଏଏନ୍-୩୨ର ଭଗ୍ନାବଶେଷ ମିଳିଛି। ଅରୁଣାଚଳ ପ୍ରଦେଶର ଲିପୋ ଅଞ୍ଚଳରେ ମଙ୍ଗଳବାର ଏହାକୁ ଠାବ କରାଯାଇଛି। ଏଥିସହ ସେଥିରେ ଥିବା ଓଡ଼ିଆ ପାଇଲଟ ସୁନୀତ୍ ମହାନ୍ତିଙ୍କ ସମେତ ସମସ୍ତ ୧୩ ଜଣଙ୍କ ମୃତ୍ୟୁ ହୋଇଥିବା ଆଶଙ୍କା କରାଯାଉଛି।

ରୁଷିଆ ନିର୍ମିତ ଏଏନ୍-୩୨ ବିମାନ ଜୁନ୍ ୩ ଅପରାହ୍ନ ୧୨ଟା ୨୭ରେ ଆସାମର ଜୋର୍‌ହାଟରୁ ଚାଇନା ସୀମାନ୍ତ ଅରୁଣାଚଳର ଶି-ୟୋମି ଜିଲା ମେଚୁକା ଆଡଭାନ୍ସ ଲ୍ୟାଣ୍ଡିଂ ଗ୍ରାଉଣ୍ଡ ଅଭିମୁଖେ ଉଡ଼ାଣ ଆରମ୍ଭ କରିଥିଲା। ଉଡାଣର କିଛି ସମୟ ପରେ ଅର୍ଥାତ୍ ୧ଟା ୩୦ରେ ଏୟାର ଟ୍ରାଫିକ୍ କଣ୍ଟ୍ରୋଲ ସହ ଏହାର ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଥିଲା। ତିନିସେନା ପକ୍ଷରୁ ମିଳିତ ଭାବେ ଏହାର ତଲାସି ଜାରିରହିଥିଲା। ହେଲେ ପ୍ରତିକୂଳ ପାଗ ଏଥିରେ ବାଧକ ସାଜିଥିଲା। ନିଖୋଜ ବିମାନ ସମ୍ପର୍କିତ ସୂଚନା ଦେଲେ ୫ ଲକ୍ଷ ଟଙ୍କା ପୁରସ୍କାର ଦିଆଯିବ ବୋଲି ୮ ତାରିଖରେ ଆଇଏଏଫ୍ ପକ୍ଷରୁ ଘୋଷଣା କରାଯାଇଥିଲା। ଶେଷରେ ମଙ୍ଗଳବାର ବିମାନର ଭଗ୍ନାବଶେଷକୁ ଟାଟୋର ଉତ୍ତର-ପୂର୍ବରେ ଥିବା ଲିପୋଠାରେ ଠାବ କରାଯାଇଛି। ସମୁଦ୍ର ପତ୍ତନଠାରୁ ୧୨,୦୦୦ ଫୁଟ୍ ଉଚ୍ଚରେ ମିଗ୍୧୭ ହେଲିକପ୍ଟର ଏହାକୁ ଠାବ କରିଛି ବୋଲି ଆଇଏଏଫ୍ ମୁଖପାତ୍ର ୱିଙ୍ଗ୍ କମାଣ୍ଡର ରତ୍ନାକର ସିଂ ସୂଚନା ଦେଇଛନ୍ତି। ଭଗ୍ନାବଶେଷ ସ୍ଥଳରୁ ବିମାନରେ ଥିବା ସମସ୍ତ ୧୩ ଜଣଙ୍କ ସମ୍ପର୍କରେ ତଥ୍ୟ ସଂଗ୍ରହ ଓ ଏହାର ବ୍ଲାକ୍ ବକ୍ସ ଖୋଜିବା ପାଇଁ ଉଦ୍ୟମ ଜାରି ରହିଛି। ଇଷ୍ଟର୍ନ ଏୟାର କମାଣ୍ଡର କମାଣ୍ଡିଂ-ଇନ୍-ଚିଫ୍ ଏୟାର ମାର୍ଶଲ ଆର୍.ଡି. ମାଥୁର ଉଦ୍ଧାର କାର୍ଯ୍ୟର ସମୀକ୍ଷା କରୁଛନ୍ତି। ପ୍ରକାଶ ଯେ, ଏହି ବିମାନରେ ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ବାଲିଆପଲ୍ଲୀର ସୁନୀତ୍ ମହାନ୍ତି କୋ-ପାଇଲଟ ଭାବେ ଥିଲେ। ସେ ୨୦୧୨ରେ ବାୟୁସେନାରେ ସାମିଲ ହୋଇଥିଲେ।






# ୫ ହଜାର ଲାଞ୍ଚ: କନିଷ୍ଠ ପରିଚାଳକ ଗିରଫ

କଟକ ଅଫିସ, ୧୧।୬

୫ହଜାର ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଗିରଫ ହୋଇଛନ୍ତି ବାଲେଶ୍ୱରଠାରେ ଥିବା ନର୍ଥ ଇଷ୍ଟର୍ନ ଇଲେକ୍ଟ୍ରିସିଟି ସପ୍ଲାଏ କମ୍ପାନୀ (ନେସ୍କୋ)ର କନିଷ୍ଠ ପରିଚାଳକ କୁମାର ସ୍ଥିତିପ୍ରଜ୍ଞ ମହାନ୍ତି। ମଙ୍ଗଳବାର ସେ ଏହି ଲାଞ୍ଚ ବାଲେଶ୍ୱର ଟାଉନ ଥାନା ଅଧୀନ ମକଲପୁର ଗ୍ରାମର ଜିତେନ୍ଦ୍ର କୁମାର ସାହୁଙ୍କଠାରୁ ପୂର୍ବ ଦାବି ମୁତାବକ ଗ୍ରହଣ କରୁଥିଲେ। ଏକ ଖରାପ ଡିଜିଟାଲ ବିଦ୍ୟୁତ୍ ମିଟରକୁ ହଟାଇବା ପାଇଁ କନିଷ୍ଠ ପରିଚାଳକ ମହାନ୍ତି ସାହୁଙ୍କଠାରୁ ଏହି ଲାଞ୍ଚ ଦାବି କରିଥିଲେ। ପୂର୍ବ ଯୋଜନା ଅନୁଯାୟୀ ବାଲେଶ୍ୱର ମେଣ୍ଟାଶାଳ ନିକଟରେ ମହାନ୍ତି ଲାଞ୍ଚ ଟଙ୍କା ସାହୁଙ୍କଠାରୁ ଗ୍ରହଣ କରୁଥିବାବେଳେ ଭିଜିଲାନ୍ସ ସେଲ୍ ଡିଭିଜନର ଅଧିକାରୀମାନେ ତାଙ୍କୁ କାବୁ କରିଥିଲେ। ମହାନ୍ତିଙ୍କଠାରୁ ଭିଜିଲାନ୍ସ ଅଧିକାରୀମାନେ ଲାଞ୍ଚ ଟଙ୍କା ଜବତ କରିଥିଲେ। ଏହାପରେ ବାଲିଆ ନିକଟରେ ଥିବା ତାଙ୍କ ଘରକୁ ଭିଜିଲାନ୍ସ ପକ୍ଷରୁ ଯାଞ୍ଚ କରାଯାଇଛି। ଏ ନେଇ ଭିଜିଲାନ୍ସ ସେଲ୍ ଥାନାରେ ଏକ ମାମଲା(ନଂ.୬/୧୯) ରୁଜୁ ହୋଇଛି।




## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଗୁଡୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# କଂଗ୍ରେସ ଛାଡ଼ିଲେ କେ. ସୁରିଆ ରାଓ


କେ. ସୁରିଆ ରାଓ

- ପରାଜୟ ପାଇଁ ଦଳକୁ ଦାୟୀକଲେ
- ଅଧ୍ୟକ୍ଷ ରାହୁଲଙ୍କୁ ପଠାଇଲେ ଇସ୍ତଫାପତ୍ର
- ବିଜେଡିରେ ଯୋଗଦେବା ନେଇ ଚର୍ଚ୍ଚା

**ପାରଳାଖେମୁଣ୍ଡି, ୧୧।୬(ସ୍ୱ.ପ୍ର.)**

ପାରଳାଖେମୁଣ୍ଡିର ପୂର୍ବତନ ବିଧାୟକ ତଥା କଂଗ୍ରେସ ନେତା କେ. ସୁରିଆ ରାଓ ମଙ୍ଗଳବାର ବିଧିବଦ୍ଧ ଭାବେ ଦଳରୁ ଇସ୍ତଫା ଦେଇଛନ୍ତି। ସେ ନିଜ ଇସ୍ତଫାପତ୍ର ଏଆଇସିସି ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ନିକଟକୁ ମେଲ୍ କରିଥିବା କହିଛନ୍ତି। ଗତ ନିର୍ବାଚନରେ ଦଳୀୟ ଅଣଦେଖା ଓ ଅସହଯୋଗର ବିଭିନ୍ନ କାରଣ ଦର୍ଶାଇ ସେ ଏଭଳି ନିଷ୍ପତ୍ତି ନେଇଥିବା ଦର୍ଶାଇଛନ୍ତି। ଏବେ ସେ କେଉଁ ଦଳକୁ ଯିବେ, ତାହା ସ୍ପଷ୍ଟ କରି ନ ଥିଲେ ମଧ୍ୟ ବିଜେଡିରେ ଯୋଗଦେବା ନେଇ ପୂର୍ବାଭାସ ମିଳିଥିବା କର୍ମୀ ମହଲରେ ଚର୍ଚ୍ଚା ହେଉଛି।

କେ. ସୁରିଆ ରାଓ ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀରେ ନିଜ ଇସ୍ତଫାର ବିସ୍ତୃତ କାରଣ ରଖିଛନ୍ତି। ଗତ ସାଧାରଣ ନିର୍ବାଚନରେ ଦଳ ତାଙ୍କୁ ଟିକେଟ୍ ଦେବାରେ ବିଳମ୍ବ କରିବାରୁ ସେ ପ୍ରଚାର ପାଇଁ ସମୟ ପାଇ ନ ଥିଲେ ଓ ପରାସ୍ତ ହୋଇଥିଲେ। ବିଜେଡି ଓ ଭାଜପା ପ୍ରାର୍ଥୀଙ୍କ ପାଇଁ ବହୁ ତାରକା ପ୍ରଚାରକ ନିର୍ବାଚନୀ ପ୍ରଚାର କରିଥିବାବେଳେ କଂଗ୍ରେସ ପକ୍ଷରୁ କୌଣସି ହେଭିୱେଟ୍ ପାରଳାଖେମୁଣ୍ଡି ନିର୍ବାଚନ ମଣ୍ଡଳୀ ଅଞ୍ଚଳକୁ ନ ଆସିବା ତାଙ୍କୁ ପଛରେ ପକାଇଦେଲା। ଅନ୍ୟପକ୍ଷରେ ଏହି ନିର୍ବାଚନ ମଣ୍ଡଳୀରୁ ସ୍ୱାଧୀନ ଭାବେ ଲଢ଼ିଥିବା ଜଣେ ପ୍ରାର୍ଥୀଙ୍କ ସହ କଂଗ୍ରେସର ଅନେକ କର୍ମକର୍ତ୍ତା ସାମିଲ ହେବାରୁ ରାଓଙ୍କ ପରାଜୟର ଏକ ପ୍ରମୁଖ କାରଣ ବୋଲି ସେ କହିଛନ୍ତି। ଏବେ ସେ ବିଜେଡି କିମ୍ବା ଭାଜପାକୁ ଯିବେ, ତାହାକୁ ନେଇ ଚର୍ଚ୍ଚା ଆଲୋଚନା ଜୋର୍ ଧରିଛି। ଉଲ୍ଲେଖଯୋଗ୍ୟ ଯେ, ବ୍ରହ୍ମପୁର ଲୋକସଭା ଅଧୀନରେ ପାରଳାଖେମୁଣ୍ଡି ବିଧାନସଭା ଆସନ ଥିବାବେଳେ କଂଗ୍ରେସର ବରିଷ୍ଠ ନେତା ଚନ୍ଦ୍ରଶେଖର ସାହୁ ବିଜେଡି ପ୍ରାର୍ଥୀ ହୋଇ ଲୋକସଭାକୁ ନିର୍ବାଚିତ ହୋଇଛନ୍ତି। ସେ କଂଗ୍ରେସରେ ଥିବାବେଳେ ତାଙ୍କର ନିକଟତମ ଥିବା କେ. ସୁରିଆ ରାଓ ନିଜ ପରାଜୟ ପରେ ତାଙ୍କୁ ଭେଟି ଆଲୋଚନା କରିଥିବା ତାଙ୍କ କର୍ମୀଙ୍କ ସୂତ୍ରରୁ ଜଣାପଡ଼ିଛି। ପାରଳା ରାଜକୁମାରୀଙ୍କୁ ବିଜେଡି ଟିକେଟ୍ ଦେବା ପରେ ଦଳର ବରିଷ୍ଠ ନେତା କେ. ନାରାୟଣ ରାଓ ଭାଜପା ଟିକେଟ୍‌ରେ ନିର୍ବାଚନ ଲଢ଼ି ବିଧାୟକ ହୋଇଛନ୍ତି। ତେଣୁ କେ. ସୁରିଆ ରାଓ ପଦ୍ମ ବଦଳରେ ଶଙ୍ଖ ଶିବିରରେ ଯୋଗ ଦେଇପାରନ୍ତି ବୋଲି କର୍ମୀ ମହଲରେ ଆଲୋଚନା ହେଉଛି। ରାଓ ନିଜେ ଏ ବାବଦରେ କୌଣସି ନିଷ୍ପତ୍ତି ନେଇ ନଥିବା ଓ କର୍ମକର୍ତ୍ତାଙ୍କ ସହ ଆଲୋଚନା ପରେ ଆଗାମୀ କାର୍ଯ୍ୟପନ୍ଥା ଗ୍ରହଣ କରିବେ ବୋଲି କହିଛନ୍ତି । ରାଓ ୨୦୧୨ ପଞ୍ଚାୟତ ନିର୍ବାଚନରେ ପ୍ରଥମେ ସମିତି ସଭ୍ୟ ଭାବେ ନିର୍ବାଚିତ ହୋଇ ପ୍ରତ୍ୟକ୍ଷ ରାଜନୀତିରେ ପ୍ରବେଶ କରିଥିଲେ । କଂଗ୍ରେସର ବରିଷ୍ଠନେତା ତ୍ରିନାଥ ସାହୁଙ୍କ ପ୍ରମୁଖ ସହଯୋଗୀ ଭାବେ ସେ କାମ କରିଥିଲେ। ତାଙ୍କର ମୃତ୍ୟୁ ପରେ ୨୦୧୩ ପୌର ନିର୍ବାଚନରେ ପାରଳାଖେମୁଣ୍ଡି ପୌରପରିଷଦ ଓ କାଶୀନଗର ଏନ୍‌ଏସି ସଙ୍ଗଠନ ଦାୟିତ୍ୱ ନେଇ ରାଓ କଂଗ୍ରେସକୁ ପାରଳାଖେମୁଣ୍ଡି ପୌର ପରିଷଦ ହାତେଇବାରେ ପ୍ରମୁଖ ଭୂମିକା ନେଇଥିଲେ। ୨୦୧୪ ସାଧାରଣ ନିର୍ବାଚନରେ ସେ କଂଗ୍ରେସ ପ୍ରାର୍ଥୀ ହୋଇ ୬୧ ହଜାର ୧୪ ଖଣ୍ଡ ଭୋଟ୍ ପାଇଥିଲେ। ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେଡିର କେ. ନାରାୟଣ ରାଓଙ୍କୁ ଦେଢ଼ ହଜାରରୁ ଅଧିକ ଭୋଟ୍‌ରେ ହରାଇ ବିଧାୟକ ହୋଇଥିଲେ। କିନ୍ତୁ ୨୦୧୯ ନିର୍ବାଚନରେ ତାଙ୍କୁ ମାତ୍ର ୨୪ ହଜାର ଭୋଟ୍ ମିଳିବା ସହ ସେ ଚତୁର୍ଥ ସ୍ଥାନକୁ ଖସିଆସିଥିଲେ।

# ପୌର ନିର୍ବାଚନ ବିଳମ୍ବିତ କରିବାକୁ ଉଦ୍ୟମ

**ଭୁବନେଶ୍ୱର, ୧୧।୬(ବ୍ୟୁରୋ)**

ପୌର ନିର୍ବାଚନ ବିଳମ୍ବ ହେବା ପଛରେ କ'ଣ କାରଣ ରହିଛି ସେନେଇ ସାଧାରଣରେ ମଧ୍ୟ ପ୍ରଶ୍ନ ଉଠିଲାଣି। ଏଭଳି ସ୍ଥିତିରେ ବିରୋଧୀ ଦଳଗୁଡିକ ବିଜେଡି ଉପରେ ଦୋଷ ଲଦିବା ଆରମ୍ଭ କରିଛନ୍ତି। ନିର୍ବାଚନ ପରାଜୟ ଭୟରେ ପୌର ନିର୍ବାଚନ ଲାଗି ବିଜେଡି ଚାହୁଁ ନ ଥିବା ବିରୋଧୀ ଅଭିଯୋଗ କରିଛନ୍ତି। ଯଦି ସାଧାରଣ ନିର୍ବାଚନ ପୂର୍ବରୁ ପୌର ଫଳାଫଳରେ ବିଜେଡି ଖରାପ ପ୍ରଦର୍ଶନ କରେ ତା'ର ପ୍ରଭାବ ଉଭୟ ଲୋକ ସଭା ଏବଂ ବିଧାନସଭା କ୍ଷେତ୍ରଗୁଡିକରେ ପଡିବାର ସମ୍ଭାବନା ଥିବା ବିଜେଡି ଜାଣିପାରି ବିଳମ୍ବ କରିଥିବା କଂଗ୍ରେସ ନେତାମାନେ ପୂର୍ବରୁ ଅଭିଯୋଗ କରିଥିଲେ। ବର୍ତ୍ତମାନ ସାଧାରଣ ନିର୍ବାଚନ ଶେଷ ହେବା ସହିତ ଏହାର ଫଳାଫଳ ପ୍ରକାଶ ପାଇସାରିଛି। ଗତ ମେ ୨୯ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୫ମ ଥର ଲାଗି ମୁଖ୍ୟମନ୍ତ୍ରୀଭାବେ ଶପଥ ନେଇଛନ୍ତି। ତଥାପି ମଧ୍ୟ ପୌର ନିର୍ବାଚନ ନେଇ କୌଣସି ସୋର୍‌ଶବ୍ଦ ନ ମିଳିବା ନେଇ ବିରୋଧୀ ପ୍ରଶ୍ନ ଉଠାଇଲେଣି।

୨୦୧୯ ସାଧାରଣ ଗତ ନିର୍ବାଚନରେ ରାଜ୍ୟରେ ବିଜେଡି ୫ମ ଥର ଲାଗି ସରକାର କରିବାରେ ସକ୍ଷମ ହୋଇଛି। ନିର୍ବାଚନ ସରିଥିବା ୧୪୬ ବିଧାନସଭା କ୍ଷେତ୍ର ମଧ୍ୟରୁ ବିଜେଡି ୧୧୨, ଭାଜପା ୨୩ ଏବଂ କଂଗ୍ରେସକୁ ୯ଟି ଆସନରେ ସଫଳତା ମିଳିଛି। ତଥାପି ମଧ୍ୟ ଲୋକ ସଭା ଫଳାଫଳକୁ ନେଇ ବିଜେଡି ଭୟଭୀତ ଥିବା ଜଣାପଡିଛି। ଅନ୍ୟପଟେ ଗ୍ରାମାଞ୍ଚଳଗୁଡିକରେ ବିଜେଡିକୁ ଯେପରି ସଫଳତା ମିଳିଛି ସେହି ଅନୁଯାୟୀ ପୌରାଞ୍ଚଳରେ ତାହା ଦେଖିବାକୁ ମିଳିନାହିଁ। ପୌରାଞ୍ଚଳଗୁଡିକରେ ଭାଜପାର ଭୋଟ ବଢିଥିବା ଲକ୍ଷ୍ୟ କରି ଶାସକ ଦଳ ବର୍ତ୍ତମାନ ଚିନ୍ତାରେ ପଡିଯାଇଛି। ଭୁବନେଶ୍ୱର ଏବଂ ବରଗଡ ଭଳି ଦୁଇଟି ଲୋକ ସଭା ଆସନ ଭାଜପା ହାତକୁ ଚାଲିଯାଇଛି। ହେଲେ ଏହି ଦୁଇ ଲୋକ ସଭା ଆସନ ଅନ୍ତର୍ଗତ ବିଧାନସଭା କ୍ଷେତ୍ରଗୁଡିକରେ ବିଜେଡି ଭଲ ଫଳ ପାଇଛି। ଅର୍ଥାତ୍ ଦୁଇଟି ଭୋଟ ପାଇଁ ସାଧାରଣରେ ଲୋକମାନେ ଦୁଇ ପ୍ରକାର ପ୍ରାର୍ଥୀଙ୍କ ପାଇଁ ଭିନ୍ନଭିନ୍ନ ଚିନ୍ତା କରିଥିବା ପ୍ରମାଣ ମିଳିଛି। ରାଜ୍ୟରେ ଭୋଟ ବିଭାଜନର ପ୍ରମାଣ ମଧ୍ୟ ମିଳିଯାଇଛି। ଅନ୍ୟପଟେ ବହୁ ପୌରାଞ୍ଚଳ ଭୋଟ ଅଧିକ ମାତ୍ରାରେ ନିଜ ସପକ୍ଷରେ ନେବାରେ ଭାଜପା ଆଗରେ ରହିଛି। ତେଣୁ ବର୍ତ୍ତମାନ ଭୋଟ ହେଲେ ଏହା ବିଜେଡି ବିପକ୍ଷରେ ଯିବାର ଯଥେଷ୍ଟ ସମ୍ଭାବନା ରହିଥିବା ବିଜେଡି ଚିନ୍ତା କରୁଥିବା ଦଳୀୟ ସୂତ୍ରରୁ ଜଣାପଡିଛି। ଯେଉଁଥିଲାଗି ପୌର ନିର୍ବାଚନ ଘୁଞ୍ଚାଇ ସବୁ ସ୍ଥାନରେ ଦଳ ପୁନର୍ବାର ନିଜର ରାଜନୈତିକ ଖସଡା ପ୍ରସ୍ତୁତ କରିବା ଉଦ୍ୟମରେ ଥିବା ଶୁଣିବାକୁ ମିଳୁଛି।

ଭାଜପା ମୁଖପାତ୍ର ଗୋଲକ ମହାପାତ୍ର କହିଛନ୍ତି, ପୌର ନିର୍ବାଚନକୁ ରାଜ୍ୟ ସରକାର ଜାଣିଶୁଣି ଘୁଞ୍ଚାଇ ଚାଲିଛନ୍ତି। ଏବେ ମଧ୍ୟ ସମାନ ପ୍ରୟାସ ଜାରି ରଖିଛନ୍ତି। ଯେହେତୁ ଗତ ନିର୍ବାଚନରେ ମଧ୍ୟ ପୌରାଞ୍ଚଳରେ ଆମକୁ ଭଲ ଭୋଟ ମିଳିଛି ସେଥିଲାଗି ଏବେ ବିଜେଡି ଭୟଭୀତ ହୋଇ ନୂଆ ଉଦ୍ୟମ ଆରମ୍ଭ କରିଛି। ସବୁବେଳେ ମ୍ୟାନେଜ୍ କରି ଜିତିବାର ଅଭ୍ୟାସ ଥିବାରୁ ବର୍ତ୍ତମାନର ସ୍ଥିତି ଶାସକ ଦଳ ପାଇଁ କଣ୍ଟା ହୋଇଛି ବୋଲି ଗୋଲକ କହିଛନ୍ତି।

ଏନେଇ ବିଜେଡି ବରିଷ୍ଠ ନେତା ପ୍ରଶାନ୍ତ ନନ୍ଦ କହିଛନ୍ତି, ଭାଜପା ଅଭିଯୋଗର କୌଣସି ମୂଲ୍ୟନାହିଁ। କେହି ଚାହିଁଲେ ନିର୍ବାଚନ ଘୁଞ୍ଚାଇ ପାରିବେ ନାହିଁ। ଏହା ଏକ ବ୍ୟବସ୍ଥା। ପୌରାଞ୍ଚଳରେ ବିଜେଡିକୁ ଭଲ ସଫଳତା ମିଳିଛି ବୋଲି ପ୍ରଶାନ୍ତ କହିଛନ୍ତି।

# ଏସ୍‌ଏସ୍‌ବି ଅଧ୍ୟାପକ ପରୀକ୍ଷା ଫଳ ପ୍ରକାଶ

**ଭୁବନେଶ୍ୱର,୧୧।୬(ବ୍ୟୁରୋ)**

ରାଜ୍ୟର ବେସରକାରୀ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟରେ ନିଯୁକ୍ତି ପାଇଁ ହୋଇଥିବା ଏସ୍‌ଏସ୍‌ବି ଅଧ୍ୟାପକ ପରୀକ୍ଷା ଫଳ ମଙ୍ଗଳବାର ପ୍ରକାଶ ପାଇଛି। ଉଚ୍ଚ ଶିକ୍ଷା ବିଭାଗ ଅଧୀନ ଷ୍ଟେଟ୍ ସିଲେକ୍ସନ ବୋର୍ଡ(ଏସ୍‌ଏସ୍‌ବି) ଦ୍ୱାରା ପରିଚାଳିତ ଏହି ପରୀକ୍ଷାର ବିଭିନ୍ନ ବିଷୟ ପାଇଁ ଅନେକ ଛାତ୍ରୀଛାତ୍ର ମୌଖିକ ପରୀକ୍ଷା ଲାଗି ମନୋନୀତ ହୋଇଛନ୍ତି। ଆସନ୍ତା ୧୮ରୁ ଜୁଲାଇ ୩ ପର୍ଯ୍ୟନ୍ତ ପରୀକ୍ଷାର୍ଥୀମାନେ ଭେରିଫିକେଶନ କରିପାରିବେ। ପରୀକ୍ଷାର୍ଥୀମାନେ ଏସ୍‌ଏସ୍‌ବିର ଅଫିସିଆଲ ୱେବ୍‌ସାଇଟ୍ www.ssbodisha.nic.inରେ ଫଳାଫଳ ଦେଖିପାରିବେ। ଗତ ମାର୍ଚ୍ଚ ୧୦ରେ ଏହି ପରୀକ୍ଷା ହୋଇଥିଲା। ମୋଟ ୮୩୩ (ମହିଳା ୨୭୩) ସିଟ୍ ପାଇଁ ଏହି ପରୀକ୍ଷା ହୋଇଛି। ଏଥିମଧ୍ୟରେ ଏସ୍‌ଟି ପାଇଁ ୧୮୩, ଏସ୍‌ସି ପାଇଁ ୧୩୨, ଏସ୍‌ଇବିସି ପାଇଁ ୯୦, ୟୁଆର୍ ପାଇଁ ୪୨୮ ସିଟ୍ ରହିଛି। ଏହି ନିଯୁକ୍ତି ପାଇଁ ଲିଖିତ ପରୀକ୍ଷା ସହିତ କ୍ୟାରିୟର ଓ ମୌଖିକ ପରୀକ୍ଷା ମଧ୍ୟ ରହିଛି। ମୋଟ ୨୦୦ ମାର୍କ ପରୀକ୍ଷା ମଧ୍ୟରେ ଲିଖିତ ପରୀକ୍ଷା ୧୬୫ ମାର୍କର ହୋଇଥିଲା। କ୍ୟାରିୟର ପାଇଁ ୨୫ ଓ ମୌଖିକ ପାଇଁ ୧୦ ମାର୍କ ରହିଛି।

# ଶ୍ରୀମନ୍ଦିର ବାହାରେ ତିଆରି ହେବ ଟଏଲେଟ୍ ବ୍ଲକ

**ପୁରୀ ଅଫିସ, ୧୧।୬**

ଶ୍ରୀମନ୍ଦିରକୁ ଆସୁଥିବା ଶ୍ରଦ୍ଧାଳୁଙ୍କ ପାଇଁ ଆଖପାଖରେ ଭଲ ଟଏଲେଟ୍ ନାହିଁ। ଫଳରେ ଭକ୍ତମାନେ ବିଭିନ୍ନ ସମୟରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ମନ୍ଦିର ବାହାରେ ଟଏଲେଟ୍ ବ୍ଲକ ତିଆରି କରାଯିବ। ଓଏନ୍‌ଜିସିର ସିଏସ୍‌ଆର୍ ଫଣ୍ଡରୁ ଏଏସ୍‌ଆଇକୁ ମିଳିଥିବା ଅନୁଦାନରେ ଏହି ଟଏଲେଟ୍ ବ୍ଲକ ତିଆରି ହେବ ବୋଲି ମଙ୍ଗଳବାର ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ର କହିଛନ୍ତି। ପୂର୍ବରୁ ମନ୍ଦିର ଚତୁଃପାର୍ଶ୍ୱରେ ପାଦଚଲା ରାସ୍ତା ଜିନ୍ଦଲ କମ୍ପାନୀ କରିବ ବୋଲି ନିଷ୍ପତ୍ତି ହୋଇଛି। ଏଥିପାଇଁ ଏମ୍‌ଓୟୁ ଅନୁମୋଦନ ହୋଇସାରିଛି। ରଥଯାତ୍ରା ଯୋଗୁ କାମ ଆରମ୍ଭ ହୋଇପାରି ନାହିଁ। ଏଥିସହିତ ୨ଟି ଟଏଲେଟ୍ ବ୍ଲକ କରିବା ଲାଗି ନିଷ୍ପତ୍ତି ନିଆଯାଇଛି। ଏଥିମଧ୍ୟରୁ ଗୋଟିଏ ଟଏଲେଟ୍ ବ୍ଲକ ଏଏସ୍‌ଆଇ କରିବା ପାଇଁ ରାଜି ହୋଇଛି। ଏଥିରେ ୧୫/୨୦ଟି ଟଏଲେଟ୍ ରହିବ। ବାଇକ୍ ପାର୍କିଂ ଏବଂ କ୍ଲୋକ୍ ରୁମ୍ ମଧ୍ୟ ରହିବ। ଓଏନ୍‌ଜିସିଠାରୁ ପାଇଥିବା ଫଣ୍ଡରେ ଏଏସ୍‌ଆଇ ଏହା ତିଆରି କରିବ ବୋଲି ମହାପାତ୍ର ସୂଚନା ଦେଇଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଗ୍ରହମାନଙ୍କ ଶୁଭ ସମ୍ବନ୍ଧ ଅଭାବରୁ ଯେକୌଣସି ପ୍ରକାରର ପରିସ୍ଥିତିରେ ମଧ୍ୟ ଆପଣ ନିଜକୁ ଠିକ୍ ଭାବେ ଆଡଜଷ୍ଟ କରି ଚଳାଇ ନେଇ ପାରିବେ ନାହିଁ। ଯଦିଓ ବିଶେଷ କିଛି ସମସ୍ୟା ନାହିଁ, ତଥାପି ସାମୟିକ ଭାବେ ଅସୁସ୍ଥତା ଅନୁଭବ କରିବେ। କୃଷି, ବାଣିଜ୍ୟ, ବ୍ୟବସାୟ, ପ୍ରଶାସନ ଓ ରାଜନୀତିରେ ଚେଷ୍ଟା ସଫଳ ହେବ।

**ବୃଷ** ଅନ୍ୟମାନଙ୍କ ଦ୍ୱାରା ପ୍ରଭାବିତ ହୋଇ କାମ କରିବା ଦ୍ୱାରା ସ୍ୱାଭିମାନ ବିଘ୍ନିତ ହେବ । ସାମାଜିକ କ୍ଷେତ୍ରରେ ଓ ଗଠନମୂଳକ କାର୍ଯ୍ୟରୁ ପ୍ରଶଂସିତ ହେବେ । ଟେନସନ୍ କିଛି ମାତ୍ରାରେ ଲାଗିରହିବ । ପାରିବାରିକ କ୍ଷେତ୍ରରେ ଏମିତି କେତେକ କଥା ରହିଛି ଯାହାକୁ କହିପାରିବେ ନାହିଁ, ଯାହା ମାନସିକ ଅଶାନ୍ତିର କାରଣ ହୋଇପାରେ।

**ମିଥୁନ** ଦୀର୍ଘଦିନରୁ ଆପଣ ଯେଉଁ କାମଟିକୁ ଆଜି ଯାଏ କରି ପାରୁ ନ ଥିଲେ, କେତେକ ବନ୍ଧୁଙ୍କ ସାହାଯ୍ୟରେ ଆଜି ତାହା ସୁବିଧାରେ ହୋଇଯିବ। ଅଫିସରେ ଅଟକି ରହିଥିବା କାମଗୁଡିକ ସମ୍ପର୍କରେ ଆଲୋଚନା ଅସମାପ୍ତ ରହିପାରେ । ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ,ପରିବହନ ସନ୍ତୋଷଜନକ ରହିବ ଏବଂ ଲାଭ ମଧ୍ୟ କିଛି କମ୍ ହେବନି ।

**କର୍କଟ** କର୍ମକ୍ଷେତ୍ରରେ ବିଭିନ୍ନ ପ୍ରକାରର ସମସ୍ୟାକୁ ନେଇ ମାନସିକ ଅସ୍ଥିରତା ସୃଷ୍ଟି ହେବ। ବନ୍ଧୁଙ୍କ ପକ୍ଷପାତିତାକୁ ଦେଖି ମଧ୍ୟ ନ ଦେଖିଲା ପରି ରହି ସମାଲୋଚିତ ହେବେ। ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଦେଖିଚାହିଁ ପଦକ୍ଷେପ ନିଅନ୍ତୁ ଅନ୍ୟଥା କ୍ଷତିରେ ପଡିପାରନ୍ତି। ଅଫିସିଆଲି କାର୍ଯ୍ୟବ୍ୟସ୍ତତା ଯୋଗୁ ଘର କଥା ବୁଝିବାକୁ ସମୟ ମଧ୍ୟ ପାଇ ପାରିବେ ନାହିଁ ।

**ସିଂହ** ଆଜି ପରିବାରରେ କିଛି ଅଭାବ ଓ ଅସୁବିଧାକୁ ନେଇ ସରଗରମ ଆଲୋଚନା ହୋଇପାରେ । ଜମିଜମା, ଯାନବାହନ, ଦେଣନେଣ ପ୍ରଭୃତିକୁ କେନ୍ଦ୍ରକରି ବିତର୍କ ସୃଷ୍ଟି ହେବ। କର୍ମକ୍ଷେତ୍ରରେ ଉଚ୍ଚପଦାଧିକାରୀଙ୍କ ଦ୍ୱାରା ଚାପଗ୍ରସ୍ତ ହୋଇ କିଛିଟା ହଇରାଣ ହୋଇପାରନ୍ତି। ସ୍ୱାସ୍ଥ୍ୟ ସମସ୍ୟା ରହିଥିଲେ ମଧ୍ୟ ତାହା ନିୟନ୍ତ୍ରଣ ମଧ୍ୟରେ ହିଁ ରହିବ।

**କନ୍ୟା** ଚନ୍ଦ୍ରଙ୍କ ସୁପ୍ରଭାବରୁ ଆଜି ଯେଉଁ କାମରେ ହାତ ଦିଅନ୍ତୁନା କାହିଁକି ସଫଳତା ନିଶ୍ଚିତ । ଅତୀତରେ ଉପକୃତ ହୋଇଥିବା ବନ୍ଧୁମାନଙ୍କ ନିକଟରୁ ପ୍ରତ୍ୟୁପକାର ଆଶା ନିରର୍ଥକ ହେବ ନାହିଁ । ଦୀର୍ଘଦିନ ହେଲା ଯେଉଁ କାମଟିକୁ ହଠାତ୍ ଆରମ୍ଭକରିବାକୁ ମନ ବଳାଇଥିଲେ ଆଜି ତାହା କରିବା କାରଣରୁ ମନ ଖୁସି ରହିବ।

**ତୁଳା** ସାଧାରଣ କଥାକୁ ନେଇ କର୍ମକ୍ଷେତ୍ରରେ ଯୁକ୍ତିତର୍କ ଲାଗିପାରେ କିମ୍ବା ଘରୋଇ କଳହକୁ ନେଇ ପରିବାରରେ ଅଶାନ୍ତି ଲାଗିରହିବ। କଳା, ସାହିତ୍ୟ, ନୃତ୍ୟ, ସଙ୍ଗୀତ, ସାହିତ୍ୟ ଓ ସାମ୍ବାଦିକତାରେ ପ୍ରଶଂସିତ ହେବେ। ସରକାରୀସ୍ତରରୁ ଅର୍ଥ ପାଇବା ସକାଶେ ଉଦ୍ୟମ କରି କେତେକାଂଶରେ ସଫଳତା ପାଇପାରନ୍ତି।

**ବିଛା** ଏଣୁ ତେଣୁ ଗୁଡାଏ ଚିନ୍ତା କରି ମନ ଅସ୍ଥିର ରହିବାର ସୂଚନା ରହିଛି । ଯାହାଙ୍କ ଠାରୁ ଯାହା ପାଇବା ପାଇଁ ପ୍ରତିଶ୍ରୁତି ପାଇଥିଲେ ତାହା ନ ପାଇବା କାରଣରୁ ମନେ ମନେ କ୍ଷୁବ୍ଧ ହୋଇ ପାରନ୍ତି । ଜମିଜମା, ଆଇନ, ଅଦାଲତ, ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ । ମାନସିକ ସ୍ତରରେ କେତେକ ବ୍ୟତିକ୍ରମ ରହିପାରେ ।

**ଧନୁ** କର୍ମକ୍ଷେତ୍ରରେ ସହକର୍ମୀ କିମ୍ବା ପରିବାରରେ ଆତ୍ମୀୟମାନଙ୍କ ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ। ବନ୍ଧୁଙ୍କ ସମ୍ମୁଖରେ ନିଜର ମନର ଭାବକୁ ପ୍ରକାଶ କରିବାରେ ପଛେଇ ଯିବେ କିନ୍ତୁ ଏଥିପାଇଁ ପରେ ମନସ୍ତାପ କରିପାରନ୍ତି। ଆଜିର ଯାତ୍ରା, ବ୍ୟବସାୟ,ପରିବହନ ଓ ନୂତନ କର୍ମାରମ୍ଭରେ କୌଣସି ଅସୁବିଧା ହେବନାହିଁ।

**ମକର** ମନ ଭଲ ନ ଥିବା କାରଣରୁ ସାଧାରଣ କଥାକୁ କେନ୍ଦ୍ରକରି ଗୃହରେ କିମ୍ବା ଅଫିସରେ କଳହ ସୃଷ୍ଟି ହୋଇପାରେ। ତଥାପି ଶ୍ରବଣା ନକ୍ଷତ୍ର କର୍ମକ୍ଷେତ୍ରରେ,ବନ୍ଧୁ ଗହଣରେ, ଅନ୍ୟମାନଙ୍କ ନିକଟରୁ ଶ୍ରଦ୍ଧା ଓ ସମ୍ମାନ ପାଇ ସାମୟିକ ଦୁଃଖକୁ ଭୁଲିଯିବେ। ଅର୍ଥ ସମ୍ପର୍କରୁ, ସେବା ଓ ପରୋପକାର ହେତୁ କିମ୍ବା ସାମାଜିକ ସ୍ତରରେ ପ୍ରଶଂସା ହେତୁ ଖୁସି ରହିପାରନ୍ତି।

**କୁମ୍ଭ** ବିଭିନ୍ନ ପ୍ରକାର ସମସ୍ୟାକୁ କେନ୍ଦ୍ରକରି ମନରେ ଅସ୍ଥିରତା ସୃଷ୍ଟି ହୋଇପାରେ। ନୂତନ ବନ୍ଧୁ ପ୍ରସ୍ତାବ ସ୍ଥିରୀକୃତ ହେବାରେ ବନ୍ଧୁଙ୍କ ଭୂମିକା ଅବିସ୍ମରଣୀୟ ରହିବ। କେତେକ ଆକସ୍ମିକ ଅସୁବିଧା ଉପୁଜିବା କାରଣରୁ ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିପାରେ। ବହୁତ ଦିନର ନୂଆ ଯୋଜନାଟିକୁ କାର୍ଯ୍ୟକାରୀ କରିବା ଉପରେ ଗୁରୁତ୍ୱ ଦେବେ।

**ମୀନ** ଆଜି ଆପଣ ଆର୍ଥିକ ଦୃଷ୍ଟିକୋଣରୁ ସାଧାରଣ ପରିଶ୍ରମରେ ବେଶି ସଫଳତା ପାଇବେ। କର୍ମକ୍ଷେତ୍ରରେ ମନ୍ଥର ଗତି ଦେଖାଦେଇପାରେ କିନ୍ତୁ କୌଣସି କାମ ଅଟକିବ ନାହିଁ। ବ୍ୟବସାୟ କ୍ଷେତ୍ରରେ କ୍ରମଶଃ ସ୍ଥିରତା ଫେରିପାଇବେ। କୌଣସି ନୀଚ ଜାତିର ବ୍ୟକ୍ତିବିଶେଷଙ୍କ ସହାୟତାରୁ ଉପକୃତ ହୋଇପାରନ୍ତି।

ଆଜି ଜ୍ୟେଷ୍ଠ ଶୁକ୍ଳପକ୍ଷର ଦଶହରା ଦଶମୀ ବୁଧବାର, ଶ୍ରୀମନ୍ଦିରରେ ରାଜେନ୍ଦ୍ରାଭିଷେକ, ଜୁନ୍ ୧୨ ତାରିଖ, ଅନ୍ତଃରାଷ୍ଟ୍ରୀୟ ଶିଶୁଶ୍ରମ ନିଷେଧ ଦିବସ, ରାଶି ନକ୍ଷତ୍ର-ଦିବା ଘ୧୨।୩୫ମି. ଗତେ, ଚିତ୍ରା/କନ୍ୟା, ଦଶମୀର ଏକୋଦ୍ଦିଷ୍ଟ ଓ ପୂର୍ଣ୍ଣମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବିବାହ ପାଣିଗ୍ରହଣ, ବ୍ରତୋପନୟନ,ବିଦ୍ୟାରମ୍ଭ ଓ ଗୃହ ପ୍ରତିଷ୍ଠା ପାଇଁ ଶୁଭଦିନ। ଦିବା ଘ୬।୪୯ମି. ଗତେ ଘ୮।୨୮ମି. ମଧ୍ୟେ, ଘ୩।୦୪ମି. ଗତେ ଘ୪।୪୩ମି. ମଧ୍ୟେ ଅମୃତ ବେଳା ।


# classifieds Everyday 0674-2580101, 2549302




**BRIDE WANTED**

31yrs MBA ପାସ୍‌କରି Flipkart କମ୍ପାନୀରେ ବାର୍ଷିକ ୭ଲକ୍ଷ ୮୦ ହଜାର ଦରମାରେ ଚାକିରି କରିଥିବା ବଣିଆ ପାତ୍ର ପାଇଁ ସରକାରୀ ସ୍ତରରେ ଶିକ୍ଷୟିତ୍ରୀ ପାତ୍ରୀ ଆବଶ୍ୟକ। ଯୋଗାଯୋଗ: ୮୦୯୩୪୮୯୯୪୭। ଧ-୬୪୦୬୭

Looking for Gauda educated beautiful girl for Software Professional in Bangalore from Sambalpur age 29 5'4". Contact: 8904203320. D-12913

Wanted Brahmin homely bride for 1980 born 5'9", Diploma Engineer Brahmin boy. Contact: 8917628852, 6370737397. D-66139

**GROOM WANTED**

SM4 beautiful girl 45/ 5'4" BSC/PGDCA Govt. job working Govt. Teacher, monthly income 8LPM 20k, Unmarried, divorced, house husband. Contact: 9009491423. D-12898

Pvt. companyରେ Account holder 39 ବର୍ଷ ଝିଅ ପାଇଁ Job/Business man proposal ଆବଶ୍ୟକ। 8895398591. D-12899

କେନ୍ଦ୍ରାପଡ଼ା ସ୍ଥିତ 30 ବୟସ୍କା, ସୁନ୍ଦର, ଚାକିରିଆ ଛାଡ଼ପତ୍ର ପ୍ରାପ୍ତ ଗୁଡ଼ିଆ ଝିଅଙ୍କ ପାଇଁ ଯେକୌଣସି ଜାତିର ପୁଅ ଦରକାର। 7008080967. D-12931

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ବିବାହ ଶୁଭେଚ୍ଛା ଟ୩୧୫/- (ଫଟୋ ସହ) ଏବଂ ଟ୨୦୦/- (ବିନା ଫଟୋ)ରେ। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୫ସେମି. (W) ହେବା ଆବଶ୍ୟକ।



**SALE**

ମଙ୍ଗୁଳି ଫାର୍ମା କଲେଜ ରୋଡ଼ରୁ 3.5 କିଲୋମିଟର ମାର୍କେଟ କମ୍ପ୍ଲେକ୍ସ ପାଖରେ ୧୨୦୦ ସ୍କୋୟାରଫୁଟ ପ୍ଲଟ ୩୫୦୦୦୦ ରେ ମିଳୁଛି। ଯୋଗାଯୋଗ 8908492594. D-12707

ଭୁବନେଶ୍ୱର ତମାଣ୍ଡୋ ବଜାର କେନ୍ଦ୍ରୀୟ ବିହାର ନିକଟରେ Electricity, BDA Yellowzone 30ft road ଥାଇ Plot ବିକ୍ରିହେବ। 9370292040. D-66395

ଭୁବନେଶ୍ୱର Tamando କେନ୍ଦ୍ରିୟ ବିହାର କଲୋନୀରେ 30' ରାସ୍ତା ଥାଇ plot କିଣନ୍ତୁ। 9348767829. D-66400

ଭୁବନେଶ୍ୱର ଜଟଣୀଗେଟ୍‌ଠାରେ Sqft.150/-, ନଖରା ତ୍ରିନାଥ ବଜାର sc plot Sqft.320/- ଧାଙ୍କୁଲେଇପିଠାରେ 250/-, plot ବିକ୍ରିହେବ (outright) 9348817649, 8144706560. D-66702

Plot for sale at Gudiapokhari NH side near tollgate. 9437112668, 9438621932. D-60835

2400 sqft. commercial plot near Siridi Sai Mandir on NH-203 Bhubaneswar, Price- 60lakh. Mobile: 7326084916. D-66562

1750 sqft. residential plot near ITER College, Jagamara, Bhubaneswar. Price- 52lakh. Mobile- 9078151122. D-66563

Sthitiban plot near Bigbazar, Patia to 3km Singada mouza 405 dcml Rs/- 12lakh. Contact: 8270495179. D-12900

1200 sqft land, 900 sqft construction simplex, Brahmanjharilo, 6k.m from Nakhara 25lakhs LIC approved. 9861281504. D-12941

Well renovated & reputed A/C restaurant with fast food counter all modern facilities at Cuttack road, Bhubaneswar for immediate sale. Contact: 9348600654, 9437585977, 7008257791. D-56175

8000 sqft (25 nos) farm house land in a pollution noise free atmosphere just 100k.m from BBSR. 8763244211. D-66901

4BHK duplex with gated community at Balianta (land-1400 construction-2200 @ 55Lakh and 2600 @ 65Lakh). Contact Mplanets: 9938219397, 9861022055. D-12932

**8000 Sft plot sale at Satya Nagar, Bhubaneswar, directly buyer contact: Deepak- 9937329999 (Broker excuse).** D-66240

GA free hold land 2400 sqft at Bharatpur with booking builtup 2000 sqft duplex- 9937560970. D-66242

**Plot @ 120/- per sqft with road 20km from Cuttack, Bhubaneswar 7809525452, 8249851363.** D-66902



Around 1200 sqft area 1st floor near Sainik School, DL-15, VSS Nagar, Bhubaneswar available on rent for Banks/ offices. Contact: 7855930192, 9861134232. D-65654



Fully refreshed/ relaxed body massage by expert therapist, Shastri nagar. 7377984773. D-66550

Rejuvenate and ayurvedic full body massage by smart therapist: 9114402304. D-66551

Experience full body massage with us (expert). Call: 7377048581, 0674- 2597822. D-66555

Full body massage with refreshment, expert therapist. 7381239385, 0674-2540855. D-66554

Herbal full body massage by smart/expert therapist. Contact: 8338067247. D-66556

Newly opening ayurvedic body massage smart therapist, Shree herbal. 7750020754. D-66557

Summer special mesmerizing offer expert therapeutic refreshing massage appointment. 9668374480. D-66560

Home service newly open full body massage A/C room available: 7438851534. D-38555

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



Medical registration- BAMS, BHMS, BUMS, BDS, D.Pharma, ANM, GNM (ଘରେରହି Course କରିପାରିବେ). Call: 9893869473. D-66564

**LOST**

ମୁଁ ସବିତା ସାହୁ ଜଣାଉଛି ଯେ ମୋର ଜମି ପଟ୍ଟା ନଂ 663/ 672 ଖାତା ନଂ 10391000098 ପୋଡ଼ି ଯାଇଅଛି। ଧ-୧୨୯୩୪

**ASTROLOGY**

ଘରେ ବସି ସବୁ ସମସ୍ୟାରୁ ମୁକ୍ତି ପାଆନ୍ତୁ। ପ୍ରେମବିବାହ, ବଶୀକରଣ, ବ୍ୟବସାୟ, ସନ୍ତାନ ସମ୍ବନ୍ଧୀୟ, ଗୁଣିଗାରେଡ଼ି, ସଉତୁଣୀ ଶତ୍ରୁ ମୁକ୍ତି, ଗ୍ୟାରେଣ୍ଟି ସହ ସମାଧାନ। 9888156887. D-12935

**ବିବାହ ଶୁଭେଚ୍ଛା**



ପ୍ରତାପ (ବୁନୁ)
ସହିତ
ଦୀପାଞ୍ଜଳି (ଲିଜା)
ଲେଖନପୁର, ସାଲେପୁର, କଟକ
ଆଜି ଜୀବନର ଏକ ବିଶେଷ ମୁହୂର୍ତ୍ତରେ ମମତାର ଏକ ଅଛିଣ୍ଡା ଖିଅରେ, ବାନ୍ଧିହେବେ ଚୀର ବନ୍ଧନରେ।
ଶୁଭେଚ୍ଛାସହ: ଧରିତ୍ରୀ ପରିବାର
ଧ-୧୨୯୪୨

**ବିବାହ ଶୁଭେଚ୍ଛା**



ମନୋରଞ୍ଜନ (ମୁନା)
ସୌଦାମିନୀ (ପିଙ୍କି)
ଆପଣଙ୍କର ଦାମ୍ପତ୍ୟ ଜୀବନ ସୁଖମୟ ହେଉ, ଏହାହିଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୁଭେଚ୍ଛାସହ:
ବାବା, ମା, ମାମୁ, ମାଇଁ, ଭାଇ, ଭାଉଜ, ନନା, ଦିଦି, ରୋଶନି, ସୌଭାଗ୍ୟ ପରିବାର ଓ ବନ୍ଧୁବର୍ଗ।
ଧ-୧୨୯୧୦


## ଜିଲ୍ଲା ଚିଠି ସୁବର୍ଣ୍ଣପୁର



# ବ୍ୟାରେଜ୍ ନିର୍ମାଣ କହି ଭଣ୍ଡାଇଲେ

ସମୁଦ୍ରକୁ ବହିଯାଉଥିବା ନଦୀ ଜଳ ଅଟକିବ। ରାଜ୍ୟ ସରକାର ବଡ ଯୋଜନା କରିଛନ୍ତି। ମହାନଦୀର ତଳମୁଣ୍ଡରେ ବ୍ୟାରେଜ୍ ନିର୍ମାଣ ପାଇଁ ମାଷ୍ଟର ପ୍ଲାନ୍ ପ୍ରସ୍ତୁତ ହେଉଛି। ୭ଟି ବ୍ୟାରେଜ୍ ନିର୍ମାଣ ପାଇଁ ସ୍ଥାନ ଚିହ୍ନଟ ହୋଇଛି। ଏହା ସହ ମହାନଦୀର ଶାଖା ଓ ଉପନଦୀରେ ମଧ୍ୟ ୨୨ଟି ବ୍ୟାରେଜ୍ ଓ ଆନିକଟ୍ ନିର୍ମାଣ କରାଯିବ। ଏହିସବୁ ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ପାନୀୟ ଜଳ ଓ ଜଳସେଚନର ସମସ୍ୟା ଦୂରହେବ। ୨୦୧୮ ମେ ୧୨ତାରିଖରେ ରାଜ୍ୟ ଜଳସମ୍ପଦ ମନ୍ତ୍ରୀ ଓ ସଚିବ ରାଜ୍ୟବାସୀଙ୍କୁ ଏଭଳି ସୁନେଲି ସ୍ୱପ୍ନ ଦେଖାଇଥିଲେ। ବ୍ୟାରେଜ୍, ଆନିକଟ୍ ପ୍ରକଳ୍ପ ପାଇଁ ସର୍ଭେ ମଧ୍ୟ ହେଲା। ସୋନପୁର ସହରର ରାମେଶ୍ୱର ଘାଟଠାରୁ ୩ କିମି ଦୂର ଖଇରମାଳରେ ନଦୀବନ୍ଧ ପ୍ରକଳ୍ପ ଟେକ୍‌ନିକାଲ ଆଡଭାଇଜର କମିଟି(ଟିଏସି)ରେ ଅନୁମୋଦିତ ହୋଇଛି। ଡିପିଆର(ଡିଟେଲ ପ୍ରୋଜେକ୍ଟ ରିପୋର୍ଟ) ପରେ ବ୍ୟୟ ଅଟକଳ ପ୍ରସ୍ତୁତ ହେବ ବୋଲି କୁହାଗଲା। ସ୍ୱାଧୀନତାର ୭୦ବର୍ଷ ପରେ ମହାନଦୀରେ ଦ୍ୱିତୀୟ ବ୍ୟାରେଜ୍ ନିର୍ମାଣ ହେବ ବୋଲି ଲୋକେ ଆଶା ବାନ୍ଧିଥିଲେ। କିନ୍ତୁ ଗତ ବଜେଟ୍‌ରେ ସରକାର ଏଥିପାଇଁ ଆଦୌ ଅର୍ଥର ବ୍ୟବସ୍ଥା କଲେନି। ସରକାର ପ୍ରତିଶ୍ରୁତି ଦେଇ ଅଞ୍ଚଳବାସୀଙ୍କୁ ଭଣ୍ଡାଇଲେ। ଆସନ୍ତା ୨୮ତାରିଖରେ ବିଧାନସଭାରେ ବଜେଟ୍ ଉପସ୍ଥାପନ ହେବ। ରାଜ୍ୟ ସରକାର ଏଥିପାଇଁ ଅର୍ଥର ବ୍ୟବସ୍ଥା କରିବେ ବୋଲି ବୁଦ୍ଧିଜୀବୀ ଆଶା ବାନ୍ଧିଛନ୍ତି। ଛତିଶଗଡ ସରକାର ମହାନଦୀରେ ଶତାଧିକ ବ୍ୟାରେଜ୍ ଓ ଆନିକଟ୍ ନିର୍ମାଣ କରିବା ପରେ ଓଡିଶାରେ ପ୍ରତିବାଦର ସ୍ୱର ତୀବ୍ର ହୋଇଥିଲା। ଏହା ଆନ୍ତଃରାଜ୍ୟ ନଦୀ ହୋଇଥିଲେ ବି ଏଥିରୁ ଓଡ଼ିଶା ୧୨ ମ୍ୟାପ୍ ଏବଂ ଛତିଶଗଡ଼ ୮ ମ୍ୟାପ୍ ଜଳ ପାଇବା କଥା। ଏଥିରେ ଛତିଶଗଡ ଖିଲାପ କରି ଶତାଧିକ ବ୍ୟାରେଜ୍ ନିର୍ମାଣ କରିଥିବାରୁ ଏହାକୁ ନେଇ ଉଭୟ ରାଜ୍ୟ ମଧ୍ୟରେ ଜଳ ବିବାଦ ଉପୁଜିଛି। ଗତ ପଞ୍ଚାୟତ ନିର୍ବାଚନ ପୂର୍ବରୁ ଏହି ଇସ୍ୟୁକୁ ମୁଖ୍ୟ ପ୍ରସଙ୍ଗ କରାଯାଇଥିଲା। ଓଡିଶାରେ ମଧ୍ୟ ବ୍ୟାରେଜ ଓ ଆନିକଟ କରିବା ପାଇଁ ଉଭୟ ଶାସକ ଓ ବିରୋଧୀଙ୍କ ପକ୍ଷରୁ ଦାବି ଉଠିଥିଲା। କାରଣ ବିଜେଡି ୨୦୧୪ ନିର୍ବାଚନ ଇସ୍ତାହାରରେ ୧୦ଲକ୍ଷ ହେକ୍ଟର ଜମିକୁ ଜଳସେଚନ କରିବ ବୋଲି ପ୍ରତିଶ୍ରୁତି ଦେଇଥିଲା। କିନ୍ତୁ ନଦୀ ନାଳ ବହୁଳ ଅଞ୍ଚଳରେ ଜଳସେଚନର ଅପାର ସମ୍ଭାବନା ଥିଲେ ମଧ୍ୟ ଏହି ଦିଗ ପ୍ରତି ସରକାର ଅଣଦେଖା କରି ଆସିଥିଲେ। ଛତିଶଗଡ ଘଟଣା ପରେ ଏକ୍ଷେତ୍ରରେ ସରକାରଙ୍କୁ ସମାଲୋଚନାର ଶରବ୍ୟ ହେବାକୁ ପଡିଥିଲା। ତେଣୁ ସମୁଦ୍ରକୁ ବହି ଯାଉଥିବା ମହାନଦୀର ଜଳକୁ ପିଇବା ପାଣି, ଜଳସେଚନ ନିମନ୍ତେ ବ୍ୟବହାର କରାଯିବା ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେଇଥିଲେ। ପ୍ରସ୍ତାବିତ ବ୍ୟାରେଜ୍ ମଧ୍ୟରେ ଖଇରମାଳ ଓ ଗୋଧନେଶ୍ୱର ପ୍ରକଳ୍ପ ଅନ୍ତର୍ଭୁକ୍ତ ଥିଲା। ଖଇରମାଳ, ଗୋଧନେଶ୍ୱର ବ୍ୟାରେଜ୍ ନିର୍ମାଣ ଘୋଷଣାକୁ ନେଇ ସୁବର୍ଣ୍ଣପୁର ଜିଲାରେ ଖୁସିର ମାହୋଲ ସୃଷ୍ଟି ହୋଇଥିଲା। ଖଇରମାଳ ବ୍ୟାରେଜ୍ ନିର୍ମାଣ ହେଲେ ସୋନପୁର ସହରର ଦୁଇପାର୍ଶ୍ୱରେ ପ୍ରବାହିତ ମହାନଦୀ ଓ ତେଲନଦୀ ବର୍ଷସାରା ଜଳପୂର୍ଣ୍ଣ ରହିବ। ମିନି ଚିଲିକାର ଭ୍ରମ ସୃଷ୍ଟି ହୁଅନ୍ତା। ଖରାଦିନେ ଏହି ଉତ୍ତପ୍ତ ସହରର ତାପମାତ୍ରା କମ୍ ରହିବା ସହ ଜଳ ପର୍ଯ୍ୟଟନର ବିକାଶ ହୋଇଥାନ୍ତା। ମତ୍ସ୍ୟଜୀବୀ, ଚାଷୀ ଉପକୃତ ହୋଇଥାନ୍ତେ। ମାତ୍ର ନିର୍ବାଚନ ପରେ ମହାନଦୀ ଜଳ ସମସ୍ୟାକୁ ସବୁ ରାଜନୈତିକ ଦଳ, ସ୍ୱେଚ୍ଛାସେବୀ ସଂଗଠନଗୁଡିକ ଭୁଲିଯାଇଛନ୍ତି। ଏବେ ଗ୍ରୀଷ୍ମଋତୁରେ ମହାନଦୀର ଜଳ ପ୍ରବାହ କମିଛି। ଏହାର ପ୍ରଭାବ ଜିଲାର କୃଷି କ୍ଷେତ୍ରରେ ପଡିଛି। ହୀରାକୁଦ କମାଣ୍ଡ ଅଞ୍ଚଳରେ ଥିବାରୁ ଜିଲାର ୪୨.୬୧% ଜମି ରବିଋତୁରେ ଜଳସେଚିତ ହୋଇଥାଏ। ଏବେ କେନାଲ ତଳମୁଣ୍ଡକୁ ଆବଶ୍ୟକ ପାଣି ଆସୁନି। ନଦୀ ଶୁଖିଲା ପଡିଥିବାରୁ ଉଠା ଜଳସେଚନ ଓ ବୃହତ୍ ଉଠା ଜଳସେଚନ ପ୍ରକଳ୍ପଗୁଡିକ ଚାଲି ପାରୁନି। ଏହି ଜିଲାରେ ମହାନଦୀ ପ୍ରାୟ ୧୦୦କିମି ଲମ୍ବା ପଥ ଦେଇ ପ୍ରବାହିତ ହେଉଛି। ମହାନଦୀ କୂଳରେ ଏହି ଜିଲା ରହିଥିଲେ ହେଁ ଜିଲା କେତେବେଳେ ମରୁଡିର ଶିକାର ହେଉଛି ତ ପୁଣି କେତେବେଳେ ବନ୍ୟା ବିଭୀଷିକାରେ ଲୋକେ ଥରି ଉଠୁଛନ୍ତି। ଜଳ ସଂରକ୍ଷଣ ପ୍ରତି ଦୃଷ୍ଟି ଦିଆ ନ ଯିବାରୁ ଭୂତଳ ଜଳସ୍ତର ହ୍ରାସ ପାଇବାରେ ଲାଗିଛି। ପରିବର୍ତ୍ତିତ ପରିସ୍ଥିତିରେ ମହାନଦୀର ଅସ୍ତିତ୍ୱକୁ ନେଇ ଏବେ ସନ୍ଦିହାନ ହେବାକୁ ପଡୁଛି। ଓଡିଶାର ବଡ ନଦୀ ବୋଲି ଆମେ ମହାନଦୀକୁ ନେଇ ଗର୍ବ କରୁଛୁ। ହେଲେ ନଦୀର ସୁରକ୍ଷା ପ୍ରତି ଦୃଷ୍ଟି ଦେଉନୁ, କି ଜଳର ଉପଯୋଗ କରୁନୁ। ସରକାର କେବଳ ଘୋଷଣାରେ ସୀମିତ ନରଖି ଲୋକଙ୍କ ସ୍ୱାର୍ଥ ଓ ବିକାଶ ସହ ଜଡିତ ପ୍ରକଳ୍ପ ନିର୍ମାଣ କରନ୍ତୁ।

– ମୃତ୍ୟୁଞ୍ଜୟ ଶତପଥୀ




# ମୃତ୍ୟୁଞ୍ଜୟ ମହାପାତ୍ର ଡବ୍ଲ୍ୟୁଏମ୍ଓରେ ଭାରତର ସ୍ଥାୟୀ ସଦସ୍ୟ

ନୂଆଦିଲ୍ଲୀ,୧୧।୬

ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି)ର ମୁଖ୍ୟ ମୃତ୍ୟୁଞ୍ଜୟ ମହାପାତ୍ର ବିଶ୍ୱ ପାଣିପାଗ ସଙ୍ଗଠନ (ଡବ୍ଲ୍ୟୁଏମ୍‌ଓ)ରେ ଭାରତର ସ୍ଥାୟୀ ସଦସ୍ୟଭାବେ ନିଯୁକ୍ତି ପାଇଛନ୍ତି। ଜଣେ ବିଶିଷ୍ଟ ବୈଜ୍ଞାନିକ ତଥା ବାତ୍ୟା ସତର୍କତା ବିଶାରଦଭାବେ ଜଣାଶୁଣା ମୃତ୍ୟୁଞ୍ଜୟ ଓ ତାଙ୍କ ଟିମ୍ 'ଫନୀ' ବାତ୍ୟା ସମ୍ପର୍କରେ ଠିକ୍ ଆକଳନ କରି ପ୍ରଶଂସାର ପାତ୍ର ହୋଇଥିଲେ। ବାତ୍ୟା ଆସିବାର ସମୟ ଆକଳନ, ପୂର୍ବାଭାସ, ପବନର ଗତି ଓ ଜନଜୀବନ ଉପରେ ଏହାର ପ୍ରଭାବ, କ୍ଷୟକ୍ଷତି, ସମ୍ପର୍କରେ ସେ ଓ ତାଙ୍କ ଟିମ୍ ଠିକ୍ ସୂଚନା ପ୍ରଦାନ କରିଥିଲେ। ଗତ ୬ ବର୍ଷ ହେବ ମୃତ୍ୟୁଞ୍ଜୟ ଆଇଏମ୍‌ଡିର ବାତ୍ୟା ଚେତାବନୀ ବିଭାଗର ନେତୃତ୍ୱ



ନେଇଥିଲେ। ୨୦୧୩ରେ 'ଫାଇଲିନ୍', ୨୦୧୪ରେ 'ହୁଦ୍‌ହୁଦ୍', ୨୦୧୮ରେ 'ତିତ୍‌ଲି' ପୂର୍ବ ଉପକୂଳରେ ତାଣ୍ଡବ ରଚନା କରିଥିବାବେଳେ ଆଇଏମ୍‌ଡିର ବାତ୍ୟା ଚେତାବନୀ ବିଭାଗ ଦ୍ୱାରା ଠିକ୍ ତଥ୍ୟ ଠିକ୍ ସମୟରେ ପ୍ରଦାନ କରାଯାଇଥିଲା। ଆଇଏମ୍‌ଡି ଡିଜିଭାବେ ଯୋଗଦେବା ପୂର୍ବରୁ ମୃତ୍ୟୁଞ୍ଜୟ ୧୯୮୮ରେ ପ୍ରଥମ ଅଗ୍ନି କ୍ଷେପଣାସ୍ତ୍ର ପରୀକ୍ଷାବେଳେ ଚାନ୍ଦିପୁରର ଡିଆର୍‌ଡିଓ ଲାବରେଟୋରୀରେ କାର୍ଯ୍ୟ କରିଥିଲେ।

## ■ ରଥଯାତ୍ରା ସିଧା ପ୍ରସାରଣ ପ୍ରସଙ୍ଗ

# ସମସ୍ତ ଚ୍ୟାନେଲକୁ ମିଳିବ ସୁଯୋଗ

ପୁରୀ ଅଫିସ, ୧୧।୬

- ନିଲାମ ନିଷ୍ପତ୍ତିରୁ ଓହରିଲା ଶ୍ରୀମନ୍ଦିର ପ୍ରଶାସନ
- ଚ୍ୟାନେଲ ମୁଖ୍ୟଙ୍କ ସହ ବୈଠକ ଖୁବ୍‌ଶୀଘ୍ର
- ଘୋଷକଙ୍କ ଉପରେ ଲାଗିଲା କଟକଣା

ରଥଯାତ୍ରା ସିଧା ପ୍ରସାରଣକୁ ନେଇ ୟୁ ଟର୍ନ ମାରିଛି ଶ୍ରୀମନ୍ଦିର ପ୍ରଶାସନ। ଆଗକୁ ସ୍ନାନଯାତ୍ରା ଓ ରଥଯାତ୍ରା ଆସୁଥିବାରୁ ବିବାଦକୁ ଆଗକୁ ବଢାଇବାକୁ ଚାହିଁନାହିଁ। ସିଧା ପ୍ରସାରଣ ପାଇଁ ମନ୍ଦିର ପ୍ରଶାସନ ଯେଉଁ ନିଲାମ ଆହ୍ୱାନ କରିଥିଲା ସେଥିରୁ ଓହରିଯାଇଛି। ଗୋଟିଏ ନୁହେଁ ବରଂ ସମସ୍ତ ଟିଭି ଚ୍ୟାନେଲକୁ ମିଳିବ ରଥଯାତ୍ରା ସିଧା ପ୍ରସାରଣ ଅଧିକାର। ସ୍ନାନଯାତ୍ରାଠୁ ଆରମ୍ଭ କରି ରଥଯାତ୍ରା, ବାହୁଡ଼ା, ସୁନାବେଶ, ଅଧରପଣା ଓ ନୀଳାଦ୍ରିବିଜେ ପର୍ଯ୍ୟନ୍ତ ସବୁ ଚ୍ୟାନେଲ ସିଧା ପ୍ରସାରଣ କରିପାରିବେ। କୌଣସି ଚ୍ୟାନେଲକୁ ରଥଯାତ୍ରାର ସିଧା ପ୍ରସାରଣରୁ ବାଦ୍ ଦିଆଯିବ ନାହିଁ। ତେବେ ଏଥିପାଇଁ ଚ୍ୟାନେଲଗୁଡ଼ିକୁ ଶ୍ରୀମନ୍ଦିର ପାଣ୍ଠିକୁ କିଛି ଅନୁଦାନ ଦେବାକୁ ପଡ଼ିବ ବୋଲି କହିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ର । ଫଳରେ ଏହି ପ୍ରସଙ୍ଗକୁ ନେଇ ଆଗକୁ ଯେଉଁ ବଡ଼ଧରଣର ବିବାଦ ଉପୁଜିବା ଆଶଙ୍କା କରାଯାଉଥିଲା ତାହା ଏକ ପ୍ରକାର ଟଳିଯାଇଥିବା କୁହାଯାଉଛି।

ପୂର୍ବରୁ ସିଧା ପ୍ରସାରଣ ଅଧିକାର ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନିଲାମ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏଥିପାଇଁ ଟେଣ୍ଡର ପେପର ଆହ୍ୱାନ କରାଯାଇ ଥିବାବେଳେ ଏଥିରେ ୭ଟି ଚ୍ୟାନେଲ ଭାଗ ନେଇଥିଲେ। ହେଲେ ଏହାକୁ ବିରୋଧ କରି ସୋମବାର ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାୟର ହୋଇଛି। ନିଲାମ ପ୍ରକ୍ରିୟା ଶ୍ରୀମନ୍ଦିର ଆଇନର ଉଲ୍ଲଂଘନ କରୁଥିବାରୁ ବିଜ୍ଞପ୍ତିକୁ ରଦ୍ଦ କରିବା ଲାଗି ପୁରୀର ଆଇନଜୀବୀ ପ୍ରସନ୍ନ କୁମାର ଦାଶ ଏହି ମାମଲା ଦାଏର କରିଛନ୍ତି। ସେହିପରି ଶ୍ରୀଜଗନ୍ନାଥ ସେନା ମଧ୍ୟ ବିରୋଧ କରିଥିଲା। ସିଧା ପ୍ରସାରଣକୁ ନେଇ ବିବାଦ ଉଠିବାରୁ ମଙ୍ଗଳବାର ପରିଚାଳନା କମିଟି ବୈଠକରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ଏଥିପାଇଁ ଟେଣ୍ଡର କରାଗଲେ ଏହାକୁ ନେଇ ଅଶାନ୍ତିକର ବାତାବରଣ ସୃଷ୍ଟି ହେବ ବୋଲି ମତ ପ୍ରକାଶ ପାଇଥିଲା। ତେଣୁ ଶେଷରେ ଶ୍ରୀମନ୍ଦିର ପ୍ରଶାସନ ନିଷ୍ପତ୍ତି ବଦଳାଇଥିଲା।

ବୈଠକ ଶେଷରେ ମୁଖ୍ୟ ପ୍ରଶାସକ ମହାପାତ୍ର କହିଥିଲେ, ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାର, ପ୍ରସାର ଆମ ସମସ୍ତଙ୍କ ଦାୟିତ୍ୱ। କୌଣସି ଚ୍ୟାନେଲକୁ ରଥଯାତ୍ରା ସିଧା ପ୍ରସାରଣରୁ ବାଦ୍ ଦେବା ନିଲାମର ଉଦ୍ଦେଶ୍ୟ ନୁହେଁ। ଶ୍ରୀମନ୍ଦିର ଏହାଦ୍ୱାରା କିଛି ରାଜସ୍ୱ ପାଉ ଏହା ହେଉଛି ମୁଖ୍ୟ ଉଦ୍ଦେଶ୍ୟ। ଖୁବ୍‌ଶୀଘ୍ର ସବୁ ଚ୍ୟାନେଲ କର୍ତ୍ତୃପକ୍ଷଙ୍କ ସହ ବୈଠକ କରାଯିବ। ମହାପ୍ରଭୁଙ୍କ ପ୍ରଚାର ପ୍ରସାର ଭଳି ଭଲ କାମରେ କିଏ କେତେ ଟଙ୍କା ଦେଇପାରିବେ ତାହା ନିଷ୍ପତ୍ତି ନିଆଯିବ। କୌଣସି ଚ୍ୟାନେଲକୁ ରଥଯାତ୍ରା ପ୍ରସାରଣରୁ ବାଦ୍ ଦିଆଯିବ ନାହିଁ। ସମସ୍ତେ ପ୍ରସାରଣ ଅଧିକାର ପାଇବେ। ନିଲାମ ପ୍ରକ୍ରିୟାରେ ଯେଉଁ ସର୍ବୋଚ୍ଚ ମୂଲ୍ୟ ଆସିଛି ତାକୁ ନଜରରେ ରଖି ଶ୍ରୀମନ୍ଦିର ପାଣ୍ଠିକୁ କିଏ କେତେ ଅର୍ଥ ଦେବେ ତାହା ମୁଖ୍ୟ ପ୍ରଶାସକ ନିଷ୍ପତ୍ତି ନେବେ। ତେବେ ଯେ କୌଣସି ଚ୍ୟାନେଲ ବ୍ୟବସାୟିକ ବିଜ୍ଞାପନ ବିନା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରଚାର, ପ୍ରସାର କରିବ ଶ୍ରୀମନ୍ଦିର ପ୍ରଶାସନ ସମ୍ପୃକ୍ତ ଚ୍ୟାନେଲଠାରୁ କୌଣସି ଅର୍ଥ ନେବ ନାହିଁ ବୋଲି ମୁଖ୍ୟ ପ୍ରଶାସକ ସୂଚନା ଦେଇଛନ୍ତି।

ଅନ୍ୟପକ୍ଷରେ ଏଥର ଘୋଷକମାନଙ୍କ ଉପରେ କଟକଣା ଲଗାଇଛି ମନ୍ଦିର ପ୍ରଶାସନ। ଏ ସମ୍ପର୍କରେ ମୁଖ୍ୟ ପ୍ରଶାସକ କହିଛନ୍ତି, ରଥଯାତ୍ରା ସମୟରେ ବିଭିନ୍ନ ଚ୍ୟାନେଲ ଘୋଷକଙ୍କୁ ଡାକିଥାନ୍ତି। କିନ୍ତୁ ଅଧିକାଂଶ ଘୋଷକଙ୍କ ରଥଯାତ୍ରା ଏବଂ ଜଗନ୍ନାଥ ସଂସ୍କୃତି, ପରମ୍ପରା ସମ୍ପର୍କରେ ଜ୍ଞାନ କମ୍ ରହୁଥିବା ଦେଖିବାକୁ ମିଳୁଛି। ସେମାନେ ବିଭିନ୍ନ ପ୍ରସଙ୍ଗ କହିବା ବେଳେ ଭୁଲ୍ ସୂଚନା ଦେଉଛନ୍ତି। ଏମିତି କି ଅନେକ ମନଗଢା କାହାଣୀ ବି କହୁଛନ୍ତି। ଏ ନେଇ ପୂର୍ବରୁ ଅନେକ ଥର ପରିଚାଳନା କମିଟି ବୈଠକରେ ଆଲୋଚନା କରାଯାଇଛି। କିନ୍ତୁ ଚଳିତବର୍ଷ ଏଥିପାଇଁ ଏକ ଗାଇଡ୍‌ଲାଇନ ପ୍ରସ୍ତୁତ କରାଯାଉଛି। ଜଗନ୍ନାଥ ସଂସ୍କୃତି ଏବଂ ପରମ୍ପରା ଉପରେ ଯେଉଁମାନଙ୍କର ଯଥେଷ୍ଟ ଜ୍ଞାନ ଥିବ ସେହିମାନଙ୍କୁ ଆଣିବା ଲାଗି ଚ୍ୟାନେଲ କର୍ତ୍ତୃପକ୍ଷଙ୍କୁ କୁହାଯିବ। ଏଥିସହ ସମ୍ପୃକ୍ତ ଘୋଷକମାନଙ୍କର ତାଲିକା ପ୍ରଦାନ ଲାଗି ଚ୍ୟାନେଲଗୁଡ଼ିକୁ ଚିଠି କରାଯିବ ବୋଲି ମୁଖ୍ୟ ପ୍ରଶାସକ ପ୍ରକାଶ କରିଛନ୍ତି।

# ୩ ବଖରା ଜଳିଗଲା

ବାହାନଗା, ୧୧।୬(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖନ୍ତାପଡା ଥାନା ରେମୁଣା ବ୍ଲକ ଶ୍ରଜଙ୍ଗ ପଞ୍ଚାୟତର ଇଙ୍କଡ ଗ୍ରାମରେ ଅଗ୍ନିକାଣ୍ଡ ଘଟି ରାମଚନ୍ଦ୍ର ସାହୁଙ୍କ ୩ ବଖରା ଘର ପୋଡିଯାଇଛି। ତାଙ୍କର ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଯାଇଛି। ଗ୍ରାମବାସୀ ନିଆଁ ଲିଭାଇବାକୁ ଉଦ୍ୟମ କରି ବିଫଳ ହୋଇଥିଲେ। ପରେ ନୀଳଗିରିରୁ ଦମକଳ ବାହିନୀ ଆସି ନିଆଁକୁ ଆୟତ୍ତ କରିଥିଲା। ମାତ୍ର ସେତେବେଳକୁ ଘରର ସମସ୍ତ ଆସବାବପତ୍ର, ଚାଉଳ ଆଦି ଲକ୍ଷାଧିକ ଟଙ୍କାର ସାମଗ୍ରୀ ପୋଡ଼ି ଧ୍ୱଂସ ହୋଇଯାଇଛି।

ବ୍ରତୋପନୟନ ଶୁଭେଚ୍ଛା



ଶୁଭମ୍
ଶୁଭମର ବ୍ରତୋପନୟନ ଦିବସରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ତୋର ଚଲାପଥ କୁସୁମିତ ଓ ଦୀର୍ଘାୟୁ ହେଉ।
ଶୁଭେଚ୍ଛାସହ:
କେକେ ଘନଶ୍ୟାମ ଦାଶ ଓ ପରିବାରବର୍ଗ– ଟିଣାଶାସନ, ବିଂଝାରପୁର, ଯାଜପୁର
ଧ–୧୨୯୩୩

**ରେଲ୍‌ୱେ କ୍ଲେମ୍‌ସ ଟ୍ରିବ୍ୟୁନାଲ୍ / ଭୁବନେଶ୍ୱର ବେଞ୍ଚ୍ ନିମନ୍ତେ ରେଳବାଇ ଆଡ୍‌ଭୋକେଟ୍ ମାନଙ୍କର ତାଲିକାଭୁକ୍ତିକରଣ**

ରେଳବାଇ ପ୍ରଶାସନ ତରଫରୁ ରେଲ୍‌ୱେ କ୍ଲେମ୍‌ସ ଟ୍ରିବ୍ୟୁନାଲ୍, ଭୁବନେଶ୍ୱର ବେଞ୍ଚ୍‌ର ନିକଟରେ କ୍ଲେମ୍‌ସ ମାମଲାଗୁଡ଼ିକର ପରିଚାଳନା ପାଇଁ ରେଳବାଇ ଆଡ୍‌ଭୋକେଟ୍ ମାନଙ୍କର ଏକ ପ୍ୟାନେଲ୍ ଗଠନ କରିବା ନିମନ୍ତେ ପ୍ରସ୍ତାବ ଦିଆଯାଇଛି । ସେହି ଅନୁଯାୟୀ ରେଲ୍‌ୱେ କ୍ଲେମ୍‌ସ ଟ୍ରିବ୍ୟୁନାଲ୍, ଭୁବନେଶ୍ୱର ବେଞ୍ଚ୍ ନିମନ୍ତେ ରେଳବାଇ ଆଡ୍‌ଭୋକେଟ୍ ରୂପେ ତାଲିକାଭୁକ୍ତ ହେବା ନିମନ୍ତେ ସର୍ବନିମ୍ନ 10 ବର୍ଷର ବାର୍ (BAR) ଅଭିଜ୍ଞତା ଥିବା ପେଶାଦାର ଆଡ୍‌ଭୋକେଟ୍ ମାନଙ୍କଠାରୁ ଆବେଦନପତ୍ର ଆମନ୍ତ୍ରଣ କରାଯାଉଛି । ଆଡଭୋକେଟ୍ ରୂପେ ନାମାଙ୍କିତ ହୋଇଥିବା ଅବସରପ୍ରାପ୍ତ ରେଳବାଇ ଅଧିକାରୀମାନଙ୍କ କ୍ଷେତ୍ରରେ 10 ବର୍ଷ ପେଶାଗତ ଅଭିଜ୍ଞତା ପ୍ରଯୁଜ୍ୟ ହେବ ନାହିଁ, ଯେଉଁମାନେ ରେଳବାଇ ସମ୍ବନ୍ଧୀୟ ବାଣିଜ୍ୟିକ ଓ କ୍ଲେମ୍‌ସ ମାମଲା ବିଷୟରେ ଜ୍ଞାନ ଓ ଅଭିଜ୍ଞତା ହାସଲ କରିଥିବେ ।

ରେଲ୍‌ୱେ କ୍ଲେମ୍‌ସ ଟ୍ରିବ୍ୟୁନାଲ୍, ଭୁବନେଶ୍ୱର ବେଞ୍ଚ୍ ନିକଟରେ ରେଳ ପ୍ରଶାସନର ପକ୍ଷ ରଖିବା ନିମନ୍ତେ ତାଲିକାଭୁକ୍ତ ହୋଇଥିବା ଆଡଭୋକେଟ ମାନଙ୍କୁ ସମୟ ସମୟରେ ସଂଶୋଧିତ / ପରିବର୍ତ୍ତିତ ଏବଂ ରେଳ ପ୍ରଶାସନ ଦ୍ୱାରା ନିର୍ଦ୍ଧାରିତ ଶୁଳ୍କର ଅନୁସୂଚୀ ତଥା ପ୍ରଚଳିତ ନିୟମ ଏବଂ ସର୍ତ୍ତଗୁଡ଼ିକ ଆଧାରରେ ଏକ ରାଜିନାମା ସ୍ୱାକ୍ଷର କରିବାକୁ ହେବ । ରେଲ୍‌ୱେ କ୍ଲେମ୍‌ସ ଟ୍ରିବ୍ୟୁନାଲ/ଭୁବନେଶ୍ୱର ବେଞ୍ଚ୍ ନିମନ୍ତେ ରେଲ୍‌ୱେ ଆଡ୍‌ଭୋକେଟ୍ ମାନଙ୍କର ତାଲିକାଭୁକ୍ତିକରଣ କରାଯିବା ବିଷୟ ମହାପ୍ରବନ୍ଧକ, ପୂର୍ବ ତଟ ରେଳପଥଙ୍କ ଅନ୍ତିମ ନିଷ୍ପତ୍ତି ଏବଂ ପରବର୍ତ୍ତୀ ସମୟରେ ଏହି ସମ୍ବନ୍ଧୀୟ ପତ୍ରବିନିମୟକୁ ବିଚାରକୁ ନିଆଯିବନାହିଁ । ଆଡ୍‌ଭୋକେଟ୍ ମାନଙ୍କର ତାଲିକାଭୁକ୍ତିକରଣର ଅବଧି 03 (ତିନି) ବର୍ଷ କିମ୍ବା ପରବର୍ତ୍ତୀ ଆଦେଶ ଜାରି ହେବା ପର୍ଯ୍ୟନ୍ତ, ଯେଉଁଟି ଆଗୁଆ ସେହି ପର୍ଯ୍ୟନ୍ତ ବଳବତ୍ତର ରହିବ ।

**ବାୟୋଡ଼ାଟା ସହିତ ନିମ୍ନଲିଖିତ ବିବରଣୀଗୁଡ଼ିକ ଉଲ୍ଲେଖକରି ଦରଖାସ୍ତ ଗୁଡ଼ିକ ଦାଖଲ କରିବାକୁ ହେବ :**
(i) ନାମ ଏବଂ ପିତାଙ୍କ ନାମ, (ii) ଟେଲିଫୋନ୍ ନମ୍ବର ଏବଂ ଇ-ମେଲ୍ ସହିତ ବର୍ତ୍ତମାନ ଓ ସ୍ଥାୟୀ ଠିକଣା, (iii) ଜନ୍ମତାରିଖ, (iv) ନାମାଙ୍କନ ସଂ. ଏବଂ ତାରିଖ, (v) ପ୍ରାକ୍ଟିସ୍ କରୁଥିବା ସ୍ଥାନ (ସତ୍ୟତା ପ୍ରତିପାଦନ ନିମନ୍ତେ ଜିଲ୍ଲା ଜଜ୍ / ରେଜିଷ୍ଟ୍ରାର୍‌ଙ୍କ ଦ୍ୱାରା ଜାରି ହୋଇଥିବା ଅଭିଜ୍ଞତା ପ୍ରମାଣପତ୍ର), (vi) ଶିକ୍ଷାଗତ ଏବଂ ପେଶାଗତ ଯୋଗ୍ୟତା, (vii) ଅଭିଜ୍ଞତା (viii) ଆୟକର ପ୍ୟାନ୍ ନମ୍ବର, (ix) ଚ୍ୟାମ୍ବର ଓ ଲାଇବ୍ରେରୀର ବିସ୍ତୃତ ବିବରଣୀ, (x) କନିଷ୍ଠ କିରାଣୀ ଏବଂ ଅନ୍ୟ କର୍ମଚାରୀ, (xi) ଅନ୍ୟ କୌଣସି ସରକାରୀ, ରାଷ୍ଟ୍ରାୟତ୍ତ ସଂସ୍ଥା କିମ୍ବା ଅନ୍ୟାନ୍ୟ ସରକାରୀ ସଂସ୍ଥାର ଉପକ୍ରମ / ସଂଗଠନରେ ତାଲିକାଭୁକ୍ତ ହୋଇଥିବାର ବିସ୍ତୃତ ବିବରଣୀ । (xii) ଅନ୍ୟାନ୍ୟ ତଥ୍ୟ, ଯଦି ଥାଏ ।

ବି.ଦ୍ର.: ବିଜ୍ଞାପନ ପ୍ରକାଶିତ ହେବା ତାରିଖ ସୁଦ୍ଧା 10 ବର୍ଷରୁ କମ୍ ଅଭିଜ୍ଞତା / ପ୍ରାକ୍ଟିସ୍ ଥିବା ଆଡ୍‌ଭୋକେଟ୍‌ମାନେ ଆବେଦନ କରିବାର ଆବଶ୍ୟକତା ନାହିଁ ।

ଦରଖାସ୍ତଗୁଡ଼ିକ ନିଜସ୍ୱ ଠିକଣା ଉଲ୍ଲେଖ ଥିବା ଲଫାପା ଓ ଯୋଗ୍ୟତାର ପ୍ରମାଣପତ୍ର ସହିତ ଉପ ମହାପ୍ରବନ୍ଧକ (ଆଇନ୍), ପୂର୍ବ ତଟ ରେଳପଥ, ମହାପ୍ରବନ୍ଧକ (ଆଇନ୍)ଙ୍କ କାର୍ଯ୍ୟାଳୟ, ରେଳ ସଦନ, ସାଉଥ୍ ବ୍ଲକ୍, ପ୍ରଥମ ମହଲା, ସାମନ୍ତବିହାର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-751017ଙ୍କ ଠିକଣାରେ ତା.05.07.2019ରିଖ ସୁଦ୍ଧା ପହଞ୍ଚିବା ଆବଶ୍ୟକ । ଏହି ତାରିଖ ପରେ ପ୍ରାପ୍ତ କରାଯାଇଥିବା ଦରଖାସ୍ତକୁ ବିଚାରକୁ ନିଆଯିବ ନାହିଁ ।

PR-147/K/19-20
ଉପ ମହାପ୍ରବନ୍ଧକ (ଆଇନ୍)/ଭୁବନେଶ୍ୱର
ପୂର୍ବ ତଟ ରେଳପଥ

# ଶ୍ରମିକଙ୍କ ଅଂଶୁଘାତ ମୃତ୍ୟୁ ଅଭିଯୋଗ

ନିରାକାରପୁର,୧୧।୬(ଡି.ଏନ୍.ଏ.)

ଟ୍ରାକ୍ଟରରୁ ବାଲି ଅନ୍‌ଲୋଡ୍ କରୁଥିବା ସମୟରେ ମଙ୍ଗଳବାର ପୂର୍ବାହ୍ନ ୧୦.୩୦ରେ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଖୋର୍ଦ୍ଧା ଜିଲା ନିରାକାରପୁର ଥାନା ଅନ୍ତର୍ଗତ ନନପଡା ଗ୍ରାମର ଅଭିମନ୍ୟୁ ପ୍ରଧାନ(୪୯) । ସେ ସ୍ଥାନୀୟ ଆର୍‌ଡି କାର୍ଯ୍ୟାଳୟ ନିକଟରେ ରହୁଥିଲେ । କାମ କରୁଥିବା ସମୟରେ ତାଙ୍କର ମୁଣ୍ଡ ବୁଲେଇ ଦେବାରୁ ସେ ତଳେ ବସି ଚେତା ହରାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ପ୍ରଥମେ ନିରାକାରପୁର ସ୍ୱାସ୍ଥ୍ୟକେନ୍ଦ୍ର ଓ ଗୁରୁତର ହେବାରୁ ଖୋର୍ଦ୍ଧା ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ତେବେ ପରିବାର ପକ୍ଷରୁ ଏହାକୁ ଅଂଶୁଘାତଜନିତ ମୃତ୍ୟୁ ବୋଲି ଅଭିଯୋଗ କରାଯାଇଛି। ଅଭିମନ୍ୟୁଙ୍କ ସ୍ତ୍ରୀ ଲେଖନ ନିରାକାରପୁର ପୋଲିସ ଓ ରାଜସ୍ୱ ନିରୀକ୍ଷକଙ୍କୁ ଲିଖିତ ଅଭିଯୋଗ କରି କହିଛନ୍ତି ଯେ ତାଙ୍କ ସ୍ୱାମୀ କାମ କରୁଥିବାବେଳେ ତଳେ ପଡ଼ି ବେହୋସ ହୋଇପଡ଼ିଥିଲେ। ପ୍ରଥମେ ନିରାକାରପୁର ଓ ପରେ ଖୋର୍ଦ୍ଧା ମେଡ଼ିକାଲରେ ଚିକିତ୍ସିତ ହେଉଥିବାବେଳେ ତାଙ୍କର ମୃତ୍ୟୁ ଘଟିଛି। ସନ୍ଧ୍ୟାରେ ଅଭିମନ୍ୟୁଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଥିଲା। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସତ୍କାର କରାଯାଇଛି। ଏ ନେଇ ପୋଲିସ ଏଏସ୍‌ଆଇ ଶରତ ଚନ୍ଦ୍ର ପାଇକରାୟ କହିଛନ୍ତି, ଅଭିଯୋଗ କ୍ରମେ କେସ୍ ନଂ ୭/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇ ତଦନ୍ତ ଜାରି ରହିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ।

# ରାଷ୍ଟ୍ରପତିଙ୍କୁ ଭେଟିଲେ ନବୀନ



ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ସହ ନବୀନ ପଟ୍ଟନାୟକ ଆଲୋଚନା କରୁଛନ୍ତି।

## ସୌଜନ୍ୟମୂଳକ ସାକ୍ଷାତ

ଭୁବନେଶ୍ୱର,୧୧।୬(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ନୂଆଦିଲ୍ଲୀରେ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କୁ ଭେଟିଛନ୍ତି। ଲଗାତର ପଞ୍ଚମଥର ପାଇଁ ରାଜ୍ୟର ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ନେବା ପରେ ରାଷ୍ଟ୍ରପତି କୋବିନ୍ଦଙ୍କ ସହ ନବୀନଙ୍କ ଏହା ପ୍ରଥମ ସାକ୍ଷାତ। ଦୁହିଁଙ୍କ ମଧ୍ୟରେ ହୋଇଥିବା ଏହି ସୌଜନ୍ୟମୂଳକ ସାକ୍ଷାତ ସମୟରେ ସାମୁଦ୍ରିକ ଝଡ଼ ଫନୀ ପରିବର୍ତ୍ତୀ ପୁନରୁଦ୍ଧାର କାର୍ଯ୍ୟ ନେଇ ଆଲୋଚନା ହୋଇଥିବା ଜଣାପଡିଛି। ରାଜ୍ୟରେ ହୋଇଥିବା କ୍ଷତି ସମ୍ପର୍କରେ ରାଷ୍ଟ୍ରପତି କୋବିନ୍ଦ ମୁଖ୍ୟମନ୍ତ୍ରୀଙ୍କଠାରୁ ପଚାରି ବୁଝିଥିଲେ। ଫନୀ ଭଳି ପ୍ରାକୃତିକ ବିପର୍ଯ୍ୟୟକୁ ଦୃଢତାର ସହ ସମ୍ମୁଖୀନ ହୋଇଥିବା ଓଡ଼ିଆ ଜନଗଣଙ୍କ ସହ ସବୁ ସମୟରେ ସେ ଅଛନ୍ତି ବୋଲି ରାଷ୍ଟ୍ରପତି କୋବିନ୍ଦ କହିଛନ୍ତି।

## ଗରମରେ ସିଝୁଛି ଓଡ଼ିଶା

# ୧୫ ଯାଏ ନିସ୍ତାର ନାହିଁ

**ଭୁବନେଶ୍ୱର,୧୧।୬(ବ୍ୟୁରୋ):** ସମଗ୍ର ରାଜ୍ୟ ଗରମ ଓ ଗୁଳୁଗୁଳିରେ ସିଝୁଛି। ସତେ ଯେପରି ଆକାଶରୁ ଅଗ୍ନି ବର୍ଷୁଛି। ପ୍ରଚଣ୍ଡ ଗ୍ରୀଷ୍ମ ପରିବେଶକୁ ଉତ୍ତପ୍ତ କରି ଦେଇଛି। ମଣିଷଠାରୁ ଆରମ୍ଭ କରି ପଶୁପକ୍ଷୀ ତ୍ରାହି ତ୍ରାହି ଡାକୁଛନ୍ତି। ଖରା ତାତି ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଉଥିବା ବେଳେ ସକାଳ ୯ଟା ପରେ ଘରୁ ବାହାରିବା ମୁସ୍କିଲ ହୋଇପଡ଼ିଛି। ହାତ, ମୁହଁ ଜଳି ପୋଡ଼ି ଯାଉଛି। ପଶ୍ଚିମ, ଆଭ୍ୟନ୍ତରୀଣ ଏବଂ ଉପକୂଳ ପ୍ରଚଣ୍ଡ ଗ୍ରୀଷ୍ମରୁ ବର୍ତ୍ତିପାରି ନାହିଁ। ପଶ୍ଚିମ ଓ ଆଭ୍ୟନ୍ତରୀଣ ଓଡ଼ିଶାରେ ପାରଦ ଉପର ମୁହାଁ ହୋଇଥିବା ବେଳେ ଉପକୂଳବର୍ତ୍ତୀ ଜିଲାଗୁଡ଼ିକ ଗୁଳୁଗୁଳିରେ ଅଣନିଃଶ୍ୱାସୀ ହୋଇପଡ଼ିଛି। ଦକ୍ଷିଣ ପଶ୍ଚିମ ମୌସୁମୀ କେରଳ ଛୁଇଁଥିଲେ ମଧ ଓଡ଼ିଶାକୁ କେବେ ଆସିବ, ସେ ନେଇ ଏ ପର୍ଯ୍ୟନ୍ତ ଚିତ୍ର ସ୍ପଷ୍ଟ ହୋଇନାହିଁ। ଆସନ୍ତା ୧୫ ତାରିଖ ଯାଏ ଏଭଳି ପ୍ରଚଣ୍ଡ ଗରମରୁ ନିସ୍ତାର ମିଳିବ ନାହିଁ ବୋଲି ପାଣିପାଗ ବିଭାଗ ସତର୍କ କରିଛି। ଅନ୍ୟପକ୍ଷରେ ରାଜ୍ୟରେ ପ୍ରାକ୍ ମୌସୁମୀ ବର୍ଷା ଏ ପର୍ଯ୍ୟନ୍ତ ହୋଇ ନ ଥିବାରୁ ପରିବେଶ ଉତ୍ତପ୍ତ ହୋଇ ରହିଛି। କାଁ ଭାଁ କାଳବୈଶାଖୀ ବର୍ଷା ହେଉଥିଲେ ମଧ ତାତି ରୋକିବାରେ ସହାୟକ ହେଉ ନାହିଁ।

ମଙ୍ଗଳବାର ରାଜ୍ୟର ୧୩ ସହରରେ ପାରଦ ୪୦ଡିଗ୍ରୀ ଉପରେ ରହିଥିବା ବେଳେ ୪ ସହରରେ ତାପମାତ୍ରା ୪୪ଡିଗ୍ରୀ ସେଲ୍‌ସିୟସ ଉପରକୁ ଉଠିଯାଇଛି। ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ମିଳିଥିବା ସୂଚନାନୁଯାୟୀ, ସମ୍ବଲପୁରରେ ରାଜ୍ୟରେ ସର୍ବାଧିକ ତାପମାତ୍ରା ୪୫ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ସେହିପରି ହୀରାକୁଦ ୪୪.୪, ଝାରସୁଗୁଡ଼ା ୪୪.୨, ସୋନପୁର ୪୪, ଟିଟିଲାଗଡ଼ ୪୩.୪, ତାଳଚେର ୪୨.୫, ବଲାଙ୍ଗୀର ୪୧.୮, ଅନୁଗୋଳ ୪୧.୭, ସୁନ୍ଦରଗଡ଼ ୪୧, ଭବାନୀପାଟଣା ୪୦.୬, ଭୁବନେଶ୍ୱର ୪୦.୩, ମାଲକାନଗିରି ୪୦.୨ ଏବଂ ଚାନ୍ଦବାଲିରେ ସର୍ବୋଚ୍ଚ ତାପମାତ୍ରା ୪୦ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଝାରସୁଗୁଡ଼ା, ସମ୍ବଲପୁର, ସୁନ୍ଦରଗଡ଼, ଦେବଗଡ଼, ଅନୁଗୋଳ, ବରଗଡ଼, ସୋନପୁର, ବଲାଙ୍ଗୀର, ନୂଆପଡ଼ା ଓ କଳାହାଣ୍ଡି ଜିଲାରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ହେବ ବୋଲି ପାଣିପାଗ ବିଭାଗ ସତର୍କ କରିଛି।

SIHM
JOINTLY DEVELOPED BY
GOVT. OF INDIA & GOVT. OF ODISHA
NCHMCT
STATE INSTITUTE OF HOTEL MANAGEMENT, BALANGIR
Titilagarh Road, Balangir - 767001 (Odisha)
Ph. No. 06652 - 230730/31, 9437030720, 9437140772, 6370180040
website - www.sihmbalangir.org, e-mail: principal@sihmbalangir.org
ADMISSIONS OPEN

| COURSES | DURATION | QUALIFICATION | AGE LIMIT |
|---|---|---|---|
| 1. B.Sc In Hospitality & Hotel Administration | 03 Years | 10+2 pass or equivalent with English as one of the subjects (Minimum 50% marks) | 25 Years as on 1st July 2019 for General/ OBC candidates & 28 Years for SC/ST candidates |
| 2. Diploma In Front Office Operation | $1\frac{1}{2}$ Year | 10+2 pass or equivalent | |
| 3. Diploma In Food & Beverage Service | $1\frac{1}{2}$ Year | 10+2 pass or equivalent | |
| 4. Diploma In Food Production | $1\frac{1}{2}$ Year | 10+2 pass or equivalent | |
| 5. Diploma In Housekeeping Operation | $1\frac{1}{2}$ Year | 10+2 pass or equivalent | |
| 6. Craftsmanship Certificate Course In Food & Beverage Service | 06 Months | 10th pass | |
| 7. Craftsmanship Certificate Course In Food Production | $1\frac{1}{2}$ Year | 10th pass | |

"ଯଦି ଭଗବାନଙ୍କର ଗୋଟିଏ ହାତ ମୋତେ ଉର୍ଦ୍ଧ୍ୱସ୍ଥ ସ୍ୱର୍ଗ ଆଡକୁ ଟାଣୁଥାଏ ଏବଂ ଅନ୍ୟ ହାତଟି ମୋତେ ନିମ୍ନସ୍ଥ ନରକ ଭିତରେ ଦାବି ରଖୁଥାଏ- ତେବେ ମୁଁ ନିଶ୍ଚୟ ଉର୍ଦ୍ଧ୍ୱଗାମୀ ହେବା ଲାଗି ପ୍ରୟାସ କରି ଚାଲିବି। -ଶ୍ରୀଅରବିନ୍ଦ

# ଅବିଶ୍ୱସନୀୟ ମନେହେଉଛି

ଭାରତର ସଂସଦୀୟ ଗଣତନ୍ତ୍ର ଶାସନ ପଦ୍ଧତି ଦେଖିଲେ ଆଇନ ପ୍ରଣେତାମାନେ ବିଭିନ୍ନ ପ୍ରକାର ନୀତି, ଯୋଜନା ଓ କାର୍ଯ୍ୟକ୍ରମ ପ୍ରଣୟନ କରିଥାଆନ୍ତି। ଯୋଜନାର ସ୍ୱରୂପ ଦେଖି ଅମଲାତନ୍ତ୍ରୀ ବା ବିଶେଷଜ୍ଞମାନେ ତାହାକୁ କାର୍ଯ୍ୟକାରୀ କରିଥାଆନ୍ତି। ଯେହେତୁ ଲୋକଙ୍କ ସହ ସରକାରୀ ଅଧିକାରୀମାନେ ସିଧାସଳଖ ଯୋଗାଯୋଗରେ ଆସିଥାଆନ୍ତି, ସେହେତୁ ସେମାନଙ୍କୁ ବାସ୍ତବ ସରକାର ଭାବେ ଧରି ନିଆଯାଇଥାଏ। ସାଧାରଣତଃ ଭାରତବର୍ଷରେ ପ୍ରାୟ ଅଧିକାରୀ କେନ୍ଦ୍ରର ମନ୍ତ୍ରଣାଳୟ ବା ରାଜ୍ୟଗୁଡ଼ିକର ବିଭାଗରେ ଥିବା ମନ୍ତ୍ରୀଙ୍କ ପାଖରେ ଉତ୍ତରଦାୟୀ ହେଉ ନ ଥିବାରୁ ସେମାନେ ମନଇଚ୍ଛା କାର୍ଯ୍ୟ କରୁଛନ୍ତି। ସରକାରଙ୍କ ଅବାଧ ସହାୟତାକୁ ନିଜ ହାତରେ ଠୁଳ କରି ରଖିଥିବା ସର୍ବଭାରତୀୟ ଅଧିକାରୀମାନେ ସ୍ଥଳବିଶେଷରେ ତା'ର ଅପବ୍ୟବହାର କରି ଆର୍ଥିକ ଓ ଅନ୍ୟାନ୍ୟ ପ୍ରକାରର ଫାଇଦା ଉଠାଇ ଚାଲିଛନ୍ତି। କଦବା କେତେବେଳେ ଦୁର୍ନୀତି ଅଭିଯୋଗରେ କେହି ଧରାପଡ଼ିଲେ ଚାକିରିରୁ ନିଲମ୍ବିତ କିମ୍ବା ସବୁଆଡୁ ବହୁତ ଖୋଳତାଡ଼ ହେଲେ ବହିଷ୍କାର ଯାଏ କଥା ଯାଇଥାଏ। ନ ହେଲେ ଅଧିକାଂଶ ଲୁଚିଲୁଚି ଅବସର ପର୍ଯ୍ୟନ୍ତ ଚାକିରିକୁ ନେଇଯାଇଥାଆନ୍ତି। ସେଥିପାଇଁ କୁହାଯାଇଥାଏ, ସରକାରୀ ଚାକିରି ହେଉଛି ସବୁଠାରୁ ନିରାପଦ। କାର୍ଯ୍ୟ ପ୍ରତି ଉତ୍ତରଦାୟିତ୍ୱର ଘୋର ଅଭାବ ଏହିଭଳି ଅନେକଙ୍କୁ ନିକମା ଅଧିକାରୀ ବା କର୍ମଚାରୀ କରାଇଥାଏ। ଡେରିରେ ହେଲେ ମଧ୍ୟ ଏବେ ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ୧୨ ବରିଷ୍ଠ ଆୟକର ଅଧିକାରୀଙ୍କୁ ବାଧ୍ୟତାମୂଳକ ଅବସର ଦିଆଯାଉଥିବା ଘଟଣା ନୂଆ ଉଦାହରଣ ସୃଷ୍ଟି କରିଛି। ଯେଉଁମାନଙ୍କ ବିରୋଧରେ ଏପରି କଠୋର ଆଭିମୁଖ୍ୟ ପୋଷଣ କରାଯାଇଛି, ସେମାନଙ୍କ ନାମରେ ଦୁର୍ନୀତି, ଆୟବହିର୍ଭୂତ ସମ୍ପତ୍ତି ଠୁଳ, ଅପାରଗ ଏବଂ ଯୌନ ନିର୍ଯାତନା ଅଭିଯୋଗ ଆସିଛି। ଏମାନଙ୍କ ମଧ୍ୟରେ ଚିଫ୍ କମିଶନର, ପ୍ରିନ୍ସିପାଲ କମିଶନର ଏବଂ କମିଶନ ର୍ୟାଙ୍କର ଅଧିକାରୀମାନେ ରହିବା ଅବଶ୍ୟ କାହାରିକୁ ଆଶ୍ଚର୍ଯ୍ୟ ଲାଗୁ ନ ଥାଇପାରେ। ଦୁର୍ନୀତିର ଇତିହାସ ଦେଖିଲେ ଅନେକ ସମୟରେ ପ୍ରଶାସନର ଶୀର୍ଷ ସ୍ଥାନରେ ଥିବା ଅଧିକାରୀ ଅମଲାତନ୍ତ୍ରରେ କଳଙ୍କ ଆଣିଥାଆନ୍ତି।

ଭାରତରେ ଯେଉଁ ସ୍ତରରେ ଦୁର୍ନୀତି ହୋଇଥିଲେ ମଧ୍ୟ ପ୍ରଥମେ ରାଜନେତାଙ୍କ ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରାଯାଇଥାଏ। ବାସ୍ତବରେ ଅଧିକାରୀ ଓ କର୍ମଚାରୀଙ୍କ ସକ୍ରିୟ ତଥା ସମ୍ପୂର୍ଣ୍ଣ ସମ୍ମତି ବିନା ଦୁର୍ନୀତି ଅସମ୍ଭବ। ଓଡ଼ିଶାରୁ ଆରମ୍ଭ କରି ପ୍ରତ୍ୟେକ ରାଜ୍ୟ, କେନ୍ଦ୍ରଶାସିତ ଅଞ୍ଚଳ ଏବଂ ସର୍ବୋପରି କେନ୍ଦ୍ରୀୟ ଯୋଜନା ବା ପ୍ରକଳ୍ପ କ୍ଷେତ୍ରରେ ପର୍ସେଣ୍ଟେଜ୍ ବା ପିସି ଭଳି ଶବ୍ଦ ସହ ସମସ୍ତେ ଅଭ୍ୟସ୍ତ ଥାଆନ୍ତି। ହାତଗୁଞ୍ଜା ନ ଦେଲେ କାମ ହେବ ନାହିଁ ଧାରଣା ରହିଛି। କର୍ମଚାରୀ ଓ ଅଧିକାରୀମାନଙ୍କ ବାଟ ଦେଇ ଲାଞ୍ଚ ସର୍ବୋଚ୍ଚ ସ୍ତରରେ ଥିବା ବ୍ୟକ୍ତିଙ୍କ ପାଖରେ ପହଞ୍ଚିଥାଏ। ଲାଞ୍ଚ ଉପରକୁ ଯିବା ବାଟରେ ସେହି କାମରେ ସମ୍ପୃକ୍ତ କର୍ମଚାରୀଙ୍କ ମଧ୍ୟରେ ଛାଣି ହୋଇଯାଇଥାଏ। ଲାଞ୍ଚ ଦେଇ ଅନୈତିକ ଉପାୟରେ କାମ କରି ନେବାକୁ ଚାହୁଁଥିବା ବ୍ୟକ୍ତିଙ୍କୁ ଯଦି ପ୍ରାରମ୍ଭିକ ଅବସ୍ଥାରେ ବାଧା ଦିଆଯାଇପାରନ୍ତା, ତାହା ହେଲେ ସାଧାରଣରେ ଏକ ସକାରାତ୍ମକ ବାର୍ତ୍ତା ଯାଆନ୍ତା ଯେ, ନିର୍ଦ୍ଦିଷ୍ଟ କାର୍ଯ୍ୟାଳୟର ଅଧିକାରୀମାନେ ସଚ୍ଚୋଟ ଅଛନ୍ତି। ହେଲେ ସେଭଳି ବ୍ୟକ୍ତିଙ୍କୁ ପାଇବା ଲାଗି ଦିନରେ ଟର୍ଚ୍ଚ ଧରି ଖୋଜିବାକୁ ପଡ଼ିବ।

ନିକଟରେ ବଲାଙ୍ଗୀର ଜିଲା ପାଟଣାଗଡ଼ରେ ସର୍ବନିମ୍ନ ସ୍ତରର ଦୁର୍ନୀତି ଦେଖିବାକୁ ମିଳିଥିଲା। ସେଠାରେ ନିକୃଷ୍ଟ ଧରଣର ରାସ୍ତାକାମ ହୋଇଥିବା ଦର୍ଶାଇ ଲୋକମାନେ ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କୁ ଘେରିଥିଲେ। ଏପରିକି ସ୍ଥାନୀୟ ବିଧାୟକ ସର୍ବସମ୍ମୁଖରେ ଯନ୍ତ୍ରୀଙ୍କୁ ୧୦୦ ଥର ଉଠ୍‌ବସ୍ ହେବା ପାଇଁ ନିର୍ଦ୍ଦେଶ ଦେଇ ଏବେ ଅଡୁଆରେ ପଡ଼ିଛନ୍ତି। ଏ ସଂକ୍ରାନ୍ତ ଭାଇରାଲ ହୋଇଥିବା ଭିଡିଓକୁ ଦେଖିଲେ ରାସ୍ତାକାମ ନିମ୍ନମାନର ହୋଇଥିବା ଦୃଶ୍ୟମାନ ହେଉଛି। ହେଲେ ବିଧାୟକଙ୍କ ଉପସ୍ଥିତିରେ କନିଷ୍ଠ ଯନ୍ତ୍ରୀଙ୍କ ଉଠ୍‌ବସ୍ ହୋଇଗଲା ଗଣମାଧ୍ୟମ ପାଇଁ ମୁଖ୍ୟ ବିଷୟ। ସେତେବେଳେ ରାଜନେତାଙ୍କୁ ଦୋଷ ଦିଆଯାଉଥିବା ବେଳେ ବାସ୍ତବ ଦୁର୍ନୀତିରେ ଜଡ଼ିତ ବ୍ୟକ୍ତି ଖସିଗଲେ। ଏଭଳି ଛୋଟ ସ୍ତରର ଦୁର୍ନୀତିଠାରୁ ଆରମ୍ଭ କରି ରାଫାଲ ଯାଏ ବଡ଼ ଦୁର୍ନୀତି ଭାରତୀୟ ସମାଜରେ ଏକ ଅଙ୍ଗ ହୋଇଯାଇଥିବାରୁ ଏଗୁଡ଼ିକର କୁପ୍ରଭାବ ଦେଖିବା ପାଇଁ କାହାରି ସମୟ ନାହିଁ। ଏହାଦ୍ୱାରା ଅପାରଗତା ଓ ଦୁର୍ନୀତି ଉଭୟେ ସାମାଜିକ ସ୍ୱୀକୃତି ଲାଭ କରିସାରିଲେଣି। ଏଭଳି ପରିସ୍ଥିତିରେ ୧୨ ଜଣ ଉଚ୍ଚପଦସ୍ଥ ଆୟକର ଅଧିକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ମଧ୍ୟ ସନ୍ଦେହ ଘେରରେ ରହିଯାଉଛି। କେଉଁ ଗୋଟିଏ ଶକ୍ତିଶାଳୀ ସ୍ୱାର୍ଥାନ୍ୱେଷୀ ଗୋଷ୍ଠୀର କ୍ଷତି ଘଟିଥିଲେ ଏଭଳି 'ଦୃଢ଼' କାର୍ଯ୍ୟାନୁଷ୍ଠାନ ଭାରତରେ ସମ୍ଭବପର। ଯଦି କେହି କୁହେ ଯେ, ଏହା ସରକାରଙ୍କ ଦୃଢ଼ ମନୋଭାବର ପରିଚୟ, ତେବେ ତାହା ବିଶ୍ୱାସଯୋଗ୍ୟ ହେବ ନାହିଁ। ଆଜିର ଭାରତରେ କୌଣସି ପଦକ୍ଷେପ ବିନା ସ୍ୱାର୍ଥରେ ନିଆଯାଇ ନାହିଁ। ସେଥିପାଇଁ ଆୟକର ଅଧିକାରୀଙ୍କ ବାଧ୍ୟତାମୂଳକ ଅବସରକୁ ସହଜରେ ଗ୍ରହଣ କରି ହେଉନାହିଁ। ଉଦାହରଣସ୍ୱରୂପ ଏହି ୧୨ ଜଣଙ୍କ ମଧ୍ୟରୁ କେତେ ଜଣଙ୍କ ବିରୋଧରେ ଯୌନ ନିର୍ଯାତନାର ଅଭିଯୋଗ ଆସିଛି। ଯଦି ଏହି ଅପରାଧ ପାଇଁ ଅଧିକାରୀଙ୍କୁ ବିଦା କରାଗଲା, ତେବେ ଭାରତର ସର୍ବୋଚ୍ଚ ନ୍ୟାୟାଳୟର ଶୀର୍ଷ ଅଧିକାରୀଙ୍କ ବିରୋଧରେ ଅଣାଯାଇଥିବା ଯୌନ ବ୍ୟଭିଚାର ଅଭିଯୋଗକୁ କେଉଁ ଭାବେ ରଫାଦଫା କରିଦିଆଗଲା ସେ ସମ୍ପର୍କରେ ପ୍ରଶ୍ନ ଉଠୁଛି। ନ୍ୟାୟ ସମ୍ମୁଖରେ ସମସ୍ତଙ୍କ ପାଇଁ ଗୋଟିଏ ମାପକାଠି। କିନ୍ତୁ ଭାରତରେ କେବଳ କଥାରେ କୁହାଯାଏ, 'ନ୍ୟାୟ ତା' ବାଟରେ ଯିବ'। ନ୍ୟାୟର ଯେହେତୁ ଆଖିରେ ପୁଟୁଳି ବନ୍ଧାଯାଇଛି, ସେଥିପାଇଁ ନିଜ ବାଟ ଖୋଜି ଯିବା ସମ୍ଭବପର ହୁଏ ନାହିଁ। ଏ ଦେଶରେ ମୁଷ୍ଟିମେୟ ଲୋକ ବ୍ୟବସ୍ଥାକୁ ହାତେଇ ନେବା ଫଳରେ ସବୁ ପଦକ୍ଷେପ-ଭଲ ହେଉ ବା ମନ୍ଦ-ଅବିଶ୍ୱସନୀୟ ମନେହେଉଛି।

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | A | 3 | | 2 | E | C | | | | | | 5 |
| | 0 | 3 | D | C | | | | 5 | B | | | | | 4 |
| A | 6 | | 7 | | 1 | | | | | C | 2 | | | |
| D | | | B | | | | | 8 | | | | A | 2 | 3 |
| E | 1 | | 8 | | | | 7 | 3 | | | 6 | | | |
| | | | | | | 7 | | 1 | | E | | | | 2 |
| 9 | 8 | A | | | | 6 | | D | | | 5 | | | 7 |
| 6 | D | 4 | | | C | | 2 | | | | A | | | 8 |
| | | 1 | | 4 | | | 0 | E | | 9 | | | | |
| 7 | | E | 2 | 8 | | | | | | | | | 4 | |
| 3 | | | | 9 | 0 | | | 6 | | | | | | |
| | | | | | | 5 | A | | | | 0 | | | 9 |
| | | 6 | E | A | | 3 | | | | | | | | C |
| | C | D | | 7 | | | 1 | | 4 | | | | | 0 |
| | 7 | | | 2 | | 0 | B | 4 | D | | | | | 6 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

[illegible]

ଗତକାଲିର ଉତ୍ତର

# କାହିଁ ସେଦିନର ଲୁହ

ଡ. ଛାୟାକାନ୍ତ ଷଡ଼ଙ୍ଗୀ

ଓଡ଼ିଶାରେ ଫନୀର ତାଣ୍ଡବ ପରେ ହଜାର ହଜାର ଲୋକ ବାସହରା ହୋଇଛନ୍ତି। ଖାଇବାକୁ ପାଉନାହାନ୍ତି। ଜୀବିକା ହରାଇଛନ୍ତି। ଅବଶ୍ୟ ସରକାର ଯଥାସାଧ୍ୟ ଆର୍ଥିକ ସହାୟତା ଘୋଷଣା କରିଛନ୍ତି। ଏନଡିଆର୍‌ଏଫ୍, ଓଡ୍ରାଫ୍, ଅଗ୍ନିଶମ ବିଭାଗ, ପୋଲିସ ବାହିନୀ ଇତ୍ୟାଦି ଜନଜୀବନର ପୂର୍ବସ୍ଥିତି ଫେରାଇ ଆଣିବା ପାଇଁ ଅକ୍ଲାନ୍ତ ଉଦ୍ୟମ କରିଛନ୍ତି। ତେଲେଙ୍ଗାନା, ଆନ୍ଧ୍ରପ୍ରଦେଶ, ପଶ୍ଚିମବଙ୍ଗ ଆଦି ରାଜ୍ୟରୁ ବହୁ କୁଶଳୀ କର୍ମଚାରୀ ଓଡ଼ିଶାକୁ ଆସି ଦିନରାତି ପରିଶ୍ରମ କରିଛନ୍ତି। ମାତ୍ର ସମସ୍ତଙ୍କ ମନରେ ଥିଲା ଗୋଟିଏ ପ୍ରଶ୍ନ। ଯେଉଁମାନେ ନିର୍ବାଚନ ପୂର୍ବରୁ ଭୋଟ ମାଗିବା ପାଇଁ ଘର ଘର ବୁଲୁଥିଲେ ଏହି ଦୁର୍ଦ୍ଦିନ ସମୟରେ ସେମାନେ କାହାନ୍ତି? ଯେଉଁମାନେ ଦୀନଦୁଃଖୀ ଓ ଦରିଦ୍ରମାନଙ୍କ ପାଇଁ କାନ୍ଦୁଛନ୍ତି ବୋଲି କହିଥିଲେ ଆଜି ସେମାନଙ୍କ ଲୁହ କାହିଁ? ଆଜି ମନେପଡନ୍ତି ସେମାନେ ଯେଉଁମାନେ ମଣିଷର ଦୁର୍ଦ୍ଦିନ ସମୟରେ ଅଶ୍ରୁପାତ କରିବାର ଅଭିନୟ କରୁ ନ ଥିଲେ, ବରଂ ମଣିଷର ଦୁର୍ଦ୍ଦଶା ଦେଖି ଯନ୍ତ୍ରଣାରେ ଛଟପଟ ହେଉଥିଲେ ଓ ସମସ୍ତଙ୍କ ଅନ୍ତରାଳରେ ଅଶ୍ରୁପାତ କରୁଥିଲେ।

ଗୋପବନ୍ଧୁଙ୍କ ଜୀବନର କଥା। ସେତେବେଳେ ଚାରିଆଡେ ବନ୍ୟା। ଅର୍ଦ୍ଧରାତ୍ର ସମୟ। ଭୀଷଣ ବର୍ଷା ହେଉଥାଏ। ପଣ୍ଡିତ ନୀଳକଣ୍ଠ, ପଣ୍ଡିତ ଗୋଦାବରୀଶ ହଠାତ୍ କାହାର ବିକଳ କ୍ରନ୍ଦନ ଶୁଣିଲେ। ଆଲୁଅ ଜାଳି ଦେଖିଲେ ଗୋପବନ୍ଧୁ ପିଲାଙ୍କ ଭଳି ଭୋ ଭୋ କାନ୍ଦୁଛନ୍ତି। ପଣ୍ଡିତ ଗୋଦାବରୀଶ ପଚାରିଲେ, ''କ'ଣ ହେଲା, କାନ୍ଦୁଛନ୍ତି କାହିଁକି?'' ଗୋପବନ୍ଧୁ କାନ୍ଦି କାନ୍ଦି କହିଲେ, ''ଆଜି ବନ୍ୟାଞ୍ଚଳକୁ ଯାଇଥିଲି। ଲୋକଙ୍କ ଦୁଃଖ କହିଲେ ନ ସରେ। ଘରେ କାହାରି ଚାଳ ନାହିଁ। ବର୍ଷାରେ ସେମାନେ କେତେ କଷ୍ଟ ନ ଭୋଗିବେ? ''ଦୀନଦୁଃଖୀଙ୍କ ସେବା, ବନ୍ୟାବାତ୍ୟା-ପ୍ରପୀଡିତ ଲୋକଙ୍କ ଦୁଃଖଦୈନ୍ୟ ଦୂରକରିବା ପାଇଁ ତାଙ୍କର ସମଗ୍ର ଜୀବନ କଟିଥିଲା। ବନ୍ୟାପ୍ରପୀଡିତ ଲୋକଙ୍କ ସେବା ପାଇଁ ସେ ନିଜ ପୁଅକୁ ମୃତ୍ୟୁଶଯ୍ୟାରେ ଛାଡି ଚାଲିଯାଇଥିଲେ। ପ୍ରଳୟଙ୍କରୀ ବାତ୍ୟାରେ ଘର ହରାଇଥିବା ଲୋକଙ୍କୁ ମୁଣ୍ଡ ଗୁଞ୍ଜିବା ପାଇଁ ଖଣ୍ଡେ ଘର ଦେବା, ଭୋକ ଉପାସରେ ଶଡୁଥିବା ନିରନ୍ନ ଜନତାର ମୁଖରେ ଗଣ୍ଡାଏ ଅନ୍ନ ଦେବା ପାଇଁ ଗୋପବନ୍ଧୁ ସର୍ବଦା ଚିନ୍ତିତ ଥିଲେ। ୧୯୨୦ ମାର୍ଚ୍ଚରେ ସେ ବିହାର-ଓଡ଼ିଶା ବ୍ୟବସ୍ଥାପକ ସଭାର ପ୍ରତିନିଧି ଭାବରେ ଓଡ଼ିଶାର ବନ୍ୟା ଓ ମରୁଡି ଚିତ୍ରକୁ ଯେଭଳି ଯଥାର୍ଥ ଭାବରେ ଭାବବିହ୍ୱଳ ହୋଇ ଉପସ୍ଥାପନ କରିଥିଲେ ତାହା ସମସ୍ତଙ୍କୁ ଚକିତ କରିଦେଇଥିଲା। ସେ କହିଥିଲେ, ''ଏ ଦେଶରେ ଯଦି କୌଣସି ଲୋକ ଉପବାସରେ ମୃତ୍ୟୁବରଣ କରେ ତେବେ ତା'ର ନିଃଶ୍ୱାସ ସରକାରଙ୍କ ଉପରେ ପଡିବ। ସରକାର ଦୁଃଖୀଦରିଦ୍ର ଜନତାର ମୁହଁରେ ଅନ୍ନ ଦିଅନ୍ତୁ। ଏତିକି କହୁ କହୁ ଗୋପବନ୍ଧୁ ବ୍ୟବସ୍ଥାପକ ସଭାରେ ଭୋଭୋ ହୋଇ କାନ୍ଦିଉଠିଲେ। ଏହି ଘଟଣାରେ ଲାଟ୍ ସାହେବଙ୍କ ହୃଦୟ ତରଳିଯାଇଥିଲା ଓ ସେ ନିଜେ ବନ୍ୟାଞ୍ଚଳକୁ ଆସି ଲୋକଙ୍କ ଅବସ୍ଥା ସ୍ୱଚକ୍ଷୁରେ ଦେଖିଥିଲେ ଓ ସାହାଯ୍ୟ ଯୋଗାଇ ଦେଇଥିଲେ।

ସ୍ୱାମୀ ବିବେକାନନ୍ଦଙ୍କ ଜୀବନର କଥା। ସେ ଆମେରିକାରୁ ଫେରି ବେଲୁଡ ମଠରେ ଗୋଟିଏ କୋଠରିରେ ରହୁଥାନ୍ତି। ତାଙ୍କ ପାଖ କୋଠରିରେ ରହୁଥାନ୍ତି ସ୍ୱାମୀ ବିଜ୍ଞାନାନନ୍ଦ। ରାତି ଅଧରେ ବିଜ୍ଞାନାନନ୍ଦ ଶୁଣିଲେ ଏକ ଚାପା କାନ୍ଦଣାର ସ୍ୱର। ବାହାରକୁ ଆସି ଝରକାବାଟେ ଦେଖିଲେ ବିବେକାନନ୍ଦ ତାଙ୍କ କୋଠରି ଭିତରେ ଚଟାଣ ଉପରେ ମୁହଁ ତଳକୁ କରି କଇଁକଇଁ ହୋଇ କାନ୍ଦୁଛନ୍ତି। ବିଜ୍ଞାନାନନ୍ଦ ତାଙ୍କ କାନ୍ଦିବାର କାରଣ ପଚାରନ୍ତେ ସେ କହିଲେ, ଐଶ୍ୱର୍ଯ୍ୟଶାଳୀ ଆମେରିକାକୁ ଦେଖିବା ପରେ ଭାରତରେ ଦୁଃଖକଷ୍ଟପୀଡ଼ିତ, କ୍ଷୁଧାର୍ତ୍ତ ଓ ରୁଗ୍‌ଣ ଜନସାଧାରଣଙ୍କ କଥା ଭାବିବା ବେଳକୁ ମୁଁ ନ କାନ୍ଦି ରହି ପାରୁନାହିଁ। ଆଉ ଦିନକର ଘଟଣା ବିବେକାନନ୍ଦ ଆଶ୍ରମରେ ଋଗ୍‌ବେଦର ଅଧ୍ୟାପନା କାର୍ଯ୍ୟ କରୁଥାନ୍ତି। ପାଖରେ ବସିଥାନ୍ତି ତାଙ୍କର ଶିଷ୍ୟ ଶରତ୍‌ଚନ୍ଦ୍ର ଚକ୍ରବର୍ତ୍ତୀ। ଏହି ସମୟରେ ନାଟ୍ୟ ସମ୍ରାଟ୍ ଗିରୀଶଚନ୍ଦ୍ର ଘୋଷ ସେଠାରେ ପହଞ୍ଚିଲେ। ସ୍ୱାମିଜୀ ବ୍ରହ୍ମଜ୍ଞାନ ସମ୍ପର୍କରେ ବୁଝାଉଥାନ୍ତି। କୌତୁକ ଛଳରେ ଗିରୀଶ ବାବୁ ବିବେକାନନ୍ଦଙ୍କୁ ପଚାରିଲେ, ''ଆଚ୍ଛା ନରେନ୍! ବେଦବେଦାନ୍ତ ତ ଅନେକ ପଢିଛ। କ୍ଷୁଧିତର ଅନ୍ନ ପାଇଁ ହାହାକାର, ଦରିଦ୍ରର ଦୁଃଖ, ଅନ୍ୟାୟ ଓ ଅତ୍ୟାଚାର- ଯାହା ଆମେ ସଚରାଚର ଦେଖିବାକୁ ପାଉ- ତା'ର କୌଣସି ପ୍ରତିବିଧାନ ତୁମ ବେଦବେଦାନ୍ତ ଲେଖିଛି କି? ଜଣେ ଗୃହିଣୀ, ଯିଏ ପ୍ରତ୍ୟହ ପଚାଶଜଣ ଲୋକଙ୍କୁ ଅନ୍ନ ବିତରଣ କରୁଥିଲେ ଆଜି ତିନିଦିନ ହେଲା ଅନ୍ନାଭାବ ହେତୁ ପୁତ୍ରକନ୍ୟା ସହ ଅନାହାରରେ ଅଛନ୍ତି। କେହି କେହି ମହିଳା ଲାଞ୍ଛିତା ଓ ଉତ୍ପୀଡିତା ହୋଇ ପ୍ରାଣତ୍ୟାଗ କରୁଛନ୍ତି। ନରେନ୍, ବେଦବେଦାନ୍ତରୁ ଏହାର କିଛି ପ୍ରତିକାର ପାଇଛ? ଗିରୀଶବାବୁଙ୍କ ଏହି କଥା ଶୁଣି ବିବେକାନନ୍ଦଙ୍କ ଚକ୍ଷୁଦ୍ୱୟ ଅଶ୍ରୁସିକ୍ତ ହୋଇଗଲା। ଭାବାବେଗକୁ ଦମନ କରି ନ ପାରି ସେ ବିଚଳିତ-ହୃଦୟରେ ତତ୍‌କ୍ଷଣାତ୍ ସେ ସ୍ଥାନ ପରିତ୍ୟାଗ କରି ଅନ୍ୟ କକ୍ଷକୁ ଚାଲିଗଲେ।

ସ୍ୱାମିଜୀ ପ୍ରସ୍ଥାନ କରିବା ପରେ ଗିରୀଶ ବାବୁ ଶିଷ୍ୟମାନଙ୍କୁ କହିଲେ- ଦେଖିଲ! ତୁମ ଗୁରୁଙ୍କ ହୃଦୟ କିପରି ଅନୁକମ୍ପାପୂର୍ଣ୍ଣ। ମଣିଷର ଦୁଃଖ କଷ୍ଟ ଶୁଣିବା ପରେ ବେଦବେଦାନ୍ତର ଯେଉଁ ବ୍ୟାଖ୍ୟା ହେଉଥିଲା ସେସବୁ କୁଆଡେ ଅନ୍ତର୍ହିତ ହୋଇଗଲା। କିଛି ସମୟ ପରେ ବିବେକାନନ୍ଦ ଫେରି ଆସିଲେ। ସ୍ୱାମୀ ସଦାନନ୍ଦଙ୍କୁ କହିଲେ, ତୁମେ ରୁଗ୍ଣ ଓ ଆର୍ତ୍ତର ସେବା ପାଇଁ ଗୋଟିଏ ସେବାଶ୍ରମ ପ୍ରତିଷ୍ଠା କର। ସଦାନନ୍ଦ ଗୁରୁ-ଆଜ୍ଞା ପାଳନ କରିବେ ବୋଲି ପ୍ରତିଶ୍ରୁତି ଦେଲେ। ସ୍ୱାମିଜୀ ଗିରୀଶବାବୁଙ୍କୁ କହିଲେ- ଦେଖ ଜଗତର ଦୁଃଖକଷ୍ଟ ଦୂର କରିବା ପାଇଁ ମୁଁ ସହସ୍ରବାର ଜନ୍ମଗ୍ରହଣ କରିବାକୁ ପ୍ରସ୍ତୁତ ଅଛି। ନିଜ ମୁକ୍ତି ମୁଁ ଚାହେଁନାହିଁ। ମୁଁ ପ୍ରତ୍ୟେକଙ୍କୁ ମୁକ୍ତ ହେବା ପାଇଁ ସାହାଯ୍ୟ କରିବାକୁ ଚାହେଁ।

ଆଜି କାହିଁ ସେହି ଲୁହ? ଯେତେବେଳେ ଲୋକେ ବାତ୍ୟା ବା ବନ୍ୟାପ୍ରପୀଡିତ ହେଉଛନ୍ତି କିଛି ଲୋକଙ୍କ ପାଇଁ ତାହା ଠିକ୍ ସୁଯୋଗ ପାଲଟି ଯାଉଛି। ବ୍ୟବସାୟୀମାନେ ଅତ୍ୟାବଶ୍ୟକ ଜିନିଷଗୁଡିକର ମୂଲ୍ୟବୃଦ୍ଧି କରି ବେଶ୍ ଦି ପଇସା ଅଧିକ ରୋଜଗାର କରୁଛନ୍ତି। ଅତୀତରେ ଓଡ଼ିଶାରେ ରିଲିଫ ସାମଗ୍ରୀ ଲୁଟ୍ ହୋଇଥିବାର ଖବର ମଧ୍ୟ ପ୍ରକାଶିତ ହୋଇଛି। ଲୋକଙ୍କ ଦୁର୍ଦ୍ଦିନ ସମୟରେ ମନେପଡନ୍ତି ବିବେକାନନ୍ଦ ଓ ଗୋପବନ୍ଧୁ। ସେମାନେ କେବେ କାନ୍ଦିବାର ଅଭିନୟ କରିନାହାନ୍ତି। ଯନ୍ତ୍ରଣାରେ ଦଗ୍ଧୀଭୂତ ହୋଇ ସତରେ ଲୁହ ଗଡାଇଛନ୍ତି। ଅବଶ୍ୟ ଆଜିର ତଥାକଥିତ ଆତ୍ମଘୋଷିତ ଜନସେବକମାନେ ବର୍ଷକୁ ଥରେ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ଫୁଲମାଳଟିଏ ପିନ୍ଧାଇ ଦିଅନ୍ତି। ମାତ୍ର ବନ୍ୟା, ବାତ୍ୟା, ଦୁର୍ବିପାକ ସେମାନଙ୍କ ସମୃଦ୍ଧି ପାଇଁ ଏକ ସୁବର୍ଣ୍ଣ ସୁଯୋଗ ପାଲଟିଯାଏ।

ବିଶିଷ୍ଟ ଲେଖକ ମନୋଜ ଦାସ ଗୋଟିଏ ପ୍ରବନ୍ଧରେ ରୋମ୍ ସମ୍ରାଟ ନିରୋଙ୍କ ଅଶ୍ରୁପାତ କଥା ସ୍ମରଣ କରାଇ ଦେଇଛନ୍ତି। ଦିନେ ନିରୋ ମଧ୍ୟ ଲୋକଙ୍କ ଦୁର୍ଦ୍ଦଶା କଥା ଭାବି କାନ୍ଦିବାର ପ୍ରେରଣା ଅନୁଭବ କରିଥିଲେ। କାନ୍ଦ କାନ୍ଦ ଅବସ୍ଥାରେ ଜଣେ କର୍ମଚାରୀଙ୍କୁ କହିଲେ, ଛିଡା ହୋଇ ଦେଖୁଛ କ'ଣ? ମୋ ଲୁହ ତଳେ ପଡି ନଷ୍ଟ ହେବା ପୂର୍ବରୁ ଧରି ରଖ। କେହି ଜଣେ ଦୌଡିଯାଇ ସୁନାର ପାତ୍ର ନେଇ ଆସିଲା। ଲେଖକ କହିଛନ୍ତି ସେ ଯୁଗରେ ଫଟୋଗ୍ରାଫର ଥିଲେ ନିରୋ ଅବଶ୍ୟ ସେମାନଙ୍କୁ କ୍ୟାମେରା ସଜଡାସଜଡି କରିବାର ସୁଯୋଗ ଦେଇ ଅଶ୍ରୁପାତ କରିଥାନ୍ତେ। ସୁନାପାତ୍ର ଆସିବା ବେଳକୁ ଲୁହ ତଥାପି ଉଦ୍‌ଗତ ଅବସ୍ଥାରେ ରହିଥିଲା କି ଶୁଖିଯାଇଥିଲା ଜଣାନାହିଁ। ନିରୋଙ୍କ ସମ୍ପର୍କିତ ଏହି କାହାଣୀ ଅତିରଞ୍ଜିତ ହୋଇପାରେ, କିନ୍ତୁ ଆଜି ଦେଶପ୍ରାଣତା ଦୃଷ୍ଟିରୁ ଅଶ୍ରୁପାତ ଅଥବା ତଦନୁରୂପ କାର୍ଯ୍ୟାନୁଷ୍ଠାନ କରୁଥିବା ବହୁ ବ୍ୟକ୍ତି ଯେ ଉପରୋକ୍ତ କିମ୍ବଦନ୍ତୀର ନିରୋଙ୍କ ପର୍ଯ୍ୟାୟରେ ପଡିବେ, ଏକଥା କହିଲେ ଅତିରଞ୍ଜନର ସମ୍ଭାବନା ନାହିଁ।

ମୋ- ୯୪୩୭୩୨୯୨୬୩

# ନିର୍ଯାତିତ ଶୈଶବ ଓ ସାର୍ବଜନୀନ ଶିକ୍ଷା

ସବ୍ୟସାଚୀ ଅମିତାଭ

ଆମ ସମାଜରେ ଶିଶୁର ବିକାଶରେ ଶିଶୁଶ୍ରମିକ ପ୍ରଥା ଏକ ବଡ଼ ବାଧକ। ଶିଶୁ ଶ୍ରମିକ ନିଷେଧ ଆଇନ ଅନୁଯାୟୀ ୧୪ ବର୍ଷରୁ କମ୍ ସମସ୍ତ ପିଲା ଶିଶୁ ଭାବେ ପରିଗଣିତ। ଯଦି ଏହି ବୟସର କୌଣସି ପିଲା ନିଜର ଶିକ୍ଷା ଓ ଶୈଶବକୁ ଜଳାଞ୍ଜଳି ଦେଇ ଶ୍ରମଯୁକ୍ତ କାର୍ଯ୍ୟରେ ନିଯୁକ୍ତ ହୁଏ, ତେବେ ତାକୁ ଶିଶୁ ଶ୍ରମିକ ଆଖ୍ୟା ଦିଆଯାଇଥାଏ। ଶିଶୁଟିଏ ଜନ୍ମ ନେବା ପରେ ତା'ର ଶାରୀରିକ, ମାନସିକ, ବୌଦ୍ଧିକ ଓ ଆଧ୍ୟାତ୍ମିକ ବିକାଶର ପରିପୁଷ୍ଟି ପାଇଁ ତା'ର ସବୁ ପ୍ରକାର ଅଧିକାର ରହିଛି। ମାତ୍ର ଉପଯୁକ୍ତ ପରିବେଶ ଓ ସମାଜ ବିନା ଏ ସମସ୍ତର ବିକାଶ ସମ୍ଭବପର ହୁଏନି। ମାନବ ସମ୍ବଳର ବିକାଶ ଶିଶୁମାନଙ୍କ ଶାରୀରିକ, ମାନସିକ, ସାମାଜିକ, ଅର୍ଥନୈତିକ ଉନ୍ନତି ଉପରେ ନିର୍ଭର କରିଥାଏ। ଯଦି ଶିଶୁ ଶିକ୍ଷାଲାଭ ସହ କୌଣସି କାର୍ଯ୍ୟରେ ସାମୟିକ ନିଯୁକ୍ତ ହୁଏ, ତେବେ ସେ ଶିଶୁ ଶ୍ରମିକ ନୁହେଁ, କାରଣ ଏହାଦ୍ୱାରା ଶିଶୁର ଅଧିକାର କ୍ଷୁଣ୍ଣ ହୋଇ ନ ଥାଏ। ଦେଶରେ ଏବେ ଶିଶୁ ଶ୍ରମିକଙ୍କ ସଂଖ୍ୟା ୫ କୋଟିରୁ ଅଧିକ ବୋଲି ଏକ ତଥ୍ୟରୁ ଜଣାଯାଇଛି। ଯଦି ଆମ ରାଜ୍ୟ ଓଡ଼ିଶା କଥା ବିଚାର କରିବା ତେବେ ଏହି ସଂଖ୍ୟା ୮ ଲକ୍ଷ ଟପିବ।

ଶିଶୁ ଶ୍ରମିକ ସମସ୍ୟାର ଅନେକ କାରଣ ରହିଛି। ପାରମ୍ପରିକ କୌଳିକ ବ୍ୟବସାୟ ବା ବୃତ୍ତିରେ ଶିଶୁମାନଙ୍କ ନିଯୁକ୍ତି, ଆର୍ଥିକ ଦୁରବସ୍ଥା, ୧୪ ବର୍ଷ ପର୍ଯ୍ୟନ୍ତ ମୁକ୍ତ ଓ ବାଧ୍ୟତାମୂଳକ ଶିକ୍ଷାର ଅଭାବ, ବିଦ୍ୟାଳୟରେ ଅନାକର୍ଷଣୀୟ ଶିକ୍ଷା ପରିବେଶ, ମାଆବାପାଙ୍କ ନିରକ୍ଷରତା ଓ ଅବହେଳା, ଉପଯୁକ୍ତ ଖାଦ୍ୟର ଅଭାବ, ଶିଶୁ ଶ୍ରମିକ ଆଇନରେ ସ୍ଥାଣୁତା, ରାଜନୈତିକ ଇଚ୍ଛାଶକ୍ତିର ଅଭାବ, ପ୍ରଶାସନିକ ଦୂରଦୃଷ୍ଟିର ଅଭାବ ଆଦି କାରଣ ଶିଶୁ ଶ୍ରମିକଙ୍କ ସଂଖ୍ୟା ବୃଦ୍ଧିରେ ବେଶ୍ ସହାୟକ ହୋଇଥାଏ।

ତେବେ ଶିଶୁ ଶ୍ରମିକ ପ୍ରଥାର ଉଚ୍ଛେଦ ସମ୍ଭବପର କି? ଶିଶୁ ଶ୍ରମିକ ପ୍ରଥାର ଉଚ୍ଛେଦ ଯଦିଓ ଏକ ଜଟିଳ ସମସ୍ୟା ତଥାପି ଏହି ସମସ୍ୟା ବିରୋଧରେ ଏକ ବିଧିବଦ୍ଧ ସାମୂହିକ ସଂଗ୍ରାମର ଆବଶ୍ୟକତା ରହିଛି। ଉକ୍ତ କୁପ୍ରଥା ବିରୋଧରେ ଜନମତ ସଂଗ୍ରହ କରିବା ଏହି ସଂଗ୍ରାମର ଲକ୍ଷ୍ୟ। ଏହାସହ ଅନ୍ୟ କିଛି ଦିଗକୁ ମଧ୍ୟ ଅଣଦେଖା କରିବା ଅନୁଚିତ। ତାହା ହେଲା- ବାଧ୍ୟତାମୂଳକ ଶିକ୍ଷାର ଠିକ୍ ପ୍ରଚଳନ, ଶିଶୁ ଶ୍ରମିକ ଆଇନର ଉପଯୁକ୍ତ ପ୍ରବର୍ତ୍ତନ, ଦାରିଦ୍ର୍ୟ ଦୂରୀକରଣ ଯୋଜନାରେ ଶିଶୁ ଶ୍ରମିକ ପରିବାରଗୁଡ଼ିକୁ ସାମିଲ କରିବା ତଥା ଗ୍ରାମ୍ୟ ଉନ୍ନୟନ ଯୋଜନାରେ ଶିଶୁ ଶ୍ରମିକମାନଙ୍କୁ ସମାଜର ମୁଖ୍ୟ ସ୍ରୋତକୁ ଆଣିବା।

ଶିଶୁ ଶ୍ରମିକ ନିରାକରଣ ପ୍ରକ୍ରିୟାରେ ଶିକ୍ଷାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହି ପରିପ୍ରେକ୍ଷୀରେ

### ବିଶ୍ୱ ଶିଶୁ ଶ୍ରମିକ ନିରୋଧ ଦିବସ ଉପଲକ୍ଷେ

ବିଗତ ଦଶକରେ ଶିକ୍ଷା ତଥା ବିକାଶର କଚ୍ଛପ ଗତିକୁ ଲକ୍ଷ୍ୟକରି ଭାରତ ସରକାର ସାମାଜିକ ଓ ଆର୍ଥିକ ଉନ୍ନତିରେ ପଞ୍ଚାୟତକୁ ସାମିଲ କରିବା ପାଇଁ ନିଷ୍ପତ୍ତି ନେଲେ, ଯାହା ସମ୍ବିଧାନର ୭୩ତମ ସଂଶୋଧନ ଅଧିନିୟମ ଭାବେ ପରିଚିତ। ଏହି ସଂଶୋଧିତ ଅଧିନିୟମର ଧାରା ୨୪୩ ଅନୁଯାୟୀ ଗୋଷ୍ଠୀକୁ ଶିକ୍ଷା ପରିଚାଳନା ଭାର ଦିଆଯାଇଛି। ୨୦୦୧ ମସିହା ପରଠାରୁ ରାଜ୍ୟସ୍ତରରେ ଶିକ୍ଷାର ହାର କ୍ରମାଗତ ବଢୁଛି। ତେବେ ବହୁ ଶିକ୍ଷା ଯୋଜନା କାର୍ଯ୍ୟକାରୀ ହେବା ସତ୍ତ୍ୱେ ଏବେ ମଧ୍ୟ ଅଗମ୍ୟ ଗ୍ରାମାଞ୍ଚଳ ଓ କିଛି ସହରାଞ୍ଚଳରେ ସାମାଜିକ ଓ ଆର୍ଥିକ ଦୁର୍ବଳ ଶ୍ରେଣୀର ପିଲାମାନେ ଶିକ୍ଷାଠାରୁ ବେଶ୍ ଦୂରରେ ରହିଛନ୍ତି। ପ୍ରାଥମିକସ୍ତରରେ ଅଧାରୁ ପାଠ ଛାଡୁଥିବା ସାଧାରଣ ଛାତ୍ରୀଛାତ୍ରଙ୍କ ସଂଖ୍ୟା ୫୦ ପ୍ରତିଶତରୁ ଅଧିକ ଥିବାବେଳେ ଆଦିବାସୀ ଛାତ୍ରୀଛାତ୍ରଙ୍କ ସଂଖ୍ୟା ୭୦ ପ୍ରତିଶତରୁ ଅଧିକ। ସେହିପରି ଉଚ୍ଚ ପ୍ରାଥମିକ (୩ୟରୁ ୭ମ)ସ୍ତରରେ ସାଧାରଣ ଛାତ୍ରୀଛାତ୍ରଙ୍କ ସଂଖ୍ୟା ୫୯ ପ୍ରତିଶତ ଥିବାବେଳେ ଆଦିବାସୀ ଛାତ୍ରୀଛାତ୍ରଙ୍କ ସଂଖ୍ୟା ୮୦ ପ୍ରତିଶତ ଟପିଛି। ସରକାରୀ ପରିସଂଖ୍ୟାନରୁ ଜଣାଯାଇଛି, ଓଡ଼ିଶାରେ ୭୦୦ରୁ ଅଧିକ ପ୍ରାଥମିକ ସ୍କୁଲରେ କୌଣସି ଘର ନାହିଁ, ପାଖାପାଖି ୧୦୦୦ ସ୍କୁଲର ପିଲା ମୁକ୍ତାକାଶ ତଳେ ପାଠ ପଢ଼ନ୍ତି। ପ୍ରଥମ ଶ୍ରେଣୀରେ ନାମ ଲେଖାଉଥିବା ୧୦୦ ପିଲାଙ୍କ ମଧ୍ୟରୁ ୩୮ ଜଣ ଓ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ସେମାନଙ୍କ ମଧ୍ୟରୁ ମାତ୍ର ୧୮ ଜଣ ସ୍କୁଲ ଆସିବାର ସୁଯୋଗ ପାଆନ୍ତି। ଜାତି, ଲିଙ୍ଗଗତ ବୈଷମ୍ୟ ଓ ସାର୍ବଜନୀନ ଶିକ୍ଷାର ଅଭାବ ବିଶେଷକରି ମହିଳା ଓ ପଛୁଆବର୍ଗର ଶିଶୁଙ୍କ ଶିକ୍ଷାରେ ଅନ୍ତରାୟ ସୃଷ୍ଟି କରୁଛି।

୯୦ ପ୍ରତିଶତରୁ ଅଧିକ ଶିଶୁ ଶ୍ରମିକ ଗ୍ରାମାଞ୍ଚଳର ବିଭିନ୍ନ କ୍ଷେତ୍ରରେ ନିୟୋଜିତ ଅଛନ୍ତି। ପଞ୍ଚାୟତସ୍ତରରେ ଉଦ୍ୟମ ହେଲେ ହିଁ ଶିଶୁ ଶ୍ରମିକ ସମସ୍ୟା ଦୂର ହୋଇପାରିବ। ପଞ୍ଚାୟତିରାଜ ବ୍ୟବସ୍ଥାରେ ଶିଶୁମାନଙ୍କ ଉନ୍ନତି ପାଇଁ ବ୍ୟବସ୍ଥା ଥିବାବେଳେ ଏହି ବିଷୟକୁ ପ୍ରାୟତଃ ଅଣଦେଖା କରାଯାଏ। ଗ୍ରାମସଭା ଓ ପଲ୍ଲିସଭା ଜରିଆରେ ଶିଶୁ ବିକାଶ କାର୍ଯ୍ୟକ୍ରମ ଉପରେ ଆଲୋଚନା କରି ଯୋଜନା ପ୍ରସ୍ତୁତ କରାଯିବା ଦରକାର। ପ୍ରାଥମିକ ଶିକ୍ଷା ଓ ଦାରିଦ୍ର୍ୟ ଦୂରୀକରଣ ଯୋଜନାରେ ଅଧିକ ବ୍ୟୟବରାଦ ହେବା ଆବଶ୍ୟକ।

ଶିଶୁ ଶ୍ରମିକ ପ୍ରଥାର ନିରାକରଣ ପାଇଁ ପଞ୍ଚାୟତିରାଜ ବ୍ୟବସ୍ଥାର ବିଶେଷ ଭୂମିକା ରହିଛି। ସେଗୁଡିକ ହେଲା- ପଞ୍ଚାୟତ ରାଜସ୍ୱରୁ ପ୍ରାଥମିକ ଶିକ୍ଷା ପାଇଁ ଅତିରିକ୍ତ ସମ୍ବଳ ସଂଗ୍ରହ, ସ୍କୁଲ ଯାଉ ନ ଥିବା ପିଲାଙ୍କୁ ଚିହ୍ନଟ କରିବା, ସେମାନଙ୍କ ଅଭିଭାବକଙ୍କ ସହ ଆଲୋଚନା, ପିଲାମାନଙ୍କୁ ସ୍କୁଲରେ ନାଁ ଲେଖାଇବା ପାଇଁ ପ୍ରବର୍ତ୍ତାଇବା ଓ ସ୍କୁଲ ପରିଚାଳନାକୁ ତଦାରଖ କରିବା। ଏହାସହ ପଞ୍ଚାୟତସ୍ତରର ନିର୍ବାଚିତ ପ୍ରତିନିଧିମାନେ ଏନ୍‌ଜିଓଙ୍କ ସହାୟତାରେ ଲୋକଙ୍କୁ ଶିଶୁ ଶ୍ରମିକଙ୍କ ଅବସ୍ଥା ବାବଦରେ ସଚେତନ କରାଇବା ସହିତ ଏହାର ସମାଧାନ ପାଇଁ ବାଟ ବାହାର କରିବା ଆବଶ୍ୟକ। ଏପରି କରାଗଲେ ଶିଶୁ ଶ୍ରମିକ ପ୍ରଥାର ବିଲୋପ ସହଜରେ ହୋଇପାରିବ।

ଭୁବନେଶ୍ୱର, ମୋ- ୯୪୩୮୨୯୬୫୧୯

## ଏଇ ଭାରତରେ

ଆସାମର ଦିସ୍‌ପୁରରେ ଥିବା ଅକ୍ଷର ଫୋରମ୍ ସ୍କୁଲ ଏବେ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛି। ଏଠାରେ ପାଖାପାଖି ୧୧୦ ପିଲା ପଢୁଥିବା ବେଳେ ଏମାନେ ସ୍କୁଲ ଫି ବାବଦରେ ପ୍ଲାଷ୍ଟିକ୍‌ର ବର୍ଜ୍ୟବସ୍ତୁ ଦାଖଲ କରିଥାଆନ୍ତି। ପ୍ରତି ସପ୍ତାହରେ ପିଲାଙ୍କୁ ବର୍ଜ୍ୟ ପ୍ଲାଷ୍ଟିକ୍‌ଗୁଡିକୁ ଏକ ଥଳିରେ ଆଣିବାକୁ ପଡ଼ିଥାଏ। ଏହାକୁ ସ୍କୁଲ ଘର, ଶୌଚାଳୟ ଓ ସଡ଼କ ନିର୍ମାଣରେ ବ୍ୟବହାର କରାଯାଉଛି। ନ୍ୟୁୟର୍କରେ ରହୁଥିବା ପାରମିତା ଶର୍ମା ଓ ତାଙ୍କ ସ୍ୱାମୀ ମଜିନ ମୁଖ୍‌ତାର ଏହି ସ୍କୁଲ ନିର୍ମାଣ କରିଥିଲେ। ପ୍ରଥମେ ସେ ଏଠାରେ ପଢୁଥିବା ପିଲାଙ୍କୁ ମାଗଣାରେ ପଢାଉଥିଲେ। ପରେ ପ୍ଲାଷ୍ଟିକ୍‌ଜନିତ ପ୍ରଦୂଷଣକୁ ରୋକିବା ପାଇଁ ଏହି ପଦକ୍ଷେପ ନେଇଛନ୍ତି। ଦିସ୍‌ପୁରରେ ପାଖାପାଖି ୧୦ ଲକ୍ଷ ଲୋକ ରହୁଥିବା ବେଳେ ଏଠାରେ ପ୍ରତିଦିନ ୩୭ ଟନ୍ ବର୍ଜ୍ୟବସ୍ତୁ ବାହାରିଥାଏ। ପୂର୍ବରୁ ଏଠାକାର ଲୋକେ ପ୍ଲାଷ୍ଟିକ୍‌କୁ ପୋଡ଼ି ଦେଉଥିବାରୁ ପରିବେଶ ପ୍ରଦୂଷଣର ମାତ୍ରା ବଢ଼ି ଯାଉଥିଲା। ଏବେ କିନ୍ତୁ ଏହାର ପୁନଃବ୍ୟବହାର ଫଳରେ ପ୍ରଦୂଷଣ ମାତ୍ରା ହ୍ରାସ ପାଇଛି।

## ୨୫ ବର୍ଷ ତଳେ ଧରିତ୍ରୀ

୧୨ ଜୁନ୍ ୧୯୯୪

- ଭାରତରେ ମାଲ ପରିବହନର ସମ୍ପ୍ରସାରଣ ନିମନ୍ତେ ୯୪ ନିୟୁତ ଡଲାର ଋଣ ସାହାଯ୍ୟ କରିବାକୁ ବିଶ୍ୱବ୍ୟାଙ୍କର ଘୋଷଣା।
- ବାଂଲାଦେଶର ବିବାଦୀୟ ଲେଖିକା ତସ୍‌ଲିମା ନସରିନଙ୍କୁ ହତ୍ୟା କରିବା ଲାଗି ଜଣେ ମୁସଲମାନ ନେତା ମୁଫ୍‌ତି ସୟଦ ନଜୁରଲ ଏକଲକ୍ଷ ଟାକା ପୁରସ୍କାର ଘୋଷଣା କରିଛନ୍ତି।

## ଚିରନ୍ତନୀ

ପୃଥିବୀ-ଗ୍ରହର କୁହାଟ ଉଠଇ
ସୌର ଜଗତ ମଥି
ସବୁଠାରୁ ବଡ଼ ଫଉଜ ହୋଇଛି ରଥୀ!
ଆଣବିକ ବୋମାଠାରୁ ବଳି ବଳୀୟାନ
ପଦନିକ୍ଷେପେ ପାହାଡ଼ ଲସଇ
ଅଗଣିତ ଆଗୁଆନ!

(ଅଗଣିତ ଆଗୁଆନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ସତ୍ୟ ଖବର ଛାପୁଥିବା କାଗଜ

ମହାଶୟ,

ଧରିତ୍ରୀ ହିଁ ନିରପେକ୍ଷ, ସତ୍ୟ ଓ ନିର୍ଭୀକ ଖବର ପରିବେଷଣ କରିଆସୁଥିବାରୁ ସାରା ଓଡ଼ିଶା ଓ ବାହାରେ ଏତେସଂଖ୍ୟକ ପାଠକ ବୃଦ୍ଧି ହୋଇଛନ୍ତି। ଯେଉଁ ଖବର ସତ୍ୟ ଅଥଚ ଆପଣା ଉପରେ ବିପଦ ଆସିବାର ସମ୍ଭାବନା ଥାଏ, ସେ ପ୍ରକାର ଖବର ଛାପିବାକୁ ଅନ୍ୟ ଖବରକାଗଜ ଭୟ କରୁଥିବା ବେଳେ ଏକମାତ୍ର ଧରିତ୍ରୀ ହିଁ ନିର୍ଭୀକତାର ପରିଚୟ ଦେଇ ଛାପିଥାଏ। ଏଥିପାଇଁ ଧରିତ୍ରୀ ପାଠକଙ୍କ ନିକଟରେ ଆଦୃତ ହୋଇ ରହିଛି ଓ ରହିବ। ସବୁଠାରୁ ଆନନ୍ଦର କଥା ଏହା କାହାର ମୁହଁ ଦେଖେନା, ଦେଖେ ଲେଖାକୁ। ଉତ୍ସାହିତ କରିଆସିଛି ନୂତନ ଲେଖକ ପିଢ଼ିକୁ ଓ ସୃଷ୍ଟି କରିଛି ପ୍ରକୃତ ପାଠକ ଗୋଷ୍ଠୀକୁ।

ସାରଥି ମଲିକ, ଅମରପାଲି, ବୀରମହାରାଜପୁର, ସୋନପୁର

### ସେସୁର ଗ୍ରାହକ ଶୋଷଣ

ସେସୁ ମାସିକିଆ ବିଲ୍ ଆଦାୟ ବଦଳରେ ମେ ମାସରେ ଦେଢ଼ମାସର ବିଲ୍ କରିଛି। ଅର୍ଥାତ୍ ଯେଉଁ ୧୫ ଦିନର ବିଲ୍ ଜୁନ୍ ୧୫ ତାରିଖରେ ହୋଇଥାନ୍ତା, ଏହା ଜୁନ୍ ଶେଷରେ ଆଦାୟ ହୋଇଥାନ୍ତା। ତାହା ଏବେ ଆଦାୟ ପାଇଁ ମେ ମାସ ବିଲ୍‌ରେ ରଖିଛନ୍ତି। ବାତ୍ୟା ଲାଗି ଲୋକେ ଦୁର୍ଦ୍ଦଶାରେ ଥିବା ବେଳେ ସେସୁର ଏହା ଏକ ଅମାନବୀୟ କାର୍ଯ୍ୟ। ପୁନଶ୍ଚ ଏହା ଆଦାୟ ପାଇଁ ୧୫ ଦିନ ସମୟ ଦିଆଯାଇଥାଏ। କିନ୍ତୁ ଏହା ୪ ଦିନ ମଧ୍ୟରେ ଦେବାକୁ ବିଲ୍‌ରେ ରହିଛି। ଏପରି କରିବା ଦ୍ୱାରା ସେସୁ ଶହ ଶହ ଟଙ୍କା ଗ୍ରାହକଙ୍କଠାରୁ ଲୁଟୁଛି। ଯେହେତୁ ୟୁନିଟ୍ ଯେତେ ଅଧିକ ହେବ, ଦର ମଧ୍ୟ ୟୁନିଟ୍ ପିଛା ସେତେ ଅଧିକ ହେବ। ଏଣୁ ସେସୁ ବିଲ୍‌କୁ ଦୁଇ ତୃତୀୟାଂଶ ଏକମାସ ଏବଂ ଏକ ତୃତୀୟାଂଶ ୧୫ ଦିନ ଆଧାରରେ ସଂଶୋଧନ କରି ପଇଠ ହୋଇଥିବା ବିଲ୍‌ରେ ଅଧିକ ନିଆଯାଇଥିବା ଟଙ୍କାକୁ ପରବର୍ତ୍ତୀ ବିଲ୍‌ରେ କାଟନ୍ତୁ।

ପଣ୍ଡିତ ରାମକୃଷ୍ଣ ମିଶ୍ର, ଏଏଲ୍-୫୩, ଭିଏସ୍‌ଏସ୍ ନଗର, ଭୁବନେଶ୍ୱର

### ମାଟ୍ରିକ୍ ପରୀକ୍ଷା ଫଳର ସରକାରୀ ସମୀକ୍ଷା

ଚଳିତ ବର୍ଷର ମାଟ୍ରିକ ପରୀକ୍ଷା ଫଳ ବିଭିନ୍ନ ଦୃଷ୍ଟିକୋଣରୁ ନୈରାଶ୍ୟଜନକ। ଚଳିତ ବର୍ଷ ୭୦.୭୮ ପ୍ରତିଶତ ଛାତ୍ରୀଛାତ୍ର ପାସ୍ କରିଛନ୍ତି ଯାହା ଗତ ୭ ବର୍ଷରେ ସର୍ବନିମ୍ନ। ଚଳିତ ବର୍ଷ ୮୨ ହାଇସ୍କୁଲରେ କେହି ପାସ୍ କରିନାହାନ୍ତି। ଏହିସବୁ ହାଇସ୍କୁଲର ଦୁର୍ବଳ ପ୍ରଦର୍ଶନ ସମ୍ପର୍କରେ ସମୀକ୍ଷା କରାଯିବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସଚିବ ସୂଚନା ଦେଇଛନ୍ତି। ଗତବର୍ଷ ସମୀକ୍ଷାର ଫଳ କ'ଣ ହେଲା, ତାହା ପ୍ରକାଶ ପାଇନାହିଁ। ଚଳିତ ବର୍ଷର ସମୀକ୍ଷା ଫଳ କ'ଣ ହେବ ତାହା ଜନସାଧାରଣ ଜାଣିବା ଉଚିତ।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୧୨ ଜୁନ୍, ୨୦୧୯



## ସଂକ୍ଷେପରେ

### ସାମାଜିକ କର୍ମୀଙ୍କ ସ୍ମୃତିଚାରଣ ସଭା

ରାଜକନିକା,୧୧।୬ (ଡି.ଏନ୍.ଏ.): ରାଜକନିକାସ୍ଥିତ ଚରପଡାଠାରେ ମଙ୍ଗଳବାର ସାମାଜିକ କର୍ମୀ ନଟବର ସାମଲଙ୍କ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ନଟବର ସ୍ମୃତି ପରିଷଦ ପକ୍ଷରୁ ଆୟୋଜିତ ସ୍ମୃତିଚାରଣ ସଭାରେ ବିଶିଷ୍ଟ ଶିକ୍ଷାବିତ ଶରତ ଚନ୍ଦ୍ର ପଢିଆରୀ ପୌରୋହିତ୍ୟ କରିଥିଲେ। ଆଳି ନିର୍ବାଚନ ମଣ୍ଡଳୀର ପ୍ରାକ୍ତନ ବିଧାୟକ ଦେବେନ୍ଦ୍ର ନାଥ ଶର୍ମା, ବରିଷ୍ଠ ସାମାଜିକ କର୍ମୀ ରଘୁନାଥ ବଳ, ଦୁର୍ଯ୍ୟୋଧନ ଭୂୟାଁ , ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ପତି, କନିକା ପୂଜ୍ୟପୂଜା ପରିଷଦର ସଭାପତି ଦୁର୍ଯ୍ୟୋଧନ ସାମଲ, ଖରସ୍ରୋତା ସାଂସ୍କୃତିକ ପରିଷଦର ସଭାପତି ଲକ୍ଷ୍ମୀଧର ରାଉତ, ଭରତ ଚନ୍ଦ୍ର ସେବା ଟ୍ରଷ୍ଟର ସଭାପତି ଶିବରାମ ଦାସ, ଅବସରପ୍ରାପ୍ତ ଶିକ୍ଷକ କୈଳାସ ଚନ୍ଦ୍ର ରାଉତ ପ୍ରମୁଖ ଏଥିରେ ଯୋଗଦେଇ ସାମଲଙ୍କ ସ୍ମୃତି ଚାରଣ କରିଥିଲେ। ନଟବରଙ୍କ ତ୍ୟାଗପୂତ ଜୀବନ ଯୁବପିଢ଼ୀଙ୍କୁ ଦିଗ୍‌ଦର୍ଶନ ଦେବ ବୋଲି ଏହି ଅବସରରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ରାଜକନିକା ପଞ୍ଚାୟତ ସମିତିର ପ୍ରାକ୍ତନ ଅଧ୍ୟକ୍ଷ ଅଲେଖ ନାୟକ ପଠାଇଥିବା ଶୋକବାର୍ତ୍ତାକୁ ସଭାପତି ପାଠ କରିଥିଲେ। ଶେଷରେ ଶ୍ରମିକ ନେତା ସୌଭାଗ୍ୟ କୁମାର ସାମଲ ଧନ୍ୟବାଦ ଦେଇଥିଲେ।

## ■ କେନ୍ଦ୍ରାପଡ଼ାରେ ଭାଜପାର ରଣହୁଙ୍କାର

# ସରକାରୀ କଳ, ଦଳ ସହ ଲଢ଼ିବାକୁ ଭାଜପା ପ୍ରସ୍ତୁତ

କେନ୍ଦ୍ରାପଡା ଅଫିସ, ୧୧।୬

କେନ୍ଦ୍ରାପଡା ଜିଲାର ପାଟକୁରା ବିଧାନସଭା ଆସନ ହାତେଇବା ପାଇଁ ଭାଜପା ପକ୍ଷରୁ ରଣହୁଙ୍କାର ଦିଆଯାଇଛି। ସହରର କାକଟସ୍ଥିତ ଏକ କଲ୍ୟାଣ ମଣ୍ଡପରେ ମଙ୍ଗଳବାର ଏନେଇ ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟର ୨୦ରୁ ଊର୍ଦ୍ଧ୍ୱ ନେତା ଯୋଗଦେଇଥିଲେ। ଏହି ଅବସରରେ ବୁଥ ସଂଗଠନକୁ ସୁଦୃଢ଼ ପାଇଁ ଯୋଜନା ପ୍ରସ୍ତୁତ କରାଯାଇଥିଲା। ପରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସରକାରୀ କଳ ଓ ଦଳ ସହ ଲଢ଼ିବା ପାଇଁ ଭାଜପା ପ୍ରସ୍ତୁତ ଅଛି ବୋଲି ନେତାମାନେ କହିଛନ୍ତି।

ଜିଲା ସଭାପତି ଦୁର୍ଯ୍ୟୋଧନ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଖବରଦାତା ସମ୍ମିଳନୀରେ ବରିଷ୍ଠ ନେତା ମନମୋହନ ସାମଲ, ଭୃଗୁ ବକ୍ସିପାତ୍ର, ଗୌତମ ରାୟ, ଭୁବନମୋହନ ଜେନା, ଦିଲୀପ ମଲ୍ଲିକ ଓ ପ୍ରଭାତି ପରିଡା ପ୍ରମୁଖ ଯୋଗଦେଇଥିଲେ। ସେମାନେ ଦର୍ଶାଇଥିଲେ ଯେ, ପାଟକୁରା ନିର୍ବାଚନରେ ଭାଜପା ପ୍ରାର୍ଥୀ ବିଜୟ ମହାପାତ୍ରଙ୍କ ବିଜୟ ନିଶ୍ଚିତ । ସେ ଏଠାରୁ ପୂର୍ବରୁ ବିଜୟୀ ହୋଇଥିଲେ । ଏଥିସହ ଗତ ସାଧାରଣ ନିର୍ବାଚନରେ ପାଟକୁରାବାସୀଙ୍କ



ଖବରଦାତା ସମ୍ମିଳନୀରେ ଭାଜପା ନେତୃମଣ୍ଡଳୀ।

ଭାଜପା ପ୍ରତି ଆତ୍ମବିଶ୍ୱାସ ଥିବା ଦେଖିବାକୁ ମିଳିଛି । ଗତ ନିର୍ବାଚନରେ କେନ୍ଦ୍ରାପଡା ଲୋକ ସଭା ଆସନ ପାଇଁ ପାଟକୁରା ନିର୍ବାଚନ ମଣ୍ଡଳୀରୁ ମାତ୍ର ୬ ହଜାର ଭୋଟରେ ବିଜେଡି ଆଗୁଆ ରହିଛି। ଗତ ସାଧାରଣ ନିର୍ବାଚନରେ ପ୍ରଶାସନିକ ଅଧିକାରୀମାନେ ବିଜେଡି ପାଇଁ କାମ କରିଥିବା ଦେଖିବାକୁ ମିଳିଛି । ବାତ୍ୟା ଫନୀକୁ ଆଳ କରି ବିଧାନସଭା ନିର୍ବାଚନକୁ ବନ୍ଦ କରିବା ପାଇଁ ଚକ୍ରାନ୍ତ କରାଯାଇଛି । ତେବେ ବିଜୟ ମହାପାତ୍ର ପାଟକୁରାରୁ ବିଧାୟକ ହୋଇ ବିଧାନସଭାରେ ସାଧାରଣ ଲୋକଙ୍କ ସ୍ୱର ଉଠାଇ ପାରିବେ ବୋଲି ସମ୍ମିଳନୀରେ ଯୋଗଦେଇଥିବା ନେତାମାନେ କହିଛନ୍ତି । ନିର୍ବାଚନକୁ ସୁଚାରୁରୂପେ ପରିଚାଳନା କରିବା ପାଇଁ ପୂର୍ବତନ ରାଜ୍ୟ ସଭାପତି ମନମୋହନ ସାମଲ ଦାୟିତ୍ୱ ନେଇଥିବା ବେଳେ କେନ୍ଦ୍ରମନ୍ତ୍ରୀ, ବରିଷ୍ଠ ନେତା ଓ ନବ ନିର୍ବାଚିତ ବିଧାୟକମାନେ ଲୋକଙ୍କ ନିକଟରେ ପହଞ୍ଚିବେ ବୋଲି ନେତାମାନେ ପ୍ରକାଶ କରିଥିଲେ । ସେହିପରି କର୍ମୀ ସମ୍ମିଳନୀରେ ବିଜୟ ମହାପାତ୍ର, ରମାରଞ୍ଜନ ବଳିଆରସିଂ, ବିଷ୍ଣୁକିଶୋର ତରାଇ, ଯତିନ ମହାନ୍ତି, ମାନସ ମହାନ୍ତି, ଶାରଦା ଶତପଥୀ, ପ୍ରତାପ ମିଶ୍ର ଓ ପବିତ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ,ଏପର୍ଯ୍ୟନ୍ତ ପାଟକୁରା ବିଧାନସଭା ନିର୍ବାଚନ ପାଇଁ ତାରିଖ ଘୋଷଣା ହୋଇ ନ ଥିବାବେଳେ ଏହି ଆସନକୁ ହାତେଇବା ପାଇଁ ଉଭୟ ଭାଜପା ଓ ବିଜେଡି ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଆରମ୍ଭ ହୋଇଯାଇଛି। ଏନେଇ କେନ୍ଦ୍ରାପଡାରେ ରାଜନୀତି ସରଗରମ ହୋଇଉଠିଛି।

## ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ପାଟକୁରା ଗସ୍ତ

### ମତଦାନ କେନ୍ଦ୍ର ପରିଦର୍ଶନ କରି ଫେରିଲେ

ଡେରାବିଶ/ପାଟକୁରା, ୧୧।୬ (ସ୍ୱ.ପ୍ର./ଡି.ଏନ୍.ଏ.)

ପାଟକୁରା ନିର୍ବାଚନକୁ ନେଇ ରାଜ୍ୟ ରାଜନୀତି ସରଗରମ ହୋଇଛି। ନିର୍ବାଚନ ତାରିଖ ଘୋଷଣା ହୋଇ ନ ଥିବା ବେଳେ ଏହାକୁ ନେଇ ଅନେକ କଳ୍ପନାଜଳ୍ପନା ଲାଗିରହିଛି। ତେବେ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ) ସୁରେନ୍ଦ୍ର କୁମାର ମଙ୍ଗଳବାର ପୂର୍ବାହ୍ଣରେ ପାଟକୁରା ନିର୍ବାଚନମଣ୍ଡଳୀ ଗସ୍ତ କରିଛନ୍ତି। ଏହି ଅବସରରେ ସେ ଉକ୍ତ ନିର୍ବାଚନମଣ୍ଡଳୀ ଅଧୀନ ଡେରାବିଶ, ଗରଦପୁର ଏବଂ ମାର୍ଶାଘାଇ ବ୍ଲକର କେତେକ ମତଦାନ କେନ୍ଦ୍ର ପରିଦର୍ଶନ କରିଛନ୍ତି। ଚାନ୍ଦୋଳ ପଞ୍ଚାୟତ ଅଧୀନ ଗଣେଶପୁରଠାରେ ଜିଲାପାଳ ପ୍ରେମଚାନ୍ଦ ଚୌଧୁରୀଙ୍କ ସମେତ ପ୍ରଶାସନିକ ଅଧିକାରୀମାନେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ସ୍ୱାଗତ କରିଥିଲେ। ଆଗାମୀ ଦିନରେ ପାଟକୁରା ନିର୍ବାଚନ ହେବାକୁ ଥିବା ବେଳେ ଏହାର ପରିଚାଳନା ସମ୍ପର୍କରେ ମୁଖ୍ୟ ନିର୍ବାଚନ ଅଧିକାରୀ ସୁରେନ୍ଦ୍ର କୁମାର ଜିଲାପାଳ ଚୌଧୁରୀ ଓ ଜିଲା ନିର୍ବାଚନ ଅଧିକାରୀ ବିକ୍ରମ କେଶରୀ ପରିଡ଼ାଙ୍କ ସହ ଆଲୋଚନା କରିଥିଲେ। ଏହାପରେ ସେ ଡେରାବିଶ ବ୍ଲକ ଚାନ୍ଦୋଳ ପଞ୍ଚାୟତର ଗଣେଶପୁର ପ୍ରାଥମିକ ବିଦ୍ୟାଳୟ, ଭଣଗାଁ ପ୍ରାଥମିକ ବିଦ୍ୟାଳୟର ୨ଟି ବୁଥ୍, ପଥରପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୨ଟି ବୁଥ୍ ଓ ଚାନ୍ଦୋଳ ପ୍ରାଥମିକ ବିଦ୍ୟାଳୟର ଗୋଟିଏ ବୁଥ୍ ପରିଦର୍ଶନ କରିବା ପରେ ଚାନ୍ଦୋଳ ପଞ୍ଚାୟତ କାର୍ଯ୍ୟାଳୟ ପରିଦର୍ଶନ କରିଥିଲେ। ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଏହି ଗସ୍ତରେ ଜିଲାପାଳ ଚୌଧୁରୀ, ଉପ ଜିଲାପାଳ ସଞ୍ଜୟ କୁମାର ମିଶ୍ର, ଜିଲା ନିର୍ବାଚନ ଅଧିକାରୀ ବିକ୍ରମ କେଶରୀ ପରିଡ଼ା, ଡେରାବିଶ ଅତିରିକ୍ତ ବିଡିଓ ଭଞ୍ଜ କିଶୋର ନାୟକ ପ୍ରମୁଖ ସାମିଲ ଥିଲେ।

ଅପରାହ୍ଣରେ ମୁଖ୍ୟ ନିର୍ବାଚନ ଅଧିକାରୀ ଗରଦପୁର ବ୍ଲକ ଗସ୍ତ କରି ବ୍ଲକ ଅଧୀନ ୧୨୫ଟି ବୁଥ୍ ସମ୍ପର୍କରେ ବ୍ଲକ ଉନ୍ନୟନ ଅଧିକାରୀ ଧରଣୀଧର ବେହେରାଙ୍କ ସହ ଆଲୋଚନା କରିଥିଲେ। ଏଥିସହ ବାତ୍ୟାରେ ମତଦାନ କେନ୍ଦ୍ରଗୁଡ଼ିକରେ ହୋଇଥିବା କ୍ଷୟକ୍ଷତି ସମ୍ପର୍କରେ ପଚାରି ବୁଝିବା ସହ ତୁରନ୍ତ ମରାମତି କରାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ବ୍ଲକର ବରହମପୁର, ତିକନପୁର, ବେହୁଲ, ନଡ଼ିଆବରେଇ ଆଦି ଭୋଟଦାନ କେନ୍ଦ୍ରଗୁଡ଼ିକ ବୁଲି ଦେଖିଥିଲେ।

# ଉଷ୍ମ ହେଉଛି ପାଟକୁରା ରାଜନୀତି

ଡେରାବିଶ, ୧୧।୬ (ସ୍ୱ.ପ୍ର.)

ପାଟକୁରା ନିର୍ବାଚନ ସ୍ଥଗିତ ରଖାଯାଇଥିବା ବେଳେ ଖୁବ୍‌ଶୀଘ୍ର ନିର୍ବାଚନ ତାରିଖ ଘୋଷଣା କରାଯିବ ବୋଲି ଜଣାପଡ଼ିଛି। ତେବେ ନିର୍ବାଚନ ତାରିଖ ଘୋଷଣା ପୂର୍ବରୁ ଏହାକୁ ନେଇ ରାଜ୍ୟ ରାଜନୀତି ସରଗରମ ହୋଇଥିବା ବେଳେ ୩ ପ୍ରମୁଖ ଦଳର କର୍ମୀଙ୍କ ମଧ୍ୟରେ ଉତ୍କଣ୍ଠା ବଢ଼ିବାରେ ଲାଗିଛି। ଏହି ବିଧାନସଭା ଆସନ ପାଇଁ ୧୦ଜଣ ପ୍ରାର୍ଥୀ ହୋଇଥିବା ବେଳେ ମୁଖ୍ୟତଃ ୩ ପ୍ରମୁଖ ଦଳ ବିଜେଡି, କଂଗ୍ରେସ ଓ ଭାଜପା ପ୍ରାର୍ଥୀଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେବ। ଏ ନେଇ ବିଜେଡି, କଂଗ୍ରେସ ଓ ଭାଜପା ପ୍ରାର୍ଥୀ ସମର୍ଥକ ସହ ଜୋରଦାର ପ୍ରଚାର ଚଳାଇଛନ୍ତି। ବିଭିନ୍ନ ସ୍ଥାନରେ ସଭାସମିତି କରିବା ସାଙ୍ଗକୁ ଘରକୁ ଘର ବୁଲି ଭୋଟ ମାଗୁଛନ୍ତି ରାଜନେତା ଓ ସମର୍ଥକ। ଭାଜପାରୁ ବରିଷ୍ଠ ନେତା ବିଜୟ ମହାପାତ୍ର ପ୍ରାର୍ଥୀ ହୋଇଥିବା ବେଳେ


ବିଜୟ ମହାପାତ୍ର


ସାବିତ୍ରୀ ଅଗ୍ରୱାଲ


ଜୟନ୍ତ ମହାନ୍ତି

ବିଜେଡିରୁ ସ୍ୱର୍ଗତ ବେଦପ୍ରକାଶ ଅଗ୍ରୱାଲଙ୍କ ସ୍ତ୍ରୀ ସାବିତ୍ରୀ ଅଗ୍ରୱାଲ ଓ କଂଗ୍ରେସରୁ ଜୟନ୍ତ ମହାନ୍ତି ନିର୍ବାଚନ ଲଢୁଛନ୍ତି। ତେବେ ଏଠାରେ ବିଜେଡି ଓ ଭାଜପା ମଧ୍ୟରେ କଡା ମୁକାବିଲା ହେବ ବୋଲି ଚର୍ଚ୍ଚା ହେଉଛି। ସବୁ ଦଳର ପ୍ରାର୍ଥୀମାନେ ସମର୍ଥକଙ୍କୁ ନେଇ ବୈଠକ କରିବା ସହ ନିର୍ବାଚନ ବୈତରଣୀ ପାର ହେବାକୁ ରଣନୀତି ପ୍ରସ୍ତୁତ କରୁଛନ୍ତି। ତେବେ ଏ ପର୍ଯ୍ୟନ୍ତ ନିର୍ବାଚନ ତାରିଖ ଘୋଷଣା ହୋଇ ନଥିବା ବେଳେ ଏହା ଭିତରେ ତାରିଖ ଘୋଷଣା ହୋଇପାରେ ବୋଲି ଜଣାପଡ଼ିଛି। ତେବେ ସାଧାରଣରେ ଏ ସମ୍ପର୍କରେ ହେଉଥିବା ଚର୍ଚ୍ଚାକୁ ନେଇ କର୍ମୀଙ୍କ ମଧ୍ୟରେ ଉତ୍ସାହ ବଢ଼ିବାରେ ଲାଗିଛି। ସବୁଦଳର ପ୍ରାର୍ଥୀଙ୍କ ବ୍ୟାନର ପୋଷ୍ଟରମାନ ଗାଁଗହଳିରେ ଲଗାଯାଇଥିବା ବେଳେ ରାଜନୈତିକ ମାହୋଲ ସରଗରମ ହୋଇଛି। ବିଜେଡି ପ୍ରାର୍ଥୀ ସାବିତ୍ରୀ ଅଗ୍ରୱାଲ ପୂର୍ବତନ ବିଧାୟକ ବେଦପ୍ରକାଶ ଅଗ୍ରୱାଲଙ୍କ ପାଟକୁରା ପ୍ରତି ଥିବା ଅବଦାନ ସମ୍ପର୍କରେ କହି ଭୋଟରଙ୍କ ନିକଟତର ହେବାକୁ ଉଦ୍ୟମ କରୁଛନ୍ତି। ସେହିପରି ପାଟକୁରାର ସ୍ୱାଭିମାନ ବାର୍ତ୍ତାକୁ ମୁଖ୍ୟ ଆୟୁଧ କରିଛନ୍ତି ଭାଜପା ସମର୍ଥକ। ମଙ୍ଗଳବାର ମୁଖ୍ୟ ନିର୍ବାଚନ ଅଧିକାରୀ ସୁରେନ୍ଦ୍ର କୁମାର ପାଟକୁରା ନିର୍ବାଚନମଣ୍ଡଳୀ ଗସ୍ତ କରି ଡେରାବିଶ ସମେତ ଗରଦପୁର ଓ ମାର୍ଶାଘାଇ ବ୍ଲକ ଅଞ୍ଚଳର କେତେକ ଭୋଟଦାନ କେନ୍ଦ୍ର ପରିଦର୍ଶନ କରି ଫେରିଛନ୍ତି। ଏହାପରେ ସ୍ଥାନୀୟ ଅଞ୍ଚଳରେ ନିର୍ବାଚନୀ ହାୱା ବଢ଼ିଥିବା ଦେଖିବାକୁ ମିଳିଛି।

■ରଣନୀତି ପ୍ରସ୍ତୁତ କରୁଛନ୍ତି ୩ ପ୍ରମୁଖ ଦଳ

■ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଗସ୍ତ ପରେ ରାଜନୀତି ମାହୋଲ ସରଗରମ

## ଜଳ ପ୍ରକଳ୍ପ ଉଦ୍‌ଘାଟନ ପାଇଁ ପ୍ରସ୍ତୁତି

ରାଜନଗର,୧୧।୬(ଡି.ଏନ୍.ଏ.)

ରାଜନଗର ବ୍ଲକ ସାନବଡ ଗୋପାଳପୁର ପଞ୍ଚାୟତର ଗର୍ଜନପୁର ଠାରେ ବୁଧବାର ନୂତନ ଜଳ ପ୍ରକଳ୍ପ ଉଦ୍‌ଘାଟନ ହେବ। ଏଥିପାଇଁ ଜଳ ଓ ପରିମଳ ବିଭାଗ ପକ୍ଷରୁ ପ୍ରସ୍ତୁତି କାର୍ଯ୍ୟ ଶେଷ ହୋଇଛି। ଏହାକୁ ବିଧାୟକ ଧ୍ରୁବ ସାହୁ ଲୋକାର୍ପିତ କରିବାର ଯୋଜନା ରହିଛି। ଏହାଦ୍ୱାରା ଜଗନ୍ନାଥପୁର, ଶଂଖପୁର, ଗୋସିଗାଁ ଓ ଗର୍ଜନପୁର ଆଦି ଗ୍ରାମର ଲୋକେ ଉପକୃତ ହେବେ।

## ସଡ଼କ ଦୁର୍ଘଟଣାରେ ଗୁରୁତର ଯୁବକ ମୃତ

ମାର୍ଶାଘାଇ, ୧୧।୬ (ଡି.ଏନ୍.ଏ.)

ମାର୍ଶାଘାଇ-ଅଙ୍ଗୁଳାଇ ରାସ୍ତାର ରାମିଆଁଗଞ୍ଜ ଗ୍ରାମ ନିକଟରେ ସଡ଼କ ଦୁର୍ଘଟଣା ଘଟିଯି ଗୁରୁତର ହୋଇଥିବା ଦୁର୍ଘଟଣାରେ ଗୁରୁତର ହୋଇଥିବା ପୁରୁଷୋତ୍ତମପୁର ଗ୍ରାମର ଗୌରାଙ୍ଗ ଚରଣ ସ୍ୱାଇଁଙ୍କ ପୁ ମିହିରକାନ୍ତ(୨୭)ଙ୍କର ସୋମବାର ମୃତ୍ୟୁ ଘଟିଛି। ଶନିବାର ଅପରାହ୍ଣରେ ମିହିର ବାଇକ ଯୋଗେ ଅଙ୍ଗୁଳାଇରୁ ଫେରୁଥିବା ବେଳେ ରାମିଆଗଞ୍ଜ ନିକଟରେ ଦୁର୍ଘଟଣାର ଶିକାର ହୋଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପରେ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି।

MARSHAGHAI COLLEGE
AT/PO - MARSHAGHAI, DIST - KENDRAPARA
WALK IN INTERVIEW
Desirous candidates securing 55% Marks in aggregate in P.G. in English, Odia, History, Pol. Science, Sociology, Education, Economics, Chemistry, Mathematics, Botany, Statistics & Commerce are required to attend the interview for the post of Lecturer as Guest Faculty on contractual basis on 16.06.19 at 11 A.M. positively in the college office with bio-data & all original certificates. Preference will be given to all subject candidates having M.Phil or Ph.D with Computer knowledge. No T.A. & D.A is admissible.
Sd./- Principal-cum-Secretary
Marshaghai College

# ଅନାହାରରେ ଦିନ କାଟୁଛନ୍ତି କର୍କଟ ରୋଗୀଙ୍କ ପରିବାର


ପରିବାର ସହ ଜଗବନ୍ଧୁ ବେହେରା।

ମାର୍ଶାଘାଇ,୧୧।୬ (ଡି.ଏନ୍.ଏ.)

କେନ୍ଦ୍ର ଓ ରାଜ୍ୟ ସରକାର ଗରିବ ଲୋକଙ୍କ ଉନ୍ନତି ପାଇଁ ଅନେକ ଯୋଜନା କରୁଥିବା ବେଳେ ପ୍ରକୃତ ହିତାଧିକାରୀମାନେ ଏହାର ଲାଭ ଉଠାଇପାରୁନାହାନ୍ତି। ଏହାର ଏକ ଉଦାହରଣ ମାର୍ଶାଘାଇ ବ୍ଲକ ଅନ୍ତର୍ଗତ କରିଲୋପାଟଣା ପଞ୍ଚାୟତର ହନ୍ତପଡ଼ା ଗ୍ରାମରେ ଦେଖିବାକୁ ମିଳିଛି। ଏହି ଗ୍ରାମର ଜଗବନ୍ଧୁ ବେହେରା(୪୫) ଏବେ କର୍କଟ ରୋଗରେ ଆକ୍ରାନ୍ତ ହୋଇଥିବାବେଳେ ଦାରିଦ୍ରତା କାରଣରୁ ପରିବାର ଲୋକେ ଗତ କିଛିଦିନ ହେବ ଅନାହାରରେ ଦିନ କାଟୁଛନ୍ତି।

୨ ପୁଅ, ବୃଦ୍ଧା ମା ଓ ସ୍ତ୍ରୀଙ୍କୁ ନେଇ ଜଗବନ୍ଧୁଙ୍କ ପରିବାର। ସେ ଦିନ ମଜୁରିଆ ଭାବେ କାମ କରି ପରିବାର ପୋଷଣ କରନ୍ତି। ୨ ମାସ ତଳେ ପେଟ ରୋଗରେ ଆକ୍ରାନ୍ତ ହୋଇ ଗ୍ରାମରେ ରାସ୍ତା କାମ କରୁଥିବାବେଳେ ହଠାତ୍ ତଳେ ପଡ଼ିଯାଇଥିଲେ । ଗ୍ରାମବାସୀଙ୍କ ମିଳିତ ସହଯୋଗରେ ତାଙ୍କୁ କଟକ ବଡ଼ ମେଡ଼ିକାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା । ପ୍ରାଥମିକ ଚିକିତ୍ସା ପରେ ସେ କର୍କଟ ରୋଗରେ ଆକ୍ରାନ୍ତ ବୋଲି ଜଣାପଡିଥିଲା। ଏହାଶୁଣି ପରିବାର ଲୋକେ ଭାଙ୍ଗି ପଡ଼ିଥିଲେ। ଘରକୁ ଫେରି ଏହି ରୋଗର ଚିକିତ୍ସା ନିମନ୍ତେ ପୈତୃକ ସମ୍ପତ୍ତି ତଥା ୪ ଗୁଣ୍ଠ ଜମି ବିକ୍ରି କରିବାକୁ ସେ ବାଧ୍ୟ ହୋଇଥିଲେ। ଏଥିସହ ଘରଡ଼ିହ ବନ୍ଧା ପକାଇ ଚିକିତ୍ସା ପାଇଁ କଟକ ଯାଇଥିଲେ। ମାତ୍ର ଏହି ଅର୍ଥ ସମୁଦ୍ରକୁ ଶଂଖେ ପରି ହୋଇଥିଲା। ଅର୍ଥାଭାବ ଓ ଦାରିଦ୍ରତା ପାଇଁ ମାତ୍ର ୧୫ ଦିନ ଚିକିତ୍ସିତ ହେବା ପରେ ପୁନର୍ବାର ନିରାଶ ହୋଇ ଘରକୁ ଫେରିବାକୁ ବାଧ୍ୟ ହୋଇଥିଲେ। ସେଦିନରୁ ଜଗବନ୍ଧୁ ଶଯ୍ୟାରେ ରହି ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି । ଘରେ ବଡ଼ ପୁଅ ଚନ୍ଦ୍ରକାନ୍ତ ଯୁକ୍ତ ୨ ଦ୍ୱିତୀୟବର୍ଷର ଛାତ୍ର ହୋଇଥିବାବେଳେ ସାନ ପୁଅ ମୁକେଶ ୯ମ ଶ୍ରେଣୀରେ ପଢ଼ନ୍ତି । ବାପାଙ୍କ ଅବସ୍ଥା ଓ ଦାରିଦ୍ରତା ପାଇଁ ଏହି ୨ ଭାଇଙ୍କ ପାଠ ପଢ଼ାରେ ଏବେ ଡ଼ୋରି ବାନ୍ଧିବାକୁ ପଡ଼ିଲାଣି। ସ୍ତ୍ରୀ ଆରତୀ ସ୍ୱାମୀଙ୍କ ଔଷଧ ପାଇଁ ବାରଦୁଆର ବୋଲି ଏବେ ଭିକ୍ଷା ମାଗୁଥିଲେ ମଧ୍ୟ ପରିବାର ଚଳାଇବା ତାଙ୍କ ପାଇଁ କାଠିକର ହୋଇ ପଡିଛି। ଏପରି କି ଦିନକୁ ଦୁଇ ଓଳି ଖାଦ୍ୟ ଯୋଗାଇବାକୁ ମଧ୍ୟ ସେ ଅସମର୍ଥ ହୋଇପଡିଛନ୍ତି। ଏପରିସ୍ଥିତିରେ ତାଙ୍କ ପାଖରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା କାର୍ଡ଼ ଅବା ଅନ୍ୟ କୌଣସି ସରକାରୀ ସୁବିଧା ମିଳିପାରୁନାହିଁ।

ଏ ସମ୍ପର୍କରେ ଗ୍ରାମବାସୀ କୁହନ୍ତି, ତାଙ୍କ ପରିବାରକୁ ଯେତିକି ସମ୍ଭବ ସାହାଯ୍ୟ କରାଯାଇଛି । ସରପଞ୍ଚ ସୁକାନ୍ତ କୁମାର ସାହୁ କୁହନ୍ତି, ପଞ୍ଚାୟତସ୍ତରରେ ଓ ବ୍ୟକ୍ତିଗତ ଭାବେ ପୀଡିତଙ୍କ ପରିବାରକୁ ସହଯୋଗ କରାଯାଇଛି। ମାତ୍ର ଏଥିରେ ଜଗବନ୍ଧୁଙ୍କ ଚିକିତ୍ସା, ୨ ପୁଅଙ୍କ ପାଠପଢ଼ା ଓ ପରିବାର ଚଳାଇବା ସମ୍ଭବ ନୁହେଁ। ତୁରନ୍ତ ଏହି ପରିବାରକୁ ସରକାରୀ ସହାୟତା ଯୋଗାଇଦେବା ପାଇଁ ସାହୁ ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି।


## ସର୍ବସାଧାରଣ ଅଧିସୂଚନା

ଦକ୍ଷିଣ ପୂର୍ବ ରେଳପଥର ନିମ୍ନଦର୍ଶିତ ସମ୍ପୂର୍ଣ୍ଣ ହୋଇଥିବା ସେକ୍ସନରେ ଅବସ୍ଥିତ ରେଳଧାରଣା ଏବଂ ପରିସରର ସମସ୍ତ ବ୍ୟବହାରକାରୀଙ୍କୁ ଏତଦ୍ୱାରା ସୂଚିତ କରାଯାଉଛି ଯେ ସମ୍ପୃକ୍ତ ସେକ୍ସନ ନିମନ୍ତେ ନିର୍ଦ୍ଧାରିତ ତାରିଖରେ ୨୫୦୦୦ ଭୋଲ୍ଟ, ୫୦ ଏଚ୍‌ଜେଡ୍, ଏସି ଓଭରହେଡ୍ ଟ୍ରାକ୍ସନ ତାରଗୁଡ଼ିକରେ ବିଦ୍ୟୁତ୍ ସରବରାହ ଆରମ୍ଭ କରାଯିବ। ସେହି ତାରିଖରେ ଏବଂ ସେହି ତାରିଖ ପରଠାରୁ ଓଭରହେଡ୍ ଟ୍ରାକ୍ସନ୍ ଲାଇନ୍‌କୁ ସବୁ ସମୟ ପାଇଁ ଜୀବନ୍ତ ଭାବେ ବିବେଚନା କରାଯିବ ଏବଂ କୌଣସି ଅଣପ୍ରାଧିକୃତ ବ୍ୟକ୍ତି କଥିତ ଓଭରହେଡ୍ ଲାଇନ୍ ନିକଟକୁ ଯାଇପାରିବେ ନାହିଁ କିମ୍ବା ଏହା ନିକଟରେ କୌଣସି କାର୍ଯ୍ୟ କରିପାରିବେ ନାହିଁ।

| କ୍ର. ସଂ. | ସେକ୍ସନ | ବିଦ୍ୟୁତ୍ ସରବରାହ ଆରମ୍ଭ ତାରିଖ |
|---|---|---|
| ୧. | ଚକ୍ରଧରପୁର ଡିଭିଜନର ରାଉରକେଲା-ଝାରସୁଗୁଡ଼ା ସେକ୍ସନ ମଧ୍ୟରେ ୩ୟ ଲାଇନ୍ କାର୍ଯ୍ୟ ସଂକ୍ରାନ୍ତରେ ବାମରା ଷ୍ଟେଶନରୁ ଧୁତ୍ରା ସେକ୍ସନ ମଧ୍ୟରେ ନୂଆ ୩ୟ ଲାଇନ୍‌ର ବିଦ୍ୟୁତ୍ ସରବରାହ। | ୩୦।୦୬।୨୦୧୯ |
| ୨. | ଚକ୍ରଧରପୁର ଡିଭିଜନର ରାଉରକେଲା-ଝାରସୁଗୁଡ଼ା ସେକ୍ସନ ମଧ୍ୟରେ ୩ୟ ଲାଇନ୍ କାର୍ଯ୍ୟ ସଂକ୍ରାନ୍ତରେ ପାନପାଲି-ଧୁତ୍ରା ସେକ୍ସନ ମଧ୍ୟରେ ଫିଡର୍ ଲାଇନ୍ ସମେତ ଅବସ୍ଥିତି ନଂ.୫୦୦/୧୧-୧୩ ମଧ୍ୟରେ ପାନପାଲିସ୍ଥିତ ନୂଆ ସବ୍ ସେକ୍ସନିଂ ଏବଂ ପାରାଲେଲିଂ ପୋଷ୍ଟ (ଏସ୍‌ଏସ୍‌ପି)ର ବିଦ୍ୟୁତ ସରବରାହ। | ୩୦।୦୬।୨୦୧୯ |
| ୩. | ଚକ୍ରଧରପୁର ଡିଭିଜନର ରାଉରକେଲା-ଝାରସୁଗୁଡ଼ା ସେକ୍ସନ ମଧ୍ୟରେ ୩ୟ ଲାଇନ୍ କାର୍ଯ୍ୟ ସଂକ୍ରାନ୍ତରେ ବାଗଡିହି-ଧାରୁଆଡିହ ସେକ୍ସନ ମଧ୍ୟରେ ଫିଡର୍ ଲାଇନ୍ ସମେତ ଅବସ୍ଥିତି ନଂ.୪୯୨/୦୯-୧୧ ମଧ୍ୟରେ ବାଗଡିହି ସ୍ଥିତ ନୂଆ ସବ୍ ସେକ୍ସନିଂ ପୋଷ୍ଟ (ଏସ୍‌ପି)ର ବିଦ୍ୟୁତ୍ ସରବରାହ। | ୩୦।୦୬।୨୦୧୯ |
| ୪. | ଚକ୍ରଧରପୁର ଡିଭିଜନର ରାଉରକେଲା-ଝାରସୁଗୁଡ଼ା ସେକ୍ସନ ମଧ୍ୟରେ ୩ୟ ଲାଇନ୍ କାର୍ଯ୍ୟ ସଂକ୍ରାନ୍ତରେ ଧାରୁଆଡିହ-ବାମରା ସେକ୍ସନ ମଧ୍ୟରେ ଫିଡର୍ ଲାଇନ୍ ସମେତ ଅବସ୍ଥିତି ନଂ.୪୮୬/୧୫-୧୭ ମଧ୍ୟରେ ଧାରୁଆଡିହ ସ୍ଥିତ ସବ୍ ସେକ୍ସନିଂ ଏବଂ ପାରାଲେଲିଂ ପୋଷ୍ଟ (ଏସ୍‌ଏସ୍‌ପି)ର ବିଦ୍ୟୁତ୍ ସରବରାହ। | ୧୫।୦୬।୨୦୧୯ |

### ୨୫ କେଭି ଟ୍ରାକ୍ସନ୍‌ର ପ୍ରଚଳନ
### "ସଡ଼କ ବ୍ୟବହାରକାରୀଙ୍କୁ ଚେତାବନୀ"

ଦକ୍ଷିଣ ପୂର୍ବ ରେଳପଥର **ବାମରା-ଧୁତ୍ରା** ସେକ୍ସନ ମଧ୍ୟରେ ନୂଆ ୩ୟ ଲାଇନ୍ ଉପରେ ୨୫ କେଭି ଏସି ଇଲେକ୍ଟ୍ରିକ୍ ଟ୍ରାକ୍ସନ ପ୍ରଚଳନ ସମ୍ପର୍କରେ ସର୍ବସାଧାରଣଙ୍କୁ ସୂଚିତ କରାଯାଉଛି ଯେ, ପ୍ରତ୍ୟେକ ଲେଭଲକ୍ରସିଂରେ ରାସ୍ତା ସ୍ତରରୁ **୪.୬୭ମି.**ର ସ୍ପଷ୍ଟ ଉଚ୍ଚତାରେ **ହାଇଟ୍ ଗେଜ୍** ସ୍ଥାପନ କରାଯାଇଛି, ଯାହାର ଉଦ୍ଦେଶ୍ୟ ହେଉଛି ସକ୍ରିୟ ଟ୍ରାକ୍ସନ୍ ତାର ସଂସ୍ପର୍ଶରେ କିମ୍ବା ବିପଜ୍ଜନକ ପରିସର ପର୍ଯ୍ୟନ୍ତ ଯେପରି କୌଣସି ଅତ୍ୟଧିକ ଉଚ୍ଚତାର ଭାର ବୋହୁଥିବା ଯାନବାହନ ନ ଆସେ । ଏତଦ୍ୱାରା ସର୍ବସାଧାରଣଙ୍କୁ ସୂଚିତ କରାଯାଉଛି ଯେ ଯାନବାହନକୁ ଲୋଡିଂ କରିବା ଉଦ୍ଦେଶ୍ୟରେ ଉପରେ ଦର୍ଶାଯାଇଥିବା ଉଚ୍ଚତାକୁ ଦୃଷ୍ଟିରେ ରଖାଯିବା ତଥା କୌଣସି ପରିସ୍ଥିତିରେ ମଧ୍ୟ ହାଇଟ୍ ଗଜ୍‌ଗୁଡିକୁ ଯେପରି ଯାନବାହନରେ ଲୋଡ୍ ହୋଇଥିବା ସାମଗ୍ରୀ ଲଙ୍ଘନ ନ କରେ ଏହା ଦୃଷ୍ଟିରେ ରଖାଯିବା ଆବଶ୍ୟକ ।

**ଅତ୍ୟଧିକ ଉଚ୍ଚତାରେ ଜିନିଷପତ୍ର ବୋଝେଇ କରିବାର ବିପଦ ନିମ୍ନରେ ଦିଆଗଲା:**
(i) ହାଇଟ୍ ଗେଜ୍ ପ୍ରତି ବିପଦ ଏବଂ ଏହା ପରବର୍ତ୍ତୀ ରାସ୍ତା ତଥା ରେଳପଥ ଅବରୋଧ । (ii) ନିଆଯାଉଥିବା ସାମଗ୍ରୀ କିମ୍ବା ଉପକରଣ ଅଥବା ଯାନବାହନ ପ୍ରତି ବିପଦ । (iii) କଣ୍ଡକ୍ଟର ସଂସ୍ପର୍ଶରେ ଆସି କିମ୍ବା ଏହାର ବିପଜ୍ଜନକ ପରିସର ମଧ୍ୟକୁ ଆସିଲେ ନିଆଁ ଓ ଜୀବନର ବିପଦ ମଧ୍ୟ ରହିଛି ।

**ବାମରା-ଧୁତ୍ରା ସେକ୍ସନ ମଧ୍ୟରେ ଲେଭଲ୍ କ୍ରସିଂ ଗେଟ୍ ଅବସ୍ଥିତି:**
- ସଡ଼କ ଅବସ୍ଥିତି (ଏଲ୍‌ସି ଗେଟ୍ ନଂ.୨୩୯) ଅବସ୍ଥିତି ନଂ.୪୭୭/୦୧-୦୩ ମଧ୍ୟରେ
- ସଡ଼କ ଅବସ୍ଥିତି (ଏଲ୍‌ସି ଗେଟ୍ ନଂ.୨୪୦) ଅବସ୍ଥିତି ନଂ.୪୭୭/୩୩-୩୫ ମଧ୍ୟରେ
- ସଡ଼କ ଅବସ୍ଥିତି (ଏଲ୍‌ସି ଗେଟ୍ ନଂ.୨୪୧) ଅବସ୍ଥିତି ନଂ.୪୭୮/୧୫-୧୭ ମଧ୍ୟରେ
- ସଡ଼କ ଅବସ୍ଥିତି (ଏଲ୍‌ସି ଗେଟ୍ ନଂ.୨୪୨) ଅବସ୍ଥିତି ନଂ.୪୭୯/୨୭-୪୮୦/୦୧ ମଧ୍ୟରେ
- ସଡ଼କ ଅବସ୍ଥିତି (ଏଲ୍‌ସି ଗେଟ୍ ନଂ.୨୪୩) ଅବସ୍ଥିତି ନଂ.୪୮୧/୦୧-୦୩ ମଧ୍ୟରେ
- ସଡ଼କ ଅବସ୍ଥିତି (ଏଲ୍‌ସି ଗେଟ୍ ନଂ.୨୪୫) ଅବସ୍ଥିତି ନଂ.୪୮୬/୧୩-୧୫ ମଧ୍ୟରେ
- ସଡ଼କ ଅବସ୍ଥିତି (ଏଲ୍‌ସି ଗେଟ୍ ନଂ.୨୪୬) ଅବସ୍ଥିତି ନଂ.୪୮୭/୨୧-୨୩ ମଧ୍ୟରେ
- ସଡ଼କ ଅବସ୍ଥିତି (ଏଲ୍‌ସି ଗେଟ୍ ନଂ.୨୪୭) ଅବସ୍ଥିତି ନଂ.୪୮୮/୦୫-୦୭ ମଧ୍ୟରେ
- ସଡ଼କ ଅବସ୍ଥିତି (ଏଲ୍‌ସି ଗେଟ୍ ନଂ.୨୪୯) ଅବସ୍ଥିତି ନଂ.୪୯୨/୨୭-୨୯ ମଧ୍ୟରେ
- ସଡ଼କ ଅବସ୍ଥିତି (ଏଲ୍‌ସି ଗେଟ୍ ନଂ.୨୫୦) ଅବସ୍ଥିତି ନଂ.୪୯୫/୦୯-୧୧ ମଧ୍ୟରେ
- ସଡ଼କ ଅବସ୍ଥିତି (ଏଲ୍‌ସି ଗେଟ୍ ନଂ.୨୫୧) ଅବସ୍ଥିତି ନଂ.୪୯୮/୧୧-୧୩ ମଧ୍ୟରେ
- ସଡ଼କ ଅବସ୍ଥିତି (ଏଲ୍‌ସି ଗେଟ୍ ନଂ.୨୫୨) ଅବସ୍ଥିତି ନଂ.୪୯୯/୧୧-୧୩ ମଧ୍ୟରେ
- ସଡ଼କ ଅବସ୍ଥିତି (ଏଲ୍‌ସି ଗେଟ୍ ନଂ.୨୫୩) ଅବସ୍ଥିତି ନଂ.୫୦୧/୧୧-୧୩ ମଧ୍ୟରେ
- ସଡ଼କ ଅବସ୍ଥିତି (ଏଲ୍‌ସି ଗେଟ୍ ନଂ.୨୫୪) ଅବସ୍ଥିତି ନଂ.୫୦୪/୨୭-୫୦୫/୦୧ ମଧ୍ୟରେ

ଉପରୋକ୍ତ ଲେଭଲ କ୍ରସିଂ ଗେଟ୍ ଅବସ୍ଥିତି ପାଇଁ ବିଦ୍ୟୁତ୍ ସରବରାହ ଆରମ୍ଭ ତାରିଖ: ୩୦।୦୬।୨୦୧୯

(PR-276) ଡେପୁଟି ଚିଫ୍ ଇଲେକ୍ଟ୍ରିକାଲ ଇଞ୍ଜିନିୟର (ସିଓଏନ୍)/ଚକ୍ରଧରପୁର

ଦକ୍ଷିଣ ପୂର୍ବ ରେଳପଥ
ଆମେ ହର୍ଷର ସହିତ ସେବା କରୁ



## ଏସ୍.ଇ. ରେଳପଥ ଟେଣ୍ଡର

ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ଆର୍‌ପିଏଫ୍-ସିକେପି-୧୯-୨୦-୭, ତାରିଖ: ୦୬।୦୬।୨୦୧୯

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ସିନିୟର ଡିଭିଜନାଲ ସିକ୍ୟୁରିଟି କମିଶନର (ଆର୍‌ପିଏଫ୍), ଦକ୍ଷିଣ ପୂର୍ବ ରେଳପଥ, ଚକ୍ରଧରପୁରଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରାଯାଉଛି। ଟେଣ୍ଡର ପାଇଁ ମାନୁଆଲ୍ ଅଫର୍ ଅନୁମତିଯୋଗ୍ୟ ହେବନାହିଁ ଏବଂ ପ୍ରାପ୍ତ ହୋଇଥିବା ଏପରି ଯେକୌଣସି ଅଫର୍‌କୁ ଅଣଦେଖା କରିଦିଆଯିବ। **କାର୍ଯ୍ୟର ନାମ:** ଦୁଇବର୍ଷ (୨୪ ମାସ) ପାଇଁ ଏଏସ୍‌ସି/ଆର୍‌ପିଏଫ୍/ଆର୍‌ଓୟୁ ସେକ୍ସନର ଚବିଶଘଣ୍ଟିଆ ବ୍ୟବହାର ନିମନ୍ତେ ଗୋଟିଏ ଚାରି ଚକିଆ ଗାଡ଼ି ଅଣ-ଏସି ଇନ୍ଧନ ସହିତ ଏବଂ ଡ୍ରାଇଭର (ସୁମୋ କିମ୍ବା ସମାନ ଧରଣର) ଡିଜେଲ୍ ଚାଳିତ ଭଡ଼ା ସୂତ୍ରରେ। **ଟେଣ୍ଡର ମୂଲ୍ୟ:** ₹୮,୪୧,୦୧୨/-। **ଇଏମ୍‌ଡି:** ₹୧୬,୮୦୦/-। **ଟେଣ୍ଡର ଫର୍ମ ମୂଲ୍ୟ:** ₹୨,୦୦୦/-। **ଇ-ଟେଣ୍ଡର ଖୋଲାଯିବା ସ୍ଥାନ:** ସିନିୟର୍ ଡିଏସ୍‌ସି/ଆର୍‌ପିଏଫ୍/ସିକେପି, ଦକ୍ଷିଣ ପୂର୍ବ ରେଳପଥଙ୍କ କାର୍ଯ୍ୟାଳୟ। **ଇ-ଟେଣ୍ଡର ସମାପ୍ତି ତାରିଖ ଓ ସମୟ:** ତା୦୮।୦୭।୨୦୧୯ରିଖ ୧୫.୦୦ ଘଟିକା। **ଇ-ଟେଣ୍ଡର ଖୋଲାଯିବା ତାରିଖ:** ତା୦୮।୦୭।୨୦୧୯ରିଖ ୧୫.୩୦ ଘଟିକା। ଟେଣ୍ଡର ୱେବ୍‌ସାଇଟ୍ http://www.ireps.gov.inରେ ଦେଖାଯାଇପାରିବ। (PR-277)



## ପୂର୍ବ ତଟ ରେଳପଥ
### ଇଂଜିନିୟରିଂ କାର୍ଯ୍ୟ

File No. DRM/Engg/KUR/19-20/ E-Tender/14, Dt. 06.06.2019

ଟେଣ୍ଡର ବିଜ୍ଞପ୍ତି ସଂ.e-Tender-HQ- KUR-96-2019,ତା.30.05.2019ରିଖ

**ବିବରଣୀ:** ବରିଷ୍ଠ ମଣ୍ଡଳ ଯନ୍ତ୍ରୀ (ମୁଖ୍ୟାଳୟ)/ଖୋର୍ଦ୍ଧା ରୋଡ଼ ସେକ୍ସନରେ ସିନିୟର ସେକ୍ସନ ଇଂଜିନିୟର (କାର୍ଯ୍ୟ/WW)/ଖୋର୍ଦ୍ଧା ରୋଡ଼ ଅଧୀନସ୍ଥ ଖୋର୍ଦ୍ଧା ରୋଡ଼ ଠାରେ 30.06.2020 ପର୍ଯ୍ୟନ୍ତ ଅବଧି ନିମନ୍ତେ ପ୍ରତ୍ୟେକ ଟ.5,00,000/- କିମ୍ବା ତା'ଠାରୁ କମ୍ ମୂଲ୍ୟର ଫିଲ୍ଟର ହାଉସ୍ ଏବଂ RCC ଓଭର ହେଡ୍ ଟାଙ୍କିରେ ପମ୍ ବିତରଣ (Delivery) ଲାଇନ୍ ଏବଂ ଦୟା ପମ୍ ହାଉସ୍ ଠାରୁ ଫିଲ୍ଟର ହାଉସ୍ ପର୍ଯ୍ୟନ୍ତ ପାଣି ଲାଇନ୍‌କୁ ଉପରକୁ ଉଠାଇବାଜନିତ ରକ୍ଷଣାବେକ୍ଷଣ ସହିତ ଖୋର୍ଦ୍ଧା ରୋଡ଼ ସେଟେଲମେଣ୍ଟର ବିଭିନ୍ନ ଜୋନ୍ ପର୍ଯ୍ୟନ୍ତ ଜଳ ଯୋଗାଣ, ରେଳ ଷ୍ଟେସନର ୱାଟର ଟ୍ରିଟମେଣ୍ଟ ପ୍ଲାଣ୍ଟ, ଦୟା ପମ୍ ହାଉସ୍ RCC OH ପାଣି ଟାଙ୍କିର ପରିଚାଳନା ଏବଂ ରକ୍ଷଣାବେକ୍ଷଣ ସହିତ ବିଭିନ୍ନ ପ୍ରକାର ଜଳ ଯୋଗାଣ କାର୍ଯ୍ୟର ମରାମତି, ରକ୍ଷଣାବେକ୍ଷଣ କାର୍ଯ୍ୟ ତଥା ଯୋଗାଣ ।

କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ): 95.84 ଲକ୍ଷ, EMD (ଟଙ୍କାରେ): 1,91,700/-, ଟେଣ୍ଡର ଫର୍ମର ମୂଲ୍ୟ (ଟଙ୍କାରେ) : 5,900/-, ଶେଷ ହେବା ଅବଧି : 30.06.2020।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.19.06.2019 ରିଖ 1500 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର କାଗଜପତ୍ର ସହିତ ୱେବସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ମଣ୍ଡଳ ରେଳ ପ୍ରବନ୍ଧକ(ଇଂଜିନିୟରିଙ୍ଗ)/ ଖୋର୍ଦ୍ଧା ରୋଡ଼

PR-144/K/19-20



## NOTICE
### IN THE DEBTS RECOVERY TRIBUNAL, CUTTACK
C-71, SECTOR-7, CDA, CUTTACK-753014.
O.A. No. 323/2018

Syndicate Bank, Sikharpur Branch,
Sikharpur, Dist.: Nayagarh ...Applicant
Versus
Mrs. Pranati Maharana and others ...Defendants
To
1. **Mrs. Pranati Maharana,** W/o: Harihar Maharana, At/P.O.: Sikharpur, Via: Saranakul, Dist.: Nayagarh-752080
2. **Mr. Harihar Maharana,** S/o: Narayan Maharana, At/P.O.: Sikharpur, Via: Saranakul, Dist.: Nayagarh-752080

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED.**

Take notice that the applicant has instituted a suit in **O.A. No. 323/2018** in the Court of Debts Recovery Tribunal at Cuttack for a recovery of **Rs.22,25,696.37** only together with current and future interest, costs and other relief's. The above mentioned defendants are therefore hereby directed to appear before this tribunal in person or through an Advocate or duly authorized agent, in support of their defence to show cause within **30 days** from the date of publication or on **12th day of July, 2019** at **10.30 A.M.** as to why relief's prayed for should not be granted.

Take notice that in case of default the application will be heard and determined in their absence.

Given under my hand and seal of this Tribunal on this **29th day of April 2019.**

Sd/- Registrar
Debts Recovery Tribunal



## NOTICE
### IN THE DEBTS RECOVERY TRIBUNAL, CUTTACK
C-71, SECTOR-7, CDA, CUTTACK-753014.
O.A. No. 326/2018

Syndicate Bank, B.K. Road Branch,
B.K. Road, Dist.: Cuttack ...Applicant
Versus
M/s. Shibani Jewellers and others ...Defendants
To
1. **M/s. Shibani Jewellers,** At: Mangalabag, In front of Baghamangala Temple, P.O.: Buxibazar, Dist.: Cuttack-753001, Represented through its Proprietor Sri Sudhakar Dalai.
2. **Sri Sudhakar Dalai,** S/o: Kunja Bihari Dalai, At: Oria Bazar, Near Urdu Girls School, P.O.: Buxibazar, Dist.: Cuttack-753001.
3. **Sri Ajit Ray,** S/o: Late Baishnab Charan Ray, Town Hall Road, P.O.: Telenga Bazar, Dist.: Cuttack.

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED.**

Take notice that the applicant has instituted a suit in **O.A. No. 326/2018** in the Court of Debts Recovery Tribunal at Cuttack for a recovery of **Rs.21,17,775.68** only together with current and future interest, costs and other relief's. The above mentioned defendants are therefore hereby directed to appear before this tribunal in person or through an Advocate or duly authorized agent, in support of their defence to show cause within **30 days** from the date of publication or on **12th day of July, 2019** at **10.30 A.M.** as to why relief's prayed for should not be granted.

Take notice that in case of default the application will be heard and determined in their absence.

Given under my hand and seal of this Tribunal on this **29th day of April 2019.**

Sd/- Registrar
Debts Recovery Tribunal

## ସଂକ୍ଷେପରେ

### ମହିଳାଙ୍କୁ ଅଶାଳୀନ ବ୍ୟବହାର: ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ

**କେନ୍ଦ୍ରାପଡା ଅଫିସ, ୧୧।୬:** ପାଟକୁରା ଥାନା ବଟିରା ମଧୁସୂଦନପୁର ଗ୍ରାମରେ ଜୁନ୍ ୬ରେ ସ୍ଥାନୀୟ ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାଙ୍କ ସହ ଜଣେ ବ୍ୟବସାୟୀ ଅଶାଳୀନ ବ୍ୟବହାର କରିଥିଲେ। ଏନେଇ ଥାନାରେ ଅଭିଯୋଗ ହୋଇଥିଲେ ମଧ୍ୟ ଅଦ୍ୟାବଧି ମାମଲା ରୁଜୁ ହୋଇନାହିଁ। ଏହାର ପ୍ରତିବାଦରେ ଗୋଷ୍ଠୀ ସଦସ୍ୟମାନେ ସୋମବାର ଜିଲାପାଳଙ୍କୁ ଭେଟି କାର୍ଯ୍ୟାନୁଷ୍ଠାନ ନିମନ୍ତେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏସମ୍ପର୍କରେ ସଦସ୍ୟା ସ୍ନେହଲତା ରାଉତ କୁହନ୍ତି ଯେ, ଏକ ବେସରକାରୀ ସଂସ୍ଥାରୁ ଋଣ ଆଣିବା ପାଇଁ ସଦସ୍ୟାଙ୍କ ବୈଠକ ଚାଲିଥିଲା। ଏହି ସମୟରେ ସମ୍ପୃକ୍ତ ବ୍ୟକ୍ତି ସେଠାରେ ପହଞ୍ଚି ମହିଳାଙ୍କ ସହ ଅଶାଳୀନ ବ୍ୟବହାର କରିବା ସହ ଗାଳିଗୁଲଜ କରିଥିଲେ। ଅଭିଯୋଗର ତୁରନ୍ତ ତଦନ୍ତ କରିବା ପାଇଁ ଜିଲାପାଳ ପ୍ରେମଚାନ୍ଦ ଚୌଧୁରୀ ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ଅନୀତା ଜେନାଙ୍କ ସମେତ ୨୦ରୁ ଊର୍ଦ୍ଧ୍ୱ ମହିଳା ସଦସ୍ୟ ଉପସ୍ଥିତ ଥିଲେ।

### ବିଜୁ ଯୁବବାହିନୀ ପକ୍ଷରୁ ବିଧାୟକଙ୍କୁ ସମ୍ବର୍ଦ୍ଧନା

**ରାଜନଗର, ୧୧।୬(ଡି.ଏନ.ଏ.):** ରାଜନଗର ବ୍ଲକ ବିଜୁ ଯୁବ ବାହିନୀ ପକ୍ଷରୁ ସ୍ଥାନୀୟ ବିଧାୟକ ଧ୍ରୁବ ଚରଣ ସାହୁଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ବିଜୁ ଯୁବ ବାହିନୀର ବ୍ଲକ ସଂଯୋଜକ ବିରଞ୍ଚି ନାରାୟଣ ସ୍ୱାଇଁଙ୍କ ନେତୃତ୍ୱରେ ଯୁବ ବାହିନୀ ସଦସ୍ୟମାନେ ବିଧାୟକଙ୍କୁ ରାଜନଗର ବ୍ଲକ ପରିସରରେ ଫୁଲତୋଡା ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ରବିନ୍ଦ୍ର ସିଂ, ଦୀପକ ପଲାଇ, ନିଗମାନନ୍ଦ ମହାନ୍ତି , ଦେବ ପ୍ରସାଦ ସାହୁ, ଦେବେନ୍ଦ୍ର ରାଉଳ, ଶଶୀକାନ୍ତ ବାରିକ, ନିର୍ମଳ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ବିଧାୟକଙ୍କ ଉନ୍ନୟନ କାର୍ଯ୍ୟର ସମୀକ୍ଷା

**ରାଜନଗର,୧୧।୬(ଡି.ଏନ.ଏ.)**



ସମୀକ୍ଷା ବୈଠକ ଅବସରରେ ବିଧାୟକ ଓ ଅନ୍ୟମାନେ।

ମଙ୍ଗଳବାର ରାଜନଗର ବିଧାୟକ ଧ୍ରୁବ ଚରଣ ସାହୁ ପ୍ରଥମ ଥର ପାଇଁ ରାଜନଗର ବ୍ଲକ ଗସ୍ତ କରି ସରକାରୀ ଯୋଜନାର ସମୀକ୍ଷା କରିଛନ୍ତି। ପୂର୍ବାହ୍ନରେ ସେ ରାଜନଗର ବ୍ଲକ ସଭାଗୃହରେ ପହଞ୍ଚି ବିଭାଗୀୟ ଅଧିକାରୀଙ୍କ ସହିତ ବିଭିନ୍ନ ଉନ୍ନୟନମୂଳକ ଯୋଜନାର ସମୀକ୍ଷା କରିଥିଲେ। ଏହି ସମୀକ୍ଷା ବୈଠକରେ ବିଧାୟକ ଗରିବ ଲୋକଙ୍କ ପାଇଁ କାର୍ଯ୍ୟକାରୀ ହେଉଥିବା ଖାଦ୍ୟ ସୁରକ୍ଷା ଯୋଜନା, ବାର୍ଦ୍ଧକ୍ୟ ଭତ୍ତା, ପ୍ରଧାନମନ୍ତ୍ରୀ ଆବାସ ଓ ବିଜୁ ପକ୍କାଘର ଯୋଜନା ଉପରେ ବିଶେଷ ଗୁରୁତ୍ୱାରୋପ କରିଥିଲେ। ରାଜନଗର ବ୍ଲକରେ ୧୫ ଶହ ବୃଦ୍ଧାବୃଦ୍ଧ ଭତ୍ତା ପାଇଁ ଆବେଦନ କରିଛନ୍ତି। ଯଥାଶୀଘ୍ର ସେମାନଙ୍କ ଭତ୍ତା ମଞ୍ଜୁର କରାଯାଇ ପ୍ରଦାନ କରାଯିବ। ଏଥିସହିତ ଖାଦ୍ୟ ସୁରକ୍ଷା ଯୋଜନାରେ ୨ ହଜାର ଗରିବ ଲୋକଙ୍କୁ ସାମିଲ କରାଯିବାର ଲକ୍ଷ୍ୟ ରହିଛି। ଏଥିପାଇଁ ଅଫିସରମାନେ ସେମାନଙ୍କ କାର୍ଯ୍ୟରେ ସ୍ୱଚ୍ଛତା ଅବଲମ୍ବନ କରିବା ପାଇଁ ବିଧାୟକ ପରାମର୍ଶ ଦେଇଥିଲେ। ବ୍ଲକର ବିଭିନ୍ନ ପଞ୍ଚାୟତରେ କାମ ନ ହୋଇ ଏ ବାବଦରେ ଆସିଥିବା ଟଙ୍କା ପଡି ରହିଥିବା ଜାଣି ଉଦ୍‌ବେଗ ପ୍ରକାଶ କରିଥିଲେ। ଏଣୁ ବ୍ଲକର ଏକ ଟିମ୍ ବିଭିନ୍ନ ପଞ୍ଚାୟତରେ ପଡି ରହିଥିବା ଅର୍ଥରେ ଉନ୍ନୟନ କାର୍ଯ୍ୟ ଆରମ୍ଭ କରିବାର ଯୋଜନା ପ୍ରସ୍ତୁତ କରିବାକୁ ବିଧାୟକ ସାହୁ ନିର୍ଦ୍ଦେଶ ଦେଇଥିଲେ। ରାଜନଗର ବ୍ଲକ ସମ୍ପୂର୍ଣ୍ଣ ଦୁର୍ନୀତିମୁକ୍ତ ରଖିବା ସହିତ ରାଜ୍ୟରେ ଏହି ବ୍ଲକକୁ ୧ ନମ୍ବର କରିବା ପାଇଁ ବ୍ଲକ ଅଧିକାରୀ ଏବଂ ସମସ୍ତ କର୍ମଚାରୀଙ୍କ ସହଯୋଗ ଲୋଡିଥିଲେ । ଅତୀତରେ ଏହି ବ୍ଲକରେ ବିଭିନ୍ନ ଯୋଜନାରେ ହୋଇଥିବା ଦୁର୍ନୀତିକୁ ନେଇ ଉଦବେଗ ପ୍ରକାଶ କରିଥିଲେ। ଏଥିସହ ବ୍ଲକରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାର ସମୀକ୍ଷା କରିଥିଲେ। ଏହି ସମୀକ୍ଷା ବୈଠକରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଜୟରାମ ସେଠୀ, ବିଡିଓ ମନ୍ଦରଧର ମହାଲିକ, ସହକାରୀ ନିର୍ବାହୀ ଯନ୍ତ୍ରୀ ଜଳଧର ବେହେରା ବିଭିନ୍ନ ଯୋଜନାର ସ୍ଥିତି ସଂପର୍କରେ ଅବଗତ କରାଇଥିଲେ। ବୈଠକରେ ପୂର୍ବତନ ସମିତି ସଭ୍ୟ ଅଶୋକ କୁମାର ପ୍ରତିହାରୀ, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁରେନ୍ଦ୍ର ପ୍ରସାଦ ରାଉତ, ଜିଲା ପରିଷଦ ସଭ୍ୟ ରବିନ୍ଦ୍ର କୁମାର ସେଠୀ, ରବୀନ୍ଦ୍ର ନାଥ ସେଠୀ, ସରପଞ୍ଚ ଶ୍ରୀକାନ୍ତ କୁମାର ପ୍ରଧାନ, କୁମର କୁମାର ସ୍ୱାଇଁ, କେଦାରନାଥ ସାହୁ, ସମିତିସଭ୍ୟ ପ୍ରଶାନ୍ତ କୁମାର ରାଉତ, ପାରେଶ୍ୱର ନାୟକ, ଚିତ୍ତ ରଞ୍ଜନ ପଣ୍ଡା, ଅନନ୍ତ କୁମାର ଦାସ, କନିଷ୍ଠ ଯନ୍ତ୍ରୀ ଦେବରଞ୍ଜନ ବେହେରା, ବିଶ୍ୱଭୂଷଣ ଭୂୟାଁ, ପ୍ରଭାତ କୁମାର ମାଝି, ବ୍ଲକ ଶିକ୍ଷାଧିକାରୀ ରାଜକିଶୋର ସ୍ୱାଇଁ, ଓଡିଶା ଜୀବିକା ମିଶନର ରଶ୍ମି ରଞ୍ଜନ ଦାସ, ଜିପିଇଓ ଧର୍ମାନନ୍ଦ ଦାସ, ଯୋଗାଣ ଅଧିକାରୀ ପି. ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ପଞ୍ଚାୟତ ସମତି ପକ୍ଷରୁ ଅଧକ୍ଷ ସେଠୀ ନୂତନ ବିଧାୟକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ବ୍ଲକ କାର୍ଯ୍ୟାଳୟରେ ସମୀକ୍ଷା ପରେ ବିଧାୟକ ସାହୁ ସିଡିପିଓଙ୍କ କାର୍ଯ୍ୟାଳୟରେ ପହଞ୍ଚି ସମୀକ୍ଷା କରିଥିଲେ। ଏହି ସମୀକ୍ଷା ବୈଠକରେ ସିଡିପିଓ ପୁଷ୍ପଲତା ଦାସ ଓ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ଏଥିସହ ରାଜନଗର ତହସିଲ କାର୍ଯ୍ୟାଳୟରେ ପହଞ୍ଚି ବିଭିନ୍ନ ଯୋଜନାର ସମୀକ୍ଷା କରିଥିଲେ। ଅତିରିକ୍ତ ତହସିଲଦାର ପ୍ରମୋଦ କୁମାର ମହାନ୍ତି ବିଭିନ୍ନ ଯୋଜନାର ସ୍ଥିତି ସଂପର୍କରେ ରିପୋର୍ଟ ପ୍ରଦାନ କରିଥିଲେ। ବିଧାୟକ ଫନୀ କ୍ଷୟକ୍ଷତି, ଘରପୋଡି ସହାୟତା, ଭୂମିହୀନଙ୍କୁ ପଟ୍ଟା, ବିଭିନ୍ନ ଦୁର୍ଘଟଣା ସଂପର୍କରେ ପଚାରି ବୁଝିଥିଲେ। ଏହି ଅବସରରେ ରାଜନଗର ଓକିଲ ସଂଘ କାର୍ଯ୍ୟାଳୟରେ ଆଇନଜୀବୀମାନଙ୍କ ପକ୍ଷରୁ ବିଧାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

### ୨ ଭିନ୍ନ ସମ୍ପ୍ରଦାୟ ଯୁବକଙ୍କ ଗଣ୍ଡଗୋଳ ମାମଲା

# ୫ ଅଭିଯୁକ୍ତଙ୍କୁ ଧରିଲା ସ୍ପେଶାଲ ସ୍କ୍ୱାଡ୍

**କେନ୍ଦ୍ରାପଡା ଅଫିସ, ୧୧।୬**

ଗତ ୩ ତାରିଖରେ କେନ୍ଦ୍ରାପଡ଼ା ସହରର ବଡହାଟରେ ହୋଇଥିବା ୨ ସମ୍ପ୍ରଦାୟ ଯୁବକଙ୍କ ଗଣ୍ଡଗୋଳ ମାମଲାରେ ଜିଲା ପୋଲିସକୁ ସଫଳତା ମିଳିଛି । ସ୍ପେଶାଲ ସ୍କ୍ୱାଡ୍ ସୋମବାର ବିଳମ୍ବିତ ରାତିରେ ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୫ ଜଣଙ୍କୁ ଧରି ଥାନାରେ ଅଟକ ରଖିଛି। ଫଳରେ ସହର ମଧ୍ୟରେ ଥିବା ଚାପା ଉତ୍ତେଜନା ହ୍ରାସ ପାଇଛି। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ କୌଣସି ଅଭିଯୁକ୍ତଙ୍କୁ ଗିରଫ କରାଯାଇ ନ ଥିବା ବେଳେ ଅନ୍ୟ ଜଣେ ଅଭିଯୁକ୍ତଙ୍କୁ ଧରିବା ପାଇଁ ଉଦ୍ୟମ ଜାରି ରହିଛି ବୋଲି ଥାନା ଅଧିକାରୀ ଦେବାଶିଷ ଆଚାର୍ଯ୍ୟ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ୩ ତାରିଖ ସନ୍ଧ୍ୟାରେ ବାଇକ ଚଳାଇବା ଘଟଣାକୁ ନେଇ ୨ ସମ୍ପ୍ରଦାୟର ଯୁବକଙ୍କ ମଧ୍ୟରେ ହାତାହାତି ହୋଇଥିଲା । ଏଥିରେ ଜଣେ ଯୁବକ ଗୁରୁତର ହୋଇ ଅଦ୍ୟାବଧି କଟକ ବଡ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଏଥିସହ ତାଙ୍କ ବାପା ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହୋଇ ଘରକୁ ଫେରିଛନ୍ତି। ଏହି ଘଟଣାକୁ କେନ୍ଦ୍ରକରି ଦୁଇ ସମ୍ପ୍ରଦାୟ ମଧ୍ୟରେ ଅସହିଷ୍ଣୁତା ଦେଖା ଦେଇଥିଲା । ଉତ୍ତେଜନା ହ୍ରାସ ପାଇଁ ସହରର ଓ ଆଖପାଖ ଅଞ୍ଚଳରେ ୪୮ ଘଣ୍ଟା ଇଣ୍ଟରନେଟ ସେବା ବନ୍ଦ ରହିଥିଲା । ସହର ମଧ୍ୟରେ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ଅଦ୍ୟାବଧି ବ୍ୟାପକ ପୋଲିସ ମୁତୟନ ହୋଇଛନ୍ତି ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅତ୍ୟନ୍ତ ପ୍ରୀତି କଲେ ଲଣ୍ଡଭଣ୍ଡ,**
**ଅତ୍ୟନ୍ତ ପ୍ରୀତି ହଗେ ବାବୁ ମୁଣ୍ଡ ।**

ଅତି ସର୍ବତ୍ର ଗର୍ହିତମ୍। ଅତିର ମାତ୍ରା ସର୍ବଦା କ୍ଷତିକାରକ । ପ୍ରତ୍ୟେକ ବସ୍ତୁ ବା କାର୍ଯ୍ୟର ଅତି ପରିମାଣ କେବେ ବି ଗ୍ରହଣଯୋଗ୍ୟ ହୋଇ ନ ଥାଏ। ସୀମା ଅତିକ୍ରମ କଲେ ଯେକୌଣସି ଜିନିଷ ବା କାର୍ଯ୍ୟର ଫଳ ଓଲଟା ହୋଇଯାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଅଧଡ଼ ଧଡ଼,**
**ଘରେ ଭାତ ନାହିଁ;**
**ବୁଢ଼ୀ କି ତଡ଼ ।**

ଅଭାବଗ୍ରସ୍ତ ଘର ଅକର୍ମଣ୍ୟ ବୃଦ୍ଧା, ବୃଦ୍ଧଙ୍କୁ ରଖି କେମିତି ଚଳେଇବେ, ବରଂ ଘରୁ ବାହାର କରିଦେଲେ ଘରଖର୍ଚ୍ଚ କମିଯିବ। ଏହା କିନ୍ତୁ ଏକ ସାମାଜିକ ଅନ୍ୟାୟ। ସାଧାରଣତଃ ଅକ୍ଷମ ହୋଇଗଲେ ବୃଦ୍ଧା ବା ବୃଦ୍ଧ ବ୍ୟକ୍ତି ଅଲୋଡ଼ା ହୋଇଯାଇଥାନ୍ତି। ସମାଜରେ ତାଙ୍କର ଆଉ କିଛି ଆବଶ୍ୟକତା ରହୁ ନ ଥିବା ନେଇ ବିଚାର କରାଯିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ସମବାୟ ସମିତି ପରିଚାଳନା କମିଟି ବୈଠକ

**ଡେରାବିଶ, ୧୧।୬ (ସ୍ୱ.ପ୍ର.)**

କଟକ କେନ୍ଦ୍ର ସମବାୟ ବ୍ୟାଙ୍କ କେନ୍ଦ୍ରାପଡ଼ା ଶାଖା ଅଧୀନ ଜମଧର କୃଷି ସମବାୟ ସମିତି ପରିଚାଳନା କମିଟିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ସମିତି ସଭାପତି କାର୍ତ୍ତିକ ଚରଣ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ବୈରାଗୀ ଚରଣ ସାହୁ ପୂର୍ବ ବିବରଣୀ ପାଠ କରିବା ସହ ଆଲୋଚନା ପାଇଁ ବିଭିନ୍ନ ପ୍ରସ୍ତାବ ରଖିଥିଲେ। ମୁଗମଣ୍ଡି ଖୋଲିବା, ମଣ୍ଡିରେ ଧାନ ଦେଇ ମୂଲ୍ୟ ପାଇ ନ ଥିବା ଚାଷୀଙ୍କ ଜମାଖାତାକୁ ଟଙ୍କା ପଠାଇବା, ଚଳିତ ବର୍ଷ ଖରିଫ୍ ଚାଷ ପାଇଁ ଋଣ ଲଗାଣ ନିମନ୍ତେ ସଭ୍ୟ ସଂଗ୍ରହ କରିବା, ଗୋଦାମ ଗୃହରେ ଗଚ୍ଛିତ ଧାନକୁ ମିଲର ଡାକି ଦେବା ପାଇଁ ଆଲୋଚନା କରାଯାଇଥିଲା। ସମିତିର ନୂତନଗୃହ ନିର୍ମାଣ, ଖରିଫ୍ ଚାଷ ପାଇଁ ଯଥା ସମୟରେ ଋଣ ପ୍ରଦାନ, ବିହନ ଓ ସାର ଯୋଗାଣ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଆଲୋଚନାରେ ପରିଚାଳନା କମିଟିର ସଦସ୍ୟ ହେମନ୍ତ କୁମାର ସ୍ୱାଇଁ, ବିଶ୍ୱନାଥ ମହାନ୍ତି, ଜିତେନ୍ଦ୍ର କୁମାର ମହାନ୍ତି, ଧୀରେନ୍ଦ୍ର ନାଥ ସ୍ୱାଇଁ, ଅଜୟ କୁମାର ମଲ୍ଲିକ, କେଶବ ଚନ୍ଦ୍ର ପରିଡ଼ା, ଅଭିମନ୍ୟୁ ମହାନ୍ତି ପ୍ରମୁଖ ଅଂଶଗ୍ରହଣ କରିଥିଲେ। ପ୍ରାରମ୍ଭରେ ପୂର୍ବତନ ମନ୍ତ୍ରୀ ବେଦପ୍ରକାଶ ଅଗ୍ରୱାଲ, ସମିତିର ପରିଚାଳନା କମିଟିର ପୂର୍ବତନ ସଭ୍ୟ ଚିତ୍ତରଞ୍ଜନ ବେହେରା, ସମିତିସଭ୍ୟ ବସନ୍ତ କୁମାର ମହାନ୍ତି ଓ ସୁନାକର ପାଇଟଳଙ୍କ ମୃତ୍ୟୁରେ ଶୋକ ପ୍ରସ୍ତାବ ଆଗତ କରାଯାଇଥିଲା। ସହ ସମ୍ପାଦକ ପ୍ରଭାତ କୁମାର ମଲ୍ଲ ଧନ୍ୟବାଦ ଦେଇଥିଲେ।


# CLASSIFIED DISPLAY

ALL EDITION - B/W (Everyday)

for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

FINANCE

ଲୋନ! ଲୋନ! ଲୋନ
BFC FINANCE
୧ ରୁ ୫୦ ଲକ୍ଷ୍ୟ ଲୋନ
ଗୃହଋଣ, ମାର୍କସିଟ ପର୍ସନାଲ, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡ଼ାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

FINANCE
କ୍ୟାପିଟାଲ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ଜମି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ । ୨% ସୁଧ ୪୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
7894251618

ଆଡ୍‌ଭାନ୍ସ ନେଉନ୍ତୁ, ଧୋକା ଦେଉନ୍ତୁ
CAPITAL ONE FINANCE
ଆଧାର କାର୍ଡ ଋଣ
ଗୃହ ଋଣ
ମାର୍କଶିଟ୍ ଋଣ
ପର୍ସନାଲ ଋଣ
ବ୍ୟବସାୟ ଋଣ
ସବୁ ପ୍ରକାର ଋଣ ମାତ୍ର 24 ଘଣ୍ଟାରେ
2% ସୁଧ, 50% ରିହାତି
ସରକାରୀ କର୍ମଚାରୀ ଓ ମହିଳାଙ୍କ ପାଇଁ ବିଶେଷ ରିହାତି
ଠକାମିର ଶିକାର ବ୍ୟକ୍ତି ଯୋଗାଯୋଗ କରନ୍ତୁ
8887072616
8887076388
Add- T-51, Gautampuri Delhi-53

BASUDHA FINANCE
BASUDHA FINANCE ଦ୍ୱାରା ମାର୍କସିଟ୍, ପର୍ସନାଲ ବିଜ୍‌ନେସ୍, ଗୃହ, କୃଷି, ବ୍ୟବସାୟ, ସମ୍ପତ୍ତି ଓ କୁକୁଡା ପାଳନ ସମସ୍ତ ପ୍ରକାର LOAN 1% ସୁଧରେ ମିଳେ।
Mo- 8114631815
7749967517
Jain Market South Part-4, Vigyan Nagar, Delhi-110051, Mundagohira, Gohira Dyam site, Raimal, Debagarh-768121

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD.
(Registration No. - U6519TN198PLC008555)
ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି ଏବଂ ସମସ୍ତ ଋଣ ୩ରୁ ୪ ଦିନରେ ଘରେ ବସି ପାଆନ୍ତୁ ୨% ସୁଧ, ୪୦% ରିହାତି (ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ)।
- Helpline Number -
8859690149
PETUMALI, JHARMUNDA, PETUPALI, BARGARH, ODISHA- 768034

DHARITRI Career appointment Every Wednesday and Saturday

ଭାରତର ନଂ.1 କମ୍ପାନୀ
1988 ଠାରୁ ଆପଣଙ୍କ ସେବାରେ
MAHALAXMI FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା ଆଧାରକାର୍ଡ, ଏଗ୍ରିକଲ୍‌ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL, ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ଛାଡ
7894704743

BUSINESS

BUSINESS
ନୋ ଫାଇଲଚାର୍ଜ, ପଞ୍ଜୀକୃତ କମ୍ପାନୀ ଦ୍ୱାରା ସର୍ଭେ କରାଇ 72 ଘଣ୍ଟାରେ ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍‌ରେ ଯାନ୍ତ୍ରିକ ଉପକରଣ ଲଗାନ୍ତୁ । ଅଗ୍ରିମ ୫୦ ଲକ୍ଷ, ଭଡ଼ା ୫୦,୦୦୦ + ବାଇକ୍ + ଆହୁରି ଅନେକ ସୁବିଧା।
ରାହୁଲ କୁମାର
7376170075
7376985124
ଠିକଣା: ଟି-51, ଗଳି ନଂ.୫, ଗୌତମ ପୁରୀ, ଦିଲ୍ଲୀ

SMS JOBS DHAMAKA (PART/FULL TIME)
GOLD MEDALIST COMPANY
FREE Mobile + Laptop + Bike + 20000/-
Ph- 7739216167
9973805993

GOLD CASH
SELL GOLD / SETTLE YOUR GOLD LOAN AT 100% MARKET VALUE
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

ବ୍ୟବସାୟ
(ସରକାରୀ ଅନୁମୋଦିତ)
ନିଜର ଖାଲି ଜମି ଛାତ, ପ୍ଲଟ୍, କ୍ଷେତରେ ୪ଜି ଡିଜିଟାଲ ଟାୱାର ଲଗାନ୍ତୁ
ଇଣ୍ଡସ୍ ଟାୱାର
ହେଲ୍ପଲାଇନ୍ ନମ୍ବର
18001205460
H. No. # 412, Subhash Nagar, Jind, Haryana

BUSINESS
JDT DIGITAL GROUP LTD.
ସରକାରୀ ପଞ୍ଜୀକୃତ କମ୍ପାନୀ ଦ୍ୱାରା ଡିଜିଟାଲ ଉପକରଣ ନିଜ ଖାଲି ପଡ଼ିଥିବା ଜମି, ଛାତ, ପ୍ଲଟ୍‌ରେ ସାରା ଭାରତର ଯେକୌଣସି ସ୍ଥାନରେ ଲଗାନ୍ତୁ ଏବଂ ପାଆନ୍ତୁ ଅଗ୍ରିମ ୯୦ ଲକ୍ଷ , ଭଡ଼ା ୭୦ ହଜାର + ମାସିକ ୩୦,୦୦୦/-ର ଅନ୍ୟାନ୍ୟ ସୁବିଧା ।
(କୌଣସି ପଞ୍ଜୀକରଣ ଶୁଳ୍କ ନାହିଁ)
Helpline Numbers
09027220980
09027945420
Building No.-86, Room No.-05, C.R. Patil Estate, Near C.R. Patil Road, Dindoli, Surat City, Surat, Gujarat-394210

ପାଠକଙ୍କ ପାଇଁ ସୂଚନା:
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଭାରତର ନଂ.1 ଗୋଲ୍ଡ ମେଡାଲିଷ୍ଟ
INDUS TOWER
କମ୍ପାନୀରୁ ଡିଜିଟାଲ ଟାୱାର ପ୍ଲଟ୍, ଜମିରେ ଲଗାନ୍ତୁ
- ପାଆନ୍ତୁ -
9450268843
9499322173
H. No. 412, Subhash Nagar Jind, Haryana.

TO LET

AVAILABLE FOR RENT / LEASE
3 Storied Newly built commercial Building ( 6000 Sq.ft. Each ) ready for possession, Suitable for OFFICE, SHOWROOM, GODOWN, INSTITUTION Adjacent to NH - 16 at Manguli Square, Cuttack, Odisha
Interested Party may Contact
Tel: 9937421865 / 8917293309
Mail: mohanty9437@hotmail.com

ASTROLOGY

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
A to Z ସମସ୍ୟାର ସମାଧାନ ଘରେ ବସି।
ବାବା ଆମିଲ ସୁଫି
9540938429
9903852257

ବାବା ଆଲାମ ଖାନ
9773820765
8512004851

ସର୍ବ ମନୋକାମନାପୂର୍ଣ୍ଣ କମଳାକ୍ଷୀ ସିଦ୍ଧ ମୁଦି ସହିତ
ସାଧାରଣ ମୁଦି - 1100/-
ସ୍ପେଶାଲ ମୁଦି - 1575/-
7564962303
9354145347

TARIFF

| | Size | Amount |
|---|---|---|
| For Single Day | 6×4 cm | 1500.00 |
| For Single Day | 12×4 cm | 2000.00 |
| For 7 Days | 6×4 cm | 6000.00 |
| For 7 Days | 12×4 cm | 12,000.00 |
| For 15 Days | 6×4 cm | 12,000.00 |
| For 15 Days | 12×4 cm | 25,000.00 |
| For 30 Days | 6×4 cm | 20,000.00 |
| For 30 Days | 12×4 cm | 40,000.00 |

*GST 5% Extra

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୧୨ ଜୁନ୍, ୨୦୧୯



> ସର୍ବଦା ପ୍ରାର୍ଥନା କର, ଯେପରି ତୁମ ଶରୀରର ମୃତ୍ୟୁ ପୂର୍ବରୁ ତୁମ ଭିତରେ ଥିବା ଦୁର୍ଗୁଣଗୁଡ଼ିକର ମୃତ୍ୟୁ ହୋଇଯାଉ।
> - ଫ୍ରାଙ୍କ୍‌ଲିନ୍



## ଆଜି କ'ଣ କେଉଁଠି

ଯାଜପୁର
- ଜିଲା ଦିବ୍ୟାଙ୍ଗ କମିଟି ପକ୍ଷରୁ ବିଶ୍ୱ ଶିଶୁ ଶ୍ରମିକ ନିରୋଧ ଦିବସ ପାଳନ।
- ସ୍ଥାନ- ବଡନୁଣ୍ଡପୁର, ଶଙ୍କମଠ। ସମୟ- ମଧ୍ୟାହ୍ନ ୧୨ଟା ।

## ଭଉଣୀଙ୍କୁ ବଳାତ୍କାର କରି ସମ୍ପର୍କୀୟ ଭାଇ ଗିରଫ

**ଯାଜପୁର ଟାଉନ,୧୧।୬(ଡିଏନଏ):** ନାବାଳିକା ଭଉଣୀକୁ ବଳାତ୍କାର କରି ସମ୍ପର୍କୀୟ ଭାଇ ଜେଲ ଯାଇଥିବା ଭଳି ଘଟଣା ଚର୍ଚ୍ଚାର ବିଷୟବସ୍ତୁ ପାଲଟିଛି। ଯାଜପୁର ଥାନା ଅଞ୍ଚଳରେ ନାବାଳିକା ଭଉଣୀକୁ ସମ୍ପର୍କୀୟ ଭାଇ ବାରମ୍ବାର ବଳାତ୍କାର କରିଥିବା ଯାଜପୁର ଥାନାରେ ଅଭିଯୋଗ ହୋଇଛି। ଏହି ଘଟଣାରେ ପୋଲିସ ଅଭିଯୁକ୍ତ ସମ୍ପର୍କୀୟ ଭାଇ ରବି ବେହେରା (୨୭)ଙ୍କୁ ଗିରଫ କରିଛି। ପୀଡ଼ିତାଙ୍କର କେହି ନ ଥିବାବେଳେ ସେ ତାଙ୍କ ସମ୍ପର୍କୀୟଙ୍କ ଘରେ ୩/୪ ମାସ ହେବ ଶୋଇବାକୁ ଯାଉଥିଲେ। ସେଠାରେ ରବି ତାଙ୍କୁ ବଳାତ୍କାର କରି କାହାରିକୁ ନ କହିବା ପାଇଁ ଧମକ ଦେଉଥିଲେ। ଭୟରେ ପୀଡ଼ିତା କାହାରିକୁ କିଛି ନ କହି ଚୁପ୍ ରହିଥିଲେ। ନାବାଳିକା ତାଙ୍କ ମାମୁ ଘରକୁ ଯାଉଥିବାବେଳେ ରବି ତାଙ୍କୁ ଫୋନ୍ କରି ଶୀଘ୍ର ଘରକୁ ଆସିବାକୁ ଧମକ ଦେଉଥିବାବେଳେ ପୀଡ଼ିତାଙ୍କ ମାମୁ ମାଇଁ ତାହା ଜାଣିପାରିଥିଲେ। ମଙ୍ଗଳବାର ପୀଡ଼ିତା ମାମୁମାଇଁଙ୍କ ସାଥିରେ ଆସି ଯାଜପୁର ଥାନାରେ ଏତଲା ଦେଇଥିଲେ। ପୋଲିସ ଏକ ମାମଲା (ନଂ ୧୫୪/୧୯) ରୁଜୁ କରି ରବିଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

■ ଆଜି ବିଶ୍ୱ ଶିଶୁ ଶ୍ରମିକ ନିରୋଧ ଦିବସ

# ଟାସ୍କଫୋର୍ସ କମିଟି ସ୍ଥାଣୁ, ବଢୁଛନ୍ତି ଶିଶୁଶ୍ରମିକ

**ଯାଜପୁର ଅଫିସ,୧୧।୬**

ଜିଲା ଶ୍ରମ ବିଭାଗ ଟାସ୍କଫୋର୍ସ କମିଟି ସେତେଟା ସକ୍ରିୟ ହୋଇ ପାରୁ ନ ଥିବାରୁ ଯାଜପୁର ଜିଲାରେ ଶିଶୁ ଶ୍ରମିକଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଗତ ୨ ବର୍ଷରୁ ଊର୍ଦ୍ଧ୍ୱ ହେବ ଟାସ୍କଫୋର୍ସ କମିଟି ପକ୍ଷରୁ ନିୟମିତ ଚଢ଼ାଉ କରାଯାଉ ନାହିଁ। ୨୦୧୩-୧୪ରୁ ଟାସ୍କଫୋର୍ସ କମିଟି ମାତ୍ର ୪/୫ ଥର ଚଢ଼ାଉ କରି ପ୍ରାୟ ୩୦ଜଣ ଶିଶୁ ଶ୍ରମିକ ଉଦ୍ଧାର ହୋଇଛନ୍ତି। ସେହିପରି ପରୀ ଯୋଜନାରେ ୭୫ ଜଣ, ମୁସ୍କାନରେ ପ୍ରାୟ ୪୦ଜଣ ଉଦ୍ଧାର ହୋଇଥିବା ସୂଚନା ମିଳିଛି। ଫଳରେ ଚାଷ ଜମିରେ ଖଟିବା, ଅଇଁଠା ବାସନ ଧୋଇବା, ଜରି ଗୋଟାଇବା, ରେଲ୍‌ୱେ ଲାଇନରେ କୋଇଲା ସଂଗ୍ରହ କରିବା, ଜୋତା ପଲିସ୍ ଆଦିରେ ଅନେକ ଶୈଶବଙ୍କ ଜୀବନ ବନ୍ଧା ପଡିଥିବା ଦେଖିବାକୁ ମିଳିଛି। ଜିଲାର ଯାଜପୁରରୋଡ, ସୁକିନ୍ଦା, ଚଣ୍ଡିଖୋଲ, ପାଣିକୋଇଲି, ଯାଜପୁର ଆଦି ସହରର ପ୍ରମୁଖ ଛକଗୁଡ଼ିକରେ ବିଭିନ୍ନ କାର୍ଯ୍ୟରେ ଶିଶୁ ଶ୍ରମିକ ନିୟୋଜିତ ହେଉଛନ୍ତି। ଏପରିକି ବାହାର ରାଜ୍ୟରୁ ଆସି ଶିଶୁଙ୍କୁ ମାଧ୍ୟମ କରି ଏଠାରେ ଭିକ୍ଷାବୃତ୍ତି କରାଇବାର ଦୃଶ୍ୟ ଜିଲାର ମର୍ଯ୍ୟାଦା ହାନୀ ହେଉଥିବା ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଉଛି।

ଆଜିର ଶିଶୁ ଆସନ୍ତା କାଲିର ଭବିଷ୍ୟତ। ଆସନ୍ତାକାଲି ବିଶ୍ୱ ଶିଶୁ ଶ୍ରମିକ ନିରୋଧ ଦିବସ ଅବସରରେ ବିଭିନ୍ନ ସଭା ସମିତିରେ ମନ୍ତ୍ରୀ, ନେତା, ଅଫିସରଙ୍କ ମୁହଁରୁ ଏହି ଉକ୍ତି ଶୁଣିବାକୁ ମିଳିବ। ହେଲେ ବାସ୍ତବରେ ଆସନ୍ତାକାଲିର ଭବିଷ୍ୟତଙ୍କ ପାଇଁ କାହାରି ହୃଦୟରେ ଆନ୍ତରିକତା ନାହିଁ। କିଏ ପରିବାରର ସାହାରା ନ ପାଇ ହୋଟେଲ, ଢାବାରେ ଅଇଁଠା ବାସନ ମାଜୁଛି ତ କିଏ ପରିସ୍ଥିତି ଚାପରେ ପଡ଼ି ଅଳିଆ ଗଦାରୁ ଜରି ଓ ବିଅର ବୋତଲ ଗୋଟାଉଛି। କିଏ ପୁଣି ବିପଦପୂର୍ଣ୍ଣ ସ୍ଥାନରେ କାମ କରି ପରିବାର ମୁହଁରେ ଆହାର ଦେଇ ଶୈଶବକୁ ବିଡ଼ମ୍ବିତ କରିଛି। ସରକାର ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ସଚେତନତା କାର୍ଯ୍ୟକ୍ରମ କରୁଥିଲେ ହେଁ ବାସ୍ତବପକ୍ଷେ ଶିଶୁଶ୍ରମିକମାନେ ଉପକୃତ ହେଉ ନାହାନ୍ତି। ଜିଲାର ରତ୍ନଗର୍ଭା ସୁକିନ୍ଦା ବ୍ଲକରେ ଏବେ ଶିଶୁ ଶ୍ରମିକଙ୍କ ସଂଖ୍ୟା ଅହେତୁକ ଭାବରେ ବଢି ଚାଲିଥିବା ଦେଖିବାକୁ ମିଳୁଛି। ଏଠାରେ ବିଭିନ୍ନ ଖଣିଖାଦାନ ସମେତ ଏକାଧିକ ଶିଳ୍ପାନୁଷ୍ଠାନ ମଧ୍ୟ ରହିଛି। ତେଣୁ ଏଠାରେ ଅନେକଗୁଡିଏ ଛୋଟ ଛୋଟ ବ୍ୟବସାୟ କେନ୍ଦ୍ର ଗଢ଼ି ଉଠିଛି। ଏହି ସବୁ ଅନୁଷ୍ଠାନରେ କାର୍ଯ୍ୟ କରିବା ନିମନ୍ତେ ବୟସ୍କ ଶ୍ରମିକମାନେ ସରକାର ନିର୍ଦ୍ଧାରିତ ଦର ଦାବି କରୁଥିବାରୁ ମାଲିକମାନେ ଛୋଟ ପିଲାଙ୍କୁ ନିଯୁକ୍ତି ଦେଇ କମ୍ ମଜୁରୀରେ କାର୍ଯ୍ୟ ହାସଲ କରୁଥିବା ଦେଖିବାକୁ ମିଳିଛି। ସେହିପରି କଳିଙ୍ଗନଗର ଶିଳ୍ପାଞ୍ଚଳର ମୁଖଶାଳା ଭାବେ ପରିଚିତ ଯାଜପୁରରୋଡ ସହର ସମେତ ଦାନଗଦୀ, ଢୁବୁରୀ ଆଦି ଅଞ୍ଚଳରେ ଶିଶୁ ଶ୍ରମିକ ବିଭିନ୍ନ କାର୍ଯ୍ୟରେ ନିୟୋଜିତ ହେବା ସାଧାରଣ କଥା ହୋଇଛି। ଏହାବାଦ୍ ଚଣ୍ଡିଖୋଲ ଛକରେ କେତେକ ଅଣଓଡ଼ିଆ ମହିଳା ଶିଶୁଙ୍କୁ ମାଧ୍ୟମ କରି ଭିକ୍ଷାବୃତ୍ତି କରାଉଛନ୍ତି। ବିଗତ ଦିନରେ ଏନେଇ ସ୍ଥାନୀୟ ପୋଲିସ ପ୍ରଶାସନ ପଦକ୍ଷେପ ନେଇଥିଲେ ହେଁ ଏବେ ପୁଣି ଏହି ଦୃଶ୍ୟ ସଚେତନ ନାଗରିକଙ୍କୁ ବ୍ୟଥିତ କରିଛି। ଯାଜପୁରରୋଡ ରେଳଷ୍ଟେଶନ, ଫାଟକ ବିଭିନ୍ନ ସ୍ଥାନରେ ପିଲାମାନେ ଭିକ୍ଷାବୃତ୍ତି କରିବା ସହିତ ଜରି ଗୋଟାଇବା, ବୋତଲ ସଂଗ୍ରହ, ପ୍ଲାଷ୍ଟିକ ସାମଗ୍ରୀ ସଂଗ୍ରହ ଆଦି କରୁଥିବା ଦେଖିବାକୁ ମିଳିଛି। ତେବେ ଏହି ଶିଶୁଶ୍ରମିକ ପ୍ରଥାକୁ ବନ୍ଦ କରିବା ନିମନ୍ତେ ୨ବର୍ଷ ପୂର୍ବରୁ ସରକାର ପୋଲିସ ଦ୍ୱାରା ଅପରେଶନ ମୁସ୍କାନ ଭଳି ପଦକ୍ଷେପ ନେଉଥିଲେ। ଏହି ଯୋଜନା ପ୍ରାରମ୍ଭରେ ବେଶ୍ ସଫଳତା ଅର୍ଜନ କରିଥିଲା। ଅପରେଶନ ମୁସ୍କାନ ଜରିଆରେ ବିଭିନ୍ନ ଢାବା, ୱେଲଡିଂ ଦୋକାନ ଆଦି ଠାରୁ ଆରମ୍ଭ କରି ଟ୍ରକ୍ ଓ ଗ୍ୟାରେଜ୍ ଗୁଡିକରୁ ଶତାଧିକ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରି ଯାଜପୁର ଜିଲାପାଳଙ୍କ ନିକଟରେ ହାଜର କରିବା ସହିତ ସେମାନଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। କିନ୍ତୁ ସେହି ମୁସ୍କାନ ଯୋଜନା ଏବେ ନୀରବି ଯାଇଛି। ଯଦି ଶିଶୁ ଶ୍ରମିକ ନିବାରଣ ଆଇନ ୧୯୮୬ ଓ ଏହାର ପରବର୍ତ୍ତି ସଂଶୋଧନ ୨୦୧୬କୁ କଡ଼ାକଡ଼ି ପାଳନ କରାଯାଇଥାନ୍ତା, ତେବେ କେହି ବି ଶିଶୁ ଶ୍ରମିକ ରଖିବାକୁ ସାହସ କରନ୍ତେ ନାହିଁ। କାରଣ ଏହି ଆଇନ ଅନୁଯାୟୀ ଶିଶୁ ଶ୍ରମିକଙ୍କୁ କାର୍ଯ୍ୟରେ ଲଗାଉଥିବା ବ୍ୟକ୍ତି ୫୦ହଜାର ଜରିମାନା ଦେବା ସହିତ ୨ବର୍ଷ ଜେଲ୍ ଦଣ୍ଡ ଭୋଗିବ ବୋଲି ଆଇନରେ ରହିଛି। ଅନ୍ୟପକ୍ଷରେ ଶିଶୁ ସାକ୍ଷରତା ଅଧିକାର ଆଇନ ୨୦୦୯ ଅନୁଯାୟୀ ସର୍ବଶିକ୍ଷା ଅଭିଯାନ କ୍ଷେତ୍ରରେ ଠିକ୍ ଭାବରେ କାର୍ଯ୍ୟ ନ ହେବା, ଅଧାରୁ ସ୍କୁଲ୍ ଛାଡୁଥିବା ପିଲାଙ୍କୁ ପୁଣି ମୁଖ୍ୟସ୍ରୋତରେ ସାମିଲ ନ କରିବା ମଧ୍ୟ ଏହି ଅଞ୍ଚଳରେ ଶିଶୁ ଶ୍ରମିକ ବୃଦ୍ଧିର ଅନ୍ୟତମ କାରଣ ଅଟେ। ଶିଶୁ ଶ୍ରମିକଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବାକୁ ହେଲେ ଜିଲାରେ ଆବାସିକ ଶିଶୁ ଶ୍ରମିକ ବିଦ୍ୟାଳୟର ଆବଶ୍ୟକ ରହିଛି ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଉଛି। ସେହିପରି ରାଜ୍ୟସ୍ତରରେ ଏକ ଚାଇଲ୍ଡ ଲେବର ମିଶନ ଗଠନ କରାଯାଇ ପାରିଲେ ଏହା ଶିଶୁ ଶ୍ରମିକଙ୍କ ଥଇଥାନ ଉପରେ ବେଶ୍ ଉପଯୋଗୀ ହୋଇପାରନ୍ତା ବୋଲି ଅନେକ ମତପ୍ରକାଶ କରୁଛନ୍ତି। ଏସଂକ୍ରାନ୍ତରେ ଯାଜପୁର ଡିଭିଜନାଲ ଲେବର କମିଶନ ସୁନିଲ କୁମାର ସାହୁଙ୍କୁ ପଚାରିବାରେ ସେ କହିଛନ୍ତି ଶ୍ରମ ଟାସ୍କଫୋର୍ସ ସକ୍ରିୟ ରହିଛି। ତଥାପି ଆହୁରି ସକ୍ରିୟ କରିବାକୁ ଆଗାମୀ ଦିନରେ ଏକ ବୈଠକର ଆୟୋଜନ କରିବାକୁ ସ୍ଥିର ହୋଇଛି। ବିଭିନ୍ନ ସମୟରେ ଖବର ଆସିଲେ ସମ୍ପୃକ୍ତ ସ୍ଥାନରେ ଚଢ଼ାଉ କରାଯାଇ ଶିଶୁଶ୍ରମିକଙ୍କୁ ଉଦ୍ଧାର କାର୍ଯ୍ୟ ଜାରି ରହିଛି ବୋଲି ସେ କହିଛନ୍ତି।


ଯାଜପୁର ଜିଲା

## ଦୁଇ ବାଇକ୍ ମୁହାଁମୁହିଁ, ୩ ଗୁରୁତର

**ରସୁଲପୁର,୧୧।୬(ଡି.ଏନ.ଏ): ** ରସୁଲପୁର ବ୍ଲକ ଅନ୍ତର୍ଗତ ୧୬ନମ୍ବର ଜାତୀୟ ରାଜପଥର ବାରବାଟୀ ଗଣେଶ ବଜାର ଡାଇଭର୍ସନ ନିକଟରେ ମଙ୍ଗଳବାର ସନ୍ଧ୍ୟାରେ ଦୁଇଟି ବାଇକ୍ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ୩ଜଣ ଗୁରୁତର ହୋଇଛନ୍ତି। ଆହତଙ୍କୁ ଡାକ୍ତରଖାନାକୁ ସ୍ଥାନାନ୍ତର କରିବା ପାଇଁ ସ୍ଥାନୀୟ ଲୋକେ ୧୦୮ ଆମ୍ବୁଲାନ୍ସର ସହାୟତା ଲୋଡିଥିଲେ ହେଁ ତାହା ଠିକ୍ ସମୟରେ ପହଞ୍ଚି ନ ପାରିବାରୁ ସେମାନଙ୍କୁ ଏକ ଅଟୋ ସହାୟତାରେ ଡାକ୍ତରଖାନାକୁ ପଠାଇଥିଲେ। ଆହତମାନେ ହେଲେ ମୁଗୁପାଳ ପଞ୍ଚାୟତ ସାରଙ୍ଗପୁର ଗ୍ରାମର ବିଦ୍ୟୁତ ମିସ୍ତ୍ରୀ ମୁନା ଓରଫ ବିନୋଦ ପରିଡା(୪୨), ହେଲପର ଅଚ୍ୟୁତ ମଲିକଙ୍କ ପୁଅ ବାଟୁଆ(୨୫), ଓଡିଶୋ ପଞ୍ଚାୟତ ବାହାବଳପୁର ଗ୍ରାମର ସଞ୍ଜୟ ରାଉତ(୪୫)। ବିନୋଦ ଓ ବାଟୁଆ ଏକ ବାଇକ୍‌ରେ ଜାରକାରୁ କୁଆଖିଆ ଆଡକୁ ଫେରୁଥିଲେ। ବିପରୀତ ଦିଗରୁ ସଞ୍ଜୟ ଆସୁଥିବାବେଳେ ଉଭୟ ବାଇକ୍ ଚାଳକ ଭାରସାମ୍ୟ ହରାଇବାରୁ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ସମସ୍ତ ୩ଜଣ ଗୁରୁତର ହୋଇଛନ୍ତି। ସେମାନଙ୍କୁ ଧର୍ମଶାଳାରେ ପ୍ରାଥମିକ ଚିକିତ୍ସା କରାଯାଇଥିଲା। ଆହତଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଧର୍ମଶାଳା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣା ସ୍ଥଳରୁ ବାଇକ୍ ଦୁଇଟିକୁ ଜବତ କରିଛି।



# ରଜ ପାଇଁ ଚଳଚଞ୍ଚଳ ପୁରପଲ୍ଲୀ

**ବିଞ୍ଝାରପୁର,୧୧।୬(ଡି.ଏନ୍.ଏ.)**

ଆଉ ଦୁଇ ଦିନ ପରେ ରଜ ପର୍ବ। ବାରମାସ ତେର ପର୍ବ ମଧ୍ୟରୁ ଓଡ଼ିଆଙ୍କ ମୁଖ୍ୟ ପର୍ବଭାବେ ରଜ ପର୍ବ ପରିଗଣିତ। ଘରେଘରେ ବେଶ୍ ଆନନ୍ଦ ଉଲ୍ଲାସର ସହିତ ଏହି ପର୍ବ ପାଳନ କରାଯାଇଥାଏ। ଆସନ୍ତା ୧୩ ତାରିଖରେ ରଜ ପାଇଁ ସଜବାଜ ଆରମ୍ଭ ହେଉଥିବାବେଳେ ୧୪, ୧୫ ଓ ୧୬ ୩ଦିନ ବ୍ୟାପୀ ରଜ ଏବଂ ୧୭ତାରିଖରେ ବସୁମତୀ ସ୍ନାନ ଉତ୍ସବ ପାଳନ କରାଯିବ। ଏ ନେଇ ବିଞ୍ଝାରପୁର ଅଞ୍ଚଳ ଚଳଚଞ୍ଚଳ ହୋଇଉଠିଛି। ହାତରେ ମାତ୍ର ଦୁଇଦିନ ସମୟଥିବାରୁ ଲୋକମାନେ କିଣାକିଣି ଆରମ୍ଭ କରିଦେଇଛନ୍ତି। ବିଶେଷକରି ଡ୍ରେସ୍ ଦୋକାନଗୁଡିକରେ ଭିଡ ଦେଖିବାକୁ ମିଳିଛି। ଗୃହିଣୀ ଓ କୁମାରୀମାନେ ଶାଢ଼ି ଓ ଚୁଡ଼ିଦାର, ସାଲୱାର, ଜିନ୍ସ, ସ୍କଟ ଆଦି ବିଭିନ୍ନ ଭେରାଇଟି ପୋଷାକ କଣିବାରେ ମନ ବଳାଇଛନ୍ତି। ସେହିପରି ବାଳମୁକୁଳି, ବିଞ୍ଝାରପୁର ଓ ସିଂହପୁର ହାଟରୁ ସୁବିଧାରେ ସଉଦା ପତ୍ରକ୍ରୟ ବିକ୍ରୟ ହେଉଥିବା ଦେଖିବାକୁ ମିଳିଛି। ପ୍ରବଳଗ୍ରୀଷ୍ମ ପ୍ରବାହ ସତ୍ତ୍ୱେ ଦୋକାନ ବଜାରରେ ଭିଡ ରହୁଛି। ବିଞ୍ଝାରପୁରର ଅଞ୍ଚଳରେ ରଜ ଉତ୍ସବ ଭିନ୍ନଭିନ୍ନ ଢଙ୍ଗରେ ପାଳନ କରାଯାଇଥାଏ। ଫତେପୁର ପଞ୍ଚାୟତର ନାଉପାଳ ଗ୍ରାମରେ ମହାସମାରୋହରେ ଭାଗବତ୍ ଗାଦି ଉତ୍ସବ ପାଳନ କରାଯାଇଥାଏ। ରଜ ତିନି ଦିନ ବ୍ୟାପୀ ଏହି ଗ୍ରାମରେ ମାଛ, ମାଂସ ଆଦି ଆମିଷକୁ ବର୍ଜନ କରାଯାଇଥାଏ। କିନ୍ତୁ ଅନ୍ୟ ଅଞ୍ଚଳଗୁଡିକରେ ରଜ ସମୟରେ ମାଛ ଓ ମାଂସ ସହ ପିଠା ପଣାର ମଧ୍ୟ ଆସର ଜମିଥାଏ। ସେହିପରି ବରୁଣେଶ୍ୱର ପୀଠରେ ସ୍ୱତନ୍ତ୍ର ଯଜ୍ଞର ଆୟୋଜନ ହୋଇଥାଏ। ବରୁଣେଶ୍ୱର ପୀଠରେ ବିଶ୍ୱଶାନ୍ତି ନିମନ୍ତେ ବର୍ଷବର୍ଷ ଧରି ଏହି ଯଜ୍ଞ ଉତ୍ସବ ପରମ୍ପରା ଅନୁଷ୍ଠିତ ହୋଇଆସୁଛି। ରଜରେ ଗ୍ରାମର ଯୁବକମାନେ ତାସ ଓ କବାଡ଼ି ଖେଳର ମଜା ନେଇଥାନ୍ତି। ବହୁ ସ୍ଥାନରେ କବାଡି ପ୍ରତିଯୋଗିତାର ମଧ୍ୟ ଆୟୋଜନ ହୋଇଥାଏ। ରଜରେ କାକରା, ଆରିସା ଓ ପୋଡପିଠା ମୁଖ୍ୟ ଆକର୍ଷଣ ପାଲଟିଥାଏ। ଏହି ସମୟରେ ଛୋଟ ଶିଶୁଟିଏଠାରୁ ଆରମ୍ଭକରି ବୃଦ୍ଧାବୃଦ୍ଧ ପିଠାପଣାର ମଜା ନେବା ସହ ଦୋଳିର ମଜା ନେବାକୁ ଭୁଲି ନ ଥାନ୍ତି। ତାଳ ବାଉଙ୍ଗା ପ୍ରସ୍ତୁତ କେରଟ (ବିଶେଷ ପ୍ରକାର ଦଉଡି) ପ୍ରସ୍ତୁତରେ ଦୋଳି ତିଆରି ହୋଇଥାଏ। ହେଲେ ଆଧୁନିକ ଛାପରେ ଏବେ ପ୍ଲାଷ୍ଟିକ ଦଉଡିର ଦୋଳି ଦେଖିବାକୁ ମିଳୁଛି। ଚଳିତ ବର୍ଷ ଅଞ୍ଚଳରେ ଚାଷ ଅମଳ ଭଲ ହୋଇ ନ ଥିଲେ ବି ବର୍ଷକରେ ଆସିଥିବା ରଜ ମଉଜକୁ ହାତଛଡା କରିବାକୁ କେହି ଚାହୁଁ ନ ଥିବା ଦେଖିବାକୁ ମିଳିଛି।


ରଜ ପାଇଁ ସ୍ଥାନୀୟ ଏକ ବଜାରରେ ଲୋକେ ଭିଡ଼ ଲଗାଇଛନ୍ତି।

■ ଡିଏମ୍ଏଫ୍ ପାଣ୍ଠିରେ ମେଡିକାଲ କୋଚିଂ

# ୨୫ ଛାତ୍ରୀଛାତ୍ର କୃତକାର୍ଯ୍ୟ



କୋଚିଂ ସେଣ୍ଟରର କର୍ମକର୍ତ୍ତାଙ୍କ ସହ କୃତୀ ଛାତ୍ରୀଛାତ୍ର।

**ଯାଜପୁର ଅଫିସ,୧୧।୬**

ଜିଲା ଖଣିଜ ପ୍ରତିଷ୍ଠାନ(ଡିଏମ୍ଏଫ୍) ପାଣ୍ଠିରୁ ଖଣି ପ୍ରଭାବିତ ଅଞ୍ଚଳରେ ଉନ୍ନୟନ କାର୍ଯ୍ୟ ସେତେଟା ସଫଳତା ପାଇ ନ ଥିଲେ ହେଁ ମେଡିକାଲ ପ୍ରବେଶିକା ପରୀକ୍ଷାରେ ଜିଲାର ୨୫ଜଣ ଛାତ୍ରୀଛାତ୍ର ପ୍ରଥମ ପର୍ଯ୍ୟାୟରେ ନିଟ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି। ଜିଲାର ୨୮ଜଣ ଛାତ୍ରୀଛାତ୍ରଙ୍କୁ ଡିଏମ୍ଏଫ୍ ପାଣ୍ଠିରୁ ମେଡିକାଲ କୋଚିଂ ବ୍ୟବସ୍ଥା କରାଯାଇଥିଲା। ଏହି ସଫଳତା ପାଇଁ ଜିଲାପାଳ ରଞ୍ଜନ କୁମାର ଦାସ ସମସ୍ତ ଛାତ୍ରୀଛାତ୍ର ଓ କୋଚିଂ ପ୍ରଦାନ କରୁଥିବା ସେଣ୍ଟର ଫର ଏଜୁକେଶନ ଆଣ୍ଡ ସୋସିଆଲ ଡେଭଲପମେଣ୍ଟ ଅନୁଷ୍ଠାନର କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି। ଜିଲାର ୨୮ ଜଣ ସାମାଜିକ ଓ ଆର୍ଥିକ କ୍ଷେତ୍ରରେ ଅନଗ୍ରସର ପିଲାଙ୍କୁ ଏହି ଅନୁଷ୍ଠାନ ମାଧ୍ୟମରେ ତାଲିମ ପ୍ରଦାନ କରାଯାଇଥିଲା। ଭୁବନେଶ୍ୱର ଇନ୍‌ଷ୍ଟିଚ୍ୟୁଶନର ହଷ୍ଟେଲରେ ରଖାଯିବା, ଖାଦ୍ୟପାନୀୟ ଓ ପଠନଯୋଗ୍ୟ ଇତ୍ୟାଦି ଖର୍ଚ୍ଚ ଡିଏମ୍ଏଫ ପାଣ୍ଠିରୁ ପ୍ରଦାନ କରାଯାଇଥିଲା। ଯାହାର ଫଳସ୍ୱରୂପ ନିଟ୍ ପରୀକ୍ଷାରେ ଏହି ପିଲାମାନେ ସଫଳ ହୋଇଛନ୍ତି ବୋଲି କୋଚିଂ ସେଣ୍ଟର ପକ୍ଷରୁ ଅବଗତ କରାଯାଇଛି। ୧୧ ମାସର ତାଲିମରେ ଛାତ୍ରୀଛତ୍ରଙ୍କ ଏହି ସଫଳତା ବେଶ ଉତ୍ସାହଜନକ ବୋଲି ଅନୁଷ୍ଠାନର ଅଧ୍ୟକ୍ଷା ସଂଘମିତ୍ରା ମହାପାତ୍ର ସୂଚନା ଦେଇଛନ୍ତି। ଭବିଷ୍ୟତରେ ମଧ୍ୟ ଅନୁରୂପ କୋଚିଂର ବ୍ୟବସ୍ଥା କରାଯାଇ ଡାକ୍ତର ସମସ୍ୟାକୁ ଦୂର କରାଯିବ ବୋଲି ଜିଲାପାଳ ଦାସ ମତପ୍ରକାଶ କରିଛନ୍ତି । କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରମାନେ ହେଲେ ଅମଲାନି ସତ୍ୟପ୍ରଜ୍ଞା ବଳ, ଗଦାଧର ବିଶ୍ୱାଳ, ସୁରେଖା ମହାନ୍ତି, ଆଶୁତୋଷ ସାମଲ, ଅର୍ପିତା ମଲ୍ଲିକ, ଅରୋବିଳ ମହାପାତ୍ର, ବିଜୟଭୂଷଣ ଦାଶ, ଚନ୍ଦ୍ରଶେଖର ସେଠୀ, ଧନେଶ୍ୱର ଦାସ, ଦିପ୍ତୀଶ୍ରୀ ମନମୋହିନୀ ଜେନା, ଏଜାଜ ଆଲମ ଖାନ୍, ଏଲିନା ନାୟକ, ଗାୟତ୍ରୀ ବେହେରା, କ୍ଷଣପ୍ରଭା ସେନାପତି, ମଧୁସ୍ମିତା ପାଢୀ, ପବିତ୍ରରଞ୍ଜନ ମଲିକ, ପ୍ରିୟଙ୍କା ପ୍ରିୟଦର୍ଶିନୀ ଜେନା, ପୁଷ୍ପକାନ୍ତ ସାହୁ, ସାଇ ପ୍ରିୟଙ୍କା ପ୍ରିୟଦର୍ଶିନୀ, ସାଗରଚନ୍ଦ୍ର ପଢିହାରୀ, ସାଲୋନୀ ଦାଶ, ଶିବପ୍ରସାଦ ସାହୁ, ସୌମ୍ୟଜିତ ବେହେରା, ସୌମରଞ୍ଜନ ରାଉତ, ସୌମ୍ୟା ମାଝୀ।

**ଜନ ବିରୋଧୀ କାର୍ଯ୍ୟ ଅଭିଯୋଗ**

## ବ୍ଲକ ଅଧ୍ୟକ୍ଷା, ଉପାଧ୍ୟକ୍ଷଙ୍କ କାର୍ଯ୍ୟାଳୟରେ ତାଲା ପକାଇ ପ୍ରତିବାଦ

**କଳିଙ୍ଗନଗର,୧୧।୬(ଡି.ଏନ୍.ଏ.)**

ଦାନଗଦୀ ବ୍ଲକ ଅଧ୍ୟକ୍ଷା ଓ ଉପାଧ୍ୟକ୍ଷ ଜନ ବିରୋଧୀ କାର୍ଯ୍ୟ, ଟେଣ୍ଡର ଫିକ୍ସିଂ ଓ ପିସି କାରବାରରେ ସମ୍ପୃକ୍ତିଥିବା ଅଭିଯୋଗକରି ମଙ୍ଗଳବାର ସ୍ଥାନୀୟ ଅଞ୍ଚଳର କେତେଜଣ ଲୋକେ ତାଙ୍କ କାର୍ଯ୍ୟାଳୟରେ ତାଲା ପକାଇ ଦେଇଥିଲେ। ଏଥିସହ ଅଧ୍ୟକ୍ଷାଙ୍କ ନାମରେ ବ୍ଲକ କାର୍ଯ୍ୟାଳୟ ବାହାରେ ଥିବା ଏକ ସୂଚନା ଫଳକ ଭାଙ୍ଗି ଦେଇଛନ୍ତି। ପରେ କିଛି ଲୋକଙ୍କ ହସ୍ତକ୍ଷେପପରେ ଅନ୍ଦୋଳନ କାରୀମାନେ ତାଲା ଫିଟାଇଥିଲେ। ଏ ସମ୍ପର୍କରେ ବ୍ଲକ ଅଧ୍ୟକ୍ଷା ଏବଂ ଉପାଧ୍ୟକ୍ଷ ସନ୍ଧ୍ୟାରେ ଯାଜପୁର ରାଡ ଥାନାରେ ଅଭିଯୋଗ କରିଥିବା ଜଣାପଡିଛି। ବ୍ଲକ ଅଧ୍ୟକ୍ଷା ଲୋପାମୁଦ୍ରା ନାୟକ, ଉକ୍ତ ଘଟଣାକୁ ନିନ୍ଦା କରିବାସହ ଏହା ଏକ ଦୁର୍ଭାଗ୍ୟଜନକ ବୋଲି କହିଛନ୍ତି। ଏଥିସହ ସେ କୌଣସି ଜନ ବିରୋଧୀ କାର୍ଯ୍ୟ କରୁ ନ ଥିବା କହିଛନ୍ତି। ଏ ନେଇ ବିଡିଓ ମଣିପ୍ରସାଦ ଦାସଙ୍କ ମତାମତ ମଳିପାରି ନାହିଁ।

## ବିଦ୍ୟୁତ୍ ଆଘାତରେ ବୃଦ୍ଧ ଗୁରୁତର

**ଢୁବୁରୀ,୧୧।୬(ଡି.ଏନ୍.ଏ.):** କଳିଙ୍ଗନଗର ଥାନା ଅନ୍ତର୍ଗତ ପିଙ୍ଗଳ ଗ୍ରାମରେ ମଙ୍ଗଳବାର ପୂର୍ବାହ୍ନରେ ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଣେ ବୃଦ୍ଧ ଗୁରୁତର ହୋଇଛନ୍ତି। ଗୁରୁତର ଜଣଙ୍କ ଈଶ୍ୱର ବେହେରା (୬୫)। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଦାନଗଦୀ ଓ ପରେ କଟକ ସ୍ଥାନାନ୍ତର କରାଯାଇଛି। ପ୍ରକାଶ ଯେ, ଗ୍ରାମରେ ଗ୍ୟାସ୍ ଲାଇନ୍ ପାଇପ୍ ବିଛା କାମ ଚାଲିଛି। ଏ ନେଇ ଖୋଳାଯାଉଥିବା ମାଟିକୁ ପାଇଲାଇନ୍ କଡ଼ରେ ଗଦା କରାଯାଉଛି। ମଙ୍ଗଳବାର ଈଶ୍ୱର ଏକ ବାଡି ଧରି ଉକ୍ତ ମାଟି ଗଦା ଦେଇ ଆସୁଥିବାବେଳେ ଅସାବଧାନତା ବଶତଃ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଥିଲେ।

# ସୁନା, ଟଙ୍କା ଥିବା ବ୍ୟାଗ୍ ପାଇ ଫେରାଇଲେ

**ଧର୍ମଶାଳା,୧୧।୬(ଡି.ଏନ୍.ଏ.)**

ରାସ୍ତାରେ ପଡିଯାଇଥିବା ସୁନା ଓ ଟଙ୍କା ଥିବା ବ୍ୟାଗ୍ ପାଇ ମଙ୍ଗଳବାର ଧର୍ମଶାଳା ବ୍ଲକ ପାଟପୁର ପଞ୍ଚାୟତ ସରପଞ୍ଚ ଫେରାଇ ନିଜର ବଦାନ୍ୟତା ଦେଖାଇଛନ୍ତି। ତାଙ୍କର ଏହି ବଦାନ୍ୟତା ଧର୍ମଶାଳା ଅଞ୍ଚଳରେ ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛି। ପ୍ରକାଶ ଯେ, ପାଟପୁର ପଞ୍ଚାୟତ ସରପଞ୍ଚ ନଗେନ୍ କୁମାର ନାୟକ କୌଣସି ଏକ କାମରେ ଜାରକା ଆସିଥିଲେ। ଏହି ସମୟରେ ତାରିଣୀ ଅଟୋ ଗ୍ୟାରେଜ ସମ୍ମୁଖ ରାସ୍ତାରେ ଏକ ଭ୍ୟାନିଟ୍ ବ୍ୟାଗ୍ ପଡିଥିବା ଦେଖିଥିଲେ। ବ୍ୟାଗକୁ ଯାଞ୍ଚ କରିବା ପରେ ସେଥିରେ ଏକ ସୁନାଚେନ୍, ଲକେଟ୍, ପାଉଁଜି, ୭୫୦ ଟଙ୍କା ଓ ଏଟିଏମ୍ କାର୍ଡ ଥିବା ଦେଖିଥିଲେ। ଏଟିଏମ୍ କାର୍ଡରୁ ବ୍ୟାଗଟି ସ୍ଥାନୀୟ ତରାପୁର ଗ୍ରାମର ସେକ୍ ଆୟୁବଙ୍କ ସ୍ତ୍ରୀ ଅଫ୍‌ସାନା ବେଗମ୍‌ଙ୍କ ବୋଲି ଜଣାପଡିଥିଲା। ଅଫ୍‌ସାନା ବେଗମ୍‌ଙ୍କୁ ସରପଞ୍ଚ ନଗେନ୍ ଫୋନଯୋଗେ ଯୋଗାଯୋଗକରି ବ୍ୟାଗ୍‌ଟି ପାଇଥିବା କହିଥିଲେ। ପରେ ସ୍ଥାନୀୟ ଅଞ୍ଚଳର କେତେଜଣ ଲୋକଙ୍କ ଉପସ୍ଥିତିରେ ବ୍ୟାଗ୍‌ଟିକୁ ଫେରସ୍ତ କରିଥିଲେ। ଏ ନେଇ ଆଫସାନା ସରପଞ୍ଚଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସେ ସ୍କୁଟିରେ ନିଜ ସମ୍ପର୍କୀୟଙ୍କ ସହିତ ଜେନାପୁର ଯାଉଥିବାବେଳେ ଅସାବଧାନତା ବସତଃ ବ୍ୟାଗଟି ପଡିଯାଇଥିବା ଅଫସାନା କହିଛନ୍ତି।


ସରପଞ୍ଚ ଭ୍ୟାନିଟ୍ ବ୍ୟାଗ୍ ମହିଳାଙ୍କୁ ଫେରାଉଛନ୍ତି।

**ସରପଞ୍ଚଙ୍କ ବଦାନ୍ୟତା**

# ଶୋଚନୀୟ ରାସ୍ତା, ଲୋକେ ହୀନସ୍ତା

**ଯାଜପୁର ଅଫିସ,୧୧।୬**

ଯାଜପୁର ଜିଲାର ସମସ୍ତ କଚ୍ଚା ରାସ୍ତାକୁ ପକ୍କା ରାସ୍ତା ଭାବେ ନିର୍ମାଣ କରିବାକୁ ଗ୍ରାମ୍ୟ ନିର୍ମାଣ ବିଭାଗ କାମ କରୁଛି। ଏଥିପାଇଁ ପ୍ରତିବର୍ଷ କୋଟି କୋଟି ଟଙ୍କାର ଯୋଜନା ପ୍ରଣୟନ କରାଯାଉଛି। ହେଲେ ଜିଲାର କୋରେଇ ବ୍ଲକସ୍ଥିତ ନବଗଠିତ ହଳଦିଗଡ଼ିଆ ପଞ୍ଚାୟତର ମୁଖ୍ୟରାସ୍ତାକୁ ଦେଖିଲେ ଯାଜପୁର ଜିଲାରେ ଗମନାଗମନ କ୍ଷେତ୍ରରେ ବିକାଶ କେତେ ଯେକେହି ବି ଅନୁମାନ କରି ପାରିବେ। କୋରେଇ ବ୍ଲକ ବରୁଣ୍ଡାଇ ମୁଖ୍ୟ ରାସ୍ତାର ହଳଦିଗଡିଆ ଗ୍ରାମ ଆରମ୍ଭରୁ ଭାୟା ସ୍କୁଲ ଦେଇ ପାଲାମଣ୍ଡପ ପର୍ଯ୍ୟନ୍ତ ଏକ ରାସ୍ତା ଯାଇଛି। ଏହି ରାସ୍ତା ଉପରେ ପ୍ରତ୍ୟହ ୧୦ ଗ୍ରାମର ଲୋକ ନିର୍ଭର କରିଥାନ୍ତି। କୋରେଇ ଡାକ୍ତରଖାନାକୁ ଗର୍ଭବତୀ ମହିଳାଙ୍କୁ ଏହି ରାସ୍ତା ଦେଇ ନେଇଥାନ୍ତି। ଅନେକ ଏହି ରାସ୍ତାରେ ପଡ଼ି ନିକଟରେ ଖଣ୍ଡିଆ ଖାବରା ହୋଇଥିବାର ନଜିର ରହିଛି। କୁନିକୁନି ପିଲାମାନେ ଏହି ରାସ୍ତାରେ ସ୍କୁଲକୁ ପାଠ ପଢିବାକୁ ମଧ୍ୟ ଯାଇଥାନ୍ତି। ଏଠାରେ ସୂଚନାଯୋଗ୍ୟ ଯେ, ଯାଜପୁର ଗ୍ରାମ୍ୟ ନିର୍ମାଣ ଡିଭିଜନ ପକ୍ଷରୁ ୨୦୧୮-୧୯ ଆର୍ଥିକ ବର୍ଷରେ ବିଭିନ୍ନ ଯୋଜନାରେ ୧୫,୫୬୯ ଲକ୍ଷ ଟଙ୍କା ଅନୁଦାନ ମଞ୍ଜୁର ହୋଇଥିଲା। ଏଥିରେ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ୧୯ଟି ରାସ୍ତା ପାଇଁ ୮,୫୧୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ହେଲେ ୧୫ଟି ରାସ୍ତାରେ ମାତ୍ର ୫୦ ପ୍ରତିଶତ ଖର୍ଚ୍ଚ ହୋଇଥିବା ଏକ ରିପୋର୍ଟରୁ ଜଣାପଡିଛି। ସେହିପରି ପ୍ଲାନ ଯୋଜନାରେ ୪୯୨୧.୭୨ ଲକ୍ଷ ଟଙ୍କା ଅନୁଦାନରୁ ୯୯ପ୍ରତିଶତ ହିସାବରେ ଖର୍ଚ୍ଚ ହୋଇଛି ୪୮୭୫.୧୭ ଲକ୍ଷ ଟଙ୍କା। ନନ୍‌ପ୍ଲାନ ଯୋଜନାରୁ ଆବଣ୍ଟିତ ୨୧୩୮.୭୦ ଲକ୍ଷ ଟଙ୍କା ମଧ୍ୟରୁ ୯୯.୯୬ ପ୍ରତିଶତ ହିସାବରେ ୨୧୩୮.୦୫ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବା ବାର୍ଷିକ କାର୍ଯ୍ୟ ଯୋଜନା ଓ ସଫଳତା ରିପୋର୍ଟରୁ ସୂଚନା ମିଳିଛି। ହେଲେ କୋରେଇ ବ୍ଲକର ନବଗଠିତ ହଳଦିଗଡ଼ିଆ ପଞ୍ଚାୟତର ଏହି ରାସ୍ତାକୁ ଦେଖିଲେ ଆବଣ୍ଟିତ ଅନୁଦାନର ବିନିଯୋଗ ଉପରେ ସନ୍ଦେହ ପ୍ରକାଶ ପାଇବା ସ୍ୱାଭାବିକ। ଏନେଇ ହଳଦିଗଡିଆ ପଞ୍ଚାୟତବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇବା ସହିତ ଆଗାମୀ ଦିନରେ ପକ୍କା ରାସ୍ତା ନିର୍ମାଣ କରା ନ ଗଲେ ବ୍ୟାପକ ଆନ୍ଦୋଳନ ହେବ ବୋଲି ଚେତାବନୀ ଦେଇଛନ୍ତି।





ଆନ୍ଧ୍ରପ୍ରଦେଶ ରାଜ୍ୟପାଳ ଭାବେ ମୋ ନିଯୁକ୍ତି ନେଇ ପ୍ରକାଶ ପାଇଥିବା ଖବର ସମ୍ପୂର୍ଣ୍ଣ ମିଛ।

-ସୁଷମା ସ୍ୱରାଜ,
ପୂର୍ବତନ ବହିର୍ବ୍ୟାପାର ମନ୍ତ୍ରୀ



## ସଂକ୍ଷେପରେ

### ଶାହଙ୍କୁ ଭେଟିଲେ ୪ ରାଜ୍ୟପାଳ

**ନୂଆଦିଲ୍ଲୀ,୧୧।୬(ପି.ଟି.) :** ୪ ରାଜ୍ୟର ରାଜ୍ୟପାଳ ମଙ୍ଗଳବାର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହଙ୍କୁ ସାକ୍ଷାତ କରି ରାଜ୍ୟଗୁଡ଼ିକର ସାମ୍ପ୍ରତିକ ସ୍ଥିତି ସମ୍ପର୍କରେ ଆଲୋଚନା କରିଛନ୍ତି। ରାଜସ୍ଥାନ ରାଜ୍ୟପାଳ କଲ୍ୟାଣ ସିଂ, ଗୁଜରାଟ ରାଜ୍ୟପାଳ ଓମ୍ପ୍ରକାଶ କୋହଲି, କର୍ଣ୍ଣାଟକ ରାଜ୍ୟପାଳ ଭାଜୁଭାଇ ଭାଲା, ଉତ୍ତରାଖଣ୍ଡ ରାଜ୍ୟପାଳ ବେବିରାଣୀ ମୌର୍ଯ୍ୟ ଶାହଙ୍କ ସହ ସାକ୍ଷାତ୍‌କରି ଭିନ୍ନ ଭିନ୍ନଭାବେ ଆଲୋଚନା କରିଛନ୍ତି। ଜୁନ୍ ୧ରେ ଦାୟିତ୍ୱ ଗ୍ରହଣ କରିବା ପରେ ଶାହଙ୍କ ପ୍ରଥମ ଥର ଲାଗି ରାଜ୍ୟପାଳମାନଙ୍କୁ ଭେଟିଛନ୍ତି।

### ଏନ୍‌କାଉଣ୍ଟର୍‌ରେ ୨ ଆତଙ୍କବାଦୀ ନିହତ

**ଶ୍ରୀନଗର,୧୧।୬(ପି.ଟି.) :** ଜମ୍ମୁ-କଶ୍ମୀରର ସୋପିଆନ୍‌ରେ ସୁରକ୍ଷାକର୍ମୀଙ୍କ ଗୁଳିମାଡ଼ରେ ୨ ଆତଙ୍କବାଦୀ ମଙ୍ଗଳବାର ନିହତ ହୋଇଛନ୍ତି। ସୋପିଆନ୍‌ର ଆୱ୍ନୀରା ଅଞ୍ଚଳରେ ଆତଙ୍କବାଦୀମାନେ ଲୁଚିଥିବା ଖବର ପାଇ ସୁରକ୍ଷାକର୍ମୀମାନେ ଚାରିପଟୁ ଘେରାଉ କରି ସର୍ଚ୍ଚ ଅପରେଶନକୁ ଜୋର୍‌ଦାର କରିଥିଲେ ବୋଲି ପୋଲିସ ମୁଖପାତ୍ର କହିଛନ୍ତି। ଆତଙ୍କବାଦୀଙ୍କ ପଟୁ ଗୁଳିମାଡ଼ କରାଯିବା ପରେ ସୁରକ୍ଷାକର୍ମୀ ଏହାର ଜବାବ୍ ଦେଇଥିଲେ। ଏନ୍‌କାଉଣ୍ଟର୍‌ରେ ୨ ଆତଙ୍କବାଦୀ ନିହତ ହୋଇଥିଲେ। ଘଟଣାସ୍ଥଳରୁ ବହୁ ଅସ୍ତ୍ରଶସ୍ତ୍ର ଜବତ କରାଯାଇଥିବା ଜଣାପଡ଼ିଛି ବୋଲି ପୋଲିସ ମୁଖପାତ୍ର କହିଛନ୍ତି।

### ୧୧୦ ଘଣ୍ଟା ପରେ ବୋର୍‌ୱେଲ୍‌ରୁ ମୃତ ଶିଶୁ ଉଦ୍ଧାର

**ସଙ୍ଗ୍ରୁର୍(ପଞ୍ଜାବ),୧୧।୬(ପି.ଟି.) :** ପଞ୍ଜାବର ସଙ୍ଗ୍ରୁର୍‌ରେ ବୋର୍‌ୱେଲ୍‌ରେ ଖସିପଡ଼ି ୧୫୦ ଫୁଟ ତଳକୁ ଚାଲିଯାଇଥିବା ଏକ ୨ ବର୍ଷର ଶିଶୁ ଫତେବୀର ସିଂଙ୍କୁ ୧୧୦ ଘଣ୍ଟା ପରେ ମଙ୍ଗଳବାର ଏନ୍‌ଡିଆର୍‌ଏଫ୍ ଟିମ୍ ଉଦ୍ଧାର କରିଛି। ତେବେ ଶିଶୁଟିକୁ ବଞ୍ଚାଯାଇ ପାରିନାହିଁ। ବୋର୍‌ୱେଲ୍‌ରୁ ଉଦ୍ଧାର କରାଯିବା ପରେ ଶିଶୁଟିକୁ ସଙ୍ଗେ ସଙ୍ଗେ କଡ଼ା ସୁରକ୍ଷା ସହ ଆମ୍ବୁଲାନ୍ସରେ ଚଣ୍ଡିଗଡସ୍ଥିତ ପୋଷ୍ଟ ଗ୍ରାଜୁଏଟ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ଏଜୁକେଶନ ଆଣ୍ଡ ରିସର୍ଚ୍ଚ(ପିଜିଆଇଏମ୍‌ଇଆର୍)କୁ ନିଆଯାଇଥିଲା। ତେବେ ଶିଶୁଟି ମୃତ୍ୟୁବରଣ କରିଥିବା ଡାକ୍ତର କହିଥିଲେ। ପ୍ରକାଶଥାଉ କି, ଗତ ଗୁରୁବାର ଅପରାହ୍ନ ୪ଟାରେ ଶିଶୁଟି ଭଗବାନ୍‌ପୁର ଗ୍ରାମରେ ଖେଳୁଥିବାବେଳେ ୭ ଇଞ୍ଚ ଚଉଡ଼ା ଓ ୧୨୫ ଫୁଟ ଗଭୀରର ଏକ ବୋର୍‌ୱେଲ୍‌ରେ ଗଳିପଡ଼ିଥିଲା। ଶିଶୁଟିକୁ ଜୀବିତ ଉଦ୍ଧାର କରିବା ଲାଗି ଚେଷ୍ଟା କରାଯାଇଥିବାବେଳେ ସବୁ ଉଦ୍ୟମ ଫେଲ୍ ମାରିଛି।

### ଆଜି ନୂଆ ମନ୍ତ୍ରୀଙ୍କ ପ୍ରଥମ ବୈଠକ

**ନୂଆଦିଲ୍ଲୀ,୧୧।୬(ପି.ଟି.) :** କେନ୍ଦ୍ର ସରକାରରେ ସ୍ଥାନ ପାଇଥିବା ନୂଆ ମନ୍ତ୍ରୀମାନଙ୍କ ପ୍ରଥମ ବୈଠକ ବୁଧବାର ଅନୁଷ୍ଠିତ ହେବ। ଏହି ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନୂଆମନ୍ତ୍ରୀଙ୍କୁ ସରକାରଙ୍କ ରୋଡ୍‌ମ୍ୟାପ ସମ୍ପର୍କରେ ସୂଚନା ଦେବେ ବୋଲି ଜଣାପଡ଼ିଛି। ସରକାରଙ୍କ ବିଭିନ୍ନ ଜନମଙ୍ଗଳକାରୀ ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରାଇବା ଓ ଯୋଜନାର ସୁଫଳ କିପରି ସେମାନଙ୍କୁ ମିଳିବା, ସେ ନେଇ ମୋଦି ବୈଠକ ପରେ ଉଦ୍‌ବୋଧନ ଦେବେ। ମନ୍ତ୍ରୀମାନଙ୍କ ବୈଠକ ପରେ କେନ୍ଦ୍ର କ୍ୟାବିନେଟ ବୈଠକ ବୁଧବାର ବସିବ। ସଂସଦର ପ୍ରଥମ ଅଧିବେଶନରେ ବିଭିନ୍ନ ପ୍ରଶ୍ନର ଉତ୍ତର ମନ୍ତ୍ରୀମାନେ ଦେବା ଲାଗି ନିଜକୁ ପ୍ରସ୍ତୁତ ରହିବାକୁ ବୈଠକରେ ପରାମର୍ଶ ଦିଆଯିବ ବୋଲି ଜଣାପଡ଼ିଛି।

ଇତିହାସର ଆଇନାରେ

### ଜୁନ୍ ୧୨ର ପ୍ରମୁଖ ଘଟଣା

୧୯୬୪ ଜୁନ୍ ୧୨ରେ ଦକ୍ଷିଣ ଆଫ୍ରିକାର ବର୍ଣ୍ଣବିଦ୍ୱେଷ ବିରୋଧୀ ନେତା ନେଲସନ୍ ମଣ୍ଡେଲାଙ୍କୁ କାରାଦଣ୍ଡାଦେଶ ଦିଆଯାଇଥିଲା। ସେ ମୁକ୍ତହେବା ପରେ ପରବର୍ତ୍ତୀ ଅବସ୍ଥାରେ ଦକ୍ଷିଣ ଆଫ୍ରିକାର ରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଥିଲେ।

୨୦୧୬ ଜୁନ୍ ୧୨ରେ ଫ୍ଲୋରିଡାର ଓର୍ଲାଣ୍ଡୋସ୍ଥିତ ଗେ ନାଇଟ କ୍ଲବ୍‌ରେ ଜଣେ ବନ୍ଧୁକଧାରୀଙ୍କ ଅଚାନକ ଆକ୍ରମଣରେ ୪୯ଜଣ ଲୋକଙ୍କ ମୃତ୍ୟୁ ଘଟିବା ସହିତ ୫୮ ଆହତ ହୋଇଥିଲେ।

## ଫେଲ୍ ମାରିଛି କେନ୍ଦ୍ରର ଶସ୍ୟ ବୀମା ଯୋଜନା

# ଚାଷୀଙ୍କୁ ମିଳିନି ୫ ହଜାର କୋଟି

ନୂଆଦିଲ୍ଲୀ,୧୧।୬



କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା (ପିଏମ୍‌ଏଫ୍‌ବିୱାଇ) ବିଫଳ ହୋଇଛି। ୨୦୧୮ ଡିସେମ୍ବରରେ ଖରିଫ ଋତୁ ଶେଷ ହୋଇଥିବାବେଳେ ଫସଲ ନଷ୍ଟ ହୋଇଥିବା ଚାଷୀଙ୍କ ଦାବିର ୪୦% ଅର୍ଥ ବୀମା କମ୍ପାନୀଗୁଡ଼ିକ ନିର୍ଦ୍ଧାରିତ ସମୟ ମଧ୍ୟରେ ପଇଠ କରିନାହାନ୍ତି। ଏହି ବକେୟା ଅର୍ଥର ପରିମାଣ ୫ ହଜାର କୋଟି ଟଙ୍କା ବୋଲି ସୂଚନା ଅଧିକାର (ଆର୍‌ଟିଆଇ) ଆଇନ ବଳରେ ମିଳିଥିବା ତଥ୍ୟରୁ ଜଣାପଡ଼ିଛି।

ଖରିଫ ଋତୁ ଶେଷରେ ଦେଶର ବିଭିନ୍ନ ଭାଗରେ ବ୍ୟାପକ ଫସଲହାନି ନେଇ ରିପୋର୍ଟ ଆସିଥିଲା। ନଷ୍ଟ ହୋଇଥିବା ଫସଲ ବାବଦକୁ ଚାଷୀମାନେ ମୋଟ ୧୨,୮୬୭ କୋଟି ଟଙ୍କା ଦାବି କରିଥିଲେ। ରାଜ୍ୟ ସରକାରଗୁଡ଼ିକ ମଧ୍ୟ ଏହାକୁ ପ୍ରମାଣୀକୃତ କରିଥିଲେ। ପିଏମ୍‌ଏଫ୍‌ବିୱାଇର ନିର୍ଦ୍ଦେଶାବଳୀ ଅନୁସାରେ ଅମଳ ଶେଷ ହେବାର ଦୁଇମାସ ମଧ୍ୟରେ ଚାଷୀଙ୍କୁ ଏହା ପଇଠ କରାଯିବା ଉଚିତ। ଅର୍ଥାତ୍ ୨୦୧୮ ଖରିଫର ଦାବି ଅର୍ଥ ୨୦୧୯ ଫେବୃୟାରୀରେ ଚାଷୀଙ୍କୁ ମିଳିଯିବା ଦରକାର ଥିଲା। ହେଲେ ବୀମା କମ୍ପାନୀଗୁଡ଼ିକ ଅଦ୍ୟାବଧି କ୍ଷତିଗ୍ରସ୍ତ ଚାଷୀଙ୍କୁ ଚିହ୍ନଟ କରି ମୋଟ ଦାବି ଅର୍ଥର ୪୦% ଅର୍ଥାତ୍ ୫,୧୭୧ କୋଟି ଟଙ୍କା ଦେବାରେ ବିଫଳ ହୋଇଛନ୍ତି। ମେ ୧୦ ସୁଦ୍ଧା ଏତିକି ପରିମାଣ ଅର୍ଥ ବକେୟା ଥିବା କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟରୁ ଆର୍‌ଟିଆଇରେ ସୂଚନା ମିଳିଛି। ଉଭୟ ପିଏମ୍‌ଏଫ୍‌ବିୱାଇ ଏବଂ ପୁନର୍ଗଠିତ ପାଣିପାଗ ଭିତ୍ତିକ ଶସ୍ୟ ବୀମା ଯୋଜନା (ଆର୍‌ଡବ୍ଲ୍ୟୁବିସିଆଇଏସ୍)ର ତଥ୍ୟ ମନ୍ତ୍ରଣାୟଳ ପକ୍ଷରୁ ଦିଆଯାଇଛି। ଆର୍‌ଡବ୍ଲ୍ୟୁବିସିଆଇଏସ୍‌ରେ ୫% ବୀମା ଦିଆଯାଉଥିବାବେଳେ ପିଏମ୍‌ଏଫ୍‌ବିୱାଇରେ ଅବଶିଷ୍ଟ ବୀମା ପ୍ରଦାନ କରାଯାଏ। ଯେଉଁ ଋତୁରେ ବୃଷ୍ଟିପାତ ୧୦% ନିଅଣ୍ଟ ହୋଇ ଦେଶର ବିଭିନ୍ନ ଭାଗରେ ମରୁଡ଼ି ସ୍ଥିତି ସୃଷ୍ଟି ହୋଇଛି, ସେଭଳି ସମୟରେ ଚାଷୀଙ୍କୁ ସେମାନଙ୍କ ବୀମା ଅର୍ଥ ମିଳିବାରେ ବିଳମ୍ବ ହୋଇଛି। ଏହି କ୍ଷେତ୍ରରେ ମହାରାଷ୍ଟ୍ରର ସର୍ବାଧିକ ୩,୮୯୩ କୋଟି ଦାବିରୁ ୩୬% ଅର୍ଥାତ୍ ୧,୪୧୬ ଟଙ୍କା ବାକି ରହିଛି। ଏମିତି ୬ଟି ରାଜ୍ୟ ରହିଛି ଯେଉଁଠି ବୀମା ଦାବିର ୧୦୦% ଅର୍ଥ ପଇଠ କରିବା ବାକି ଅଛି। ତହିଁରୁ ମଧ୍ୟପ୍ରଦେଶ, ଝାଡ଼ଖଣ୍ଡ ଓ ତେଲେଙ୍ଗାନା ସବୁଠୁ ବେଶି ମରୁଡ଼ିର ସମ୍ମୁଖୀନ ହେଉଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ଏନ୍‌ଡିଏର ପ୍ରଥମ ପାଳିରେ ସରକାର ପିଏମ୍‌ବିଏଫ୍‌ବିୱାଇକୁ ପ୍ରୋତ୍ସାହିତ କରିଥିଲେ। ଫସଲହାନିଜନିତ ଗ୍ରାମାଞ୍ଚଳରେ ଦୁର୍ଦ୍ଦଶା ଦୂର କରିବା ଥିଲା ଏହାର ଲକ୍ଷ୍ୟ, ଯାହାକି ପୂରଣ ହୋଇନାହିଁ। ଭାରତରେ ଋତୁକାଳୀନ ଫସଲହାନିର ଏକ ମୁଖ୍ୟ କାରଣ ହେଉଛି ବୃଷ୍ଟିପାତର ଅଭାବ। କାରଣ ଦେଶର ୬୫% ଫସଲ ଅଞ୍ଚଳ ବର୍ଷା ଉପରେ ନିର୍ଭର କରେ। ତେଣୁ ବୃଷ୍ଟିପାତରେ ନିଅଣ୍ଟ ବେଳେ ଶସ୍ୟବୀମା ଦାବି ଅର୍ଥ ପଇଠ କରିବା ସରକାରଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପରୀକ୍ଷା। ଖରିଫ୍ ଋତୁ ପାଇଁ ବୁଣାବୁଣି କାର୍ଯ୍ୟ ଜୁନ୍ ଓ ଜୁଲାଇରେ କରାଯାଏ। ଭାରତରେ ମୋଟ ବୃଷ୍ଟିପାତର ୭୦% ମୌସୁମୀର ଅବଦାନ, ଯାହାକି ଜୁନ୍‌ରୁ ସେପ୍ଟେମ୍ବର ମଧ୍ୟରେ ହୋଇଥାଏ। ୨୦୧୮ରେ ମୌସୁମୀ ସ୍ୱାଭାବିକଠାରୁ କମ୍ ଥିଲା। ଦୀର୍ଘ ସମୟ ଅବଧିଠାରୁ ୯.୪% କମ୍ ବୃଷ୍ଟିପାତ ହୋଇଥିଲା ବୋଲି ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ପକ୍ଷରୁ କୁହାଯାଇଛି। ଏହା ଥିଲା ନିଅଣ୍ଟିଆ ବୃଷ୍ଟିପାତରେ ଲଗାତର ପଞ୍ଚମ ବର୍ଷ। ଏଥିଯୋଗୁ ୭ ରାଜ୍ୟ ନିଜକୁ ମରୁଡ଼ିଗ୍ରସ୍ତ ଘୋଷଣା କରିଥିଲେ। ଏହି ରାଜ୍ୟଗୁଡ଼ିକରେ ମୋଟ ୧୫ ନିୟୁତ ହେକ୍ଟର ଚାଷଜମିର ଫସଲ ପ୍ରଭାବିତ ହୋଇଥିଲା।

## ୟୁପି ସରକାରଙ୍କୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

# ପ୍ରଶାନ୍ତ କନୋଜିଆଙ୍କୁ ତୁରନ୍ତ ମୁକ୍ତ କର

ନୂଆଦିଲ୍ଲୀ,୧୧।୬(ପି.ଟି.)



ଯୋଗୀଙ୍କ ବିରୋଧରେ ଆପତ୍ତିଜନକ ମନ୍ତବ୍ୟ

ଉତ୍ତରପ୍ରଦେଶ (ୟୁପି) ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ବିରୋଧରେ ସୋସିଆଲ ମିଡିଆରେ ଆପତ୍ତିଜନକ ପୋଷ୍ଟ କରି ଗିରଫ ହୋଇଥିବା ଖବରଦାତା ପ୍ରଶାନ୍ତ କନୋଜିଆଙ୍କୁ ମଙ୍ଗଳବାର ସୁପ୍ରିମକୋର୍ଟରୁ ଆଶ୍ୱସ୍ତି ମିଳିଛି। ପ୍ରଶାନ୍ତଙ୍କୁ ତୁରନ୍ତ ମୁକ୍ତ କରିବା ପାଇଁ ସର୍ବୋଚ୍ଚ ଅଦାଲତ ମଙ୍ଗଳବାର ୟୁପି ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ନାଗରିକଙ୍କ ବ୍ୟକ୍ତିଗତ ସ୍ୱାଧୀନତା ସହ ସାଲିସ କରାଯାଇ ପାରିବ ନାହିଁ। ସମ୍ବିଧାନଠାରୁ ଏହି ଅଧିକାର ମିଳିଥିବାରୁ ଏହାର ଉଲ୍ଲଂଘନ କରାଯାଇପାରିବ ନାହିଁ ବୋଲି ଇନ୍ଦିରା ବାନାର୍ଜୀ ଓ ଅଜୟ ରସ୍ତୋଗୀଙ୍କୁ ନେଇ ଗଠିତ ଅବକାଶକାଳୀନ ଖଣ୍ଡପୀଠ କହିଛନ୍ତି। ପ୍ରକାଶ ଯେ, ପ୍ରଶାନ୍ତ ଟୁଇଟର ଓ ଫେସ୍‌ବୁକ୍‌ରେ ଏକ ଭିଡିଓ ଶେୟାର କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଲକ୍ଷ୍ନୌସ୍ଥିତ ଅଫିସ ବାହାରେ ଜଣେ ମହିଳା ବିଭିନ୍ନ ଗଣମାଧ୍ୟମର ଖବରଦାତାଙ୍କୁ ସମ୍ବୋଧିତ କରୁଥିବାବେଳେ ଯୋଗୀ ଆଦିତ୍ୟନାଥଙ୍କ ନିକଟକୁ ବିବାହ ପାଇଁ ପ୍ରସ୍ତାବ ପଠାଇଥିବା ଏଥିରେ ଦେଖିବାକୁ ମିଳିଥିଲା। ଯୋଗୀଙ୍କ ଛବି ଖରାପ କରିବା ଉଦ୍ଦେଶ୍ୟରେ ପ୍ରଶାନ୍ତ ଏହି ଭିଡିଓ ଅପ୍‌ଲୋଡ୍ କରିଥିବା ଦର୍ଶାଇ ହଜରତ୍‌ଗଞ୍ଜ ଥାନାର ଜଣେ ସବ୍-ଇନ୍ସପେକ୍ଟର ଶୁକ୍ରବାର ମାମଲା ରୁଜୁ କରିଥିଲେ। ପରେ ତାଙ୍କୁ ଗିରଫ କରାଯାଇଥିଲା। ଫଳରେ ପ୍ରଶାନ୍ତ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ତାଙ୍କ ଆବେଦନର ଶୁଣାଣି ବେଳେ ଖଣ୍ଡପୀଠ କହିଥିଲେ, ନାଗରିକଙ୍କ ସ୍ୱାଧୀନତା ଅଧିକାର ପବିତ୍ର, ଯହିଁରେ ହସ୍ତକ୍ଷେପ କରାଯାଇ ପାରିବ ନାହିଁ। ତେଣୁ ରାଜ୍ୟ ସରକାର ପ୍ରଶାନ୍ତଙ୍କୁ ମୁକ୍ତକରିବା ପାଇଁ ଉଦାରତା ଦେଖାନ୍ତୁ। ତେବେ ପ୍ରଶାନ୍ତଙ୍କୁ ଜାମିନ ପ୍ରଦାନର ଅର୍ଥ ତାଙ୍କ ପୋଷ୍ଟ ବା ଟୁଇଟ୍‌ଗୁଡ଼ିକୁ ଅନୁମତି ଦିଆଯିବା ବୋଲି ଧରିନିଆଯାଇ ପାରିବ ନାହିଁ ବୋଲି ଅଦାଲତ ସ୍ପଷ୍ଟ କରିଛନ୍ତି। ଅନ୍ୟପକ୍ଷରେ ପ୍ରଶାନ୍ତଙ୍କ ସ୍ତ୍ରୀ ଜାଗିଷା ଆରୋରା ଏହାକୁ ନେଇ ସନ୍ତୋଷ ବ୍ୟକ୍ତ କରିଛନ୍ତି। ୟୁପି ପୋଲିସ ପ୍ରଶାନ୍ତଙ୍କୁ ଅସାମ୍ବିଧାନିକ ଭାବେ ଗିରଫ କରିଥିଲା। ସ୍ୱାମୀଙ୍କୁ ଜାମିନ ମିଳିବା ପରେ ସମ୍ବିଧାନ ପ୍ରତି ତାଙ୍କ ଆସ୍ଥାକୁ ପୁନଃ ସ୍ଥାପିତ କରିଛି ବୋଲି ସେ କହିଛନ୍ତି।



କୋଲକାତାସ୍ଥିତ ବିଦ୍ୟାସାଗର କଲେଜ ପରିସରରେ ସମାଜ ସଂସ୍କାରକ ଈଶ୍ୱର ଚନ୍ଦ୍ର ବିଦ୍ୟାସାଗରଙ୍କ ଆବକ୍ଷ ପ୍ରତିମୂର୍ତ୍ତିକୁ ଉନ୍ମୋଚନ ପରେ ପୁଷ୍ପମାଲ୍ୟ ଅର୍ପଣ କରୁଛନ୍ତି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ। ମେ ୧୪ରେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହଙ୍କ ରୋଡ୍ ଶୋ ସମୟରେ ଭାଜପା-ଟିଏମ୍‌ସି ମଧ୍ୟରେ ସଂଘର୍ଷ ବେଳେ ବିଦ୍ୟାସାଗରଙ୍କ ପ୍ରତିମୂର୍ତ୍ତିକୁ ଭାଙ୍ଗିଦିଆଯାଇଥିଲା।

### ପଶ୍ଚିମବଙ୍ଗରେ ଆଉ ୨ ମୃତ, ୩ ଆହତ

**କୋଲକାତା,୧୧।୬ (ଆଇଏଏନ୍‌ଏସ୍) :** ପଶ୍ଚିମବଙ୍ଗର ଉତ୍ତର ୨୪ ପ୍ରଗଣା ଜିଲାରେ ପୁଣି ୨ ଜଣ ବୋମାମାଡ଼ରେ ପ୍ରାଣ ହରାଇଥିବାବେଳେ ୩ ଆହତ ହୋଇଥିବା ଜଣାପଡ଼ିଛି। କାଙ୍କିନାଡା ଅଞ୍ଚଳର ବରୁଇପଡ଼ାଠାରେ ଏହି ଘଟଣା ଘଟିଛି। ଭାଜପା ସମର୍ଥକ ଏଭଳି କରିଥିବା ମନ୍ତ୍ରୀ ଜ୍ୟୋତିପ୍ରିୟ ମଲ୍ଲିକ ଅଭିଯୋଗ କରିଥିବାବେଳେ ଭାଜପାର ବାରାକ୍‌ପୋର ଏମ୍‌ପି ଅର୍ଜୁନ୍ ସିଂ ଏଭଳି ଅଭିଯୋଗକୁ ଖଣ୍ଡନ କରିଛନ୍ତି।

## ଶରଦ କୁମାର ମଧ୍ୟବର୍ତ୍ତିକାଳୀନ ସିଭିସି

ନୂଆଦିଲ୍ଲୀ,୧୧।୬(ପି.ଟି.)



ଭିଜିଲାନ୍ସ କମିଶନର ଶରଦ କୁମାରଙ୍କୁ ମଧ୍ୟବର୍ତ୍ତିକାଳୀନ ସେଣ୍ଟ୍ରାଲ ଭିଜିଲାନ୍ସ କମିଶନର (ସିଭିସି)ଭାବେ ନିଯୁକ୍ତି ଦିଆଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଗଠିତ ଚୟନ କମିଟି ଦ୍ୱାରା ନୂଆ ସିଭିସି ବଛା ନ ଯିବା ପର୍ଯ୍ୟନ୍ତ ସେ ଏହି ଗୁରୁଦାୟିତ୍ୱରେ ରହିବେ। ସିଭିସି କେ.ଭି. ଚୌଧୁରୀ ଓ ଭିସି ଟି.ଏମ୍. ଭାସିନ୍‌ଙ୍କ କାର୍ଯ୍ୟକାଳ ଯଥାକ୍ରମେ ରବିବାର ଓ ସୋମବାର ଶେଷ ହୋଇଛି। ଅନ୍ୟ ଭିଜିଲାନ୍ସ କମିଶନର ଶରଦ କୁମାରଙ୍କୁ ଏଥିଲାଗି କାମଚଳା ସିଭିସିଭାବେ ଅବସ୍ଥାପିତ କରାଯାଇଛି। ଏନେଇ କାର୍ମିକ ମନ୍ତ୍ରଣାଳୟ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି।

ଶରଦ କୁମାର ପୂର୍ବରୁ ଆତଙ୍କବାଦ ନିରୋଧ ତଦନ୍ତ କମିଟି ନ୍ୟାଶନାଲ୍ ଇନ୍‌ଭେଷ୍ଟିଗେଶନ ଏଜେନ୍ସି (ଏନ୍‌ଆଇଏ)ର ମୁଖ୍ୟ ଥିଲେ। ଗତବର୍ଷ ଜୁନ୍ ୧୨ ତାରିଖରେ ସେ ଭିସିଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ଆସନ୍ତାବର୍ଷ ଅକ୍ଟୋବରରେ ସିଭିସିରେ ତାଙ୍କ କାର୍ଯ୍ୟକାଳ ଶେଷ ହେବ।

## ବୀରେନ୍ଦ୍ର କୁମାର କାମଚଳା ବାଚସ୍ପତି

ନୂଆଦିଲ୍ଲୀ,୧୧।୬




ଜୁନ୍ ୧୭ରୁ ସଂସଦର ପ୍ରଥମ ଅଧିବେଶନ ଆରମ୍ଭ ହେଉଥିବାବେଳେ ଭାଜପା ଏମ୍‌ପି ବୀରେନ୍ଦ୍ର କୁମାର କାମଚଳା ବାଚସ୍ପତିଭାବେ ନିଯୁକ୍ତି ପାଇଛନ୍ତି। ସଂସଦରେ ତାଙ୍କ ଅଭିଜ୍ଞତାକୁ ଆଧାର କରି ରାଷ୍ଟ୍ରପତି ଭବନ ପକ୍ଷରୁ ଏହି ନିଯୁକ୍ତି ପ୍ରଦାନ କରାଯାଇଛି। ବୀରେନ୍ଦ୍ର କୁମାର ମଧ୍ୟପ୍ରଦେଶରୁ ୭ଥର ଏମ୍‌ପି ହେବାର ଗୌରବ ଅର୍ଜନ କରିଛନ୍ତି। ଟିକମ୍‌ଗଡ଼ର ଏହି ନେତା କାମଚଳା ବାଚସ୍ପତି ହେବା ପରେ ନବନିର୍ବାଚିତ ଏମ୍‌ପିଙ୍କୁ ଶପଥପାଠ କରାଇବା ସହ ଲୋକ ସଭାରେ ଅଧ୍ୟକ୍ଷତା କରି ନୂଆ ବାଚସ୍ପତି ନିର୍ବାଚିତ ହେବା ପର୍ଯ୍ୟନ୍ତ ସହଯୋଗ କରିବେ।

୧୯୯୬ ମସିହାରୁ ପ୍ରତ୍ୟେକ ନିର୍ବାଚନ ଜିତିଆସୁଥିବା ବୀରେନ୍ଦ୍ର କୁମାର ତୃତୀୟ ବରିଷ୍ଠତମ ଏମ୍‌ପି। ୮ଥର ଏମ୍‌ପି ହୋଇଥିବା ପୂର୍ବତନ କେନ୍ଦ୍ରମନ୍ତ୍ରୀ ମାନେକା ଗାନ୍ଧୀ ପ୍ରଧାନମନ୍ତ୍ରୀ ମୋଦିଙ୍କ ନୂଆ ଟିମ୍‌ରେ ନ ଥିବାବେଳେ ଏହି ପଦରେ ରହିବେ ବୋଲି ଆଶା କରାଯାଉଥିଲା। ହେଲେ ଶେଷରେ ବୀରେନ୍ଦ୍ର କୁମାରଙ୍କୁ କାମଚଳା ବାଚସ୍ପତି କରାଯାଇଛି।

# ଭୟଙ୍କର ବାତ୍ୟାର ରୂପ ନେଉଛି 'ବାୟୁ'


ନୂଆଦିଲ୍ଲୀ,୧୧।୬(ପି.ଟି.)

- ଗୁଜରାଟରେ ହାଇ ଆଲର୍ଟ
- ରାଜକୋଟ୍‌ରେ ଶିକ୍ଷାନୁଷ୍ଠାନ ଛୁଟି
- ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମନା
- ରାଜ୍ୟରେ ଏନ୍‌ଡିଆର୍‌ଏଫ୍ ମୁତୟନ
- ପ୍ରସ୍ତୁତି ସମୀକ୍ଷା କଲେ ସ୍ୱରାଷ୍ଟ୍ର ମନ୍ତ୍ରୀ



ଭୟଙ୍କର ରୂପ ନେଉଛି ବାତ୍ୟା 'ବାୟୁ'। ଆରବସାଗରରୁ ଗୁଜରାଟ ଉପକୂଳ ଆଡ଼କୁ ଏହା ମୁହାଁଇଥିବାବେଳେ ଏହି ଝଡ଼ବାତ୍ୟା ଉଗ୍ରରୂପ ଧାରଣ କରିବାର ଆଶଙ୍କା ରହିଛି। ଫଳରେ ଗୁଜରାଟରେ ହାଇଆଲର୍ଟ ଜାରି କରାଯାଇଛି। ଗୁଜରାଟର ପୋରବନ୍ଦର ଓ ମହୁଭା ମଧ୍ୟରେ ଗୁରୁବାର ସକାଳେ ଏହା ମାଡ଼ହୋଇ ତାଣ୍ଡବ ରଚିବ ବୋଲି କୁହାଯାଉଛି। ଘଣ୍ଟାକୁ ୧୨୦ ରୁ ୧୩୫ କିମି ବେଗରେ ପବନ ମଧ୍ୟ ବହିବ। ଦୁଇଦିନ ପ୍ରବଳ ଝଡ଼ବର୍ଷା ରାଜ୍ୟରେ ବହୁଳ କ୍ଷତି ଘଟାଇବାର ଆଶଙ୍କା ରହିଛି। ପରିସ୍ଥିତିକୁ ଦେଖି ରାଜକୋଟରେ ସ୍କୁଲଗୁଡ଼ିକୁ ଛୁଟି ଘୋଷଣା କରାଯାଇଛି। ଏଥିସହ ରାଜ୍ୟରେ ୨୬ ଏନ୍‌ଡିଆର୍‌ଏଫ୍ ଟିମ୍‌କୁ ମୁତୟନ କରାଯାଇଛି।

ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ସତର୍କତା ଜାରି କରାଯିବା ସହ ସୌରାଷ୍ଟ୍ର ଓ କଚ୍ଛରେ ଏହାର ପ୍ରଭାବ ପଡ଼ିବ ହେବ ବୋଲି କୁହାଯାଇଛି। ପଶ୍ଚିମ ଉପକୂଳରେ ପ୍ରବଳରୁ ଅତି ପ୍ରବଳ ବର୍ଷାହେବାର ଆଶଙ୍କା କରାଯାଉଛି। କେବଳ ଗୁଜରାଟ ନୁହେଁ କେରଳ, କର୍ଣ୍ଣାଟକ, ଦକ୍ଷିଣ ମୁମ୍ବାଇ, ଗୋଆ ଓ ଲାକ୍ଷାଦୀପ ଉପରେ ଏହାର ପ୍ରଭାବ ପଡ଼ିବ ବୋଲି ଦର୍ଶାଯାଇଛି। ମଙ୍ଗଳବାର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହ ଏକ ଉଚ୍ଚସ୍ତରୀୟ ବୈଠକରେ ଅଧ୍ୟକ୍ଷତା କରି ପ୍ରସ୍ତୁତି ସମ୍ପର୍କରେ ସମୀକ୍ଷା କରିଛନ୍ତି। ବୈଠକ ପରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ତରଫରୁ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନଙ୍କୁ ସଜାଗ ରହିବା ସହ ଆବଶ୍ୟକ ସ୍ଥଳେ ଲୋକଙ୍କୁ ସ୍ଥାନାନ୍ତର କରି ଉପଯୁକ୍ତ ବ୍ୟବସ୍ଥା ଓ ସେବା ଯୋଗାଇ ଦେବା ଲାଗି କୁହାଯାଇଛି। ଲୋକଙ୍କୁ ସ୍ୱାସ୍ଥ୍ୟସେବା, ପିଇବା ପାଣିର ସୁବିଧା, ବିଜୁଳି ଯୋଗାଣ ଆଦି ସେବା ଯୋଗାଇବା ଲାଗି ପରାମର୍ଶ ଦିଆଯାଇଛି। ବୈଠକରେ କେନ୍ଦ୍ର ସ୍ୱରାଷ୍ଟ୍ର ସଚିବଙ୍କ ସହ ଅନ୍ୟ ବିଭାଗୀୟ ଅଧିକାରୀ, ଭାରତୀୟ ପାଣିପାଗ ବିଭାଗର ବରିଷ୍ଠ ଅଧିକାରୀ, କ୍ୟାବିନେଟ ସଚିବ ପ୍ରମୁଖ ଯୋଗଦେଇଥିଲେ। ଯେକୌଣସି ପରିସ୍ଥିତିର ମୁକାବିଲା ଲାଗି ଭାରତୀୟ ତଟରକ୍ଷୀ ବାହିନୀ, ସ୍ଥଳ ସେନା, ନୌସେନା ଓ ବାୟୁସେନାକୁ ସଜାଗ ରହିବା ଲାଗି କୁହାଯାଇଛି। ୨୪ ଘଣ୍ଟା କଣ୍ଟ୍ରୋଲ ରୁମ୍ ଖୋଲା ରଖିବା ଲାଗି ନିର୍ଦ୍ଦେଶ ଦିଆଯାଇଛି। ଝଡ଼ବାତ୍ୟା ଯୋଗୁ ଉପକୂଳ ଗୁଜରାଟରେ ଦେଢ଼ ମିଟର ପର୍ଯ୍ୟନ୍ତ ଜୁଆର ଉଠିବାର ଆଶଙ୍କା କରାଯାଉଛି। ସମ୍ଭାବ୍ୟ ବାତ୍ୟାକୁ ନେଇ ପଶ୍ଚିମ ଉପକୂଳବାସୀ ଭୟଭୀତ ହୋଇପଡ଼ିଛନ୍ତି। ପ୍ରକାଶଥାଉ କି, ଗତ ମାସରେ ବାତ୍ୟା 'ଫନୀ' ଓଡ଼ିଶାରେ ତାଣ୍ଡବ ରଚିବା ସହ ବ୍ୟାପକ କ୍ଷୟକ୍ଷତି କରିଥିଲା। ଏଥିରେ ପ୍ରାୟ ୬୦ ଜଣଙ୍କ ଜୀବନ ଯାଇଥିଲା।





ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ–**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବ।

**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଆକାଶ ଆଂଶିକ ମେଘୁଆ ରହିବା ସହିତ ଅପରାହ୍ନରେ ବର୍ଷା ହେବା ସମ୍ଭାବନା ଅଛି। ବୁଧବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ଏବଂ ସର୍ବନିମ୍ନ ୨୭ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ମଙ୍ଗଳବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୫.୧ | ୨୫.୭ |
| ଚାନ୍ଦବାଲି | ୪୦.୦ | ୨୮.୨ |
| କଟକ | ୩୯.୮ | ୨୫.୦ |
| ପାରାଦ୍ୱୀପ | ୩୪.୧ | ୨୯.୨ |
| ଭୁବନେଶ୍ୱର | ୪୦.୩ | ୨୬.୬ |
| ଗୋପାଳପୁର | ୩୨.୪ | ୨୭.୫ |
| ପୁରୀ | ୩୫.୬ | ୨୭.୮ |
| ଅନୁଗୋଳ | ୪୧.୭ | ୧୯.୬ |
| ବାରିପଦା | ୩୭.୨ | ୨୭.୫ |
| ଝାରସୁଗୁଡ଼ା | ୪୪.୨ | ୨୯.୬ |
| କେନ୍ଦୁଝର | ୩୯.୨ | ୨୫.୦ |
| ସମ୍ବଲପୁର | ୪୫.୦ | ୩୦.୦ |
| ସୁନ୍ଦରଗଡ଼ | ୪୧.୦ | ୨୪.୦ |
| ହୀରାକୁଦ | ୪୪.୪ | ୨୯.୬ |
| ତାଳଚେର | ୪୨.୫ | ୨୬.୩ |
| ଭବାନୀପାଟଣା | ୪୦.୬ | ୩୧.୦ |
| ବଲାଙ୍ଗୀର | ୪୧.୮ | ୨୫.୦ |
| କୋରାପୁଟ | ୩୪.୪ | ୨୩.୪ |
| ଫୁଲବାଣୀ | --- | --- |
| ଟିଟିଲାଗଡ଼ | ୪୩.୪ | ୨୩.୫ |
| ମାଲକାନଗିରି | ୪୦.୨ | ୨୨.୪ |
| ସୋନପୁର | ୪୪.୦ | ୨୭.୦ |
| ଦାରିଙ୍ଗିବାଡ଼ି | ୩୫.୦ | ୨୩.୫ |

ଡିଗ୍ରୀ ସେଲ୍‌ସିୟସ୍

# ଅମିତାଭଙ୍କ ଟୁଇଟର ଆକାଉଣ୍ଟ ହ୍ୟାକ୍

**ମୁମ୍ବାଇ:** ବଲିଉଡ୍ ମେଗାଷ୍ଟାର ଅମିତାଭ ବଚ୍ଚନଙ୍କ ଟୁଇଟର ଆକାଉଣ୍ଟକୁ ସୋମବାର ରାତିରେ ହ୍ୟାକ୍ (ବିନା ଅନୁମତିରେ ଅନ୍ୟ ନେଟୱର୍କରେ ପ୍ରବେଶ) କରାଯାଇଛି। ତାଙ୍କର ପ୍ରୋଫାଇଲ୍ ପିକ୍ଚରକୁ ବଦଳାଯାଇ ସେ ସ୍ଥାନରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କ ଫଟୋ ପୋଷ୍ଟ କରାଯାଇଛି। ଅମିତାଭଙ୍କ ଟୁଇଟର ବାୟୋଗ୍ରାଫିରେ ସାଧାରଣତଃ ଅଭିନେତା...ଠୁ ଆରମ୍ଭ ହୋଇ ସେ ସମ୍ପର୍କିତ କିଛି ଲେଖା ଉଲ୍ଲେଖ ଥାଏ। ଏହି ଲେଖା ପରିବର୍ତ୍ତେ 'ଲଭ୍ ପାକିସ୍ତାନ' ବୋଲି ଲେଖାଯାଇଛି। ତାଙ୍କ ଟୁଇଟର ଆକାଉଣ୍ଟରୁ ୩ଟି ପୋଷ୍ଟ ଉଡାଇ ଦିଆଯିବା ସହିତ ଭେରିଫାଏଡ୍ ପ୍ରୋଫାଇଲ୍‌ର କଭର ଇମେଜକୁ ମଧ୍ୟ ପରିବର୍ତ୍ତନ କରାଯାଇଛି। ଗୋଟିଏ ପୋଷ୍ଟରେ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କ ଫଟୋ ସହିତ ପାକିସ୍ତାନୀ ପତାକା ଲଗାଯାଇଛି। ଏଥିସହିତ ଟୁଇଟ୍ କରାଯାଇଛି, 'ସାରା ଦୁନିଆକୁ ଗୁରୁତ୍ୱପୂର୍ଣ୍ଣ ଆହ୍ୱାନ। ତୁର୍କୀ ଫୁଟବଲ ଖେଳାଳିଙ୍କୁ ଆଇସ୍‌ଲାଣ୍ଡ ରିପବ୍ଲିକ୍‌ର ଅସମ୍ମାନଜନକ ବ୍ୟବହାରକୁ ଆମେ ତୀବ୍ର ନିନ୍ଦା କରୁ। ଆମେ ମୃଦୁଭାଷାରେ କହୁଥିଲେ ମଧ୍ୟ ଏକ ବାଡ଼ି ଧରିଛୁ ଏବଂ ବଡ଼ ଧରଣର ସାଇବର ଆକ୍ରମଣ ସମ୍ପର୍କରେ ସୂଚାଇ ଦେଉଛୁ।' ଅମିତାଭଙ୍କ ଟୁଇଟର ଆକାଉଣ୍ଟ ହ୍ୟାକିଂ ସମ୍ପର୍କରେ ତୁରନ୍ତ ମହାରାଷ୍ଟ୍ର ସାଇବର ସଂସ୍ଥାକୁ ସୂଚନା ଦିଆଯାଇଥିଲା। ଏ ସମ୍ପର୍କରେ ତଦନ୍ତ କାର୍ଯ୍ୟ ଜାରି ରହିଥିବା ଜଣେ ପୋଲିସ ମୁଖପାତ୍ର ସୂଚନା ଦେଇଛନ୍ତି। ଅମିତାଭଙ୍କର ଟୁଇଟର ଆକାଉଣ୍ଟର ୩୭.୪ ନିୟୁତ ଅନୁଗାମୀ ଅଛନ୍ତି। ସେ ନିୟମିତ ଉକ୍ତ ଆକାଉଣ୍ଟରେ ଶେୟାର କରିବା ସହିତ ଏହାକୁ 'ସମ୍ପ୍ରସାରିତ ପରିବାର' ବୋଲି ବର୍ଣ୍ଣନା କରନ୍ତି।



## ସଂକ୍ଷେପରେ

### ୩ ଏନ୍‌ଏସିକୁ ପୌର ପରିଷଦ ଘୋଷଣା ମାମଲା
## ରାଜ୍ୟ ସରକାରଙ୍କୁ ହାଇକୋର୍ଟଙ୍କ ନୋଟିସ

**କଟକ ଅଫିସ, ୧୧।୬:** ଗଞ୍ଜାମ ଜିଲାର ୩ ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍‌ଏସି)କୁ ପୌର ପରିଷଦ ଘୋଷଣା ନେଇ ହାଇକୋର୍ଟରେ ରୁଜୁ ହୋଇଥିବା ମାମଲାରେ ରାଜ୍ୟ ସରକାରଙ୍କୁ ନୋଟିସ ଜାରି ହୋଇଛି। ଏହି ଏନ୍‌ଏସିଗୁଡ଼ିକ ହେଉଛି ଆସ୍କା, ଭଞ୍ଜନଗର ଏବଂ ଛତ୍ରପୁର। ଭାରତୀୟ ବିକାଶ ପରିଷଦ ପକ୍ଷରୁ ଏହି ଏନ୍‌ଏସିଗୁଡ଼ିକୁ ପୌର ପରିଷଦ କରିବା ନେଇ ମାମଲା ରୁଜୁ କରାଯାଇଥିଲା। ମଙ୍ଗଳବାର ଆଗତ ମାମଲାର ଶୁଣାଣି କରି ହାଇକୋର୍ଟ ବିଚାରପତି ଜଷ୍ଟିସ୍ ସଞ୍ଜୁ ପଣ୍ଡା ଏବଂ ବିଚାରପତି ଜଷ୍ଟିସ୍ ପ୍ରମଥ ପଟ୍ଟନାୟକଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ୨୬ ତାରିଖରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବ।

## ଧରାପଡ଼ିଲା ମାଇକ୍ରୋଫାଇନାନ୍ସ କମ୍ପାନୀ ମ୍ୟାନେଜରଙ୍କ ଚାଲାଖି

**ସମ୍ବଲପୁର, ୧୧।୬(ବ୍ୟୁରୋ):** ସମ୍ବଲପୁର ଜିଲା ରେଙ୍ଗାଲିରେ ଜଣେ ମାଇକ୍ରୋଫାଇନାନ୍ସ କମ୍ପାନୀର ମ୍ୟାନେଜରଙ୍କ ମିଛ ଅଭିଯୋଗ ଉପରେ ପୋଲିସ ପର୍ଦ୍ଦାଫାସ କରିଛି । ୫ ଲକ୍ଷ ୫୨ ହଜାର ୪୯୦ ଟଙ୍କା ଲୁଟ୍ ହୋଇଥିବା ନେଇ ମିଛ ଅଭିଯୋଗ କରି ଏବେ ନିଜେ ମ୍ୟାନେଜର ଫସି ଯାଇଛନ୍ତି। ଏହି ଯୁବକ ଜଣକ ହେଲେ ଗଞ୍ଜାମ ଜିଲା ରମ୍ଭା ଥାନା ପାଲୁର ଗ୍ରାମର ଆକାଶ ଆଲୁ । ସେ ହିଁ ଏହି ଟଙ୍କା ହଡପ କରିବା ପାଇଁ ଯୋଜନା କରି ନିଜେ ଅଭିଯୋଗ କରିଥିବା ସଦର ଏସ୍‌ଡିପିଓ ଭବାନୀ ଶଙ୍କର ଉଦଗାତା ଅଇଁଠାପାଲି ଏସ୍‌ଡିପିଓ ଅଫିସରରେ ମଙ୍ଗଳବାର ସୂଚନା ଦେଇଛନ୍ତି । ପିପୁଲ୍ସ ଫୋରମ ମାଇକ୍ରୋ ଫାଇନାନ୍ସ କମ୍ପାନୀର ରେଙ୍ଗାଲି ଶାଖାରେ ସେ ମ୍ୟାନେଜର ଭାବେ କାମ କରୁଥିଲେ। ଗତ ଶନିବାର ଓ ରବିବାର ସ୍ଥାନୀୟ ଅଞ୍ଚଳରୁ ଋଣ ଗ୍ରହୀତାମାନଙ୍କଠାରୁ ସଂଗ୍ରହ ହୋଇଥିବା ଟଙ୍କାକୁ ସେ ରହୁଥିବା ଭଡା ଘରେ ରଖିଥିଲେ। ହେଲେ ଏହାକୁ ସେ ହଡପ କରିବା ପାଇଁ ସେ ଯୋଜନା କରିଥିଲେ । ସୋମବାର ସେ ରେଙ୍ଗାଲି ଥାନାରେ ଟଙ୍କା ଲୁଟ୍ ହୋଇଥିବା ଅଭିଯୋଗ କରିଥିଲେ। ଅଭିଯୋଗକ୍ରମେ, ସଂଗ୍ରହ ହୋଇଥିବା ଟଙ୍କାକୁ ଧରି ସେ ସ୍ଥାନୀୟ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କରେ ଜମା କରିବାକୁ ବାହାରିଥିଲେ। ସେହି ସମୟରେ ୨ ଜଣ ଦୁର୍ବୃତ୍ତ ବାଇକ୍‌ରେ ଆସିଥିଲେ। ସେମାନେ ତାଙ୍କ ଉପରକୁ ଲଙ୍କା ଗୁଣ୍ଡ ପକାଇ ଟଙ୍କା ଭର୍ତ୍ତି ବ୍ୟାଗ୍ ଛଡାଇ ନେଇ ଖସି ପଳାଇଥିଲେ। ରେଙ୍ଗାଲି ଥାନା ଅଧିକାରୀ ସୁରୁବାବୁ ଛତ୍ରିଆଙ୍କୁ ନେଇ ଏକ ଟିମ୍ ଗଠିତ ହୋଇଥିଲା । ହେଲେ ତଦନ୍ତ ସମୟରେ ଆକାଶଙ୍କ ଉପରେ ହିଁ ପୋଲିସର ସନ୍ଦେହ ହୋଇଥିଲା । ସବୁ ଦିଗକୁ ନେଇ ତଦନ୍ତ କଲାପରେ ଶେଷରେ ଆକାଶଙ୍କୁ ହିଁ ପୋଲିସ ଗିରଫ କରିଛି। ତାଙ୍କ ସ୍କୁଟି (ଓଡି -୦୭-୦୪୭୯)ରେ ଚାମ୍ପର ତିଆରି କରି ଟଙ୍କା ଲୁଚାଯାଇଥିବା ଜାଣିବାକୁ ପାଇବା ପରେ ପୋଲିସ ସ୍କୁଟି ଜବତ କରିଛି । ଏ ନେଇ ଥାନାରେ ଏକ ମାମଲା (ନଂ.୮୭/୧୯) ରୁଜୁ ହୋଇଛି।

## ■ ପରିଚାଳନା କମିଟି ବୈଠକ
# ରଥଯାତ୍ରା ନୀତି ନିର୍ଘଣ୍ଟରେ ଲାଗିଲା ମୋହର

**ପୁରୀ ଅଫିସ, ୧୧।୬**


ବୈଠକରେ ଗଜପତି ମହାରାଜା, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଏବଂ ଅନ୍ୟମାନେ।

■ ଅପରାହ୍ଣ ୪ଟାରେ ନୀଳାଦ୍ରିବିଜେ ପହଣ୍ଡି
■ ପହଣ୍ଡି ବେଳେ ସିଂହଦ୍ୱାର ଚକଡ଼ାକୁ କ୍ୟାମେରା ମନା

ଜୁଲାଇ ୪ରେ ହେବାକୁ ଥିବା ରଥଯାତ୍ରା ପାଇଁ ନୀତି ନିର୍ଘଣ୍ଟ ଚୂଡ଼ାନ୍ତ ହୋଇଛି। ନୀତି ସବ୍ କମିଟି ଏବଂ ଛତିଶା ନିଯୋଗରେ ପ୍ରସ୍ତୁତ ଏହି ନୀତିରେ ମଙ୍ଗଳବାର ମୋହର ମାରିଛି ପରିଚାଳନା କମିଟି। ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଆଲୋଚନା କରାଯିବା ସହ ସ୍ନାନଯାତ୍ରା ରଥଯାତ୍ରା, ବାହୁଡା, ସୁନାବେଶ, ଅଧରପଣା ଏବଂ ନିଳାଦ୍ରୀ ବିଜେ ନୀତି ନିର୍ଘଣ୍ଟରେ ମୋହର ଲଗାଯାଇଛି। ଏଥିସହ ସ୍ନାନଯାତ୍ରା, ରଥଯାତ୍ରା, ବାହୁଡା ଯାତ୍ରା ପାଇଁ ପ୍ରସ୍ତୁତ ବ୍ୟବସ୍ଥାବଳୀକୁ ତର୍ଜମା କରାଯାଇ ଚୂଡ଼ାନ୍ତ ହୋଇଛି।

ବୈଠକରୁ ମିଳିଥିବା ସୂଚନା ଅନୁଯାୟୀ, ପୂର୍ବରୁ ନୀତି ସବ୍ କମିଟି ଏବଂ ଛତିଶା ନିଯୋଗ ନିର୍ଘଣ୍ଟ କରିଥିବା ନୀତି, ସ୍ନାନଯାତ୍ରା, ରଥଯାତ୍ରା ଓ ବାହୁଡା ଯାତ୍ରାର ବ୍ୟବସ୍ଥାବଳୀ ସମ୍ପର୍କରେ ଆଲୋଚନା କରାଯାଇଥିଲା। ନୀତିରେ ସେମିତି କୌଣସି ପରିବର୍ତ୍ତନ ହୋଇ ନ ଥିବାବେଳେ ବ୍ୟବସ୍ଥାବଳୀକୁ ଆହୁରି ସୁଦୃଢ କରିବା ଲାଗି ସାମାନ୍ୟ କେତେକ ପରିବର୍ତ୍ତନ କରାଯାଇ ଏହାକୁ ଅନୁମୋଦନ ଦିଆଯାଇଛି। ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ର କହିଛନ୍ତି, ଦେବସ୍ନାନ ମଣ୍ଡପରେ ଯେପରି ବିଶୃଙ୍ଖଳା ନ ହେବ ତାହା ଉପରେ ଗୁରୁତ୍ୱ ଦିଆଯାଇଛି। ଗତବର୍ଷ ସ୍ନାନ ମଣ୍ଡପରେ ବିଶୃଙ୍ଖଳା କରିଥିବା ୪୫ଜଣ ସେବକ ଓ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଥିଲା। ଏହାପରେ ପ୍ରାୟ ସମସ୍ତେ ସୁଧୁରି ଯାଇଛନ୍ତି। ତେଣୁ ଏବର୍ଷ ଠାକୁରଙ୍କ ଜଳ ଲାଗି ଠିକ୍‌ଠାକ ହେବ ବୋଲି ଆଶା କରାଯାଉଛି। ସ୍ନାନଯାତ୍ରା, ରଥଯାତ୍ରା, ବାହୁଡା, ସୁନାବେଶ, ଅଧପପଣା, ନିଳାଦ୍ରୀବିଜେ ନୀତି ନିର୍ଘଣ୍ଟ ଚୂଡ଼ାନ୍ତ ହୋଇଯାଇଛି। ଦିନେ ଦୁଇଦିନ ମଧ୍ୟରେ ନୀତିପୁସ୍ତିକା ଛପାଯିବ। ଏଥର ନିଳାଦ୍ରୀବିଜେ ପରଦିନ ଚନ୍ଦ୍ରଗ୍ରହଣ ପଡୁଛି। ଏହାକୁ ଦୃଷ୍ଟିରେ ରଖି ନିଳାଦ୍ରୀବିଜେ ପହଣ୍ଡିକୁ ସଅଳ କରିବା ପାଇଁ ନିଷ୍ପତ୍ତି ହୋଇଛି। ନିଳାଦ୍ରୀ ବିଜେ ଦିନ ଅପରାହ୍ଣ ୪ଟାରେ ପହଣ୍ଡି ଆରମ୍ଭ ହେବ। ରାତି ୧୦ଟାରେ ପହଣ୍ଡି ଶେଷ କରାଯିବ। ରାତି ୧ଟାରୁ ସାଢେ ୧ଟା ମଧ୍ୟରେ ରୁନ୍ଧା କାମ ସାରିବା ଲାଗି ସେବକମାନେ ପ୍ରତିଶ୍ରୁତି ଦେଇଛନ୍ତି। ଭୋର ୫ଟା ବେଳକୁ ପହୁଡ଼ ସରି ସାଢେ ୫ଟା ସୁଦ୍ଧା ଆଳତି ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ଜୁଲାଇ ୧୬ତାରିଖରେ ମଧ୍ୟାହ୍ନ ଭୋଗ ପରେ ନୀତି ବନ୍ଦ କରାଯିବ। ଗ୍ରହଣ ସ୍ପର୍ଶ ପରେ ଗ୍ରହଣ ନୀତି ଆରମ୍ଭ ହେବ ବୋଲି ମୁଖ୍ୟ ପ୍ରଶାସକ ମହାପାତ୍ର କହିଛନ୍ତି।

ତେବେ ଏଥର ସିଂହଦ୍ୱାର ସମ୍ମୁଖ ଚକଡ଼ାରେ କୌଣସି ଟିଭି କ୍ୟାମେରା ରହିବ ନାହିଁ। ପହଣ୍ଡିରେ ସମ୍ପୃକ୍ତ ସେବକ ଓ କର୍ମଚାରୀଙ୍କ ବ୍ୟତୀତ ଅନ୍ୟ କେହି ସେଠାରେ ରହିପାରିବେ ନାହିଁ। ରଥଯାତ୍ରା ପହଣ୍ଡିକୁ ଶୃଙ୍ଖଳିତ ଏବଂ ସଅଳ କରିବା ଲାଗି ଏହି ନିଷ୍ପତ୍ତି ହୋଇଛି। ସେମାନେ ତାଙ୍କର ଉଦ୍ଦିଷ୍ଟ ସ୍ଥାନରେ ରହି ଶୁଟିଂ କରିବେ ବୋଲି ପରିଚାଳନା କମିଟି ଚୂଡ଼ାନ୍ତ କରିଛି। ପରିଚାଳନା କମିଟି ମୋହର ମାରିଥିବା ନୀତି ନିର୍ଘଣ୍ଟ ଅନୁଯାୟୀ, ଆସନ୍ତା ୧୭ତାରିଖ ସ୍ନାନପୂର୍ଣ୍ଣିମାରେ ଅପରାହ୍ଣ ୪ଟାରୁ ସ୍ନାନବେଦିରେ ମହାପ୍ରଭୁଙ୍କ ହାତୀବେଶ ହେବ। ଜୁଲାଇ ୪ତାରିଖରେ ରଥଯାତ୍ରା। ଏହିଦିନ ସକାଳ ସାଢେ ୯ଟାରେ ପହଣ୍ଡି ଏବଂ ଅପରାହ୍ଣ ୪ଟାରେ ରଥଟଣା ଆରମ୍ଭ ହେବ। ଜୁଲାଇ ୧୨ ବାହୁଡ଼ାରେ ମଧ୍ୟାହ୍ନ ୧୨ଟାରେ ପହଣ୍ଡି ଏବଂ ଅପରାହ୍ଣ ୪ଟାରେ ରଥଟଣା ହେବ। ଜୁଲାଇ ୧୩ରେ ରଥ ଉପରେ ଅପରାହ୍ଣ ୪ଟାରୁ ସୁନାବେଶ ଆରମ୍ଭ ହୋଇ ରାତି ୧୧ଟାରୁ ୧୨ଟା ମଧ୍ୟରେ ମଇଲମ ହେବ। ଜୁଲାଇ ୧୪ରେ ଅଧରପଣା। ଏହିଦିନ ରାତି ୮ଟାରେ ତିନିରଥରେ ଅଧର ନୀତି ଶେଷ କରିବାକୁ ନୀତି ନିର୍ଘଣ୍ଟ ହୋଇଛି। ବୈଠକରେ ଜିଲାପାଳ ବଲୱନ୍ତ ସିଂ, ଏସ୍‌ପି ଉମାଶଙ୍କର ଦାଶ, ନୀତି ପ୍ରଶାସକ ବିଶ୍ୱଜିତ ବିଶ୍ୱାଳ, ପରିଚାଳନା କମିଟି ସଦସ୍ୟ ମାଧବ ପୂଜାପଣ୍ଡା, ରାମଚନ୍ଦ୍ର ଦାସମହାପାତ୍ର, ମାଧବ ଚନ୍ଦ୍ର ମହାପାତ୍ର, ଅନନ୍ତ ତିଆଡ଼ି, ସିଦ୍ଧେଶ୍ୱର ମହାପାତ୍ର, ବାବା ସଚ୍ଚିଦାନନ୍ଦ ଦାସମହାରାଜ ପ୍ରମୁଖ ଉପସ୍ଥିତ ଥିଲେ।

## ଭିଜିଲାନ୍ସ ଜାଲରେ ସହକାରୀ ପରିସଂଖ୍ୟାନ ଅଧିକାରୀ


ସହକାରୀ ପରିସଂଖ୍ୟାନ ଅଧିକାରୀଙ୍କ ବାସଗୃହ।

**ବାଲେଶ୍ୱର ଅଫିସ/ବାସୁଦେବପୁର/ କଟକ ଅଫିସ, ୧୧।୬(ଡି.ଏନ.ଏ.)**

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ବାଲେଶ୍ୱର ଜିଲା ପରିସଂଖ୍ୟାନ କାର୍ଯ୍ୟାଳୟର ସହକାରୀ ପରିସଂଖ୍ୟାନ ଅଧିକାରୀ ପରମେଶ୍ୱର ରାଉତ ଭିଜିଲାନ୍ସ ଜାଲରେ ଛନ୍ଦି ହୋଇ ପଡିଛନ୍ତି। ମଙ୍ଗଳବାର ଏକକାଳୀନ ତାଙ୍କ ବାସସ୍ଥାନ, ପୈତୃକ ଘର ଏବଂ ଅଫିସ ଉପରେ ଚଢାଉ କରାଯାଇଥିଲା। ତାଙ୍କ ନାମରେ ୪ଟି ସ୍ଥାନରେ ସର୍ଚ୍ଚ ୱାରେଣ୍ଟ ରହିଥିବାରୁ ଏପରି ଚଢାଉ କରାଯାଇଥିବା ବାଲେଶ୍ୱର ଭିଜିଲାନ୍ସ ଏସ୍‌ପି ସୁନୀଲ କୁମାର ସେନାପତି କହିଛନ୍ତି।

ଅଙ୍ଗାରଗଡିଆସ୍ଥିତ ଦୁଇତାଲା ବିଶିଷ୍ଟ ଘର, ସରସ୍ୱତୀପୁର ମୌଜାର ତାମୁଲିଆ ଗେଟ୍ ୧ ମହଲା ଘର, ଭଦ୍ରକ ଜିଲା ବାସୁଦେବପୁର ଥାନା ଆର୍ଡୁ ଗ୍ରାମରେ ଥିବା ଘର ଓ ବାଲେଶ୍ୱର ଅଫିସରେ ଏକକାଳୀନ ଚଢାଉ କରାଯାଇଥିଲା । ପ୍ରତ୍ୟେକ ଟିମ୍ ଜଣେ ଡିଏସ୍‌ପିଙ୍କ ନେତୃତ୍ୱରେ ଚଢାଉ କରିଥିଲା। ଚଢାଉରେ ମୋଟ୍ ସ୍ଥାବର ଅସ୍ଥାବର ସମ୍ପତ୍ତିର ମୂଲ୍ୟ ୭୧ ଲକ୍ଷ ୭୨ ହଜାର ଟଙ୍କା ବୋଲି ଆକଳନ କରାଯାଇଛି। ଜମି, ଫ୍ଲାଟ୍, ଘର ୫୫ ଲକ୍ଷ ୪୭ ହଜାର, ନିଜର ଏବଂ ପରିବାର ଲୋକଙ୍କ ବିଭିନ୍ନ ବ୍ୟାଙ୍କ ଆକାଉଣ୍ଟରେ ଥିବା ୪୫ ହଜାର, ପୋଷ୍ଟାଲରେ ୨୦ହଜାର, ଏଲଆଇସିରେ ୩ଲକ୍ଷ ୨୯ହଜାର, ସୁନାଗହଣା ୨ଲକ୍ଷ ୮୩ ହଜାର, ଆସବାବପତ୍ର ୩ଲକ୍ଷ ୧୩ ହଜାର ଏବଂ ୪ ଲକ୍ଷ ୬୦ ହଜାର ଟଙ୍କାର ଗୋଟିଏ ଚାରିଚକିଆ ଯାନ ସହ ଅନ୍ୟାନ୍ୟ ଆସବାବପତ୍ର ଭିଜିଲାନ୍ସ ମୂଲ୍ୟାୟନ କରିଛି । ବାଲେଶ୍ୱର ଭିଜିଲାନ୍ସ ଅଫିସ୍‌ରେ ୨୦ନମ୍ବର ଫାଇଲ ପଞ୍ଜିକୃତ କରାଯାଇ ଅଧିକାରୀମାନେ ତଦନ୍ତ ଜାରି ରଖିଥିବା ବିଭାଗୀୟ ସୂତ୍ରରୁ ଜଣାପଡିଛି। ଏହି ଚଢାଉରେ ଭଦ୍ରକ ଜିଲା ଭିଜିଲାନ୍ସ ଡିଏସ୍‌ପି ସଞ୍ଜୟ କୁମାର ଦାସ ମହାପାତ୍ର, ଇନ୍ସପେକ୍ଟର ସୁଲୋଚନା ନାୟକ, ଅତିରିକ୍ତ ଏସ୍‌ପି ନିର୍ମଳ ମହାନ୍ତି, ଇନ୍ସପେକ୍ଟର ଅନନ୍ତ ନାୟକ ଏବଂ ମାନସୀ ଜେନାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ ।

# ‘ନୀଳଚକ୍ର ସମ୍ପୂର୍ଣ୍ଣ ସୁରକ୍ଷିତ’

**ପୁରୀ ଅଫିସ, ୧୧।୬**

■ ମୁଖ୍ୟ ମନ୍ଦିରରେ କୌଣସି କ୍ଷତି ହୋଇନି
■ ୧୬ରେ ସ୍ଥାପନ ହେବ ନୂଆ ଜୟ ବିଜୟ ମୂର୍ତ୍ତି

ନୀଳଚକ୍ର ସମ୍ପୂର୍ଣ୍ଣ ସୁରକ୍ଷିତ। ଏଥିରେ କୌଣସି ପ୍ରକାର କ୍ଷତି ହୋଇନାହିଁ। ସେହିପରି ଶ୍ରୀମନ୍ଦିରର ମୁଖ୍ୟ ମନ୍ଦିର ମଧ୍ୟ ସୁରକ୍ଷିତ ଅଛି। ବାତ୍ୟାରେ ନୀଳଚକ୍ର ବଙ୍କା, ତେଢା ହୋଇ ଯାଇଥିବା ନେଇ ଯାହା ଚର୍ଚ୍ଚା ହେଉଥିଲା ତାହା ଭୁଲ୍ ବୋଲି କହିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ର। ମଙ୍ଗଳବାର ଅନୁଷ୍ଠିତ ପରିଚାଳନା କମିଟି ବୈଠକ ଶେଷରେ ଗଣମାଧ୍ୟମକୁ ସୂଚନା ଦେଇ ମୁଖ୍ୟ ପ୍ରଶାସକ କହିଥିଲେ, ଫନୀ ବାତ୍ୟାରେ ଶ୍ରୀମନ୍ଦିରରେ କ୍ଷୟକ୍ଷତି ହୋଇଥିଲା। କିନ୍ତୁ ନୀଳଚକ୍ର ଓ ମୁଖ୍ୟ ମନ୍ଦିରକୁ ନେଇ ଯାହା ଶୁଣିବାକୁ ମିଳୁଥିଲା ତାହାର କୌଣସି ସତ୍ୟତା ନ ଥିବା ଏଏସ୍‌ଆଇର ଡ୍ରୋନ୍ ଫଟୋଗ୍ରାଫିରୁ ସ୍ପଷ୍ଟ ହୋଇଛି।

ମୁଖ୍ୟ ପ୍ରଶାସକ କହିଛନ୍ତି, ଗତ ପରିଚାଳନା କମିଟି ବୈଠକରେ ଏଏସ୍‌ଆଇକୁ ଶ୍ରୀମନ୍ଦିରର ଡ୍ରୋନ୍ ଫଟୋଗ୍ରାଫି କରିବା ଲାଗି ଅନୁମତି ଦିଆଯାଇଥିଲା। ବାତ୍ୟା ପରେ ଶ୍ରୀମନ୍ଦିର ଏବଂ ନୀଳଚକ୍ରର ସ୍ଥିତି ଯାଞ୍ଚ ଲାଗି ଏହି ନିଷ୍ପତ୍ତି ହୋଇଥିଲା। ନିଷ୍ପତ୍ତି ମୁତାବକ, ଏଏସ୍‌ଆଇର ସୁପରିଣ୍ଟେଣ୍ଡେଣ୍ଟ ଆର୍କିଓଲୋଜିଷ୍ଟ ଡ୍ରୋନ୍ ଫଟୋଗ୍ରାଫି କରି କ’ଣ କ୍ଷୟକ୍ଷତି ହୋଇଛି ତାହା ଦେଖାଇଥିଲେ। ପରିଚାଳନା କମିଟି ସଦସ୍ୟମାନେ ସ୍କ୍ରିନ୍‌ରେ ଏ ସବୁକୁ ଦେଖିଥିଲେ। ମହାପ୍ରଭୁଙ୍କ ଆଶୀର୍ବାଦରୁ ନୀଳଚକ୍ର ଓ ମୁଖ୍ୟ ମନ୍ଦିରରେ କୌଣସି କ୍ଷତି ହୋଇନାହିଁ। ନୀଳଚକ୍ରକୁ ଭିନ୍ନ ଭିନ୍ନ ଆଙ୍ଗେଲରୁ ଦେଖାଯାଇଥିଲା। ମାତ୍ର ପୂର୍ବରୁ ଯେମିତି ଥିଲା ସେମିତି ରହିଛି, ସାମାନ୍ୟତମ ବଙ୍କା ହୋଇନାହିଁ। ମୋଟାମୋଟି ଭାବେ ମୁଖ୍ୟ ମନ୍ଦିର ସମ୍ପୂର୍ଣ୍ଣ ଭାବେ ସୁରକ୍ଷିତ ରହିଛି। ଅନ୍ୟପକ୍ଷରେ ଭୋଗମଣ୍ଡପ କଳସ ମରାମତି କାମ ଶେଷ ହୋଇ ସ୍ଥାପନ କରାଯାଇଛି। ମୁଖ୍ୟ ମନ୍ଦିରରୁ ଗଳିପଡ଼ିଥିବା ସିଂହ ମୂର୍ତ୍ତି ମଧ୍ୟ ଲଗା ସରିଛି। ସେହିପରି ବାତ୍ୟାରେ ସିଂହଦ୍ୱାର ପ୍ରବେଶ ପଥରେ ଜୟ ମୂର୍ତ୍ତି ଭାଙ୍ଗି ଯାଇଥିଲା। ବର୍ତ୍ତମାନ ଜୟ ବିଜୟ ମୂର୍ତ୍ତି ତିଆରି ଚାଲିଛି। ଖଣ୍ଡୋଲାଇଟ୍ ପଥରରେ ତିଆରି କରାଯାଉଥିବା ଏହି ମୂର୍ତ୍ତି ଦୁଇଟିକୁ ଆସନ୍ତା ୧୬ତାରିଖରେ ସ୍ଥାପନ କରାଯିବ। ବାତ୍ୟା ପରେ ଶ୍ରୀମନ୍ଦିରରେ ହୋଇଥିବା କ୍ଷୟକ୍ଷତି ମଧ୍ୟରେ ଏହି ୩ଟି କାମ ପ୍ରମୁଖ ରହିଥିଲା। ଜୁନ୍ ୧୭ ପୂର୍ବରୁ ଶ୍ରୀମନ୍ଦିରର ମରାମତି କାମ ଶେଷ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏହାକୁ ନଜରରେ ରଖି ଏଏସ୍‌ଆଇ ଦ୍ରୁତଗତିରେ କାମ କରୁଛି । ଜୟ ବିଜୟ ମୂର୍ତ୍ତି ସ୍ଥାପନ କରିସାରିବା ପରେ ମୁଖ୍ୟ କାମ ଶେଷ ହୋଇଯିବ। ଅନ୍ୟପକ୍ଷରେ ରଥଯାତ୍ରା ପାଇଁ ଶ୍ରୀମନ୍ଦିରରେ ଯେଉଁ କାମ ହୁଏ ସେ ନେଇ ମଙ୍ଗଳବାର ଭୁବନେଶ୍ୱରରେ ଏକ ବୈଠକ ହେବ। ଅପରାହ୍ଣ ୪ଟାରେ ଓପେପା ସମ୍ମିଳନୀ କକ୍ଷରେ ହେବାକୁ ଥିବା ଏହି ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅଧ୍ୟକ୍ଷତା କରିବେ। ଏଥିରେ ଶ୍ରୀମନ୍ଦିର କୋର୍ କମିଟି ସଦସ୍ୟମାନେ ମଧ୍ୟ ଯୋଗଦେବେ ବୋଲି ମୁଖ୍ୟ ପ୍ରଶାସକ ମହାପାତ୍ର ସୂଚନା ଦେଇଛନ୍ତି।

## ପାଟ୍ରୋଲିଂ ବେଳେ କନଷ୍ଟେବଲ ମୃତ

**ଭୁବନେଶ୍ୱର, ୧୧।୬(ବ୍ୟୁରୋ)**

ଖାରବେଳନଗର ଥାନାର ପିସିଆର-୨୭ରେ କାର୍ଯ୍ୟରତ ଜଣେ କନଷ୍ଟେବଲଙ୍କ ମଙ୍ଗଳବାର ସନ୍ଧ୍ୟାରେ ମୃତ୍ୟୁ ଘଟିଛି। ମୃତ କନ୍‌ଷ୍ଟେବଲ ହେଲେ ଜଗତସିଂହପୁର ଜିଲାର ସୁଶାନ୍ତ କୁମାର ଗୁରୁ(୪୩)। ସୁଶାନ୍ତ ୟୁନିଟ-୪ ଅଞ୍ଚଳରେ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ହଠତ୍ ସେ ଯନ୍ତ୍ରଣା ଅନୁଭବ କରି ଚେତାଶୂନ୍ୟ ହୋଇପଡିଥିଲେ। ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ନିଆଯାଇଥିଲା। ଡାକ୍ତର ସୁଶାନ୍ତଙ୍କୁ ମୃତ ଘୋଷଣା କରିଥିଲେ।

# ବଡ଼ ଭାଇର ଟାଙ୍ଗିଆ ଚୋଟରେ ସାନ ଭାଇର ମୁଣ୍ଡଗଣ୍ଡି ଅଲଗା

## ■ କଟା ମୁଣ୍ଡ ଧରି ଥାନାରେ ଅଭିଯୁକ୍ତଙ୍କ ଆତ୍ମ ସମର୍ପଣ

**ସମ୍ବଲପୁର, ୧୧।୬(ବ୍ୟୁରୋ)**



ଅଭିଯୁକ୍ତ ଉଜ୍ଜଳ ମୁଣ୍ଡା।

ସମ୍ବଲପୁର ଜିଲା ଅଇଁଠାପାଲି ଥାନା ତିଲେଇମାଲ ଗ୍ରାମରେ ସୋମବାର ବିଳମ୍ବିତ ରାତିରେ ଏକ ଜଘନ୍ୟ ହତ୍ୟାକାଣ୍ଡ ଘଟିଛି । ସମ୍ପର୍କୀୟ ବଡ଼ ଭାଇଙ୍କ ଟାଙ୍ଗିଆ ଚୋଟରେ ସାନ ଭାଇ ସତ୍ୟନାରାୟଣ ମୁଣ୍ଡା (୩୮)ଙ୍କ ମୁଣ୍ଡ ଓ ଗଣ୍ଡି ଅଲଗା ହୋଇଯାଇଛି। କଟା ମୁଣ୍ଡକୁ ଧରି ବଡ ଭାଇ ଉଜ୍ଜଳ ମୁଣ୍ଡା (୫୫) ଅଇଁଠାପାଲି ଥାନାରେ ଆତ୍ମସମର୍ପଣ କରିଛନ୍ତି । ପୋଲିସ ମୃତଦେହ ଓ କଟା ମୁଣ୍ଡ ଉଦ୍ଧାର କରିଛି। ମୃତଦେହକୁ ବ୍ୟବଚ୍ଛେଦ ପାଇଁ ବୁର୍ଲା ପଠା ଯାଇଛି। ଏହି ଘଟଣା ପ୍ରଚାର ହେବା ପରେ ସମ୍ପୃକ୍ତ ଅଞ୍ଚଳରେ ଆତଙ୍କ ଖେଳି ଯାଇଛି। ଖବର ପାଇ ସମ୍ବଲପୁର ଏସ୍‌ପି ସଞ୍ଜୀବ ଅରୋରା, ସାଇଣ୍ଟିଫିକ୍ ଟିମ ଓ ଡଗ୍ ସ୍କ୍ୱାଡ ପହଞ୍ଚି ତଦନ୍ତ କରିଥିଲେ । ୫ ଘଣ୍ଟା ପରେ ମଧ୍ୟ ପୋଲିସ ହତ୍ୟାକାଣ୍ଡର କୌଣସି ସୁରାକ ପାଇ ନ ଥିଲା। ମଙ୍ଗଳବାର ଅପରାହ୍ଣ ସାଢ଼େ ୧୧ଟାରେ ଅଭିଯୁକ୍ତ ଉଜ୍ଜଳ ଅଇଁଠାପାଲି ଥାନା ସମ୍ମୁଖ ଗେଟ୍ ନିକଟରେ କଟା ମୁଣ୍ଡକୁ ଏକ ବ୍ୟାଗରେ ଭର୍ତ୍ତି କରି ବସିଥିଲେ। ଏହି ସମୟରେ ଜଣେ ପୋଲିସ କର୍ମଚାରୀ ଆସି ତାଙ୍କୁ ପଚାରିବାରୁ ବ୍ୟାଗ ଭିତରେ କଟା ମୁଣ୍ଡ ଥିବା ସେ ଦେଖାଇ ଥିଲେ । ଏହାପରେ ପୋଲିସ କର୍ମଚାରୀ ଜଣକ ତାଙ୍କୁ ଥାନା ଭିତରକୁ ନେଇ ପଚରାଉଚରା କରିଥିଲା। ଏ ନେଇ ପୋଲିସ ଆଇପିସିର ଦଫା ୩୦୨, ୨୦୧ ଅନୁସାରେ ଏକ ହତ୍ୟା ମାମଲା (ନଂ. ୨୪୦/୧୯) ରୁଜୁ କରିଛି। ପୂର୍ବ ଶତ୍ରୁତାକୁ ନେଇ ଏହି ହତ୍ୟାକାଣ୍ଡ ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି । ହେଲେ ଏହାର ଅନ୍ୟ ଦିଗ ଉପରେ ମଧ୍ୟ ତଦନ୍ତ କରାଯାଉଛି ବୋଲି ସମ୍ବଲପୁର ଏସ୍‌ପି ଅରୋରା ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ସତ୍ୟନାରାୟଣ ଓ ଉଜ୍ଜଳଙ୍କ ଘର ପାଖାପାଖି ରହିଛି। କିଛି ଦିନ ପୂର୍ବରୁ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା । ଏହି ବିବାଦ ଗ୍ରାମରେ ଆପୋସ ବୁଝାମଣାରେ ସମାଧାନ କରାଯାଇଥିଲା । କିନ୍ତୁ ଉଜ୍ଜଳଙ୍କ କ୍ରୋଧ କମି ନ ଥିଲା । ସେ ସତ୍ୟନାରାୟଣଙ୍କୁ ମାରି ଦେବାକୁ ସୁଯୋଗ ଖୋଜୁଥିଲେ। ସୋମବାର ବିଳମ୍ବିତ ରାତିରେ ଘର ବାହାରେ ସତ୍ୟନାରାୟଣ ମଶାରି ଭିତରେ ଏକୁଟିଆ ଶୋଇଥିଲେ। ଏହାର ସୁଯୋଗ ନେଇ ଭୋର ୪ଟାରେ ଉଜ୍ଜଳ ଏକ ଟାଙ୍ଗିଆରେ ସତ୍ୟନାରାୟଣଙ୍କ ବେକକୁ ଚୋଟ ପକାଇ ଥିଲେ। ଫଳରେ ମୁଣ୍ଡ ଓ ଗଣ୍ଡି ଅଲଗା ହୋଇଯାଇଥିଲା । କଟା ମୁଣ୍ଡକୁ ଏକ ବ୍ୟାଗରେ ଭର୍ତ୍ତି କରି ସେ ଘରୁ ଫେରାର ହୋଇଯାଇଥିଲେ। ସକାଳେ ସତ୍ୟନାରାୟଣଙ୍କ ପରିବାର ଲୋକେ ଉଠି ଦେଖିଲା ବେଳକୁ ମଶାରି ଭିତରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ମୃତଦେହ ପଡି ଥିଲା । ପରିବାର ଲୋକଙ୍କ ଚିତ୍କାର ଶୁଣି ପଡୋଶୀ ଲୋକେ ଧାଇଁ ଆସିଥିଲେ। ଏହାପରେ ପୋଲିସ ଖବର ପାଇ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା। ପ୍ରକାଶଯୋଗ୍ୟ, ୨୦୦୬ରେ ମଧ୍ୟ ସମ୍ବଲପୁର ଜିଲାରେ ଏଭଳି ଏକ ହତ୍ୟାକାଣ୍ଡ ଘଟିଥିଲା। ସେତେବେଳେ ଉକ୍ତ ଘଟଣା ସାରା ରାଜ୍ୟରେ ଚର୍ଚ୍ଚାକୁ ଆସିଥିଲା । ଜଣେ ବ୍ୟକ୍ତି ତାଙ୍କ ସ୍ତ୍ରୀଙ୍କ ଚରିତ୍ରକୁ ସନ୍ଦେହ କରି ହତ୍ୟା କରିଥିଲେ। ପରେ ସେ କଟା ମୁଣ୍ଡକୁ ଧରି ଟାଉନ ଥାନାକୁ ଚାଲି ଚାଲି ପହଞ୍ଚିଥିଲେ।

# ଦେଶୀ ମଦଭାଟି ନିର୍ମାଣ ବିରୋଧରୁ ତୁମୁଳକାଣ୍ଡ

**ଦେବଗଡ଼, ୧୧।୬(ଡି.ଏନ.ଏ.)**

■ ସପକ୍ଷବାଦୀ-ବିପକ୍ଷବାଦୀ ମୁହାଁମୁହିଁ
■ ଏସ୍‌ଏଚ୍‌ଜି ମହିଳାଙ୍କୁ ଗୋଡ଼ାଇ ପିଟିଲେ
■ ଭାଟି ମାଲିକ ବିରୋଧକାରୀଙ୍କୁ ଆକ୍ରମଣ ପାଇଁ ପୋଷାକୁକୁର ଛାଡ଼ିଲେ
■ ୧୦ରୁ ଊର୍ଦ୍ଧ୍ୱ ମହିଳା ଆହତ, ତିନି ଦେବଗଡ଼ ଡାକ୍ତରଖାନାରେ ଭର୍ତ୍ତି
■ ଗଣମାଧ୍ୟମ ପ୍ରତିନିଧିଙ୍କୁ ବି ଆକ୍ରମଣ, ସବୁ ଜାଣିଶୁଣି ପୋଲିସ ଚୁପ୍

ଦେବଗଡ଼ ଜିଲା ରିଆମାଳ ବ୍ଲକ ପଳସମା ପଞ୍ଚାୟତ ଅନ୍ତର୍ଗତ ହାଧସଂହାର ବାବାଜୀ ମଠ ସାହି ଓ ବାଘବର ସୀମାନ୍ତରେ ଦେଶୀ ମଦଭାଟି ନିର୍ମାଣକୁ ବିରୋଧ କାରଣରୁ ମଙ୍ଗଳବାର ତୁମୁଳକାଣ୍ଡ ଘଟିଛି। ବିରୋଧ କରିବାକୁ ଯାଇଥିବା ୩୫ଟି ସ୍ୱୟଂ ସହାୟିକା ଗୋଷ୍ଠୀର ୫୦୦ରୁ ଊର୍ଦ୍ଧ୍ୱ ମହିଳାଙ୍କୁ ମଦଭାଟି ମାଲିକ ଓ ତାଙ୍କର ସମର୍ଥକମାନେ ଅତର୍କିତ ଆକ୍ରମଣ କରିଥିଲେ। ଜୀବନ ବିକଳରେ ମହିଳାମାନେ ସେଠାରୁ ଦୌଡି ପଳାଉଥିବା ବେଳେ ଆକ୍ରମଣକାରୀ ସେମାନଙ୍କୁ ଜଙ୍ଗଲ ମଧ୍ୟରେ ଗୋଡ଼ାଇ ଗୋଡ଼ାଇ ଠେଙ୍ଗାରେ ପିଟିବା ସହ ଟେକାପଥର ଫିଙ୍ଗିଥିଲେ। ଏଥିରେ ୧୦ରୁ ଊର୍ଦ୍ଧ୍ୱ ମହିଳା ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୩ଗୁରୁତରଙ୍କୁ ଦେବଗଡ ଡାକ୍ତଖାନାରେ ଭର୍ତ୍ତି କରାଯାଇଛି। କେବଳ ସେତିକି ନୁହେଁ, ଘଟଣାସ୍ଥଳକୁ ଖବର ସଂଗ୍ରହ କରିବାକୁ ଯାଇଥିବା କେତେକ ଗଣମାଧ୍ୟମ ପ୍ରତିନିଧି ମଧ୍ୟ ଆହତ ହୋଇଛନ୍ତି। ଅଭିଯୋଗ ହୋଇଛି ଯେ, ମଦଭାଟି ନିର୍ମାଣ କରୁଥିବା ବ୍ୟକ୍ତି ଜଣକ ଅମାନବିକଭାବେ ନିଜର ତିନିଟି ପୋଷା କୁକୁରଙ୍କୁ ମହିଳାମାନଙ୍କୁ ଆକ୍ରମଣ କରିବାକୁ ଛାଡି ଦେଇଥିଲେ। ଏହାକୁ ନେଇ ସମ୍ପୃକ୍ତ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। ହେଲେ ସ୍ଥାନୀୟ ପୋଲିସ ଏନେଇ ଖବର ପାଇ ମଧ୍ୟ ଏହି ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଘଟଣାସ୍ଥଳରେ ପହଞ୍ଚି ନ ଥିବା ଅଭିଯୋଗ ହୋଇଛି।

ସୂଚନା ଅନୁସାରେ, ରିଆମାଳ ବ୍ଲକ ହାଧସଂହାର ବାବାଜୀ ମଠ ସାହି ଓ ବାଘବର ସୀମାନ୍ତରେ ଏକ ଦେଶୀମଦ ଭାଟି ନିର୍ମାଣ ଚାଲିଛି। ଏହାକୁ ସ୍ଥାନୀୟ ଅଞ୍ଚଳର ଲୋକେ ବିରୋଧ କରି ଆସୁଛନ୍ତି। ସେମାନେ ବାରମ୍ବାର ପ୍ରଶାସନର ଦ୍ୱାରସ୍ଥ ହେଲେ ମଧ୍ୟ ଭାଟି ନିର୍ମାଣ ବନ୍ଦ ନେଇ କୌଣସି ପଦକ୍ଷେପ ନିଆଯାଉନାହିଁ। ଏହାର ପ୍ରତିବାଦ କରି ମଙ୍ଗଳବାର ଶତାଧିକ ମହିଳାପୁରୁଷ ମଦଭାଟି ନିର୍ମାଣ ସ୍ଥାନକୁ ଯାଇ କାମ ବନ୍ଦ କରିବାକୁ କହିବା ସହ ଧାରଣାରେ ବସିଥିଲେ। ଏହାକୁ ନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା । ମଦଭାଟି ନିର୍ମାଣସ୍ଥଳ ପଳସମା ଗ୍ରାମ ଅଞ୍ଚଳର ବୋଲି କେତେକ ଲୋକ ଦାବି କରି ଭାଟି ନିର୍ମାଣ ସପକ୍ଷରେ ଯୁକ୍ତି ବାଢିଥିଲେ। ଏହାକୁ ନେଇ ଭାଟି ସପକ୍ଷବାଦୀ ଓ ଆନ୍ଦୋଳନକାରୀଙ୍କ ମଧ୍ୟରେ ଯୁକ୍ତିତର୍କ ଲାଗିଥିଲା। ଏହି ସମୟରେ କେତେକ ବ୍ୟକ୍ତି ଠେଙ୍ଗାବାଡି ଧରି ଧାରଣାରେ ବସିଥିବା ଏସ୍‌ଏଚ୍‌ଜି ମହିଳାଙ୍କ ଉପରେ ଆକ୍ରମଣ କରିଥିଲେ । ଏଣୁ ଉଭୟ ପକ୍ଷ ମଧ୍ୟରେ ଘଟଣାସ୍ଥଳରେ ମାରପିଟ ହୋଇଥିଲା । ମଦଭାଟି ସପକ୍ଷବାଦୀ ଗୋଷ୍ଠୀ ପକ୍ଷରୁ କେତେକ ଅସାମାଜିକ ବ୍ୟକ୍ତି ବିଭିନ୍ନ ମାରଣାସ୍ତ୍ର ଧରି ଆକ୍ରମଣ ଆରମ୍ଭ କରିଥିଲେ। ଜୀବନ ବିକଳରେ ମହିଳାମାନେ ସେଠାରୁ ଦୌଡି ପଳାଉଥିବା ବେଳେ ଆକ୍ରମଣକାରୀ ସେମାନଙ୍କୁ ଗୋଡ଼ାଇ ଗୋଡ଼ାଇ ପିଟିଥିଲେ। ଏପରିକି ଖବର ସଂଗ୍ରହ କରିବାକୁ ଯାଇଥିବା କେତେକ ଗଣମାଧ୍ୟମ ପ୍ରତିନିଧି ମଧ୍ୟ ଆକ୍ରମଣର ଶିକାର ହୋଇଛନ୍ତି। ଏ ନେଇ ଦେବଗଡ ଏସିପି ରାହୁଲ ଜୈନଙ୍କୁ ଫୋନ ଯୋଗେ ଜଣାଇଥିଲେ ମଧ୍ୟ ପୋଲିସ ଘଟଣାସ୍ଥଳକୁ ଯାଇ ନଥିବା ଅଭିଯୋଗ ହୋଇଛି।



ସତ୍ୟ, ଶାନ୍ତି, ଦୟା, କ୍ଷମା, ଧର୍ମ ଆଚରଣ, ସଦାଚାର, ସହିଷ୍ଣୁତା ଆଦି ଗୁଣରେ ଆତ୍ମାକୁ ଭୂଷିତ କର।
- ଶ୍ରୀ ଚୈତନ୍ୟଦେବ



# ଜଳଛତ୍ର ପାଇଁ ବାଧକ ସାଜିଲା ଏମ୍‌ଜିଏନ୍‌ଆର୍‌ଇଜିଏସ୍

**ରସୁଲପୁର, ୧୧।୬(ଡିଏନଏ)**

ଖରାଦିନ ସରିବାକୁ ବସିଥିବାବେଳେ ଲୋକେ ଏବେ ମୌସୁମୀ ଅପେକ୍ଷାରେ ରହିଛନ୍ତି। ଖରାଦିନେ ପଥଚାରୀମାନେ ପାଣି ଟୋପେ ପାଇଁ ଉହଳବିକଳ ହେଉଥିବାବେଳେ ସେମାନଙ୍କ ପାଇଁ ରାସ୍ତାକଡ଼ରେ ସରକାରୀ ତଥା ବେସରକାରୀଭାବେ ଜଳଛତ୍ର ଖୋଲାଯାଇଛି। ଏହି କାର୍ଯ୍ୟକ୍ରମ ପଣା ସଂକ୍ରାନ୍ତିରୁ ଆରମ୍ଭ ହୋଇ ରଜ ସଂକ୍ରାନ୍ତିରେ ଶେଷ ହୋଇଥାଏ। ଏବେ ଖରା ପ୍ରକୋପକୁ ଦେଖି ବିଭିନ୍ନ ସ୍ଥାନରେ ଜଳଛତ୍ର ଆଗୁଆ ଖୋଲାଯାଉଛି। ବେସରକାରୀ ଭାବେ ଜଳଛତ୍ର ଖୋଲାଯାଇ ପଥିକଙ୍କୁ ଦହି ଓ ଲେମ୍ବୁ ପାଣି ପ୍ରଦାନ କରାଯାଉଥିବାବେଳେ ପଞ୍ଚାୟତସ୍ତରରେ ସରକାରୀ ଭାବେ ଜଳଛତ୍ର ଖୋଲିବା ଏକ ପ୍ରହସନରେ ପରିଣତ ହୋଇଛି । କେତେକ ପଞ୍ଚାୟତରେ ଜଳଛତ୍ର କାଗଜ କଲମରେ ସୀମିତ ରହିଛି। ଚଳିତବର୍ଷ ଅଧିକାଂଶ ପଞ୍ଚାୟତରେ ଜଳଛତ୍ର ଖୋଲାଯାଇ ନାହିଁ। ଏ ଦିଗରେ ମହାତ୍ମାଗାନ୍ଧୀ ଜାତୀୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆରଇଜିଏସ୍) ଆଡୁଆ ହୋଇଛି। ଜଳଛତ୍ର ତତ୍ତ୍ୱାବଧାରକଙ୍କୁ ଏହି ଯୋଜନାରୁ ଦେୟ ଦେବାକୁ ପଡୁଛି। ଏହି ଯୋଜନା ଜରିଆରେ ଅନଲାଇନ ଦେୟ ପୈଠ କରାଯିବା ନିୟମ ଯୋଜନାକୁ କାର୍ଯ୍ୟକାରୀ କରିବାରେ ବାଧା ସୃଷ୍ଟି ହୋଇଛି। ଏନେଇ ପଞ୍ଚାୟତ ନିର୍ବାହୀ ଅଧିକାରୀ ଓ ଗ୍ରାମ୍ୟ ରୋଜଗାର ସେବକ (ଜିଆରଏସ୍)ଙ୍କୁ ସମସ୍ତ ଦାୟିତ୍ୱ ନିର୍ବାହ କରିବାକୁ ପଡୁଛି। ଫଳରେ ସେମାନେ ଜଳଛତ୍ର ଖୋଲିବା ଦିଗରେ ଆନ୍ତରିକତା ପ୍ରଦର୍ଶନ କରୁନାହାନ୍ତି। ତେଣୁ ପୂର୍ବବର୍ଷ ଭଳି ଚଳିତ ବର୍ଷ ପଞ୍ଚାୟତ ଛକ ବଜାରରେ ସରକାରୀ ଭାବେ ଜଳଛତ୍ର ଖୋଲାଯାଇ ନ ଥିବା କୁହାଯାଉଛି।

ପଞ୍ଚାୟତ ହାତପାଣ୍ଠି (ତୃତୀୟ ରାଜ୍ୟ ଅର୍ଥ କମିଶନ ଅନୁଦାନ) ଅବା କଣ୍ଟିଜେନ୍ସି ଫଣ୍ଡକୁ ବ୍ୟୟ କରାଯାଇ ଜଳଛତ୍ର ଖୋଲିବାର ନିୟମ ଥିଲା। ପଞ୍ଚାୟତରେ

**ରସୁଲପୁର ବ୍ଲକ**
- ଆନ୍ତରିକତା ଦେଖାଇଲେନି ଜିଆରଏସ୍, ପଞ୍ଚାୟତ ନିର୍ବାହୀ ଅଧିକାରୀ
- ଅଧିକାଂଶ ପଞ୍ଚାୟତରେ ଖୋଲାଯାଇ ନାହିଁ ଜଳଛତ୍ର

ଜଳଛତ୍ର ଖୋଲିବା ସକାଶେ ସ୍ଥାନଗୁଡ଼ିକୁ ଚିହ୍ନଟ କରିଯାଇ ବୈଠକରେ ଅନୁମୋଦନ କରିବାର ବିଧି ରହିଛି। ଏହାପରେ ପଞ୍ଚାୟତ ପକ୍ଷରୁ ଉକ୍ତ ସ୍ଥାନଗୁଡ଼ିକରେ ଜଳଛତ୍ର ଖୋଲିବା ପ୍ରକ୍ରିୟା କାର୍ଯ୍ୟକାରୀ ହୁଏ। ଜଳଛତ୍ର ତଦାରଖକାରୀଙ୍କ ନାମରେ ପଞ୍ଚାୟତରେ ଫାଇଲ ଖୋଲାଯାଏ। ଜଳଛତ୍ରଗୁଡ଼ିକ ଏପ୍ରିଲରେ ଖୋଲାଯାଇ ଜୁନ୍‌ରେ ଶେଷ ହୁଏ। ଏ ଦିଗରେ ପଞ୍ଚାୟତ ପକ୍ଷରୁ ବ୍ୟାନର ସମେତ ଜଳଛତ୍ର ଆଦି ଯୋଗାଇ ଦିଆଯାଇଥାଏ। ଶେଷରେ ତାଦରଖକାରୀଙ୍କୁ ମଜୁରୀ ବାବଦକୁ ଅର୍ଥ ପୈଠ କରାଯାଇଥାଏ। ହେଲେ ଚଳିତଥର ଏଥିରେ ବ୍ୟତିକ୍ରମ ଦେଖାଦେଇଛି। ଜଳଛତ୍ରକୁ ନେଇ ବ୍ଲକରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ବିଭିନ୍ନ ପଞ୍ଚାୟତରୁ ମୋଟ ୧୦୫ଟି ଜଳଛତ୍ର ଖୋଲାଯିବା ନେଇ ପ୍ରସ୍ତାବ ଆସିଥିଲା। ପରେ ଏ ବାବଦ ଅର୍ଥ ଏମ୍‌ଜିଏନ୍‌ଆରଇଜିଏସ୍‌ରୁ ପୈଠ କରାଯିବ ବୋଲି ସମୀକ୍ଷା ବୈଠକରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ଓ ଜିଆରଏସ୍‌ଙ୍କୁ କୁହାଯାଇଥିଲା। ଏହି ଯୋଜନାରୁ ଅର୍ଥ ପୈଠ କରିବାକୁ ହେଲେ ଜଳଛତ୍ରରେ ନିୟୋଜିତ ଶ୍ରମିକ ନାଁରେ ଜବକାର୍ଡ ରହିଥିବା ଆବଶ୍ୟକ। ତଦାରଖକାରୀଙ୍କୁ ପ୍ରତି ସପ୍ତାହରେ ମଜୁରୀ ଜମାଖାତା ଜରିଆରେ ପୈଠ କରାଯିବ। ଏ ଦିଗରେ ଉପସ୍ଥାନ ଖାତା ଓ ରେଜିଷ୍ଟ୍ରର ପରିଚାଳନା କରାଯିବ। ଶ୍ରମିକ ନାଁରେ ମଷ୍ଟରରୋଲ ବାହାର କରାଯାଇ ମଜୁରୀ ପ୍ରଦାନ କରାଯିବ। ଏହାକୁ ନିୟମିତ କରିବାକୁ ହେବ। ଏ ଦିଗରେ ବିଳମ୍ବ ଘଟିଲେ ମଜୁରୀ ପୈଠ କରାଯାଇ ପାରିବ ନାହିଁ ଆଦି ନିୟମ ରହିଥିଲା। ଏସବୁ ନିୟମ କାର୍ଯ୍ୟକୁ ଜଟିଳ କରିବା କାରଣରୁ ପଞ୍ଚାୟତସ୍ତରୀୟ ଅଧିକାରୀମାନେ ଜଳଛତ୍ର ଖୋଲିବା ଦିଗରେ ଗୁରୁତ୍ୱ ପ୍ରଦାନ କରିନଥିବା କୁହାଯାଉଛି। ଏହାଛଡା ଏ ଦିଗରେ ସରକାରଙ୍କ ପକ୍ଷରୁ ଟାର୍ଗେଟ କରାଯାଇ ନାହିଁ। ଉକ୍ତ ଯୋଜନାକୁ ଅଧିକାରୀମାନ ଇଚ୍ଛାଧୀନ କ୍ଷମତା ବୋଲି ମନେକରି ଜଳଛତ୍ର ଖୋଲିବାକୁ ଅଣଦେଖା କରିଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ଗ୍ରାମ ପଞ୍ଚାୟତ ସଂପ୍ରସାରଣ ଅଧିକାରୀ ଦିବ୍ୟକାନ୍ତି ମିଶ୍ରଙ୍କୁ ପଚାରିବାରୁ, ସମସ୍ତ ୨୮ ପଞ୍ଚାୟତରୁ ଟାର୍ଗେଟ ଆସିଛି। ହେଲେ କେତୋଟି ଜଳଛତ୍ର ଚାଲୁଛି ସେ ସମ୍ପର୍କରେ ନିର୍ବାହୀ ଅଧିକାରୀଙ୍କଠାରୁ ତଥ୍ୟ ମଗାଯାଇଛି। ଏନେଇ କେତେଜଣ ନିର୍ବାହୀ ଅଧିକାରୀଙ୍କୁ ପଚାରିବାରୁ, ଏମ୍‌ଜିଏନ୍‌ଆରଇଜିଏସ୍‌ରେ ଜଳଛତ୍ର ଖୋଲିବା ନିୟମ ଯୋଗୁ ଚଳିତବର୍ଷ ଯୋଜନା କାର୍ଯ୍ୟକାରିତାର ସଫଳତା ନୈରାଶ୍ୟଜନକ ହୋଇଥିବା ସ୍ୱୀକାର କରିଛନ୍ତି।

## ସଂକ୍ଷେପରେ

### ଯାଜପୁର ଏମ୍‌ପି, କୋରେଇ ବିଧାୟକଙ୍କୁ ସମ୍ବର୍ଦ୍ଧନା

**ରସୁଲପୁର, ୧୧।୬(ଡିଏନଏ)**

ରସୁଲପୁର ବ୍ଲକର ବଡକଇଁଚି ପଞ୍ଚାୟତର ମଧୁବନ ହିଙ୍ଗୁଳା ପୀଠରେ ସମ୍ବର୍ଦ୍ଧନା ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ବ୍ଲକରୁ କୋରେଇ ନିର୍ବାଚନମଣ୍ଡଳୀରେ ସାମିଲ ହୋଇଥିବା ୯ଟି ପଞ୍ଚାୟତ ଭୋଟକା, ଗନ୍ଧଣ, ବଡକଇଁଚି, ଟିକରପଡା, ବାହାଦଲାପୁର, ମୁଗୁପାଳ, ନରସିଂହପୁର, ପହଁଗା, ଲକ୍ଷ୍ମୀନଗର ପ୍ରଭୃତି ପଞ୍ଚାୟତର ଜନପ୍ରତିନିଧି ଓ ଦଳୀୟ ସଙ୍ଗଠକଙ୍କ ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏହି ୮ଟି ପଞ୍ଚାୟତର ବିଜେଡିର କର୍ମୀ ଓ ସଂଗଠକମାନେ ଉଭୟ ଯାଜପୁର ଏମ୍‌ପି ଶର୍ମିଷ୍ଠା ସେଠୀ, କୋରେଇ ବିଧାୟକ ଅଶୋକ କୁମାର ବଳଙ୍କୁ ମଧୁବନ ନୋଡାଲ ଉଚ୍ଚ ବିଦ୍ୟାଳୟ ନିକଟରୁ ଏକ ବିରାଟ ପଟୁଆରରେ ସଭାସ୍ଥଳକୁ ପାଛୋଟି ଆଣିଥିଲେ। ବାହାଦଲାପୁର ପଞ୍ଚାୟତର ପ୍ରାକ୍ତନ ସରପଞ୍ଚ ଶିଶିର କୁମାର ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ବିଧାୟକ ଓ ଏମ୍‌ପିଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଗ୍ରାମ୍ୟ ରୋଜଗାର ସେବକ ସଂଘ, ରସୁଲପୁର ଶାଖା, ରସୁଲପୁର ବ୍ଲକ ଯେଗାଣ ଅଧିକାରୀ ଓ କର୍ମଚାରୀଗଣ ପ୍ରମୁଖ ବିଧାୟକ ଓ ଏମ୍‌ପିଙ୍କୁ ମଞ୍ଚରେ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଉନ୍ନୟନ ସହ ଘରେ ଘରେ ମହିଳାଙ୍କୁ ସଶକ୍ତ କରାଇବା ତାଙ୍କ ଲକ୍ଷ୍ୟ ବୋଲି ଏମ୍‌ପି ଶର୍ମିଷ୍ଠା ମତ ରଖିଛନ୍ତି। ପ୍ରାରମ୍ଭିକ ସଂଗୀତରୁ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ପ୍ରଚଣ୍ଡ ଗରମ ଗୁଳୁଗୁଳି ସତ୍ତ୍ୱେ ହଜାର ହଜାର ଜନସାଧାରଣ ସମ୍ବର୍ଦ୍ଧନା କାର୍ଯ୍ୟରେ ଯୋଗ ଦେଇଥିଲେ। ବରିଷ୍ଠ ସଂଗଠକ ପ୍ରହ୍ଲାଦ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

### ବିଧାୟିକାଙ୍କ ସମୀକ୍ଷା ବୈଠକ

**ବରୀ, ୧୧।୬(ସ୍ୱ.ପ୍ର.)**

ବରୀ ନିର୍ବାଚନମଣ୍ଡଳୀର ବିକାଶ ପାଇଁ ନବ ନିର୍ବାଚିତ ବିଧାୟିକା ସୁନନ୍ଦା ଦାସ ବରୀ ଜଳ ସମ୍ପଦ ବିଭାଗ ଡାକ ବଙ୍ଗଳାରେ ମଙ୍ଗଳବାର ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗ ଏବଂ ଗ୍ରାମ୍ୟ ଜଳ ଯୋଗାଣ ପ୍ରକଳ୍ପ ଅଧିକାରୀଙ୍କୁ ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଜେଡି କର୍ମୀ, ଠିକାଦାର ଓ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏଥିରେ ସ୍ଥାନୀୟ ସାମାଜିକ କର୍ମୀ, ବୁଦ୍ଧିଜୀବୀ ଓ ଗଣମାଧମ ପ୍ରତିନିଧିଙ୍କୁ ସାମିଲ କରାଯାଇ ନ ଥିବାରୁ କ୍ଷୋଭ ପ୍ରକାଶ ପାଇଛି। ତେଣୁ ବରୀ ଅଞ୍ଚଳର ବୁଦ୍ଧିଜୀବୀଙ୍କୁ ଉପେକ୍ଷିତ କରାଯାଇଥିବା ଅଭିଯୋଗ ହୋଇଛି। ଏବେବି ବରୀର ରାସ୍ତାଘାଟର ସମସ୍ୟା ରହିଛି। ପାନୀୟଜଳ ସମସ୍ୟା ଉତ୍କଟ ରହିଥିଲାବେଳେ ସମାଧାନ ହୋଇପାରୁନାହିଁ। ପ୍ରକାଶ ଥାଉକି, ବିଧାୟିକା ଦାସ ପୂର୍ବରୁ ଏକ ସମୀକ୍ଷା ବୈଠକ ଡାକି ଜଳ ସମ୍ପଦ ବିଭାଗର ବନ୍ଧବାଡ଼ ସୁରକ୍ଷା ଉପରେ ଆଲୋଚନା କରାଯାଇଥିଲା। ମଙ୍ଗଳବାର ହୋଇଥିବା ସମୀକ୍ଷା ବୈଠକରେ ଆରଡି ବିଭାଗର ୪ଟି ରାସ୍ତାକୁ ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗରେ ଅନ୍ତର୍ଭୁକ୍ତ କରାଯାଇଥିବା ଜଣାପଡ଼ିଛି। ତେବେ ଆଉ ୪ଟି ଆରଡି ରାସ୍ତା ଖୁବ୍‌ଶୀଘ୍ର ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗକୁ ଚାଲିଯିବାର ସୂଚନା ମିଳିଛି। ରାସ୍ତା ସମସ୍ୟା ଦୂର କରିବାକୁ ବୈଠକରେ ଆଲୋଚନା କରାଯାଇଛି। ବୈଠକରେ ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗର ସହକାରୀ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ବିଘ୍ନରାଜ ଜେନା, ସହକାରୀ ଯନ୍ତ୍ରୀ ଅଲେଖ ବେହେରା, ଦେବେନ୍ଦ୍ର ଦାସ, ପ୍ରଶାନ୍ତ ସାହୁ, ଅକ୍ଷୟ ବେହେରା, ରଞ୍ଜନ କୁମାର ପଣ୍ଡା ପ୍ରମୁଖ ଦଳୀୟ କର୍ମୀ ଓ ଠିକାଦାର ସାମିଲ ଥିଲେ।

### ନାବାଳିକାଙ୍କୁ ଅସଦାଚରଣ, ଥାନାରେ ଅଭିଯୋଗ

**କୋରେଇ, ୧୧।୬(ସ୍ୱ.ପ୍ର.)**

କୋରେଇ ଥାନା ଅନ୍ତର୍ଗତ ଅନ୍ଧାରୀ ପଞ୍ଚାୟତ କୋରାବନ୍ଦୀ ଗ୍ରାମର ସୁରେଶ ରାଉତ ଓରଫ କୁଟୁ (୩୭) କୋରେଇ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅସଦାଚରଣ କରିଥିବା ନେଇ ମଙ୍ଗଳବାର ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା (ନଂ.୧୨୬/୧୯) ରୁଜୁକରି ତଦନ୍ତ ଜାରି ରଖିଛି। ପ୍ରକାଶ ଯେ, ନାବାଳିକା ଜଣକ ଘରକୁ ଯିବାପାଇ ଯାଜପୁରରୋଡସ୍ଥିତ ନହକା ଛକରେ ବସ୍‌କୁ ଅପେକ୍ଷା କରିଥିଲେ। ସେହି ସମୟରେ ସୁରେଶ ବାଇକ ଯୋଗେ ଆସି ତାଙ୍କୁ ଘରେ ଛାଡିଦେବେ ବୋଲି କହିଥିଲେ। ନାବାଳିକା ବିଶ୍ୱାସ କରି ସୁରେଶଙ୍କ ସହ ଆସିଥିଲେ। ହେଲେ ଯିବାବେଳେ ମୁଖ୍ୟ ରାସ୍ତାରେ ନ ଯାଇ ସୁରେଷ ଜଙ୍ଗଲ ରାସ୍ତା ଦେଇଯାଇଥିଲେ। କିଛିବାଟ ଯିବା ପରେ ନିରୋଳା ଦେଖି ସୁରେଶ ଗାଡ଼ି ଅଟକାଇଥିଲେ। ପରେ ନାବାଳିକାଙ୍କ ଅନିଚ୍ଛା ସତ୍ତ୍ୱେ ସୁରେଶ ମନ୍ଦ ଉଦ୍ଦେଶ୍ୟ ରଖି ଅସଦାଚରଣ କରିଥିଲେ।

- ବିଦ୍ୟୁତ୍ ଆଘାତରେ ଠିକା ଶ୍ରମିକଙ୍କ ମୃତ୍ୟୁ ଘଟଣା

# ଠିକାଦାରଙ୍କ ଘର ସମ୍ମୁଖରେ ଧାରଣା

**ଗ୍ରାମରେ ଉତ୍ତେଜନା, କ୍ଷତିପୂରଣ ଦାବି**

**କୋରେଇ, ୧୧।୬(ସ୍ୱ.ପ୍ର.)**

କୋରେଇ ଥାନା ଅନ୍ତର୍ଗତ ରଣପୁର ପଞ୍ଚାୟତ କଣ୍ଟାବଣିଆ ଗ୍ରାମରେ ଖୁଣ୍ଟରେ ଚଢି କାମ କରୁଥିବାବେଳେ ସୋମବାର ଜଣେ ଠିକା ଶ୍ରମିକଙ୍କ ମୃତ୍ୟୁ ହୋଇଥିଲା। ବିଭାଗ ଠିକାକାମ ନେଇଥିବା ଠିକାଦାର କ୍ଷତିପୂରଣ ଦେବାକୁ ସ୍ଥିର ହୋଇଥିଲା। ହେଲେ ମଙ୍ଗଳବାର ଟଙ୍କା ନ ମିଳିବାରୁ ବ୍ୟବଚ୍ଛେଦ ପରେ ପରିବାର ଲୋକେ ମୃତଦେହକୁ ଠିକାଦାରଙ୍କ ଘର ଦୁଆରେ ରଖିଥିଲେ। ଏନେଇ ଗ୍ରାମରେ ଅସନ୍ତୋଷ ବୃଦ୍ଧି ପାଇବା ପରେ ପୋଲିସର ହସ୍ତକ୍ଷେପ ପରେ ଘଟଣାର ସମାଧାନ କରାଯାଇ ଶବଦାହ କରାଯାଇଥିଲା।

ପ୍ରକାଶ ଯେ, କୋରେଇ ଥାନା ତାରାକୋଟ ଗ୍ରାମର ପ୍ରହ୍ଲାଦ ଜେନା କଣ୍ଟାବଣିଆରେ ବିଦ୍ୟୁତ୍ ଖୁଣ୍ଟରେ ଚଢି କାମ କରୁଥିବାବେଳେ ବିଦ୍ୟୁତ୍ ଆଘାତରେ ମୃତ୍ୟୁ ହୋଇଥିଲା। ପରେ ପ୍ରହ୍ଲାଦଙ୍କୁ କାର୍ଯ୍ୟରେ ନିୟୋଜିତ କରିଥିବା ତାରାକୋଟ ଗ୍ରାମର ଶିଶିର ସାହୁ ମୃତକଙ୍କ ପରିବାରକୁ ୧ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଯାହାକି ପ୍ରହ୍ଲାଦଙ୍କ ଶୁଦ୍ଧିକ୍ରିୟା ପୂର୍ବରୁ ୧୦ ହଜାର ଟଙ୍କା ଏବଂ ମାସକ ମଧ୍ୟରେ ବାକି ୯୦ ହଜାର ଟଙ୍କା ଦେବାକୁ ସ୍ଥିର ହୋଇଥିଲା। ହେଲେ ଏନେଇ କିଛି ଲିଖିତ ପ୍ରତିଶ୍ରୁତି ଦେଇ ନ ଥିବାରୁ ମଙ୍ଗଳବାର ପ୍ରହ୍ଲାଦଙ୍କ ପରିବାର ସମେତ କିଛି ଗ୍ରାମବାସୀ ମୃତଦେହ ବ୍ୟବଚ୍ଛେଦ ପରେ ଶିଶିରଙ୍କ ଘରେ ପହଞ୍ଚିଥିଲେ। ହେଲେ ଶିଶିର ଘରେ ନ ଥିବା ପରିବାର ଲୋକ କହିବାରୁ ମୃତଦେହ ଶିଶିରଙ୍କ ଘର ଦୁଆରେ ରଖି ପଳାଇଥିଲେ। ଖବରପାଇ ଶିଶିର ଘରେ ପହଞ୍ଚି ସମସ୍ତ ଘଟଣା ଜାଣିବା ପରେ କୋରେଇ ପୋଲସକୁ ଅବଗତ କରାଇଥିଲେ। ମୃତଦେହକୁ ନେଇ ଉଭୟ ଗ୍ରାମରେ ଛକାପଞ୍ଝା ଲାଗିବାରୁ ଥାନାଧିକାରୀ ରଞ୍ଜିତ ମହାନ୍ତି ଏବଂ ଏଏସ୍‌ଆଇ ସଲିଳ ମଲିକ ଘଟଣାସ୍ଥଳରେ ପହଞ୍ଚି ଉଭୟ ପକ୍ଷଙ୍କୁ ବୁଝାଶୁଝା କରିବା ପରେ ମାମଲା ଥଣ୍ଡା ପଡିଥିଲା। ହେଲେ ଏନେଇ ଠିକାଦାର ଶିଶିରଭିନ୍ନ ଅଭିଯୋଗ କରିଛନ୍ତି। ସୋମବାର ମୋଟ ୧ ଲକ୍ଷ ଟଙ୍କା ଦେବାକୁ ସ୍ଥିର ହୋଇଥିବାବେଳେ ମଙ୍ଗଳବାର ପ୍ରହ୍ଲାଦଙ୍କ ପରିବାର ପକ୍ଷରୁ ହଠାତ୍ ୫ ଲକ୍ଷ ଟଙ୍କା ଦେବାକୁ ଦାବି ହୋଇଥିଲା। ଏତେ ଟଙ୍କା ଦେବା ସମ୍ଭବ ନୁହେଁ ବୋଲି ଶିଶିର ମନା କରିଥିଲେ। ଫଳରେ ଉତ୍ତେଜିତ ହୋଇ ପରିବାର ଲୋକେ ମୃତଦେହକୁ ତାଙ୍କ ଘରେ ରଖି ଚାଲିଯାଇଥିବା ଶିଶିର ଅଭିଯୋଗରେ ଦର୍ଶାଇଛନ୍ତି। ପ୍ରହ୍ଲାଙ୍କ ପରିବାର ପକ୍ଷରୁ ଏହି ଅଭିଯୋଗକୁ ଖଣ୍ଡନ କରାଯାଇଛି। ପ୍ରହ୍ଲାଦଙ୍କୁ ସରକାରୀ ସହାୟତା ସହ ଠିକାଦାର ଆବଶ୍ୟକୀୟ କ୍ଷତିପୂରଣ ପ୍ରଦାନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।



ଠିକାଦରଙ୍କ ଘର ସମ୍ମୁଖରେ ମୃତକଙ୍କ ପରିବାର ଲୋକେ ବିକ୍ଷୋଭ କରୁଛନ୍ତି ।

- ଦଳିତ ବ୍ୟବସାୟୀଙ୍କୁ ଜାତିଆଣ ଆକ୍ଷେପ ଘଟଣା

# କାର୍ଯ୍ୟାନୁଷ୍ଠାନ ନ ହେଲେ ରାଜରାସ୍ତାକୁ ଓହ୍ଲାଇବ ଦଳିତ ମଞ୍ଚ

**ଦଶରଥପୁର, ୧୧।୬(ଡି.ଏନ.ଏ.)**

ଜାତିଆଣ ଆକ୍ଷେପ ସହ ଦଳିତ ବ୍ୟବସାୟୀଙ୍କୁ ମାଡ଼ ଘଟଣାରେ ପୋଲିସ ମାମଲା ରୁଜୁ କରିଥିଲେ ମଧ୍ୟ ଏଯାବତ୍ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରି ଚୁପ୍ ହୋଇ ବସିଛି। ପୋଲିସର ଏତାଦୃଶ କାର୍ଯ୍ୟକଳାପକୁ ଦଶରଥପୁର ଦଳିତ ମଞ୍ଚ କାର୍ଯ୍ୟକର୍ତ୍ତା ଦୁର୍ଯ୍ୟୋଧନ ଗୋଚ୍ଛାୟତ ଓ ନିତ୍ୟାନନ୍ଦ ମଲ୍ଲିକ ତିବ୍ର ନିନ୍ଦା କରିଛନ୍ତି। ମାମଲା ଉପରେ ଯଦି ୨ ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯାଏ ଶତାଧିକ ଦଳିତ ପରିବାର ବାଧ ହୋଇ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ ହେବେ ବୋଲି ଦଳିତ ମଞ୍ଚ କାର୍ଯ୍ୟକର୍ତ୍ତା ଆକାଶ କୁମାର ମଲ୍ଲିକ, ଆଲୋକ ମଲ୍ଲିକ, ତପୁ ମଲ୍ଲିକ, ସୁଶାନ୍ତ ମଲ୍ଲିକ ପ୍ରମୁଖ ଜଣାଇଛନ୍ତି।

ପ୍ରକାଶ ଯେ, ଗତ ୨୯ ତାରିଖରେ ମଦନ ତାଙ୍କ ସାନ ଭାଇଙ୍କ ବିବାହ ଉତ୍ସବ ଅବସରରେ ପିକେ ଢାବାକୁ ନିମନ୍ତ୍ରିତ ଅତିଥିଙ୍କ ଉଦ୍ଦେଶ୍ୟରେ ରିଜର୍ଭ କରିଥିଲେ। ମଧ୍ୟାହ୍ନ ସମୟରେ ଅତିଥିମାନେ ଖାଉଥିବାବେଳେ ମଙ୍ଗଳପୁର ବଜାରଠାରେ ସୁନା ଆଉଟିବା ଭାଟିକରିଥିବା ଜଣେ ଯୁବକ ନିକଟ ଛଚିଣା ଗ୍ରାମର ଅନ୍ୟ ଦୁଇ ଯୁବକଙ୍କୁ ସାଙ୍ଗରେ ଧରି ଢାବାରେ ଗ୍ରାହକ ହିସାବରେ ଖାଇବା ଲାଗି ପହଞ୍ଚିଥିଲେ। ଢାବା ମାଲିକ ରିଜର୍ଭ ଅଛି କହି ଖାଦ୍ୟ ଦେବାକୁ ମନା କରିବାରୁ ସମ୍ପୃକ୍ତ ଯୁବକ ଗାଳିଗୁଲଜ କରିବା ସହ ବିରିଆନି ହାଣ୍ଡି ଢାଳିଦେଇଥିଲେ। ଏ ନେଇ ମଦନ ଓ ଢାବା ମାଲିକ ସନ୍ଧ୍ୟାରେ ଥାନାରେ ପୃଥକ ଏତଲା କରିଥିଲେ। ଏତଲା ପାଇବା ପରେ ପୋଲିସ ଭାଟି କରିଥିବା ଯୁବକଙ୍କୁ ୩ ଘଣ୍ଟା ଅଟକ ରଖିଥିଲାବେଳେ ସରପଞ୍ଚ ଓ କେତେଜଣ ବ୍ୟବସାୟୀ ଆପୋସ ସମାଧାନ କରିବାକୁ ପ୍ରତିଶ୍ରୁତି ଦେବା ପରେ ପରେ ତାଙ୍କୁ ଛାଡ଼ିଦେଇଥଲା। ୧ ତାରିଖ ସନ୍ଧ୍ୟାରେ ବଜାରସ୍ଥିତ ଦୁର୍ଗା ମଣ୍ଡପଠାରେ ବଜାର କମିଟିର ସଭାପତି ଓ ସମ୍ପାଦକଙ୍କ ସହ କମିଟିର କେତେଜଣ ସଭ୍ୟ ଉପସ୍ଥିତ ରହି ଢାବା ମାଲିକଙ୍କୁ ଆପୋସ ସମାଧାନ କରିବାକୁ କହିଥିଲେ। ସଭାରେ ମଦନଙ୍କୁ ଜୋର ଜବରଦସ୍ତ ସାଦା କାଗଜରେ ଦସ୍ତଖତ କରିବାକୁ କହିବା ସହ ଜାତିଆଣ ଆକ୍ଷେପରେ ଗାଳିଗୁଲଜ କରିଥିଲେ। ଏ ନେଇ ଢାବା ମାଲିକ ଓ ମଦନ ୨ ତାରିଖରେ ଥାନାରେ ଏତଲା ଦେଇଥିଲେ। ଥାନା ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନିଆ ନ ଯିବାରୁ ୬ ତାରିଖରେ ମଦନ ଏସ୍‌ପିଙ୍କୁ ଭେଟିଥିଲେ।

## ବର୍ଜ୍ୟବସ୍ତୁ ପରିଚାଳନା ସମ୍ପର୍କିତ ବୈଠକ

**ଯାଜପୁରରୋଡ଼, ୧୧।୬(ନି.ପ୍ର.)**

ବ୍ୟାସନଗର ପୌର ପରିଷଦ ସମ୍ମିଳନୀ ଗୃହରେ ମଙ୍ଗଳବାର ବର୍ଜ୍ୟବସ୍ତୁ ପରିଚାଳନା ସମ୍ପର୍କିତ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ନିର୍ବାହୀ ଅଧିକାରୀ ସପନ କୁମାର ନନ୍ଦ ଅଧକ୍ଷତା କରିଥିଲେ। ସହରକୁ ପ୍ରଦୂଷଣମୁକ୍ତ କରିବା ପାଇଁ ଆଲୋଚନା କରାଯାଇଥିଲା। ପୌର ପରିଷଦରେ ସାନିଟାରୀ, ଏକ୍ସପର୍ଟ ଦେବାଶିଷ ବରାଳ ଯୋଗଦେଇ ସହରରେ ଥିବା ବିଭିନ୍ନ ବ୍ୟବସାୟୀ ସଂସ୍ଥାଗୁଡ଼ିକରୁ ଦୈନିକ ଉତ୍ପନ୍ନ ହେଉଥିବା ବର୍ଜ୍ୟବସ୍ତୁ ତଥା ପ୍ଲାଷ୍ଟିକ ଓ ପନିପରିବା ଚୋପା, ବଳକା ଖାଦ୍ୟ ପଦାର୍ଥ ରାସ୍ତା କଡ଼ରେ କିମ୍ବା ଡ୍ରେନରେ ନ ପକାଇ ଡଷ୍ଟବିନରେ ରଖିବାକୁ କହିଥିଲେ। ସମସ୍ତ ବ୍ୟବସାୟିକ ଅନୁଷ୍ଠାନ ଗୋଟିଏ ଲେଖାଏ କମ୍ପୋଷ୍ଟ ପିଟ୍ ଖୋଲିବେ। ମ୍ୟୁନିସିପାଲିଟି ତରଫରୁ ମଧ୍ୟ ସହରର ବିଭିନ୍ନ ସ୍ଥାନରେ ୩୦୦ଟି କମ୍ପୋଷ୍ଟ ପିଟ୍ ନିର୍ମାଣ କରାଯିବ। ପ୍ଲାଷ୍ଟିକ ବ୍ୟବହାରକୁ ନିଷେଧ କରାଯିବ। ୩୦ ତାରିଖ ସୁଦ୍ଧା ପ୍ରତ୍ୟେକ ଅନୁଷ୍ଠାନ ଏହାକୁ କାର୍ଯ୍ୟକାରୀ କରିବେ। ରାସ୍ତା ଉପରେ ମଇଳା, ଆବର୍ଜନା ଓ ପ୍ଲାଷ୍ଟିକ ପକାଇଲେ ପୌରପରିଷଦ ପକ୍ଷରୁ ଜରିମାନା କରାଯିବ ବୋଲି ନିର୍ବାହୀ ଅଧିକାରୀ ନନ୍ଦ ସୂଚନା ଦେଇଛନ୍ତି। ଯାଜପୁରରୋଡ଼ ଥାନାଧିକାରୀ ଅନିଲ କୁମାର ମହାନ୍ତି, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, କଳିଙ୍ଗନଗରର ଅଧିକାରୀ ଯୋଗ ଦେଇଥିଲେ।

## ପାଣି ପଞ୍ଚାୟତ ସଭାପତିଙ୍କ ପରଲୋକ

**ଚଣ୍ଡିଖୋଲ/ବାଲିଚନ୍ଦ୍ରପୁର, ୧୧।୬(ଡି.ଏନ.ଏ)**

ବଡ଼ଚଣା ବ୍ଲକ ଚାରିନଙ୍ଗଳ ଲକ୍ଷ୍ମୀନାରାୟଣ ପାଣିପଞ୍ଚାୟତ ସଭାପତି ପ୍ରଭାତ ସାମଲ(୭୩)ଙ୍କର ସୋମବାର ପରଲୋକ ହୋଇଯାଇଛି। ସେ କିଛିଦିନ ଧରି ରୋଗରେ ପୀଡ଼ିତ ଥିଲେ। ସେ ଜଣେ ସଫଳ ଚାଷୀ ଓ ବ୍ୟବସାୟୀ ଭାବେ ସୁନାମ ଅର୍ଜନ କରିଥିଲେ। ତାଙ୍କ ବିୟୋଗରେ ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି।

## ବିଭିନ୍ନ ସମସ୍ୟା ନେଇ ବିଧାୟିକାଙ୍କୁ ଦାବିପତ୍ର

**ରତ୍ନଗିରି, ୧୧।୬(ଡି.ଏନ୍.ଏ.)**

ବରୀ ଅଞ୍ଚଳର ବିଭିନ୍ନ ସମସ୍ୟା ନେଇ ଦ୍ୱୀପାଞ୍ଚଳ ଉନ୍ନୟନ ପରିଷଦ ଓ ଆଶ୍ୱାସନା ତରଫରୁ ମଙ୍ଗଳବାର ବିଧାୟିକା ସୁନନ୍ଦା ଦାସଙ୍କୁ ଗୋପବନ୍ଧୁ ରମାଦେବୀ ଆଶ୍ରମ ପରିସରରେ ଦାବିପତ୍ର ପ୍ରଦାନ କରାଯାଇଛି। ବିଧାୟିକା ଦାସ ଘଟଣାସ୍ଥଳରେ ପହଞ୍ଚିବା ପରେ ପ୍ରଥମେ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସ୍ଥାନୀୟ ଅଞ୍ଚଳର ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନ କ୍ଷେତ୍ରରେ ଗୁରୁତ୍ୱ ଦେବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଉନ୍ନୟନ ପରିଷଦ ସଭାପତି କୁଳମଣି ଶୁକ୍ଳ, ଆଶ୍ୱାସନା ସଭାପତି ସତ୍ୟ କର, ପୂର୍ବତନ ସରପଞ୍ଚ ଚନ୍ଦ୍ରଶେଖର ମହାନ୍ତି, ପୂର୍ବତନ ଜିଲା ପରିଷଦ ସଭ୍ୟ ଦେବେନ୍ଦ୍ର ଦାସ, ସୁବ୍ରତ ଜେନା, ଜୟନ୍ତ ରଥ ପ୍ରମୁଖ ଯୋଗଦେଇଥିଲେ। ବରୀ ଅଞ୍ଚଳର ମୌଳିକ ସମସ୍ୟାର ସମାଧାନ ଉପରେ ଗୁରୁତ୍ୱ ଦିଆଯିବ ବୋଲି ବିଧାୟିକା ଦାସ ପ୍ରକାଶ କରିଛନ୍ତି।

- ଜିଲା ପ୍ରଶାସନ ପକ୍ଷରୁ ରାସ୍ତା ଅବରୋଧ ଉଚ୍ଛେଦ ଜାରି

# ୩୫୦୦ ଟଙ୍କା ଜରିମାନା ଆଦାୟ

**ଯାଜପୁର ଟାଉନ, ୧୧।୬(ଡିଏନଏ)**

ଯାଜପୁର ସହର ମଧ୍ୟରେ ରାସ୍ତା ଅବରୋଧ କରିଥିବା ଦୋକାନଗୁଡ଼ିକୁ ଜିଲା ପ୍ରଶାସନ ପକ୍ଷରୁ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ କରାଯାଇଛି। ଜିଲାପାଳ ରଞ୍ଜନ କୁମାର ଦାସଙ୍କ ନେତୃତ୍ୱରେ ମଙ୍ଗଳବାର ସକାଳୁ ମାର୍କେଟ ଛକଠାରୁ ଏହି ଉଚ୍ଛେଦ ଅଭିଯାନ ଆରମ୍ଭ ହୋଇଥିଲା। ଏଠାରେ ଥିବା ଫଳ, ପରିବା ଓ ଅନ୍ୟାନ୍ୟ ଦୋକାନଗୁଡ଼ିକ ଡ୍ରେନକୁ ଟପି ରାସ୍ତା ଉପରକୁ ମଡାଇ ସେମାନଙ୍କ ବ୍ୟବସାୟ ପସରା ମେଲାଇଥିଲେ। ସେଗୁଡ଼ିକୁ ଉଚ୍ଛେଦ କରାଯାଇଥିଲା। ଏହାପରେ ନାରାୟଣ ଛକ, ଗରିଆପୁର ଛକ, ଶୀତଳେଶ୍ୱର ଓ ଅମ୍ବିକାଇ ଛକର ଦୋକାନ, ବ୍ୟବସାୟ ପ୍ରତିଷ୍ଠାନଗୁଡ଼ିକର ଆବର୍ଜନା ଓ ରାସ୍ତାକୁ ମଡେଇ କରିଥିବା ଅବଶିଷ୍ଟାଂଶକୁ ଉଚ୍ଛେଦ କରାଯାଇଥିଲା। ସର୍ବସାଧାରଣଙ୍କ ସୁବିଧା ଓ ଟ୍ରାଫିକ୍ ଜାମ୍‌କୁ ହଟାଇବା ସହ ସାଧାରଣ ଲୋକ ଯିବାଆସିବା ପାଇଁ ରାସ୍ତା ସଙ୍କୁଚିତ ହୋଇଯାଉଛି। ମାତ୍ର ବ୍ୟବସାୟୀମାନେ ନିଜ ଦୋକାନ ରାସ୍ତାକୁ ମଡ଼ାଇ ଯେପରି ବ୍ୟବସାୟ ସାମଗ୍ରୀ, ସାଇନ ବୋର୍ଡ ଇତ୍ୟାଦି ରଖୁଛନ୍ତି ତାହା ରାସ୍ତା ସଂକୀର୍ଣ୍ଣ କରିବା ସହ ଦୁର୍ଘଟଣାକୁ ଆମନ୍ତ୍ରଣ କରୁଛି ଜିଲାପ୍ରଶାସନ ହୃଦ୍‌ବୋଧ କରିବା ପରେ ରାସ୍ତା ଅବରୋଧକୁ ହଟାଇବା ସହ ବ୍ୟବସାୟୀଙ୍କ ଉପରେ ଜରିମାନା କରାଯିବା ଆରମ୍ଭ ହୋଇଛି। ମଙ୍ଗଳବାର ଧରପଗଡ଼ରେ ୧୨ଜଣଙ୍କଠାରୁ ୩୫୦୦ ଟଙ୍କା ଜରିମାନା ଆକାରରେ ଆଦାୟ କରାଯାଇଛି। ଏହି ଅବରୋଧ ଉଚ୍ଛେଦ ପ୍ରକ୍ରିୟାରେ ପ୍ରକଳ୍ପ ନିର୍ଦ୍ଦେଶକ ମନୋଜ କୁମାର ବେହେରା, ଯାଜପୁର ତହସିଲଦାର ସୁନୀଲ କୁମାର ମେହେର, ପୌରସ୍ୱାସ୍ଥ୍ୟ ଅଧିକାରୀ ପ୍ରଦୀପ ଖୁଣ୍ଟିଆ ଓ ଓଏସ୍‌ଡି ସୁଦର୍ଶନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।



ଜିଲାପାଳଙ୍କ ତତ୍ତ୍ୱାବଧାନରେ ରାସ୍ତା ଅବରୋଧ ଉଚ୍ଛେଦ କରାଯାଉଛି ।

## ଦୁର୍ଘଟଣାରେ ଯୁବ ଇଞ୍ଜିନିୟରଙ୍କ ମୃତ୍ୟୁ

**ଚଣ୍ଡିଖୋଲ, ୧୧।୬(ଡି.ଏନ.ଏ)**

୧୬ନଂ ଜାତୀୟ ରାଜପଥର ବଡ଼ଚଣା ଥାନା ଅନ୍ତର୍ଗତ ବନ୍ଧାଳ ଛକ ନିକଟରେ ଏକ ଦୁର୍ଘଟଣାରେ ଜଣେ ଯୁବ ଇଞ୍ଜିନିୟର ଅତିଶ ଦାଶ (୨୮)ଙ୍କର ମୃତ୍ୟୁ ଘଟିଛି। ତାଙ୍କ ଘର ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗ ବାଲିପଡ଼ିଆ ଗ୍ରାମରେ ହୋଇଥିବାବେଳେ ସେ ସାହସପୁର ମହାବିଦ୍ୟାଳୟରେ ମୁଖ୍ୟ କିରାଣୀ ବିରବର ଦାସଙ୍କ ଏକ ମାତ୍ର ପୁତ୍ର ବୋଲି ଜଣାପଡ଼ିଛି। ସୂଚନା ଥାଉକି, ଅତିଶ ବାଇକ୍ ଯୋଗେ ଭୁବନେଶ୍ୱର ଅଭିମୁଖେ ଯାଉଥିଲାବେଳେ ତାଙ୍କୁ ଏକ ଗାଡ଼ି ସାଇଡ୍ ମାରିଥିଲା। ଫଳରେ ସେ ରାସ୍ତା କଡ଼କୁ ଛିଟିକି ପଡ଼ିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ କଟକ ବଡ଼ ମେଡ଼ିକାଲକୁ ନିଆଯାଇଥିଲା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

- ଉଦୟଗିରି ସୁରକ୍ଷା ପାଚେରି ନିର୍ମାଣରେ ଅନିୟମିତତା

# କାର୍ଯ୍ୟ ନ ସରୁଣୁ ଭାଙ୍ଗିଲାଣି ଲୁହାବାଡ଼

**ଚଣ୍ଡିଖୋଲ/ଛତିଆ, ୧୧।୬(ଡି.ଏନ.ଏ.)**

ପ୍ରସିଦ୍ଧ ବୌଦ୍ଧପୀଠଗୁଡ଼ିକର ସୁରକ୍ଷା ପାଇଁ କେନ୍ଦ୍ର ସରକାର ବ୍ୟାପକ ଯୋଜନା ପ୍ରସ୍ତୁତ କରିଥିଲାବେଳେ କୋଟି କୋଟି ଟଙ୍କା ବ୍ୟୟରେ ସୁରକ୍ଷା ପାଚେରି ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି। ବୌଦ୍ଧପୀଠ ଉଦୟଗିରି, ରତ୍ନଗିରି, ଲଳିତଗିରି, ଲାଙ୍ଗୁଡ଼ି ଓ କାଏମା ଆଦି ସମସ୍ତ ବୌଦ୍ଧବିହାରଗୁଡ଼ିକରେ ସୁରକ୍ଷା ପାଚେରି ନିର୍ମାଣ ଚାଲିଛି। କେତେକ ସ୍ଥାନରେ ପାଚେରି କାର୍ଯ୍ୟ ଶେଷ ହୋଇଥିଲାବେଳେ ବୌଦ୍ଧ ପୀଠର ଉଦୟଗିରିର ପାଚେରି ନିର୍ମାଣ ଅଦ୍ୟାବଧି ଶେଷ ହୋଇନାହିଁ। କିନ୍ତୁ ଏହି ପାଚେରି ନିର୍ମାଣ କାର୍ଯ୍ୟ ଚାଲୁଥିଲାବେଳେ କେତେକ ସ୍ଥାନରୁ ଲୁହା ବାଡ଼ ଭାଙ୍ଗିଯାଇଛି ଓ ଅନ୍ୟ କେତେକ ସ୍ଥାନରୁ ଏହା ଚୋରୀ ହୋଇଯାଇଥିବା ଦେଖିବାକୁ ମିଳିଛି। ୧୦ କୋଟି ଟଙ୍କା ବ୍ୟୟରେ ନିର୍ମାଣାଧୀନ ଏହି ପାଚେରୀ କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର ହୋଇଥିବା ସ୍ଥାନୀୟ ଅଧିବାସୀ ବାରମ୍ବାର ଅଭିଯୋଗ କରିଆସୁଛନ୍ତି। ହେଲେ ଠିକା ନେଇଥିବା କମ୍ପାନୀ ଏଥିପ୍ରତି ଆଦୌ କର୍ଣ୍ଣପାତ କରୁନାହାନ୍ତି। ଏହି କାର୍ଯ୍ୟଧାରାକୁ ନେଇ ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ ଅସନ୍ତୋଷ ପ୍ରକାଶ କରିଥିଲେ ମଧ୍ୟ ଏଥିପ୍ରତି ବିଭାଗୀୟ ଅଧିକାରୀ କିମ୍ବା ଠିକା କମ୍ପାନୀ କର୍ଣ୍ଣପାତ କରିନଥିଲେ। ତେବେ ଏହି ପାଚେରିର ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ କୌଣସି ସଠିକ ଉତ୍ତର ମିଳି ନ ଥିଲା।



## ସଂକ୍ଷେପରେ

### ବ୍ଲକରେ ବହୁ ଗୁରୁତ୍ୱପୂର୍ଣ୍ଣ ପଦବୀ ଖାଲି
ତିର୍ତ୍ତୋଲରେ ପ୍ରଶାସନିକ ଅଚଳାବସ୍ଥା

**ତିର୍ତ୍ତୋଲ,୧୧।୬(ଡି.ଏନ.ଏ.):** ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ବ୍ଲକରେ ଦୀର୍ଘଦିନ ହେଲା ବହୁ ଗୁରୁତ୍ୱପୂର୍ଣ୍ଣ ପଦବୀ ଖାଲିପଡିଛି। ଆବଶ୍ୟକ ସଂଖ୍ୟକ ଅଧିକାରୀ ଓ କର୍ମଚାରୀ ନ ଥିବାରୁ ଏଠାରେ ଏକ ପ୍ରକାର ପ୍ରଶାସନିକ ଅଚଳାବସ୍ଥା ଦେଖାଦେଇଛି। ଫଳରେ ଜନସାଧାରଣ ତଥା ହିତାଧିକାରୀ ସେମାନଙ୍କ ଅତ୍ୟାବଶ୍ୟକ କାର୍ଯ୍ୟ କରିପାରୁନାହାନ୍ତି। ଦୀର୍ଘ ୫ମାସରୁ ଅଧିକ ସମୟ ହେଲା ଏବିଡିଓ ପଦବୀ ଖାଲିପଡିଛି। ଏଠାରେ ଥିବା ଏବିଡିଓଙ୍କୁ କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକକୁ ବଦଳି କରାଯିବା ପରେ ତାଙ୍କ ସ୍ଥାନରେ ଆଉ କାହାକୁ ଅବସ୍ଥାପିତ କରାଯାଇନାହିଁ। ଏହି ପଦବୀ ଖାଲି ପଡିଥିବାରୁ ବିଭିନ୍ନ ଆବାସ ଯୋଜନା ସହ ଅନ୍ୟାନ୍ୟ ଜରୁରୀ କାର୍ଯ୍ୟରେ ମନ୍ଥରତା ଦେଖାଦେଇଛି। ସେହିପରି ଗୁରୁତ୍ୱପୂର୍ଣ୍ଣ ଯୋଗାଣ ନିରୀକ୍ଷକ ପଦବୀ ଦୀର୍ଘ ୬ ମାସରୁ ଅଧିକ ସମୟ ହେବ ଖାଲି ରହିଛି। ଫଳରେ ରାଶନକାର୍ଡ ସମସ୍ୟା ସାଙ୍ଗକୁ ଫନି ବାତ୍ୟା ରିଲିଫ, ମାଗଣା କିରୋସିନ ପ୍ରଦାନ କ୍ଷେତ୍ରରେ ସମସ୍ୟା ସୃଷ୍ଟି ହେଉଛି। ସେହିପରି ସିଡିପିଓ ପଦବୀ ଖାଲି ପଡିଥିବାରୁ ଶିଶୁ ଓ ମହିଳା ବିକାଶ କାର୍ଯ୍ୟରେ ବାଧା ଉପୁଜୁଛି। ଏହାବାଦ ସାମାଜିକ ସମ୍ପ୍ରସାରଣ ଅଧିକାରୀ, ଶିଳ୍ପ ସମ୍ପ୍ରସାରଣ ଅଧିକାରୀ, ମତ୍ସ୍ୟ ସମ୍ପ୍ରସାରଣ ଅଧିକାରୀ, ସମବାୟ ସମ୍ପ୍ରସାରଣ ଅଧିକାରୀ, ଟ୍ରେଜେରୀୟର, ଉନ୍ନୟନ କିରାଣୀ, ଆକାଉଣ୍ଟାଣ୍ଟ ଆଦି ପଦବୀ ଦୀର୍ଘଦିନ ହେବ ଖାଲି ପଡିଛି। ଏହିସବୁ ପଦବୀ ପୂରଣ ଦିଗରେ ଜିଲା ପ୍ରଶାସନ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

### ଶାଗୁଆନ ଗଛ କଟାକୁ ନେଇ ଉତ୍ତେଜନା

**ବାଲିଆ,୧୧।୬:** ବିରିଡ଼ି ବ୍ଲକ ବିଲୁଆଖାଇ ନଦୀବନ୍ଧ ପାର୍ଶ୍ୱ ଅଷ୍ଟଶମ୍ଭୁ ମନ୍ଦିର ପାଖ ବନ୍ଧରେ ଥିବା ଏକ ମୂଲ୍ୟବାନ ଶାଗୁଆନ ଗଛ କଟାକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି। ଏହି ଗଛକୁ ସେହି ଗ୍ରାମର ଜଣେ ଯୁବକ ୨ ଜଣ ଲୋକ ଲଗାଇ କାଟୁଥିବାବେଳେ ଗ୍ରାମବାସୀ ବିରୋଧ କରିଥିଲେ। ଏହାକୁ ନେଇ ସେମାନଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ପରେ ଏନେଇ ଗ୍ରାମବାସୀ ବିରିଡ଼ି ଥାନା ଓ ରାଜସ୍ୱ ନିରୀକ୍ଷକଙ୍କ ନିକଟରେ ଅଭିଯୋଗ କରିଥିଲେ। ତେଣୁ ରାଜସ୍ୱ ନିରୀକ୍ଷକ ପହଞ୍ଚି ଗଛକଟା ବନ୍ଦ କରିଥିଲେ। ପରେ ଥାନା ଅଧିକାରୀ ସମ୍ପୃକ୍ତ ଯୁବକଙ୍କୁ ଡାକି ପଚରାଉଚରା କରିଥିବା ଜଣାପଡିଛି। ସୂଚନାଯୋଗ୍ୟ, କିଛିବର୍ଷ ତଳେ ଏହି ସ୍ଥାନରୁ ଏକ ମୂଲ୍ୟବାନ ଚନ୍ଦନ ଗଛ କାଟି ନିଆଯାଇଥିଲା। ବେଆଇନ ଗଛ କାଟୁଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।



## ■ ୧୪ରୁ ଖୋଲିବ ମାଛଧରା ବନ୍ଦର

# ସମୁଦ୍ର ଯିବାକୁ ସଜ ହେଲେଣି ମତ୍ସ୍ୟଜୀବୀ

**ପାରାଦୀପ,୧୧।୬(ସ୍ୱ.ପ୍ର.)**



■ବରୁଣଙ୍କ ଉଦ୍ଦେଶ୍ୟରେ ଆରମ୍ଭ ହେଲା ଯଜ୍ଞ
■ଚିନ୍ତା ବଢ଼ାଇଛି ମହାନଦୀ ମୁହାଣ
■ଖନନ କାମ ଅଧାରୁ ବନ୍ଦ

ରାଜ୍ୟ ତଥା ଦେଶର ଅର୍ଥନୀତିକୁ ସୁଦୃଢ଼ କରୁଥିବା ପାରାଦୀପର ଅନ୍ୟତମ ବୃହତ ମତ୍ସ୍ୟଶିଳ୍ପ ଦୀର୍ଘ ୨ ମାସ ଧରି ବନ୍ଦ ରହିବା ପରେ ମଙ୍ଗଳବାରଠାରୁ ଚଳଚଞ୍ଚଳ ହୋଇଛି। ଅର୍ଥାତ ସାମୁଦ୍ରିକ ମାଛ ଧରା କ୍ଷେତ୍ରରେ ଲାଗିଥିବା କଟକଣା ଆସନ୍ତା ୧୪ ତାରିଖ ମଧ୍ୟରାତ୍ରରେ ହଟିବ। ତେଣୁ ସେହିଦିନ ରାତିରେ ସମୁଦ୍ରକୁ ଯିବା ପାଇଁ ମତ୍ସ୍ୟଜୀବୀମାନେ ଏବେଠାରୁ ସଜବାଜ ହେଲେଣି। ପ୍ରତିବର୍ଷ ପରି ସେମାନେ ସମୁଦ୍ର ଦେବତା ବରୁଣଙ୍କ ଉଦ୍ଦେଶ୍ୟରେ ମଙ୍ଗଳବାର ଯଜ୍ଞ ଆରମ୍ଭ କରିଛନ୍ତି। ଏହା ଗୁରୁବାର ପୂର୍ଣ୍ଣାହୁତି ହେବ। ସେହିପରି ସମୁଦ୍ରକୁ ଯିବା ପୂର୍ବରୁ ମତ୍ସ୍ୟଜୀବୀ ଓ ଟ୍ରଲର ମାଲିକମାନେ ଟ୍ରଲରର ଛୋଟମୋଟ ମରାମତି, ତେଲ ବୋଝେଇ, ବରଫ ସଂଗ୍ରହ, ଜାଲ ମରାମତି ଓ ମାଛଧରା ସରଞ୍ଜାମ ସଜାଡ଼ିବାରେ ଲାଗିଲେଣି। ଆଉ ୨ ଦିନ ଥିବାରୁ ଏବେଠାରୁ ପ୍ରସ୍ତୁତ ନ ହେଲେ ଆବଶ୍ୟକ ଅନୁଯାୟୀ ବରଫ ମିଳିବା କଷ୍ଟକର ହେବ। ଗୋଟିଏ ପଟେ ଏଭଳି ପ୍ରସ୍ତୁତି ଚାଲିଥିବାବେଳେ ଅନ୍ୟପଟେ ମତ୍ସ୍ୟଜୀବୀ ଓ ଟ୍ରଲର ମାଲିକଙ୍କ ଚିନ୍ତା ବଢାଇଛି ମହାନଦୀ ମୁହାଣ। ଏହି ମୁହାଣ ଦେଇ ସେମାନେ ସମୁଦ୍ରକୁ ଯାତାୟାତ କରନ୍ତି। ଗତ ୫ ବର୍ଷ ହେଲା ମୁହାଣ ପୋତି ହୋଇଯିବା ଫଳରେ ପ୍ରତିବର୍ଷ ସେଠାରେ ଦୁର୍ଘଟଣା ଘଟୁଛି। ଏଥିରେ ଅନେକ ଧନଜୀବନ ହାନୀ ହେଲାଣି। ମୁହାଣରେ ଦୁର୍ଘଟଣା ଘଟୁଥିବାରୁ ମତ୍ସ୍ୟଜୀବୀମାନେ ଅଧିକ ୨୦ କି.ମି. ବାଟ ଦେଇ ବରୁଣେଇ ବାଟେ ଯାତାୟାତ କରୁଛନ୍ତି। କିନ୍ତୁ ବରୁଣେଇ ମୁହାଣ ଭିତରକନିକା ଅଭୟାରଣ୍ୟ ଅଞ୍ଚଳ ହୋଇଥିବାରୁ ସେଠାରେ ବର୍ଷତମାମ୍ କଟକଣା ଥାଏ। ସେହିବାଟେ ଯାତାୟାତ କଲେ ବନବିଭାଗ ପକ୍ଷରୁ ଟ୍ରଲର ଜବତ କରାଯାଇଥାଏ। ଯେଉଁ ମହାନଦୀ ମୁହାଣ ଏପରି ଦୁଃଖର କାରଣ ସାଜିଛି, ତାହା ଖୋଳିବା ପାଇଁ ଓଡ଼ିଶା ସାମୁଦ୍ରିକ ମତ୍ସ୍ୟ ଉତ୍ପାଦକ ସଂଘ (ଓମ୍ପା) ପକ୍ଷରୁ ୫ ବର୍ଷ ହେଲା ଦାବି ହୋଇଆସୁଛି। ମୁଖ୍ୟମନ୍ତ୍ରୀଙ୍କଠାରୁ ପ୍ରଧାନମନ୍ତ୍ରୀଙ୍କ ପର୍ଯ୍ୟନ୍ତ ଅଭିଯୋଗ ହେବା ପରେ ଗତବର୍ଷ ମୁହାଣ ଖନନ ପାଇଁ ବାଟ ଫିଟିଥିଲା। ଅର୍ଥାତ୍ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ ମତେ ପାରାଦୀପ ବନ୍ଦର ସିଏସ୍‌ଆର (କର୍ପୋରେଟ୍ ସୋସିଆଲ ରେସପନସିବିଲିଟି) ଅର୍ଥରେ ଖନନ କରିବ ବୋଲି ନିଷ୍ପତ୍ତି ହୋଇଥିଲା। ଏପରି କି ଗତ ଜାନୁୟାରୀ ମାସରେ ବନ୍ଦର କର୍ତ୍ତୃପକ୍ଷ ୧୫ କୋଟି ଟଙ୍କା ବ୍ୟୟ ଅଟକଳରେ ଖନନ ଆରମ୍ଭ କରିଥିଲେ। କିନ୍ତୁ ମୁହାଣ ଅଞ୍ଚଳ ଅଶାନ୍ତ ରହିବା ଏବଂ ଦକ୍ଷିଣା ପବନ ପ୍ରଭାବରେ ସେଠାରେ ସମୁଦ୍ର ଅଶାନ୍ତ ହୋଇପଡ଼ିଥିଲା। ମାତ୍ର ୧୦୦ରୁ ୧୫୦ ମିଟର ଖୋଳିବା ପରେ ଡ୍ରେଜର ସେଠାରୁ ଫେରାଇବାକୁ ପଡିଥିଲା ବୋଲି ବନ୍ଦର ଇଞ୍ଜିନିୟରିଂ ବିଭାଗ ପକ୍ଷରୁ କୁହାଯାଇଛି। ସମୁଦ୍ର ଅଶାନ୍ତ ରହୁଥିବାରୁ କାମ ବନ୍ଦ କରାଯାଇଛି। ଆସନ୍ତା ଡିସେମ୍ବରରୁ ଫେବୃୟାରୀ ମାସ ମଧ୍ୟରେ ପୁଣି ଖନନ ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। କାରଣ ସେହି ସମୟରେ ସମୁଦ୍ର ଅପେକ୍ଷାକୃତ ଶାନ୍ତ ଥାଏ। ମୁହାଣ ଖନନ କାମ ବନ୍ଦ ହେବା ପରେ ଯଥାପୂର୍ବ ସ୍ଥିତି ରହିଛି। ଏ ସମ୍ପର୍କରେ ଓମ୍ପା ସଭାପତି ସୁମନ୍ତ କୁମାର ବିଶ୍ୱାଳ କୁହନ୍ତି, ସମୁଦ୍ର ଅଶାନ୍ତ ଯୋଗୁ ଖନନ ବନ୍ଦ ରହିବା କଥା ଆମେ ଜାଣିନାହୁଁ। ଆମ ଦାବି ଅନୁସାରେ ବନ୍ଦର କର୍ତ୍ତୃପକ୍ଷ ଧାର୍ଯ୍ୟ ସମୟ ମଧ୍ୟରେ ମୁହାଣ ଖନନ କରିବା କଥା। ବିଳମ୍ବରେ କାମ କରିବାରୁ ଏପରି ହୋଇଛି। ଏ ସମ୍ପର୍କରେ ପୁଣି ଆମେ ବନ୍ଦର କର୍ତ୍ତୃପକ୍ଷଙ୍କୁ ଲେଖିଛୁ। ସେ କେମିତି ବଡ଼ ଡ୍ରେଜର ପକାଇ କାମ କରନ୍ତୁ ବୋଲି ଆମର ଦାବି ରହିଛି। ଦରକାର ହେଲେ ମତ୍ସ୍ୟଶିଳ୍ପ ସହ ଜଡ଼ିତ ୫୦ ହଜାର ଲୋକ ସେମାନଙ୍କ ଜୀବିକା ପାଇଁ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ ହେବେ ବୋଲି ସେ କହିଛନ୍ତି।

## ଯୁବତୀଙ୍କ ଅଶ୍ଳୀଳ ଫଟୋ ଭାଇରାଲ
ଭିଣୋଇଙ୍କ ନାମରେ ମାମଲା

**ତିର୍ତ୍ତୋଲ,୧୧।୬(ଡି.ଏନ.ଏ.)**

ଜଣେ ଯୁବତୀଙ୍କ ଅଶ୍ଳୀଳ ଫଟୋ ସୋସିଆଲ ମିଡିଆରେ ଭାଇରାଲ କରିବା ଅଭିଯୋଗରେ ପୋଲିସ ତାଙ୍କ ଭିଣୋଇଙ୍କ ନାମରେ ମାମଲା ରୁଜୁ କରିଛି। ଏଥିସହ ମଙ୍ଗଳବାର ମାଜିଷ୍ଟ୍ରେଟଙ୍କ ଆଗରେ ପୀଡିତାଙ୍କ ବୟାନ ରେକର୍ଡ କରାଯାଇଛି। ଅଭିଯୋଗ ଅନୁଯାୟୀ, ଯୁବତୀଙ୍କ ଇଚ୍ଛା ବିରୋଧରେ ତାଙ୍କ ଭିଣୋଇ ତାଙ୍କ ସହ ବର୍ଷେ ହେବ ଶାରୀରିକ ସମ୍ପର୍କ ରଖିଆସୁଥିଲେ। ଏଥିସହ ତାଙ୍କର କେତେକ ଆପତ୍ତିଜନକ ଫଟୋ ଉଠାଇ ଭାଇରାଲ କରିଦେବାକୁ ଧମକ ଦେଉଥିଲେ। ନିକଟରେ ତାଙ୍କୁ ବିବାହ କରିବାକୁ ଭିଣୋଇ ବାଧ କରିଥିଲେ। କିନ୍ତୁ ସେ ରାଜି ନ ହେବାରୁ ପ୍ରତିକ୍ରିୟାଶୀଳ ହୋଇ ଯୁବତୀଙ୍କ ଫଟୋ ସୋସିଆଲ ମିଡିଆରେ ଛାଡିଦେଇଥିଲେ। ଏନେଇ ଯୁବତୀ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଦଫା- ୩୭୬, ୬୬, ୬୭ ଆଇପିସିରେ ମାମଲା ନଂ. ୧୭୪/୧୯ ରୁଜୁ କରିଛି।

## କଲଭର୍ଟ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଦାବି
# ବ୍ଲକ କାର୍ଯ୍ୟାଳୟ ଆଗରେ ଧାରଣା

**ବିରିଡ଼ି/ବାଲିଆ,୧୧।୬(ଡି.ଏନ.ଏ)**

ବିରିଡ଼ି ବ୍ଲକ ବତିମୀରା ପଞ୍ଚାୟତର ୯ନଂ. ୱାର୍ଡ ବୁଣାସାହି ବାସିନ୍ଦାଙ୍କ ଯାତାୟାତ ପାଇଁ ୨ ନଂ କେନାଲ ଉପରେ ଏକ କଲ୍‌ଭର୍ଟ ହେଉଛି। ତେବେ ଏହି କଲ୍‌ଭର୍ଟ କାର୍ଯ୍ୟ ବିଳମ୍ବ ହେଉଥିବାରୁ ସ୍ଥାନୀୟ ଲୋକେ ମଙ୍ଗଳବାର ବ୍ଲକ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଛନ୍ତି। ବିଡିଓ ୧୫ ଦିନ ମଧ୍ୟରେ କାମ ସାରିବା ନିମନ୍ତେ ସେମାନଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ଯଦି ଏହା ମଧ୍ୟରେ କାମ ନ ସରେ ତେବେ ଅନଶନ କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ସୂଚନା ଅନୁଯାୟୀ, ବୁଣାସାହି ନିକଟ ୨ ନଂ କେନାଲ ଉପରେ ପଞ୍ଚାୟତ ପାଣ୍ଠିରେ କଲ୍‌ଭର୍ଟ ନିର୍ମାଣ ପାଇଁ ସ୍ଥିର ହୋଇଥିଲା। ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ନାମରେ ଏହାର କାର୍ଯ୍ୟାଦେଶ ଦିଆଯାଇଛି। ସେଠାରେ ଥିବା ପୁରୁଣା କଲ୍‌ଭର୍ଟକୁ ଭାଙ୍ଗି ଦିଆଯାଇ ୩ମାସ ହେଲା ନୂତନ କଲ୍‌ଭର୍ଟ କାର୍ଯ୍ୟ ଚାଲିଛି। ତେବେ ନିମ୍ନମାନର କାର୍ଯ୍ୟ ହେଉଥିବାରୁ ସେତେବେଳେ ସ୍ଥାନୀୟ ଲୋକେ ବିରୋଧ କରିବା ସହ ବିଡିଓଙ୍କୁ ଅଭିଯୋଗ କରିଥିଲେ। ହେଲେ ଅଭିଯୋଗ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା ନାହିଁ। ଆଉ ଅଳ୍ପ ଦିନ ମଧ୍ୟରେ ବର୍ଷା ହେବାକୁ ଥିବାରୁ ଶୀଘ୍ର କଲ୍‌ଭର୍ଟ କାମ ସାରିବାକୁ ଲୋକେ ଦାବି କରିଛନ୍ତି। ସାମାଜିକ କର୍ମୀ ତ୍ରୈଲୋକନାଥ ଜେନା, ହେମନ୍ତ କୁମାର ରାଉତରାୟଙ୍କ ନେତୃତ୍ୱରେ ଗ୍ରାମର ଆରତି ଦାସ, ଅଞ୍ଜନା ଦାସ, ସରୋଜିନୀ ଦାସ, ଉଲାସ ଦାସ, କୁସୁମ ଓଝା, ପ୍ରଭାତି ଓଝା, ସେବତି ଦାସ, ପ୍ରିୟଙ୍କା ଦାସ, ବୃନ୍ଦାବନ ଦାସ, ଗୟାଧର ଦାସ, ରତନ କୁମାର ନାୟକ, କୃଷ୍ଣଚନ୍ଦ୍ର ଓଝା, ଶଶଧର ଓଝା ପ୍ରମୁଖ ବିଡିଓଙ୍କ ଅନୁପସ୍ଥିତିରେ ମୁଖ୍ୟ କିରାଣିଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।



କଲଭର୍ଟ ନିର୍ମାଣ ଦାବିରେ ଧାରଣାରତ ଗ୍ରାମବାସୀ।

## ଭିନ୍ନକ୍ଷମଙ୍କୁ ମିଳୁନି ସରକାରୀ ସହାୟତା
ବିଡିଓଙ୍କୁ ଅଭିଯୋଗ

**ନାଉଗାଁ,୧୧।୬(ସ୍ୱ.ପ୍ର.)**

ନାଉଗାଁ ବ୍ଲକ ନୂଆଗାଁ ପଞ୍ଚାୟତର ବନବିହାରୀ ମହାନ୍ତି ଜଣେ ଭିନ୍ନକ୍ଷମ ହୋଇଥିଲେ ମଧ୍ୟ ବିଭିନ୍ନ ସରକାରୀ ଯୋଜନାରୁ ବଞ୍ଚିତ ହୋଇଛନ୍ତି। ଏ ସମ୍ପର୍କରେ ସେ ମଙ୍ଗଳବାର ବିଡିଓ ରଶ୍ମିରେଖା ମଲ୍ଲିକଙ୍କୁ ଲିଖିତ ଭାବେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ବନବିହାରୀ ଭିନ୍ନକ୍ଷମ ହୋଇଥିବାରୁ କୌଣସି କାମଧନ୍ଦା କରିପାରୁନାହାନ୍ତି। ତାଙ୍କୁ ୬୦ ପ୍ରତିଶତ ଭିନ୍ନକ୍ଷମ ସାର୍ଟିଫିକେଟ ମିଳିଛି। ସରକାର ଭିନ୍ନକ୍ଷମଙ୍କୁ ସାହାଯ୍ୟ ଯୋଗାଇଦେବା ପାଇଁ ବିଭିନ୍ନ ଯୋଜନା କରିଥିବାବେଳେ ବନ ବିହାରୀ କେବଳ ଭତ୍ତା ବ୍ୟତିତ ଅନ୍ୟ କୌଣସି ସୁବିଧା ପାଉନାହାନ୍ତି। ଏକ ଭଙ୍ଗା ଚାଳ ଛପର ଘରେ ରହୁଛନ୍ତି। ଅର୍ଥାଭାବରୁ ଘର ଖଣ୍ଡେ କରିପାରୁନାହାନ୍ତି। ଏଥିପାଇଁ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ଖାଦ୍ୟ ସୁରକ୍ଷା ଯୋଜନାରୁ ସେ ବାଦ୍ ପଡିଛନ୍ତି। ତେଣୁ ଭିନ୍ନକ୍ଷମଙ୍କୁ ମିଳୁଥିବା ସମସ୍ତ ସରକାରୀ ସୁବିଧା ତାଙ୍କୁ ଯୋଗାଇଦେବା ପାଇଁ ବନବିହାରୀ ବିଡିଓଙ୍କୁ ନିବେଦନ କରିଛନ୍ତି। ଏ ସମ୍ପର୍କରେ ବିଡିଓ ରଶ୍ମିରେଖା ମଲିକ କହିଛନ୍ତି ଯେ, ଅଭିଯୋଗ ପାଇବା ପରେ ସେ ବ୍ଲକ ସମାଜ ମଙ୍ଗଳ ଅଧିକାରୀ ଓ ବ୍ଲକ ଯୋଗାଣ ଅଧିକାରୀଙ୍କ ସହ କଥା ହୋଇଛନ୍ତି। ଯଥାଶୀଘ୍ର ତାଙ୍କୁ ସମସ୍ତ ସରକାରୀ ସୁବିଧା ଯୋଗାଇ ଦିଆଯିବ।

## ■ ଘରଭଙ୍ଗା ତଦନ୍ତରେ ଅନିୟମିତତା
# ଧାରଣା ପରେ ସତ୍ୟାଗ୍ରହ କଲେ ସରପଞ୍ଚ




ବ୍ଲକ କାର୍ଯ୍ୟାଳୟ ଆଗରେ ସତ୍ୟାଗ୍ରହ ଚଳାଇଥିବା ସରପଞ୍ଚ ଓ ତାଙ୍କ ସମର୍ଥକ।

**ବିରିଡ଼ି,୧୧।୬ (ଡି.ଏନ.ଏ)**

ବିରିଡ଼ି ତହସିଲ ଅଧୀନ ବତିମୀରା ପଞ୍ଚାୟତରେ ଫନୀ ବାତ୍ୟାରେ ଭାଙ୍ଗିଯାଇଥିବା ଘର ତଦନ୍ତରେ ଅନିୟମିତତା କରାଯାଇଥିବା ସରପଞ୍ଚ ସ୍ୱର୍ଣ୍ଣଲତା ସେଠୀ ବାରମ୍ବାର ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ବହୁ ବିପନ୍ନ ପରିବାରଙ୍କ ନାଁ ଘରଭଙ୍ଗା ତାଲିକାରେ ନ ଥିବାବେଳେ ପ୍ରଶାସନିକ ଅଧିକାରୀମାନେ ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି। ତେଣୁ ସୋମବାର ସେ ବ୍ଲକ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ। ମାତ୍ର ଏଥିରେ କୌଣସି ସୁଫଳ ନ ମିଳିବାରୁ ମଙ୍ଗଳବାର ସତ୍ୟାଗ୍ରହରେ ବସିଛନ୍ତି। ତାଙ୍କୁ ସମର୍ଥନ ଜଣାଇ ମଞ୍ଜୁଲତା ବାରିକ, କୌଶଲ୍ୟା ମହାରଣା, ଅର୍ଚ୍ଚନା ସେଠୀ, ସସ୍ମିତା ସେଠୀ, ନାରାୟଣ ମହାରଣା, କେଲୁ ଚରଣ ସାହୁ, ଗଣେଶ ମହାରଣା, ଗଣେଶ ଭୋଇ, ନେତ୍ରାନନ୍ଦ ଭୋଇ, କୈଳାସ ସେଠୀ, ଦିବାକର ସାହୁ ମଧ୍ୟ ସତ୍ୟାଗ୍ରହରେ ବସିଛନ୍ତି। ସୂଚନା ଅନୁଯାୟୀ, ଏହି ଦାବି ନେଇ ସରପଞ୍ଚ ସେଠୀ ସୋମବାର ବ୍ଲକ ସମ୍ମୁଖରେ ଧାରଣା ଦେବାରୁ ଭାରପ୍ରାପ୍ତ ବିଡିଓ ଗିରିଜା ପ୍ରସାଦ ବାରିକ ତାଙ୍କୁ ଆଲୋଚନାକୁ ଡାକିଥିଲେ। ଘରଭଙ୍ଗା ତଦନ୍ତ କରିବା ରାଜସ୍ୱ ବିଭାଗର କାମ। ତହସିଲଦାର ଏ ବିଷୟରେ କହିପାରିବେ। ତେଣୁ ତହସିଲଦାରଙ୍କୁ ଅଭିଯୋଗ କର ବୋଲି ବିଡିଓ ପରାମର୍ଶ ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ତେବେ ସରପଞ୍ଚ ସେଠୀ ପୁନର୍ବାର ତାଙ୍କ ସମର୍ଥକଙ୍କୁ ଧରି ବ୍ଲକ ସମ୍ମୁଖରେ ବସିଛନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ସତ୍ୟାଗ୍ରହ ଚାଲିବ ବୋଲି ସେ କହିଛନ୍ତି।

# ବାଲୁଙ୍କେଶ୍ୱର ପାଲାମଞ୍ଚ ଉଦ୍‌ଘାଟିତ

**ବିରିଡ଼ି,୧୧।୬(ଡି.ଏନ.ଏ.)**

ବିରିଡ଼ି ବ୍ଲକ ଉତ୍ତରଶାସନ ପଞ୍ଚାୟତ ନୂଆଗାଁ (ମଧ୍ୟଶାସନ) ସ୍ଥିତ ବାଲୁଙ୍କେଶ୍ୱର ମହାଦେବଙ୍କ ନୂତନ ପାଲାମଞ୍ଚ ବିଦ୍ୟାସାଗର ନିରଞ୍ଜନ ବାହିନୀପତି ପାଲାଗାୟକଙ୍କ ଦ୍ୱାରା ସୋମବାର ଉଦ୍‌ଘାଟିତ ହୋଇଛି। ବାଲୁଙ୍କେଶ୍ୱର ପାଲା ପ୍ରତିଷ୍ଠାନର ସଂଯୋଜକ କବି ପୀତାମ୍ବର ମହାପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଗାୟକ ବାହିନୀପତି ମୁଖ୍ୟଅତିଥି, ପ୍ରତିଷ୍ଠାନ ସଭାପତି ଚନ୍ଦ୍ରମଣୀ ବେଉରା, ସମ୍ପାଦକ ମନୋଜ ମହାନ୍ତି, ସାମାଜିକ କର୍ମୀ ଜଗନ୍ନାଥ ରାଉତ, ସୁନିଲ ଓଝା, ରଘୁନାଥ ସାହୁ, ମୁରଲୀଧର ମହାପାତ୍ର, ସଂଗ୍ରାମ ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପାଲାର ଐତିହ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ମଞ୍ଚ ଉଦ୍‌ଘାଟନ ପରେ ପାଲା ପରିବେଷଣ କରାଯାଇଥିଲା। ଏହି ମଞ୍ଚରେ ୧୯୬୪ ମସିହାରୁ ଦୀର୍ଘ ୫୫ ବର୍ଷ ଧରି ବାଦିପାଲା ହୋଇଆସୁଛି। ଚଳିତବର୍ଷ ଗାୟକ ବାହିନୀପତି ଓ ରମେଶ ପଣ୍ଡା ୩ ଦିନ ଧରି ପାଲା ପରିବେଷଣ କରିବାକୁ ସ୍ଥିର ହୋଇଛି।



ପାଲାମଞ୍ଚ ଉଦ୍‌ଘାଟନ ଉତ୍ସବରେ ଉପସ୍ଥିତ ଅତିଥି।

## ■ ସ୍ଥାଣୁ ପାଲଟିଲାଣି ଜିଲା ଅବକାରୀ ବିଭାଗ
# ୧୧ ପଦବୀ ଖାଲି, ଅନିଶ୍ଚିତତାରେ ଅବକାରୀ ଥାନା

**ଜଗତ୍‌ସିଂହପୁର ଅଫିସ,୧୧।୬**

■କାର୍ଯ୍ୟକ୍ଷମ ହେଉନି ଅବକାରୀ ସ୍କ୍ୱାଡ୍
■ଅବାଧରେ ଚାଲିଛି ବେଆଇନ ମାଦକ ଦ୍ରବ୍ୟ କାରବାର

ଜଗତ୍‌ସିଂହପୁର ଜିଲା ଅବକାରୀ ବିଭାଗ ଏକ ପ୍ରକାର ସୁପ୍ତ ଅବସ୍ଥାରେ ରହିଛି। ଅନୁମୋଦିତ ୪୧ ପଦବୀରୁ ୧୧ଟି ଖାଲିପଡିଛି। ସେହିପରି ଜିଲାରେ ହେବାକୁ ଥିବା ଅବକାରୀ ଥାନାଗୁଡିକ ନିର୍ମାଣରେ ଅହେତୁକ ବିଳମ୍ବ ହେଉଛି। ଏଥିଯୋଗୁ ଜିଲାରେ ଅବାଧରେ ବେଆଇନ ବ୍ରାଉନ ସୁଗାର, ଗଞ୍ଜେଇ, ଅଫିମ, ଭାଙ୍ଗ ଓ ମଦ କାରବାର ବଢି ଚାଲିଛି। ଏହାକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନା ଅନୁଯାୟୀ, ଜିଲାରେ ଅବକାରୀ ସୁପରିଣ୍ଟେଣ୍ଡେଣ୍ଟ ପଦବୀ ଖାଲିପଡିଛି। ଏହି ସ୍ଥାନରେ ଏକମାତ୍ର ଡାଏ ସୁପରିଣ୍ଟେଣ୍ଡେଣ୍ଟ ଦାୟିତ୍ୱ ସମ୍ଭାଳିଛନ୍ତି। କେବଳ ଇନ୍‌ସ୍ପେକ୍ଟର ଓ ସବ୍ ଇନ୍‌ସ୍ପେକ୍ଟର(ଏସ୍‌ଆଇ) ପଦବୀ (୨ଟି ଲେଖାଏଁ) ପୂରଣ ଅଛି। କିନ୍ତୁ ଏଏସ୍‌ଆଇ ପଦବୀ ସଂଖ୍ୟା ୬ ଥିଲେ ସୁଦ୍ଧା ୧ଟି ଖାଲିପଡିଛି। ସର୍ବାଧିକ କନ୍‌ଷ୍ଟେବଲ ପଦବୀ ଖାଲି ରହିଛି। ମୋଟ ଅନୁମୋଦିତ ପଦବୀ ସଂଖ୍ୟା ୨୩ ଥିବାବେଳେ ୯ଟି ଖାଲି ରହିଛି। ଅନୁରୂପ ଭାବେ ମୁଖ୍ୟ କିରାଣୀ ପଦବୀ ଖାଲିପଡିଛି। ଜିଲା ଅବକାରୀ ବିଭାଗ ଆବଶ୍ୟକତା ଦୃଷ୍ଟିରୁ ଅନୁମୋଦିତ ପଦବୀ ସଂଖ୍ୟା ବୃଦ୍ଧି କରାଯିବା କଥା। କାରଣ ଜନସଂଖ୍ୟା ବଢିବା ସହ ବଜାର ମଧ୍ୟ ଆଶାତୀତ ଭାବେ ବଢିଛି। ପୂର୍ବରୁ ରାଜ୍ୟ ସରକାର ବେଆଇନ ମାଦକଦ୍ରବ୍ୟ କାରବାର ରୋକିବା ସହ ରାଜସ୍ୱ ବୃଦ୍ଧି ପାଇଁ ଯେତିକି ଅନୁମୋଦିତ ପଦବୀ ସୃଷ୍ଟି କରିଥିଲେ ତାହା ଏବେ ବି ବଳବତ୍ତର ରହିଛି। ଏଭଳି ସ୍ଥିତିରେ ବିଭାଗ ଅନୁମୋଦିତ ପଦବୀ ପୂରଣ ନ କରିବା ଚିନ୍ତାର ବିଷୟ ହୋଇଛି। ୨୦୧୭-୧୮ ଆର୍ଥିକ ବର୍ଷରେ ଅବକାରୀ ବିଭାଗ ଜିଲା ପାଇଁ ୨୧ କୋଟି ୫୦ ଲକ୍ଷ ଟଙ୍କା ରାଜସ୍ୱ ସଂଗ୍ରହ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା। କିନ୍ତୁ ଏହାର ୭୮.୮୧% ଅର୍ଥାତ୍ ୧୬ କୋଟି ୯୪ଲକ୍ଷ ୬୨ ହଜାର ୮୬ ଟଙ୍କା ସଂଗ୍ରହ ହୋଇଥିଲା। ରାଜସ୍ୱ ସଂଗ୍ରହ କମିଥିବାରୁ ୨୦୧୮-୧୯ରେ ସରକାର ଧାର୍ଯ୍ୟଲକ୍ଷ ୧୮କୋଟିକୁ କମାଇଥିଲେ। ଏଥର ମଧ୍ୟ ୪୧.୧୯% ଅର୍ଥାତ୍ ମାତ୍ର ୭ କୋଟି ୪୧ଲକ୍ଷ ୪୯ ହଜାର ୧୯୧ ଟଙ୍କା ସଂଗ୍ରହ ହୋଇଥିଲା। ୨୦୧୯-୨୦ରେ ଧାର୍ଯ୍ୟଲକ୍ଷ୍ୟ ଆହୁରି କମାଯାଇ ୯ କୋଟି ରଖାଯାଇଛି। ତେବେ ବିଭାଗ ଏହି ଲକ୍ଷ୍ୟ ପୂରଣରେ କେତେ ସଫଳ ହେଉଛି ତାହା ସମୟ କହିବ। ସୂଚନାଯୋଗ୍ୟ, ଅବକାରୀ ବିଭାଗର ଏକ ସ୍କ୍ୱାଡ୍ ରହିଛି। ଏହି ସ୍କ୍ୱାଡ୍ ବେଆଇନ ମାଦକଦ୍ରବ୍ୟ କାରବାର ରୋକିବା କ୍ଷେତ୍ରରେ ପ୍ରମୁଖ ଭୂମିକା ନିଭାଇବା କଥା। କିନ୍ତୁ ଜିଲାରେ ଏହି ସ୍କ୍ୱାଡ୍ ସ୍ଥାଣୁ ପାଲଟିଯାଇଛି।

ସ୍କ୍ୱାଡ୍ ଅଧିକାରୀ ଅସୁସ୍ଥ ଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା କୁହାଯାଉଥିଲେ ସୁଦ୍ଧା ସ୍ଥାୟୀ ପ୍ରତିକାର କରାଯାଉନାହିଁ। ଅନ୍ୟପକ୍ଷରେ ରାଜ୍ୟ ସରକାର ପ୍ରତି ଜିଲାରେ ଅବକାରୀ ଥାନା ନିର୍ମାଣ କରିବାକୁ ନିଷ୍ପତ୍ତି ନେଇଥିଲେ। ଏହି ଥାନା ପ୍ରତିଷ୍ଠା ହେବାପରେ ପୋଲିସ ଉପରେ ଅବକାରୀ ମାମଲାର ଚାପ କମିଯିବ। ଏଥିସହ ଅବକାରୀ ଥାନା ଜିଲାରେ ବେଆଇନ ମାଦକଦ୍ରବ୍ୟ କାରବାର ରୋକିବା ସହ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବ। ଜିଲାରେ ୪ଟି ଥାନା ଓ ୧ ମୋବାଇଲ କାର୍ଯ୍ୟାଳୟ ପ୍ରତିଷ୍ଠା ପାଇଁ ନିଷ୍ପତ୍ତି ହୋଇଥିଲା। ସେହି ଅନୁଯାୟୀ, ଜଗତ୍‌ସିଂହପୁର, ବାଲିକୁଦା, ତିର୍ତ୍ତୋଲ ଓ ପାରାଦୀପ ଠାରେ ଅବକାରୀ ଥାନା ନିର୍ମାଣ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏଗୁଡିକ ମଧ୍ୟରୁ ଜଗତ୍‌ସିଂହପୁର ଅବକାରୀ ଥାନା ସ୍ଥାନୀୟ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମ ନିକଟରେ ପ୍ରତିଷ୍ଠା ହେବ। ଏନେଇ ପାଖାପାଖି ୨ ବର୍ଷ ପୂର୍ବରୁ ଜମି ଚିହ୍ନଟ ସହ ଟେଣ୍ଡର ସରିଥିଲା। କିନ୍ତୁ ଠିକାଦାରଙ୍କ ମୃତ୍ୟୁପରେ ପୁନଃ ଟେଣ୍ଡର ହୋଇଥିଲା। ମାତ୍ର କାମ ସନ୍ତୋଷଜନକ ଭାବେ ଆଗେଇପାରିନି। ଏଥିମଧ୍ୟରେ କେବଳ ବିଲ୍ଡିଂର ମୂଳଦୁଆ ପଡିଛି। ବାଲିକୁଦା ବାଲିସାହି ନିକଟରେ ଥାନା ପାଇଁ ଜମି ଚିହ୍ନଟ ହୋଇଛି। କିନ୍ତୁ କାମ ଆଗାଉନି। ତିର୍ତ୍ତୋଲ ତେନ୍ତୁଳିପଦା ନିକଟରେ ଥାନା ନିର୍ମାଣ ପାଇଁ ଟେଣ୍ଡର ହୋଇଛି। ପାରାଦୀପ ଚୁନଭାଟିରେ ଜମି ଚିହ୍ନଟ ହୋଇଛି। କାମ ପାଇଁ ଟେଣ୍ଡର ହୋଇଥିଲେ ସୁଦ୍ଧା ବିଭିନ୍ନ କାରଣରୁ ବାତିଲ କରି ଦିଆଯାଇଛି। ନୂଆ ଟେଣ୍ଡର ଏ ପର୍ଯ୍ୟନ୍ତ ହୋଇନାହିଁ। ମୋବାଇଲ କାର୍ଯ୍ୟାଳୟଟି ପୂର୍ବରୁ କୋର୍ଟ ଛକ ନିକଟରେ ଥିଲା। ଏହି କାର୍ଯ୍ୟାଳୟ ଦାୟିତ୍ୱରେ ଥିବା ଏସ୍‌ଆଇ ଅନୁପସ୍ଥିତ ଥିବାରୁ ତାହା ଅଚଳ ରହିଛି। ଏହାର ସ୍ଥାୟୀ ବିଲ୍ଡିଂ ପାଇଁ ସ୍ଥାନ ଚିହ୍ନଟ ହୋଇନି। ଥାନା ବିଲ୍ଡିଂ ପାଇଁ ଅନୁଦାନ ଆସିଛି। ଗ୍ରାମ୍ୟ ଉନ୍ନୟନ ଓ ପୂର୍ତ୍ତ ବିଭାଗକୁ ପୃଥକ ଭାବେ ଅନୁଦାନ ରାଶି ଦିଆଯାଇଛି। କିନ୍ତୁ ବିଭିନ୍ନ ବାହାନା ନେଇ କାମରେ ବିଳମ୍ବ କରାଯାଉଛି। ଏହାଦ୍ୱାରା ବାସ୍ତବ ଲକ୍ଷ୍ୟ ପୂରଣ ହୋଇପାରୁନି। ଏ ସମ୍ପର୍କରେ ସୁପରିଣ୍ଟେଣ୍ଡେଣ୍ଟ ଦାୟିତ୍ୱରେ ଥିବା ରତିକାନ୍ତ ପଣ୍ଡା କହିଛନ୍ତି ଯେ, ବାସ୍ତବରେ କର୍ମଚାରୀ ଅଭାବ ସମସ୍ୟା ସୃଷ୍ଟି କରୁଛି। ଏଥିସହ ବିଭିନ୍ନ କାରଣରୁ ଥାନା ବିଲ୍ଡିଂ କାମ ଆଗେଇପାରୁନି। ଅନୁମୋଦିତ ପଦବୀ ସଂଖ୍ୟା ବୃଦ୍ଧି କରାଯିବା ଆବଶ୍ୟକ। ତାହା ନ ହେଲେ ବେଆଇନ ମାଦକଦ୍ରବ୍ୟ କାରବାର ରୋକିବା କ୍ଷେତ୍ରରେ ବିଭାଗ ଶତପ୍ରତିଶତ ସଫଳ ହୋଇପାରିବ ନାହିଁ।

## ସଂକ୍ଷେପରେ

### ଚୁଲିରୁ ନିଆଁ ଉଠି ଜଳିଗଲା ଦୁଇ ବଖରା

**ରଘୁନାଥପୁର,୧୧।୬(ଡି.ଏନ୍.ଏ.)-** ରଘୁନାଥପୁର ବ୍ଲକ ଚିକିଣିଆ ଗ୍ରାମରେ ଚୁଲିରୁ ନିଆଁ ଝୁଲ ଉଠି ଚାଳରେ ଲାଗି ଯିବାରୁ ସନ୍ତୋଷ ଭୋଇଙ୍କର ଦୁଇ ବଖରା ପୋଡିଯାଇଛି। ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ପରିବାର ଲୋକଙ୍କ ଅଲକ୍ଷ୍ୟରେ ହଠାତ୍ ନିଆଁ ଛପରରେ ଲାଗି ଜଳି ଉଠିଥିଲା। ପରିବାର ଲୋକଙ୍କ ପାଟି ଶୁଣି ସ୍ଥାନୀୟ ଲୋକେ ଦୌଡ଼ି ଆସି ପାଣି ପକାଇଥିଲେ ହେଁ ନିଆଁକୁ ଆୟତ୍ତ କରିବାରେ ସକ୍ଷମ ହୋଇ ନ ଥିଲେ। ଚାହୁଁ ଚାହୁଁ ଶୋଇବା ଘର ସମେତ ରୋଷେଇ ଘର ଜଳି ପାଉଁଶ ହୋଇଯାଇଥିଲା। ରଘୁନାଥପୁର ଅଗ୍ନିଶମ ବାହିନୀ କର୍ମଚାରୀ ଆସି ପାଣି ପକାଇ ନିଆଁକୁ ଅନ୍ୟତ୍ର ବ୍ୟାପିବାକୁ ଦେଇ ନ ଥିଲେ। ତେବେ ନିଆଁରେ ସନ୍ତୋଷଙ୍କ ସାଇକେଲ ସମେତ ଆସବାବପତ୍ର ଓ ଧାନଚାଉଳ ପୋଡିଯାଇଛି। ସରପଞ୍ଚ ଶର୍ମିଷ୍ଠା ସ୍ୱାଇଁ ବିପନ୍ନଙ୍କୁ ସହାୟତା ଯୋଗାଇ ଦେଇଥିଲେ।

■ ଗୋରେଖନାଥ କୃଷକ ସଂଘ, ଲାଲ ପକ୍ଷରୁ କୃଷକ ସଚେତନତା

# ୧ ଏକର ଜମିକୁ ଯଥେଷ୍ଟ ୧୦ କି.ଗ୍ରା. ବିହନ

**ରଘୁନାଥପୁର, ୧୧।୬ (ଡି.ଏନ.ଏ.)**

ରଘୁନାଥପୁର ବ୍ଲକ ରେଢୁଆସ୍ଥିତ ଗୋରେଖନାଥ କୃଷକ ମହାସଂଘ ଏବଂ ଲିଭ୍ ଆଣ୍ଡ୍ ଲେଟ୍‌ଲିଭ୍(ଲାଲ୍) ପକ୍ଷରୁ କୃଷକ ସଚେତନତା କାର୍ଯ୍ୟକ୍ରମ କରାଯାଇଛି। ଏଥିରେ ଉନ୍ନତ ପ୍ରଣାଳିରେ ଗୁଣାତ୍ମକ ଧାନ ଚାଷ କରିବାକୁ ଗୁରୁତ୍ୱାରୋପ କରାଯାଇଛି। ଏପରିକି ୧ ଏକର ଜମି ପାଇଁ ୧୦ କିଗ୍ରା ବିହନ ଯଥେଷ୍ଟ ବୋଲି ଚାଷୀଙ୍କୁ ପରାମର୍ଶ ଦିଆଯାଇଛି। ଖୁବ୍‌କମ ଧାନ ବିହନ ବ୍ୟବହାର କରି ଚାଷୀ ଅଧିକ ଅମଳ କରିପାରିବେ ବୋଲି ସଂସ୍ଥାର ତତ୍ତ୍ୱାବଧାରକ କ୍ଷେତ୍ରମୋହନ ବେହେରା ପ୍ରକାଶ କରିଛନ୍ତି। ଏହାଛଡା ପୂର୍ବତନ ରାଜ୍ୟ ମୁଖ୍ୟ ବିହନ ପ୍ରଜନନ ଅଧିକାରୀ ଏକାଦଶୀ ନନ୍ଦୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଲାଲ ଫାର୍ମ ପରିସରରେ ପାଡିଗ୍ରୀ ମେଥଡରେ ଏକ କଳା ଚାଉଳ ସୃଷ୍ଟି କରାଯାଇଛି। ଏହି ଧାନର ସମୟ ଅବଧି ୧୧୦ ଦିନ ରହିଥିବାବେଳେ ଉଭୟ ଖରିଫ ଓ ରବି ଋତୁରେ ଚାଷ କରାଯାଇପାରିବ। ଏହାର ନାମ କଳାମାଣିକ ଥିବାବେଳେ ଅମଳ ଅନ୍ୟୁନ ଏକର ପିଛା ୨୦ କୁଇଣ୍ଟାଲ ହେବ ବୋଲି ସୂଚନା ଦିଆଯାଇଛି। ଏହି ଧାନ ମଧୁମେହ ରୋଗୀଙ୍କ ପାଇଁ ଉପଯୋଗୀ ବୋଲି କୁହାଯାଇଛି। ସୂଚନାଯୋଗ୍ୟ ଦୀର୍ଘ ୧୫ ବର୍ଷ ତଳେ ସ୍ଥାନୀୟ ଅଞ୍ଚଳରେ ୭ ପଞ୍ଚାୟତର ଚାଷୀଙ୍କୁ ନେଇ ପ୍ରମାଣିତ କରିଥିବା ଦୁଇ ସଂସ୍ଥା ଏବେ ରାଜ୍ୟର ୧୫ ଜିଲାର ଚାଷୀଙ୍କ ଆସ୍ଥାଭାଜନ ହୋଇଛି। ୧୫ବର୍ଷ ତଳେ ବିହନ ବଦଳ ହାର ୧୦ ପ୍ରତିଶତ ଥିବାବେଳେ ବର୍ତ୍ତମାନ ତାହା ଶତ ପ୍ରତିଶତରେ ପହଞ୍ଚିଥିବା ବେହେରା କହିଛନ୍ତି। ସଙ୍ଗଠନ ତଥା ସଂସ୍ଥାର ପୂର୍ଣ୍ଣାନନ୍ଦ ସେଠୀ, ପ୍ରଦୀପ ମଲ୍ଲିକ, ଗଗନ ସେଠୀ, ତ୍ରିଲୋଚନ ସେଠୀ, ରାଜେନ୍ଦ୍ର ମଲ୍ଲିକ, ପ୍ରଭୁଦତ୍ତ ବେହେରା, ଲକ୍ଷ୍ମୀନାରାୟଣ ବାରିକ ଓ କୌସ୍ତୁଭ ବେହେରାଙ୍କ ଉଦ୍ୟମରେ ସଙ୍ଗଠନ କୃଷକଙ୍କ କଲ୍ୟାଣ ପାଇଁ କାର୍ଯ୍ୟ କରୁଛି।


କୃଷି ବିଜ୍ଞାନୀ ଡ. ଏସ୍.କେ. ପ୍ରଧାନ କଳାମାଣିକ ଧାନକ୍ଷେତ ପରିଦର୍ଶନ କରୁଛନ୍ତି।

# ଚଳନ୍ତା ଟ୍ରେନ୍‌ରୁ କୋଇଲା ଚୋରି, ୭ ମହିଳା ଗିରଫ

**କୁଜଙ୍ଗ/ ପାରାଦୀପ, ୧୧।୬(ସ୍ୱ.ପ୍ର.)**

କଟକ-ପାରାଦୀପ ରେଳପଥରେ ଚଳନ୍ତା ଟ୍ରେନରୁ କୋଇଲା ଚୋରି କରୁଥିବା ୭ଜଣ ମହିଳାଙ୍କୁ ପାରାଦୀପ ରେଲୱେ ପୋଲିସ ମଙ୍ଗଳବାର ଗିରଫ କରିଛି। ଏ ନେଇ ଏକ ମାମଲା ନଂ-୮/୧୯ରୁଜୁ କରାଯାଇ ସେମାନଙ୍କୁ କୁଜଙ୍ଗ ବିଚାର ବିଭାଗୀୟ ଅଦାଲତକୁ ପଠାଇ ଦିଆଯାଇଛି। ଗିରଫ ସମୟରେ ସେମାନଙ୍କ ନିକଟରୁ ବିପୁଳ ପରିମାଣର କୋଇଲା ଜବତ କରାଯାଇଛି। ପ୍ରକାଶ ଯେ, କଟକ-ପାରାଦୀପ ରେଳପଥରେ ଚଳନ୍ତା ଟ୍ରେନରୁ କୋଇଲା ଚୋରି ହେବା ନେଇ ନିୟମିତ ଅଭିଯୋଗ ହେଉଥିଲା। ମଙ୍ଗଳବାର ସକାଳ ୭ଟାରେ ଏହି ଅଭିଯୋଗ ଉପରେ ତଦନ୍ତ କରିବାକୁ ପାରାଦୀପ ରେଲୱେ ପୋଲିସ ଏବଂ କଟକ ରେଲୱେ ପୋଲିସ ମିଳିତଭାବେ ରେଳପଥର ପାଟପୁର, ବଡ଼ବନ୍ଧ, ଖରିଗୋଠ ଆଦି ଅଞ୍ଚଳରେ ପହଞ୍ଚିଥିଲେ। ଏହି ସମୟରେ ଟ୍ରେନ୍‌ରୁ ଶତାଧିକ ମହିଳା ଏବଂ ପୁରୁଷ କୋଇଲା କାଢୁଥିବା ଦେଖିବାକୁ ମିଳିଥିଲା। ପୋଲିସ ଟିମକୁ ଦେଖି ଅନେକ ଖସି ପଳାଇଥିଲେ। ବିଭିନ୍ନ ଅଞ୍ଚଳରୁ ମାତ୍ର ୭ ଜଣ ମହିଳା ଧରାପଡ଼ିଥିଲେ। ସେମାନେ ହେଲେ ପାଟପୁର ଗ୍ରାମର ଲକ୍ଷ୍ମୀପ୍ରିୟା ସାହୁ, ରମଣୀ ସାହୁ, ସକୁନ୍ତଳା ସ୍ୱାଇଁ, ଖରିଗୋଠ ଗ୍ରାମର ସୁଜାକାନ୍ତ ସ୍ୱାଇଁ, ଗୋଲାପରାଣୀ ପଟିଆ, ଟିକିନା ସ୍ୱାଇଁ ଓ ଝୁନିଲତା ପଟିଆ। ପାରାଦୀପ ରେଳବାଇ ଥାନା ଅଧିକାରୀ ପଙ୍କଜ କୁମାର, କଟକ ରେଳବାଇ ଥାନା ଅଧିକାରୀ ପ୍ରବୀଣ କୁମାରଙ୍କ ନେତୃତ୍ୱରେ ଏହି ଚଢ଼ାଉ କରାଯାଇଥିଲା।

# ପୂର୍ବ ଶତ୍ରୁତାରୁ ବାଇକ ପୋଡ଼ି ଅଭିଯୋଗ

**ଏରସମା,୧୧।୬(ସ୍ୱ.ପ୍ର.)**

ଏରସମା ଥାନା ଅନ୍ତର୍ଗତ ଗୋଡ଼ା ପଞ୍ଚାୟତସ୍ଥିତ ଶାଳିଓ ଗ୍ରାମରେ ପୂର୍ବ ଶତ୍ରୁତାରୁ ଜଣଙ୍କ ବାଇକ ପୋଡି ଦିଆଯାଇଥିବା ମଙ୍ଗଳବାର ଥାନାରେ ଅଭିଯୋଗ ହୋଇଛି। ପ୍ରକାଶ ଯେ, ପ୍ରବୀଣ କୁମାର ପରିଡା ଗୋଡା ବଜାରରେଥିବା ଏକ ସରକାରୀ ସ୍ୱୀକୃତିପ୍ରାପ୍ତ ମଦ ଦୋକାନରେ କାମ କରନ୍ତି। ସୋମବାର ରାତିରେ ତାଙ୍କର ଏକ ବାଇକ ଘର ବାରଣ୍ଡାରେ ରଖିଥିଲେ। ବିଳମ୍ବିତ ରାତିରେ ତାହା ଜଳୁଥିବାର ପରିବାର ଲୋକେ ଦେଖିବାକୁ ପାଇଥିଲେ। ପାଣି ପକାଇ ଲିଭାଇବାକୁ ଉଦ୍ୟମ କରିଥିଲେ ମଧ୍ୟ ଗାଡିଟି ପୋଡ଼ିଯାଇଥିଲା। ଥାନାରେ ଅଭିଯୋଗ ହେବା ପରେ ପୋଲିସ କେସ ନଂ. ୯୦/୧୯ ରୁଜୁ କରି ତଦନ୍ତ ଚଳାଇଛି।

■ ଯୋଗାଣ ଅଧିକାରୀଙ୍କ ବୈଠକ

# ରାଶନ କାର୍ଡ ସହ ଆଧାର ଯୋଡ଼ିବାକୁ ଗୁରୁତ୍ୱ

**ବିରିଡ଼ି,୧୧।୬(ଡି.ଏନ.ଏ)**

ବିରିଡ଼ି ବ୍ଲକ ଅଞ୍ଚଳରେ ଜାତୀୟ ଖାଦ୍ୟ ନିରାପତ୍ତା ଆଇନ୍ ଅନୁଯାୟୀ ରାଶନ କାର୍ଡ ପାଇଥିବା ପ୍ରତ୍ୟେକ ହିତାଧିକାରୀଙ୍କ ପରିବାର ସଦସ୍ୟଙ୍କ ଆଧାର ରାଶନ କାର୍ଡ ସହ ସଂଯୋଗ କରିବାକୁ ଜଗତ୍‌ସିଂହପୁର ଜିଲା ସହକାରୀ ଯୋଗାଣ ଅଧିକାରୀ ଜି. ପ୍ରଭାକର ପାତ୍ର ଗୁରୁତ୍ୱାରୋପ କରିଛନ୍ତି। ଏନେଇ ବିରିଡ଼ି ବ୍ଲକ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଯୋଗାଣ ବିଭାଗ ପକ୍ଷରୁ ଏକ ବୈଠକ ହୋଇଥିଲା। ଏଥିରେ ପାତ୍ର ଯୋଗ ଦେଇ ସମସ୍ତ ଡିଲରମାନଙ୍କୁ ଏହି କାର୍ଯ୍ୟରେ ସହଯୋଗ କରିବା ପାଇଁ ଆହ୍ୱାନ ଦେଇଥିଲେ। ଉକ୍ତ ବ୍ଲକରେ ମୋଟ ୧୮,୧୮୨ କାର୍ଡଧାରୀ ଥିବାବେଳେ ସେମାନଙ୍କ ପରିବାର ସଦସ୍ୟଙ୍କ ସଂଖ୍ୟା ମୋଟ ୭୦,୭୪୭ ରହିଛି। ସେଥିମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୧୧ ହଜାର ୪୦ଜଣ ସଦସ୍ୟଙ୍କ ଆଧାର ସଂଯୋଗ କରାଯାଇନାହିଁ। ଏଣୁ ପିଡିଏସ ମେଶିନରେ ଟିପ ଦେଇ କୋଟା ଉଠାଇବା କଷ୍ଟସାଧ୍ୟ ହେଉଛି। ଶତପ୍ରତିଶତ ହିତାଧିକାରୀଙ୍କ ଆଧାର ସଂଯୋଗ କରିବାକୁ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ନିର୍ଦ୍ଦେଶ ରହିଛି। ଏହି ନିର୍ଦ୍ଦେଶକୁ ଚଳିତ ମାସ ମଧ୍ୟରେ ସମ୍ପୂର୍ଣ୍ଣ କରିବା ପାଇଁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏହାଛଡା ମୃତ, ଅଯୋଗ୍ୟ ଓ ସ୍ଥାନାନ୍ତରିତ ବ୍ୟକ୍ତିଙ୍କୁ ଚିହ୍ନଟ କରି ସେମାନଙ୍କ ନାମକୁ ବାଦ ଦେବା ପାଇଁ ପ୍ରକ୍ରିୟା ଆରମ୍ଭ କରାଯିବ। ବୈଠକରେ ବ୍ଲକ ଏମଆଇ ମୋଛିରାମ ଦାସଙ୍କ ସହ ୬୦ ଜଣ ଡିଲର ଉପସ୍ଥିତ ଥିଲେ।

# ଚୋରି କରି ଜରିମାନା ଦେଇଥିବା ଖଣି କମ୍ପାନୀକୁ ନିଲାମ ପ୍ରକ୍ରିୟାରୁ ବାଦ୍ ଦିଆଯାଉ

**ଭୁବନେଶ୍ୱର,୧୧।୬(ବ୍ୟୁରୋ)**

## ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନାଙ୍କ ଦାବି

ପୂର୍ବରୁ ବେଆଇନ ଭାବେ ଖଣି ଉତ୍ତୋଳନ କରି ଜରିମାନା ଦେଇଥିବା କମ୍ପାନୀଗୁଡିକୁ ନୂଆ ନିଲାମିରୁ ବାଦ୍ ଦିଆଯାଉ। ରାଜ୍ୟ ସରକାର ଆଗାମୀ ଦୁଇ ମାସ ମଧ୍ୟରେ ପ୍ରାୟ ୪୦ଟି ଲୁହାପଥର ଖଣି ନିଲାମ କରିବାକୁ ଯାଉଛନ୍ତି। ତେଣୁ ଏହି ନିଲାମି ଯେପରି ସ୍ୱଚ୍ଛ ଏବଂ ରାଜ୍ୟକୁ ଅଧିକ ରାଜସ୍ୱ ଯୋଗାଇପାରିବ, ସେ ନେଇ ପଦକ୍ଷେପ ନେବା ପାଇଁ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ଦାବି କରିଛନ୍ତି।

ଶ୍ରୀକାନ୍ତ କହିଛନ୍ତି, ଖଣି ଲିଜ୍, ଉତ୍ତୋଳନ, ପରିବହନ ଓ ବିଦେଶକୁ ରପ୍ତାନି ଆଦି ପ୍ରକ୍ରିୟା ଓଡ଼ିଆ ଉଦ୍ୟୋଗୀଙ୍କ ନିୟନ୍ତ୍ରଣରେ ରହୁ। ଖଣି ନିଲାମି ସମ୍ପର୍କରେ ଥିବା ନିୟମକୁ ରାଜ୍ୟ ସରକାର ସର୍ବସାଧାରଣରେ ପ୍ରକାଶ କରନ୍ତୁ। ରାଜ୍ୟ ସରକାର ଖଣି ନିଲାମ ନ କରି ନିଜସ୍ୱ ସଂସ୍ଥା ନିୟନ୍ତ୍ରଣରେ ରଖନ୍ତୁ, ଯାହା ଦ୍ୱାରା ରାଜକୋଷକୁ ୧୦ଗୁଣା ଅଧିକ ରାଜସ୍ୱ ଆସିବ। ଯଦି ରାଜ୍ୟ ସରକାର ଖଣି ନିଲାମି ପାଇଁ ଏତେ ବ୍ୟାକୁଳ, ତେବେ ଯେଉଁ ଖଣି ମାଲିକମାନେ ଖଣି ଚୋରିରେ ଧରାପଡିଛନ୍ତି, ସେମାନଙ୍କୁ ଏହି ପ୍ରକ୍ରିୟାରୁ ବାଦ୍ ଦିଆଯାଉ। କାରଣ ଏହି କମ୍ପାନୀଗୁଡିକ ଉପରେ ପ୍ରାୟ ୫୦ ହଜାର କୋଟି ଟଙ୍କାର ଖଣି ଜରିମାନା କରାଯାଇଥିଲା। ଚଞ୍ଚକତା କରି ରାଜ୍ୟ ସରକାର ଏହାକୁ ପ୍ରାୟ ୧୮ ହଜାର କୋଟିକୁ ହ୍ରାସ କରିଥିଲେ। ତେଣୁ ରାଜ୍ୟର ଖଣି ଲୁଟି ଜରିମାନା ବାବଦକୁ ସୁବିଧା ହାତେଇଥିବା କମ୍ପାନୀଗୁଡିକୁ ବାଦ୍ ଦେବା ପାଇଁ ଶ୍ରୀକାନ୍ତ ଦୃଢ଼ ଦାବି କରିଛନ୍ତି। ସେହିଭଳି ନିଲାମରେ ଅଂଶଗ୍ରହଣ ପାଇଁ ଚିହ୍ନିତ ଖଣିଗୁଡିକର ନିକଟବର୍ତ୍ତୀ ଗ୍ରାମବାସୀ/ଏସ୍‌ଏଚ୍‌ଜି, ଅଥବା ସ୍ଥାନୀୟ ବେକାରି ଯୁବତୀଯୁବକଙ୍କ କୋଅପରେଟିଭ ମଧ୍ୟରେ ସୀମିତ କରାଯାଉ। ସମ୍ପତ୍ତି ଓଡ଼ିଶାବାସୀଙ୍କର, ହେଲେ ଏଠି ଅନ୍ୟମାନେ ମାଲିକଗିରି ଦେଖାଉଛନ୍ତି। ଉପଯୁକ୍ତ ଖଣିନୀତି ଅଭାବରୁ ଓଡ଼ିଆ ଗରିବିରେ ଶଢୁଛନ୍ତି, ହେଲେ ବେଆଇନ ଉତ୍ତୋଳନ କରୁଥିବା ଖଣି କମ୍ପାନୀମାନେ ରାତିରାତି କୋଟିପତି ହେଉଛନ୍ତି। ତେଣୁ ରାଜ୍ୟ ସରକାର ଜନମଙ୍ଗଳକାରୀ ଖଣିନୀତି ଆଣନ୍ତୁ ବୋଲି ଶ୍ରୀକାନ୍ତ ଦାବି କରିଛନ୍ତି। ପ୍ରକାଶ ଯେ, ୪ଦିନ ତଳେ ଖଣି ବିଭାଗୀୟ ସମୀକ୍ଷା କରାଯାଇଥିଲା। ରାଜ୍ୟ ସରକାର ଆଗାମୀ ଦୁଇମାସ ମଧ୍ୟରେ ୩୬ଟି ଖଣି ନିଲାମ କରିବାକୁ ଯାଉଛନ୍ତି। ୪ଟିରେ ନିଲାମି ପାଇଁ ପ୍ରକ୍ରିୟା ଆରମ୍ଭ କରିସାରିଛନ୍ତି। ଏହିପରି ଭାବେ ୪୦ଟି ଖଣିର ନିଲାମ କରାଯିବ ବୋଲି ଖଣିମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ସୂଚନା ଦେଇଥିଲେ।

# ବାଗୋଇରେ ଖୋଲିଲା ମୁଗମଣ୍ଡି

**କୁଜଙ୍ଗ, ୧୧।୬(ସ୍ୱ.ପ୍ର.)**

ବାଗୋଇ ସେବା ସମବାୟ ସମିତି ପକ୍ଷରୁ ଏକ ମୁଗମଣ୍ଡି ଉଦ୍‌ଘାଟିତ ହୋଇଛି। ମାର୍କଫେଡ୍ ସହାୟତାରେ ହୋଇଥିବା ଏହି ମଣ୍ଡିକୁ ମାର୍କଫେଡ୍‌ର ଆଞ୍ଚଳିକ ପରିଚାଳକ ସୁଶାନ୍ତ କୁମାର ଜେନା ଉଦ୍‌ଘାଟନ କରିଥିଲେ। ଚାଷୀମାନେ ମଣ୍ଡିରେ ମୁଗ ବିକ୍ରି କରିବାକୁ ହେଲେ ଅନ୍‌ଲାଇନରେ ନିଜ ନାମ ପଞ୍ଜୀକରଣ କରିବା ଜରୁରୀ ବୋଲ ସେ ସୂଚନା ଦେବା ସହ ସମିତି ଓ କୃଷକ ନେତାମାନେ ଚାଷୀମାନଙ୍କୁ ସଚେତନ କରିବା ଆବ୍ୟାକ ବୋଲି କହିଥିଲେ। ମାର୍କଫେଡ୍ ଜଗତ୍‌ସିଂପୁରର ଏସ୍‌ଓ ଦେବୁ ମହାପାତ୍ର, ଏସ୍‌ଆର୍ ଯୋଗେନ୍ଦ୍ର କୁମାର ବିଶ୍ୱାଳ, କୁଜଙ୍ଗ କୃଷି ଅଧିକାରୀ ପ୍ରଦୋଷ ବେହେରା, ସିସିବି କୁଜଙ୍ଗ ଶାଖା ପରିଚାଳକ ସୁଜିତ୍ କୁମାର ଦାସ, ବାଗୋଇ ସେବା ସମବାୟ ସମିତିର ସମ୍ପାଦକ ସାରଦା ପ୍ରଧାନ, ସଭାପତି ଅଭୟ କୁମାର ମହାପାତ୍ର, ବ୍ରଜବନ୍ଧୁ ଖଟେଇ, ମୁରଲୀଧର ବେହେରା ଓ ଶ୍ରୀନିବାସ ଲୁଝାରସିଂହ ପ୍ରମୁଖ ଉପସ୍ଥିତ ଥିଲେ। ବହୁ ଚାଷୀ ଅନ୍‌ଲାଇନ୍ ସିଷ୍ଟମ ସହ ଯୋଡି ହୋଇପାରୁ ନ ଥିବାରୁ ମୁଗଦେବାରେ ଅସୁବିଧା ହେବ। ତେଣୁ ସମିତି ଓ ମାର୍କଫେଡ୍ ଚାଷୀ ସଚେତନତାକୁ ଗୁରୁତ୍ୱ ଦେବା ଉଚିତ ବୋଲି କୃଷକମାନେ ମତବ୍ୟକ୍ତ କରିଛନ୍ତି।


**WANTED**

Post: **Company Secretary/ Accountant.**
**Qualification & Experience:** B.Com/ Inter CA/ CMS/ CS with 2 years experience.
**Salary:** Negotiable.
Interested candidates may apply with Biodata by **30th June,** 2019 to **A.K. Sabat & Co.,** Chartered Accountants, A/348, Sahid Nagar, Bhubaneswar- 751007.

ଧରିତ୍ରୀ DHARITRI
**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385, 7894447169
Email : advt@dharitri.com

**ଆବଶ୍ୟକ**
ଭୁବନେଶ୍ୱରସ୍ଥିତ Steel Equipments Manufacturing କମ୍ପାନୀର ମାର୍କେଟିଂ ପାଇଁ ୩ଜଣ ଆଗ୍ରହୀ ଯୁବକ ଆବଶ୍ୟକ।
ଦରମା :- 10,000/-
9337282295
9348887319

**ଆବଶ୍ୟକ**
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. Monthly Salary upto Rs.27000/-. (Part Time/Full Time)
Mob: 9938676412

**URGENTLY REQUIRED**
TEAM
1. **BACK OFFICE EXECUTIVE** – Graduate with min. 2-3 years experience in office work & having excellent computer knowledge. ( friendly in MS Office & internet) independent job handing capacity preferable- Female candidate. **Salary – 8000/- per month**
2. **OFFICE PEON** -10th Pass with min.01year experience in Office/field work, **salary-Rs.6, 000/-per month** with own bicycle or two wheeler.
*Interested candidates may apply to our above address & mail ID with complete Bio-data with photo within 7 days from the date of advertisement*
TEAM ADMARK (P) LTD .
**99/A, Saheed Nagar, 1st Lane Facing N.Opp of Ayakar Bhawan, Bhubaneswar-751007, Phone-** 9238882225 / 7735220188, **Mail id-** teamadmark@gmail.com

ଧରିତ୍ରୀ DHARITRI Oriya daily
**ଆବଶ୍ୟକ କରୁଛି**
**ଡ୍ରାଇଭର**
ଗାଡ଼ି ଚଳାଇବା ପାଇଁ ଅଭିଜ୍ଞ ଓ ବୈଧ ଗାଡ଼ିଚାଳନା ଲାଇସେନ୍ସଧାରୀ ଡ୍ରାଇଭର ଆବଶ୍ୟକ।
ବି.ଦ୍ର.: ଇଚ୍ଛୁକ ପ୍ରାର୍ଥୀମାନେ ଆସନ୍ତା ୭ଦିନ ମଧ୍ୟରେ ନିମ୍ନ ଠିକଣାରେ ଦରଖାସ୍ତ ପଠାଇବେ।
ମୁଖ୍ୟ କାର୍ଯ୍ୟନିର୍ବାହୀ, ଧରିତ୍ରୀ
ବି-୧୫, ଶିଳ୍ପାଞ୍ଚଳ, ରସୁଲଗଡ, ଭୁବନେଶ୍ୱର-୭୫୧୦୧୦
ଇ-ମେଲ: recruitment@dharitri.com

OrissaPOST English daily
**WANTED**
**LAYOUT DESIGNERS**
- Minimum 3 years+ experience in news dailies.
- Proficiency in Indesign 11, Photoshop cs3, PageMaker 7.0, CorelDRAW, QuarkXPress is a must.

Apply within 7 days to:
**recruitment@orissapost.com**
Pay & perks will be the best in the industry for deserving candidates.

**OFFICE STAFF ଆବଶ୍ୟକ**
Bhubaneswar ଅଫିସ୍‌ରେ କାମ କରିବା ପାଇଁ 10th/ above ଯୁବକଯୁବତୀ ଆବଶ୍ୟକ। **ବୟସ:** (18-35) yrs. ରହିବା ସୁବିଧା ଅଛି। Monthly Salary upto Rs. 24000/-.
Contact: 9938414918

**OFFICIALLY JOB**
**ଯୋଗ୍ୟତା:** ଦଶମ ପାସ୍/ଫେଲ୍, **ବୟସ:** (18-35) yrs., Monthly Salary Upto Rs.25000/-.
Contact Immediately
Mob: 8763257042

CLASSIFIED DISPLAY on Every Tuesday and Friday

**THE ODISHA MINING CORPORATION LIMITED**
OMC House, Bhubaneswar-751001, Odisha
CIN : U13100OR1956SGC000313, www.omcltd.in
OMC | ODISHA NEW OPPORTUNITIES

No.29/OMC Date : 11.06.2019

**ADVERTISEMENT FOR RECRUITMENT OF EXECUTIVES IN OMC LTD.**

The OMC, a Gold category and largest State PSU in Mining Sector in the Country, undertakes exploration, mining and trading of iron, chrome & bauxite ores. Inspired by the vision to emerge as the market leader and to play a catalytic role in the growth of industrialization, OMC caters to the requirements of mineral based industries with an annual turnover of Rs.4053 Crores during Financial Year 2018-19.

The Corporation invites application from dynamic & competent professionals in different discipline as follows.

**VACANCY :-**

| Sl. No. | Name of the Post | Scale of Pay | Total Posts | No. of Posts Reserved for | |
|---|---|---|---|---|---|
| | | | | ST | UR |
| 1 | Sr. Manager (Persnl.), E-4 grade | Rs.67,700/- to 2,08,700/- | 02 | - | 02 |
| 2 | Dy. General Manager (Electrical), E-5 grade | Rs.78,800/- to 2,09,200/- | 01 | - | 01 |
| 3 | Manager (Electrical), E-3, grade | Rs.67,700/- to 2,08,700/- | 02 | 01 | 01 |

Interested eligible candidates are requested to download the application format from OMC website : **www.omcltd.in** and submit the same duly filled in & signed along with attested copies of Certificates/ Testimonials, experience certificate in support of their eligibility by **Speed Post / Courier** in a cover superscribed "APPLICATION FOR THE POST OF ________" so as to reach the **General Manager (P&A), The Odisha Mining Corporation Ltd., OMC House, Bhubaneswar-751001 by 06.07.2019 positively**. Applications received after the last date due to delay in postal/courier or any other reason shall not be entertained and will be rejected.

The OMC Management reserves the right to cancel, amend or alter the above advertisement without assigning any reason thereof.

**Sd/-**
**Director (Personnel)**

**THE ODISHA MINING CORPORATION LTD.**
OMC House, Bhubaneswar-751001, Odisha
CIN : U13100OR1956SGC000313, www.omcltd.in
OMC | ODISHA NEW OPPORTUNITIES

No.28/OMC Date : 11.06.2019

**ADVERTISEMENT FOR RECRUITMENT / DEPUTATION OF ADDL. GENERAL MANAGER (SECURITY) IN OMC LTD.**

The OMC, a Gold category and largest State PSU in Mining Sector in the Country, undertakes exploration, mining and trading of iron, chrome & bauxite ores. Inspired by the vision to emerge as the market leader and to play a catalytic role in the growth of industrialization, OMC caters to the requirements of mineral based industries with an annual turnover of Rs.4053 Crores during Financial Year 2018-19.

The OMC invites application from eligible & competent professionals to fill up the vacancy on regular / deputation basis.

**Vacancy :-**

| Name of the Post | No. of Post | Scale of Pay | Eligibility Criteria | Maximum Age limit | Remarks |
|---|---|---|---|---|---|
| Addl. General Manager (Security), E-6 grade | 01 (UR) | Rs.1,23,100/- to 2,15,900/- | i) Lt. Col./Col./Wing Commander / Group Captain/CDR of Defence or equivalent from CISF/ Para Military Services. ii) Should have minimum 20 years of service in Defence / Para-Military Services. iii) Should be Security Course qualified from any Govt. approved institute **OR** minimum 05 years Industrial experience in a Govt. Organisation / PSUs. iv) Should be medically fit. | 50 years as on 31.05.2019 | Candidates presently employed in any Govt./ Semi-Govt./ PSUs / CISF/ Para-Military Services having the given eligibility criteria may also apply through their Competent Controlling Authority for consideration of deployment under deputation basis. |

Interested eligible candidates are required to download the application format from OMC website : **www.omcltd.in** and submit the same duly filled in & signed along with self-attested copy of certificates, mark-sheets, documents from HSC onwards towards proof of qualification, age, and mark secured, experience etc. and Discharge Certificate issued by the Competent Authority etc. by **Speed Post / Courier** in a cover superscribed "APPLICATION FOR THE POST OF **ADDL. GENERAL MANAGER (SECURITY)** in E-6 grade so as to reach the **General Manager (P&A), The Odisha Mining Corporation Ltd., OMC House, Bhubaneswar-751001 by 06.07.2019 positively**. Applications received after the last date due to delay in postal/courier or any other reason shall not be entertained and will be rejected.

The OMC Management reserves the right to cancel, amend or alter the above advertisement without assigning any reason thereof.

**Sd/-**
**Director (Personnel)**

**ଆବଶ୍ୟକ**
କରତ କଳ ପାଇଁ ଶ୍ରମିକ, ଅପରେଟର୍, ଟ୍ରେନି । ୪୦୦+ ଓଭର୍‌ଟାଇମ୍ + ମାଗଣା ରହିବା ସୁବିଧା।
କେରଳ
କୋଝିକୋଡ଼
ଥାମାରାସେରୀ
ୟୁନିଭର୍ସାଲ୍ ଏଣ୍ଟରପ୍ରାଇଜେସ୍
ଫୋନ୍ ନଂ.: 9895136594
9645732666

URGENTLY REQUIRED
**ଜିଲ୍ଲା ଓ ବ୍ଲକ୍ ସ୍ତରୀୟ ନିଯୁକ୍ତି**
ନିଜ ନିଜ ପଞ୍ଚାୟତସ୍ତରରେ କାମ କରିବାପାଇଁ ODISHA ର ପ୍ରତ୍ୟେକ ଜିଲ୍ଲାରୁ ଆବଶ୍ୟକ
Qual. 7th, 10th, +2, +3 ଓ ITI candidate
Salary : Rs. 8,000 To Rs.45,000
For More Details Contact 9178134788 9776141333

**ପଞ୍ଚାୟତ ବ୍ଲକସ୍ତରୀୟ ନିଯୁକ୍ତି**
ସମସ୍ତ ଜିଲ୍ଲାରୁ 7th to +3, ITI, Diploma B.Tech Candidate ଆବଶ୍ୟକ।
Salary :-
Rs 7,000/- to Rs 42,000/-
9777639313

**All Odisha Aadarsha Vidyalaya Vacancy**
TEACHER, CLERK, SECURITY GUARD, DATA ENTRY, PEON
Sal- 15,000 / Above, 3 Years Exp.
Qualification : +2 / Above
Contact : 8895574020


**ନୋଟିସ୍:** ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

# ପୁରାତନ କୀର୍ତ୍ତିରାଜିର ସଂରକ୍ଷଣ ଉପରେ ଗୁରୁତ୍ୱ

## ସମୀକ୍ଷା ବୈଠକ

ଭୁବନେଶ୍ୱର,୧୧।୬(ବ୍ୟୁରୋ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗକୁ ଅଧିକ କ୍ରିୟାଶୀଳ କରିବାକୁ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ସମସ୍ତ ପଦାଧିକାରୀ ତଥା କର୍ମଚାରୀଙ୍କୁ ପରାମର୍ଶ ଦେଇଛନ୍ତି। ମଙ୍ଗଳବାର ସଚିବାଳୟରେ ଅନୁଷ୍ଠିତ ଏକ ସମୀକ୍ଷା ବୈଠକରେ ମନ୍ତ୍ରୀ ବିଭାଗର ସମସ୍ତ ପଦାଧିକାରୀଙ୍କ ତତ୍ପରତା ଓ କାର୍ଯ୍ୟଦକ୍ଷତା ବୃଦ୍ଧି ଉପରେ ଗୁରୁତ୍ୱାରୋପ କରିଛନ୍ତି। ପ୍ରମୁଖ ଶାସନ ସଚିବ ମନୋରଞ୍ଜନ ପାଣିଗ୍ରାହୀ ବିଭାଗର ବିଭିନ୍ନ ପ୍ରଭାଗ ଓ ଅଧୀନସ୍ଥ ଅନୁଷ୍ଠାନଗୁଡ଼ିକର ବହୁବିଧ କାର୍ଯ୍ୟକ୍ରମ ତଥା ସମସ୍ୟା ଉପରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ରାଜ୍ୟର ସାଂସ୍କୃତିକ ଓ ପ୍ରତ୍ନତାତ୍ତ୍ୱିକ କୀର୍ତ୍ତିଗୁଡ଼ିକର ଉନ୍ନତିକରଣ ଏବଂ ସୁରକ୍ଷା ଉପରେ ପ୍ରଯତ୍ନ ସହ ରାଜ୍ୟରେ ଥିବା ୨୧୮ ସୁରକ୍ଷିତ କୀର୍ତ୍ତି ମଧ୍ୟରୁ କେତେଗୁଡ଼ିକୁ କେନ୍ଦ୍ରୀୟ ପୁରାତତ୍ତ୍ୱ ସର୍ବେକ୍ଷଣ ସଂସ୍ଥାକୁ ସଂରକ୍ଷଣ ନିମନ୍ତେ ହସ୍ତାନ୍ତର କରିବାକୁ ମନ୍ତ୍ରୀ ସଚିବଙ୍କୁ ପରାମର୍ଶ ଦେଇଥିଲେ। ସେହିପରି ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନାରେ ଅଧିକ ସଂଖ୍ୟକ କଳାକାରଙ୍କୁ ସାମିଲ କରାଯିବା ନିମନ୍ତେ ବିଭାଗ ତତ୍ପରତା ପ୍ରକାଶ କରିବା, ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନକୁ ବିଭାଗ ପକ୍ଷରୁ ପ୍ରଦାନ କରାଯାଇଥିବା ଅନୁଦାନ ବିବରଣୀର ଡିଜିଟାଇଜେଶନ ଏବଂ ବିଭିନ୍ନ ସ୍ଥାନକୁ ଯାଉଥିବା ସାଂସ୍କୃତିକ ଦଳର ପ୍ରଦର୍ଶନ ବାବଦରେ ସମ୍ପୃକ୍ତ ସ୍ଥାନର ଦର୍ଶକଙ୍କ ମତାମତ ସଂଗ୍ରହ କରାଯିବା ଉପରେ ମଧ୍ୟ ମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ। ରାଇବଣିଆ ପରି ପ୍ରାଚୀନ ଦୁର୍ଗ ତଥା ଐତିହ୍ୟଗୁଡ଼ିକର ନବୀକରଣ ସାଙ୍ଗକୁ ସେଗୁଡ଼ିକୁ ଅଧିକ ପର୍ଯ୍ୟଟକ ଅନୁକୂଳ ଆକର୍ଷଣୀୟ ସ୍ଥାନ ଭାବେ ଗଢ଼ିତୋଳିବା ଉପରେ ମନ୍ତ୍ରୀ ସଚିବଙ୍କୁ ପରାମର୍ଶ ଦେଇଥିଲେ। ଏହି ବୈଠକରେ ବିଭାଗ ଅତିରିକ୍ତ ଶାସନ ସଚିବ ତଥା ନିର୍ଦ୍ଦେଶକ ବିଜୟ କୁମାର ନାୟକ, ସ୍ୱତନ୍ତ୍ର ଶାସନ ସଚିବ ରାମକୃଷ୍ଣ ସାହୁ, ଯୁଗ୍ମ ଶାସନ ସଚିବ ସଂଘମିତ୍ରା ଶତପଥୀ ଓ ଲିପ୍‌ସା ଦାସ, ସଙ୍ଗୀତ ନାଟକ ଏକାଡେମୀ ସଚିବ ବିଜୟ ଜେନା, ଲଳିତ କଳା ଏକାଡେମୀ ସଚିବ ମନସ୍ୱିନୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ସହରାଞ୍ଚଳ କଠିନ ବର୍ଜ୍ୟବସ୍ତୁ ପରିଚାଳନା ଉପରେ ଗୁରୁତ୍ୱ

ଭୁବନେଶ୍ୱର,୧୧।୬(ବ୍ୟୁରୋ): ସହରାଞ୍ଚଳରେ କଠିନ ବର୍ଜ୍ୟବସ୍ତୁ ପରିଚାଳନା ଉପରେ ରାଜ୍ୟ ସରକାର ଗୁରୁତ୍ୱାରୋପ କରିଛନ୍ତି। ଏ ସଂକ୍ରାନ୍ତରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ମଙ୍ଗଳବାର ସଚିବାଳୟରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ସମସ୍ତ ଜିଲାପାଳଙ୍କ ସହ କଠିନ ବର୍ଜ୍ୟବସ୍ତୁ ପରିଚାଳନା ନେଇ ଆଲୋଚନା କରିଛନ୍ତି। ସହରାଞ୍ଚଳରେ ଥିବା ପ୍ରତି ଘରୁ ବର୍ଜ୍ୟ ସଂଗ୍ରହ ଓ ଏହା ସୃଷ୍ଟି ହେଉଥିବା ସ୍ତରରେ ତାହାର ପୃଥକୀକରଣ ଉପରେ ରାଜ୍ୟ ପ୍ରଶାସନ ଗୁରୁତ୍ୱାରୋପ କରିଛି। ଏହି ସମୀକ୍ଷା ବୈଠକରେ ନଗର ଉନ୍ନୟନ ସଚିବ ଜି.ମାଥିଭାଥନନ୍ ବିଭିନ୍ନ ସହରାଞ୍ଚଳରୁ ପ୍ରାପ୍ତ ତଥ୍ୟ ଏବଂ ବିଷୟବସ୍ତୁ ସମ୍ପର୍କରେ ଆଲୋଚନା କରିଥିଲେ। ନଗର ଅଞ୍ଚଳରେ କମ୍ପୋଷ୍ଟ ପ୍ଲାଣ୍ଟ, ବର୍ଜ୍ୟର ପୁନଃ ଉପଯୋଗିତା ସୁବିଧା ପ୍ଲାଣ୍ଟ, ସାନିଟାରୀ ଲ୍ୟାଣ୍ଡଫିଲ୍ ଏବଂ ନିର୍ମାଣ ବର୍ଜ୍ୟ ପରିଚାଳନା ପାଇଁ ଖାଲୁଆ ସ୍ଥାନ ଚିହ୍ନଟ କରିବା ଲାଗି ମୁଖ୍ୟ ଶାସନ ସଚିବ ପରାମର୍ଶ ଦେଇଛନ୍ତି। ଚଳିତ ମାସ ୨୦ ସୁଦ୍ଧା ସ୍ଥାନ ଚିହ୍ନଟ କରି ଜଣାଇବାକୁ ଜିଲାପାଳମାନଙ୍କୁ କୁହାଯାଇଥିଲା। କଠିନ ଏବଂ ତରଳ ବର୍ଜ୍ୟବସ୍ତୁ ପୃଥକୀକରଣରେ ନୂଆପଡା ଓ କୋରାପୁଟ ଜିଲା ଆଗୁଆ ରହିଛି। ଆଗାମୀ ଦିନରେ ସାରା ରାଜ୍ୟରେ ଏହି ବ୍ୟବସ୍ଥାକୁ ୮୦ ପ୍ରତିଶତ ହାସଲ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ପ୍ରତି ମାସରେ ଅନ୍ୟୂନ ଦୁଇଥର ଏହି କାର୍ଯ୍ୟର ଅଗ୍ରଗତି ନେଇ ସମୀକ୍ଷା ବୈଠକ କରିବାକୁ ପରାମର୍ଶ ଦିଆଯାଇଛି।

---

## ପଞ୍ଚାୟତ ସମିତି କାର୍ଯ୍ୟାଳୟ, ପାଇକମାଲ

### ନିଲାମ ଇସ୍ତାହାର

**ବିଜ୍ଞାପନ ସଂଖ୍ୟା: ୧୦୨୮** — **ତା ୦୪।୦୬।୨୦୧୯**

ଏତଦ୍ୱାରା ପାଇକମାଲ ପଞ୍ଚାୟତ ସମିତି ଅନ୍ତର୍ଗତ ସମସ୍ତ ଗ୍ରାମପଞ୍ଚାୟତର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ନିମ୍ନ କାର୍ଯ୍ୟସୂଚୀ ମତେ ବରଡୁଣ୍ଡା ଗ୍ରାମପଞ୍ଚାୟତର ସାଧାରଣ ସମ୍ପତ୍ତି ଯଥା– ସାପ୍ତାହିକ ଗୋରୁ ବଜାର ଉପ–ଜିଲ୍ଲାପାଳ, ପତ୍ର ସଂଖ୍ୟା– ୧୯୫୩ ତା୦୪।୦୬।୨୦୧୯ ଦ୍ୱାରା ଧାର୍ଯ୍ୟ ମୂଲ୍ୟ ଓ ମିଆଦ ଅନୁଯାୟୀ ୨୦୧୯–୨୦ ବର୍ଷ ନିମନ୍ତେ ପ୍ରକାଶ୍ୟ ଭାବେ ନିଲାମ କରାଯିବ।
ଏଣୁ ନିଲାମ ନେବାକୁ ଥିବା ଇଚ୍ଛୁକ ବ୍ୟକ୍ତିମାନେ ନିମ୍ନ ସର୍ତ୍ତାବଳୀ ଅନୁଯାୟୀ ସମ୍ପୃକ୍ତ ନିଲାମ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିପାରିବେ।

**ନିଲାମ ସର୍ତ୍ତାବଳୀ**

୧. ନିଲାମ ଡାକିବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ ସମ୍ପୃକ୍ତ ସମ୍ପତ୍ତିରତ ଧାର୍ଯ୍ୟ ମୂଲ୍ୟ ୧/୧୦ (ଏକ ଦଶମାଂଶ) ଟଙ୍କା ଅମାନତ ଆକାରରେ ସମ୍ପୃକ୍ତ ନିଲାମ ଅଧିକାରୀଙ୍କ ଠାରେ ଜମାଦେଇ ନିଲାମ ଡାକରେ ଅଂଶଗ୍ରହଣ କରିପାରିବେ।
୨. ନିଲାମ ଡାକକାରୀ ବ୍ୟକ୍ତି ଗ୍ରାମପଞ୍ଚାୟତର କୌଣସି ଦେଣଦାର ହୋଇ ନଥିବେ।
୩. ନିଲାମ ଗ୍ରହୀତା ପ୍ରଥମ କିସ୍ତିରେ ଶତକଡ଼ା ୭୫% ଭାଗ ଅର୍ଥ ଜମାଦେବେ ଓ ଦ୍ୱିତୀୟ କିସ୍ତି ଭାଗ ୧୫ ପ୍ରତିଶତ ଭାଗ ଅର୍ଥ ଦ୍ୱିତୀୟ ବର୍ଷ ଆରମ୍ଭରେ ଗ୍ରାମପଞ୍ଚାୟତରେ ପଇଠ କରିବେ। ଅମାନତ ଟଙ୍କା ଶେଷ କିସ୍ତିରେ ଭରଣା କରାଯିବ। ପ୍ରକାଶଥାଉକି ୭୫ ପ୍ରତିଶତ ଭାଗ ଅର୍ଥ ଉପ–ଜିଲ୍ଲାପାଳ, ପଦ୍ମପୁରଙ୍କ ନିଲାମ ଦୃଢ଼ୀକରଣ ୧୫ ଦିନ ପରେ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟଠାରେ ଜମାଦେବେ।
୪. କିସ୍ତି ଟଙ୍କା ନିର୍ଦ୍ଧାରିତ ସମୟସୀମା ଭିତରେ ଜମା ନଦେଲେ ଅମାନତ ଟଙ୍କା ବାଜ୍ୟାପ୍ତ ହୋଇ ସାନି ନିଲାମ କରାଯିବ।
୫. ନିଲାମ ଗ୍ରହୀତା ନିୟମାନୁସାରେ ଗ୍ରାମପଞ୍ଚାୟତ ସହିତ ନିଜ ଖର୍ଚ୍ଚରେ ଏଗ୍ରିମେଣ୍ଟ କରାଇବେ।
୬. ନିଲାମ ସମୟରେ ନିଲାମ ଅଧିକାରୀଙ୍କ ନିଷ୍ପତ୍ତି ସର୍ବୋଚ୍ଚ ଭାବେ ଗ୍ରହଣୀୟ ହେବ। କୌଣସି କାରଣ ନ ଦର୍ଶାଇ ନିଲାମ ଅଧିକାରୀ ସର୍ବୋଚ୍ଚ ଡାକକୁ ମଧ୍ୟ ରଦ୍ଦ କରିପାରିବେ କିମ୍ବା ନିଲାମ ମଧ୍ୟ ବନ୍ଦ କରିପାରିବେ।

**ସ୍ୱା./- ଗୋଷ୍ଠୀ ଉନ୍ନୟନ ଅଧିକାରୀ, ପାଇକମାଲ**

| କ୍ର.ନଂ | ଗ୍ରାମପଞ୍ଚାୟତର ନାମ | ସମ୍ପତ୍ତିର ନାମ | ସରକାରୀ ଧାର୍ଯ୍ୟ ମୂଲ୍ୟ | ସ୍ଥାନ | ତାରିଖ | ସମୟ |
|---|---|---|---|---|---|---|
| ୧ | ବରଡୁଣ୍ଡା | ସାପ୍ତାହିକ ଗୋରୁ ବଜାର | ଟ.୫୪,୧୦,୦୦୦/– | ପଞ୍ଚାୟତ ସମିତି କାର୍ଯ୍ୟାଳୟ, ପାଇକମାଲ | ୧୯।୦୬।୨୦୧୯ | ସକାଳ ୧୧ଟା |

---

## ଓଡ଼ିଶା ରାଜ୍ୟ ସମବାୟ ହସ୍ତଶିଳ୍ପ ନିଗମ ଲିଃ.

Utkalika ଜୟଦେବ ବାଟିକା ଛକ, ଘାଟିକିଆ, ଖଣ୍ଡଗିରି, ଭୁବନେଶ୍ୱର-୩୦, ଫୋନ୍ - ୦୬୭୪-୨୯୭୫୩୯୦

### ଆଗ୍ରହ ପ୍ରକାଶନ

ତା. : ୧୨ ଜୁନ ୨୦୧୯

ଓଡ଼ିଶା ରାଜ୍ୟ ସମବାୟ ହସ୍ତଶିଳ୍ପ ନିଗମ ଲିଃ (ଉତ୍କଳିକା), ଭୁବନେଶ୍ୱରରେ ସୂଚନା ପ୍ରଯୁକ୍ତି ସମନ୍ୱିତ ପ୍ରଣାଳୀ ର ରୂପରେଖ, ବିକାଶ ଓ ସମନ୍ୱିତ ପରିଚାଳନା ପଦ୍ଧତି ର ପ୍ରୟୋଗ ନିମନ୍ତେ ଜଉମୁଦ ଲଫାପା ପ୍ରଣାଳୀରେ ଇ.ଓ.ଆଇ ଆହ୍ୱାନ କରୁଅଛି।

**ଆଗ୍ରହ ପ୍ରକାଶନ କାର୍ଯ୍ୟକ୍ରମ ସୂଚୀ**

ଇ.ଓ.ଆଇ ପ୍ରକ୍ରିୟା ସମ୍ବନ୍ଧୀୟ କାର୍ଯ୍ୟକ୍ରମ ଓ ଗୁରୁତ୍ୱପୂର୍ଣ୍ଣ ସୂଚନା ନିମ୍ନ ସାରଣୀରେ ପ୍ରଦାନ କରାଗଲା।

| କ୍ର. ସଂ | କାର୍ଯ୍ୟକ୍ରମ | ତାରିଖ ଓ ସମୟ | ସ୍ଥାନ |
|---|---|---|---|
| ୦୧ | ନିଲାମ ପ୍ରକାଶନ ର ତାରିଖ | ୧୨/୦୬/୧୯ | ୱେବସାଇଟ |
| ୦୨ | ନିଲାମ ଦାଖଲର ଶେଷ ତାରିଖ | ୨୭/୦୬/୧୯, ଅପରାହ୍ନ ୫ ଘଟିକା | ମୁଖ୍ୟ କାର୍ଯ୍ୟାଳୟ |
| ୦୩ | ସାଧାରଣ ନିଲାମ ଖୋଲାଯିବାର ସମୟ | ୨୮/୦୬/୧୯, ଅପରାହ୍ନ ୪ ଘଟିକା | ମୁଖ୍ୟ କାର୍ଯ୍ୟାଳୟ |
| ୦୪ | ବୈଷୟିକ ନିଲାମ ଖୋଲାଯିବାର ସମୟ | ୨୯/୦୬/୧୯, ଅପରାହ୍ନ ୪ ଘଟିକା | ମୁଖ୍ୟ କାର୍ଯ୍ୟାଳୟ |
| ୦୫ | ଆର୍ଥିକ ନିଲାମ ଖୋଲାଯିବାର ସମୟ | ୩୦/୦୬/୧୯, ଅପରାହ୍ନ ୪ ଘଟିକା | ମୁଖ୍ୟ କାର୍ଯ୍ୟାଳୟ |

ଇ.ଓ.ଆଇ ଫର୍ମ ଓ ଅନ୍ୟାନ୍ୟ ବିବରଣୀ / ସୂଚନା ୱେବସାଇଟ : www.utkalikaodisha.in ରେ ଉପଲବ୍ଧ ଅଟେ। ଇ.ଓ.ଆଇ ନଥିର ମୂଲ୍ୟ ଟ.୨୦୦୦/– ର Draft ଯାହାକି Odisha State Co-operative Handicrafts Corporation Ltd. ଙ୍କ ନାମରେ ଦେୟ ହୋଇଥିବା ଜରୁରୀ ଯାହା ସାଧାରଣ ଇ.ଓ.ଆଇ ସହିତ ମୁଖ୍ୟ କାର୍ଯ୍ୟାଳୟ ରେ ଶେଷ ତାରିଖ ସୁଦ୍ଧା ଦାଖଲ କରାଯିବ। ନଥି ମୂଲ୍ୟର Draft ବିନା ଇ.ଓ.ଆଇ ଗ୍ରହଣୀୟ ହେବ ନାହିଁ। ଜଉମୁଦ ଇ.ଓ.ଆଇ ଦାଖଲର ଶେଷ ତାରିଖ ସୁଦ୍ଧା ଓଡ଼ିଶା ରାଜ୍ୟ ସମବାୟ ହସ୍ତଶିଳ୍ପ ନିଗମ ଲିଃ., ଜୟଦେବ ବାଟିକା ଛକ, ଘାଟିକିଆ, ଖଣ୍ଡଗିରି ଙ୍କ ଠାରେ ସ୍ପିଡପୋଷ୍ଟ / ରେଜିଷ୍ଟ୍ରି ପୋଷ୍ଟ / କୋରିୟର ମାଧ୍ୟମରେ କିମ୍ବା ଟେଣ୍ଡର ବାକ୍ସ ରେ ଦାଖଲ କରାଯିବା ଆବଶ୍ୟକ। ଏହି ବିଜ୍ଞପ୍ତିକୁ ନାକଚ ତଥା ଅସ୍ୱୀକୃତି କରିବାର ସମସ୍ତ ଅଧିକାର ଅଧିକାରୀଙ୍କ ପରିସର ଭୁକ୍ତ ଅଟେ।

ସ୍ୱା/–
ପରିଚାଳନା ନିର୍ଦ୍ଦେଶକ

---

## idco ODISHA — NEW OPPORTUNITIES

**ODISHA INDUSTRIAL INFRASTRUCTURE DEVELOPMENT CORPORATION**
(A Government of Odisha Undertaking)
IDCO Towers, Janpath, Bhubaneswar - 751022

OFFICE OF THE CHIEF GENERAL MANAGER (CIVIL) IDCO, IDCO TOWER, BHUBANESWAR.
Tender Call Notice No. HO/CIVIL/T&E-E-4277/04/2019/9970 — Date: 06.06.2019

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

**Name of the Work** : Construction of 500KVA, 11/0.4KV Plinth Mounted Substation and 11KV O.H. line for power supply arrangement to new office building of OREDA at Mancheswar I.E. Bhubaneswar.

| Procurement Officer | Bid Identification No. | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| CGM(Civil), IDCO, IDCO Towers, Janpath, Bhubaneswar | Bid ID. No. CIVIL/EST/01/2019-20 | 12.00 Hours of dt. 13.06.2019 | 17.00 Hours of dt. 25.06.2019 |

Further details can be seen from the e-procurement portal. **www.tendersodisha.gov.in**. Corrigendum or Addendum, if any will not be published in newspapers and can be seen in e-procurement portal as well as in IDCO website.

Sd/-
**Chief General Manager (Civil)**
**IDCO, Bhubaneswar**

---

## idco ODISHA — NEW OPPORTUNITIES

**ODISHA INDUSTRIAL INFRASTRUCTURE DEVELOPMENT CORPORATION**
(A Government of Odisha Undertaking)
IDCO Towers, Janpath, Bhubaneswar - 751022

File No. HO/FIN/E-3109/2018/10193 — Date: 11.06.2019

**REQUEST FOR PROPOSALS (RFP) FOR ENGAGEMENT OF MANPOWER SERVICE PROVIDERS FOR ENGAGEMENT OF ACCOUNTS PERSONNEL WITH INTER CA/INTER CWA.**

Sealed Request for Proposals (RFP) are invited from reputed Manpower Service Providers / Agencies to provide services of the Accounts personnel with inter CA/Inter CWA on contract basis to IDCO for a period of One year.

The last date of submission of RFP documents is **05.07.2019 up at 13.00 Hrs.** and will be opened on the same date at **15.30 Hrs.** The RFP documents shall be submitted to the undersigned by Regd. Post/Speed Post only. The Corporation is not responsible for any postal delay.

The RFP documents for the above purpose can be downloaded from our website **www.idco.in.**

The Competent Authority of IDCO reserves the right to reject any or all bids without assigning any reason thereof.

Sd/-
**Chief General Manager (P&A)**

---

## STATE POLLUTION CONTROL BOARD, ODISHA

**(Department of Forest & Environment, Govt. of Odisha)**
**Paribesh Bhawan, A/118, Nilakanthanagar, Unit - VIII, Bhubaneswar - 751012**
**Tel.: 0674-2564033, Fax: 0674-2564033/2564573, EPABX: 2561909/2562847**
**e-mail: paribesh1@ospcboard.org**
**Website: www.ospcboard.org**

**No.: 5521/Ind-II-Misc-1725** — **Date: 10.06.19**

### INVITATION FOR EXPRESSION OF INTEREST (EoI) FOR SOURCE APPORTIONMENT AND EMISSION INVENTORY STUDY FOR ANGUL, TALCHER-ROURKELA CITY AND CUTTACK-BHUBANESWAR-BALASORE CITY IN ODISHA

1. The Odisha State Pollution Control Board (OSPCB) intends to engage educational and research institutions of National and International repute, to carry out Source Apportionment and Emission Inventory study for i. Angul, Talcher and Rourkela and ii. Cuttack, Bhubaneswar & Balasore city and prepare strategy for cost effective measures for abatement of air pollution in these areas. The study will be two separate assignments for a period of one and half years.
2. Reputed educational and research institutions, recognized by the State and Central Government, are requested to submit Expression of Interest (EoI) for carrying out the proposed study for the sites. The EoI shall indicate their interest in carrying out source apportionment and emission inventory study and prescribing cost effective measures for abatement of air pollution in the above areas. *The institutions man submit their EoI for any one study or for both the studies separately*.
3. The interested institutions may submit the Expression of Interest (EoI) by providing required information as per the **prescribed format**, which is downloadable from the website: **www.ospcboard.org (In advertisement page under Tender & Advertisement tab)** of OSPCB.
4. The EoI, filled in as per the prescribed format and supported with relevant documents, must reach the Office of Member Secretary, State Pollution Control Board, Odisha, Paribesh Bhawan, A/118, Nilakantha Nagar, Unit-VIII, Bhubaneswar - 751012 on or before 10.07.2019, 5.00 P.M. The envelope must be clearly superscripted as **"EXPRESSION OF INTEREST FOR SOURCE APPORTIONMENT AND EMISSION INVENTORY STUDY FOR ANGUL, TALCHER-ROURKELA CITY AND CUTTACK-BHUBANESWAR-BALASORE CITY IN ODISHA"**.
5. The EoI can be submitted through Registered Post/Speed Post. The OSPCB shall not be held responsible for any postal delay for non-receipt of EoI within scheduled date and time.
6. Interested institutions are advised to visit the site before submission of EoI. Once EoI received; it will be presumed that the institute has visited the site and collected relevant information for submission of his EoI.
7. The SPCB reserves the right to reject any or all EoIs without assigning any reason thereof.

**Sd./- Member Secretary**
**State Pollution Control Board, Odisha**

---

## ବାରିପଦା ପୌର ପରିଷଦ

**ବାରିପଦା, ମୟୂରଭଞ୍ଜ – ୭୫୭୦୦୧**
**Tel.: 06792-252703, Website: www.baripadamunicipality.in, e-mail: baripadam.hud@nic.in**

ପତ୍ର ସଂଖ୍ୟା: 5032/ଟ୍ୟାକ୍ସ — ତା୧୦।୦୬।୧୯ରିଖ

### ନିଲାମ ଇସ୍ତାହାର

No.: 24-C: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ବାରିପଦା ପୌରପରିଷଦ ଅନ୍ତର୍ଗତ ନିମ୍ନଲିଖିତ ସୈରାତ ଉତ୍ସଗୁଡ଼ିକ ତା୦୧।୦୭।୨୦୧୯ରିଖଠାରୁ ତା୩୦।୦୬।୨୦୨୦ରିଖ ପର୍ଯ୍ୟନ୍ତ (ଏକବର୍ଷ ପାଇଁ) ଏବଂ ଅନ୍ୟ ନିମ୍ନରେ ଦର୍ଶାଯାଇଥିବା କେତେଗୋଟି ସୈରାତ ଉତ୍ସ ତା୦୧।୦୭।୨୦୧୯ରିଖ ଠାରୁ ତା୩୦।୦୬।୨୦୨୨ରିଖ (୩ ବର୍ଷ ପାଇଁ) ଜଉମୁଦ ନିବିଦା (Sealed Quotation) ଆହ୍ୱାନ କରାଯାଉଅଛି। ପୌର ପରିଷଦର ନିମ୍ନଲିଖିତ ସର୍ତ୍ତ ଅନୁଯାୟୀ ଇଚ୍ଛୁକ ବ୍ୟକ୍ତି ବିଶେଷ ବା ଅନୁଷ୍ଠାନମାନେ ନିବିଦା କାଗଜ କିଣି ତା୧୯।୦୬।୨୦୧୯ରିଖ ଦିବା ୩ଘଟିକା ସୁଦ୍ଧା ସେଥିରେ ଆବେଦନ କରୁଥିବା ସୈରାତର ସର୍ବୋଚ୍ଚ ମୂଲ୍ୟ ଦର୍ଶାଇ ନିବିଦା ଦାଖଲ କରିପାରିବେ। ଏଥିରେ ବ୍ୟତିକ୍ରମ ପରିଲକ୍ଷିତ ହେଲେ ନିବିଦା ଗ୍ରହଣୀୟ ହେବନାହିଁ। ଯେଉଁମାନଙ୍କର ସର୍ବୋଚ୍ଚ ଦର ଯଦି ସନ୍ତୋଷଜନକ ନ ହୁଏ, ତାହାହେଲେ ପୁଣି ସାନି ନିବିଦା ଆହ୍ୱାନ କରାଯିବ। ସର୍ବୋଚ୍ଚ ଦରକୁ ଗ୍ରହଣ କରିବାକୁ ପୌରପରିଷଦ କର୍ତ୍ତୃପକ୍ଷ ବାଧ ନୁହଁନ୍ତି। ଦରକାର ହେଲେ ସମସ୍ତ ନିଲାମକୁ କୌଣସି କାରଣ ନ ଦର୍ଶାଇ ରଦ୍ଦ କରାଯାଇପାରେ। ଦାଖଲ ହୋଇଥିବା ନିବିଦାଦ୍‌ଗୁଡ଼ିକ ସେହିଦିନ ଅର୍ଥାତ୍ ତା୧୯।୦୬।୨୦୧୯ରିଖ ଦିବା ୪ଘଟିକା ସମୟରେ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ନିବିଦାଦାତା ବା ସେମାନଙ୍କ ଦ୍ୱାରା କ୍ଷମତାପ୍ରାପ୍ତ ପ୍ରତିନିଧି ଓ ଟେଣ୍ଡର କମିଟି ସଦସ୍ୟମାନଙ୍କ ଉପସ୍ଥିତିରେ ଖୋଲାଯିବ। ଯଦି ଉକ୍ତ ଦିବସରେ କୌଣସି ସୈରାତ ସ୍ଥିରୀକୃତ ହୋଇ ନ ପାରିବ, ତେବେ ଦ୍ୱିତୀୟ ପର୍ଯ୍ୟାୟ ତା୨୨।୦୬।୨୦୧୯ରିଖ ଓ ତୃତୀୟ ପର୍ଯ୍ୟାୟରେ ତା୨୬।୦୬।୨୦୧୯ରିଖ ନିବିଦା କାଗଜ (Quotation Paper) କିଣି ଦିବା ୩ଘଟିକା ସୁଦ୍ଧା ଆବେଦନ କରିପାରିବେ ଓ ତାହା ଉକ୍ତ ଦିନ ଦିବା ୪ ଘଟିକା ସମୟରେ ନିବିଦାକାରୀ ଓ ଟେଣ୍ଡର କମିଟି ସଦସ୍ୟମାନଙ୍କ ଉପସ୍ଥିତିରେ ଖୋଲାଯିବ। ସବିଶେଷ ବିବରଣୀ ଜାଣିବାପାଇଁ ଇଚ୍ଛୁକ ବ୍ୟକ୍ତି କାର୍ଯ୍ୟାଳୟ ଦିବସମାନଙ୍କରେ ବୁଝିପାରିବେ।

| Sl. No. | Name of the Sairat | Period | Upset Price | S.D. Money | Cost of Quotation Paper |
|---|---|---|---|---|---|
| **SPACE (Lease Terms 1 Year)** | | | | | |
| 1 | Market Cycle Stand | 01.07.2019 to 30.06.2020 | 23,393.00 | 2339.00 | 200.00 |
| 2 | K.M.B.M. Cycle Stand | 01.07.2019 to 30.06.2020 | 11,898.00 | 1190.00 | 100.00 |
| 3 | Day & Night Kacheri Market Cycle & other vehicle stand | 01.07.2019 to 30.06.2020 | 1,66,100.00 | 16,610.00 | 500.00 |
| 4 | Baripada Market & other places (except Ward No.-13 & 20(P) | 01.07.2019 to 30.06.2020 | 27,18,936.00 | 2,71,894.00 | 1500.00 |
| 5 | Biju Pattanaik Park Canteen | 01.07.2019 to 30.06.2020 | 57,279.00 | 5728.00 | 500.00 |
| 6 | Station Bazar Daily Market (Ward No.13 & 20(P) | 01.07.2019 to 30.06.2020 | 8,03,000.00 | 80,300.00 | 1000.00 |
| 7 | Carts & Carriage with Dog Licence | 01.07.2019 to 30.06.2020 | 59,126.00 | 5,913.00 | 500.00 |
| 8 | Triangular place at K.M.B.M. Road | 01.07.2019 to 30.06.2020 | 7,70,000.00 | 77,000.00 | 1000.00 |
| 9 | Bus-Stand Parking | 01.07.2019 to 30.06.2020 | 3,87,189.00 | 38,719.00 | 1200.00 |
| **PONDS (Lease Terms 3 years)** | | | | | |
| 10 | Chapel Tank | 01.07.2019 to 30.06.2022 | 95,040.00 | 9504.00 | 700.00 |
| 11 | Stationbandha | 01.07.2019 to 30.06.2022 | 2,56,300.00 | 25,630.00 | 1000.00 |
| 12 | Badapokhari | 01.07.2019 to 30.06.2022 | 2,16,038.00 | 21,604.00 | 1000.00 |
| 13 | Ghodasal Bandha | 01.07.2019 to 30.06.2022 | 80,300.00 | 8030.00 | 700.00 |

ନିମ୍ନୋକ୍ତ ସର୍ତ୍ତାବଳୀ ଅନୁଯାୟୀ ନିବିଦା ଚୂଡ଼ାନ୍ତ କରାଯିବ।

୧. ପୂର୍ବ ବର୍ଷର ନିଲାମ ଟଙ୍କା ବକେୟା ରଖିଥିବା ବ୍ୟକ୍ତିବିଶେଷ ବା ଅନୁଷ୍ଠାନମାନେ ନିଲାମରେ ଭାଗ ନେଇ ପାରିବେ ନାହିଁ।
୨. ନିବିଦା ଦାଖଲ କରିବା ବ୍ୟକ୍ତିବିଶେଷମାନେ ନିବିଦା (Quotation) ସହିତ Solvency Certificate ବା ନିବିଦା ମୂଲ୍ୟର ବ୍ୟାଙ୍କ Guarantee in favour of "Executive Officer, payable at Baripada" ଦାଖଲ କରିବେ, ନଚେତ ଦାଖଲ କରିଥିବା ନିବିଦା ଗ୍ରହଣୀୟ ହେବନାହିଁ।
୩. ନିବିଦା ସହିତ ଆବଶ୍ୟକୀୟ S.D. Money (ଅମାନତ ଟଙ୍କା) "Bankers Check or D.D. in favour of the Executive Officer, Baripada Municipality, Baripada, payable at ବାରିପଦା" ଜରିଆରେ ଦାଖଲ କରିବେ।
୪. ନିବିଦାଦାତା ପୌରାଞ୍ଚଳ ଅଧିବାସୀ ହୋଇଥିବେ ଏବଂ ତାହାର ଏକ ପ୍ରମାଣ ସ୍ୱରୂପ ଆବେଦନ ସମୟରେ ଗୃହ ଟିକସ/ଦୋକାନ ଭଡ଼ା (ଯଦି ଦୋକାନ ଥାଏ) ଓ ଅନ୍ୟାନ୍ୟ ଟେକ୍ସ ୨୦୧୯–୨୦ ଆର୍ଥିକ ବର୍ଷ ପାଇଁ ପୈଠ ସମ୍ବନ୍ଧୀୟ ରସିଦର ନକଲ କପି ନିବିଦା ସହିତ ଦାଖଲ କରିବେ। ନଚେତ ତାହା ଗ୍ରହଣୀୟ ହେବ ନହିଁ।
୫. ଯାହାଙ୍କ ନାମରେ ନିଲାମ ସିଦ୍ଧ ହେବ ସେ କାର୍ଯ୍ୟାଳୟର ସୂଚନା ପ୍ରାପ୍ତିର ୩(ତିନି) ଦିନ ମଧ୍ୟରେ ଏକକାଳୀନ ସମସ୍ତ ଧାର୍ଯ୍ୟ ଦେୟ ମ୍ୟୁନିସିପାଲିଟି ଅଫିସରେ ପୈଠ କରିବେ। ନଚେତ ତାଙ୍କର ଜମାଥିବା ଅମାନତ ଟଙ୍କା ବାଜ୍ୟାପ୍ତି କରାଯିବ ଏବଂ ସମ୍ପୃକ୍ତ ନିଲାମର ଦ୍ୱିତୀୟ ସର୍ବୋଚ୍ଚ ଦର ଉପସ୍ଥାପନ କରିଥିବା ଅନ୍ୟ ବ୍ୟକ୍ତି ବା ଅନୁଷ୍ଠାନଙ୍କୁ ନିଲାମରେ ଦିଆଯିବ।
୬. ଯେଉଁ ବ୍ୟକ୍ତିଙ୍କ ନାମରେ ନିଲାମ ସିଦ୍ଧ ହେବ, ସେ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସହିତ ଆବଶ୍ୟକୀୟ ଚୁକ୍ତିପତ୍ର ନିଲାମ ଚୂଡ଼ାନ୍ତ ହେବାର ୭ (ସାତ) ଦିନ ମଧ୍ୟରେ କରିବେ।
୭. ଯେଉଁ ବ୍ୟକ୍ତିଙ୍କ ନାମରେ ନିଲାମ ସିଦ୍ଧ ହେବ, ତାଙ୍କର ଅମାନତ ଟଙ୍କା ନିଲାମ ଅବଧି ସରିଲା ପରେ ଆବେଦନ କ୍ରମେ ଫେରସ୍ତ ଦିଆଯିବ ଓ ଏହା ସହିତ ଅସିଦ୍ଧ ହୋଇଥିବା ଅନ୍ୟ ନିଲାମଧାରୀଙ୍କର ଅମାନତ ଟଙ୍କା ନିଲାମ ପ୍ରକ୍ରିୟା ସରିଲା ପରେ ଦରଖାସ୍ତ ମାଧ୍ୟମରେ ଅମାନତ ଟଙ୍କାର ମୂଳ ରସିଦ ଦର୍ଶାଇ ଫେରସ୍ତ ନେଇପାରିବେ।
୮. ସରକାରଙ୍କ ଦ୍ୱାରା ଧାର୍ଯ୍ୟ ଦେୟରେ ପରିବର୍ତ୍ତନ ହେଲେ କିମ୍ବା ନିୟମରେ କୌଣସି ପରିବର୍ତ୍ତନ କରାଗଲେ ନିଲାମଧାରୀ ତାହା ପାଳନ କରିବାକୁ ବାଧ ରହିବେ।
୯. ସାଧାରଣ ନିର୍ବାଚନ – ୨୦୧୯ର ଆଚରଣବିଧିକୁ ଦୃଷ୍ଟିରେ ରଖି ପୂର୍ବ ବର୍ଷ ସୈରାତ ଉତ୍ସଗୁଡ଼ିକ ଆଗାମୀ ତିନି ମାସ ସମୟସୀମା ସମ୍ପ୍ରସାରଣ କରି ନିଲାମଧାରୀଙ୍କୁ କାର୍ଯ୍ୟାଳୟ ନୋଟିସ୍ ମାଧ୍ୟମରେ ଧାର୍ଯ୍ୟ ହୋଇଥିବା ନିଲାମ ଦର ଜମା କରିବା ଆଦେଶ ଦିଆଯାଇଥିବା ସତ୍ତ୍ୱେ ଯେଉଁମାନେ ନିଲାମ ଦର ଜମା କରିନାହାନ୍ତି, ସେମାନେ ଏହି ନିଲାମରେ ଭାଗ ନେଇପାରିବେ ନାହିଁ।

**ସ୍ୱା./– କାର୍ଯ୍ୟ ନିର୍ବାହୀ ଅଧିକାରୀ, ବାରିପଦା ପୌରପରିଷଦ**

13078/11/0001/1920

---

## OFFICE OF THE VYASANAGAR MUNICIPALITY VYASANAGAR, JAJPUR

**No. 1190//** — **Dated: 10.06.2019**

### EXPRESSION OF INTEREST

1. The Executive Officer Vyasanagar Municipality invites sealed quotations from registered reputed service providers/ manpower outsourcing agencies to provide the service different category of manpowers to Vyasanagar Municipality for a period of one year w.e.f Dt 01.07.2019 to 30.06.2020 on contract basis for day to day official work.
2. Bid Documents consisting of specification, scope of work and the set of Terms & Conditions of Contract and other necessary documents can be seen in the Office of the Undersign during Office Hour on all working days.
3. The Bid documents can be purchased from the Municipal office against a non-refundable fee of Rs. 2000/- towards cost of Bid documents in shape of DD/ Bankers Cheque issued from any Nationalized/ Scheduled Bank payable at Jajpur Road in favour of the Executive Officer, Vyasanagar Municipality.
4. Bids must accompany with EMD of Rs. 10,000/- in shape of DD/ Pay order/ Bankers Cheque from any Nationalized Bank/ Scheduled Bank in favour of the Executive Officer, Vyasanagar Municipality.
5. The sale of Bid Documents shall start from dt. 18.06.2019 and close on dt.24.06.2019 at 5.00 PM during office hours. Bids shall be received in the tender box during office hours up to 1.00 PM of dt. 25.06.2019.
6. The Bids will be opened at 3.30 PM on dt. 25.06.2019 in presence of the Bidders who wish to attend.
7. The undersigned reserves the right to accept / reject any part thereof or all the Bids without assigning any reason thereof.
8. Supply order will be placed as per requirement of different categories of personnel.

**Sd./- Executive Officer**
**Vyasanagar Municipality**

---

## ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ, ବରଗଡ଼

### ବିଜ୍ଞାପନ

ବରଗଡ଼ ଜିଲ୍ଲା ଅଧୀନରେ **୨୦୧୦–୧୧**ବର୍ଷ ପାଇଁ **୦୯**ଗୋଟି ଚୁକ୍ତିଭିତ୍ତିକ ପ୍ରାଣୀଧନ ନିରୀକ୍ଷକ ପଦବୀ ପୂରଣ ନିମନ୍ତେ ଆବେଦନ କରିଥିବା ପ୍ରାର୍ଥୀ/ପ୍ରାର୍ଥିନୀଙ୍କ ପାଇଁ **ସୂଚନା)**

ତା: **୧୨।୧୦।୨୦୧୩**ଦିନ ଓଡ଼ିଆ ଦୈନିକ ଖବରକାଗଜ ସମ୍ବାଦ ଓ ସମାଜରେ ପ୍ରକାଶିତ ବିଜ୍ଞାପନ ଅନୁସାରେ ବରଗଡ଼ ଜିଲ୍ଲାରେ **୦୯**ଗୋଟି ଚୁକ୍ତି ଭିତ୍ତିକ ପ୍ରାଣୀଧନ ନିରୀକ୍ଷକ ପଦବୀ ପାଇଁ ଆବେଦନ କରିଥିବା ପ୍ରାର୍ଥୀ/ପ୍ରାର୍ଥିନୀଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଉକ୍ତ ପଦବୀ ସମ୍ପର୍କିତ ପ୍ରାଥମିକ ଚିଠା ସୂଚୀ (**Common Draft List**) ଏନ୍.ଆଇ.ସି. ବରଗଡ଼ ୱେବସାଇଟ୍‌ରେ ତା:୧୧।୦୬।୨୦୧୯ସୁଦ୍ଧା ଅପ୍‌ଲୋଡ କରାଯାଇଅଛି। ଏଣୁ ପ୍ରାର୍ଥୀ/ପ୍ରାର୍ଥିନୀମାନେ ଯଦି ଆବେଦନ ସମ୍ବନ୍ଧୀୟ କୌଣସି ଅଭିଯୋଗ କିମ୍ବା ଆବେଦନପତ୍ରରେ ଯଦି କୌଣସି ଦସ୍ତାବେଜ ସଂଲଗ୍ନ କରିବାକୁ ଚାହାନ୍ତି ତେବେ ନିମ୍ନଲିଖିତ ସମୟ ସୀମା ମଧ୍ୟରେ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ, ବରଗଡ଼ଠାରେ ଲିଖିତ ଭାବରେ ଦାଖଲ କରିବାକୁ ଅନୁରୋଧ। ସୂଚନାଥାଉ କି, ନିର୍ଦ୍ଧାରିତ ସମୟ ସୀମା ଅତିକ୍ରାନ୍ତେ କୌଣସି ଅଭିଯୋଗ କିମ୍ବା ନଥିପତ୍ର ଗ୍ରହଣ କରାଯିବ ନାହିଁ।

**ଅଭିଯୋଗ ଗ୍ରହଣର ଶେଷ ତାରିଖ ତା:୧୮।୦୬।୨୦୧୯ଅପରାହ୍ନ ୫ଟା ପର୍ଯ୍ୟନ୍ତ।**

**ସ୍ୱା./- ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ, ବରଗଡ଼**

---

## ODISHA SPACE APPLICATIONS CENTRE (ORSAC)

**(Dept. of Science & Technology, Govt. of Odisha, Bhubaneswar)**

### NOTICE No. 09 / 2019

No. CAD-88:- Applications are invited from Qualified, Experienced and Competent Indian Citizens, having a minimum experience of three years, in IT Industry / Production environment, in Design, Development, Commissioning, Operation, Maintenance and Supervision of Enterprise Class Web- Enabled Geo-informatics / GIS Applications in the following Domain Specialities i.e.

1. Unix / Linux Server & Network Admin
2. Database and Spatial Database Admin
3. Open Source GIS Server & Web-GIS Admin
4. Web & Mobile GIS Application Developer

For details refer to :- http://www.orsac.gov.in "All Advertisement" section of www.odisha.gov.in and www.naukri.com .

28007/11/0004/1920 — Chief Executive

---

## ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ

ଆକାଶ ଶୋଭା ବିଲ୍‌ଡିଂ
**ପଣ୍ଡିତ ଜବାହାରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର – ୭୫୧୦୦୧**
**ପତ୍ର ସଂଖ୍ୟା: ୧୩୬୧୫/ଭୁ.ଉ.କ., ଭୁବନେଶ୍ୱର ତା୩୦।୦୫।୨୦୧୯ରିଖ**
**SRC - 638/88**

### ସୂଚନା

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ଚନ୍ଦ୍ରଶେଖରପୁର ଫେଜ୍–୨ ଜମି ପ୍ରକଳ୍ପର ପ୍ଲଟ୍ ନଂ. S–5/36ଙ୍କୁ ଶ୍ରୀମତୀ ସଙ୍ଗମିତ୍ରା ମହାନ୍ତି, ସ୍ୱାମୀ–ବାସୁଦେବ ମହାନ୍ତି, ଗ୍ରାମ/ପୋଅ/ଥାନା/ଜିଲ୍ଲା–ଜଗତ୍‌ସିଂହପୁର, ଓଡ଼ିଶାଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନଗ୍ରାହୀ ଶ୍ରୀମତୀ ସଙ୍ଗମିତ୍ରା ମହାନ୍ତି ଉକ୍ତ ପ୍ଲଟ୍‌କୁ ତୃତୀୟପକ୍ଷ ଅନ୍ତରଣ ଆଧାରରେ ଶ୍ରୀମତୀ ଦୀପ୍ତିମୟୀ ଧଳ, ସ୍ୱାମୀ–ମାନସ ରଞ୍ଜନ ଧଳ, ଫ୍ଲାଟ୍ ନଂ.ଏକ୍ସ–୧, ଫ୍ଲୋର ନଂ.୬, ମେଟ୍ରୋ ଗାର୍ଡେନ୍ ଇଷ୍ଟେଟ, ହଜରୀ ଲେନ୍,ପୋଅ–ତେଲେଙ୍ଗା ବଜାର, ଥାନା–ପୁରୀଘାଟ, ଜିଲ୍ଲା–କଟକ, ଓଡ଼ିଶାଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ପ୍ଲଟ୍‌ର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ୍ ପ୍ରକାଶନର(୧୫) ପନ୍ଦର ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟ୍‌ର ମାଲିକାନା ପରିବର୍ତ୍ତନ ଆଇନ୍ ଅନୁଯାୟୀ କରାଯିବ।

**ସ୍ୱା./– ଆବଣ୍ଟନ ଅଧିକାରୀ–୧**

---

## Odisha Lift Irrigation Corporation Ltd.

**(A Govt. of Odisha Undertaking)**
**OFFICE OF THE EXECUTIVE ENGINEER**
**L.I.DIVISION, BARGARH** — No.CAD-89
**E-Procurement Notice-01/ 2019-20**
**E-mail- eeolicbgh@gmail.com, Ph-** 06646-246126

**No.** — **Dated :**

| | | |
|---|---|---|
| 1. | Name of the tender inviting Officer | : Executive Engineer, L.I. Division, Bargarh |
| 2. | Name of the work | : Power supply, Installation of pump sets and energisation of 15 Nos. River Lift Projects in different Blocks of Bargarh District |
| 3. | No. of Packages | : 15 Nos. |
| 4. | Tender Amount | : Varies from 20.40 lakhs to 55.90 Lakhs |
| 5. | Date and time of availability of bid documents in the portal for online bidding | : from 10.00 hrs dated: 18.06.2019 to 17.00 hrs dated 22.06.2019. |
| 6. | Last date and time of receipt of bids in the portal up to | : 17.00hrs. Dated : 22.06.2019. |
| 7. | Last date and time of clarification up to | : 17.00hrs. Dated:20.06.2019 |
| 8. | Date and time of submission of bid documents (hard copies) on dated | : 17.00hrs. Dated-24.06.2019 from 10.00hrs to 17.00hrs. |
| 9. | Date of opening of technical bid (cover-1) | : at 11.00hrs. Dated-25.06.2019 |
| 10. | Date of opening of financial bid (cover-2) will be informed after evaluation of technical bids. | |
| 11. | Further details can be seen from the e-procurement portal of Govt. of Odisha i.e. www.tendersorissa.gov.in. | |
| 12. | Subsequent corrigendum / addendum if required shall be available in the above portal. | |

Sd./- Executive Engineer
LI Division, Bargarh

32277/11/0001/1920

## ଚିନାବାଦାମ ଚାଷ ପାଇଁ...



**ଜ**ମିକୁ ଗଭୀର ଚାଷ କରି ମାଟି ଗୁଣ୍ଡ କରନ୍ତୁ।
– ହେକ୍ଟର ପ୍ରତି ୧୨୦ କି.ଗ୍ରା. ମଞ୍ଜି ବ୍ୟବହାର କରନ୍ତୁ (୧୭୫ କି.ଗ୍ରା. ଚୋପାଲଗା ଚିନାବାଦାମ)।
– ଧାଡ଼ିକୁ ଧାଡ଼ି ୩୦ ସେ.ମି. ଓ ମଞ୍ଜିକୁ ମଞ୍ଜି ୧୦ ସେ.ମି. ବ୍ୟବଧାନ ରଖନ୍ତୁ । କିନ୍ତୁ ଲୋଟଣୀ ଜାତୀୟ ଚିନାବାଦାମ କରୁଥିଲେ ମଞ୍ଜିକୁ ମଞ୍ଜି ୧୫ ସେ.ମି. ବ୍ୟବଧାନ ରଖିବା ଭଲ।
– ହେକ୍ଟର ପ୍ରତି ୨୫ ଗାଡ଼ି ଶଢ଼ା ଗୋବର ଖତ ବା କମ୍ପୋଷ୍ଟ ସହ ୨୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫରସ୍ ଓ ୪୦ କି.ଗ୍ରା. ପଟାସ୍ ଶେଷଓଡ଼ ଚାଷ ସମୟରେ ପ୍ରୟୋଗ କରନ୍ତୁ।
– ଚିନାବାଦାମ ଗନ୍ଧକ ଓ ଚୂନ ଚାହିଦା ମେଣ୍ଟାଇବା ପାଇଁ ଫସ୍‌ଫରସ୍ ସାରକୁ ସିଙ୍ଗଲ୍ ସୁପର ଫସ୍‌ଫେଟ୍ ଆକାରରେ ପ୍ରୟୋଗ କରନ୍ତୁ ନଚେତ୍ ହେକ୍ଟର ପ୍ରତି ୨୫୦ କି.ଗ୍ରା. ଜିପ୍‌ସମ୍ ପ୍ରୟୋଗ କରନ୍ତୁ।
– ଉଇ ଉପଦ୍ରୁତ ଅଞ୍ଚଳରେ ଶେଷଓଡ଼ ଚାଷବେଳେ ହେକ୍ଟର ପ୍ରତି ୨୫ କି.ଗ୍ରା. କ୍ଲୋରପାଇରିଫସ୍ ଗୁଣ୍ଡ ପ୍ରୟୋଗ କରି ମାଟିରେ ମିଶାଇ ଦିଅନ୍ତୁ।

## ନଳିତା ଚାଷ

**ନ**ଳିତା ଫସଲର ଘାସବଛା କାର୍ଯ୍ୟ ଶୀଘ୍ର ଶେଷ କରନ୍ତୁ।
– ଫସଲ ଗଜା ହେବାର ୨୧ ଦିନ ମଧ୍ୟରେ ପ୍ରଥମ ଥର ଏବଂ ଏହାର ଠିକ୍ ୭ ଦିନ ପରେ ଆଉଥରେ କୋଡ଼ାଖୁସା ଓ ଘାସ ବଛା କରି ଗଛ ପତଳା କରି ଦିଅନ୍ତୁ ଯେପରି ଗଛକୁ ଗଛ ୫ ରୁ ୭ ସେ.ମି. ମଧ୍ୟରେ ବ୍ୟବଧାନ ରହିବ।
–ଏହି ସମୟରେ ହେକ୍ଟର ପ୍ରତି ୨୦–୩୦ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗ କରନ୍ତୁ।
– ଜମିରେ ଜଳ ନିଷ୍କାସନର ବ୍ୟବସ୍ଥା କରନ୍ତୁ।
– ଏ ମାସରେ ଘୋଡ଼ାପୋକ ଓ ପତ୍ରକଟା ପୋକ ଦ୍ୱାରା ଫସଲ ଆକ୍ରାନ୍ତ ହୋଇଥାଏ। ଏହାକୁ ନିୟନ୍ତ୍ରଣ କରିବାକୁ ହେଲେ ହେକ୍ଟର ପ୍ରତି ୧ଲିଟର ପ୍ରୋଫେନୋଫସ୍ ୫୦୦ ଲିଟର ପାଣିରେ ମିଶାଇ ପତ୍ର ସିଞ୍ଚନ କରନ୍ତୁ।



# ପରିବେଶ ସୁରକ୍ଷାରେ କୃଷି ବନୀକରଣ



ଗୟାଧର ଶିଅଳ





**ଆ**ମ ଚତୁଃପାର୍ଶ୍ୱରେ ଘେରି ରହିଥିବା ବାୟୁମଣ୍ଡଳ, ବାରିମଣ୍ଡଳ, ଜୀବମଣ୍ଡଳ, ସ୍ଥଳମଣ୍ଡଳକୁ ଆମେ ପରିବେଶ ବୋଲି କହିଥାଉ। ଏଥିରେ ପ୍ରକୃତି ଓ ସୌନ୍ଦର୍ଯ୍ୟ ଭରି ରହିଥିବା ସହ ଏହା ଆମ ଜୀବନ ଜୀବିକାର ଉତ୍ସ। ଆମେ ବ୍ୟବହାର କରୁଥିବା ବିଭିନ୍ନ ଦ୍ରବ୍ୟର ଉତ୍ପାଦନ ପାଇଁ ଆବଶ୍ୟକ ଉପାଦାନଗୁଡ଼ିକ ପରିବେଶ ହିଁ ଯୋଗାଇଥାଏ। ଜୀବନ ଧାରଣ ନିମନ୍ତେ ସର୍ବନିମ୍ନ ଆବଶ୍ୟକତା ପୂରଣ କରୁଥିବା ପଦାର୍ଥ ଯଥା ଖାଦ୍ୟ, ପାନୀୟ, ବାୟୁ, ବସ୍ତ୍ର, ମୃତ୍ତିକା, କୃଷି ବନୀକରଣ ଆଦି ଯୋଗାଇ ପରିପୁଷ୍ଟ କରୁଥିବା ଜୀବମଣ୍ଡଳର ଅନ୍ୟତମ ମୁଖ୍ୟ ଅଂଶ ହେଉଛି ପରିବେଶ। କିନ୍ତୁ ଆମେ ବିଭିନ୍ନ କ୍ଷେତ୍ରରୁ ନିର୍ଗତ ବର୍ଜ୍ୟବସ୍ତୁଗୁଡ଼ିକୁ ସେହି ପରିବେଶରେ ହିଁ ଛାଡ଼ି ଦେଉ ଓ ଏହାକୁ ଏକ ଡଷ୍ଟବିନ ଭାବରେ ବ୍ୟବହାର କରୁ। ଯିଏ ଆମକୁ ସୁରକ୍ଷା ଦେଉଛି, ଆମେ ତାକୁ ସୁରକ୍ଷିତ ରଖିବାରେ ଅବହେଳା କରୁଛୁ।

**ପରିବେଶ ପ୍ରଦୂଷଣର ମୁଖ୍ୟ କାରଣ:** ପରିବେଶ ପ୍ରଦୂଷଣର ମୁଖ୍ୟ କାରଣ ହେଉଛି, ବିଶ୍ୱର ସର୍ବଶ୍ରେଷ୍ଠ ସୃଷ୍ଟି ମଣିଷ। ଉନ୍ନତି ତଥା ପ୍ରଗତି ନାମରେ ମଣିଷ ଆଜି ନିଜ ପାଇଁ ନିଜେ ଶତ୍ରୁ ପାଲଟିଛି। ପ୍ରତ୍ୟେକ ବ୍ୟକ୍ତି ପରିବେଶକୁ କିଛି ନା କିଛି ଆଘାତ ଦେଉଛନ୍ତି ଓ ଏହା ଦ୍ୱାରା ସେ ଅନ୍ୟର ସୁସ୍ଥ ଜୀବନର ଅଧିକାର ପ୍ରତି ବାଧା ସୃଷ୍ଟି କରୁଛନ୍ତି। ଜଗତୀକରଣ, ଶିଳ୍ପାୟନ ଓ ଅତ୍ୟନ୍ତ ସୁଖ ସ୍ୱାଚ୍ଛନ୍ଦ୍ୟର ଜୀବନ ନିର୍ବାହ ଲାଳସା ହେତୁ ପରିବେଶ ପ୍ରଦୂଷଣ ବଢ଼ିବାରେ ଲାଗିଛି।

ଉଦାହରଣ ସ୍ୱରୂପ ଅଳ୍ପ ସମୟ ମଧ୍ୟରେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଯାତାୟାତ କରିବା ପାଇଁ ଯେଉଁ ଯାନବାହନରେ ଯାଉଛେ, ସେଥିରେ ବିପୁଳ ପରିମାଣରେ ଜୀବାଶ୍ମ ଇନ୍ଧନ ବ୍ୟବହାର ଫଳରେ ଅଙ୍ଗାରକାମ୍ଳ ଗ୍ୟାସ ନିର୍ଗତ ଦ୍ୱାରା ବାୟୁମଣ୍ଡଳ ପ୍ରଦୂଷଣ ହେଉଛି। ଆରାମଦାୟକ ଜୀବନଶୈଳୀ ପାଇଁ ରେଫ୍ରିଜରେଟରର ବହୁଳ ବ୍ୟବହାର ହେତୁ କ୍ଲୋରୋଫ୍ଲୋରୋକାର୍ବନ ବାୟୁମଣ୍ଡଳରେ ମିଶୁଛି। ବିଷାକ୍ତ କୀଟନାଶକ ଏବଂ ରାସାୟନିକ ସାରର ବହୁଳ ବ୍ୟବହାର ଦ୍ୱାରା ଜୀବଜଗତ ବିପଦଗ୍ରସ୍ତ ହେଉଛନ୍ତି ବିକାଶ ନାମରେ ମଣିଷ ଜଙ୍ଗଲ ସଫା କରି ରାସ୍ତାଘାଟ, ନଦୀବନ୍ଧ, କଳକାରଖାନା ଆଦି ନିର୍ମାଣ କରୁଛି। ଜଙ୍ଗଲ ନଷ୍ଟଦ୍ୱାରା ଭୂପୃଷ୍ଠରେ ତାପମାତ୍ରା ବୃଦ୍ଧି ପାଉଛି।

**ପ୍ରଦୂଷଣ ପ୍ରକାରଭେଦ ଓ ପ୍ରଭାବ :** ଯେଉଁ କ୍ଷତିକାରକ ଉତ୍ପାଦନ ଦ୍ୱାରା ବାୟୁ, ଜଳ, ମୃତ୍ତିକା ଆଦି ପ୍ରଦୂଷିତ ହୋଇଥାଏ ତାକୁ ପ୍ରଦୂଷକ କୁହାଯାଏ। ବିଭିନ୍ନ ପ୍ରକାରର ପ୍ରଦୂଷଣର ନାମ ହେଲା: – ବାୟୁ ପ୍ରଦୂଷଣ, –ଜଳ ପ୍ରଦୂଷଣ, – ମୃତ୍ତିକା ପ୍ରଦୂଷଣ, – ଶବ୍ଦ ପ୍ରଦୂଷଣ ଓ – ପ୍ଲାଷ୍ଟିକ ପ୍ରଦୂଷଣ।

**ବାୟୁ ପ୍ରଦୂଷଣ:** ଶ୍ୱାସକ୍ରିୟାଜନିତ ରୋଗ କ୍ୟାନସର, ଚର୍ମରୋଗ ଆଦି ସୃଷ୍ଟି କରୁଥିବାବେଳେ ସବୁଜ କୋଠରୀ ଗ୍ୟାସ ପ୍ରଭାବରେ ସୃଷ୍ଟି ହେଉଥିବା ବିଶ୍ୱ ତାପନ (ଗ୍ଲୋବାଲ ୱାର୍ମିଂ) ଯୋଗୁ ଋତୁ ଚକ୍ରରେ ମଧ୍ୟ ଅନିୟମିତତା ଦେଖାଯାଏ। ଏସିଡ ବର୍ଷା ବାୟୁ ପ୍ରଦୂଷଣର ଅନ୍ୟ ଏକ କାରଣ। କୋଇଲା ଜାଳେଣି ଭାବରେ ବ୍ୟବହୃତ ହେଉଥିବା ଶିଳ୍ପଗୁଡ଼ିକରୁ ସଲଫର ଓ ନାଇଟ୍ରୋଜେନ ଅକ୍‌ସାଇଡ ନିର୍ଗତ ହୋଇଥାଏ, ଯାହାକି ସଲ୍‌ଫ୍ୟୁରିକ ଏସିଡ ଓ ନାଇଟ୍ରିକ ଏସିଡରେ ରୂପାନ୍ତରିତ ହୋଇଥାଏ। ବର୍ଷା ଜଳରେ ଏହା ମିଶି ପ୍ରାଣୀ ଜଗତ ଓ ଉଦ୍ଭିଦ ଜଗତର କ୍ଷତି ଘଟାଇଥାଏ।

**ଜଳ ପ୍ରଦୂଷଣ:** ଜଳ ପ୍ରଦୂଷଣ ଯୋଗୁ ଆନ୍ତ୍ରିକ ଜ୍ୱର, ଆମାଶୟ, ହଇଜା ଆଦି ଜଳବାହିତ ରୋଗ ହୋଇଥାଏ।

**ମୃତ୍ତିକା ପ୍ରଦୂଷଣ:** ରାସାୟନିକ କୃଷି ଦ୍ୱାରା ମୃତ୍ତିକାର ଜଳଧାରଣ ଶକ୍ତି କମିବା ସହିତ କ୍ଷାର ଲବଣ ଓ ଅମ୍ଳୀୟ ଅଂଶ ବୃଦ୍ଧି ପାଉଛି। ମୃତ୍ତିକାର ଗୁଣବତ୍ତା ଠିକ୍ ରହୁ ନାହିଁ। ଶରୀରର ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଯଥା ମସ୍ତିଷ୍କ, ବୃକକ, ପାକସ୍ଥଳୀ, ଯକୃତ, ଅନ୍ତଃନଳୀ ଆଦି ପ୍ରତି ବିପଦାପନ୍ନ ହେବା ସହିତ କ୍ୟାନସର ମଧ୍ୟ ସୃଷ୍ଟି କରେ।

**ଶବ୍ଦ ପ୍ରଦୂଷଣ:** ମାତ୍ରାଧିକ ଶବ୍ଦ ମନୁଷ୍ୟ ସମାଜ ପାଇଁ କ୍ଷତିକାରକ, ନିଦ୍ରାହୀନତା, ଉଚ୍ଚରକ୍ତ ଚାପ, ଶ୍ରବଣ ଶକ୍ତି ହ୍ରାସ, ହୃତ୍‌ସ୍ପନ୍ଦନ ବର୍ଦ୍ଧନ, ଦୁର୍ବଳ ମାନସିକତାର ବ୍ୟକ୍ତି ପାଗଳ ହୋଇଯାଏ, ସ୍ନାୟୁ ଉପରେ କୁପ୍ରଭାବ ଏବଂ ସାଧାରଣ ଜୀବନ ପ୍ରକ୍ରିୟାରେ ବାଧାସୃଷ୍ଟି ହୁଏ।

ପ୍ଲାଷ୍ଟିକ ବା ଆବର୍ଜନା ପ୍ରଦୂଷଣ: କେତେକ ପଦାର୍ଥକୁ ଆମେ ବ୍ୟବହାର ପରେ ସେଗୁଡ଼ିକୁ ବାହାରକୁ ଫିଙ୍ଗି ଦିଆଯାଏ, ଯଥା– ପଲିଥିନ, ଟାୟାର, ପ୍ଲାଷ୍ଟିକ, ବକେଟ୍, ମଗ୍, ଟିଣ, ଚମଡା ଜୋତା ଆଦି ପଦାର୍ଥ ପ୍ରଦୂଷଣର କାରଣ ହୋଇଥାଏ। ଏହା ଦ୍ୱାରା ଆମେ ହଇଜା, ମ୍ୟାଲେରିଆ, ଟାଇଫଏଡ, ତରଳଝାଡା ଆଦିର ଆକ୍ରାନ୍ତ ହୁଅନ୍ତି।

**ପଦକ୍ଷେପ:** ପ୍ରଦୂଷଣ ପରିବେଶ, ସମାଜର ଉନ୍ନତି ଏବଂ ପ୍ରଗତିର ଅନ୍ତରାୟ ସୃଷ୍ଟି କରିଥାଏ। ପରିବେଶ ସୁରକ୍ଷା ସମସ୍ତଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ। କାରଣ ଏକ ସୁସ୍ଥ ପରିବେଶ ଏକ ସୁସ୍ଥ ସମାଜ ଗଠନ ଦିଗରେ ମୁଖ୍ୟଭୂମିକା ନିର୍ବାହ କରିଥାଏ। ଏଥିପାଇଁ ସମସ୍ତଙ୍କୁ ମିଳିତ ଭାବେ ସଚେତନ ହେବାକୁ ପଡିବ ଏବଂ ମିଳିତ ପଦକ୍ଷେପ ନେବାକୁ ପଡିବ। କେଉଁଠୁ କିଛି ପାଇବାର ଥିଲେ 'ମୁଁ ନେଇଯିବି ଚିନ୍ତାଧାରାରେ ଆମେ ଥାଉଁ କିନ୍ତୁ ଯେତେବେଳେ କିଛି ଦାୟିତ୍ୱବୋଧର ପ୍ରଶ୍ନ ଆସେ 'ଅନ୍ୟମାନେ କରିଦେବେ'ର ଚିନ୍ତାଧାରା ଆମକୁ ଗ୍ରାସ କରିଥାଏ। ଏହା ହିଁ ଆମର ତ୍ରୁଟି। ବ୍ୟକ୍ତିଗତ ସ୍ତରରେ ସଚେତନ ସହ ସାମୂହିକ ଚେତନାକୁ କ୍ରିୟାଶୀଳ କରିବାକୁ ପଡିବ।

ଭବିଷ୍ୟତ ପିଢ଼ି ପାଇଁ ଜଳ, ପବନ, ଚାଷୋପଯୋଗୀ ଜମି ଓ ଅନ୍ୟାନ୍ୟ ସମ୍ବଳ ସଂରକ୍ଷିତ ଓ ଦୀର୍ଘ ସ୍ଥାୟୀ ବ୍ୟବହାର ଉପରେ ଗୁରୁତ୍ୱ ଉପଲବ୍ଧ ହେବା ଦରକାର। ପ୍ରଦୂଷଣକୁ ବନୀକରଣ/ ବୃକ୍ଷରୋପଣ ଦ୍ୱାରା ମଧ୍ୟ ବହୁ ମାତ୍ରାରେ ରୋକା ଯାଇପାରିବ। ରାସ୍ତାର ଦୁଇ ପାର୍ଶ୍ୱରେ ବୃକ୍ଷରୋପଣ ଦ୍ୱାରା ଶବ୍ଦ ତରଙ୍ଗ, ବିଷାକ୍ତ ଗ୍ୟାସ, ଧୂଳି ଆଦି ପତ୍ର ଏବଂ ଡାଳ ଦ୍ୱାରା ନିୟନ୍ତ୍ରଣ କରାଯାଇ ପାରିବ। ନିମ, ନଡିଆ, ତାଳ, ଦେବଦାରୁ, ସୁନାରୀ ଆଦି ଗଛ ରାସ୍ତାର ଦୁଇ ପାର୍ଶ୍ୱରେ ଲଗାଇବା ଆବଶ୍ୟକ। ଏହି ବୃକ୍ଷରୋପଣ ଧ୍ୱନି ପ୍ରତିରୋଧକ କାମ କରିବା ସହିତ ପ୍ରଦୂଷଣର ସ୍ତରକୁ କମାଇ ପାରିବ। ବୃକ୍ଷରୋପଣ କାମକୁ ଜୋରଦାର କରାଯିବା ଦରକାର।
–ପଲିଥିନ୍ ବଦଳରେ କାଗଜ ମୁଣା ବ୍ୟବହାର କରିବା ଭଲ ।
–ବୃକ୍ଷ ସମ୍ପଦକୁ ବଢାଇବା ପାଇଁ ପ୍ରତ୍ୟେକ ବ୍ୟକ୍ତି ସେମାନଙ୍କ ଜନ୍ମଦିନ ବିବାହ ବ୍ରତ, ପୂଜା ପାର୍ବଣ ଆଦି କାମକାର୍ଯ୍ୟରେ ପ୍ରତିବର୍ଷ ଗଛ ଲଗାଇ ଯତ୍ନ ନେବା ଜରୁରୀ।
–ରାସ୍ତା କଡ, ଅନାବାଦୀ ଜମି ତଥା ବିଦ୍ୟାଳୟ ପାର୍ଶ୍ୱରେ ବୃକ୍ଷରୋପଣ କରିବା ବିଧେୟ ।
–ବନୀକରଣ ବ୍ୟବସ୍ଥାକୁ ଅଧିକ ଗୁରୁତ୍ୱ ଦେବା ପାଇଁ ପ୍ରଚାର ଓ ପ୍ରସାର କରିବା । ଆମ ପରିବେଶରେ ଔଷଧୀୟ ବୃକ୍ଷ ତଥା ଅନ୍ୟ ଗଛର ରକ୍ଷଣା ବେକ୍ଷଣ ।
– ଜଙ୍ଗଲ ଅଞ୍ଚଳର ଆୟତନ ବୃଦ୍ଧି କରିବା ଓ ଅଯଥାରେ ଜଙ୍ଗଲ ନଷ୍ଟ ନ କରିବାକୁ ପଦକ୍ଷେପ ନେବା।
– ପରିବେଶ ସଚେତନତା ସ୍ଲୋଗାନମାନ ଯଥା ଛୁଆଟିଏ ଗଛଟିଏ, ଜଙ୍ଗଲ ଥିଲେ ... ଆମେ ରହିଲେ ସବୁଜ ସୁନ୍ଦର, ସୁସ୍ଥ ରଖିବୁ ସ୍ୱାସ୍ଥ୍ୟ ତୁମର ଆଦି ଲୋକମାନଙ୍କ ପାଖରେ ପହଞ୍ଚାଇବା ଦରକାର ।
– ପାଠ୍ୟ ପୁସ୍ତକରେ ପରିବେଶ ପ୍ରଦୂଷଣର ଭୟାବହତା ଓ ପ୍ରତିକାର ସମ୍ବନ୍ଧୀୟ ଲେଖାମାନ ସ୍ଥାନ ପାଇବା ଦରକାର ।

**ବନୀକରଣର ଅନ୍ୟାନ୍ୟ ଉପାଦେୟତା :**
–ବୃକ୍ଷ ରୋପଣ ଦ୍ୱାରା ମୃତ୍ତିକା ସଂରକ୍ଷଣ ହେବା ସହିତ ଜଳ ଦୂଷିତ ହୁଏ ନାହିଁ ।
– ଘଞ୍ଚ ବୃକ୍ଷରାଜି ଆକାଶରେ ମେଘକୁ ଆକର୍ଷଣ କରାଇ ବର୍ଷା ହେବାର ମୁଖ୍ୟ ଭୂମିକା ଗ୍ରହଣ କରିଥାଏ।
–ଲୋକମାନେ ଗଛର ବିଭିନ୍ନ ପ୍ରକାରର ଫଳଖାଇ ସୁସ୍ଥ ଓ ନୀରୋଗ ଜୀବନ ଯାପନ କରନ୍ତି।
ସମସ୍ତେ ସୁସ୍ଥ ଓ ସ୍ୱାଚ୍ଛନ୍ଦ୍ୟରେ ରହିବାକୁ ହେଲେ, ଆମ ପରିବେଶର ଅବକ୍ଷୟ ରୋକିବାକୁ ହେବ । ବିଶୁଦ୍ଧ ପରିବେଶ ହିଁ ନୀରୋଗ ବା ଉତ୍ତମ ସ୍ୱାସ୍ଥ୍ୟାବସ୍ଥା ପାଇଁ ନିତାନ୍ତ ଜରୁରୀ ।

–ବନବିଜ୍ଞାନୀ, ଓୟୁଏଟି, ଭୁବନେଶ୍ୱର
ମୋ: ୯୪୩୭୦୩୧୨୦୯

## ଧାନର ଚେରଗଣ୍ଠି ସୂତ୍ରକୃମିଜନିତ ରୋଗର ପ୍ରତିକାର



ମୁକେଶ କୁମାର ପାତ୍ର

**ଧା**ନ ଆମ ରାଜ୍ୟର ଏକ ମୁଖ୍ୟ ଫସଲ ହେଲେ ମଧ୍ୟ ଚାଷୀ ଭାଇମାନେ ତା'ର ଚାଷ ପ୍ରଣାଳୀ ଓ ରୋଗ ପୋକ ନିୟନ୍ତ୍ରଣ ବ୍ୟବସ୍ଥା ଉପରେ ବିଶେଷ ଧ୍ୟାନ ଦେଇ ନ ଥାନ୍ତି। ଫଳରେ ଧାନ ଫସଲରୁ ଆଶାନୁରୂପ ଅମଳ ମିଳି ନ ଥାଏ। ଯେତେ ରୋଗ, ପୋକ ସବୁ ଧାନ ଫସଲକୁ ଆକ୍ରାନ୍ତ କରେ ତା' ମଧ୍ୟରୁ ଚେରଗଣ୍ଠି ନିମାଗୋଡ ବା ସୂତ୍ରକୃମି ଅନ୍ୟତମ। ଆମ ରାଜ୍ୟର ପ୍ରାୟ ପ୍ରତ୍ୟେକ ଜିଲାର ଢିପ ଓ ମଧ୍ୟମ ଧରଣର ଜମିରେ ଏହି ଚେରଗଣ୍ଠି ସୂତ୍ର କୃମିର ପ୍ରାଦୁର୍ଭାବ ଦେଖାଯାଏ। ମରୁଡି ହେଉଥିବା ବର୍ଷରେ ଏହି ସୂତ୍ରକୃମିଜନିତ କ୍ଷତିର ପରିମାଣ ଅଧିକ ହେଉଥିବାର ଅନୁମାନ କରାଯାଉଛି। ଉଚ୍ଚ ତଥା ମଧ୍ୟମ କିସମ ଅଣଜଳସେଚିତ ଜମିର ବାଲିଆ ଦୋରସା ମାଟି ଏମାନଙ୍କ ବଂଶ ବିସ୍ତାର ପାଇଁ ବେଶ୍ ଉପଯୁକ୍ତ।

ଏହି ପ୍ରକାର ସୂତ୍ରକୃମିର ଶାବକମାନେ ଅସଂଖ୍ୟ ପରିମାଣରେ ମାଟିରେ ରହି ଧାନ ତଳିଚେରରେ ପ୍ରବେଶ କରି ଚେରରୁ ରସଶୋଷି ଖାଆନ୍ତି ଏବଂ ସେହି ଚେରରେ ରହି ପୂର୍ଣ୍ଣାଙ୍ଗ ପ୍ରାପ୍ତ ହୁଅନ୍ତି। ଫଳରେ ଚେରରେ ଅନେକ ଛୋଟ ଛୋଟ ଗଣ୍ଠି ସୃଷ୍ଟି ହୁଏ ଏବଂ ତଳିଘେରାରେ ଧାନଚାରାଗୁଡିକ ଠିକ୍ ଭାବେ ବଢିପାରନ୍ତି ନାହିଁ। ଚେରଗୁଡିକ ମୋଟା ତଥା ଗୋଦରା ହୋଇଯାଆନ୍ତି । ଆକ୍ରାନ୍ତ ଚାରାଗୁଡିକ ଥୁଣ୍ଟା ଓ ହଳଦିଆ ପଡିଯାଆନ୍ତି। ଆକ୍ରାନ୍ତ ଚେରଗୁଡିକ ମାଟିରୁ ଖାଦ୍ୟସାର ଗଛକୁ ଯୋଗାଇପାରନ୍ତି ନାହିଁ। ଫଳରେ ଫସଲରେ ପିଲ ସଂଖ୍ୟା କମ୍ ହୁଏ, କେଣ୍ଡା ସହଳ ଆସେ, କେଣ୍ଡାଗୁଡିକ ଛୋଟ ଛୋଟ ହୁଏ ଏବଂ ଅମଳ ପ୍ରାୟ ଶତକଡା ୧୫ ପ୍ରତିଶତ କମିଯାଏ ।

ତେଣୁ ଏହି ରୋଗକୁ ନିୟନ୍ତ୍ରଣ କରିବାକୁ ହେଲେ ତଳିଘେରା ପ୍ରସ୍ତୁତି ସମୟର ହିଁ ସତର୍କ ହେବାକୁ ପଡିବ । ଯାହା ଫଳରେ ପ୍ରଥମ ଅବସ୍ଥାରୁ ଧାନ ଚାରା ସୁସ୍ଥ ଭାବରେ ବଢିପାରିବ । ଦରକାର ହେଲେ ଧାନ ବୁଣିବା ପରେ ମଧ୍ୟ ପ୍ରତିକାର କରାଯାଇପାରିବ ।

**ପ୍ରତିକାର ବ୍ୟବସ୍ଥା: ଢିପ ଜମିରେ ପ୍ରତିକାର :**–ମୁଖ୍ୟଜମିକୁ ଖରାଦିନେ ଭଲଭାବରେ ୨/୩ ଓଡ଼ ଚାଷ କରିଦେଲେ ମାଟିରେ ଥିବା ସୂତ୍ରକୃମିମାନେ ମରିଯାନ୍ତି।
–ମୁଖ୍ୟ ଜମିରେ ସୂତ୍ରକୃମି ସଂଖ୍ୟା ବହୁତ ଥିଲେ ଧାନ ବୁଣିବାର ୧୦ ଦିନ ପରେ ଫୁରାଡନ୍ ଔଷଧକୁ ଏକର ପିଛା ୧୨ କି.ଗ୍ରା ହିସାବରେ ବା କାର୍ଟାପ ହାଇଡ୍ରୋକ୍ଲୋରାଇଡ୍ ଦାନାଦାର ଔଷଧକୁ ଏକର ପିଛା ୧୦ କି.ଗ୍ରା ହିସାବରେ ପ୍ରୟୋଗ କଲେ ସୂତ୍ରକୃମି ଆକ୍ରମଣରୁ ଧାନଗଛକୁ ରକ୍ଷା କରାଯାଇପାରିବ।

**ମଧ୍ୟମ ଧରଣର ଜମିରେ ପ୍ରତିକାର :**
– ଏଠାରେ ମୁଖ୍ୟତଃ ତଳିଘେରାରେ ଧାନ ଗଛ ୧ ମାସ ପର୍ଯ୍ୟନ୍ତ ରହୁଥିବାରୁ ତଳିଘେରାକୁ ସୂତ୍ରକୃମି ସଂକ୍ରମଣରୁ ମୁକ୍ତ ରଖିପାରିଲେ ମୁଖ୍ୟଜମିରେ ଗଛରେ ବିଶେଷ କ୍ଷତି ହୁଏ ନାହିଁ ।

ତଳିଘେରାରେ ଧାନ ବିହନ ବୁଣିବା ଆଗରୁ ପ୍ରତିକାର: –ଧାନ ବିହନ ବୁଣିବାର ଯଥେଷ୍ଟ ଆଗରୁ ମାଟିକୁ ଭଲଭାବରେ ହଳକରି ସାମାନ୍ୟ ବତର ଥିବା ଅବସ୍ଥାରେ ଧଳା ପଲିଥିନ ଚାଦର ଦ୍ୱାରା ଆଚ୍ଛାଦନ କରି ଅତି କମ୍‌ରେ ପାଖାପାଖି ୧୫ ଦିନ ରଖିଲେ ମାଟିରେ ଥିବା ସୂତ୍ରକୃମିଙ୍କର ବଂଶ ଲୋପ ପାଇଥାଏ।
– ଧାନ ବିହନ ବୁଣିବାର ୧୫ ଦିନ ଆଗରୁ ତଳି ଘେରା ମାଟିରେ ବର୍ଗ ମିଟର ପ୍ରତି ୧୦୦ ଗ୍ରାମ ହିସାବରେ ନିମପିଡିଆ କିମ୍ବା ଜୈବିକ କୀଟନାଶକ ସିଉଡୋମୋନାସ୍ ବର୍ଗମିଟର ପ୍ରତି ୨୦ ଗ୍ରାମ ହିସାବରେ ମିଶାଇ ଦେଲେ ମାଟିରେ ଥିବା ସୂତ୍ରକୃମି ମରିଯାଆନ୍ତି ଓ ତଳଚାରା ଚେରରେ ଗଣ୍ଠି ସୃଷ୍ଟି ହୁଏ ନାହିଁ ।

**ବୁଣିବା ସମୟରେ ବିହନ ବିଶୋଧନ:** ତଳିପାଇଁ ଧାନ ବିହନ ବୁଣିବା ବେଳେ ଏହାକୁ କାର୍ବୋସଲଫାନ ଶତକଡା ୦.୧ ଭାଗ (୧ଲିଟର ପାଣିରେ ୧ ମିଲି ହିସାବରେ) ଦ୍ରବଣରେ ୧୨ ଘଣ୍ଟା ପର୍ଯ୍ୟନ୍ତ ଭିଜାନ୍ତୁ। ଏହା ପରେ ତଳି ଘେରା ପ୍ରସ୍ତୁତ କରନ୍ତୁ।

**ବିହନ ବୁଣିସାରିବା ପରେ ପ୍ରତିକାର :** ତଳିଘେରାରେ ଧାନ ବିହନ ବୁଣିବାର ୮/୧୦ ଦିନ ମଧ୍ୟରେ କାର୍ବୋଫ୍ୟୁରାନ ବା କାଲ୍‌ଡାନ ଦାନାଦାର ବର୍ଗମିଟର ପ୍ରତି ୧ରୁ ୧୦ ଗ୍ରାମ ହିସାବରେ ପ୍ରୟୋଗ କଲେ ତଳିର ଚେରରେ ସୂତ୍ରକୃମିଜନିତ ଗଣ୍ଠି ସୃଷ୍ଟି ହୁଏ ନାହିଁ ।

ଉପରୋକ୍ତ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବା ସହ ଯଦି ମୁଖ୍ୟ ଜମିରେ ଫସଲ ପର୍ଯ୍ୟାୟରେ ଧାନପରେ ଚିନାବାଦମ, ବିରି, ନଳିତା ଆଦି ଫସଲ ଚାଷ ଅନ୍ତର୍ଭୁକ୍ତ କରାଯାଏ ତେବେ ଏହି ରୋଗ ସମସ୍ୟା ପରିବର୍ତ୍ତୀ ଧାନଚାଷରେ ପ୍ରାୟ ହୁଏ ନାହିଁ । ଏହା ସହିତ ଉପଯୁକ୍ତ ଖତସାର ପ୍ରୟୋଗ, ଅନ୍ତଃଚାଷ, ମିଶ୍ରିତ ଚାଷ ଇତ୍ୟାଦି କରିବା ଆବଶ୍ୟକ ।



–ସୂତ୍ରକୃମି ବିଭାଗ
କୃଷି ମହାବିଦ୍ୟାଳୟ, ଭୁବନେଶ୍ୱର

ପ୍ରଥମ ପୃଷ୍ଠାରୁ...

## ସ୍ୱତନ୍ତ୍ର ପାହ୍ୟା, କୋଇଲା ...

ସେହିପରି ଓଡ଼ିଶାକୁ 'ସ୍ପେଶାଲ ଫୋକସ୍ ଷ୍ଟେଟ' ଭାବେ ଘୋଷଣା କରାଯାଇ ନିର୍ଦ୍ଦିଷ୍ଟ ସମୟସୀମା ପାଇଁ ସ୍ୱତନ୍ତ୍ର ରାଜ୍ୟଗୁଡିକ ପାଉଥିବା ସୁବିଧା ପ୍ରଦାନ କରିବାକୁ ଦାବି କରାଯାଇଛି। ଫନୀ ମୁକାବିଲା ଓ କ୍ଷତିଗ୍ରସ୍ତ ଭିତ୍ତିଭୂମିର ପୁନରଦ୍ଧାର ପାଇଁ କେନ୍ଦ୍ର ସରକାର କରିଥିବା ସହଯୋଗ ନିମନ୍ତେ ପ୍ରଧାନମନ୍ତ୍ରୀ ଏବଂ କେନ୍ଦ୍ର ସରକାରଙ୍କୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଜଣାଇଥିଲେ। ଫନୀରେ ପ୍ରାୟ ୫.୬ ଲକ୍ଷ ଘର ଧ୍ୱଂସ ହେବା ସହ ହଜାର ହଜାର ବୃକ୍ଷ ଉପୁଡ଼ିଯାଇଛି। ରାସ୍ତାଘାଟ କ୍ଷତିଗ୍ରସ୍ତ ହେବା ସହ ବିଦ୍ୟୁତ୍ ଭିତ୍ତିଭୂମି ବହୁଳ କ୍ଷତିଗ୍ରସ୍ତ ହୋଇଥିବା ମୁଖ୍ୟମନ୍ତ୍ରୀ ପ୍ରଧାନମନ୍ତ୍ରୀଙ୍କ ନିକଟରେ ଉଲ୍ଲେଖ କରିଛନ୍ତି। ତେଣୁ ରାଜ୍ୟରେ ନୂତନ ୫ ଲକ୍ଷ ପକ୍କାଘର ନିର୍ମାଣ ପାଇଁ ଦାବି କରାଯାଇଛି। କେନ୍ଦ୍ର ଏଥିପାଇଁ ୯୦ ପ୍ରତିଶତ ବ୍ୟୟବରାଦ କରିବାକୁ ଅନୁରୋଧ କରାଯାଇଛି। ସ୍ୱତନ୍ତ୍ରଭାବେ ଏହାକୁ ପ୍ରଦାନ କରାଯାଇ 'ସ୍ଥାୟୀ ଅପେକ୍ଷା ତାଲିକା'କୁ ବାଦ୍ ଦେବା ପାଇଁ ମଧ୍ୟ କେନ୍ଦ୍ରକୁ କୁହାଯାଇଛି। ଫନୀ ଦ୍ୱାରା ହୋଇଥିବା ବିଭିନ୍ନ ଭିତ୍ତିଭୂମିର କ୍ଷତି ହିସାବ(ବିଭାଗ ୱାରି) ସ୍ୱରାଷ୍ଟ୍ର ମନ୍ତ୍ରଣାଳୟକୁ ପ୍ରଦାନ କରାଯାଇସାରିଛି। ପ୍ରାଥମିକ ଭାବେ ଏହି କ୍ଷୟକ୍ଷତିର ପରିମାଣ ୯୩୩୬ କୋଟି ଟଙ୍କା ଆକଳନ କରାଯାଇଛି। ତେଣୁ ସାମ୍ପ୍ରତିକ ସ୍ଥିତିରେ ଜାତୀୟ ବିପର୍ଯ୍ୟୟ ପରିଚାଳନା ପାଣ୍ଠି(ଏନ୍‌ଡିଆର୍‌ଏଫ୍)ରୁ ୫୨୨୮ କୋଟି ଟଙ୍କା କେନ୍ଦ୍ର ପ୍ରଦାନ କରୁ ବୋଲି ମୁଖ୍ୟମନ୍ତ୍ରୀ ଦୃଢଦାବି କରିଛନ୍ତି। କେତେକ କ୍ଷେତ୍ରରେ ପୂର୍ବ ପ୍ରଚଳିତ ଏନ୍‌ଡିଆରଏଫ୍ ଏବଂ ଏସ୍‌ଡିଆରଏଫ୍ ନିୟମକୁ କୋହଳ କରିବା ନେଇ ମଧ୍ୟ ରାଜ୍ୟ ପକ୍ଷରୁ ଦାବି କରାଯାଇଛି।

ସେହିପରି ସାରା ଦେଶର ଉତ୍ପାଦିତ ହେଉଥିବା କୋଇଲାର ଏକ–ପଞ୍ଚମାଂଶ ଓଡ଼ିଶାରେ ମିଳିଥାଏ। ହେଲେ କୋଇଲା ରୟାଲ୍‌ଟିର ଉପଯୁକ୍ତ ସଂଶୋଧନ ହୋଇ ନ ଥିବାରୁ ରାଜ୍ୟ ବହୁ ପରିମାଣର ରାଜସ୍ୱ ହରାଉଛି। ଖଣି ସମ୍ପର୍କିତ କାର୍ଯ୍ୟ ପାଇଁ ରାଜ୍ୟର ପରିବେଶ ବହୁଳ ଭାବେ ପ୍ରଭାବିତ ହେଉଛି। ଶେଷଥର ପାଇଁ ମେ ୧୦, ୨୦୧୨ରେ କୋଇଲା ରୟାଲଟି ସଂଶୋଧନ କରାଯାଇଥିଲା। ତେଣୁ ପ୍ରଚଳିତ ୧୪ ପ୍ରତିଶତ ରୟାଲ୍‌ଟିକୁ ୨୦ ପ୍ରତିଶତକୁ ବୃଦ୍ଧିକରିବା ପାଇଁ ମୁଖ୍ୟମନ୍ତ୍ରୀ ପ୍ରଧାନମନ୍ତ୍ରୀ ନିକଟରେ ଦାବି କରିଛନ୍ତି। ଓଡ଼ିଶାର ଦାବିକୁ ବିଚାର କରାଯାଇ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ପ୍ରଧାନମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିବା ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ(ସିଏମ୍‌ଓ) ପକ୍ଷରୁ କୁହାଯାଇଛି।

## ୨ ଓଡ଼ିଆ ମୃତ...

ରାଉତ୍‌ହାଟ ଜିଲା ମୁଖ୍ୟ ଅଧିକାରୀ କିରନ୍ ଥପ୍ପା ସୂଚନା ଦେଇଛନ୍ତି। ଖୋର୍ଦ୍ଧା ବ୍ଲକ ମଳିପଡ଼ା ଉପରସାହିର ଚରଣଙ୍କ ମୃତ୍ୟୁ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି। ଚରଣ ଗତ ୬ ତାରିଖରେ ସ୍ତ୍ରୀ ମଞ୍ଜୁଲତା(୫୫), ଭାଇ ବଳଭଦ୍ର(୭୫), ଭାଉଜ ଗୌରୀ(୭୦), ମା' ରେଖା(୮୦), ଜ୍ୱାଇଁ ପଦ୍ମଚରଣ ଗୁମାନସିଂହ, ଝିଅ ଲିପିକା, ନାତି ରୁଦ୍ର ପ୍ରତାପଙ୍କ ସହ କାଠମାଣ୍ଡୁକୁ ତୀର୍ଥ ଭ୍ରମଣରେ ଯାଇଥିଲେ। ତୀର୍ଥଯାତ୍ରା ସାରି ସେମାନେ ଆସନ୍ତା ୧୯ ତାରିଖରେ ଗାଁକୁ ଫେରିଥାନ୍ତେ। ହେଲେ ସୋମବାର ରାତି ୧୨ଟା ୪୫ରେ ଚରଣଙ୍କ ପୁଅଙ୍କ ପାଖକୁ ଫୋନ ଆସିଲା ଯେ, ବସ୍ ଦୁର୍ଘଟଣାରେ ତାଙ୍କ ବାପାଙ୍କ ମୃତ୍ୟୁ ଘଟିଛି। ସେହିପରି ଚରଣଙ୍କ ବଡ଼ଭାଇ ବଳଭଦ୍ରଙ୍କ ବାମଗୋଡ଼ ଭାଙ୍ଗିଯାଇଛି। ଆହତ ବ୍ୟକ୍ତିମାନଙ୍କୁ ସ୍ଥାନୀୟ ମେଡିକାଲରେ ଭର୍ତ୍ତି କରାଯାଇଛି। ତେବେ ସେମାନଙ୍କ ଭାଷା ସେଠାକାର ପୋଲିସ ବୁଝି ପାରୁ ନ ଥିବାରୁ ଠିକ୍ ସହଯୋଗ ମିଳୁନି ବୋଲି ପରିବାର ଲୋକେ ଜଣାଇଥିଲେ। ମୃତଦେହ ଗାଁକୁ ଆଣିବା, ଆହତଙ୍କୁ ଚିକିତ୍ସା ଓ ପରିବାରର ଅନ୍ୟ ସଦସ୍ୟ ଘରକୁ ଫେରାଇ ଆଣିବାରେ ସହଯୋଗ ଉଦ୍ଦେଶ୍ୟରେ ମଳିପଡା ଗ୍ରାମବାସୀ ଜିଲାପାଳଙ୍କୁ ମଙ୍ଗଳବାର ଭେଟିଥିଲେ। ଦୁର୍ଘଟଣା ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ପ୍ରଶାସନ ଓ ସରକାର ଚଳଚଞ୍ଚଳ ହୋଇ ଉଠିଥିଲେ। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କରଙ୍କୁ ଚିଠି ଲେଖିଛନ୍ତି। ସବୁ ପ୍ରକାର ସହାୟତା ସହ ଦୁଇ ଓଡ଼ିଆ ତୀର୍ଥଯାତ୍ରୀଙ୍କ ମୃତଦେହ ଗାଁକୁ ପଠାଇବା, ଆହତ ଯାତ୍ରୀଙ୍କୁ ଚିକିତ୍ସା ଯୋଗାଇବାର ବ୍ୟବସ୍ଥା କରିବାକୁ ଧର୍ମେନ୍ଦ୍ର ଅନୁରୋଧ କରିଛନ୍ତି।



ମୃତ ଚରଣ ବିଶ୍ୱାଳ

## ସୁପରିଚାଳନା ଦ୍ୱାରା କଠିନ ବର୍ଜ୍ୟବସ୍ତୁ ସମ୍ପଦ ହେବ

ଭୁବନେଶ୍ୱର,୧୧।୬(ବ୍ୟୁରୋ)

କଠିନ ବର୍ଜ୍ୟବସ୍ତୁ ବର୍ତ୍ତମାନ ଜୀବଜଗତ ପାଇଁ ବଡ଼ ବିପଦ ସାଜିଛି। ଏଥିଯୋଗୁ ଜଳ, ବାୟୁ ଓ ପରିବେଶ ପ୍ରଦୂଷିତ ହେଉଛି। ଲୋକେ ଘାତକ ରୋଗର ଶିକାର ହେଉଛନ୍ତି। ଦେଶର ସହରାଞ୍ଚଳ ଅପେକ୍ଷା ଓ ଗ୍ରାମାଞ୍ଚଳରେ ଏହାର କୁପ୍ରଭାବ ଅଧିକ ପଡୁଥିବା ଦେଖିବାକୁ ମିଳୁଛି। ଏହି ବିପଦରୁ ମୁକୁଳିବା ବର୍ତ୍ତମାନ ଆମ ପାଇଁ ବଡ଼ ଚ୍ୟାଲେଞ୍ଜ ହୋଇଛି। ତେଣୁ କଠିନ ବର୍ଜ୍ୟବସ୍ତୁର ସୁପରିଚାଳନା ହେଲେ ଏହା ମାନବ ସମାଜ ପାଇଁ ବିପଦ ନୁହେଁ, ସମ୍ପଦ ହେବ। ତେଣୁ ଏହାର ପୁନଃପ୍ରକ୍ରିୟାକରଣ କରାଯାଇ ଏଥିରୁ ରାଜସ୍ୱ ସଂଗ୍ରହ ପାଇଁ ପଦକ୍ଷେପ ଗ୍ରହଣ କରାଯିବା ଦରକାର। ମଙ୍ଗଳବାର କଠିନ ବର୍ଜ୍ୟବସ୍ତୁର ସୁପରିଚାଳନା ସଂକ୍ରାନ୍ତରେ ୟୁନିସେଫ୍ ଓଡ଼ିଶା ପକ୍ଷରୁ ଅନୁଷ୍ଠିତ ମିଡିଆ ରାଉଣ୍ଡ୍‌ଟେବୁଲ ବୈଠକରେ ମତପ୍ରକାଶ ପାଇଛି।

ଭୁବନେଶ୍ୱରସ୍ଥିତ ଏକ ହୋଟେଲରେ ଅନୁଷ୍ଠିତ ଏହି ବୈଠକରେ ୟୁନିସେଫ୍ ଓଡ଼ିଶା ମୁଖ୍ୟ ଡ. ମୋନିକା ନୀଲ୍‌ସନ, ପଞ୍ଚାୟତ ଏବଂ ପାନୀୟ ଜଳ ବିଭାଗର ଯୁଗ୍ମ ସଚିବ ସୁବାସ ଚନ୍ଦ୍ର ଦାସ, ଗ୍ରାମୀଣ ଜଳଯୋଗାଣ ଓ ନିଷ୍କାସନ ବିଭାଗର ଭୁବନେଶ୍ୱର ସର୍କଲର ଅଧୀକ୍ଷକ ଯନ୍ତ୍ରୀ ଅଭୟ ବିଶ୍ୱାଳ, ମୁମ୍ବାଇର କଠିନ ବର୍ଜ୍ୟବସ୍ତୁ ବିଶେଷଜ୍ଞ ପ୍ରମୋଦ ଡବ୍ରାସେ, ୟୁନିସେଫ୍ ଓଡିଶାର ୱାସ୍ ବିଶେଷଜ୍ଞ ସିପ୍ରା ସାକ୍‌ସେନାଙ୍କ ସମେତ ୩୦ରୁ ଊର୍ଦ୍ଧ୍ୱ ଗଣମାଧ୍ୟମ ପ୍ରତିନିଧି ଯୋଗଦେଇ କଠିନ ବର୍ଜ୍ୟବସ୍ତୁ ବିପଦ ଓ ଏହାର ସମାଧାନ ନେଇ ଆଲୋଚନା କରିଥିଲେ। ଡ. ନୀଲ୍‌ସନ କହିଲେ, ସମାଜରେ ଶିଶୁ ଓ ମହିଳାଙ୍କ ସ୍ୱାସ୍ଥ୍ୟ ପୋଷଣ ଓ ଶିକ୍ଷାର ଉନ୍ନତି ଉପରେ ସବୁବେଳେ ଗୁରୁତ୍ୱ ଦିଆଯାଉଛି। ହେଲେ ବର୍ଜ୍ୟବସ୍ତୁର ଠିକ୍ ପରିଚାଳନା ନ ହେବା ଯୋଗୁ ମୃତ୍ତିକା ଓ ଜଳବାୟୁ ଭୟଙ୍କର ଭାବେ ପ୍ରଦୂଷିତ ହେଉଛି। ଫଳରେ ଦେଶରେ ଜଟିଳ ସ୍ୱାସ୍ଥ୍ୟ ସମସ୍ୟା ଉପୁଜୁଛି। ୟୁନିସେଫ୍ ପକ୍ଷରୁ ନିଆଯିବାକୁ ଥିବା ପଦକ୍ଷେପ ସଂକ୍ରାନ୍ତରେ ସୂଚନା ଦେଇ ନୀଲ୍‌ସନ କହିଲେ, ପ୍ରାଥମିକ ସ୍ତରରେ ଓଡିଶାର ପ୍ରତି ଜିଲାର ୩ଟି ଲେଖାଏ ପଞ୍ଚାୟତରେ ଲୋକମାନଙ୍କୁ ସଚେତନ କରାଯିବ। ସରପଞ୍ଚମାନେ ଲୋକମାନଙ୍କୁ ସଚେତନ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିବା ସହ ଗାଁ ଏବଂ ପଞ୍ଚାୟତସ୍ତରରେ କଠିନ ବର୍ଜ୍ୟବସ୍ତୁର ଠିକ୍ ପରିଚାଳନା ଉପରେ ଗୁରୁତ୍ୱ ଦେବେ। ବ୍ୟବହାର ଉପଯୋଗୀ ନ ଥିବା ବର୍ଜ୍ୟବସ୍ତୁର ଏକତ୍ରୀକରଣ, ବିଭାଗୀକରଣ ଉପଚାର ତଥା ସୁରକ୍ଷିତ ରୂପେ ନିଷ୍କ୍ରିୟ କରାଯିବା ଉପରେ ଗୁରୁତ୍ୱ ଦିଆଯିବ। ସାକ୍‌ସେନା ଓ ଡବ୍ରାସେ କହିଲେ, ପ୍ରତିଦିନ ବାହାରୁଥିବା ଲକ୍ଷ ଲକ୍ଷ ମେଟ୍ରିକ ଟନ ବର୍ଜ୍ୟବସ୍ତୁର ସୁପରିଚାଳନା ଅଭାବରୁ ଆମର ବିକଶିତ ମାନବ ସଭ୍ୟତା ବେକାର ସାବ୍ୟସ୍ତ ହେବାରେ ଲାଗିଛି। ତେଣୁ ଏହାର ପୁନଃଚକ୍ରଣ ମାଧ୍ୟମରେ ପ୍ରଦୂଷଣଜନିତ ସମସ୍ୟା ଦୂର କରାଯିବା ସହ ରାଜସ୍ୱ ବୃଦ୍ଧି ହୋଇପାରିବ। ଅନ୍ୟପକ୍ଷରେ ଏ ସଂକ୍ରାନ୍ତରେ ଲୋକଙ୍କୁ ସଚେତନ କରିବା ସହ ସମସ୍ୟାର ସମାଧାନ ପାଇଁ ସାମୂହିକ ଉଦ୍ୟମ ଲୋଡ଼ା ବୋଲି ସେମାନେ କହିଥିଲେ।

### ରୋଗ ସଂକ୍ରମଣ ଆଶଙ୍କା ଅଧିକ

ବର୍ଜ୍ୟବସ୍ତୁ ସଂସ୍ପର୍ଶରେ ଆସିବା ଦ୍ୱାରା ଘା ସଂକ୍ରମଣର ଅଧିକ ସମ୍ଭାବନା ଥାଏ। ଚର୍ମ ଓ ରକ୍ତ ସଂକ୍ରମଣ ହୋଇଥାଏ। ଲ୍ୟାଣ୍ଡ୍ ଫିଲ୍ ଅପରେଶନ ସମୟରେ ସଂକ୍ରମିତ ଧୂଳି ସଂସ୍ପର୍ଶରେ ଆସିବା ଦ୍ୱାରା ଆଖି ଓ ଶ୍ୱାସନଳୀ ସଂକ୍ରମିତ ହୋଇଥାଏ। ପକ୍ଷୀଙ୍କଠାରୁ ନିର୍ଗତ ଆବର୍ଜନାରୁ ସୃଷ୍ଟ ଜୀବାଣୁ ଦ୍ୱାରା ରୋଗ ମଧ୍ୟ ବ୍ୟାପିଥାଏ ଓ ପୋକଜୋକ କାମୁଡ଼ିବା ଦ୍ୱାରା ବିଭିନ୍ନ ନୂଆ ନୂଆ ରୋଗ ହୋଇଥାଏ।

## ସଂକ୍ଷେପରେ

### ବନ୍ଦ ହେଲା ପିଆଜ ରପ୍ତାନି ପ୍ରୋତ୍ସାହନ



ନୂଆଦିଲ୍ଲୀ,୧୧-୬: କେନ୍ଦ୍ର ସରକାର ଘରୋଇ ବଜାରରେ ପିଆଜର ମୂଲ୍ୟବୃଦ୍ଧିକୁ ଦୃଷ୍ଟିରେ ରଖି ତାଜା ଏବଂ ଶୀତଳଭଣ୍ଡାର ପିଆଜର ରପ୍ତାନି ଉପରେ ମିଳୁଥିବା ପ୍ରୋତ୍ସାହନକୁ ବନ୍ଦ କରିଦେଇଛନ୍ତି। ପିଆଜ ରପ୍ତାନିକାରୀ ମର୍ଚ୍ଚାଣ୍ଡାଇଜ ଏକ୍ସପୋର୍ଟର୍ସ ଫ୍ରମ୍ ଇଣ୍ଡିଆ ସ୍କିମ୍(ଏମ୍ଇଆଇଏସ୍) ଅନ୍ତର୍ଗତରେ ରପ୍ତାନି ମାଲ୍ର ଲଦିବା ମୂଲ୍ୟ(ଏଫଓବି)ର ୧୦ ପ୍ରତିଶତ ସମାନ ଶୁଳ୍କର ଲାଭ ଦିଆଯାଉଥିଲା। ଗତ ୯ରେ ଡିଜିଏଫ୍ଟି ପକ୍ଷରୁ ଜାରି ସଦ୍ୟତମ ସୂଚନାନୁଯାୟୀ, ଏମ୍ଇଆଇଏସ୍ର ଲାଭକୁ ତତ୍କାଳ ୧୦ ପ୍ରତିଶତରୁ '୦' କରିଦିଆଯାଇଛି। ଅର୍ଥାତ୍ ୧୦ ପ୍ରତିଶତ ଲାଭକୁ ତୁରନ୍ତ ପ୍ରତ୍ୟାହାର କରିନିଆଯାଇଛି। ଗତବର୍ଷ ଡିସେମ୍ବରରେ ଏହି ପ୍ରୋତ୍ସାହନ ରାଶିକୁ ୫ରୁ ବଢ଼ାଇ ୧୦ ପ୍ରତିଶତ କରାଯାଇଥିଲା ଯାହା କି ଚଳିତ ବର୍ଷ ଜୁନ୍ ପର୍ଯ୍ୟନ୍ତ କାର୍ଯ୍ୟକାରୀ କରାଯାଇଥାନ୍ତା। ତେବେ ଦେଶର ବିଭିନ୍ନ ରାଜ୍ୟରେ ମରୁଡ଼ିର ପଦଧ୍ୱନି ଶୁଣାଯିବା ଭିତରେ ସରକାର ଆଗୁଆ ପଦକ୍ଷେପ ଗ୍ରହଣ କରିଛନ୍ତି।

### ଆଇବିଏମ୍ଠାରୁ ବଡ଼ କମ୍ପାନୀ ହେଲା ଟିସିଏସ୍



ନୂଆଦିଲ୍ଲୀ,୧୧-୬: ଦେଶର ଶୀର୍ଷ ଆଇଟି ସେବା ପ୍ରଦାନକାରୀ କମ୍ପାନୀ ଟାଟା କନସଲଟାନ୍ସି ସର୍ଭିସ(ଟିସିଏସ୍) ବିଶ୍ୱର ଶୀର୍ଷ କମ୍ପାନୀମାନଙ୍କ ମଧ୍ୟରେ ଅନ୍ୟତମ ଆଇବିଏମ୍କୁ ବଜାର ପୁଞ୍ଜୀକରଣରେ ପଛରେ ପକାଇ ଏକ ନମ୍ବର ସ୍ଥାନକୁ ଉଠିଆସିଛି। ସୋମବାର ଟିସିଏସ୍ର ବଜାର ପୁଞ୍ଜୀକରଣ ୮.୩୭ ଲକ୍ଷ କୋଟି ଟଙ୍କା(୧୨୦୫୦ କୋଟି ଡଲାର) ହୋଇଥିବା ବେଳେ ଆଇବିଏମ୍ର ବଜାର ପୁଞ୍ଜୀକରଣ ୮.୩୨ ଲକ୍ଷ କୋଟି ଟଙ୍କା (୧୧୯୬୦ କୋଟି ଟଙ୍କା) ହୋଇଛି। ଏଥିପୂର୍ବରୁ ରିଲାଏନ୍ସ ଇଣ୍ଡଷ୍ଟ୍ରିଜକୁ ଟିସିଏସ୍ ପଛରେ ପକାଇ ଦେଇଥିଲା। ରିଲାଏନ୍ସର ବଜାର ପୁଞ୍ଜୀକରଣ ୮.୩୬ ଲକ୍ଷ କୋଟି ଟଙ୍କା ଥିଲା। ସୂଚନାଥାଉ କି, ଆଇବିଏମ୍ ୧୯୫୦ରେ ଭାରତରେ ପ୍ରବେଶ କରିଥିଲା। ତେବେ ୧୯୭୦ରେ କମ୍ପାନୀକୁ ଦେଶ ଛାଡ଼ିବାକୁ ପଡିଥିଲା। ୧୯୯୨ରେ ଟାଟା ଗ୍ରୁପ୍ ସହ ପାର୍ଟନରଶିପ୍ କରି ଏହା ପୁନର୍ବାର ଦେଶକୁ ଫେରିଆସିଥିଲା। ପୁନର୍ବାର ୧୯୯୭ରେ ଆଇବିଏମ୍ ପାର୍ଟନରଶିପ୍ରୁ ବାହାରି ଆସି ନିଜେ ସ୍ୱତନ୍ତ୍ର ଭାବେ ବ୍ୟବସାୟ ଆରମ୍ଭ କରିଛି।

### ପ୍ରତ୍ୟାହାର ହୋଇପାରେ ଏଟିଏମ୍ ଚାର୍ଜ

#### ଆର୍ବିଆଇ ଗଠନ କଲା ସମୀକ୍ଷା କମିଟି



ମୁମ୍ବାଇ,୧୧-୬: ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍ବିଆଇ) ଏନ୍ଇଏଫ୍ଟି ଏବଂ ଆର୍ଟିଜିଏସ୍ ଉପରେ ଲାଗୁଥିବା ଶୁଳ୍କ ପ୍ରତ୍ୟାହାର କରିନେଇଛି। ତେବେ ଅଟୋମେଟେଡ ଟେଲର ମେଶିନ(ଏଟିଏମ୍) ବ୍ୟବହାର ଲାଗି ଲାଗୁଥିବା ଚାର୍ଜ ଆଦାୟର ସମୀକ୍ଷା ଲାଗି କେନ୍ଦ୍ରୀୟ ବ୍ୟାଙ୍କ ପକ୍ଷରୁ ଏକ କମିଟି ଗଠନ କରାଯାଇଛି। କମିଟିର ପ୍ରଥମ ବୈଠକର ୨ ମାସ ମଧ୍ୟରେ ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିବା ଆର୍ବିଆଇ ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ସୂଚନାଯୋଗ୍ୟ ଯେ, ଗତ ୬ରେ ମୁଦ୍ରାନୀତି ଘୋଷଣା କରିବା ଅବସରରେ ଏଟିଏମ୍ ଚାର୍ଜର ସମୀକ୍ଷା ଲାଗି ଏକ କମିଟି ଗଠନ କରାଯିବ ବୋଲି ଗଭର୍ନର ଶକ୍ତିକାନ୍ତ ଦାସ ପ୍ରକାଶ କରିଥିଲେ। ଇଣ୍ଡିଆନ ବ୍ୟାଙ୍କସ ଆସୋସିଏଶନର ଚିଫ୍ ଏକ୍ଜିକ୍ୟୁଟିଭ ଅଫିସର ଭି.ଜି.କାନ୍ନନ ଏହି କମିଟିର ଅଧ୍ୟକ୍ଷ ରହିବେ। ଏହାଛଡ଼ା ନ୍ୟାଶନାଲ ପେମେଣ୍ଟସ କର୍ପୋରେଶନ ଅଫ୍ ଇଣ୍ଡିଆର ଦିଲୀପ ଆସ୍ବେ, ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆର ଜେନେରାଲ ମ୍ୟାନେଜର ଗିରିଶ କୁମାର ନାୟାର, ଲାଏବିଲିଟି ପ୍ରଡକ୍ଟର ଗ୍ରୁପ୍ ହେଡ୍ ଏସ୍. ସମ୍ପଦ କୁମାର, ଏଚଡିଏଫ୍ସି ବ୍ୟାଙ୍କ ଲିମିଟେଡ, କନ୍ଫେଡେରେଶନ ଅଫ୍ ଏଟିଏମ୍ ଇଣ୍ଡଷ୍ଟ୍ରିର ଡାଇରେକ୍ଟର କେ.ଶ୍ରୀନିବାସ, ଟାଟା କମ୍ୟୁନିକେଶନ୍ସ ପେମେଣ୍ଟ ସଲ୍ୟୁଶନ୍ସ ଲିମିଟେଡର ସିଇଓ ସଞ୍ଜୀବ ପଟେଲ ସଦସ୍ୟ ରହିଛନ୍ତି।

---

> ଦେଶରେ ଇଲେକ୍ଟ୍ରିକ ଗାଡ଼ି ପ୍ରଚଳନ ନେଇ ସରକାରଙ୍କ ନୀତି ସ୍ପଷ୍ଟ ହେବା ଉଚିତ। ଗାଡ଼ି ନିର୍ମାତାମାନେ ବିଏସ୍-୬ ଅନୁଯାୟୀ ଏବେ ଗାଡ଼ି ଉତ୍ପାଦନ ପ୍ରତି ଦୃଷ୍ଟି ଦେଉଛନ୍ତି।
> – ପୱନ ମୁଞ୍ଜାଲ, ଅଧ୍ୟକ୍ଷ, ହିରୋ ମୋଟୋକର୍ପ



> ସାରା ଦେଶରେ ଥିବା ମର୍ଚ୍ଚାଣ୍ଟ ଏବଂ କ୍ଷୁଦ୍ର ବ୍ୟବସାୟୀ ଭାରତର ନଗଦରୁ ଡିଜିଟାଲ ଯାତ୍ରାର ମୁଖ୍ୟ ସୂତ୍ରଧର ହେବେ। ସେମାନଙ୍କୁ ଡିଜିଟାଲ ଭାବେ କ୍ଷମତାଶାଳୀ କରିବାକୁ ହେବ।
> – ରାଜୀବ କୁମାର, ସିନିୟର ଭାଇସ ପ୍ରେସିଡେଣ୍ଟ, ମାଷ୍ଟରକାର୍ଡ



### ଅରବିନ୍ଦ ସୁବ୍ରମଣ୍ୟନ୍ଙ୍କ ବିସ୍ଫୋରକ ରିପୋର୍ଟ

# ଜିଡିପିକୁ ନେଇ ମିଛ କହିଛନ୍ତି ୟୁପିଏ, ଏନ୍ଡିଏ

ନୂଆଦିଲ୍ଲୀ,୧୧-୬

- ୨୦୧୧-୧୨ରୁ ୨୦୧୬-୧୭ଯାଏ ଜିଡିପି ହାର ୨.୫% କମ୍ ଥିଲା
- ଏହି ସମୟରେ ଜିଡିପି ୩.୫ରୁ ୫.୫% ରହିବା ସମ୍ଭାବନା
- ବିକାଶ ହାର ୧% ବଢ଼ିଥିବା ୯୫% ନିଶ୍ଚିତ



ଅରବିନ୍ଦ ସୁବ୍ରମଣ୍ୟନ୍

ବିଗତ କିଛିମାସ ହେବ ଜିଡିପି ଡାଟାକୁ ନେଇ ବିବାଦ ଲାଗିରହିଛି। ଏବେ ଏହି ବିବାଦରେ କୁଦି ପଡ଼ିଛନ୍ତି ପୂର୍ବତନ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା(ସିଇଏ) ଅରବିନ୍ଦ ସୁବ୍ରମଣ୍ୟନ୍। ତାଙ୍କ ମତରେ ଜିଡିପିକୁ ନେଇ ଉଭୟ ୟୁପିଏ ଓ ଏନ୍ଡିଏ ସରକାର ଦେଶବାସୀଙ୍କୁ ମିଛ କହିଛନ୍ତି। ବାସ୍ତବଠାରୁ ପ୍ରାୟ ୨.୫% ଅଧିକ ଜିଡିପି ହାର ଦର୍ଶାଯାଇଛି। ସୁବ୍ରମଣ୍ୟନ୍ କହିଛନ୍ତି ଯେ, ୨୦୧୧-୧୨ରୁ ୨୦୧୬-୧୭ ଯାଏ ଦେଶର ବିକାଶ ହାର ୬.୯ ପ୍ରତିଶତ ରହିଥିବା ଦାବି କରାଯାଇଥିଲା। ତେବେ ସେତେବେଳେ ଏହା ୩.୫ରୁ ୫.୫% ରହିଥିବା ସମ୍ପୂର୍ଣ୍ଣ ସମ୍ଭାବନା ରହିଛି।

ମିଡିଆ ରିପୋର୍ଟ ଅନୁଯାୟୀ, ସୁବ୍ରମଣ୍ୟନ୍ ହାର୍ଭାର୍ଡ ୟୁନିଭର୍ସିଟିରେ ଏକ ଗବେଷଣାମୂଳକ ରିପୋର୍ଟ ପ୍ରକାଶ କରି ଭାରତର ଜିଡିପି ସମ୍ପର୍କରେ ବିସ୍ଫୋରକ ତଥ୍ୟ ଦେଇଛନ୍ତି। ଏଥିରେ କୁହାଯାଇଛି ଯେ, ଦେଶ ଭିତରେ ଏବଂ ବାହାରେ ଥିବା ଏକାଧିକ ସାକ୍ଷ୍ୟପ୍ରମାଣରୁ ଜଣାପଡୁଛି ଯେ, ଭାରତର ଜିଡିପି ଅଭିବୃଦ୍ଧି ୨୦୧୧ ପରେ ପ୍ରତିବର୍ଷ ପ୍ରାୟ ୨.୫% ବଢ଼େଇ ଦର୍ଶାଯାଇଥିବା ଅନୁମାନ କରାଯାଉଛି। ତେବେ ୧% ନିଶ୍ଚିତ ଭାବେ ବଢ଼ାଯାଇଥିବା ୯୫% ଗ୍ୟାରେଣ୍ଟି ସହ କହିହେବ ବୋଲି ରିପୋର୍ଟରେ କୁହାଯାଇଛି। ସୁବ୍ରମଣ୍ୟନ୍ ଲେଖିଛନ୍ତି ଯେ, ଭାରତର ଆର୍ଥିକ ନୀତିର ଗାଡ଼ି ଖରାପ ହୋଇଯାଇଛି ଏବଂ ଏହା ଭାଙ୍ଗିଯାଇଥିବା ସ୍ପିଡୋମିଟର ସହିତ ଆଗକୁ ବଢ଼ିଛି। କେନ୍ଦ୍ରୀୟ ପରିସଂଖ୍ୟାନ କାର୍ଯ୍ୟାଳୟ(ସିଏସ୍ଓ)ର ତଥ୍ୟ କହୁଛି ଯେ, ଗତ ଆର୍ଥିକ ବର୍ଷ ୨୦୧୮-୧୯ର ଚତୁର୍ଥ ତ୍ରୈମାସରେ ଦେଶର ଜିଡିପି ହାର ହ୍ରାସ ପାଇ ୫.୮% ରହିଛି। ଏହି କାରଣରୁ ଭାରତକୁ ପଛରେ ପକାଇ ଚାଇନା ଏବେ ବିଶ୍ୱର ଦ୍ରୁତ ଅଭିବୃଦ୍ଧିଶାଳୀ ଦେଶର ମାନ୍ୟତା ପାଇଛି। କୃଷି ଏବଂ ବିନିର୍ମାଣ କ୍ଷେତ୍ରରେ ଦେଖାଦେଇଥିବା ଦୁର୍ବଳତା କାରଣରୁ ଭାରତର ଜିଡିପି ହାର କମିଛି ବୋଲି ରିସର୍ଚ୍ଚ ରିପୋର୍ଟରେ ଦର୍ଶାଯାଇଛି। ପୂର୍ବତନ ସିଇଏ କହିଛନ୍ତି ଯେ, ୨୦୧୧ ପୂର୍ବରୁ ଔଦ୍ୟୋଗିକ ଉତ୍ପାଦନ ସୂଚକାଙ୍କ ଏବଂ ବିନିର୍ମାଣ ରପ୍ତାନିର ଅଂଶ ସହ ଏହାର ସିଧାସଳଖ ତାଳମେଳ ଥିବା ମାନୁଫାକ୍ଚରିଂ ଭାଲ୍ୟୁକୁ ଦେଶର ବିକାଶ ହାର ସହ ଯୋଡାଯାଉଥିଲା। କିନ୍ତୁ ଏହା ପରେ ଏକ ପ୍ରମୁଖ ପ୍ରଣାଳୀଗତ ପରିବର୍ତ୍ତନ କରାଯିବା ଯୋଗୁ ଔପଚାରିକ ବିନିର୍ମାଣ କ୍ଷେତ୍ରର ମାପ ପ୍ରଭାବିତ ହୋଇଥିଲା। ତେବେ ଜିଡିପି ହାର ବଢ଼େଇ ଦର୍ଶାଇବା ପଛରେ କୌଣସି ରାଜନୈତିକ ଦୂରଭିସନ୍ଧି ନ ଥିଲା ବୋଲି ସେ ସ୍ପଷ୍ଟ କରିଛନ୍ତି। ସେହିପରି ତଥ୍ୟରେ ପରିବର୍ତ୍ତନ ସହ ନିକଟରେ ସୃଷ୍ଟି ହୋଇଥିବା ବିବାଦକୁ ଯୋଡିବା ଅନୁଚିତ ହେବ ବୋଲି ସେ କହିଛନ୍ତି। ସେ କହିଛନ୍ତି ଯେ, ୟୁପିଏ ସରକାର ଅମଳରେ ଟେକ୍ନୋକ୍ରାଟ୍ସ ହିଁ ଏହି ପରିବର୍ତ୍ତନ କରିଥିଲେ। ଜିଡିପି ଆକଳନକୁ ସ୍ୱତନ୍ତ୍ର ଟାସ୍କଫୋର୍ସ ଦ୍ୱାରା ପୁନଃନିରୀକ୍ଷଣ କରାଯିବା ଆବଶ୍ୟକ ବୋଲି ସେ ପରାମର୍ଶ ଦେଇଛନ୍ତି। ଏଥିରେ ରାଷ୍ଟ୍ରୀୟ, ଅନ୍ତଃରାଷ୍ଟ୍ରୀୟ, ପରିସଂଖ୍ୟାନବିତ୍, ମାକ୍ରୋ-ଇକୋନୋମିଷ୍ଟ ଏବଂ ପଲିସି ୟୁଜରଙ୍କୁ ସାମିଲ କରାଯିବା ଆବଶ୍ୟକ ବୋଲି ସେ କହିଛନ୍ତି।

## ୩୫ ହଜାର କୋଟି ଋଣ ଶୁଝିଛି: ଅନିଲ

ନୂଆଦିଲ୍ଲୀ,୧୧-୬



ଅନିଲ ଅମ୍ବାନୀ

ଗତ ୧୪ ମାସ ମଧ୍ୟରେ ବକେୟା ଋଣରୁ ୩୫ ହଜାର କୋଟି ଟଙ୍କା ପରିଶୋଧ କରାଯାଇସାରିଛି ବୋଲି ରିଲାଏନ୍ସ ଅନିଲ ଧୀରୁଭାଇ ଅମ୍ବାନୀ ଗ୍ରୁପ୍ ପ୍ରମୁଖ ଅନିଲ ଅମ୍ବାନୀ ମଙ୍ଗଳବାର ପ୍ରକାଶ କରିଛନ୍ତି। ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଯୋଗ ଦେଇ ଅନିଲ କହିଛନ୍ତି ଯେ, ଆହ୍ୱାନପୂର୍ଣ୍ଣ ପରିସ୍ଥିତି ମଧ୍ୟରେ ବ୍ୟାଙ୍କ ଅଥବା ଆର୍ଥିକ ସଂସ୍ଥାରୁ ସହାୟତା ନ ପାଇ ମଧ୍ୟ ତାଙ୍କ ଗ୍ରୁପ୍ ୨୦୧୮ ଏପ୍ରିଲ ପହିଲାରୁ ଚଳିତବର୍ଷ ମେ ୩୧ ମଧ୍ୟରେ ମୂଳଧନ ୨୪,୮୦୦ କୋଟି ଟଙ୍କା ଏବଂ ସୁଧ ବାବଦରେ ୧୦,୬୦୦ କୋଟି ଟଙ୍କା ପରିଶୋଧ କରିସାରିଛି। ଅବଶିଷ୍ଟ ସମସ୍ତ ଋଣକୁ ମଧ୍ୟ ଗ୍ରୁପ୍ ପରିଶୋଧ କରିଦେବ ବୋଲି ଅନିଲ ପ୍ରତିଶ୍ରୁତି ଦେଇଛନ୍ତି। ବ୍ୟବସ୍ଥାରେ ଥିବା ତ୍ରୁଟିରୁ ୩୦ ହଜାର କୋଟି ଟଙ୍କା ପାଇବାରେ ବିଳମ୍ବ ହେଲା ବୋଲି ସେ ଅଭିଯୋଗ କରିଛନ୍ତି। ନିୟାମକ ଏବଂ ବିଭିନ୍ନ କୋର୍ଟର ରାୟ ପ୍ରକାଶରେ ବିଳମ୍ବ ପାଇଁ ସେ ବ୍ୟବସ୍ଥାକୁ ଦାୟୀ କରିଛନ୍ତି।

## ଯାତ୍ରୀ ବାହନ ୨୦%, କାର୍ ୨୬% ବିକ୍ରି କମିଛି

ନୂଆଦିଲ୍ଲୀ,୧୧-୬

ଘରୋଇ ବଜାରରେ ଯାତ୍ରୀ ବାହନ ବିକ୍ରି ମେ'ରେ ୨୦.୫୫% ହ୍ରାସ ପାଇ ୨,୩୯,୩୪୭ରେ ପହଞ୍ଚିଛି। ଗତବର୍ଷ ଏହି ସମୟରେ ଏହା ୩,୦୧,୨୩୮ ଥିଲା। ବାହନ ନିର୍ମାତା ସଂଗଠନ ସିୟାମ ଦ୍ୱାରା ମଙ୍ଗଳବାର ଜାରି ତଥ୍ୟ ଅନୁଯାୟୀ, ମେ'ରେ ଘରୋଇ ବଜାରରେ କାର୍ ବିକ୍ରି ୨୬.୦୩% ହ୍ରାସ ପାଇ ୧,୪୭,୫୪୬ ହୋଇଛି। ଗତବର୍ଷ ମେ'ରେ ଏହା ୧,୯୯,୪୭୯ ଥିଲା। ଏଭଳି ଭାବେ ସମୀକ୍ଷାଧୀନ ମାସରେ ମୋଟରସାଇକେଲ ବିକ୍ରି ୪.୮୯ ପ୍ରତିଶତ ହ୍ରାସ ପାଇଛି ଓ ଏହା ୧୧,୬୨,୩୭୩କୁ ଖସି ଆସିଛି।

## ଅକ୍ଟୋବରରୁ ନୂଆ ଜିଏସ୍ଟି ରିଟର୍ନ ଦାଖଲ ବ୍ୟବସ୍ଥା

ନୂଆଦିଲ୍ଲୀ,୧୧-୬



ଆସନ୍ତାବର୍ଷ ଜାନୁୟାରୀରୁ ସାରା ଦେଶରେ ବ୍ୟବସାୟୀମାନେ ସରଳ ଜିଏସ୍ଟି ଫର୍ମ ପୂରଣ କରିପାରିବେ। ତେବେ ଏହାର ଟ୍ରାୟାଲ ଜୁଲାଇରୁ ଆରମ୍ଭ ହୋଇଯିବ। ଅନ୍ୟପକ୍ଷରେ ନୂଆ ମାସିକ ରିଟର୍ନ ଫର୍ମ ବ୍ୟବସ୍ଥା ଚଳିତ ବର୍ଷ ଅକ୍ଟୋବରରୁ ଆରମ୍ଭ ହୋଇଯିବ ବୋଲି ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ମଙ୍ଗଳବାର କୁହାଯାଇଛି। ପୁରୁଣା ରିଟର୍ନ ଫର୍ମ ଜିଏସ୍ଟିଆର୍-୩ବିକୁ ପ୍ରଚଳନରୁ ବାଦ୍ ଦିଆଯିବ ଏବଂ ଏହା ସ୍ଥାନରେ ଆସନ୍ତାବର୍ଷ ଜାନୁୟାରୀରୁ ଜିଏସ୍ଟି ଆର୍ଇଟି-୧ ଫର୍ମକୁ ଲାଗୁ କରାଯିବ।

ନୂଆ ବ୍ୟବସ୍ଥାରେ ଜିଏସ୍ଟି ଆରଇଟି-୧ ଏକ ମୁଖ୍ୟ ରିଟର୍ନ ଫର୍ମ ହେବ। ଅନ୍ୟପକ୍ଷରେ ଦୁଇଟି ସଂଲଗ୍ନ ଫର୍ମ ଜିଏସ୍ଟି ଏଏନ୍ଏକ୍ସ-୧ ଏବଂ ଜିଏସ୍ଟି ଏଏନ୍ଏକ୍ସ-୨ ରହିବ। ଟିକସଦାତାଙ୍କ ଲାଗି ଚଳିତବର୍ଷ ୩ ମାସ ଜୁଲାଇରୁ ସେପ୍ଟେମ୍ବର ପର୍ଯ୍ୟନ୍ତ ଜିଏସ୍ଟି ଏଏନ୍ଏକ୍ସ-୧ ଏବଂ ଜିଏସ୍ଟି ଏଏନ୍ଏକ୍ସ-୨ ଫର୍ମର ଟ୍ରାୟାଲ ଲାଗି ଉପଲବ୍ଧ ହେବ। ଏହି ଅବଧିରେ ଟିକସଦାତାଙ୍କୁ ପିଛିଲା ଅବଧିର ଟିକସ ଦେୟ ଏବଂ ଇନ୍ପୁଟ୍ ଟ୍ୟାକ୍ସ କ୍ରେଡିଟର ପ୍ରଭାବ ପଡ଼ିବ ନାହିଁ। ଏହି ଅବଧିରେ ସେ ଆପୂର୍ତ୍ତି ଲାଗି ମାସିକ ଅଥବା ତ୍ରୈମାସିକ ଆଧାରରେ ଜିଏସ୍ଟିଆର୍-୧ ଏବଂ ମାସିକ ଆଧାରରେ ଜିଏସ୍ଟିଆର୍-୩ବିର ଅନୁପାଳନ କରିଚାଲିବେ। ଯୋଜନା ମୁତାବକ ୫ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ବାର୍ଷିକ କାରବାର କରୁଥିବା ଟିକସଦାତା ଅକ୍ଟୋବରରୁ ନିଜର ମାସିକ ରିଟର୍ନ ଇନ୍ଭଏସ୍ ଜିଏସ୍ଟି ଏଏନ୍ଏକ୍ସ-୧ ଫର୍ମ ଅପଲୋଡ କରିବେ। ସେହିଭଳି ଭାବେ, ୫ କୋଟି ଟଙ୍କାରୁ କମ୍ ବାର୍ଷିକ କାରବାର କରୁଥିବା କ୍ଷୁଦ୍ର ଟିକସଦାତା ଜାନୁୟାରୀ, ୨୦୨୦ରୁ ଜିଏସ୍ଟି ଏଏନ୍ଏକ୍ସ-୧ ଫର୍ମ ତ୍ରୈମାସିକ ଆଧାରରେ ପୂରଣ କରିବା ବାଧ୍ୟତାମୂଳକ ହେବ।



ଏଲ୍ଜି ପକ୍ଷରୁ ପ୍ରତ୍ୟେକ ଘଣ୍ଟାରେ ବିଜୟୀ ଅଧୀନରେ 'ବିଶ୍ୱ କପ ଅଫର' ଘୋଷଣା କରାଯାଇଛି। ଏହାର ଅଂଶବିଶେଷ ଭାବେ ସାରା ଭାରତରେ ଏକ ଏଲ୍ଇଡି କ୍ରୟ କଲେ ଗ୍ରାହକ ପ୍ରତି ଘଣ୍ଟାରେ ଲକି ଡ୍ରରେ ଅଂଶଗ୍ରହଣ କରିବା ଲାଗି ଯୋଗ୍ୟତା ହାସଲ କରିବେ। ମନୋନୀତ ହେବା ପରେ ଗ୍ରାହକଙ୍କୁ ଏଲ୍ଜି ପକ୍ଷରୁ ବିଭିନ୍ନ ପ୍ରକାର ଉପହାର ଦିଆଯିବ। ଏହାଛଡ଼ା ସାପ୍ତାହିକ ଲକି ଡ୍ରର ବ୍ୟବସ୍ଥା ରହିଛି। ଗ୍ରାହକ ଏଥିରେ ଭାଗ ନେଇ ଉତ୍ସାହଜନକ ଉପହାର ପାଇବାର ସୁଯୋଗ ପାଇବେ। କଟକର ରାଜ ଇଲେକ୍ଟ୍ରୋନିକ୍ସ ଷ୍ଟୋରରୁ ଦୈତାରି ବିଶ୍ୱାଳ ନାମକ ଜଣେ ଗ୍ରାହକ ୩୨ ଇଞ୍ଚର ଏଲ୍ଇଡି କିଣିବା ପରେ ୪୯୯୦ ଟଙ୍କାର ଏଲ୍ଜି ଏକ୍ସ ବୁମ୍-ଏଲ୍କେ୭୨ ବି ସାଉଣ୍ଡ ସିଷ୍ଟମ ଜିତିବାର ସୌଭାଗ୍ୟ ଲାଭ କରିଛନ୍ତି।

## ଆର୍ଥର ରୋଡ ଜେଲ୍ରେ ଏକାଠି ରହିବେ ମାଲ୍ୟା-ନୀରବ

ନୂଆଦିଲ୍ଲୀ,୧୧-୬



ଭାରତର ପ୍ରୟାସ ସଫଳ ହେଲେ ମହାରାଷ୍ଟ୍ରର ଆର୍ଥର ରୋଡ ଜେଲ୍ର ବାରାକ୍ ନମ୍ବର ୧୨ର ନାମ ବଦଳାଇ 'କୋଟିପତିଙ୍କ କୋଠରି' ରଖାଯାଇପାରେ। ବିଭିନ୍ନ ବ୍ୟାଙ୍କରୁ ଋଣ ନେଇ ଫେରାର ହୋଇଥିବା ମଦ ବ୍ୟବସାୟୀ ବିଜୟ ମାଲ୍ୟା ଏବଂ ପିଏନ୍ବି ମହାଦୁର୍ନୀତିର ମାଷ୍ଟରମାଇଣ୍ଡ ନୀରବ ମୋଦିଙ୍କୁ ଭାରତ ଫେରାଇ ଆଣିବା ଲାଗି ଜୋରଦାର ପ୍ରୟାସ ଚାଲିଛି। ସେମାନଙ୍କୁ ସ୍ୱାଗତ କରିବା ଲାଗି ଆର୍ଥର ରୋଡ ଜେଲ୍କୁ ପ୍ରସ୍ତୁତ କରି ରଖାଯାଇଛି। ପ୍ରତ୍ୟର୍ପିତ ହେବା ପରେ ନୀରବ ମୋଦି ଓ ବିଜୟ ମାଲ୍ୟାଙ୍କୁ ଏକାଠି ବାରାକ୍ ନମ୍ବର ୧୨ରେ ରଖାଯିବ ବୋଲି ମହାରାଷ୍ଟ୍ର ଜେଲ୍ ବିଭାଗ ପକ୍ଷରୁ କେନ୍ଦ୍ର ସରକାରଙ୍କୁ ପତ୍ର ଲେଖି ଜଣାଇ ଦିଆଯାଇଛି। ବ୍ରିଟେନର ୱେଷ୍ଟମିନ୍ଷ୍ଟର କୋର୍ଟରେ ମୋଦିଙ୍କୁ ଭାରତ ପ୍ରତ୍ୟର୍ପଣ ନେଇ ଚାଲିଥିବା ମାମଲା ବହୁ ବାଟ ଆଗେଇଛି। ଏଭଳି ସ୍ଥିତିରେ ତାଙ୍କୁ ଆର୍ଥର ରୋଡ ଜେଲ୍ରେ ରଖାଯିବା ନେଇ ଜଣାଇବାକୁ ନିକଟରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ମହାରାଷ୍ଟ୍ର ସରକାରଙ୍କୁ ପତ୍ର ଲେଖି କୁହାଯାଇଛି। ମହାରାଷ୍ଟ୍ର ଜେଲ୍ ବିଭାଗ ପକ୍ଷରୁ ସୋମବାର ପତ୍ର ଲେଖି ବାରାକ ନମ୍ବର ୧୨ ସେମାନଙ୍କ ଲାଗି ପ୍ରସ୍ତୁତ ଥିବା ଜଣାଇ ଦିଆଯାଇଛି।

## ନିବେଶକଙ୍କ ୨୦୦୦ କୋଟି ଠକି ଫେରାର

### ଆର୍ଥିକ ସଂସ୍ଥା ପ୍ରତିଷ୍ଠାତାଙ୍କ ଏବେ ଆତ୍ମହତ୍ୟା ଧମକ

ବେଙ୍ଗାଲୁରୁ,୧୧-୬

ଇସ୍ଲାମିକ ବ୍ୟାଙ୍କିଙ୍ଗ୍ ଏବଂ ହଲାଲ ନିବେଶ ଫାର୍ମ ଆଇ ମନିଟରୀ ଆଡ୍ଭାଇଜରୀ(ଆଇଏମ୍ଏ)ର ଶତାଧିକ ନିବେଶକ ମଙ୍ଗଳବାର କମ୍ପାନୀର ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପ୍ରାୟ ୨ହଜାର କୋଟି ଟଙ୍କା ଠକି ଫେରାର ହୋଇଥିବା ଫାର୍ମର ପ୍ରତିଷ୍ଠାତା ମହମ୍ମଦ ମନସୁର ଖାନଙ୍କ ଏକ ଅଡିଓ କ୍ଲିପ୍ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଏଥିରେ କୁହାଯାଇଛି ଯେ, ସେ ଆତ୍ମହତ୍ୟା କରିବାକୁ ଯାଉଛନ୍ତି। ନେତା ଓ ଅଫିସରଙ୍କୁ ଲାଞ୍ଚ ଦେଇ ସେ ଥକି ପଡିଛନ୍ତି। ମିଡିଆ ରିପୋର୍ଟ ଅନୁଯାୟୀ, ଭାରତ ଏବଂ ଅନ୍ୟ କେତେକ ଦେଶରେ ଆଇଏମ୍ଏର ପ୍ରାୟ ୧୦ ହଜାରରୁ ଅଧିକ ନିବେଶକ ରହିଛନ୍ତି, ଯିଏ କି, କମ୍ପାନୀରେ ପ୍ରାୟ ୨ହଜାର କୋଟି ଟଙ୍କା ନିବେଶ କରିଛନ୍ତି।

# ରିଲାଏନ୍ସ ଯୋଗାଇବ ସବ୍ସିଡିଯୁକ୍ତ ଏଲ୍ପିଜି

ନୂଆଦିଲ୍ଲୀ,୧୧-୬

**ନିଷ୍ପତ୍ତି ନେବେ ୫ ଜଣିଆ କମିଟି**

- ଏବେ ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀଗୁଡ଼ିକ ଏଲ୍ପିଜି ଯୋଗାଉଛନ୍ତି
- ଦେଶରେ ଏବେ ୨୬.୫ ମିଲିୟନ ଗ୍ରାହକ
- ବିନା ସବ୍ସିଡିରେ ଏଲ୍ପିଜି ଯୋଗାଉଛି ରିଲାଏନ୍ସ ଇଣ୍ଡଷ୍ଟ୍ରିଜ
- ଜାମନଗରରେ ରିଲାଏନ୍ସର ସର୍ବବୃହତ୍ ରିଫାଇନେରି




ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀଗୁଡ଼ିକ ଦେଶରେ ରୋଷେଇ ଗ୍ୟାସ୍ ଅର୍ଥାତ ଏଲ୍ପିଜି ସିଲିଣ୍ଡର ଯୋଗାଉଛନ୍ତି। ତେବେ ଘରୋଇ କମ୍ପାନୀଙ୍କୁ ସବ୍ସିଡିଯୁକ୍ତ ରୋଷେଇ ଗ୍ୟାସ୍ ଯୋଗାଇବା ଲାଗି ସୁଯୋଗ ଦେବାକୁ ଦେଶର ସର୍ବବୃହତ୍ ଗ୍ୟାସ୍ ଉତ୍ପାଦନକାରୀ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଦାବି କରିଛି। ଏହି ପରିପ୍ରେକ୍ଷୀରେ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରଣାଳୟ ପକ୍ଷରୁ ଏକ ୫ ଜଣିଆ କମିଟି ଗଠନ କରାଯାଇଛି। ଏହି କମିଟି ଆସନ୍ତା ଜୁଲାଇ ସୁଦ୍ଧା ତାଙ୍କର ରିପୋର୍ଟ ଦେବାକୁ କୁହାଯାଇଛି।

ମିଡିଆ ରିପୋର୍ଟ ଅନୁଯାୟୀ, ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ର ଜାମନଗରରେ ବିଶ୍ୱର ସର୍ବବୃହତ୍ ରିଫାଇନେରୀ ରହିଛି। ଏଠାରେ ଉତ୍ପାଦିତ ଏଲ୍ପିଜିକୁ ଏହା ସରକାରୀ ସବ୍ସିଡିରେ ଯୋଗାଇବାକୁ ଆଗ୍ରହୀ ବୋଲି କମ୍ପାନୀ କହିଛି। ବର୍ତ୍ତମାନର ବ୍ୟବସ୍ଥାରେ ସରକାର ବଜାର ଦରରେ ହିତାଧିକାରୀଙ୍କୁ ରୋଷେଇ ଗ୍ୟାସ୍ ବିକ୍ରି କରିଥାନ୍ତି। କିନ୍ତୁ ଗ୍ରାହକଙ୍କ ଖାତାକୁ ସବ୍ସିଡି ଅର୍ଥ ଆସୁଥିବାରୁ ସିଲିଣ୍ଡର ଦର ଶସ୍ତା ହୋଇଯାଇଥାଏ। କିନ୍ତୁ ଘରୋଇ କମ୍ପାନୀଗୁଡ଼ିକୁ ଏଥିପାଇଁ ଅନୁମତି ଦିଆଯାଇନାହିଁ। ସେମାନେ ବଜାର ଦରରେ ହିଁ ଲୋକଙ୍କୁ ଏଲ୍ପିଜି ବିକ୍ରି କରିଥାନ୍ତି। ସରକାରଙ୍କ ଦ୍ୱାରା ଗଠିତ ପ୍ୟାନେଲରେ ବିଶିଷ୍ଟ ଅର୍ଥନୀତିବିତ୍ କିରୀଟ୍ ପାରିଖ, ପୂର୍ବତନ ପେଟ୍ରୋଲିୟମ ସଚିବ ଜି.ସି.ଚତୁର୍ବେଦୀ, ପୂର୍ବତନ ଇଣ୍ଡିଆନ ଅଏଲ ଅଧ୍ୟକ୍ଷ ଏମ୍.ଏ. ପଠାନ, ଆଇଆଇଏମ୍ ଅହମ୍ମଦାବାଦ୍ ଡାଇରେକ୍ଟର ଏରୋଲ ଡି'ସୁଜା ଏବଂ ପେଟ୍ରୋଲିୟମ ମନ୍ତ୍ରଣାଳୟର ଜଣେ ଯୁଗ୍ମ ସଚିବ ରହିଛନ୍ତି। ଏହି କମିଟି ପୂର୍ବରୁ ଦେଶରେ ପେଟ୍ରୋଲ ପମ୍ପ ପ୍ରତିଷ୍ଠା ନେଇ ନୀତିରେ ସୁଧାର କରିବାକୁ ସୁପାରିସ୍ କରିଥିଲେ। ପେଟ୍ରୋଲ ପମ୍ପ ପ୍ରତିଷ୍ଠା ପାଇଁ ୨୦୦୦ କୋଟି ଟଙ୍କାର ନିବେଶ ବ୍ୟବସ୍ଥାକୁ ପ୍ରତ୍ୟାହାର କରିନେବା ଲାଗି ଏହି କମିଟି ସୁପାରିସ୍ କରିଥିଲେ। ସୂଚନାଥାଉ କି, ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ କେତେକ ରାଜ୍ୟରେ ରୋଷେଇ ଗ୍ୟାସ୍ ବିକ୍ରି କରୁଛି। ତେବେ ଦେଶର ମୋଟ ୨୬.୫ ମିଲିୟନ ଗ୍ରାହକଙ୍କ ତୁଳନାରେ ଏହା ଅତ୍ୟନ୍ତ ନଗଣ୍ୟ। ଏଲ୍ପିଜି ସିଲିଣ୍ଡର ବ୍ୟବହାର କରିବାରେ ଭାରତ ବିଶ୍ୱରେ ଦ୍ୱିତୀୟ। ୨୦୧୮-୧୯ରେ ଭାରତରେ ୨୪.୯ ମିଲିୟନ ମେଟ୍ରିକ ଟନ୍ ଏଲ୍ପିଜି ବ୍ୟବହୃତ ହୋଇଛି। ଏଥିରୁ ଅଧା ବିଦେଶରୁ ଆମଦାନୀ କରାଯାଇଥିଲା। ବର୍ତ୍ତମାନ ଦିଲ୍ଲୀରେ ବିନା ସବ୍ସିଡିଯୁକ୍ତ ଏଲ୍ପିଜି ସିଲିଣ୍ଡର ୭୩୭.୫୦ ଟଙ୍କା, ମୁମ୍ବାଇରେ ଏହା ୭୦୯.୫୦ ଟଙ୍କା, କୋଲକାତାରେ ୭୬୩.୫୦ ଟଙ୍କା ଏବଂ ଚେନ୍ନାଇରେ ଏହା ୭୫୩ ଟଙ୍କାରେ ବିକ୍ରି ହେଉଛି। ସେହିପରି ସବ୍ସିଡିଯୁକ୍ତ ସିଲିଣ୍ଡର ଦର ଚଳିତ ମାସରେ ୧.୨୩ ଟଙ୍କା ବଢ଼ିଛି। ଦିଲ୍ଲୀରେ ଏହା ୪୯୭.୩୭ ଟଙ୍କା, ମୁମ୍ବାଇରେ ୪୯୫.୦୯ ଟଙ୍କା, କୋଲକାତାରେ ୫୦୦.୫୨ ଟଙ୍କା ଏବଂ ଚେନ୍ନାଇରେ ଏହା ୪୮୫.୨୫ ଟଙ୍କାରେ ବିକ୍ରି କରାଯାଉଛି।

DSPL-25

ଓଡ଼ିଶା ସରକାର
ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ
ବାର୍ତ୍ତା

ପ୍ରତିବର୍ଷ ଭଳି ଚଳିତ ଜୁନ ୧୨ ତାରିଖ ବିଶ୍ୱ ଶିଶୁଶ୍ରମ ନିରୋଧ ଦିବସ ପାଳନ ଅବସରରେ, ଆମ ରାଜ୍ୟକୁ ଶିଶୁଶ୍ରମ ମୁକ୍ତ ରାଜ୍ୟ ଭାବରେ ପରିଣତ କରିବା ସହ, ଶିଶୁ ଅଧିକାରର ସୁରକ୍ଷା ନିମନ୍ତେ ଯତ୍ନବାନ ହେବା ପାଇଁ ମୁଁ ସମସ୍ତଙ୍କୁ ନିବେଦନ କରୁଅଛି। ଏହା ଆମ ପାଇଁ ଏକ ଆହ୍ୱାନ ଓ ସଂକଳ୍ପ ଅଟେ। ଆସନ୍ତୁ, ଆମେ ମିଳିମିଶି ଏ ଦିଗରେ ଯତ୍ନବାନ ହେବା।

ସ୍ୱା./- ସୁଶାନ୍ତ ସିଂହ
ମାନ୍ୟବର ମନ୍ତ୍ରୀ ଶ୍ରମ ଓ କର୍ମଚାରୀ
ରାଜ୍ୟ ବୀମା ଏବଂ ଗ୍ରାମ୍ୟ ଉନ୍ନୟନ, ଓଡ଼ିଶା

17001/13/0002/1920

# ଇଞ୍ଜୁରି ପାଇଁ ୩ ମ୍ୟାଚ୍‌ରୁ ଧାୱନ ବାଦ୍

ନଟିଂହାମ,୧୧।୬(ପି.ଟି.)

ଭାରତର ବିଶ୍ୱକପ୍ ଅଭିଯାନକୁ ଜୋରଦାର୍ ଝଟ୍‌କା ଲାଗିଛି। ବାମହାତ ବୁଢ଼ା ଅଙ୍ଗୁଳି ଭାଙ୍ଗିଯିବା କାରଣରୁ ଇନ୍‌ଫର୍ମ ତଥା ଅଭିଜ୍ଞ ଓପନର ଶିଖର ଧାୱନ ଆଗାମୀ ୩ ସପ୍ତାହ ପାଇଁ ଦଳରୁ ବାଦ ପଡିଛନ୍ତି। ଫଳରେ ଅତିକମ୍‌ରେ ସେ ଆଗାମୀ ବିଶ୍ୱକପ୍ ମ୍ୟାଚ୍ ନ ଖେଳିବା ନିଶ୍ଚିତ ହୋଇଛି।

ଧାୱନଙ୍କ ବଦଳରେ ଦଳରେ କାହାକୁ ସାମିଲ କରାଯିବ ସେ ନେଇ ଟିମ୍ ମ୍ୟାନେଜମେଣ୍ଟ କୌଣସି ସ୍ପଷ୍ଟ ସୂଚନା ଦେଇନାହିଁ। ଧାୱନ ଗୁରୁବାର ଖେଳାଯିବାକୁ ଥିବା ନ୍ୟୁଜିଲାଣ୍ଡ ବିପକ୍ଷ ମ୍ୟାଚ୍ ଓ ରବିବାର ଆୟୋଜନ ହେବାକୁ ଥିବା ପାକିସ୍ତାନ ବିପକ୍ଷ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳିପାରିବେ ନାହିଁ ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ତରଫରୁ କୁହାଯାଇଛି। ତେବେ ଆସନ୍ତା ୨୨ ତାରିଖରେ ଖେଳାଯିବାକୁ ଥିବା ଆଫଗାନିସ୍ତାନ ବିପକ୍ଷ ମ୍ୟାଚ୍ ବେଳକୁ ଧାୱନ ଫିଟ୍ ହୋଇଥିବେ କି ନା ତାହା ଦେଖିବାକୁ ବାକି ରହିଲା। ବିଶ୍ୱକପ୍‌ରେ ଭାରତ ତା'ର ଦ୍ୱିତୀୟ ମ୍ୟାଚ୍‌ରେ ଗତଥରର ଚାମ୍ପିୟନ ଅଷ୍ଟ୍ରେଲିଆକୁ ପରାସ୍ତ କରିଥିଲା। ଏହି ମ୍ୟାଚ୍‌ରେ ୧୦୯ଟି ବଲର ସମ୍ମୁଖୀନ ହୋଇ ୧୧୭ ରନର ଶତକୀୟ ପାଳି ଖେଳି ଧାୱନ ହିରୋ ସାବ୍ୟସ୍ତ ହେବା ସହ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।

ନାଥନ କଲ୍ଟର- ନାଇଲଙ୍କ ଏକ ରାଇଜିଂ ବଲ ଧାୱନଙ୍କ ବାମ ବୁଢ଼ା ଅଙ୍ଗୁଳିରେ ବାଜିଥିଲା। ତେବେ ଯନ୍ତ୍ରଣା ସତ୍ତ୍ୱେ ସେ ବ୍ୟାଟିଂ ଜାରି ରଖିଥିଲେ। ତେବେ ରବୀନ୍ଦ୍ର ଜାଡେଜା ତାଙ୍କ ସ୍ଥାନରେ ପୂରା ମ୍ୟାଚ୍‌ରେ ଫିଲ୍ଡିଂ କରିଥିଲେ। ସ୍କାନ ହେବା ପରେ ଧାୱନଙ୍କ ଅଙ୍ଗୁଳି ଭାଙ୍ଗିଯାଇଥିବା ଜଣାପଡିଥିଲା। ଭାରତ ଟିମ୍ ଇଣ୍ଡିଆ ଫିଜିଓ ପାଟ୍ରିକ ଫରହାର୍ଟ ଓ ଧାୱନ ଲିଡ୍ସରେ ରହି ବିଭିନ୍ନ ସ୍ପେସିଆଲିଷ୍ଟଙ୍କ ସହ ପରାମର୍ଶ କରୁଛନ୍ତି। ମାଞ୍ଚେଷ୍ଟରଠାରୁ ଲିଡ୍ସ ଗୋଟିଏ ଘଣ୍ଟାର ରାସ୍ତା।

ଟୁର୍ନାମେଣ୍ଟର ଅନ୍ତିମଚରଣ ବେଳକୁ ଧାୱନ ଫିଟ୍ ହୋଇଯାଇଥିବେ ବୋଲି ଆଶା କରାଯାଉଥିବା ବେଳେ ଟିମ୍ ମ୍ୟାନେଜମେଣ୍ଟ ଓ ଚୟନକର୍ତ୍ତା ତାଙ୍କ ବଦଳ ଖେଳାଳି ନେଇ ଖୁବ୍‌ଶୀଘ୍ର ନିଷ୍ପତ୍ତି ନେବେ ବୋଲି ଆଶା କରାଯାଉଛି। ୨୨ ତାରିଖରେ ଭାରତ ଆଫଗାନିସ୍ତାନ ବିପକ୍ଷରେ ମ୍ୟାଚ୍ ଖେଳିବ। ତେବେ ସେତେବେଳକୁ ଧାୱନ ୧୧ ଦିନର ବିଶ୍ରାମ ପାଇଯାଇଥିବେ। ଏହି ମ୍ୟାଚ୍ ଯଦି ଧାୱନ ନ ଖେଳନ୍ତି ତେବେ ଅସାନ୍ତା ୨୭ ତାରିଖରେ ଭାରତ ମାଞ୍ଚେଷ୍ଟରରେ ୱେଷ୍ଟଇଣ୍ଡିଜ ବିପକ୍ଷ ମ୍ୟାଚ୍ ଖେଳିବା ପୂର୍ବରୁ ଆହୁରି ଅଧିକ ୬ ଦିନର ବିଶ୍ରାମ ପାଇବେ। ଯଦି ଫିଟ୍ ହୁଅନ୍ତି ତାହେଲେ ସେ ଅନ୍ତିମ ଦୁଇ ଲିଗ୍ ମ୍ୟାଚ୍ (ଜୁଲାଇ ୨ରେ ବାଂଲାଦେଶ ଓ ୬ରେ ଆୟୋଜନ ହେବାକୁଥିବା ଶ୍ରୀଲଙ୍କା ବିପକ୍ଷ ମ୍ୟାଚ) ଖେଳିପାରିବେ। କେବଳ ସେତିକି ନୁହଁ ସେମିଫାଇନାଲ ମ୍ୟାଚ୍‌ରେ ମଧ୍ୟ ଧାୱନ ଖେଳିବା ନେଇ କୌଣସି ସମସ୍ୟା ରହିବ ନାହିଁ ବୋଲି ଆଶା କରାଯାଉଛି। ଧାୱନ ଏବେ ବିସିସିଆଇ ମେଡିକାଲ ଟିମ୍‌ର ତତ୍ତ୍ୱାବଧାନରେ ରହିବେ। ଧାୱନ ଇଂଲଣ୍ଡରେ ରହିବେ ଓ ତାଙ୍କ ଇଞ୍ଜୁରିର ଉନ୍ନତି ଉପରେ ନଜର ରଖାଯିବ ବୋଲି ଟିମ୍ ଇଣ୍ଡିଆ ମିଡିଆ ମ୍ୟାନେଜର ମୌଲିନ ପାରିଖ ସୁଚନା ଦେଇଛନ୍ତି।

ବର୍ତ୍ତମାନ ଟିମ୍ ମ୍ୟାନେଜମେଣ୍ଟ ଧାୱନଙ୍କ ବଦଳ ଖେଳାଳି ଘୋଷଣା ନେଇ ସେତେଟା ତତ୍ପରତା ପ୍ରକାଶ କରିନାହିଁ। ଧାୱନଙ୍କୁ ମାସେ ପର୍ଯ୍ୟନ୍ତ ଡାକ୍ତର ଅନ୍‌ଫିଟ୍ ଘୋଷଣା ନ କଲା ପର୍ଯ୍ୟନ୍ତ ବଦଳ ଖେଳାଳି ନେଇ ଘୋଷଣା କରିବାକୁ ଟିମ୍ ମ୍ୟାନେଜମେଣ୍ଟ ଅନିଚ୍ଛୁକ ବୋଲି କୁହାଯାଉଛି।

ଦଳରେ ସ୍ପେଶାଲିଷ୍ଟ ଓପନର ଲୋକେଶ ରାହୁଲ ସାମିଲ ଅଛନ୍ତି। ତେଣୁ ସେ ଧାୱନଙ୍କ ସ୍ଥାନରେ ରୋହିତ ଶର୍ମାଙ୍କ ସହ ମିଶି ଇନିଂସ ଓପନ୍ କରିବେ। ଏଭଳି ସ୍ଥିତିରେ ବିଜୟ ଶଙ୍କର କିମ୍ବା ଦୀନେଶ କାର୍ତ୍ତିକ ଆଗାମୀ ଦୁଇ ମ୍ୟାଚ୍‌ରେ ମିଡଲ ଅର୍ଡରରେ ବ୍ୟାଟିଂ କରିବେ ବୋଲି ଆଶା କରାଯାଉଛି।

ଷ୍ଟାଣ୍ଡ-ବାଇ ତାଲିକାରେ ଉଇକେଟକିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତ ଓ ଅମ୍ବାତି ରାୟୁଡୁ ସାମିଲ ଅଛନ୍ତି। ମୁମ୍ବାଇ ବ୍ୟାଟ୍ସମ୍ୟାନ ଶ୍ରେୟାସ ଆୟର ସ୍ପେଶାଲିଷ୍ଟ ୪ ନମ୍ବର ବ୍ୟାଟ୍ସମ୍ୟାନ ବିବେଚିତ ହେଉଥିବାରୁ ତାଙ୍କ ନାମକୁ ନେଇ ମଧ୍ୟ ଚର୍ଚ୍ଚା ଆରମ୍ଭ ହୋଇଛି। ଷ୍ଟାଣ୍ଡ-ବାଇ ତାଲିକା ନେଇ ଆଇସିସିର କୌଣସି ସ୍ୱତନ୍ତ୍ର ନିୟମ ନାହିଁ। ତେଣୁ ବିଶ୍ୱକପ୍ ଟେକ୍ନିକାଲ କମିଟିର ଅନୁମୋଦନରେ ଯେକୌଣସି ଖେଳାଳିଙ୍କୁ ବଦଳ ଖେଳାଳି ରୂପେ ଦଳରେ ସାମିଲ କରାଯାଇପାରିବ।




ଅଷ୍ଟ୍ରେଲିଆ ବିପକ୍ଷରେ ହାତରେ ବଲ୍ ବାଜି ଆହତ ହୋଇଛନ୍ତି ଶିଖର ଧାୱନ।

## ପନ୍ତଙ୍କ ସପକ୍ଷରେ ଗାଭାସ୍କର

ଶିଖର ଧାୱନ ଇଞ୍ଜୁରି କାରଣରୁ ବାଦ ପଡିଲେ ତାଙ୍କ ବଦଳ ଖେଳାଳି ଭାବେ କାହାକୁ ଦଳରେ ସାମିଲ କରାଯିବ ସେ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ବ୍ୟାଟିଂ କିମ୍ବଦନ୍ତୀ ସୁନୀଲ ଗାଭାସ୍କର ଓ ପୂର୍ବତନ ଇଂଲଣ୍ଡ ବ୍ୟାଟ୍ସମ୍ୟାନ କେଭିନ୍ ପିଟରସନ ଯୁବ ଉଇକେଟକିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତଙ୍କୁ ବଦଳ ଖେଳାଳି ରୂପେ ବିବେଚନା କରିଛନ୍ତି। ତେବେ ପୂର୍ବତନ ଓପନର ଗୌତମ ଗମ୍ଭୀର ଅମ୍ବାତି ରାୟୁଡୁଙ୍କୁ ଏ ନେଇ ସମର୍ଥନ କରିଛନ୍ତି। ପନ୍ତ ଗତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ଜବରଦସ୍ତ ପ୍ରଦର୍ଶନ କରିଥିଲେ। ଜଣେ ଯୁବ ପ୍ରତିଭାସମ୍ପନ୍ନ ବ୍ୟାଟ୍ସମ୍ୟାନ ହୋଇଥିବାରୁ ପନ୍ତଙ୍କୁ ବଦଳ ଖେଳାଳିଭାବେ ଦଳରେ ସାମିଲ କରାଯିବା ଉଚିତ ବୋଲି ଗାଭାସ୍କର କହିଛନ୍ତି। ଯଦି ଧାୱନ ବିଶ୍ୱକପ୍‌ରୁ ବାଦ୍ ପଡନ୍ତି ତାହାଲେ ପନ୍ତଙ୍କୁ ଯେତେଶୀଘ୍ର ଦଳରେ ସାମିଲ କରାଯିବ ସେତେ ଭଲ ବୋଲି ପିଟରସନ କହିଛନ୍ତି। ତେବେ ଏ ନେଇ ଗମ୍ଭୀରଙ୍କ ମତ ସମ୍ପୂର୍ଣ୍ଣ ଭିନ୍ନ। ଦିନିକିଆରେ ରାୟୁଡୁଙ୍କ ହାରାହାରି ରନ୍ ସଂଗ୍ରହ ୪୫ ରହିଛି। ତେଣୁ ରାୟୁଡୁଙ୍କୁ ଧାୱନଙ୍କ ବଦଳ ଖେଳାଳି ରୂପେ ସାମିଲ କରାଯିବା ଉଚିତ। ଦଳରେ ସାମିଲ କରା ନ ଗଲେ ରାୟୁଡୁଙ୍କ କ୍ୟାରିୟର ଶେଷ ହେବ ବୋଲି ଗମ୍ଭୀର କହିଛନ୍ତି।

# ପାଣ୍ଡ୍ୟାଙ୍କୁ କ୍ଲୁଜନରଙ୍କ ସହ ତୁଳନା କଲେ ୱ


ଲାନ୍ସ କ୍ଲୁଜନର



ହାର୍ଦ୍ଦିକ ପାଣ୍ଡ୍ୟା

ଲଣ୍ଡନ, ୧୧।୬(ପି.ଟି.)

ପ୍ରାକ୍ତନ ଅଷ୍ଟ୍ରେଲିଆ ଅଧିନାୟକ ଷ୍ଟିଭ୍ ୱ ଭାରତୀୟ ଦଳର ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ତୁଳନା ଦକ୍ଷିଣ ଆଫ୍ରିକାର ମହାନ ଅଲ୍‌ରାଉଣ୍ଡର ଲାନ୍ସ କ୍ଲୁଜନରଙ୍କ ୧୯୯୯ ବିଶ୍ୱକପ୍ ପ୍ରଦର୍ଶନ ସହ କରିଛନ୍ତି। ପାଣ୍ଡ୍ୟା ଯେଉଁଭଳି ଭାବରେ ବଡ଼ ଶଟ୍‌ମାନ ଖେଳୁଛନ୍ତି ବିପକ୍ଷ ଅଧିନାୟକଙ୍କ ପାଖରେ ତାଙ୍କୁ ରୋକିବାର କୌଣସି ଉପାୟ ନାହିଁ ବୋଲି ୱ କହିଛନ୍ତି। ବିଶ୍ୱକପ୍‌ର ଚଳିତ ଦ୍ୱାଦଶ ସଂସ୍କରଣରେ ଓଭାଲରେ ଖେଳାଯାଇଥିବା ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚ୍‌ରେ ପାଣ୍ଡ୍ୟା ୨୭ ବଲ୍‌ରୁ ୪୮ ରନର ବିସ୍ଫୋରକ ଇନିଂସ ଖେଳିଥିଲେ। ଫଳରେ ଭାରତ ସ୍କୋର ୩୫୦ ଅତିକ୍ରମ କରିଥିବାବେଳେ ଅଷ୍ଟ୍ରେଲିଆ ୩୬ ରନରେ ଏହି ମ୍ୟାଚ୍‌ରେ ହାରି ଯାଇଥିଲା।

ଆଇସିସି ଅଫିସିଆଲ୍ ୱେବ୍‌ସାଇଟ୍‌ରେ ପ୍ରକାଶିତ ସ୍ତମ୍ଭରେ ୱ ଉଲ୍ଲେଖ କରିଛନ୍ତି, ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଏହି ଇନିଂସ ପ୍ରତିପକ୍ଷ ଟିମ୍‌କୁ ଚମକାଇ ଦେଇଛି। ୧୯୯୯ ବିଶ୍ୱକପ୍ ଖେଳିଥିବା ଲାନ୍ସ କ୍ଲୁଜନରଙ୍କ ସହ ଏହି ଖେଳାଳି ସମକକ୍ଷ ହୋଇପାରିବେ। ଅଧିକାଂଶ ଖେଳାଳି ନିଜ ଇନିଂସର ଶେଷ ଭାଗରେ ଯେଉଁଭଳି ବଡ଼ ଶଟ୍ ଖେଳିଥାନ୍ତି ପାଣ୍ଡ୍ୟା ନିଜ ଇନିଂସ ଆରମ୍ଭରୁ ସେହି ପ୍ରକାର ଶଟ୍ ଖେଳିବାର ଦକ୍ଷତା ରଖିଛନ୍ତି। ତାଙ୍କ ବିସ୍ଫୋରକ ବ୍ୟାଟିଂକୁ ପ୍ରତିହତ କରିବା ପ୍ରତିପକ୍ଷ ଅଧିନାୟକଙ୍କ ପାଇଁ କଷ୍ଟକର ବ୍ୟାପାର ହୋଇପାରେ। ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚ୍‌ରେ ପାଣ୍ଡ୍ୟା ୪ଟି ଚୌକା ଓ ୩ ଛକା ମାରିଥିଲେ। ପାଣ୍ଡ୍ୟାଙ୍କ ଏହି ଇନିଂସ ୱଙ୍କୁ ୧୯୯୯ ବିଶ୍ୱକପ୍‌ରେ କ୍ଲୁଜନରଙ୍କ ବିସ୍ଫୋରକ ବ୍ୟାଟିଂକୁ ମନେପକାଇ ଦେଇଛି। ୨୦ ବର୍ଷ ତଳେ ଇଂଲଣ୍ଡରେ ଅନୁଷ୍ଠିତ ବିଶ୍ୱକପ୍‌ରେ କ୍ଲୁଜନର ନିମ୍ନକ୍ରମରେ ଦମ୍‌ଦାର ପ୍ରଦର୍ଶନ କରି ମ୍ୟାନ୍ ଅଫ୍ ଦି ଟୁର୍ନାମେଣ୍ଟ ପୁରସ୍କାର ହାସଲ କରିଥିଲେ। ଏହି ବାମହାତୀ ବ୍ୟାଟ୍ସମ୍ୟାନ ୧୨୨.୧୭ ଷ୍ଟ୍ରାଇକରେଟ୍‌ରେ ୨୮୧ ରନ୍ ସଂଗ୍ରହ କରିଥିଲେ। ତେବେ ଦକ୍ଷିଣ ଆଫ୍ରିକା ସେମିଫାଇନାଲରେ ଅଷ୍ଟ୍ରେଲିଆ ନିକଟରୁ ହାରି ଫାଇନାଲ ଖେଳିବାରୁ ବଞ୍ଚିତ ହୋଇଥିଲା।

# ବର୍ଷାଯୋଗୁ ଆଉ ଏକ ମ୍ୟାଚ୍ ବାତିଲ

**ବ୍ରିଷ୍ଟଲ, ୧୧।୬ (ପି.ଟି.):** ଚଳିତ ବିଶ୍ୱକପ୍‌ରେ କ୍ରମାଗତ ଦ୍ୱିତୀୟଥର ପାଇଁ ଶ୍ରୀଲଙ୍କା ପଏଣ୍ଟ ଭାଗ କରିଛି। କାଉଣ୍ଟି ଗ୍ରାଉଣ୍ଡରେ ମଙ୍ଗଳବାର ଶ୍ରୀଲଙ୍କା ଓ ବାଂଲାଦେଶ ମଧ୍ୟରେ ଖେଳାଯିବାକୁ ଥିବା ୧୬ତମ ମ୍ୟାଚ୍ ବର୍ଷା ଯୋଗୁ ବିନା ଟସ୍ ପଡିବାରେ ବାତିଲ ହୋଇଛି। ଫଳରେ ଉଭୟ ଦଳ ଗୋଟିଏ ଲେଖାଏ ପଏଣ୍ଟ ହାସଲ କରିଛନ୍ତି। ଶ୍ରୀଲଙ୍କା ୪ ମ୍ୟାଚ୍ ଖେଳି ଗୋଟିଏ ବିଜୟ ହାସଲ କରିଥିବା ବେଳେ ଗୋଟିଏ ପରାଜୟ ବରଣ କରିଛି। ପୁଣି ଦୁଇଟି ମ୍ୟାଚ୍ ବର୍ଷା ଯୋଗୁ ବାତିଲ ହେବା ଫଳରେ ଦୁଇଥର ପଏଣ୍ଟ ଭାଗ କରିଛି। ଶ୍ରୀଲଙ୍କା ମୋଟ ୪ ପଏଣ୍ଟ ହାସଲ କରି ତାଲିକାର ପଞ୍ଚମ ସ୍ଥାନ ଅଧିକାର କରିଛି। ଅପରପକ୍ଷରେ ବାଂଲାଦେଶ ଏପର୍ଯ୍ୟନ୍ତ ୪ଟି ମ୍ୟାଚ୍ ଖେଳି ଗୋଟିଏ ବିଜୟ ଓ ଦୁଇଟି ପରାଜୟ ବରଣ କରିଛି। ଥରେ ପଏଣ୍ଟ ଭାଗ କରି ବାଂଲାଦେଶ ମୋଟ ୩ ପଏଣ୍ଟ ପାଇବା ସହ ପଏଣ୍ଟ ତାଲିକାର ସପ୍ତମ ସ୍ଥାନରେ ରହିଛି। କ୍ରମାଗତ ଦ୍ୱିତୀୟଥର ପାଇଁ ମ୍ୟାଚ୍ ବାତିଲ ହୋଇଥିବାରୁ ଶ୍ରୀଲଙ୍କାର ସେମିଫାଇନାଲ ଆଶା ପ୍ରଭାବିତ ହୋଇଛି। ଫଳରେ ଶ୍ରୀଲଙ୍କା ନିରାଶ ହୋଇଛି। ଏବେ ଶ୍ରୀଲଙ୍କା ଜୁନ୍ ୧୫ ତାରିଖରେ ଗତଥରର ଚାମ୍ପିୟନ ଅଷ୍ଟ୍ରେଲିଆକୁ ଲଣ୍ଡନରେ ଭେଟିବ। ସେହିପରି ବାଂଲାଦେଶ ତା'ର ପରବର୍ତ୍ତୀ ମ୍ୟାଚ୍‌ରେ ଟଣ୍ଟନରେ ୱେଷ୍ଟଇଣ୍ଡିଜକୁ ୧୭ ତାରିଖରେ ଭେଟିବ।



ଷ୍ଟାଡ଼ିୟମ୍‌ରେ ଉପସ୍ଥିତ ବାଂଲାଦେଶ ପ୍ରଶଂସକ।

**ପଏଣ୍ଟ ଭାଗ କଲେ ଶ୍ରୀଲଙ୍କା-ବାଂଲାଦେଶ**

# ସ୍ୱଦେଶ ଫେରିବେ ମାଲିଙ୍ଗା

**ବ୍ରିଷ୍ଟଲ, ୧୧।୬:** ଶ୍ରୀଲଙ୍କା କ୍ରିକେଟ ଦଳର ଭେଟେରାନ ଦ୍ରୁତ ବୋଲର ଲସିଥ୍ ମାଲିଙ୍ଗା ଚଳିତ ଆଇସିସି ବିଶ୍ୱକପ୍ ମଝିରୁ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିବେ। ମଙ୍ଗଳବାର ଏଠାରେ ବାଂଲାଦେଶ ଓ ଶ୍ରୀଲଙ୍କା ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ପରେ ମାଲିଙ୍ଗା ଶାଶୁଙ୍କ ଅନ୍ତ୍ୟେଷ୍ଟି କ୍ରିୟାରେ ଯୋଗଦେବା ପାଇଁ ସ୍ୱଦେଶ ଫେରି ଆସିବେ। ଶନିବାର ତାଙ୍କ ଶାଶୁ କାନ୍ତି ପେରେରାଙ୍କର କଲମ୍ବୋସ୍ଥିତ ବାସଭବନରେ ବିୟୋଗ ହୋଇଥିଲା ବୋଲି ଶ୍ରୀଲଙ୍କା କ୍ରିକେଟ୍ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ କୁହାଯାଇଛି। ଗୁରୁବାର ତାଙ୍କ ଅନ୍ତ୍ୟେଷ୍ଟି ଅନୁଷ୍ଠିତ ହେବ। ମାଲିଙ୍ଗା କିନ୍ତୁ ଶ୍ରୀଲଙ୍କାର ପରବର୍ତ୍ତୀ ମ୍ୟାଚ୍ ପୂର୍ବରୁ ଦଳ ସହ ଯୋଗ ଦେଇଥିବେ ବୋଲି ଜଣାପଡ଼ିଛି। ବିଶ୍ୱକପ୍‌ରେ ଶ୍ରୀଲଙ୍କା ଏହାର ପରବର୍ତ୍ତୀ ମ୍ୟାଚ୍‌ରେ ଜୁନ୍ ୧୫ରେ ଅଷ୍ଟ୍ରେଲିଆକୁ ଭେଟିବାର କାର୍ଯ୍ୟସୂଚୀ ରହିଛି।



## ବିଶ୍ୱକପ୍ ପଏଣ୍ଟ ଟେବୁଲ

| ଟିମ୍ | ମ୍ୟାଚ୍ | ବିଜୟ | ପରାଜୟ | ଟାଇ | ବିନା ଫଳାଫଳ | ପଏଣ୍ଟ | ରନ୍‌ରେଟ୍ |
|---|---|---|---|---|---|---|---|
| ନ୍ୟୁଜିଲାଣ୍ଡ | ୩ | ୩ | ୦ | ୦ | ୦ | ୬ | +୨.୧୬୩ |
| ଇଂଲଣ୍ଡ | ୩ | ୨ | ୧ | ୦ | ୦ | ୪ | +୧.୩୦୭ |
| ଭାରତ | ୨ | ୨ | ୦ | ୦ | ୦ | ୪ | +୦.୫୩୯ |
| ଅଷ୍ଟ୍ରେଲିଆ | ୩ | ୨ | ୧ | ୦ | ୦ | ୪ | +୦.୪୮୩ |
| ଶ୍ରୀଲଙ୍କା | ୪ | ୧ | ୧ | ୦ | ୨ | ୪ | -୧.୫୧୭ |
| ୱେଷ୍ଟଇଣ୍ଡିଜ୍ | ୩ | ୧ | ୧ | ୦ | ୧ | ୩ | +୨.୦୫୪ |
| ବାଂଲାଦେଶ | ୪ | ୧ | ୨ | ୦ | ୧ | ୩ | -୦.୭୧୪ |
| ପାକିସ୍ତାନ | ୩ | ୧ | ୧ | ୦ | ୧ | ୩ | -୨.୪୧୨ |
| ଦକ୍ଷିଣ ଆଫ୍ରିକା | ୪ | ୦ | ୩ | ୦ | ୧ | ୧ | -୦.୯୫୨ |
| ଆଫଗାନିସ୍ତାନ | ୩ | ୦ | ୩ | ୦ | ୦ | ୦ | -୧.୪୯୩ |

# ମିଚେଲ ମାର୍ଶଙ୍କୁ ଡାକରା

**ଟଣ୍ଟନ, ୧୧।୬ (ପି.ଟି.):** ବୁଧବାର ପାକିସ୍ତାନ ବିପକ୍ଷ ବିଶ୍ୱକପ୍ ମ୍ୟାଚ୍‌ରେ ଖେଳିପାରିବେନି ଅଷ୍ଟ୍ରେଲୀୟ ସିମ୍ ବୋଲିଂ ଅଲ୍‌ରାଉଣ୍ଡର ମାର୍କସ ଷ୍ଟୋଇନିସ୍। ଦଳର ଟିମ୍ ମ୍ୟାନେଜମେଣ୍ଟ ମଙ୍ଗଳବାର ଏହି ସୂଚନା ଦେଇଛି। ଭାରତ ବିପକ୍ଷରେ ୩୬ରନ ପରାଜୟ ମ୍ୟାଚରେ ଏହି ଖେଳାଳି ପାର୍ଶ୍ୱ ଯନ୍ତ୍ରଣା ଅନୁଭବ କରିଥିଲେ। ତାଙ୍କର ବିକଳ୍ପ ଖେଳାଳି ଭାବେ ଅଷ୍ଟ୍ରେଲିଆ ଦଳ ଅଲ୍‌ରାଉଣ୍ଡର ମିଚେଲ ମାର୍ଶଙ୍କୁ ଦେଶରୁ ଡକାଇଛି। ଅଷ୍ଟ୍ରେଲିଆ ଶନିବାର ଶ୍ରୀଲଙ୍କା ବିପକ୍ଷରେ ଖେଳିବ। ଏହା ପୂର୍ବରୁ ୨୯ବର୍ଷୀୟ ଷ୍ଟୋଇନିସ ଫିଟ୍ ହେଉଛନ୍ତି କି ନା ତାହା ଉପରେ ଟିମ୍ ମ୍ୟାନେଜମେଣ୍ଟ ନଜର ରଖିଛି। ଏହି ସମୟ ମଧ୍ୟରେ ଷ୍ଟୋଇନିସ୍ ଯଦି ଫିଟ୍ ନ ହୁଅନ୍ତି ତେବେ ତାଙ୍କୁ ୧୫ ଜଣିଆ ଦଳରୁ ସମ୍ପୂର୍ଣ୍ଣ ବାଦ୍ ଦିଆଯାଇ ମାର୍ଶଙ୍କୁ ବିଧିବଦ୍ଧ ସାମିଲ କରାଯିବ। ଅଧିନାୟକ ଆରୋନ ଫିଞ୍ଚ୍ କହିଛନ୍ତି, ଷ୍ଟୋଇନିସ କେତୋଟି ମ୍ୟାଚ ମିସ୍ କରିବେ ଆମେ ସେ ନେଇ ବର୍ତ୍ତମାନ ନିର୍ଦ୍ଦିଷ୍ଟ ଭାବେ କିଛି କହି ହେବନି। ସେଥିପାଇଁ ମାର୍ଶଙ୍କୁ ଡକାଯାଇଛି ମାତ୍ର। ତେବେ ୨ରୁ ୩ ଦିନ ମଧ୍ୟରେ ସ୍ୱଷ୍ଟଚିତ୍ର ମିଳିଯିବ। ବିଶ୍ୱକପ୍ ପାଇଁ ରହିଥିବା ଇଣ୍ଟରନ୍ୟାଶନାଲ କ୍ରିକେଟ କାଉନ୍‌ସିଲ (ଆଇସିସି)ର ନିୟମାନୁସାରେ ଜଣେ ଖେଳାଳି ଆଘାତପ୍ରାପ୍ତ ହେଲେ ତାଙ୍କ ସ୍ଥାନରେ ଜଣେ ଖେଳାଳିଙ୍କୁ ଦଳରେ ନିଆଯାଇ ପାରିବ। ହେଲେ ଆଘାତପ୍ରାପ୍ତ ଖେଳାଳି ଯଦି ପରେ ସମ୍ପୂର୍ଣ୍ଣ ଫିଟ୍ ହୁଅନ୍ତି ତାଙ୍କୁ ପୁଣି ଦଳରେ ସ୍ଥାନ ମିଳିବ ନାହିଁ। ସୂଚନାଯୋଗ୍ୟ, ଭାରତ ବିପକ୍ଷ ମ୍ୟାଚରେ ଷ୍ଟୋଇନିସ ୬୨ ରନ ବିନିମୟରେ ୨ଟି ଉଇକେଟ ଅକ୍ତିଆର କରିଥିଲେ। ସେ ଉଇକେଟକିପର ମହେନ୍ଦ୍ର ସିଂ ଧୋନୀଙ୍କୁ କଟ୍ ଆଣ୍ଡ୍ ବୋଲ୍ଡ କରିଦେଇଥିଲେ। ମ୍ୟାଚରେ ସେ ଆହୁରିମଧ୍ୟ ପ୍ୟାଟ୍ କମିନ୍ସଙ୍କ ବଲ୍‌ରେ ଡିପ୍ ଅଞ୍ଚଳରେ ଭାରତୀୟ ଅଧିନାୟକଙ୍କୁ କ୍ୟାଚ ଆଉଟ୍ କରିଦେଇଥିଲେ।

# ଅଷ୍ଟ୍ରେଲିଆ-ପାକିସ୍ତାନ ମୁକାବିଲା ଆଜି

ଟଣ୍ଟନ,୧୧।୬(ଏଏଫ୍‌ପି)

ଚଳିତ ଆନ୍ତର୍ଜାତିକ କ୍ରିକେଟ କାଉନସିଲ (ଆଇସିସି) ବିଶ୍ୱକପ୍ ଦ୍ୱାଦଶ ସଂସ୍କରଣରେ ବୁଧବାର ପାକିସ୍ତାନ ଓ ଗତଥରର ଚାମ୍ପିୟନ ଅଷ୍ଟ୍ରେଲିଆ ପରସ୍ପରକୁ ଭେଟିବେ। ସ୍ଥାନୀୟ ଦି କୁପର ଆସୋସିଏଟ୍ କାଉଣ୍ଟି ଗ୍ରାଉଣ୍ଡରେ ଖେଳାଯିବାକୁ ଥିବା ଏହି ମ୍ୟାଚ୍ ଦୁଇ ଦଳ ପାଇଁ ବେଶ୍ ଗୁରୁତ୍ୱବହନ କରୁଛି। ପାକିସ୍ତାନ ତାରକା ଦ୍ରୁତ ବୋଲର ମହମ୍ମଦ ଆମିର ଏହି ମ୍ୟାଚ୍‌ରେ ପୁଣିଥରେ କମାଲ କରିବା ଲକ୍ଷ୍ୟରେ ରହିଛନ୍ତି। ଆମିର ଗତ ଇଂଲଣ୍ଡ ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜର ପ୍ରଥମ ମ୍ୟାଚ୍ ଖେଳିଥିଲେ ମଧ୍ୟ ବର୍ଷା କାରଣରୁ ଏହା ବାତିଲ ହୋଇଥିଲା। ଚିକେନ ପକ୍ସ ହେବା କାରଣରୁ ଆମିର ବାକି ୪ଟି ମ୍ୟାଚ୍ ଖେଳି ନ ଥିଲେ। ଇଂଲଣ୍ଡ ଅବଶ୍ୟ ୪-୦ ବ୍ୟବଧାନରେ ଏହି ସିରିଜ ଜିତିଥିଲା। ବିଶ୍ୱକପ୍ ପାଇଁ ଘୋଷିତ ସମ୍ଭାବ୍ୟ ପ୍ରାଥମିକ ଦଳରେ ସ୍ଥାନ ପାଇ ନ ଥିଲେ ମଧ୍ୟ ୨୭ ବର୍ଷୀୟ ଆମିର ଶେଷରେ ଅନ୍ତିମ ଦଳରେ ସାମିଲ ହୋଇଥିଲେ। ଟ୍ରେଣ୍ଟବ୍ରିଜ୍‌ରେ ବିଶ୍ୱକପ୍‌ର ପଦାର୍ପଣ ମ୍ୟାଚ୍‌ରେ ଆମିର ୩ଟି ଉଇକେଟ ନେଇଥିଲେ ମଧ୍ୟ ପ୍ରଥମେ ବ୍ୟାଟିଂ କରିଥିବା ପାକିସ୍ତାନ ୧୦୫ ରନରେ ଅଲଆଉଟ ହୋଇଥିଲା। ଏହି ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜ ୭ ଉଇକେଟରେ ବିଜୟୀ ହୋଇଥିଲା। ଏହା ପରେ ଦ୍ୱିତୀୟ ମ୍ୟାଚ୍‌ରେ ପାକିସ୍ତାନ ନଟିଂହାମ୍‌ରେ ଆଶ୍ଚର୍ଯ୍ୟଜନକ ଭାବେ ଇଂଲଣ୍ଡକୁ ୧୪ ରନରେ ପରାସ୍ତ କରିଥିଲା। ଏହି ମ୍ୟାଚ୍‌ରେ ଆମିର ୬୭ ରନ ବ୍ୟୟ କରି ମୂଲ୍ୟବାନ ୨ ଉଇକେଟ ଅକ୍ତିଆର କରିଥିଲେ। ଏହାପରେ ବ୍ରିଷ୍ଟଲରେ ପାକିସ୍ତାନ ତା'ର ତୃତୀୟ ମ୍ୟାଚ୍‌ରେ ଶ୍ରୀଲଙ୍କାକୁ ଭେଟିଥିଲା। ତେବେ ଏହି ମ୍ୟାଚ୍ ବର୍ଷାକାରଣରୁ ବାତିଲ ହୋଇଥିଲା।

ରେକର୍ଡ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ପାକିସ୍ତାନ ଅଷ୍ଟ୍ରେଲିଆର ବହୁ ପଛରେ ରହିଛି। ଅଷ୍ଟ୍ରେଲିଆ ବିପକ୍ଷ ଗତ ୧୪ଟି ମ୍ୟାଚ୍‌ରେ ପାକିସ୍ତାନ ଥରେ ମାତ୍ର ବିଜୟୀ ହେବାର ସୁଯୋଗ ପାଇଛି। ୨୦୧୭ ଜାନୁୟାରୀରେ ମେଲବୋର୍ନରେ ମହମ୍ମଦ ହାଫିଜଙ୍କ ୭୨ ରନର ଉପଯୋଗୀ ଇନିଂସ ବଳରେ ଶେଷଥର ପାଇଁ ପାକିସ୍ତାନ ବିଜୟୀ ହୋଇଥିଲା। ଗତ ଇଂଲଣ୍ଡ ବିପକ୍ଷ ବିଜୟରେ ମଧ୍ୟ ହାଫିଜଙ୍କ ୮୪ ରନର ଇନିଂସ ମୁଖ୍ୟ ଭୂମିକା ଗ୍ରହଣ କରିଥିଲା। ୫ଥର ବିଶ୍ୱକପ୍ ଟାଇଟଲ ହାସଲ କରିଥିବା ଅଷ୍ଟ୍ରେଲିଆ ଏହି ମ୍ୟାଚ୍‌ରେ ଅବଶ୍ୟ ପାକିସ୍ତାନଠାରୁ ଦୁଇ ପାଦ ଆଗରେ ରହିଛି। ଇଂଲଣ୍ଡ ଓ ଅଷ୍ଟ୍ରେଲିଆ ବିପକ୍ଷରେ ଆମେ ଅଧିକ ମ୍ୟାଚ୍‌ରେ ବିଜୟୀ ହୋଇନାହୁଁ। ତେବେ ଇଂଲଣ୍ଡକୁ ଗତ ମ୍ୟାଚ୍‌ରେ ହରାଇବାରେ ସକ୍ଷମ ହୋଇଛୁ। ସେହିପରି ଅଷ୍ଟ୍ରେଲିଆକୁ ମଧ୍ୟ ଆମେ ଚକ୍‌ମା ଦେବା ଲକ୍ଷ୍ୟରେ ରହିଛୁ ବୋଲି ପାକିସ୍ତାନ ଅଧିନାୟକ ସର୍ଫରାଜ ଅହମ୍ମଦ କହିଛନ୍ତି। ଇଂଲଣ୍ଡକୁ ହରାଇବା ପରେ ଆମର ଆତ୍ମବିଶ୍ୱାସ ବୃଦ୍ଧି ପାଇଛି। ଏହି ବିଜୟରୁ ଆମେ ବହୁତ କିଛି ଶିକ୍ଷା କରିଛୁ। ଇଂଲଣ୍ଡ ବିପକ୍ଷରେ ଯେପରି ଆମେ ଆକ୍ରମଣାତ୍ମ ଖେଳିଥିଲୁ ସେହିପରି ଅଷ୍ଟ୍ରେଲିଆ ବିପକ୍ଷରେ ମଧ୍ୟ ପ୍ରଦର୍ଶନ କରିବୁ ବୋଲି ସର୍ଫରାଜ କହିଛନ୍ତି।

ଭାରତ ଗତ ସପ୍ତାହ ମ୍ୟାଚ୍‌ରେ ଅଷ୍ଟ୍ରେଲିଆକୁ ୩୬ ରନରେ ପରାସ୍ତ କରିଥିଲା। ବିଶ୍ୱକପ୍‌ରେ ଆଫଗାନିସ୍ତାନ ଓ ୱେଷ୍ଟଇଣ୍ଡିଜକୁ ପରାସ୍ତ କରିବା ପରେ ଅଷ୍ଟ୍ରେଲିଆ ପ୍ରଥମ ପରାଜୟବରଣ କରିଥିଲା। ଷ୍ଟିଭ୍ ସ୍ମିଥ୍ ଓ ଡେଭିଡ ୱାର୍ନର ପ୍ରତ୍ୟାବର୍ତ୍ତନ କରିବା ପରେ ଅଷ୍ଟ୍ରେଲିଆ ଆହୁରି ଶକ୍ତିଶାଳୀ ହୋଇଛି। ଭାରତଠାରୁ ହାରିବା ପରେ ଅଷ୍ଟ୍ରେଲିଆ ପ୍ରତ୍ୟାବର୍ତ୍ତନ କରି ବିଜୟୀ ହେବା ପାଇଁ ଚେଷ୍ଟା କରିବ ବୋଲି ସର୍ଫରାଜ କହିଛନ୍ତି। ତେବେ ଏହି ଚ୍ୟାଲେଞ୍ଜ ପାଇଁ ପାକିସ୍ତାନ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି ବୋଲି ସେ କହିଛନ୍ତି।

ଓପନର ୱାର୍ନରଙ୍କୁ ନେଇ ଅଷ୍ଟ୍ରେଲିଆ ଟିମ୍ ମ୍ୟାନେଜମେଣ୍ଟ ସାମାନ୍ୟ ଚିନ୍ତିତ ରହିଛି। ବିଶ୍ୱକପ୍‌ରେ ଦୁଇଟି ଅର୍ଦ୍ଧଶତକ ହାସଲ କରିଥିଲେ ମଧ୍ୟ ପାକିସ୍ତାନ ବିପକ୍ଷରେ ସେ ନିଜ ଚିରାଚରିତ ଢଙ୍ଗରେ ଧୂଆଁଧାର ବ୍ୟାଟିଂ କରିବେ ବୋଲି ଆଶା କରାଯାଉଛି। ଭାରତ ବିପକ୍ଷରେ ୱାର୍ନର ୮୪ ବଲରୁ ୫୬ ରନ ସଂଗ୍ରହ କରିଥିଲେ। ଏଥିମଧ୍ୟରେ ୪୮ଟି ଡଟ୍ ବଲ ରହିଥିଲା। ଫଳରେ ଅଷ୍ଟ୍ରେଲିଆର ରନସଂଗ୍ରହ ହାରରେ ମାନ୍ଦା ଥିଲା ଓ ଶେଷରେ ଅଷ୍ଟ୍ରେଲିଆ ପାଇଁ ଏହା ମହଙ୍ଗା ସାବ୍ୟସ୍ତ ହୋଇଥିଲା। କେବଳ ସେତିକି ନୁହଁ ଅଧିନାୟକ ତଥା ଓପନିଂ ପାର୍ଟନର ଆରୋନ ଫିଞ୍ଚ୍‌ଙ୍କୁ ରନ୍ ଆଉଟ କରାଇବାରେ ମଧ୍ୟ ୱାର୍ନରଙ୍କ ଭୂମିକା ରହିଥିଲା। ତେବେ ଫିଞ୍ଚ୍ ୱାର୍ନରଙ୍କୁ ସମର୍ଥନ କରିଛନ୍ତି। ବଲ ଟାମ୍ପରିଂ କାରଣରୁ ବାସନ୍ଦରୁ ଫେରିବା ପରେ ୱାର୍ନର ପୂର୍ବତନ ଅଧିନାୟକ ସ୍ମିଥ୍‌ଙ୍କ ସହ ପ୍ରଥମଥର ପାଇଁ ବିଶ୍ୱକପ୍ ଭଳି ବଡ଼ ଟୁର୍ନାମେଣ୍ଟ ଖେଳୁଛନ୍ତି। ଏହି ମ୍ୟାଚ୍‌ରେ ଭାରତ ପ୍ରକୃତରେ ଉଚ୍ଚକୋଟୀର ବୋଲିଂ କରିଥିଲା। ତେଣୁ କ୍ରିଜ୍‌ରେ ଜମି ରହିବା ପାଇଁ ୱାର୍ନରଙ୍କୁ କିଛି ସମୟ ଆବଶ୍ୟକ ହେଉଥିଲା। ୱାର୍ନର ଜଣେ ବିଶ୍ୱସ୍ତରୀୟ ଖେଳାଳି। ଖୁବ୍ ଶୀଘ୍ର ସେ ନିଜ ଲୟକୁ ଫେରି ଅଷ୍ଟ୍ରେଲିଆକୁ ଜିତାଇବେ ବୋଲି ଫିଞ୍ଚ୍ ଆଶା ପ୍ରକାଶ କରିଛନ୍ତି। ପାକିସ୍ତାନ ଓ ଅଷ୍ଟ୍ରେଲିଆ ମଧ୍ୟରେ ଖେଳାଯିବାକୁ ଥିବା ଏହି ମ୍ୟାଚ୍ ଉପରେ ସାରା ବିଶ୍ୱର ନଜର ରହିଛି ଓ ଏହା ବେଶ୍ ରୋମାଞ୍ଚକ ହେବ ବୋଲି ଆଶା କରାଯାଉଛି।



ଆରୋନ୍ ଫିଞ୍ଚ ଓ ସର୍ଫରାଜ ଅହମ୍ମଦ।

**ଆଜିର ମ୍ୟାଚ୍**
ଅଷ୍ଟ୍ରେଲିଆ
ବନାମ
ପାକିସ୍ତାନ
ସ୍ଥାନ: ଟଣ୍ଟନ
ସମୟ: ଅପରାହ୍ନ ୩ଟା
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

> ବର୍ଷା କାରଣରୁ ୱେଷ୍ଟଇଣ୍ଡିଜ ବିପକ୍ଷ ବିଶ୍ୱକପ୍ ମ୍ୟାଚ୍‌ର ଓଭର ସଂଖ୍ୟା ହ୍ରାସ କରାଯାଇ ଖେଳାଯାଇଥିଲେ ଆମେ କ୍ଷତିରେ ପଡ଼ିଥାନ୍ତୁ ।
> –ଫାଫ୍ ଡୁ' ପ୍ଲେସି, ଦକ୍ଷିଣ ଆଫ୍ରିକା ଅଧିନାୟକ



> ଆଇସିସି ବିଶ୍ୱକପ୍ ୧୯୯୯ରେ ଦକ୍ଷିଣ ଆଫ୍ରିକାର ଲାନ୍ସ କ୍ଲୁଜନରଙ୍କ ଭଳି ଚଳିତ ସଂସ୍କରଣରେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ପ୍ରାଧାନ୍ୟ ରହିବ ।
> –ଷ୍ଟିଭ ୱ୍, ପୂର୍ବତନ ଅଷ୍ଟ୍ରେଲିଆ କ୍ରିକେଟ ଅଧିନାୟକ



**ସଂକ୍ଷେପରେ**

## ଗଗନେନ୍ଦୁଙ୍କୁ ଗୁରୁଦାୟିତ୍ୱ



**ଭୁବନେଶ୍ୱର, ୧୧।୬(କ୍ରୀଡ଼ା ପ୍ରତିନିଧି):** ଇଟାଲିର ନାପୋଲିଠାରେ ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସ ଜୁଲାଇ ୩ରୁ ୧୪ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ଇଣ୍ଡିଆନ ୟୁନିଭର୍ସିଟିଜ ଦଳର ୧୧୯ ଖେଳାଳି ଓ ୩୧ ଅଫିସିଆଲ ଅଂଶଗ୍ରହଣ କରିବେ। ଇଣ୍ଡିଆନ ୟୁନିଭର୍ସିଟିଜ ଦଳ ଆର୍ଚେରୀ, ଆଥଲେଟିକ୍ସ, ଜୁଡୋ, ଫେନ୍‌ସିଂ, ଟାଏକୋଣ୍ଡୋ, ଟେନିସ, ଓ ସନ୍ତରଣ ଇଭେଣ୍ଟରେ ଅଂଶଗ୍ରହଣ କରିବ। ଆସୋସିଏଶନ ଅଫ୍ ଇଣ୍ଡିଆନ ୟୁନିଭର୍ସିଟିଜ୍(ଏଆଇୟୁ) ପକ୍ଷରୁ କିଟ୍ ବିଶ୍ୱବିଦ୍ୟାଳୟର କ୍ରୀଡ଼ା ନିର୍ଦ୍ଦେଶକ ଗଗନେନ୍ଦୁ ଦାଶଙ୍କୁ ଭାରତୀୟ ପ୍ରତିନିଧି ଦଳର ସହକାରୀ ମୁଖ୍ୟ ନିଯୁକ୍ତ କରାଯାଇଛି। ଏଆଇୟୁର ସଭାପତି ମାଣିକରାଓ ସାଲୁଙ୍କେ ପ୍ରତିନିଧି ଦଳର ମୁଖ୍ୟ ଭାବେ ଇଟାଲି ଯାତ୍ରା କରିବେ। ପୂର୍ବରୁ ଗଗନେନ୍ଦୁ ୨୦୧୭ରେ ଚାଇନିଜ୍ ତାଇପେରେ ଅନୁଷ୍ଠିତ ୱାର୍ଲ୍ଡ ୟୁନିଭର୍ସିଟିଜ ଗେମ୍ସରେ ଆର୍ଚେରୀ ପ୍ରତିନିଧି ଦଳର ମୁଖ୍ୟ ଦାୟିତ୍ୱ ତୁଲାଇଥିଲେ। ଇଟାଲି ପ୍ରତିଯୋଗିତା ପାଇଁ ଆଥଲେଟିକ୍ସ ଓ ଆର୍ଚେରୀ କୋଚିଂ କ୍ୟାମ୍ପ କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଜୁନ ୨୨ରୁ ୩୦ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। କିଟ୍ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନରତ ଭାରତୀୟ ସ୍ପ୍ରିଣ୍ଟ କୁଇନ୍ ଦୂତୀ ଚାନ୍ଦ ଓଡ଼ିଶାର ଏକମାତ୍ର ପ୍ରତିଯୋଗୀଭାବେ ଆଗାମୀ ପ୍ରତିଯୋଗିତାର ୧୦୦ ଓ ୨୦୦ ମିଟର ଇଭେଣ୍ଟରେ ଅଂଶଗ୍ରହଣ କରିବେ। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ ଉଭୟ ଗଗନେନ୍ଦୁ ଏବଂ ଦୂତୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ଭାରତୀୟ ତୀରନ୍ଦାଜୀ ଟିମ୍ ଅଲିମ୍ପିକ ଟିକେଟ୍‌ର ନିକଟତର

**ଡେନ୍ ବୋଶ୍ଚ (ନେଦରଲାଣ୍ଡ୍ସ), ୧୧।୬(ପି.ଟି.):** ଏଠାରେ ଚାଲିଥିବା ବିଶ୍ୱ ତୀରନ୍ଦାଜୀ ଚାମ୍ପିୟନଶିପ୍‌ରେ ମଙ୍ଗଳବାର ଭାରତୀୟ ରିକର୍ଭ ଦଳ ୫-୧ ସ୍କୋରରେ ନର୍‌ୱେକୁ ପରାସ୍ତ କରି ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଏଥିସହ ଭାରତ ଆଉ ଗୋଟିଏ ବିଜୟ ହାସଲ କଲେ ୨୦୨୦ ଅଲିମ୍ପିକ୍‌କୁ ଯୋଗ୍ୟତା ହାସଲ କରିବ। ତରୁଣଦୀପ୍ ରାଇ, ପ୍ରବୀଣ ଯାଦବ ଓ ଅତନୁ ଦାସଙ୍କୁ ନେଇ ଗଠିତ ଭାରତୀୟ ରିକର୍ଭ ଦଳ ଏହାର ପରବର୍ତ୍ତୀ ମ୍ୟାଚ୍‌ରେ ବୁଧବାର କାନାଡାକୁ ଭେଟିବ। ଅପରପକ୍ଷରେ ଭାରତୀୟ ମହିଳା ରିକର୍ଭ ଦଳ ମଧ୍ୟ ଅଲିମ୍ପିକ୍‌କୁ ଯୋଗ୍ୟତା ଅର୍ଜନ ଲକ୍ଷ୍ୟରେ ରହିଛି। ବୁଧବାର ଭାରତୀୟ ମହିଳା ଦଳ ବେଲାରୁଷକୁ ଭେଟିବାର କାର୍ଯ୍ୟସୂଚୀ ରହିଛି। ଲାଇଶରାମ ବୋମ୍ବାଲ୍ୟା ଦେବୀ, ଦୀପିକା କୁମାରୀ ଓ କୋମାଲିକା ବାରିଙ୍କୁ ନେଇ ଗଠିତ ଭାରତୀୟ ମହିଳା ଦଳ ଯଦି ବେଲାରୁଷକୁ ହରାଇ ଦିଏ ତେବେ ଟୋକିଓ ଅଲିମ୍ପିକରେ ସ୍ଥାନ ପକ୍କା କରିବ।

## ଜୁନିୟର ଭାରତୀୟ ଫୁଟ୍‌ବଲ ଦଳ ପରାସ୍ତ

**ନୂଆଦିଲ୍ଲୀ, ୧୧।୬(ପି.ଟି.):** ସେଣ୍ଟ ପିଟର୍ସବର୍ଗରେ ଚାଲିଥିବା ଗ୍ରାନାଟ୍‌କିନ ମେମୋରିଆଲ ୧୯ ବର୍ଷରୁ କମ୍ ଫୁଟ୍‌ବଲ ଟୁର୍ନାମେଣ୍ଟରେ ମଙ୍ଗଳବାର ୯ ଓ ୧୨ତମ ସ୍ଥାନ ପାଇଁ ଅନୁଷ୍ଠିତ ମ୍ୟାଚ୍‌ରେ ଭାରତ ପରାଜୟବରଣ କରିଛି। ଏହି ମ୍ୟାଚ୍‌ରେ କିର୍ଗିଜସ୍ତାନ ପେନାଲ୍ଟି ଶୁଟ୍‌ଆଉଟ୍‌ରେ ୧-୩ ଗୋଲରେ ଭାରତକୁ ହରାଇ ଦେଇଛି। ମ୍ୟାଚ୍‌ର ପ୍ରଥମାର୍ଦ୍ଧ ଗୋଲଶୂନ୍ୟ ରହିଥିଲା। ତେବେ ୭୪ତମ ମିନିଟ୍‌ରେ ଆକାଶ ମିଶ୍ରଙ୍କ ଗୋଲ ବଳରେ ଭାରତ ୧-୦ରେ ଅଗ୍ରଣୀ ଲାଭ କରିଥିଲା। ଏହାର ୧୪ ମିନିଟ୍ ପରେ କିର୍ଗିଜସ୍ତାନର ଏମିର ସିଗାୟବାଏଭ ଗୋଲ ଦେଇ ମ୍ୟାଚ୍‌କୁ ୧-୧ର ବରାବର୍ ସ୍ଥିତିକୁ ଆଣିଥିଲେ। ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଆଉ ଗୋଲ ନ ହେବାରୁ ମ୍ୟାଚ୍ ଡ୍ର' ରହିଥିଲା। ଫଳରେ ଫଳାଫଳ ପାଇଁ ପେନାଲ୍ଟି ଶୁଟ୍‌ଆଉଟ୍‌ର ସହାୟତା ନିଆଯାଇଥିଲା। ଏଥିରେ ଭାରତର ହର୍‌ମନପ୍ରୀତ୍ ସିଂ, ସାଇଲୋ ଲାଲଚାନହିମା ଓ ଜିତେନ୍ଦର ସିଂ ଟାର୍ଗେଟ୍ ମିସ୍ କରିଥିବାବେଳେ କିର୍ଗିଜସ୍ତାନ ୨ଟି ଗୋଲସ୍କୋର କରି ବିଜୟ ଲାଭ କରବା ସହ ୯ମ ସ୍ଥାନ ହାସଲ କରିଥିଲା। ଭାରତ ଏବେ ୧୧ ଓ ୧୨ତମ ସ୍ଥାନ ଲାଗି ମ୍ୟାଚ୍ ଖେଳିବ।

# ଆଜି କ୍ରସ୍ ଓଭର ମ୍ୟାଚ୍

**ଭୁବନେଶ୍ୱର, ୧୧।୬(କ୍ରୀଡ଼ା ପ୍ରତିନିଧି)**

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଏଫଆଇଏଚ୍ ସିରିଜ ଫାଇନାଲ୍ସ ହକି ଟୁର୍ନାମେଣ୍ଟର କ୍ରସ୍ ଓଭର ମ୍ୟାଚ ବୁଧବାର ଅନୁଷ୍ଠିତ ହେବ। କ୍ରସ୍ ଓଭରରେ ଜାପାନ-ପୋଲାଣ୍ଡ ପ୍ରଥମ ଏବଂ ରୁଷିଆ-ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ମ୍ୟାଚ ଖେଳିବେ। ଏହି ଦିନ ଉଜ୍‌ବେକିସ୍ତାନ ଓ ମେକ୍ସିକୋ ମଧ୍ୟରେ ପ୍ଲେସିଂ(୭-୮ ସ୍ଥାନ ପାଇଁ) ମଧ୍ୟ ଖେଳାଯିବ।

ଲିଗ୍ ପର୍ଯ୍ୟାୟ ଶେଷରେ ପୁଲ୍ 'ବି'ରେ ଆମେରିକା ପଛକୁ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା ଏସୀୟ ଚାମ୍ପିୟନ ଜାପାନ। ଏହି ଦଳ ୩ ମ୍ୟାଚ ଖେଳି ୨ ବିଜୟ ଓ ୧ ଡ୍ର ସହ ଆମେରିକା ସମକକ୍ଷ ୭ ପଏଣ୍ଟ ପାଇଥିଲେ ହେଁ ଗୋଲ ବ୍ୟବଧାନରେ ପଛରେ ପଡ଼ି ଯାଇଥିଲା। ଆମେରିକା +୧୧ ଗୋଲ ବ୍ୟବଧାନରେ ସିଧାସଳଖ ସେମିଫାଇନାଲରେ ପ୍ରବେଶ କରିଥିବାବେଳେ +୪ ଗୋଲ ବ୍ୟବଧାନ ଯୋଗୁ ଜାପାନ ଦ୍ୱିତୀୟ ସ୍ଥାନରେ ସନ୍ତୁଷ୍ଟ ରହିଥିଲା। ଲିଗ୍ ପର୍ଯ୍ୟାୟରେ ଏହି ଦଳ ମେକ୍ସିକୋକୁ ୩-୧ ଓ ଦକ୍ଷିଣ ଆଫ୍ରିକାକୁ ୨-୦ ଗୋଲରେ ହରାଇଥିବାବେଳେ ଆମେରିକା ସହିତ ୨-୨ ଗୋଲରେ ମ୍ୟାଚ ଡ୍ର ରଖିଥିଲା। ଜାପାନର ଆଗାମୀ ପ୍ରତିଦ୍ୱନ୍ଦ୍ୱୀ ହେଉଛି ପୁଲ୍'ଏ'ର ୩ୟ ସ୍ଥାନୀୟ ଦଳ ପୋଲାଣ୍ଡ। ପୁଲ୍'ଏ'ରେ ଏହି ଦଳ ଘରୋଇ ଭାରତ ଓ ରୁଷିଆ ପଛକୁ ୩ୟ ସ୍ଥାନ ଅଧିକାର କରିଥିଲା। ପୋଲାଣ୍ଡ ୩ ମ୍ୟାଚ ଖେଳି ଗୋଟିଏ ବିଜୟ ହାସଲ କରିଥିବାବେଳେ ୨ଟି ଗେମ୍ ହାରିଥିଲା। ଉଜ୍‌ବେକିସ୍ତାନକୁ ୪-୦ ଗୋଲରେ ହରାଇ ଅଭିଯାନ ଆରମ୍ଭ କରିଥିବା ପୋଲାଣ୍ଡ ଏହି ପ୍ରଦର୍ଶନ କିନ୍ତୁ ଆଗକୁ ବଜାୟ ରଖି ପାରି ନ ଥିଲା। ପରବର୍ତ୍ତୀ ମ୍ୟାଚରେ ଭାରତଠାରୁ ୧-୩ଓ ରୁଷିଆଠାରୁ ୨-୩ ଗୋଲରେ ପରାଜିତ ହୋଇଥିଲା। ଜାପାନ-ପୋଲାଣ୍ଡ ମ୍ୟାଚର ବିଜେତା ୧୪ ତାରିଖରେ ପ୍ରଥମ ସେମିଫାଇନାଲରେ ଭାରତକୁ ଭେଟିବ।

ପୁଲ୍'ଏ'ରେ ଦ୍ୱିତୀୟ ସ୍ଥାନରେ ରହି କ୍ରସ୍ ଓଭର ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଥିଲା ରୁଷିଆ। ପୁଲ୍'ବି'ର ୩ୟ ସ୍ଥାନୀୟ ଦଳ ଦକ୍ଷିଣ ଆଫ୍ରିକା ସହିତ ଏହି ଦଳ ମୁକାବିଲା କରିବ। ଲିଗ୍ ପର୍ଯ୍ୟାୟରେ ରୁଷିଆ ୩ ମ୍ୟାଚ ଖେଳି ୨ ବିଜୟ ଓ ୧ ପରାଜୟ ସହ ୬ ପଏଣ୍ଟ ପାଇଥିଲା। ଏହି ଗ୍ରୁପରେ ଭାରତ ସମସ୍ତ ୩ଟି ମ୍ୟାଚ ଜିତି ୯ ପଏଣ୍ଟ ସହିତ ସିଧାସଳଖ ସେମିଫାଇନାଲ ଯୋଗ୍ୟତା ପାଇଥିଲା। ଭାରତଠାରୁ ୦-୧୦ ଗୋଲରେ ଶୋଚନୀୟଭାବେ ହାରି ଅଭିଯାନ ଆରମ୍ଭ କରିଥିବା ରୁଷିଆ ପରେ କିନ୍ତୁ ସଫଳ ପ୍ରତ୍ୟାବର୍ତ୍ତନ କରିଥିଲା। ପରବର୍ତ୍ତୀ ମ୍ୟାଚରେ ଉଜ୍‌ବେକିସ୍ତାନକୁ ୧୨-୧ ଗୋଲରେ ହରାଇ ଚମକାଇ ଦେଇଥିବାବେଳେ ଶେଷ ମ୍ୟାଚରେ ପୋଲାଣ୍ଡକୁ ୩-୨ ଗୋଲରେ ପରାସ୍ତ କରିଥିଲା। ଅନ୍ୟପକ୍ଷରେ ଦକ୍ଷିଣ ଆଫ୍ରିକା ପୁଲ୍'ବି'ରେ ଆମେରିକା ଓ ଜାପାନ ପଛକୁ ୩ୟ ସ୍ଥାନ ଅଧିକାର କରି କ୍ରସ୍ ଓଭର ଖେଳିବାକୁ ଯାଉଛି। ଦଳ ୩ ମ୍ୟାଚରୁ ୧ ବିଜୟ ସହିତ ୩ ପଏଣ୍ଟ ପାଇଛି। ଆମେରିକାଠାରୁ ୦-୨ ଓ ଜାପାନଠାରୁ ୦-୨ ଗୋଲରେ ହାରିଥିବା ଦକ୍ଷିଣ ଆଫ୍ରିକା ଏହାର ଶେଷ ଲିଗ୍ ମ୍ୟାଚରେ ମେକ୍ସିକୋକୁ ୬-୦ ଗୋଲରେ ପରାସ୍ତ କରିଥିଲା। ରୁଷିଆ-ଦକ୍ଷିଣ ଆଫ୍ରିକା ମ୍ୟାଚର ବିଜେତା ୧୪ ତାରିଖରେ ଦ୍ୱିତୀୟ ସେମିଫାଇନାଲରେ ଆମେରିକାକୁ ଭେଟିବ।

ବୁଧବାର ପୁଲ୍'ଏ' ଓ ପୁଲ୍'ବି'ର ନିମ୍ନ ସ୍ଥାନୀୟ ଦୁଇ ଦଳ ଉଜ୍‌ବେକିସ୍ତାନ ଓ ମେକ୍ସିକୋ ମଧ୍ୟରେ ପ୍ଲେସିଂ ମ୍ୟାଚ ଖେଳାଯିବ। ୨ଟି ଯାକ ଦଳ ଗ୍ରୁପ ପର୍ଯ୍ୟାୟରେ ଗୋଟିଏ ହେଲେ ମ୍ୟାଚ ଜିତିପାରି ନାହାନ୍ତି। ଉଜ୍‌ବେକିସ୍ତାନ ମାତ୍ର ଗୋଟିଏ ଗୋଲ ଦେଇଥିବାବେଳେ ୨୬ ଗୋଲ ବରଣ କରିଛି। ମେକ୍ସିକୋ ଗୋଟିଏ ଗୋଲ ସ୍କୋର କରି ୧୮ ଗୋଲ ବରଣ କରିଛି। ଯେଉଁ ଦଳ ଏହି ମ୍ୟାଚ ଜିତିବ ୭ମ ସ୍ଥାନ ଅଧିକାର କରିବ। ତେଣୁ ଉଭୟ ଦଳ ପାଇଁ ଏହି ମ୍ୟାଚ ସମ୍ମାନର ପ୍ରଶ୍ନ ସଦୃଶ ହୋଇଛି।

**ଏଫଆଇଏଚ୍ ସିରିଜ ଫାଇନାଲ୍ସ**

**ଆଜିର ମ୍ୟାଚ**

- ଉଜ୍‌ବେକିସ୍ତାନ ବନାମ ମେକ୍ସିକୋ
  ସକାଳ ୮ଟା ୪୫
- ରୁଷିଆ ବନାମ ଦକ୍ଷିଣ ଆଫ୍ରିକା
  ଅପରାହ୍ନ ୫ଟା
- ଜାପାନ ବନାମ ପୋଲାଣ୍ଡ
  ରାତି ୭ଟା ୧୫

**ସ୍ଥାନ: କଳିଙ୍ଗ ଷ୍ଟାଡିୟମ**

## ରିଡ୍‌ଙ୍କ ନୂଆ ମନ୍ତ୍ର

ନୂଆ କୋଚ୍ ଗ୍ରାହାମ ରିଡ୍‌ଙ୍କ ପ୍ରଶିକ୍ଷଣରେ ଭାରତୀୟ ହକି ଦଳ ପ୍ରଥମ ଅନ୍ତର୍ଜାତୀୟ ଟୁର୍ନାମେଣ୍ଟଭାବେ ଭୁବନେଶ୍ୱରରେ ଏଫଆଇଏଚ୍ ସିରିଜ ଫାଇନାଲ୍ସ ଖେଳୁଛି। ଆରମ୍ଭରୁ ଯଥା ସମ୍ଭବ ଅଧିକରୁ ଅଧିକ ଗୋଲ ଦେଇ ପ୍ରତିପକ୍ଷ ଦଳ ଉପରେ ଚାପ ପକାଇବା ପାଇଁ ଭାରତୀୟ ଦଳକୁ ନୂଆ ମନ୍ତ୍ର ଦେଇଛନ୍ତି ରିଡ୍। ଏଫଆଇଏଚ୍ ସିରିଜ ଫାଇନାଲ୍ସରେ ଅପେକ୍ଷାକୃତ ଦୁର୍ବଳ ଦଳ ଗୁଡ଼ିକ ବିପକ୍ଷରେ ଭାରତୀୟ ଖେଳାଳିମାନେ ଏହି ରଣନୀତିରେ ସଫଳ ହୋଇଥିଲାବେଳେ ଉଚ୍ଚର୍‌ୟାଙ୍କପ୍ରାପ୍ତ ଟିମ୍ ବିପକ୍ଷରେ ମଧ୍ୟ ତାହା ଜାରି ରହିବା ନେଇ ଆଶା ରଖିଛନ୍ତି ରିଡ୍। ପ୍ରଥମ ୫ ମିନିଟ ମଧ୍ୟରେ ଯଥା ସମ୍ଭବ ଅଧିକ ଗୋଲ ସ୍କୋରିଂ ସୁଯୋଗ ସୃଷ୍ଟି କରିବାକୁ ପିଲାମାନଙ୍କୁ ପରାମର୍ଶ ଦିଆ ଯାଇଛି। ପ୍ରତିପକ୍ଷ ଦଳର ଶକ୍ତି ଭିତ୍ତିରେ ଏଥିରେ ପ୍ରଭେଦ ରହିପାରେ। ପ୍ରତିପକ୍ଷ ଦଳ ଉପରେ ଆରମ୍ଭରୁ ଚାପ ପକାଇବା ଆମର ମୁଖ୍ୟ ଲକ୍ଷ୍ୟ ବୋଲି ରିଡ୍ ପ୍ରକାଶ କରିଛନ୍ତି।



ଅନ୍ତର୍ଜାତୀୟ ମ୍ୟାଚ ଗୁଡ଼ିକରେ କୌଣସି ଦଳକୁ ହେୟ ମନେ କରାଯିବା ଉଚିତ ନୁହେଁ। ଆମେ କେବଳ ଗେମ୍ ଉପରେ ଫୋକସ ରଖି ସକାରାତ୍ମକ ମନୋଭାବ ନେଇ ଖେଳିବାକୁ ଚେଷ୍ଟା କରୁଛୁ। ଆରମ୍ଭରୁ ଗୋଲ ଦେଇ ପାରିଲେ ପ୍ରତିପକ୍ଷ ଦଳ ଉପରେ ନିଶ୍ଚିତ ଚାପ ପଡ଼ିବ ବୋଲି ତାରକା ଷ୍ଟ୍ରାଇକର ଆକାଶଦୀପ ସିଂ କହିଛନ୍ତି। ଚଳିତ ଟୁର୍ନାମେଣ୍ଟରେ ଏକମାତ୍ର ଖେଳାଳିଭାବେ ଆକାଶଦୀପ ଉଜ୍‌ବେକିସ୍ତାନ ବିପକ୍ଷ ମ୍ୟାଚରେ ହ୍ୟାଟ୍ରିକ ଅର୍ଜନ କରିଥିଲେ। କଳିଙ୍ଗ ଷ୍ଟାଡିୟମରେ ଅଧିକାଂଶ ମ୍ୟାଚରେ ଗୋଲ ବର୍ଷା ହେଉଥିଲେ ହେଁ ଆହତ ସମସ୍ୟାରୁ ଫେରିଥିବା ଷ୍ଟ୍ରାଇକର ରମଣଦୀପ ସିଂ ଏପର୍ଯ୍ୟନ୍ତ ତା'ର ଫାଇଦା ନେଇପାରି ନାହାନ୍ତି। ମାତ୍ର ରମଣଦୀପଙ୍କୁ ସମର୍ଥନ ଜଣାଇଛନ୍ତି ଆକାଶଦୀପ। ଏକବର୍ଷ ହକିରୁ ଦୂରେଇ ରହିବାପରେ ପ୍ରତ୍ୟାବର୍ତ୍ତନ କରିବା ଏତେଟା ସହଜ ନୁହେଁ। ରମଣଦୀପ ପ୍ରତି ମ୍ୟାଚରେ ଉନ୍ନତି କରୁଛନ୍ତି ବୋଲି ଆକାଶଦୀପ କହିଛନ୍ତି।




ମଙ୍ଗଳବାର କଳିଙ୍ଗ ଷ୍ଟାଡ଼ିୟମ୍‌ରେ ଅଭ୍ୟାସରତ ଭାରତୀୟ ହକି ଦଳର ଖେଳାଳିମାନେ।



କଟକରେ ଚାଲିଥିବା ସବ୍‌ଜୁନିୟର ଜାତୀୟ ବାଳିକା ଫୁଟବଲ ଚାମ୍ପିୟନଶିପ୍‌ର ମଙ୍ଗଳବାର ଝାଡ଼ଖଣ୍ଡ ଓ ତ୍ରିପୁରା ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

## 'ପୋଲାଣ୍ଡରେ ଆର୍ମି ଫିଲ୍ଡ ହକିକୁ ବଞ୍ଚାଇ ରଖିଛି'

**ଭୁବନେଶ୍ୱର, ୧୧।୬**

ୟୁରୋପୀୟ ଦେଶ ପୋଲାଣ୍ଡରେ ଆର୍ମି ଫିଲ୍ଡ ହକି ଖେଳକୁ ବଞ୍ଚାଇ ରଖିଛି। ଏହି ଦେଶରେ ପ୍ରାୟ ୨୦୦୦ ଖେଳାଳି ରହିଛନ୍ତି। ଭାରତ ଭଳି ପୋଲାଣ୍ଡରେ ଆର୍ମି ଅନେକ ଖେଳକୁ ପ୍ରୋତ୍ସାହିତ କରି ଆସୁଛି। ତନ୍ମଧ୍ୟରେ ଫିଲ୍ଡ ହକି ହେଉଛି ଅନ୍ୟତମ। ପୋଲାଣ୍ଡରେ ସବୁଠାରୁ ଲୋକପ୍ରିୟ ହକି କ୍ଲବ ହେଲା ଡବ୍ଲ୍ୟୁକେଏସ୍ ଗନ୍‌ୱାଲ୍ଡ ପୋଜ୍‌ନାନ୍। ଗତ ବର୍ଷ ଏହି ଟିମ୍ କ୍ରମାଗତ ୫ମ ଥର ପାଇଁ ଲିଗ୍ ଟାଇଟଲ ହାସଲ କରିଛି। ଏହି କ୍ଲବର ସଫଳତା ପଛରେ ପୋଲାଣ୍ଡ ଆର୍ମିର ବିଶେଷ ଭୂମିକା ରହିଛି। କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଏଫ୍‌ଆଇଏଚ୍ ସିରିଜ ହକି ଟୁର୍ନାମେଣ୍ଟରେ ଭାଗ ନେଇଥିବା ପୋଲାଣ୍ଡର ୧୮ ଜଣିଆ ହକି ଦଳରେ ଗନ୍ ୱାଲ୍ଡ କ୍ଲବ ପାଇଁ ଖେଳୁଥିବା ଆର୍ମିର ୯ ଜଣ ଖେଳାଳି ରହିଛନ୍ତି ବୋଲି ପୋଲାଣ୍ଡ ହକି କୋଚ୍ କାରୋଲ ସ୍ମିଜେକ୍ ପ୍ରକାଶ କରିଛନ୍ତି। ଭାରତ ଭଳି ପୋଲାଣ୍ଡରେ ହକି ସେତେଟା ଲୋକପ୍ରିୟ ଖେଳ ନୁହେଁ। ଲୋକେ ବିଶେଷ ଫୁଟ୍‌ବଲ ଓ ଭଲିବଲ୍ ଖେଳକୁ ପସନ୍ଦ କରିଥାନ୍ତି। ପୋଲାଣ୍ଡରେ ଯେତେ ହକି ଖେଳାଳି ଅଛନ୍ତି ସେମାନଙ୍କ ମଧ୍ୟରୁ ୮୦ ପ୍ରତିଶତ ଦେଶରେ ଖେଳାଯାଉଥିବା ଲିଗ୍‌ରେ ଅଂଶଗ୍ରହଣ କରିଥାନ୍ତି ଅବଶିଷ୍ଟ ବିଦେଶରେ ଖେଳିଥାନ୍ତି। ସ୍ମିଜେକ କହିଛନ୍ତି ବିଶ୍ୱ ର୍‌ୟାଙ୍କିଙ୍ଗରେ ଆମେ ୨୧ତମ ସ୍ଥାନରେ ରହିଥିଲେ ମଧ୍ୟ ଆମର ବହୁ ପ୍ରତିଭାସମ୍ପନ୍ନ ଖେଳାଳି ରହିଛନ୍ତି। ୨୦୦୦ ସିଡ୍‌ନୀ ଅଲିମ୍ପିକ୍ସରେ ଶେଷ ମୁହୂର୍ତ୍ତରେ ଏକ ଗୋଲ ସ୍କୋର କରି ମ୍ୟାଚକୁ ୧-୧ରେ ଡ୍ର ଆମେ ଭାରତକୁ ଟୁର୍ନାମେଣ୍ଟରୁ ବିଦା କରିଦେଇଥିଲୁ। ତେଣୁ ପୋଲାଣ୍ଡ ଭଳି ହକିଖେଳିପାରୁ ନାହିଁ ବୋଲି କେହି କହିପାରିବେ ନାହିଁ। ଖେଳର ବିକାଶ ପାଇଁ ଆମକୁ ପ୍ରୋତ୍ସାହନ ଏବଂ ସହଯୋଗର ଆବଶ୍ୟକତା ରହିଛି। ଆମେ ଛୋଟ ଛୋଟ କ୍ୟାମ୍ପ ଆୟୋଜନ କରିଥାଉ। ଆମେ ବେଳେବେଳେ ନେଦରଲାଣ୍ଡ୍ସ ଏବଂ ୟୁରୋପର ଅନ୍ୟ ଛୋଟ ଛୋଟ କ୍ଲବଗୁଡ଼ିକ ସହିତ ଖେଳିବା ଲାଗି ବିଦେଶ ଯାଇଥାଉ। କିନ୍ତୁ ଖେଳାଳିମାନଙ୍କ ଦକ୍ଷତା ବୃଦ୍ଧି ଲାଗି ଆମ ଲାଗି ଅଧିକ ଟୁର୍‌ର ଆବଶ୍ୟକତା ରହିଛି। ଚଳିତ ଏଫ୍‌ଆଇଏଚ୍ ସିରିଜ ଫାଇନାଲ୍ସର ସେମିଫାଇନାଲରେ ସ୍ଥାନ ପାଇଁ ପୋଲାଣ୍ଡ ଏସିଆନ ଚାମ୍ପିୟନ ଜାପାନ ସହ ମୁକାବିଲା କରିବ। ଏହି ଟୁର୍ନାମେଣ୍ଟରୁ ଦୁଇଟି ଦଳ ଚଳିତବର୍ଷ ପରବର୍ତ୍ତୀ ଭାଗରେ ହେବାକୁଥିବା ଏଫ୍‌ଆଇଏଚ୍ ଅଲିମ୍ପିକ କ୍ୱାଲିଫାୟର୍ସ ଲାଗି ଯୋଗ୍ୟତା ଅର୍ଜନ କରିବେ।

## ଝାଡ଼ଖଣ୍ଡର ବୃହତ୍ ବିଜୟ

**କଟକ ଅଫିସ,୧୧।୬:** ଅଲ ଇଣ୍ଡିଆ ଫୁଟବଲ ଫେଡେରେଶେନ(ଏଆଇଏଫ୍‌ଏଫ) ଆନୁକୂଲ୍ୟରେ କଟକରେ ଚାଲିଥିବା ସବ୍‌ଜୁନିୟର ଜାତୀୟ ବାଳିକା ଫୁଟବଲ ଚାମ୍ପିୟନଶିପର ମଙ୍ଗଳବାର ଅନୁଷ୍ଠିତ ମ୍ୟାଚ୍‌ରେ ଝାଡ଼ଖଣ୍ଡ ୨୦-୦ ଗୋଲରେ ତ୍ରିପୁରାକୁ ହରାଇଛି। ପ୍ରଥମାର୍ଦ୍ଧରେ ୧୧ଟି ଓ ଦ୍ୱିତୀୟାର୍ଦ୍ଧରେ ୯ଟି ଗୋଲ ସ୍କୋର କରି ଝାଡ଼ଖଣ୍ଡ ଏହି ବୃହତ୍ ବିଜୟ ହାସଲ କରିଛି । ଦଳ ପକ୍ଷରୁ ମିଡ଼ଫିଲ୍ଡର ନିତୁ ଲିଣ୍ଡା ସର୍ବାଧିକ ୯ଟି ଗୋଲ ସ୍କୋର କରିଥିଲେ। ଅନ୍ୟ ମ୍ୟାଚ୍‌ରେ ଆସାମ ୨-୧ ଗୋଲରେ ମହାରାଷ୍ଟ୍ରକୁ ପରାସ୍ତ କରିଥିବା ବେଳେ ଉତ୍ତରପ୍ରଦେଶ-ଛତିଶଗଡ଼ ମ୍ୟାଚ୍ ଡ୍ର ରହିଛି ।

## ଜାତୀୟ ତୀରନ୍ଦାଜୀ ସଂଘର କୋଷାଧ୍ୟକ୍ଷ ହେଲେ ସମୀକ୍ଷା

**କଟକ ଅଫିସ,୧୧।୬**

ରାଜ୍ୟ ତୀରନ୍ଦାଜୀ ସଂଘର କାର୍ଯ୍ୟନିର୍ବାହୀ କମିଟି ସଦସ୍ୟ ସମୀକ୍ଷାନନ୍ଦ ଦାସ ଭାରତୀୟ ତୀରନ୍ଦାଜୀ ସଂଘର କୋଷାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି। ଚଣ୍ଡୀଗଡ଼ଠାରେ ଗତ ୯ ତାରିଖରେ ଜାତୀୟ ସଂଘର ନିର୍ବାଚନ ଅନୁଷ୍ଠିତ ହୋଇଥିବା ବେଳେ ସମୀକ୍ଷାଙ୍କୁ ମିଳିଛି କୋଷାଧ୍ୟକ୍ଷ ପଦବୀ । ଜାତୀୟ ତୀରନ୍ଦାଜୀ ସଂଘର ଏକ ଗୁରୁତ୍ୱପୂର୍ଣ୍ଣ ପଦବୀରେ ଅବସ୍ଥାପିତ ହେବା କ୍ଷେତ୍ରରେ ସମୀକ୍ଷା ଓଡ଼ିଶାର ପ୍ରଥମ ବ୍ୟକ୍ତି। ଏଥିପାଇଁ ତାଙ୍କୁ ବିଭିନ୍ନ ବର୍ଗରୁ ଶୁଭେଚ୍ଛା ଜଣାଯାଇଛି । ଭାରତୀୟ ତୀରନ୍ଦାଜୀ କ୍ରୀଡ଼ାର ବିକାଶ ଦିଗରେ ଯାହା ବି ଦାୟିତ୍ୱ ମିଳିବ ତାହା ନିର୍ବାହ କରିବି । ରାଜ୍ୟ ତୀରନ୍ଦାଜୀ କ୍ରୀଡାର ବିକାଶ ପାଇଁ ପ୍ରାଥମିକତା ରହିବ ବୋଲି ସମୀକ୍ଷା ନିଜ ପ୍ରତିକ୍ରିୟାରେ କହିଛନ୍ତି।

## ଜାତୀୟ କରାଟେ: ଓଡ଼ିଶାକୁ ୩ ସ୍ୱର୍ଣ୍ଣ, ୩ ବ୍ରୋଞ୍ଜ

**ଭୁବନେଶ୍ୱର, ୧୧।୬(କ୍ରୀଡ଼ା ପ୍ରତିନିଧି)**

ଦିଲ୍ଲୀର ତାଲ୍‌କୋଟ୍ରା ଷ୍ଟାଡିୟମରେ ଅନୁଷ୍ଠିତ ଜାତୀୟ ସିନିୟର ଓ ସବ୍‌ଜୁନିୟର କରାଟେ ପ୍ରତିଯୋଗିତାରେ ଓଡ଼ିଶାକୁ ୩ ସ୍ୱର୍ଣ୍ଣ ଓ ୩ ବ୍ରୋଞ୍ଜ ପଦକ ମିଳିଛି। ବାଳିକା କାଟା୧୨ ବର୍ଷରୁ କମ୍‌ରେ ମଧୁପ୍ରିୟା, ୧୩ ବର୍ଷରୁ କମ୍‌ରେ ଅର୍ପିତା ସିଂ ଓ ୧୨ ବର୍ଷରୁ କମ୍ ବାଳକ ଫାଇଟ୍‌ରେ ରିତେସ୍ ମହାନ୍ତି ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ମହିଳା ଟିମ୍ କାଟାରେ ଅନୁପମା ସ୍ୱାଇଁ, ସୁସ୍ମିନି ପାଲଟାସିଂ, ସିନ୍ଧୁତନୟା ଖୁଣ୍ଟିଆ ବ୍ରୋଞ୍ଜ ପଦକ ପାଇଛନ୍ତି। ଅନ୍ୟ ୨ଟି ବ୍ରୋଞ୍ଜ ପଦକ ଜିତିଥିବା ପ୍ରତିଯୋଗୀ ହେଲେ ମନୋଜ ବେହେରା (୧୨ ବର୍ଷରୁ କମ୍ ବାଳକ କାଟା) ଏବଂ ତ୍ରିଲୋଚନ ରଣା(୧୩ ବର୍ଷରୁ କମ୍ ଫାଇଟ୍)। ପଦକ ବିଜୟୀ ପ୍ରତିଯୋଗୀଙ୍କୁ ରାଜ୍ୟ ସଂଘ ସମ୍ପାଦକ ଡ. ହରିପ୍ରସାଦ ପଟ୍ଟନାୟକ, କୋଚ୍ ରାଜୀବ ସିଂ, ଖାରବେଳ ମଲିକ, ସନ୍ଦିପ ମହାନ୍ତି, ଦୀପକ ସାମନ୍ତରା ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି।



ଜାତୀୟ କରାଟେରେ ପଦକ ବିଜୟୀ ଓଡ଼ିଶାର କୃତୀ ପ୍ରତିଯୋଗୀମାନେ ଅତିଥିଙ୍କ ସହ।




# ୨ ସ୍ଥାନରେ ଅଗ୍ନିକାଣ୍ଡ, ଜଳିଗଲା ୪ବଖରା

**ରସୁଲପୁର,୧୧।୬(ଡିଏନଏ)**

ରସୁଲପୁର ତହସିଲ ଅଧୀନ ୨ଟି ସ୍ଥାନରେ ମଙ୍ଗଳବାର ଅଗ୍ନିକାଣ୍ଡ ଘଟିଛି। ଏଥିରେ ୪ବଖରା ବାସଗୃହ ପୋଡି ପାଉଁଶ ହୋଇଯାଇଥିବାବେଳେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ଜଳିଯାଇଛି। ଉଭୟ ସ୍ଥାନରେ ଘଟିଥିବା ଅଗ୍ନିକାଣ୍ଡ ସ୍ଥଳରେ ରସୁଲପୁର ଦମକଳ ବାହିନୀ ପହଞ୍ଚି ନିଆଁ ଲିଭାଇଥିଲେ। ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଛି। ରସୁଲପୁର ତହସିଲ ଅଧୀନ ସାମନ୍ତରାପୁର ରାଜସ୍ୱ ସର୍କଲ ମଙ୍ଗରାଜପୁର ପଞ୍ଚାୟତରେ ମଙ୍ଗଳବାର ଭୋରୁ ଜନାର୍ଦ୍ଦନ ଷଢଙ୍ଗୀଙ୍କ ବାସଗୃହରେ ନିଆଁ ଲାଗିଯାଇଥିଲା। ପଡିଶା ଲୋକେ ଏହା ଦେଖି ଜନାର୍ଦ୍ଦନଙ୍କୁ ଖବର ଦେବାପରେ ପରିବାର ଲୋକେ ଜୀବନ ବିକଳରେ ବାହରକୁ ବାହାରି ଆସିଥିଲେ। ଖବର ପାଇ ରସୁଲପୁର ଦମକଳ ବାହିନୀ ପକ୍ଷରୁ ହାବିଲଦାର ରଞ୍ଜନ କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ଫୋର୍ସ ଘଟଣା ସ୍ଥଳରେ ପହଞ୍ଚି ନିଆଁ ଲିଭାଇଥିଲା। ସେହିପରି ଏହି ତହସିଲ ଅଧୀନ କଳଣ ଗ୍ରାମପଞ୍ଚାୟତର ସରସ୍ୱତୀ ଶିଶୁ ମନ୍ଦିର ପଛ ପାଖ ଆଦାବାସୀ ବସ୍ତିରେ ନିଆଁ




ଲାଗିଯାଇଥିଲା। ଉକ୍ତ ଅଗ୍ନିକାଣ୍ଡରେ ଆକାଶ ମଳିକଙ୍କ ଚାଳ ଘର ପୋଡିଯାଇଛି। ରସୁଲପୁର ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁ ଲିଭାଇ ଥିଲେ। ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଛି। ମଙ୍ଗରାଜପୁରଠାରେ ଘଟିଥିବା ଅଗ୍ନିକାଣ୍ଡସ୍ଥଳରେ ରସୁଲପୁର ତହସିଲଦାର ଜ୍ୟୋତିକାନ୍ତ ଭୁଜବଳ, ସୁପରଭାଇଜର ମହେଶ୍ୱର ସେଠୀ, ରାଜସ୍ୱ ନିରୀକ୍ଷକ ନୃସିଂହ ଚରଣ ବେହେରା ପ୍ରମୁଖ କ୍ଷୟକ୍ଷତି ଆକଳନ କରିବା ସହ ୨ଟି ପଲିଥିନ ପ୍ରଦାନ କରିଛନ୍ତି। ଅନ୍ୟାନ୍ୟ କ୍ଷୟକ୍ଷତି ସମ୍ପର୍କରେ ରିପୋର୍ଟ ଆସିବା ପରେ ଯାହା କିଛି ପଦକ୍ଷେପ ନିଆଯିବ ବୋଲି କୁହାଯାଉଛି।

# ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

## ହତ୍ୟା ଅଭିଯୋଗ ଆଣିଲେ ବାପା

**ଚଣ୍ଡିଖୋଲ,୧୧।୬(ଡି.ଏନ.ଏ.):** ବଡ଼ଚଣା ଥାନା ଅନ୍ତର୍ଗତ ଦେଉଳକୁର ଗ୍ରାମର ରମାକାନ୍ତ ପ୍ରଧାନ(୩୭)ଙ୍କର ମୃତ୍ୟୁ ମଙ୍ଗଳବାର ଢେଙ୍କାନାଳ ଜିଲା ନିହାଲପ୍ରସାଦ ଥାନା ଅନ୍ତର୍ଗତ ବାଲିସାହି ଗ୍ରାମରେ ମୃତ୍ୟୁ ହୋଇଛି। ରମାକାନ୍ତଙ୍କ ମୃତ୍ୟୁର କାରଣ ଜଣାପଡ଼ି ନ ଥିବାବେଳେ ବାପା ଦିବାକର ଏହାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି। ପ୍ରକାଶ ଯେ, ମୃତ ରମାକାନ୍ତ ୨ ବର୍ଷରୁ ଊର୍ଦ୍ଧ୍ୱ ହେବ ସ୍ତ୍ରୀଙ୍କ ସହ ଢେଙ୍କାନଳ ଜିଲା ନିହଲପ୍ରସାଦ ଥାନା ଅନ୍ତର୍ଗତ ବାଲିସାହି ଗ୍ରାମର ବିନୋଦିନୀ ବଳଙ୍କ ଘରେ ଭଡ଼ା ନେଇ ରହୁଥିଲେ। ମଙ୍ଗଳବାର ସକାଳ ୧୦ଟାରେ ପ୍ରକାଶ ବାବୁ ନାମକ ଜଣେ ଯୁବକ ରାମାକାନ୍ତ ମୃତ୍ୟୁ ହୋଇଥିବା ନେଇ ଦିବାକରଙ୍କୁ ଖବର ଦେଇଥିଲେ। ଖବରପାଇ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚିବାବେଳକୁ ମୃତଦେହ ତଳେ ପଡିଥିବା ଦେଖିଥିଲେ। ଶରୀରର ବିଭିନ୍ନ ସ୍ଥାନରେ କ୍ଷତଚିହ୍ନ ଥିବା ଦେଖିବାକୁ ମିଳିଥିଲା। ରମାକାନ୍ତ ଫ୍ୟାନ୍‌ରେ ଶାଢି ବାନ୍ଧି ଆତ୍ମହତ୍ୟା କରିଥିବା ତାଙ୍କ ସ୍ତ୍ରୀ କହୁଥିବାବେଳେ ବେକରେ କୌଣସି କ୍ଷତଚିହ୍ନ ନ ଥିବା ଯୋଗୁ ପରିବାର ଲୋକଙ୍କର ସନ୍ଦେହ ହୋଇଥିଲା। ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ଦିବାକର ନିହଲପ୍ରସାଦ ଥାନାରେ ଏକ ଲିଖିତ ଅଭିଯୋଗ କରିବା ସହ ତଦନ୍ତ ଦାବି କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା (ନଂ.୫୩/୧୯) ରୁଜୁକରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ତଦନ୍ତ ଜାରି ରଖିଛି।





### ଡଙ୍କାରୀ ପାହାଡରୁ ଡ୍ରାଗନ୍ ମେଶିନ ଜବତ ଘଟଣା

# ଲିଜ୍‌ଧାରୀଙ୍କୁ କାରଣ ଦର୍ଶାଅ ନୋଟିସ

**ଧର୍ମଶାଳା,୧୧।୬ (ଡି.ଏନ୍.ଏ.)**

ଧର୍ମଶାଳା ତହସିଲ ଅନ୍ତର୍ଗତ ଡଙ୍କାରୀ କଳାପଥର ଖାଦାନରେ ୧୪୪ ଧାରା ଜାରି କରାଯାଇଛି। କିନ୍ତୁ ଆଇନକୁ ଖୋଲା ଉଲ୍ଲଘଂନ କରି ପଥର ଉତ୍ତୋଳନ କରୁଥିବା ସମ୍ପୃକ୍ତ ଖାଦାନ ଲିଜଧାରୀଙ୍କୁ ତହସିଲ କାର୍ଯ୍ୟାଳୟ ପକ୍ଷରୁ କାରଣ ଦର୍ଶାଅ ନୋଟିସ ଦିଆଯାଇଥିବା ଏକ ବିଶେଷ ସୁତ୍ରରୁ ଜଣାପଡିଛି। ଆସନ୍ତା ୭ ଦିନ ମଧ୍ୟରେ ଉତ୍ତର ରଖିବା ପାଇଁ ନୋଟିରେ ନିର୍ଦ୍ଦେଶ ରହିଛି। ଗତ ୫ ତାରିଖରେ ୪ ନମ୍ବର ଖାଦାନରେ ପଥର ବ୍ଲାଷ୍ଟିଂ ପାଇଁ ପ୍ରସ୍ତୁତ ହେଉଥିବାବେଳେ ସ୍ଥାନୀୟ ଗ୍ରାମବାସୀ ଏକ ୱାଗନ ଡ୍ରିଲ ମେଶିନକୁ ଜବତ କରିଥିଲେ। ଧର୍ମଶାଳା ତହସିଲଦାର ଓ ଜେନାପୁର ଥାନା ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ମେଶିନ ଜବତ କରିଥିଲେ। ଉକ୍ତ ଜବତ ମେଶିନକୁ ବାଜ୍ୟାପ୍ତି ସହ ଖାଦାନ ଚାଳକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଗ୍ରାମବାସୀ ଓ ନାରୀ ଜାଗରଣ ସମିତି ପକ୍ଷରୁ ତହସିଲଦାରଙ୍କ ନିକଟରେ ଦାବି କରାଯାଇଥିଲା।










3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ-ତଥାଗତ ସତପଥୀ

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୧୨ ଜୁନ, ୨୦୧୯



ସତ୍ୟ, ଶାନ୍ତି, ଦୟା, କ୍ଷମା, ଧର୍ମ ଆଚରଣ, ସଦାଚାର, ସହିଷ୍ଣୁତା ଆଦି ଗୁଣରେ ଆତ୍ମାକୁ ଭୂଷିତ କର।
- ଶ୍ରୀ ଚୈତନ୍ୟଦେବ



## ସଂକ୍ଷେପରେ

### ଭାପୁରରେ କାଳବୈଶାଖୀର ପ୍ରଭାବ



ଭାପୁର,୧୧।୬(ଡି.ଏନ.ଏ.): ସୋମବାର ସନ୍ଧ୍ୟାରେ ଭାପୁର ଅଞ୍ଚଳରେ କାଳବୈଶାଖୀର ପ୍ରଭାବ ଦେଖିବାକୁ ମିଳିଥିଲା। ପ୍ରବଳ ବର୍ଷା ସାଙ୍ଗକୁ ପବନ ହେବାରୁ ଭାପୁର ପଞ୍ଚାୟତର ବିଭିନ୍ନ ଗ୍ରାମରେ ଆଜବେଷ୍ଟସ୍ ଓ ଚାଳଛପର ଉଡ଼ିଯାଇଛି। ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଗଛ ମଧ ଭାଙ୍ଗିପଡ଼ିଛି। ଏଠାରେ ଥିବା ଫରେଷ୍ଟର ଅଫିସର ୨ବଖରା ଆଜବେଷ୍ଟସ୍ ଉଡ଼ିଯାଇଛି। ଏହାସହିତ ଅଫିସ ପରିସରରେ ଥିବା ବଡ଼ ଶାଗୁଆନ ଗଛ ଭାଙ୍ଗି ପଡ଼ିବାରୁ ଅଫିସ ଗୃହ ଓ ପାଚେରି ଭାଙ୍ଗିଯାଇଛି। କାଳବୈଶାଖୀ ଯୋଗୁ ଏଠାରେ ବିଦ୍ୟୁତ୍ ସରବରାହ ୧୨ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ବ୍ୟାହତ ହୋଇଥିଲା। ଫଳରେ ଜନସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ।

### ଘର ସମ୍ମୁଖରୁ ବାଇକ୍ ଚୋରି

ଭାପୁର,୧୧।୬(ଡି.ଏନ.ଏ.): ଭାପୁର ଫାଣ୍ଡି ଅଞ୍ଚଳରୁ ଜଣକ ଘର ସମ୍ମୁଖରୁ ଏକ ବାଇକ୍ ଚୋରି ହୋଇଥିବା ନେଇ ପୋଲିସରେ ଅଭିଯୋଗ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, ଭାପୁର ବ୍ଲକ କାର୍ଯ୍ୟାଳୟ ପଛପଟ ସାହିର ଅବସରପ୍ରାପ୍ତ ସାମରିକ କର୍ମଚାରୀ ବ୍ରଜ କିଶୋର ଖୁଣ୍ଟିଆ ସୋମବାର ରାତିରେ ନିଜ ଘର ସମ୍ମୁଖରେ ଓଡି୨୫ଏ-୨୧୦୧ ନମ୍ବର ବିଶିଷ୍ଟ ବାଇକ୍ ରଖିଲେ। କିନ୍ତୁ ମଙ୍ଗଳବାର ସକାଳୁ ବାଇକ୍ ନ ଥିବା ଦେଖି ସେ ଫାଣ୍ଡିରେ ଅଭିଯୋଗ କରିଥିଲେ। ପୋଲିସ ପକ୍ଷରୁ ଅନୁସନ୍ଧାନ ଜାରି ରହିଥିଲେ ମଧ ଘଟଣାର ପର୍ଦ୍ଦାଫାଶ ହୋଇପାରି ନାହିଁ।

### ଧାନ ବିକ୍ରି ଟଙ୍କା ମିଳୁନି ଜିଲାପାଳଙ୍କୁ ଫେରାଦ ହେଲେ ଚାଷୀ

ଖୋର୍ଦ୍ଧା ଅଫିସ,୧୧।୬: ଖୋର୍ଦ୍ଧା ଜିଲାରେ ଧାନମଣ୍ଡି ବନ୍ଦ ହୋଇଗଲାଣି। ତେବେ ଚାଷୀ ଏଯାବତ ତାଙ୍କ ପ୍ରାପ୍ୟ ପାଇନାହାନ୍ତି। ଏଭଳି ଅଭିଯୋଗ ବେଗୁନିଆ ବ୍ଲକ ପୋଡାଡିହ ସେବା ସମବାୟ ସମିତିର ଚାଷୀମାନେ ଆଣିଛନ୍ତି। ମଙ୍ଗଳବାର ପୋଡାଡିହ, ଓସ୍ତପୁର, କୋଟପଲ୍ଲୀ, ଦିଗିଆରୀ, ତାଳଗଡ, ତୁଳସୀପୁର ଅଞ୍ଚଳର ଚାଷୀ ଏପରି ଅଭିଯୋଗ ଆଣି ଜିଲାପାଳଙ୍କୁ ଭେଟିଛନ୍ତି। ଅଭିଯୋଗ ଅନୁସାରେ, ଏପ୍ରିଲ ୩ରେ ୩୫ ଜଣ ଚାଷୀ ଧାନ ବିକ୍ରି କରିଥିଲେ। ଅଳ୍ପ ଟଙ୍କା ପାଇଥିବାବେଳେ ଆଉ କିଛି ବକେୟା ରହିଛି। ଏଭଳିସ୍ଥଳେ ଖରିଫ ଋତୁ ହୋଇଥିବାବେଳେ ଚାଷ, ବିହନ ପାଇଁ ଟଙ୍କା ଦରକାର। ଏଣୁ ତୁରନ୍ତ ଧାନ ବିକ୍ରି ଟଙ୍କା ଯୋଗାଇ ଦେବାକୁ ଦାବି ହୋଇଛି।

## ■ ମନ୍ତ୍ରୀଙ୍କ ଜିଲାସ୍ତରୀୟ ବୈଠକ
# ବର୍ଷା ପୂର୍ବରୁ କାମ ସାରିବାକୁ ନିର୍ଦ୍ଦେଶ

ନୂଆଗାଁ (ଡି.ଏନ.ଏ)/ ନୟାଗଡ଼ ଅଫିସ,୧୧।୬

ନୟାଗଡ ଜିଲାପାଳଙ୍କ ସଦ୍‌ଭାବନା ଗୃହରେ ମଙ୍ଗଳବାର ଅପରାହ୍ନ ୫ଟାରେ ରାଜ୍ୟ କୃଷି, ମତ୍ସ୍ୟ, ପଶୁପାଳନ ଓ ଉଚ୍ଚଶିକ୍ଷା ମନ୍ତ୍ରୀ ଡ. ଅରୁଣ କୁମାର ସାହୁଙ୍କ ଆବାହକତ୍ୱରେ ଜିଲାସ୍ତରୀୟ ଅଧିକାରୀମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲାପାଳ ଡ.ଏନ. ତିରୁମାଲା ନାୟକ ଅଧ୍ୟକ୍ଷତା କରିଥିଲେ। କିଭଳି ଭାବରେ ଓଡିଶାକୁ ପ୍ରଗତି ପଥରେ ଆଗେଇ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱପ୍ନକୁ ସାକାର କରାଯାଇ ପାରିବ ସେ ନେଇ ଅଧିକାରୀମାନଙ୍କ ସହ ମନ୍ତ୍ରୀ ସାହୁ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ନିର୍ବାଚନ ଏବଂ ବାତ୍ୟା ଫନୀ ପାଇଁ ସମସ୍ତ କାର୍ଯ୍ୟ ଓ ପ୍ରକଳ୍ପ ତ୍ୱରାନ୍ୱିତ ହେବାରେ ବାଧା ସୃଷ୍ଟି ହୋଇଛି । ତେଣୁ ସେସବୁ ବକେୟା କାମଗୁଡ଼ିକୁ ବର୍ଷା ଆସିବା ପୂର୍ବରୁ କିଭଳି ଭାବେ ଶେଷ କରାଯିବ ସେ ନେଇ ସମସ୍ତ ବିଭାଗୀୟ ଅଧିକାରୀ ଚେଷ୍ଟା କରିବା ପାଇଁ ମନ୍ତ୍ରୀ ସାହୁ ନିର୍ଦ୍ଦେଶ ଦେଇଥିଲେ। କେଉଁ କାର୍ଯ୍ୟ କିଭଳି ଭାବେ ସମ୍ପାଦନ କରାଯିବ ତାହାର ଏକ ଖସଡ଼ା ଯଥାଶୀଘ୍ର ପ୍ରସ୍ତୁତ କରିବା ଲାଗି ମଧ ପରାମର୍ଶ ଦେଇଥିଲେ । ଉନ୍ନତିମୂଳକ କାର୍ଯ୍ୟ ପାଇଁ ଦିଆଯାଇଥିବା ଅନୁଦାନ ରାଶି ଯେପରି ଫେରି ନ ଯାଏ ସେଥିପାଇଁ ବିଭାଗୀୟ ଅଧିକାରୀମାନେ ଯତ୍ନବାନ ହେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଗ୍ରାମ୍ୟ ପାନୀୟ ଜଳ ଯୋଗାଣ, କ୍ଷୁଦ୍ରଜଳସେଚନ, ଜଳସେଚନ, ଉଠାଜଳସେଚନ, ଉଦ୍ୟାନ, କୃଷି, କ୍ରୀଡ଼ା, ସଂସ୍କୃତି, ଯୋଗାଣ, ପଞ୍ଚାୟତ, ମତ୍ସ୍ୟ, ପଶୁପାଳନ, ସମାଜ ମଙ୍ଗଳ, ଶିକ୍ଷା, ସ୍ୱାସ୍ଥ୍ୟ, ନଗର ଉନ୍ନୟନ ଏବଂ ମଙ୍ଗଳ ବିଭାଗ ଆଦିଗୁଡ଼ିକର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ବରିଷ୍ଠ ନାଗରିକ ତଥା ଯୋଗ୍ୟ ହିତାଧିକାରୀମାନେ ଯେପରି ସୁବିଧା ସୁଯୋଗ ପାଇ ପାରିବେ ସେଥିପ୍ରତି ସମସ୍ତେ ଧ୍ୟାନ ଦେବା ସହ ଆବଶ୍ୟକ ସ୍ଥଳେ ସେମାନଙ୍କୁ ସହଯୋଗ କରିବା ପାଇଁ ମନ୍ତ୍ରୀ ସାହୁ ପରାମର୍ଶ ଦେଇଥିଲେ। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବନଖଣ୍ଡ ଅଧିକାରୀ, ଅତିରିକ୍ତ ଜିଲାପାଳ, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶିକା ପ୍ରମୁଖ ଯୋଗ ଦେଇଥିଲେ। ବୈଠକରେ ଜିଲାପାଳ ଧନ୍ୟବାଦ ଦେଇଥିଲେ।



ବୈଠକରେ ମନ୍ତ୍ରୀଙ୍କ ସହ ଅଧିକାରୀମାନେ।

## ଗୁଳୁଗୁଳି: ଜନଜୀବନ ଅସ୍ତବ୍ୟସ୍ତ

ଦଶପଲ୍ଲା,୧୧।୬(ଡି.ଏନ୍.ଏ.)

ଗତ କିଛିଦିନ ହେଲା ସାରା ରାଜ୍ୟରେ ଗ୍ରୀଷ୍ମପ୍ରବାହ ଜାରି ରହିଛି। ନୟାଗଡ଼ ଜିଲାର ଦଶପଲ୍ଲା ଅଞ୍ଚଳ ଏଥିରୁ ବାଦ୍ ପଡିନାହିଁ। ସକାଳ ୮ଟାରୁ ଖରାତାତି ଆରମ୍ଭ ହୋଇ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଲାଗି ରହୁଛି। ବିଶେଷ କରି କୌଣସି ଜରୁରୀ କାମ ନ ଥିଲେ ଦିନ ୧୧ଟା ପରେ ଲୋକେ ଘରୁ ବାହାରୁ ନ ଥିବା ଦେଖାଯାଉଛି। ଏହି ସମୟରେ ପ୍ରାୟତଃ ରାସ୍ତାଘାଟ ଜନଶୂନ୍ୟ ହୋଇପଡୁଛି। ଦୋକାନ ବଜାର ୧୨ଟାରୁ ୫ଟା ପର୍ଯ୍ୟନ୍ତ ବନ୍ଦ ରହୁଛି। ଏପରିସ୍ଥଳେ ଘନଘନ ବିଦ୍ୟୁତ୍ ବିଭ୍ରାଟ ସହ ଲୋ ଭୋଲଟେଜ ଯୋଗୁ ଜନସାଧାରଣ ବହୁ ହଇରାଣ ହେଉଛନ୍ତି। ପ୍ରଚଣ୍ଡ ଖରା ସାଙ୍ଗକୁ ଝାଞ୍ଜି ପବନ ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡୁଛି। ଅନ୍ୟପକ୍ଷରେ ଗ୍ରୀଷ୍ମତାପ ପ୍ରଭାବରେ ଜଳସ୍ତର ହ୍ରାସ ପାଉଥିବାରୁ ବ୍ଲକର କେତେକ ସ୍ଥାନରେ ପାନୀୟ ଜଳ ସମସ୍ୟା ଦେଖାଦେଇଛି।

## ଜୁଆ ଆଡ୍ଡା ଉପରେ ଚଢ଼ାଉ: ୮ ଗିରଫ

ନୂଆଗାଁ(ଡି.ଏନ.ଏ)/ ନୟାଗଡ ଅଫିସ, ୧୧।୬

ନୟାଗଡ ଜିଲା ଇଟାମାଟି ଥାନା ଅଞ୍ଚଳରେ ସୋମବାର ପୋଲିସ ଏକ ଜୁଆ ଆଡ୍ଡା ଉପରେ ଚଢାଉ କରିଥିଲା। ଏହି ଘଟଣାରେ ୮ଜଣଙ୍କୁ ଗିରଫ କରାଯାଇଛି। ସୋମବାର ବିଳମ୍ବିତ ରାତି ପ୍ରାୟ ସାଢେ ଦୁଇଟାରେ ଇଟାମାଟି ଥାନା ଅଧୀନରେ ଥିବା ବଡପଣ୍ଡୁସର ଠାରୁ ସାନପଣ୍ଡୁସର କୁସୁମୀ ନଦୀ ଉପରେ ଜୁଆ ଖେଳ ଚାଲିଥିବା ଖବର ମିଳିଥିଲା। ନୟାଗଡ ଏସପିଙ୍କ ନିର୍ଦ୍ଦେଶକ୍ରମେ ନୟାଗଡ ଏସଡିପିଓ ନିରଞ୍ଜନ ପାଢୀ ଓ ଥାନା କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ଚଢାଉ କରିଥିଲେ । ଘଟଣା ସ୍ଥଳରୁ ଜୁଆ ଖେଳୁଥିବା ୮ଜଣଙ୍କୁ ଧରିବା ସହ ସେମାନଙ୍କଠାରୁ ମୋବାଇଲ ଫୋନ, ଜୁଆଖେଳରେ ବ୍ୟବହୃତ ସାମଗ୍ରୀ ଓ ନଗଦ ୧୫,୭୭୦ ଟଙ୍କା ଜବତ କରାଯାଇଛି। ପୋଲିସ ତରଫରୁ ଥାନାରେ ନଂ ୮୩/୧୯ରେ ମାମଲା ରୁଜୁ କରାଯାଇଛି । ସାନପଣ୍ଡୁସର ଗ୍ରାମର ଗୋପବନ୍ଧୁ ଭୂୟାଁ, ଖେଡବାରଣା ଗ୍ରାମର ଦାମୋଦର ରାଉତ, ଜୟକୃଷ୍ଣ ଲେଙ୍କା, ଚମ୍ପଡିପୁର ଗ୍ରାମର ଅଲେଖ ନାୟକଙ୍କ ସମେତ ପୋଲିସ ୮ ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟ କେତେଜଣ ଦୌଡି ପଳାଇଯାଇଥିଲେ ।



ଗିରଫ ହୋଇଥିବା ବ୍ୟକ୍ତିମାନେ।

## ■ ଜିଲାବ୍ୟାପୀ ସେବା ଉତ୍ସବ ଉଦ୍‌ଯାପିତ
# ସେବା ମଣିଷର ଶ୍ରେଷ୍ଠ ଧର୍ମ

ନୂଆଗାଁ (ଡି.ଏନ.ଏ)/ନୟାଗଡ ଅଫିସ,୧୧।୬

ଚଳିତ ମାସ ୨ ତାରିଖରୁ ଆରମ୍ଭ ହୋଇଥିବା ଜିଲାବ୍ୟାପୀ ସେବା ଉତ୍ସବ ସୋମବାର ନୟାଗଡଠାରେ ଉଦ୍‌ଯାପିତ ହୋଇଯାଇଛି । ନୟାଗଡ ରାମ ମନ୍ଦିର ପରିସରରେ ସେବା ଉତ୍ସବର ସଭାପତି ଶିବରାମ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ନୟାଗଡ ବିକାଶ ପରିଷଦ ଅଧ୍ୟକ୍ଷ ପ୍ରଦୀପ୍ତ ପଟ୍ଟନାୟକ , ସାମାଜିକ କର୍ମୀ ପ୍ରମୋଦ ପଟ୍ଟନାୟକ, ଡା. ଅରବିନ୍ଦ ଦାଶ, ଡା.ରମେଶ ଚନ୍ଦ୍ର ଦାସ ଅତିଥି ଭାବେ ଯୋଗ ଦେଇଥିଲେ । ଗରିବ ଅସହାୟ ଲୋକଙ୍କ ସେବା କରିବା ସବୁଠାରୁ ଶ୍ରେଷ୍ଠ ଧର୍ମ । ତେଣୁ ସେବା କରି ଅନ୍ୟର ମୁହଁରେ ହସ ଫୁଟାଇ ପାରିଲେ ମଣିଷ ଜନ୍ମ ସାର୍ଥକ ହେବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ଏହି ଅବସରରେ ସେବାରେ ଉଲ୍ଲେଖନୀୟ ଅବଦାନ ପାଇଁ ବଂଶୀଧର ସାହୁ ଓ ସନ୍ତୋଷ କୁମାର ନାୟକଙ୍କୁ ସମ୍ମାନିତ କରାଯାଇଥିଲା। ଓଁ ସାଇ ଦୃଷ୍ଟିହୀନ ଲୋକ ସଙ୍ଗୀତ ପରିଷଦ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ସଙ୍ଗୀତ ପରିବେଷଣ କରାଯାଇଥିଲା । ସୂଚନାଯୋଗ୍ୟ, ସେବା ଉତ୍ସବ ନୂଆଗାଁ ବ୍ଲକ ଦୁର୍ଦ୍ଧୁରା ପଞ୍ଚାୟତ ଏମ.ଇ. ସ୍କୁଲଠାରେ ରକ୍ତଦାନ ଶିବିରରୁ ଆରମ୍ଭ ହୋଇ ୧୬ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ୫ ତାରିଖରେ ଦଶପଲ୍ଲା ବ୍ଲକ କୁଜାମେଣ୍ଢିଠାରେ ଲୋକମାନଙ୍କ ଚକ୍ଷୁ ପରୀକ୍ଷା କରାଯାଇ ମାଗଣାରେ ଚଷମା ବଣ୍ଟନ କରାଯାଇଥିଲା । ୬ରେ ନୟାଗଡ ଟାଉନଠାରେ ଦହିପଣା ବଣ୍ଟନ, ୭ରେ ଶରଣକୁଳ ନିକଟ ଗୋଛା ଗ୍ରାମରେ ବସ୍ତ୍ର ବଣ୍ଟନ କରାଯାଇଥିବା ବେଳେ ୮ରେ ନୟାଗଡ ଠାରେ ଅଙ୍ଗଦାନ ଶିବିରରେ ୨୮ ଜଣ ସ୍ୱେଚ୍ଛାସେବୀ ନିଜର ଅଙ୍ଗଦାନ କରିବା ପାଇଁ ଶପଥ ନେଇଥିଲେ । ସେହିପରି ୯ ତାରିଖରେ ନୂଆଗାଁ ବ୍ଲକ ଉଦୟପୁର ପଞ୍ଚାୟତ ପରିସର ମଧ୍ୟରେ ମାଗଣା ଚିକିତ୍ସା ଓ ଔଷଧ ବଣ୍ଟନ କରାଯାଇଥିଲା ।



ଜଣେ କଳାକାରଙ୍କୁ ସମ୍ମାନିତ କରାଯାଉଛି।

## ବ୍ରାଉନସୁଗାର ଜବତ, ଜଣେ ଗିରଫ

ଖୋର୍ଦ୍ଧା ଅଫିସ,୧୧।୬: ଖୋର୍ଦ୍ଧା ଆଦର୍ଶ ଥାନାର ସ୍ୱପ୍ନେଶ୍ୱରସାହି ଉପରେ ମଙ୍ଗଳବାର କଟକ ଓ ଖୋର୍ଦ୍ଧା ଫ୍ଲାଇଂ ସ୍କ୍ୱାଡ ପକ୍ଷରୁ ଚଢାଉ କରାଯାଇ ୩୦ ଗ୍ରାମ ବ୍ରାଉନସୁଗାର ଜବତ କରାଯାଇଛି। ଯାହାର ଆନୁମାନିକ ମୂଲ୍ୟ ପ୍ରାୟ ୩ ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି। ଏହି ଘଟଣାରେ ସ୍ୱପ୍ନେଶ୍ୱରସାହିର ଦେବରାଜ ଦଳେଇ(୪୬)ଙ୍କୁ ଗିରଫ କରାଯାଇ ଖୋର୍ଦ୍ଧା କୋର୍ଟ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ପରେ ତାଙ୍କୁ ଖୋର୍ଦ୍ଧା ସବ୍‌ଜେଲକୁ ପଠାଇ ଦିଆଯାଇଛି। ଅବକାରୀ ବିଭାଗ ପକ୍ଷରୁ ନଂ. ୫୪/୧୯ରେ ମାମଲା ରୁଜୁ କରାଯାଇଛି। ଚଢାଉରେ ଇନ୍ସପେକ୍ଟର ପ୍ରମୋଦ କୁମାର ପଣ୍ଡା, ରଞ୍ଜନ କୁମାର ନାୟକ, ସବଇନ୍ସପେକ୍ଟର କମଳ ଲୋଚନ ପାଇକରାୟ ପ୍ରମୁଖ ନେତୃତ୍ୱ ନେଇଥିଲେ।

## ଜଟଣୀ ମ୍ୟୁନିସିପାଲିଟି: ବର୍ଜ୍ୟବସ୍ତୁ ପରିଚଳନା ପ୍ରଶିକ୍ଷଣ ଶିବିର

ଜଟଣୀ,୧୧।୬(ଡି.ଏନ.ଏ.)

ଜଟଣୀ ମ୍ୟୁନିସିପାଲିଟି ପକ୍ଷରୁ କଠିନ ବର୍ଜ୍ୟବସ୍ତୁ ପରିଚାଳନା ପ୍ରଶିକ୍ଷଣ ଶିବିର ସ୍ଥାନୀୟ ଟାଉନ୍‌ହଲ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ତପନ କୁମାର ମହାପାତ୍ରଙ୍କ ପୌରୋହିତ୍ୟରେ ଏହା ଆୟୋଜିତ ହୋଇଥିଲା। ବର୍ଜ୍ୟବସ୍ତୁର ପୃଥକୀକରଣ, ପରିବହନ ଓ ପରିଚାଳନା ଉପରେ ଦକ୍ଷ ବ୍ୟକ୍ତିମାନେ ସୂଚନା ଦେଇଥିଲେ। ବର୍ଜ୍ୟବସ୍ତୁ ଦ୍ୱାରା ପ୍ରଦୂଷଣ ହେବା ସହ ଜନସ୍ୱାସ୍ଥ୍ୟ ଉପରେ ପଡୁଥିବା କୁପ୍ରଭାବ ଏହାର ପରିଚାଳନାର ଆବଶ୍ୟକତା ନେଇ ଏଥିରେ ଆଲୋଚନା ହୋଇଥିଲା। ଏହାକୁ ଜନଆନ୍ଦୋଳନ ଭାବେ ଗ୍ରହଣ କରି ସମାଜକୁ ପ୍ରଦୂଷଣମୁକ୍ତ କରିବା ଉପରେ ସମସ୍ତେ ଗୁରୁତ୍ୱ ଦେଇଥିଲେ। ଏହାର ଠିକ୍ ପରିଚାଳନା ପାଇଁ ପ୍ରତି ପରିବାର, ସଫେଇ କର୍ମଚାରୀ ଓ ପୌରପାଳିକାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା କହିଥିଲେ। ଏଥିରେ ଜିଲା ସହରାଞ୍ଚଳ ଉନ୍ନୟନ ପ୍ରତିଷ୍ଠାନର ପରିମଳ ଉପରେ ଅଭିଜ୍ଞ ତଥା ଦକ୍ଷ ଦେବବ୍ରତ ବେହେରା, ସହକାରୀ ଯନ୍ତ୍ରୀ ଦୁଷ୍ମନ୍ତ ମହନ୍ତଙ୍କ ସମେତ ସଫେଇ ଓ ଅନ୍ୟ କର୍ମଚାରୀ, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟମାନେ ଅଂଶଗ୍ରହଣ କରିଥିଲେ। ଏଥିରେ ସଫେଇ କର୍ମଚାରୀଙ୍କୁ ସୁରକ୍ଷା ସରଞ୍ଜାମ ଓ ସାର୍ଟିଫିକେଟ୍ ପ୍ରଦାନ କରାଯାଇଥିଲା।

## ନାଇଜର ପରିସରରେ ଡାକଘର ଉଦ୍‌ଘାଟିତ

ଜଟଣୀ,୧୧।୬(ଡି.ଏନ.ଏ.)

ଜଟଣୀସ୍ଥିତ ଜାତୀୟ ବିଜ୍ଞାନ ଓ ଗବେଷଣା ପ୍ରତିଷ୍ଠାନ(ନାଇଜର) ପରିସରରେ ଭାରତୀୟ ଡାକସେବା ବିଭାଗ ପକ୍ଷରୁ ଶାଖା ଡାକଘର ମଙ୍ଗଳବାର ଉଦ୍‌ଘାଟିତ ହୋଇଛି। ନାଇଜରର ନିର୍ଦ୍ଦେଶକ ସୁଧାକର ପଣ୍ଡା ଏହାକୁ ଉଦ୍‌ଘାଟନ କରି କହିଥିଲେ ଯୋଗାଯୋଗ ମାଧ୍ୟମରେ କାର୍ଯ୍ୟଦକ୍ଷତା ବଢ଼ିଥାଏ। ଯାହା ଡାକସେବା ବିଭାଗ ନାଇଜରକୁ ଯୋଗାଇ ଦେବାକୁ ଆଗେଇ ଆସିଛି। ଏଥିରେ ଭାରତୀୟ ଡାକସେବାର ଭୁବନେଶ୍ୱର ସର୍କଲର ନିର୍ଦ୍ଦେଶକ ଜି. ଗୁଣନାଥନ ଯୋଗଦେଇ କହିଥିଲେ, ଡାକସେବା ସମେତ ବ୍ୟାଙ୍କି ସୁବିଧା ଏଠାରେ ପ୍ରଦାନ କରାଯିବ। ଏଥିସହ ଏଠାରେ ପିଏଲ୍‌ଆଇ ଓ ସାର୍ଟିଫିକେଟ୍ ସର୍ଭିସ୍ ମଧ ଏଠାରେ ଉପଲବ୍ଧ ହେବ। ନାଇଜର ରେଜିଷ୍ଟ୍ରାର ଡ. ଅଭୟ କୁମାର ନାୟକ କାର୍ଯ୍ୟକ୍ରମ ପରିଚାଳନା କରିବା ପରିପ୍ରେକ୍ଷୀରେ କହିଥିଲେ, ପ୍ରତିଷ୍ଠାର ସମସ୍ତ କର୍ମଚାରୀ, ବିଦ୍ୟାର୍ଥୀ ଓ କ୍ଷୁଦ୍ର ବ୍ୟବସାୟୀମାନେ ଏହି ସେବା ଦ୍ୱାରା ଉପକୃତ ହେବେ।

## ବକ୍ସି ପୋଖରୀ ହୁଡ଼ା, ରାସ୍ତା ଜବରଦଖଲ

ଖୋର୍ଦ୍ଧା ଅଫିସ,୧୧।୬

ଖୋର୍ଦ୍ଧା ସହର ଗୁରୁଜଙ୍ଗର ବକ୍ସି ପୋଖରୀର ହୁଡା, ପୋଖରୀକୁ ପଡିଥିବା ରାସ୍ତା ଜବରଦଖଲ କରାଯାଇଛି। ଜଣେ ପ୍ରଭାବଶାଳୀ ଲୋକ ଏହାକୁ ଜବରଦଖଲ କରିଥିବା ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁସାରେ, ବକ୍ସି ପୋଖରୀ ସାଧାରଣ ଲୋକଙ୍କର। ତେବେ ଏହି ପୋଖରୀର କିଛି ଅଂଶର ହୁଡାକୁ ଜେସିବି ଲଗାଯାଇ ସମତୁଲ କରାଯାଇଛି। ଏହାଦ୍ୱାରା ବର୍ଷାଋତୁ ବିପଦ ପାଲଟିବ। ବାହାର ପାଣି ଭିତରେ ପଶିବା ଦ୍ୱାରା ପୋଖରୀ ବନ୍ଧ ପ୍ରତି ବିପଦ ରହିଛି। ପ୍ରଶାସନ ପକ୍ଷରୁ ଏହାର ତଦନ୍ତ କରି ଜବରଦଖଲ ଉଚ୍ଛେଦ କରିବାକୁ ଗୁରୁଜଙ୍ଗ ଦେୱାନସାହିର ୧୬ ନଂ. ବାସିନ୍ଦା ଦାବି କରିଛନ୍ତି।

## ■ ଓଡ଼ଗାଁ କ୍ରିକେଟ ଲିଗ୍ ଉଦ୍‌ଘାଟିତ
# ଅଂଶଗ୍ରହଣ କରିବେ ୧୬ ଟିମ୍

ଓଡ଼ଗାଁ,୧୧।୬(ସ୍ୱ.ପ୍ର.)

ସ୍ଥାନୀୟ ରଘୁନାଥ ଆଥ୍‌ଲେଟିକ ଆସୋସିଏଶନ ଆନୁକୂଲ୍ୟରେ ରଜ ଉପଲକ୍ଷେ ମଙ୍ଗଳବାର ୧୨ତମ ଓଡ଼ଗାଁ କ୍ରିକେଟ ଲିଗ୍ ଆସୋସିଏଶନ ସମ୍ମୁଖସ୍ଥ ଷ୍ଟାଡିୟମରେ ଉଦ୍‌ଘାଟିତ ହୋଇଛି। ଏଥିରେ କେବଳ ଓଡଗାଁ ଏନ୍‌ଏସିରୁ ୧୬ ଟିମ୍ ଅଂଶଗ୍ରହଣ କରୁଥିବା ଆୟୋଜକଙ୍କଠାରୁ ସୂଚନା ମିଳିଛି। ଉଦ୍‌ଘାଟନୀ ଦିବସର ପ୍ରଥମ ମ୍ୟାଚ୍ ୟଙ୍ଗ୍ ଷ୍ଟାର ଏକାଦଶ ଓ ଲାୟନ୍ସ ଏକାଦଶ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ୟଙ୍ଗ୍ ଷ୍ଟାର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୬ ଉଇକେଟ ବିନିମୟରେ ୯୭ ରନ୍ ସଂଗ୍ରହ କରିଥିଲା । ହେଲେ ପ୍ରତିପକ୍ଷ ଲାୟନ୍ସ ଏକାଦଶ ୫ ଉଇକେଟରେ ୭୯ ରନ୍ କରି ମ୍ୟାଚଟି ହାରିଯାଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚରେ ଷ୍ଟାର୍ଟନ ଷ୍ଟ୍ରାଇକର ପ୍ରଥମେ ବ୍ୟାଟିଂ କରି ୫ ଉଇକେଟ ହରାଇ ୯୭ ରନ୍ କରିଥିଲା। ଜବାବରେ ଜୟ ଶ୍ରୀରାମ ଟିମ୍ ମାତ୍ର ୮ ଓଭରରେ ୪ ଉଇକେଟ ବିନିମୟରେ ୧୦୦ ରନ୍ କରି ବିଜୟୀ ହୋଇଥିଲା। ଆସୋସିଏଶନ ସମ୍ପାଦକ ଦିବାକର ନାୟକ ଉଦ୍‌ଘାଟନୀ ଦିବସରେ ଅଧକ୍ଷତା କରିବା ସହିତ ସମସ୍ତ ମ୍ୟାଚ ପରିଚାଳନା କରିଥିଲେ। ଆସୋସିଏଶନର ଭେଟେରାନ ସଦସ୍ୟ ପ୍ରକାଶ କୁମାର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଲିଗ୍ ମ୍ୟାଚ ଉଦ୍‌ଘାଟନ କରିଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ସୁଶାନ୍ତ କୁମାର ପାତ୍ର, ନରେଶ ପାଣିଗ୍ରାହୀ, ପ୍ରଦ୍ୟୁମ୍ନ ନାୟକ ଉପସ୍ଥିତ ଥିଲେ।



ଅତିଥିଙ୍କ ସହ ଖେଳାଳିମାନେ।

# ସଂଗଠିତ ନ ହେଲେ ସମସ୍ୟା ସମାଧାନ ହୋଇପାରିବନି

■ରାଜ୍ୟସ୍ତରୀୟ କଂସାରି ସମାଜ ସାଂଗଠନିକ ବୈଠକ
■ମିଳିତ କ୍ରିୟାନୁଷ୍ଠାନ କମିଟି କର୍ମକର୍ତ୍ତା ଚୟନ

ଖଣ୍ଡପଡା,୧୧।୬(ସ୍ୱ.ପ୍ର.)

କଣ୍ଟିଲୋ କଲ୍ୟାଣ ମଣ୍ଡପ ଠାରେ ରବିବାର ରାଜ୍ୟ ସ୍ତରୀୟ କଂସାରୀ ସମାଜ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ନିଖିଳ ଉତ୍କଳ କଂସାରୀ ସମାଜ କେନ୍ଦ୍ରାଞ୍ଚଳ ଶାଖାର ସଭାପତି ଅଖିଳ କୁମାର ମହାରଣାଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ କଂସାରୀ କାରିଗରମାନଙ୍କ ପ୍ରତିନିଧିମାନେ ଯୋଗଦେଇଥିଲେ।

କଂସା ପିତ୍ତଳ ବାସନ ଶିଳ୍ପରେ ଏକଦା ପ୍ରସିଦ୍ଧି ଲାଭ କରିଥିବା ରାଜ୍ୟର କଟକ ଜିଲା ଭଚ୍ଛିମୁଣ୍ଡା,ଓଉଖମା,ଖୋର୍ଦ୍ଧା ଜିଲା ବାଳକାଟି, ଭଇଁଚୁଆ, ରଥିଜେମା, ଢେଙ୍କାନାଳ ଜିଲାର ଭୁବନ, ଯାଜପୁରର କୁନ୍ଦପାଟଣା, ନୟାଗଡ ଜିଲାର ସୁନାଖଳା, ଶରଣକୁଳ, ଇଟାମାଟି, ଖଲିସାହି, ବେଲପଡାପାଟଣା ଏବଂ ସର୍ବାଧିକ କାରିଗର ଥିବା କଣ୍ଟିଲୋର ହଜାର ହଜାର କଂସା ପିତ୍ତଳ କାରିଗରମାନେ ନିଜ ନିଜର କୌଳିକ ବୃତ୍ତିକୁ ଛାଡି ଅନ୍ୟ ପନ୍ଥାର ଆଶ୍ରୟ ନେଉଛନ୍ତି । ସେହିପରି ପଶ୍ଚିମ ଓଡିଶାର ସମ୍ବଲପୁର, ବରଗଡ, ଟିଙ୍କିରା, ଟୋକରା, କଟାପାଲି, ରେଙ୍ଗାଲି, ଗଣେଶ ନଗର, ଗଞ୍ଜାମ, ସୁବର୍ଣ୍ଣପୁର ଏବଂ ରାଜ୍ୟର ଅନ୍ୟାନ୍ୟ ଅଞ୍ଚଳରେ ଥିବା କାରିଗର ନିଜର କୌଳିକ ବୃତ୍ତି ଛାଡିବାକୁ ବାଧ୍ୟ ହେଉଛନ୍ତି। ଅପରପକ୍ଷେ ଏହି ବୃତ୍ତିକୁ ଛାଡିପାରି ନ ଥିବା ଅଧିକାଂଶ ପରିବାର ଦୁର୍ଦ୍ଦିନରେ କାଳାତିପାତ କରୁଛନ୍ତି । ରାଜ୍ୟର ବିଭିନ୍ନ ଜିଲାରେ କଂସା ପିତ୍ତଳ କାରିଗରମାନେ ଆଞ୍ଚଳିକ ସଂଗଠନ କରି ସେମାନଙ୍କ ସମସ୍ୟା ସମାଧାନ ନିମନ୍ତେ ପ୍ରୟାସ ଜାରି ରଖିଥିଲେ ମଧ ତାହା ସଫଳ ହୋଇ ପାରୁ ନାହିଁ । ସମସ୍ତ କଂସାରୀ କାରିଗର ମିଳିତ ଭାବରେ ନିଜର ଦାବିକୁ ସରକାରଙ୍କ ପାଖରେ ଉପସ୍ଥାପନ କରିପାରିଲେ ତାହା ନିଶ୍ଚୟ ଫଳବତୀ ହୋଇ ପାରିବ ବୋଲି ଆୟୋଜିତ ବୈଠକରେ ମତ ପ୍ରକାଶ ପାଇଥିଲା । ଏଥିପାଇଁ ରାଜ୍ୟ ସ୍ତରୀୟ ଏକ ମିଳିତ କ୍ରିୟାନୁଷ୍ଠାନ କମିଟି ଗଠନ କରାଯିବାକୁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ହୋଇଥିଲା। ପ୍ରାଥମିକ ପର୍ଯ୍ୟାୟରେ ନିଖିଳ ଉତ୍କଳ କଂସାରୀ ସମାଜ, କଣ୍ଟିଲୋ, ଭୁବନେଶ୍ୱର କଂସାରୀ ସମାଜ ଉନ୍ନୟନ ପରିଷଦରୁ ୫ଜଣ ଲେଖାଏ ଏବଂ ଦକ୍ଷିଣାଞ୍ଚଳ, ପଶ୍ଚିମାଞ୍ଚଳ ଓ ପୂର୍ବାଞ୍ଚଳରୁ ୪ଜଣ ଲେଖାଏ ଏପରି ୨୨ଜଣ ସଦସ୍ୟ ବିଶିଷ୍ଟ କମିଟି ଗଠନ କରାଯାଇଥିଲା। ସେହିପରି ଯାଜପୁର କୁନ୍ଦପାଟଣାର କୈଳାସ ସାହୁଙ୍କ ଆବାହକତ୍ୱରେ ପୁରୀଠାରେ ପରବର୍ତ୍ତୀ ପର୍ଯ୍ୟାୟ ବୈଠକ ଡକାଯାଇ ଆଗାମୀ କାର୍ଯ୍ୟପନ୍ଥା ସ୍ଥିର କରାଯିବା ସହ ଆବଶ୍ୟକ ମତେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଆଉ ଅଧିକ ସଦସ୍ୟ ଉକ୍ତ କମିଟିରେ ନିଆଯାଇ ରାଜ୍ୟସ୍ତରୀୟ ଏକ ପୂର୍ଣ୍ଣାଙ୍ଗ କମିଟି ଗଠନ କରାଯାଇ ଏହାର କର୍ମକର୍ତ୍ତା ଚୟନ କରାଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି । ଉକ୍ତ ବୈଠକରେ କୁନ୍ଦପାଟଣାର କୈଳାସ ସାହୁ, ଅଖିଳ କୁମାର ମହାରଣା, ସୁଦର୍ଶନ ମହାପାତ୍ର, ନବୀନ ଚନ୍ଦ୍ର ସାହୁ, ଦଣ୍ଡପାଣି ସାହୁ, ସୁରେନ୍ଦ୍ର ସାହୁ, ଶରତ ଚନ୍ଦ୍ର ମହାରଣା, ଚତୁର୍ଭୁଜ ମହାରଣା, ମହେନ୍ଦ୍ର ମହାରଣା, ଶ୍ରୀପତି ମହାରଣା, ନିରଞ୍ଜନ ମହାରଣା,ରଘୁନାଥ ସାହୁ, ଡ. ନାରାୟଣ ନନ୍ଦଜି ମହାରାଜ, ମଙ୍ଗୁଳ ସାହୁ, ଭଗବାନ ସାହୁ ପ୍ରମୁଖ ଶତାଧିକ ସଦସ୍ୟ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।



ବୈଠକରେ ଉପସ୍ଥିତ ପ୍ରତିନିଧିମାନେ।



ସବୁଠାରୁ ଅଳ୍ପରେ ସିଏ ସନ୍ତୁଷ୍ଟ ହୋଇପାରିଲା, ସେ ହିଁ ସଂସାରରେ ଶ୍ରେଷ୍ଠ ଧନୀ। କାରଣ ସନ୍ତୋଷ ହିଁ ପ୍ରକୃତ ସମ୍ପଦ।
- ସକ୍ରେଟିସ୍



## ସଂକ୍ଷେପରେ

### ଓଏନ୍‌ଜିସି ଫଣ୍ଡ୍‌ରେ ତିଆରି ହେବ ଟଏଲେଟ୍ ବ୍ଲକ

ପୁରୀ ଅଫିସ, ୧୧।୬: ଶ୍ରୀମନ୍ଦିରକୁ ଆସୁଥିବା ଶ୍ରଦ୍ଧାଳୁଙ୍କ ପାଇଁ ଆଖପାଖରେ ଭଲ ଟଏଲେଟ୍ ନାହିଁ। ଫଳରେ ଭକ୍ତମାନେ ବିଭିନ୍ନ ସମୟରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ମନ୍ଦିର ବାହାରେ ଟଏଲେଟ୍ ବ୍ଲକ ତିଆରି କରାଯିବ। ଓଏନ୍‌ଜିସିର ସିଏସ୍‌ଆର୍ ଫଣ୍ଡରୁ ଏଏସ୍‌ଆଇକୁ ମିଳିଥିବା ଅନୁଦାନରେ ଏହି ଟଏଲେଟ୍ ବ୍ଲକ ତିଆରି ହେବ ବୋଲି ମଙ୍ଗଳବାର ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ର କହିଛନ୍ତି। ପୂର୍ବରୁ ମନ୍ଦିର ଚତୁଃପାର୍ଶ୍ୱରେ ପାଦଚଲା ରାସ୍ତା ଜିନ୍ଦଲ କମ୍ପାନୀ କରିବ ବୋଲି ନିଷ୍ପତ୍ତି ହୋଇଛି। ଏଥିପାଇଁ ଏମ୍‌ଓୟୁ ଅନୁମୋଦନ ହୋଇସାରିଛି। ରଥଯାତ୍ରା ଯୋଗୁ କାମ ଆରମ୍ଭ ହୋଇପାରି ନାହିଁ। ଏଥିସହିତ ୨ଟି ଟଏଲେଟ୍ ବ୍ଲକ କରିବା ଲାଗି ନିଷ୍ପତ୍ତି ନିଆଯାଇଛି। ଏଥିମଧ୍ୟରୁ ଗୋଟିଏ ଟଏଲେଟ୍ ବ୍ଲକ ଏଏସ୍‌ଆଇ କରିବା ପାଇଁ ରାଜି ହୋଇଛି। ଏଥିରେ ୧୫/୨୦ଟି ଟଏଲେଟ୍ ରହିବ। ବାଇକ୍ ପାର୍କିଂ ଏବଂ କ୍ଲୋକ୍ ରୁମ୍ ମଧ ରହିବ। ଓଏନ୍‌ଜିସିଠାରୁ ପାଇଥିବା ଫଣ୍ଡ୍‌ରେ ଏଏସ୍‌ଆଇ ଏହା ତିଆରି କରିବ ବୋଲି ମହାପାତ୍ର ସୂଚନା ଦେଇଛନ୍ତି।

### ବିଜେଡିର ବିଜୟ ଶୋଭାଯାତ୍ରା

ଟାଙ୍ଗୀ(ଖୋର୍ଦ୍ଧା),୧୧।୬(ଡି.ଏନ୍.ଏ.): ଚିଲିକା ନିର୍ବାଚନ ମଣ୍ଡଳୀର ବିଜୟୀ ବିଜେଡି ପ୍ରାର୍ଥୀ ବିଧାୟକ ପ୍ରଶାନ୍ତ କୁମାର ଜଗଦେବଙ୍କ ମଙ୍ଗଳବାର ବିଜୟ ଶୋଭାଯାତ୍ରା ଆୟୋଜିତ ହୋଇଛି। ଏହି କାର୍ଯ୍ୟକ୍ରମ ଚଣ୍ଡେଶ୍ୱର, କଳକଳେଶ୍ୱର ଓ ଜରିପଡା ପଞ୍ଚାୟତରେ ଅନୁଷ୍ଠିତ ହୋଇଯାଇଛି। ଜଗଦେବ ଓ ପୂର୍ବତନ ବିଧାୟକ ରଘୁନାଥ ସାହୁଙ୍କୁ ଏକ ବାଇକ୍ ର୍‍ୟାଲିରେ ପଞ୍ଚାୟତ ପରିକ୍ରମା କରାଯାଇଥିଲା। ଚଣ୍ଡେଶ୍ୱର ପଞ୍ଚାୟତର ଅଁଳାଡିହ ଗ୍ରାମରୁ ଶୋଭାଯାତ୍ରା ବାହାରି କଳକଳେଶ୍ୱର ପଞ୍ଚାୟତର ରାଜେନ୍ଦ୍ରପୁର, ହାଣ୍ଡିଓଳ, ତାରିମି, ବାଲିନାସି, ଚିଲିକା ସାହି, ତୋଟାପଡା ଆଦି ଗ୍ରାମଦେଇ ଚଣ୍ଡେଶ୍ୱର ପଞ୍ଚାୟତର ପୁତନା, ମୁଣ୍ଡାଳ, ବଡପୋଖରିଆ ଓ ଚଣ୍ଡେଶ୍ୱର ଆଦି ଗ୍ରାମ ପରିକ୍ରମା କରିଥିଲା। ଶେଷରେ ଶ୍ରୀ ଚଣ୍ଡୀହରଦେବଙ୍କ ପୀଠରେ କର୍ମୀ ଓ ସମର୍ଥକ ସମବେତ ହୋଇଥିଲେ। ବିଧାୟକ ଜଗଦେବ ବିଶ୍ୱଶାନ୍ତି ଯଜ୍ଞର ପୂର୍ଣ୍ଣାହୁତି କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀଚଣ୍ଡୀହରଦେବଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ଏହି କାର୍ଯ୍ୟକ୍ରମରେ ଚିଲିକା ବ୍ଲକ ବିଜେଡି ସଭାପତି ଦେବେନ୍ଦ୍ର ସାମନ୍ତସିଂହାର, ଯୁବ ବିଜେଡି ସଭାପତି ମହେଶ ବିଶ୍ୱାଳ, ସାଂସଦ ପ୍ରତିନିଧି ରମେଶ ଚନ୍ଦ୍ର ମହାପାତ୍ର, ସରପଞ୍ଚ ସୁଧାକର ମହାପାତ୍ର, ସରପଞ୍ଚ ଅସିତ୍ କୁମାର ନାଥ, ସରପଞ୍ଚ ଉମାକାନ୍ତ ବେହେରା, ଅର୍ଜୁନ ବିଶ୍ୱାଳ, ଶେଷଦେବ ରାୟଗୌରବ, ସୁରେଶ ସାମନ୍ତରାୟ, ତପନ ବିଶ୍ୱାଳ, ଜୟନ୍ତ ପ୍ରଧାନ, ଦାମୋଦର ଜେନା, ବିଶ୍ୱନାଥ ବେହେରା, ପ୍ରଭାତ ରାଉତରାୟ, ହରିବନ୍ଧୁ ପାତ୍ର, ନାରାୟଣ ରଣା ପ୍ରମୁଖ କର୍ମୀ ସାମିଲ ହୋଇଥିଲେ।

# ବିନା ଗୃହରେ ଚାଲିଛି ୨୨୭ ଅଙ୍ଗନୱାଡି କେନ୍ଦ୍ର

ରଣପୁର ବ୍ଲକ
- ୭ବର୍ଷରେ ୨୬୮ରୁ ହୋଇଛି ୯୬
- ଉଦ୍‌ଘାଟନ ନ ହୋଇ ତାଲା ପଡ଼ିରହିଛି ବହୁ କେନ୍ଦ୍ର

ରଣପୁର, ୧୧।୬ (ସ୍ୱ.ପ୍ର.)

ଶିଶୁମାନଙ୍କୁ ଅପପୁଷ୍ଟିରୁ ରକ୍ଷା କରିବା ସହ ଶିକ୍ଷାର ପ୍ରସାର ପାଇଁ ଅଙ୍ଗନୱାଡି କେନ୍ଦ୍ର ଖୋଲାଯାଇଛି। ହେଲେ ଅନେକ ସମୟରେ ଅଧିକାଂଶ କେନ୍ଦ୍ରରେ ବିଭିନ୍ନ ସମସ୍ୟା ଲାଗି ରହିଥିବାରୁ ତାହା ଶିଶୁମାନଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରିଥାଏ। କିଛି ଘଟଣା ଲୋକଲୋଚନକୁ ଆସୁଥିବା ବେଳେ ଅନେକ ଘଟଣା ଚପିଯାଉଛି। ୨୦୧୨ ଜୁଲାଇ ୮ତାରିଖରେ ନୟାଗଡ ଜିଲା ରଣପୁର ଏନ୍‌ଏସି ସୁଆଁସିଆ ସାହିରେ ବିଦ୍ୟାଳୟର କାନ୍ଥ ପଡି ୭ଜଣ ଅଙ୍ଗନୱାଡି ଶିଶୁଙ୍କ ମୃତ୍ୟୁ ଘଟିଥିଲା। ଏହାପରେ ଏବେ ବି ରାଜ୍ୟ ସରକାର ଓ ବିଭାଗୀୟ ଅଧିକାରୀ ସଚେତନ ହୋଇପାରିନାହାନ୍ତି। ଏହି ଘଟଣାକୁ ନେଇ ସେତେବେଳେ ରାଜ୍ୟରେ ଆଲୋଡନ ସୃଷ୍ଟି ହୋଇଥିଲା। ପ୍ରଶାସନ ଓ ସରକାର ହଡବଡେଇ ଯାଇଥିଲେ। ସେତେବେଳେ ସରକାର ରଣପୁର ବ୍ଲକ ଅଧୀନରେ କାର୍ଯ୍ୟ କରୁଥିବା ଅଙ୍ଗନୱାଡି କେନ୍ଦ୍ରଗୁଡିକୁ ନିଜସ୍ୱ ଗୃହ ତଥା ୨୬୮ କେନ୍ଦ୍ରର ଗୃହ ପାଇଁ ଟଙ୍କା ମଞ୍ଜୁର କରି ତୁରନ୍ତ ଏହି ଗୃହ କାର୍ଯ୍ୟ କରିବାକୁ ବ୍ଲକ ମାଧ୍ୟମରେ ନିର୍ଦ୍ଦେଶ ପ୍ରଦାନ କରିଥିଲେ। ତେବେ ଏହି ନିର୍ଦ୍ଦେଶକୁ ୭ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତି ଯାଇଥିଲେ ମଧ୍ୟ ୯୬ କେନ୍ଦ୍ରର ଗୃହ ନିର୍ମାଣ ଶେଷ ହୋଇଥିବା କାଗଜ କଲମରେ କରାଯାଇଛି। ଅଧିକାଂଶ ଗୃହ କାର୍ଯ୍ୟ ସରିଥିଲେ ମଧ ଉଦ୍‌ଘାଟନ ହୋଇ ନ ପାରିବାରୁ ଗୃହରେ ତାଲା ପଡିରହିଛି।




ଉଦ୍‌ଘାଟନ ଅପେକ୍ଷାରେ ରଣପୁର ମାଣିକ ପାଟଣା ସାହି ଅଙ୍ଗନୱାଡି କେନ୍ଦ୍ର।

ଏଣୁ ବ୍ଲକ ଓ ଏନ୍‌ଏସିର ଅଙ୍ଗନୱାଡି କେନ୍ଦ୍ରଗୁଡିକ କେଉଁଠି ଘର ବାରଣ୍ଡାରେ ତ ଆଉ କେଉଁଠି କ୍ଲବ ଅବା ଭାଗବତ ଟୁଙ୍ଗି ଘରେ ନଚେତ ବିଦ୍ୟାଳୟରେ ଚାଲୁ ରହିଛି। ଶିଶୁମାନଙ୍କର ଭବିଷ୍ୟତ ବର୍ତ୍ତମାନ ଏମିତି ବାରଣ୍ଡାରୁ ଆରମ୍ଭ ହେଉଛି। ଶିଶୁମାନଙ୍କୁ ପ୍ରାକ୍ ଶିକ୍ଷାଦାନ, ମାଗଣା ପୁଷ୍ଟିକର ଖାଦ୍ୟ ବଣ୍ଟନ, ଗର୍ଭବତୀ ତଥା ପ୍ରସୂତିଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଇଦେବା ଅଙ୍ଗନୱାଡି କେନ୍ଦ୍ରର କର୍ମୀ ଓ ସାହାଯିକାମାନଙ୍କର ମୁଖ୍ୟ କାର୍ଯ୍ୟ। ଏହାକୁ ତଦାରଖ କରିବାର ଦାୟିତ୍ୱ ସୁପରଭାଇଜରମାନଙ୍କର। ତେବେ ରଣପୁର ବ୍ଲକ ଓ ଏନ୍‌ଏସିରେ ଏହି ଯୋଜନା ତା'ର ଲକ୍ଷ୍ୟ ପୂରଣ କରିପାରୁ ନାହିଁ।

ରଣପୁର ବ୍ଲକରେ ୨୪୫ଟିଅଙ୍ଗନୱାଡି କେନ୍ଦ୍ର ଓ ୭୮ଟି ମିନି ଅଙ୍ଗନୱାଡି କେନ୍ଦ୍ରକୁ ମିଶାଇ ୩୨୩ଟି କେନ୍ଦ୍ର ରହିଛି। ଏଥିମଧ୍ୟରୁ ବିଭିନ୍ନ ପଞ୍ଚାୟତରେ ଥିବା ଅଙ୍ଗନୱାଡି କେନ୍ଦ୍ରର ନିଜସ୍ୱ ଗୃହ ନାହିଁ। ୯୬ ଗୃହ କରାଯାଇଥିବାବେଳେ ଅବଶିଷ୍ଟ ୨୨୭ କେନ୍ଦ୍ରର ନିଜସ୍ୱ ଗୃହ ନାହିଁ। ଅନ୍ୟପକ୍ଷେ ନିର୍ମାଣ ହୋଇଥିବା ୯୬ ଗୃହ ମଧ୍ୟରୁ ୫୦ ଗୃହ ଠିକ୍ ଭାବେ କାର୍ଯ୍ୟ କରୁଥିଲା ବେଳେ ଅବଶିଷ୍ଟ ଗୃହ ଅଧାପନ୍ତରିଆ। ଆଉ କିଛି ନିର୍ମିତ ହୋଇ ଉଦ୍‌ଘାଟନ ଅପେକ୍ଷାରେ ରହିଛି। କେନ୍ଦ୍ରଗୁଡିକର ଗୃହ ନ ଥିବାରୁ ପାଠ ପଢାରେ ବ୍ୟାଘାତ ସୃଷ୍ଟି ହେଉଛି। ସେହିପରି କେନ୍ଦ୍ରଗୁଡିକ ସକାଳ ୭ଟାରୁ ୧୧ଟା ପର୍ଯ୍ୟନ୍ତ କାର୍ଯ୍ୟକରିବାର ନିୟମ ରହିଥିଲା ବେଳେ ଯେଉଁ ଗୁଡିକ ବିଦ୍ୟାଳୟରେ ଚାଲୁଛି ସେଗୁଡିକ ପୂର୍ବାହ୍ଣ ୧୦ଟା ଭିତରେ ବନ୍ଦ କରି ଦିଆଯାଉଛି। କାରଣ ସାଢେ ୯ଟାରୁ ବିଦ୍ୟାଳୟରେ ଛାତ୍ରୀଛାତ୍ରମାନଙ୍କ ପାଠପଢା ଆରମ୍ଭ ହୋଇଥାଏ। ପୁଣି ଗୃହ ଅଭାବ ହେତୁ କେନ୍ଦ୍ରରୁ ଆସୁଥିବା ଖାଦ୍ୟ, ଖେଳ ଉପକରଣ, ଶୈକ୍ଷିକ ଉପକରଣ ପ୍ରଭୃତି ଉପଯୋଗ ହୋଇପାରୁ ନ ଥାଏ। ରଣପୁରରେ ୧୨ ସୁପରଭାଇଜର ଆବଶ୍ୟକ ଥିଲା ବେଳେ ଅଛନ୍ତି ୭ଜଣ। ୫ଟି ପଦ ଖାଲିପଡିଥିବାରୁ ଅଙ୍ଗନୱାଡି କେନ୍ଦ୍ରର କର୍ମୀ ଓ ସହାୟିକାମାନଙ୍କ କାର୍ଯ୍ୟକୁ ଠିକ୍ ଭାବରେ ଯାଞ୍ଚ କରାଯାଇ ପାରୁନାହିଁ। ଏଣୁ ସୁପର ଭାଇଜର ପଦବୀ ଖାଲି ପଡିବା ଘଟଣା ମଧ ଯୋଜନା ବିଫଳତାର ଅନ୍ୟତମ କାରଣ ବୋଲି କୁହାଯାଉଛି। ଏ ବିଷୟରେ ରଣପୁର ବିଡିଓ ରଶ୍ମିରେଖା ଦାଶଙ୍କୁ ପଚାରିବାରୁ ସେ କୁହନ୍ତି, ମୁଁ କିଛି ମାସ ହେବ ଏଠାରେ ଯୋଗଦେଇଛି। ତେବେ ଅଙ୍ଗନୱାଡି ଗୃହ କାର୍ଯ୍ୟ କିଭଳି ଶୀଘ୍ର ହୋଇପାରିବ ସେଥିପାଇଁ ପଦକ୍ଷେପ ଗ୍ରହଣ କରାଯାଉଛି। ଏ ନେଇ ନୟାଗଡ ଉପଜିଲାପାଳ ଜିତେନ୍ଦ୍ର ସାହୁଙ୍କ ସହ ଯୋଗାଯୋଗ ପାଇଁ ଚେଷ୍ଟା କରାଯାଇଥିଲେ ମଧ୍ୟ ସମ୍ଭବ ହୋଇ ନ ଥିଲା।

# ରଥ ଉପରେ ହେଉନି ନିଶଙ୍ଖୁଡ଼ି ଭୋଗ

- ଚାଲୁ କରିବାକୁ ପରିଚାଳନା କମିଟିରେ ପ୍ରସ୍ତାବ

ପୁରୀ ଅଫିସ, ୧୧।୬

ମହାପ୍ରଭୁ ହେଉଛନ୍ତି ଭୋଜନ ପ୍ରିୟ। ସେଥିପାଇଁ ପ୍ରତିଦିନ ଶ୍ରୀମନ୍ଦିରରେ ଛପନ ପଉଟି ବ୍ୟଞ୍ଜନ ପ୍ରସ୍ତୁତ ହୁଏ। ହେଲେ ରଥରେ ଠାକୁର ବିରାଜମାନ କରିଥିବାବେଳେ ଏହି ସୁସ୍ୱାଦୁ ବ୍ୟଞ୍ଜନ ଲାଗି ହୋଇପାରେ ନାହିଁ। ଏହି ସମୟରେ ମହାପ୍ରଭୁଙ୍କ ପାଖରେ ନିଶଙ୍ଖୁଡ଼ି ଭୋଗ ଲାଗି ହେବାର ବିଧି ରହିଛି। ମାତ୍ର ସେବକଙ୍କ ମଧ୍ୟରେ ଅସହମତି ଯୋଗୁ ଦୀର୍ଘବର୍ଷ ହେଲା ଏହି ନିଶଙ୍ଖୁଡ଼ି ଭୋଗ ବନ୍ଦ ରହିଛି। ରଥରେ ଠାକୁର ଥିବାବେଳେ କେବଳ କୋରା ଭୋଗ ଲାଗି କରିଦେଇ ସମସ୍ତେ କାମ ସାରି ଦେଉଛନ୍ତି। ଦୀର୍ଘବର୍ଷ ହେବ ବନ୍ଦ ରହିଥିବା ଏହି ନିଶଙ୍ଖୁଡ଼ି ଭୋଗ ପରମ୍ପରାକୁ ପୁନଶ୍ଚ ଚାଲୁ କରିବା ଲାଗି ମଙ୍ଗଳବାର ପରିଚାଳନା କମିଟି ବୈଠକରେ ପ୍ରସ୍ତାବ ଦେଇଛନ୍ତି ସଦସ୍ୟ ଅନନ୍ତ ତିଆଡ଼ି। ଏହାକୁ ଅନ୍ୟ ସଦସ୍ୟମାନେ ସମର୍ଥନ କରିଥିବାବେଳେ ଏହାର ତର୍ଜମା କରାଯାଇ ନିଷ୍ପତ୍ତି ନିଆଯିବାକୁ ସ୍ଥିର ହୋଇଛି।

ଶ୍ରୀମନ୍ଦିର ରତ୍ନସିଂହାସନରେ ଥିବାବେଳେ ମହାପ୍ରଭୁଙ୍କ ପାଖରେ ଛପନ ପଉଟି ଭୋଗ ଲାଗି ହୋଇଥାଏ। ବିଭିନ୍ନ ପ୍ରକାର ବ୍ୟଞ୍ଜନରେ ମହକି ଉଠେ ବଡ଼ଦେଉଳ। ତେବେ ରଥଯାତ୍ରାରେ ଠାକୁର ବଡଦାଣ୍ଡକୁ ଓହ୍ଲାଇବା ପରେ ନିସ୍ତବ୍ଧ ହୋଇଯାଏ ଶ୍ରୀମନ୍ଦିର ରୋଷଘର। ରଥରେ ବିରାଜମାନ କରିଥିବାବେଳେ ମହାପ୍ରଭୁଙ୍କ ନିକଟରେ ନିଶଙ୍ଖୁଡ଼ି (ବିରି ଏବଂ ଅନ୍ନ ବ୍ୟତୀତ) ଭୋଗ ଯେପରିକି ଅମ୍ବାଲୁ, କାକରା, ପାରିଜାତକ, ଛେନା ତାଡ଼ିଆ ଭଳି ବିଭିନ୍ନ ପ୍ରକାର ପିଠାପଣା ଲାଗି ହେବାର ପରମ୍ପରା ରହିଛି। କିନ୍ତୁ ସେବକମାନଙ୍କ ମଧ୍ୟରେ ବିବାଦ ଓ ଇଚ୍ଛାଶକ୍ତି ଅଭାବରୁ ଦୀର୍ଘବର୍ଷ ହେଲା ନିଶଙ୍ଖୁଡ଼ି ଭୋଗ ହୋଇପାରୁନି। କେବଳ କୋରା ଭୋଗ କରାଯାଉଛି। ଏହାକୁ ନେଇ ପରିଚାଳନା କମିଟି ବୈଠକରେ ଉଦ୍‌ବେଗ ପ୍ରକାଶ କରିଥିଲେ ସଦସ୍ୟ ଅନନ୍ତ ତିଆଡ଼ି। ପ୍ରଶାସନ ଚାହିଁଲେ ପ୍ରାୟ ୬୦ବର୍ଷରୁ ଊର୍ଦ୍ଧ୍ୱ ହେବ ବନ୍ଦ ରହିଥିବା ଏହି ପରମ୍ପରା ପୁଣି ଉଜ୍ଜୀବିତ ହୋଇପାରିବ ବୋଲି କହି ସେ କମିଟିର ଦୃଷ୍ଟି ଆକର୍ଷଣ କରିଥିଲେ। ଏ ସମ୍ପର୍କରେ ତିଆଡ଼ି କହିଛନ୍ତି, ଶ୍ରୀମନ୍ଦିର ଭିତରେ ଯେପରି ମହାପ୍ରଭୁଙ୍କ ନିକଟରେ ସକାଳ ଧୂପ, ମଧ୍ୟାହ୍ନ ଧୂପ, ସନ୍ଧ୍ୟା ଧୂପରେ ବିଭିନ୍ନ ପ୍ରକାର ଭୋଗ ଲାଗି ହୁଏ ରଥ ଉପରେ ମଧ ଏହି ସମୟରେ ନିଶଙ୍ଖୁଡ଼ି ଭୋଗ ଲଗାଯିବାର ପରମ୍ପରା ରହିଛି। କିନ୍ତୁ ଏହା ବନ୍ଦ ରହିଥିବାରୁ ଭକ୍ତ ଏହି ରଥ ଭୋଗ ଦେଖିବାରୁ ବଞ୍ଚିତ ହେଉଛନ୍ତି। ତେଣୁ ଏହାକୁ ପୁନର୍ବାର ଚାଲୁ କରାଯିବା ଦରକାର।

- ଅବସରପ୍ରାପ୍ତ ଶିକ୍ଷକ, କର୍ମଚାରୀ ସଂଘ ବୈଠକ

# ଆବାସ ଯୋଜନାରେ ବିପନ୍ନଙ୍କୁ ସାମିଲ ଦାବି

ପୁରୀ ଅଫିସ, ୧୧।୬

ପୁରୀ ଜିଲା ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀ ସଂଘର ବୈଠକ ମଙ୍ଗଳବାର ସ୍ଥାନୀୟ ଭୁବନେଶ୍ୱରୀ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘ ସଭାପତି ଲକ୍ଷ୍ମୀଧର ତ୍ରିପାଠୀ ସଭାପତିତ୍ୱ କରିଥିଲେ। ପ୍ରାରମ୍ଭରେ ଦିବଙ୍ଗତ ଶିକ୍ଷକମାନଙ୍କ ବିୟୋଗରେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ବାତ୍ୟା ଫନୀରେ ପୁରୀ ଜିଲାରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ବାସହୀନ ପରିବାରଙ୍କୁ ଇନ୍ଦିରା ଆବାସ, ବିଜୁ ପକ୍କା ଘର, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରିବା ଲାଗି ସଂଘ ସମ୍ପାଦକ ବିଶ୍ୱନାଥ ବେହେରା ଦାବି କରିଛନ୍ତି। ପୁରୀ ଜିଲାରେ ୨୨୫୦ ପ୍ରାଥମିକ ଓ ୧୭୨୦ ମାଧ୍ୟମିକ ବିଦ୍ୟାଳୟ ଗୃହ ଭାଙ୍ଗିଯାଇଛି। ସପ୍ତାହକ ପରେ ସ୍କୁଲ ଖୋଲିବ। ଏଣୁ ଯୁଦ୍ଧକାଳୀନ ଭିତ୍ତିରେ ଶିକ୍ଷାନୁଷ୍ଠାନଗୁଡ଼ିକର ପୁନରୁଦ୍ଧାର ଜରୁରୀ ହୋଇପଡ଼ିଛି। ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରସ୍ଥ ଉତ୍କଳମଣିଙ୍କ ପ୍ରତିମୂର୍ତ୍ତି ଏବଂ ଷ୍ଟେଶନ ବଜାରସ୍ଥିତ ଜୟୀ ରାଜଗୁରୁଙ୍କ ପ୍ରତିମୂର୍ତ୍ତି ଭାଙ୍ଗିପଡ଼ିଛି। ଏହାର ପୁନରୁଦ୍ଧାର ଲାଗି ସଂଘ ଦାବି କରିଛି। ପେନ୍‌ସନ୍ ଭୋଗୀଙ୍କୁ ଶୀଘ୍ର ପେନ୍‌ସନ ଦେବାକୁ ଦାବି ହୋଇଛି। ବୈଠକରେ ଅଦ୍ୱୈତ ଚରଣ ଧଳ, ପ୍ୟାରୀମୋହନ ପଟ୍ଟନାୟକ, ପ୍ରଭାତ ରଞ୍ଜନ ମହାପାତ୍ର, ଲକ୍ଷ୍ମୀକାନ୍ତ ମିଶ୍ର, ବ୍ରହ୍ମାନନ୍ଦ ଦାସ, ସନ୍ତୋଷ କୁମାର ମହାନ୍ତି, କୃଷ୍ଣଚନ୍ଦ୍ର ମିଶ୍ର, କୃଷ୍ଣମୋହନ ମହାନ୍ତି, ଚନ୍ଦ୍ରଶେଖର ମିଶ୍ର, ଗଣେଶ୍ୱର ମହାପାତ୍ର, କାହ୍ନୁଚରଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।




ବୈଠକରେ ଯୋଗଦେଇଥିବା ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀ।

## ପ୍ରବଚକଙ୍କ କ୍ଷମା ପ୍ରାର୍ଥନାକୁ ଅଗ୍ରାହ୍ୟ

ପୁରୀ ଅଫିସ, ୧୧।୬

ଏକ ଆଧ୍ୟାତ୍ମିକ ଟିଭି ଚ୍ୟାନେଲରେ ପ୍ରସାରିତ ପ୍ରବଚନ କାର୍ଯ୍ୟକ୍ରମରେ ଜନୈକ ପ୍ରବଚକ ବ୍ରାହ୍ମଣଙ୍କୁ ଭିକାରୀ ବୋଲି ସମ୍ବୋଧନ କରିଥିଲେ। ଏ ନେଇ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ସୋସିଆଲ ମିଡିଆରେ ଏହାର ଭିଡିଓ ଭାଇରାଲ ହୋଇଥିଲା। ଏ ନେଇ ମୁକ୍ତି ମଣ୍ଡପ ପଣ୍ଡିତ ସଭା ସଦସ୍ୟ ସୂର୍ଯ୍ୟ ନାରାୟଣ ରଥ ସିଂହଦ୍ୱାର ଥାନାରେ ସମ୍ପୃକ୍ତ ଚ୍ୟାନେଲ ମୁଖ୍ୟ ପରିଚାଳକ ଏବଂ ପ୍ରବଚକଙ୍କ ବିରୋଧରେ ଅଭିଯୋଗ କରିଥିଲେ। ଏହାପରେ ସମ୍ପୃକ୍ତ ପ୍ରବଚକ ଚ୍ୟାନେଲ ମାଧ୍ୟମରେ କ୍ଷମା ପ୍ରାର୍ଥନା କରିଥିଲେ। ଏହାକୁ ଅଭିଯୋଗକାରୀ ରଥ ଅଗ୍ରାହ୍ୟ କରିଛନ୍ତି। ରଥ କହିଛନ୍ତି, ସମ୍ପୃକ୍ତ ପ୍ରବଚକ କେଉଁ ଆଧାରରେ ଓ କେଉଁ ତଥ୍ୟ ଭିତ୍ତିରେ ବ୍ରାହ୍ମଣଙ୍କୁ ଭିକାରୀ ବୋଲି କହିଥିଲେ ମୁକ୍ତିମଣ୍ଡପ ଆଗରେ ତାହାର ପ୍ରମାଣ ଦିଅନ୍ତୁ। ସେ ମହାପ୍ରଭୁଙ୍କ ପାଖରେ କ୍ଷମା ପ୍ରାର୍ଥନା କରନ୍ତୁ ବୋଲି ରଥ ପ୍ରକାଶ କରିଛନ୍ତି।

## ଫନୀ ଥଇଥାନ ସଂଗ୍ରାମ ପରିଷଦ ଗଠିତ

**କ୍ଷତିଗ୍ରସ୍ତଙ୍କୁ ସହଯୋଗର ହାତ ବଢାଇବ**

ପୁରୀ ଅଫିସ, ୧୧।୬

ବାତ୍ୟା ଫନୀରେ ପୁରୀ ସହର ଛାରଖାର ହୋଇଯାଇଛି। ଲକ୍ଷାଧିକ ପରିବାର କ୍ଷତିଗ୍ରସ୍ତ ହୋଇଛନ୍ତି। ଅଧିକାଂଶ ବିପନ୍ନ ପରିବାରଙ୍କୁ ବର୍ତ୍ତମାନ ସୁଦ୍ଧା ସରକାରୀ ସହାୟତା ମିଳି ନାହିଁ। ଘରଦ୍ୱାର ଭାଙ୍ଗିପଡ଼ିଥିବାବେଳେ ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି ବିପନ୍ନ ପରିବାର। ବାତ୍ୟାର ମାସେ ପରେ ବି ଲୋକଙ୍କ ସମସ୍ୟା ଦୂର ହୋଇନାହିଁ। ସରକାରୀ ସହାୟତା ସ୍ୱରୂପ ମିଳିଥିବା ପଲିଥିନ୍‌କୁ କାଳବୈଶାଖୀ ଉଡ଼ାଇନେଲା। ଖୋଲା ଆକାଶ ତଳେ ବହୁ ପରିବାର ରହିଛନ୍ତି। ସରକାର କେବଳ ଏକବସ୍ତା ଚାଉଳ ଓ ୨ହଜାର ଟଙ୍କା ଆର୍ଥିକ ସହାୟତା ଦେଇ ଚୁପ୍ ବସିଛନ୍ତି। ଅନେକ ଶିକ୍ଷାନୁଷ୍ଠାନ ମାଟି କାମୁଡ଼ିଛି। କ୍ଷତିଗ୍ରସ୍ତଙ୍କୁ ଉପଯୁକ୍ତ ସହଯୋଗ ତଥା ଥଇଥାନ କରିବା ଲାଗି ମଙ୍ଗଳବାର କେତେଜଣ ବୁଦ୍ଧିଜୀବୀ ଏବଂ ସାମାଜିକ କର୍ମୀଙ୍କୁ ନେଇ ଫନୀ ଥଇଥାନ ସଂଗ୍ରାମ ପରିଷଦ ଗଠନ ହୋଇଛି। ସୂର୍ଯ୍ୟନାରାୟଣ ରଥ ଏହି କମିଟିର ଆବାହକ ଥିବାବେଳେ ଆଇନଜୀବୀ ତଥା ସାମାଜିକ କର୍ମୀ ଉମାବଲ୍ଲଭ ମହାପାତ୍ର, ଦୁର୍ଗାପ୍ରସାଦ ମହାପାତ୍ର, ସତ୍ୟବ୍ରତ ରଥ ପ୍ରମୁଖ ସଦସ୍ୟ ରହିଛନ୍ତି। ଏହି ପରିଷଦ ପୁରୀ ଜିଲାର ବିଭିନ୍ନ ଅଞ୍ଚଳ ବୁଲି କ୍ଷତିଗ୍ରସ୍ତଙ୍କୁ ସହଯୋଗର ହାତ ବଢାଇବା ସହିତ ବିପନ୍ନଙ୍କ ଥଇଥାନ ନେଇ ଜିଲା ପ୍ରଶାସନ ସହ ଆଲୋଚନା କରିବ।

## ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ

ଖୋର୍ଦ୍ଧା ଅଫିସ,୧୧।୬: ଖୋର୍ଦ୍ଧା ସହରର ବରୁଣେଇ ପୀଠରେ ଅବସରପ୍ରାପ୍ତ ଶିକ୍ଷକ କର୍ମଚାରୀ, ବୁଦ୍ଧିଜୀବୀମାନଙ୍କ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡଙ୍ଗୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଉତ୍ସବରେ ଗୁଣନିଧି ମହପାତ୍ର, ଗୋଦାବରୀଶ ପାଇକରାୟ, ରାଜକିଶୋର ପାଣିଗ୍ରାହୀ, ଭାସ୍କର ମଙ୍ଗରାଜ, ତାରେଶ୍ୱର ମହାକୁଡ ଓ ସ୍ୱପ୍ନେଶ୍ୱର ବେହେରା ପ୍ରମୁଖ ଯୋଗ ଦେଇଥିଲେ।

## ଫନୀ କ୍ଷୟକ୍ଷତି: ସହାୟତା ଦାବି କଲା ମତ୍ସ୍ୟଜୀବୀ ମହାସଂଘ

କୃଷ୍ଣପ୍ରସାଦ,୧୧।୬(ଡି.ଏନ.ଏ.)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକରେ ସାମୁଦ୍ରିକ ଝଡ଼ ଫନୀ ତାଣ୍ଡବ କରି ଚାଲିଯିବାର ଏକ ମାସ ବିତିଗଲା। ରିଲିଫ୍ ବାବଦରେ ୩ ହଜାର ଟଙ୍କା, ୫୦ କେଜି ଚାଉଳ ଓ ଖଣ୍ଡିଏ ପଲିଥିନ୍ ପରେ ଆଉ କୌଣସି ସହାୟତା ମିଳିପାରିନାହିଁ। ଚିଲିକା ଉପରେ ନିର୍ଭର କରି ଚଳୁଥିବା ହଜାର ହଜାର ମତ୍ସ୍ୟଜୀବୀ ଡଙ୍ଗା, ଜାଲ ହରାଇ ସାରିବା ପରେ ଅର୍ଥ ଉପାର୍ଜନ କରିବାର ସାହା ନ ପାଇ ଏବେ ଭୋକ ଉପବାସରେ ଦିନ କାଟୁଛନ୍ତି। ସହାୟତା ତ ଦୂରର କଥା ପ୍ରଶାସନ ଏ ଯାଏ କ୍ଷୟକ୍ଷତି ଆକଳନ ପାଇଁ ବିପନ୍ନଙ୍କ ନିକଟରେ ପହଞ୍ଚିନାହାନ୍ତି। କୃଷ୍ଣପ୍ରସାଦ ବ୍ଲକର କୁମାରପୁର, ବାଲିନାସୀ, ମଲେଶ୍ୱରୀ, ପାଟନାସୀ, ଶ୍ରୀରାମପୁର, ରସକୁଦି ଏବଂ ପୁରୀ, ଖୋର୍ଦ୍ଧା, ଗଞ୍ଜାମ ଜିଲାର ୧୨୦ ଗ୍ରାମର ହଜାର ହଜାର ଡଙ୍ଗା ଭାଙ୍ଗିରୁଜି ନଷ୍ଟ ହୋଇଯାଇଛି। ଏହାଦ୍ୱାରା କୋଟି କୋଟି ଟଙ୍କାର ଜାଲ ନଷ୍ଟ ହୋଇଯାଇଛି। ସ୍ଥାନୀୟ ମତ୍ସ୍ୟଜୀବୀ ଚିଲିକାକୁ ଗଲେ ମାଛ ଧରି ଜୀବିକା ନିର୍ବାହ କରୁଥାନ୍ତି। ଏବେ ଉପଯୁକ୍ତ ସହାୟତା ନ ପାଇ ଭୋକ ଉପବାସରେ ଦିନ କାଟୁଛନ୍ତି। ତେଣୁ ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିବା ଡଙ୍ଗା ପ୍ରତି ୧ ଲକ୍ଷ ଟଙ୍କା, ଆଂଶିକ ଭାଙ୍ଗିଥିବା ଡଙ୍ଗା ପ୍ରତି ୪୦ ହଜାର ଟଙ୍କା, ଜାଲ କୁଇଣ୍ଟାଲ ପ୍ରତି ୩୦ ହଜାର ଟଙ୍କା ଦାବି କରିଛନ୍ତି ମତ୍ସ୍ୟଜୀବୀ ସଂଘ। ଏ ନେଇ ଖୁବ୍ ଶୀଘ୍ର ସହାୟତା ପାଇଁ ନିର୍ଦ୍ଦେଶକ ମତ୍ସ୍ୟସମ୍ପଦ (କଟକ), ମତ୍ସ୍ୟ ସଚିବ (ଓଡ଼ିଶା), ରାଜସ୍ୱ ସଚିବ(ଓଡ଼ିଶା), ରାଜ୍ୟପାଳ (ଓଡ଼ିଶା) ଏବଂ ଗଞ୍ଜାମ, ପୁରୀ, ଖୋର୍ଦ୍ଧାର ଜିଲାପାଳ, ବାଲୁଗାଁ ମତ୍ସ୍ୟ ଅଧିକାରୀ (ଖୋର୍ଦ୍ଧା)ଙ୍କୁ ସଂଘ ଏକ ଲିଖିତ ଅଭିଯୋଗ ଦେଇଥିବା ଚିଲିକା ପାରମ୍ପରିକ ମତ୍ସ୍ୟଜୀବୀ ମିଳିତ ମଞ୍ଚ ସଭାପତି ହଳଧର ବେହେରା ଜଣାଇଛନ୍ତି।



ଫନୀରେ ଭାଙ୍ଗି ଯାଇଥିବା ଡଙ୍ଗା।

# ସରିଲା ୪୨ ଚକ ଅଖ ଡେରା




ରଥର ଅଖ କାମ ସମ୍ପନ୍ନ ହୋଇଛି।

ପୁରୀ ଅଫିସ,୧୧।୬

ଶ୍ରୀନଅର ସମ୍ମୁଖ ରଥଖଳାରେ ତିନି ମୁଖ୍ୟ ବିଶ୍ୱକର୍ମାଙ୍କ ତତ୍ତ୍ୱାବଧାନରେ ଚାଲିଛି ରଥ କାର୍ଯ୍ୟ। ଶ୍ରୀକ୍ଷେତ୍ର ଉଭଁରୀରେ ୩ରଥର ଦୁଇଟି ଲେଖାଏଁ ଚକ ଅଖ ଡେରା ଯାଇଥିଲା। ମଙ୍ଗଳବାର ବଳକା ଚକ ଅଖ ଡେରା ଯାଇଛି। ନନ୍ଦିଘୋଷ ରଥର ୧୬ଟି, ତାଳଧ୍ୱଜର ୧୪ଟି ଓ ଦର୍ପଦଳନର ୧୨ଟି ଚକ ସହିତ ଯଥାକ୍ରମେ ୮, ୭ ଓ ୬ଟି ଅଖ ଡେରା ଯାଇଛି ବୋଲି ଭୋଇ ସର୍ଦ୍ଦାର ରବି ଭୋଇ କହିଛନ୍ତି। ସେହିପରି ୫ଟି ଦଣ୍ଡା ସହିତ ୨ଟି ମୁହାଁଟ, ୧୦ଟି ଲେଖାଏଁ କଣଗୁଜ ସଂଯୋଗ କରାଯାଇ ନିରାଡ଼ି (୨ପାର୍ଶ୍ୱରେ ୨ଟି) ଉଠିଛି। ଦଣ୍ଡାକାମ ଚାଲିଛି। ସେପଟେ ରୂପକାର ସେବକ ବଳକା କଣଗୁଜରେ ବ୍ୟସ୍ତ ରହିଛନ୍ତି। ତାଳଧ୍ୱଜ ରଥର ରୂପକାର ରାଜେନ୍ଦ୍ର ମହାପାତ୍ର କହିଛନ୍ତି, ମଙ୍ଗଳବାର ସୁଦ୍ଧା ୩୮ଟି କଣଗୁଜ ସରିଛି। ଦୋଳବେଦି ଅସ୍ଥାୟୀ କମାରଶାଳରେ କମାର ସେବକମାନେ ଲୁହାକଣ୍ଟା ତିଆରିରେ ଲାଗିଛନ୍ତି। ଦଣ୍ଡାକଣ୍ଟା ସରିବା ପରେ ଏବେ ଗରଗରା କଣ୍ଟା ତିଆରି ଚାଲିଛି। ୩ ରଥ ଲାଗି ୪ଟି ଲେଖାଏ ମୋଟ ୧୬ଟି କଣ୍ଟା ତିଆରି ହେବ ବୋଲି ତାଳଧ୍ୱଜ ରଥର କମାର ସେବକ ଅର୍ଜୁନ ମହାରଣା କହିଛନ୍ତି। ଆଗକୁ ଗୟଲ ଓ ଯୋଖା କଣ୍ଟା ତିଆରି କରାଯିବ। ତାଳଧ୍ୱଜ ଓ ନନ୍ଦିଘୋଷ ରଥ ଗୟଲ କାଠ ଚିରଟ ସରିଛି। ଏବେ ଦର୍ପଦଳନର ରଥର କାଠ ଚିରଟ କରାଯିବ ବୋଲି କରତି ସେବକ ସୂଚନା ଦେଇଛନ୍ତି।

### ମୋ' ଅନୁଭୂତି...

ନନ୍ଦିଘୋଷ ରଥର ଅନ୍ୟତମ ବରିଷ୍ଠ ରୂପକାର ଲିଙ୍ଗରାଜ ମହାପାତ୍ର (୫୫)। ୫ବର୍ଷ ବୟସରେ ସେ ବାପା ଶ୍ରୀଧର ମହାପାତ୍ରଙ୍କ ସହିତ ରଥଖଳାକୁ ଆସିଥିଲେ। ଜେଜେ ବାପା ଆର୍ତ୍ତତ୍ରାଣଙ୍କଠାରୁ ସେ ପ୍ରଥମେ ବାରିସୀ, ନିହଣ ଧରିବା ଶିଖିଥିଲେ। ଲିଙ୍ଗରାଜ କହିଛନ୍ତି, ସ୍କୁଲ ଛୁଟି ହେଲେ ବହିବସ୍ତାନି ସହ ରଥଖଳାକୁ ଚାଲି ଆସୁଥିଲି। ସେତେବେଳେ ରଥଖଳାରେ କାମ କରିବାକୁ ମନରେ ବହୁତ ଆଗ୍ରହ ଥିଲା। ଏବେ ମୋ' ସହ ପୁଅ ପ୍ରକାଶ ଏବଂ ପୁତୁରାମାନଙ୍କ ସମେତ ୩ଭାଇ କାମ କରୁଛନ୍ତି। ରଥଖଳାକୁ ଆସିବା ପୂର୍ବରୁ ଦାଣ୍ଡଦୁଆରରେ ପତିତପାବନ ଓ ନୀଳଚକ୍ର ଉଦ୍ଦେଶ୍ୟରେ ମୁଣ୍ଡିଆ ମାରିଥାଏ। ମହାପ୍ରଭୁଙ୍କ ଦୟାରୁ ଆଜିପର୍ଯ୍ୟନ୍ତ କୌଣସି ଅଘଟଣ ଘଟିନାହିଁ। ଜୀବନରେ ବହୁ ବାଧାବିଘ୍ନ ଆସିଛି। ମାତ୍ର ବିଚଳିତ ନ ହୋଇ ମହାପ୍ରଭୁଙ୍କୁ ସ୍ମରଣ କରିଛି। ତାଙ୍କୁ ସ୍ମରିବା ମାତ୍ରକେ ସମସ୍ୟା ଲାଘବ ହୋଇଯାଇଛି। ଏବେ ପ୍ରବଳ ଖରା ହେଉଛି। ବାହାରକୁ ବାହାରି ହେଉନି।



ଲିଙ୍ଗରାଜ ମହାପାତ୍ର।

ମାତ୍ର ରଥଖଳାରେ ଏହାର କୌଣସି ପ୍ରଭାବ ନାହିଁ। ଲୀଳାମୟ ଠାକୁର ଦେଉଳରେ ବସି ସବୁ ଲୀଳା କରୁଛନ୍ତି। ମହାପ୍ରଭୁଙ୍କ ଅଶେଷ ଦୟା ଓ ଆଶୀର୍ବାଦ ରହିଛି। ରଥଖଳାରେ କାମ କରିବା ଲାଗି ମନରେ ଶ୍ରଦ୍ଧା ଓ ନିଷ୍ଠାଭାବ ରହିବା ଆବଶ୍ୟକ। ମୁଁ ମହାପ୍ରଭୁଙ୍କ ସେବାରେ ଲାଗିଥିବାରୁ ନିଜକୁ ଧନ୍ୟ ମନେ କରେ। ଏଥିରୁ ଆନନ୍ଦ ମିଳେ। ରଥକାମ ସମୟରେ ଯେତେ କାମ ଥିଲେ ମଧ ମୁଁ ପୁରୀ ଛାଡ଼ି ଅନ୍ୟତ୍ର କେଉଁଆଡେ ଯାଏ ନାହିଁ। ଯେଉଁଠିକୁ ଯାଇଥିଲେ ମଧ ଅକ୍ଷୟତୃତୀୟା ପୂର୍ବରୁ ଏଠାକୁ ଚାଲିଆସେ।